# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୬/୨୦୨୩ (୧୮ ପୃଷ୍ଠା) | Bhubaneswar, Thursday, April 6/2023 | Page 18 | ₹ 7.00

୪୯ଶ ଭାଗ ୧୩୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 131 | ମୂଲ୍ୟ ₹୭/-







KP GROUP
Quality Since 1965
KAMLA PASAND
PAN MASALA
NEW PACK
कमला पसन्द
अनोखा स्वाद
पान मसाला
Anokha Swad
Watch at:
You Tube
NOT FOR MINOR * 0% TOBACCO AND NO ADDED NICOTINE * CHEWING OF PAN MASALA INJURIOUS TO HEALTH



**କେକେଆର୍‌ରୁ ଖେଳିବେ ଜାସନ ରୟ୍**
କୋଲକାତା ନାଇଟ ରାଇଡର୍ସ (କେକେଆର) ବୁଧବାର ୨.୮ କୋଟି ଟଙ୍କା ବିନିମୟରେ ଜାସନ ରୟଙ୍କ ସହିତ ଚୁକ୍ତି କରିଛି।
୧୬

୧୧
**‘ୱାର୍-୨’ରେ ଜୁନିୟର ଏନ୍‌ଟିଆର୍‌ଙ୍କ ଏଣ୍ଟ୍ରି**
ବଲିଉଡ୍ ଅଭିନେତା ହ୍ରିତିକ ରୋଶନଙ୍କ ଫିଲ୍ମ ‘ୱାର୍-୨’ରେ ଟାଇଗର ଶ୍ରଫଙ୍କ ବଦଳରେ ଏବେ ସାଉଥ୍ ଅଭିନେତା ଜୁନିୟର ଏନ୍‌ଟିଆର୍‌ଙ୍କୁ ଦେଖିବାକୁ ମିଳିବ।



# ସରକାରଙ୍କ ସମାଲୋଚନା ବିରୋଧ ନୁହେଁ

## କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା

### ମିଡିଆୱାନ୍ ଉପରୁ ପ୍ରସାରଣ କଟକଣା ହଟିଲା

**ସୁପ୍ରିମକୋର୍ଟ ବୁଧବାର ଗଣମାଧ୍ୟମର ସ୍ୱାଧୀନତା ଏବଂ ଗଣତନ୍ତ୍ରରେ ଏହାର ମହତ୍ତ୍ୱ ଉପରେ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ଏକ ମୁକ୍ତ ପ୍ରେସ୍ ସର୍ବଦା ନାଗରିକମାନଙ୍କ ବାସ୍ତବ ସ୍ଥିତି ଉପସ୍ଥାପନ କରିବା ସହ ରାଷ୍ଟ୍ରର କାର୍ଯ୍ୟଶୈଳୀ ଉପରେ ଆଲୋକପାତ କରିଥାଏ ବୋଲି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୨ ଜଣିଆ ଖଣ୍ଡପୀଠ କହିଛନ୍ତି।**

ମଜଭୁତ ଗଣତନ୍ତ୍ର ପାଇଁ ପ୍ରେସ୍ ସ୍ୱାଧୀନତା ଅପରିହାର୍ଯ୍ୟ: ସିଜେଆଇ



ନୂଆଦିଲ୍ଲୀ,୫।୪

ମାଲାୟାଲମ୍ ନ୍ୟୁଜ୍ ଚ୍ୟାନେଲ ମିଡିଆୱାନ୍ ଉପରେ କେନ୍ଦ୍ର ସରକାର ଜାରି କରିଥିବା ପ୍ରସାରଣ କଟକଣାକୁ ବୁଧବାର ସୁପ୍ରିମକୋର୍ଟ ହଟାଇଦେଇଛନ୍ତି। ଏଥିସହ ଉକ୍ତ ଚ୍ୟାନେଲର ଲାଇସେନ୍ସକୁ ୪ ସପ୍ତାହ ମଧ୍ୟରେ ନବୀକରଣ କରିବାକୁ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି। ନ୍ୟୁଜ୍ ଚ୍ୟାନେଲ ଯୋଗୁ ଜାତୀୟ ନିରାପତ୍ତା ପ୍ରତି ବିପଦ ସୃଷ୍ଟି ହେଉଛି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଯୁକ୍ତିକୁ ଶୀର୍ଷ ଅଦାଲତ ନିନ୍ଦା କରିଛନ୍ତି। ସମାଲୋଚନାକୁ ସରକାର ବିରୋଧୀ ଅଭିହିତ କରାଯାଇପାରିବ ନାହିଁ ବୋଲି ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଖଣ୍ଡପୀଠ କେନ୍ଦ୍ରକୁ ଭର୍ତ୍ସନା କରିଛନ୍ତି।

ଜଷ୍ଟିସ୍ ହିମା କୋହଲି ସାମିଲ ଥିବା ଏହି ଖଣ୍ଡପୀଠ ମିଡିଆୱାନ୍ ନ୍ୟୁଜ୍ ଚ୍ୟାନେଲ ପ୍ରସାରଣ ଉପରେ କଟକଣା ବିରୋଧରେ ଦାଖଲ ଆବେଦନର ଶୁଣାଣି କରିଛନ୍ତି। ଏହି ଅବସରରେ କେନ୍ଦ୍ରର ନିଷ୍ପତ୍ତିକୁ ବଳବତ୍ତର ରଖିଥିବା କେରଳ ହାଇକୋର୍ଟଙ୍କ ରାୟକୁ ଖଣ୍ଡପୀଠ ଖାରଜ କରିଦେଇଛନ୍ତି। ଖଣ୍ଡପୀଠ କହିଛନ୍ତି, ସରକାରୀ ନୀତିଗୁଡ଼ିକ ବିପକ୍ଷରେ ଚ୍ୟାନେଲରେ ପ୍ରକାଶ ପାଉଥିବା ସମାଲୋଚନାକୁ ପ୍ରତିଷ୍ଠିତ କର୍ତ୍ତୃପକ୍ଷ ବା ସରକାର ବିରୋଧୀ ☞ପୃଷ୍ଠା-୨

### କଟକଣା ଅନ୍ତରାଳେ

୨୦୨୨ ଜାନୁୟାରୀ ୩୧ରେ ମିଡିଆୱାନ୍ ଟିଭିର ପ୍ରସାରଣ ଉପରେ କେନ୍ଦ୍ର ସରକାର କଟକଣା ଜାରି କରିଥିଲେ। ଏହି ଚ୍ୟାନେଲରେ ପ୍ରସାରିତ କାର୍ଯ୍ୟକ୍ରମ ଭାରତର ଜାତୀୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଥିବାରୁ ଏଭଳି ପଦକ୍ଷେପ ନିଆଯାଇଥିବା ସରକାରଙ୍କ ପକ୍ଷରୁ ଯୁକ୍ତି ବଢ଼ାଯାଇଥିଲା। ୨୦୧୯ରେ କେନ୍ଦ୍ର ପକ୍ଷରୁ ୫ ବର୍ଷ ପାଇଁ ବେଆଇନ ଘୋଷିତ ସାମାଜିକ-ଧର୍ମୀୟ ରାଜନୈତିକ ସଙ୍ଗଠନ ଜମାତ୍-ଇ-ଇସ୍‌ଲାମିର କେରଳ ୟୁନିଟ୍ ଉକ୍ତ ଚ୍ୟାନେଲର ପୃଷ୍ଠପୋଷକତା କରୁଥିବାରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ୨୦୨୨ ଜୁନ୍ ୧ରେ ସୁପ୍ରିମକୋର୍ଟଙ୍କୁ କେନ୍ଦ୍ର ଅବଗତ କରାଇଥିଲା। ୨୦୨୨ ମାର୍ଚ୍ଚ ୨ରେ କେରଳ ହାଇକୋର୍ଟ ମଧ୍ୟ ଜାତୀୟ ସୁରକ୍ଷା ଆଳରେ ମିଡିଆୱାନ୍ ଉପରେ କେନ୍ଦ୍ରର କଟକଣାକୁ ବଳବତ୍ତର ରଖିଥିଲେ। ଏହି ଚ୍ୟାନେଲ ଯୋଗୁ ଜାତୀୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହୋଇଥିବା ବିଷୟ କେନ୍ଦ୍ର ପକ୍ଷରୁ ଦାଖଲ କେତେକ ନିର୍ଦ୍ଦିଷ୍ଟ ଗୋପନୀୟ ଫାଇଲରୁ ଜଣାପଡ଼ିଛି ବୋଲି ସେତେବେଳେ ହାଇକୋର୍ଟ କହିଥିଲେ। ମିଡିଆୱାନ୍ ଚ୍ୟାନେଲ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ନ୍ୟୁଜ୍ ଚ୍ୟାନେଲର ଲାଇସେନ୍ସ ନବୀକରଣ କରିବାକୁ କେନ୍ଦ୍ର ଯେଉଁ ଆଧାରରେ ମନା କରିଦେଇଥିଲା, ସେହି ଫାଇଲଗୁଡ଼ିକୁ ଦାଖଲ କରିବାକୁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ଏକ ବନ୍ଦ ଲଫାପାରେ ଭର୍ତ୍ତିକରି ଦିଆଯାଇଥିବା ଫାଇଲଗୁଡ଼ିକୁ ଯାଞ୍ଚ କରିବା ପରେ ସୁପ୍ରିମକୋର୍ଟ କଟକଣା ଉପରେ ସ୍ଥଗିତାଦେଶ ଜାରି କରିଥିଲେ। କେବଳ ଏତିକି ନୁହେଁ, କେଉଁ କାରଣରୁ କଟକଣା ଜାରି କରାଯାଇଛି, ତାହା ମିଡିଆୱାନ୍‌କୁ ଜଣାଇଥିଲେ ଉକ୍ତ ଚ୍ୟାନେଲ ନିଜ ସପକ୍ଷରେ ଯୁକ୍ତି ବାଢ଼ିପାରିବ ବୋଲି ସୁପ୍ରିମକୋର୍ଟ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କୌଣସି କାରଣ ବତାଇବାକୁ ମନା କରିଦେଇଥିଲା। ଆବଶ୍ୟକ ହେଲେ ପୁଣି ଥରେ ବନ୍ଦ ଲଫାପାରେ ଫାଇଲଗୁଡ଼ିକୁ ଭର୍ତ୍ତିକରି ଦାଖଲ କରିବ ବୋଲି କେନ୍ଦ୍ର କହିଥିଲା। ପରମ୍ପରା ଅନୁସାରେ ସରକାର ଓ ଏହାର ଏଜେନ୍ସିଗୁଡ଼ିକ ବିଚାରପତିମାନଙ୍କୁ ବନ୍ଦ ଲଫାପାରେ ଦସ୍ତାବିଜ ଦାଖଲ କରିଥାଆନ୍ତି। ଦସ୍ତାବିଜରେ ଥିବା ବିଷୟବସ୍ତୁକୁ ପ୍ରତିବାଦୀ ପକ୍ଷଙ୍କ ସହ ଶେୟାର କରାଯାଇ ନ ଥାଏ। ଉଲ୍ଲେଖଯୋଗ୍ୟ, ଏହା ପୂର୍ବରୁ ଶୁଣାଣି ବେଳେ ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ଖଣ୍ଡପୀଠ ‘ସିଲ୍ଡ କଭର୍ସ’ ପରମ୍ପରାକୁ ସମାଲୋଚନା କରିଥିଲେ।



କ୍ରିଷ୍ଣା ପଟେଲ



ପଞ୍ଚାୟତ ସାହୁ



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କଠାରୁ ପଦ୍ମଶ୍ରୀ ପୁରସ୍କାର ଗ୍ରହଣ କରୁଛନ୍ତି ଅନ୍ତର୍ଯ୍ୟାମୀ ମିଶ୍ର।

# ପଦ୍ମ ପୁରସ୍କାର ଗ୍ରହଣ କଲେ ୩ ଓଡ଼ିଆ

ନୂଆଦିଲ୍ଲୀ,୫।୪

କଳା, ସମାଜ କଲ୍ୟାଣ, ବିଜ୍ଞାନ, ଡାକ୍ତରୀ, ସାହିତ୍ୟ, ଶିକ୍ଷା, କ୍ରୀଡ଼ା, ପ୍ରଶାସନିକ ସେବା ଆଦି କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ୫୨ ଜଣ ବ୍ୟକ୍ତିତ୍ୱଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବୁଧବାର ୨ୟ ପର୍ଯ୍ୟାୟରେ ପଦ୍ମ ପୁରସ୍କାର ପ୍ରଦାନ କରିଛନ୍ତି। ସେଥିମଧ୍ୟରେ ଓଡ଼ିଶାରୁ ମନୋନୀତ ହୋଇଥିବା ୪ଜଣଙ୍କ ମଧ୍ୟରୁ ୩ଜଣ ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିଛନ୍ତି। ସଙ୍ଗୀତ କ୍ଷେତ୍ରରେ କଣ୍ଠଶିଳ୍ପୀ କ୍ରିଷ୍ଣା ପଟେଲ, ସାହିତ୍ୟ ଓ ଶିକ୍ଷା ପାଇଁ ଅନ୍ତର୍ଯ୍ୟାମୀ ମିଶ୍ର ଏବଂ କୃଷି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପଞ୍ଚାୟତ ସାହୁ ରାଷ୍ଟ୍ରପତିଙ୍କ ଠାରୁ ପଦ୍ମଶ୍ରୀ ପୁରସ୍କାର ଗ୍ରହଣ କରିଛନ୍ତି। ଗତ ମାର୍ଚ୍ଚ ୨୨ରେ କାଠ କଣ୍ଢେଇ ଶିଳ୍ପୀ ମାଗୁଣି ଚରଣ କୁଅଁରଙ୍କ ସମେତ ୩ଜଣ ପଦ୍ମ ବିଭୂଷଣ, ୪ଜଣ ପଦ୍ମ ଭୂଷଣ ଏବଂ ୪୬ଜଣ ପଦ୍ମ ପୁରସ୍କାର ରାଷ୍ଟ୍ରପତିଙ୍କଠାରୁ ଗ୍ରହଣ ☞ପୃଷ୍ଠା-୨

# ହିନ୍ଦୋଳ, ଅଠାବିରା ଏନ୍‌ଏସି ହାତେଇଲା ବିଜେଡି

## ଅଠାବିରାରେ ଭାଜପା, ହିନ୍ଦୋଳରେ କଂଗ୍ରେସ ଖାତା ଖୋଲିପାରିଲେନି



କେଶବ ପ୍ରଧାନ



ବନମାଳୀ ବରିହା

ଭୁବନେଶ୍ୱର,୫।୪(ବ୍ୟୁରୋ)

ଢେଙ୍କାନାଳ ଜିଲାର ହିନ୍ଦୋଳ ଓ ବରଗଡ଼ ଜିଲାର ଅଠାବିରା ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ନିର୍ବାଚନରେ ବିଜେଡି ବାଜି ମାରିନେଇଛି। ବୁଧବାର ଭୋଟଗଣତି ପରେ ଅଠାବିରା ଏନ୍‌ଏସିରେ ଅଧ୍ୟକ୍ଷ ପଦ ସହ ୧୨ଟି ୱାର୍ଡରୁ ୧୧ଟିରେ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଗୋଟିଏ ୱାର୍ଡରେ କଂଗ୍ରେସ ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ସେଠାରେ ଭାଜପା ଖାତା ଖୋଲିପାରି ନାହିଁ। ବିଜେଡିର ଅଧ୍ୟକ୍ଷ ପ୍ରାର୍ଥୀ ବନମାଳୀ ବରିହା ତାଙ୍କ ନିକଟତମ ପ୍ରାର୍ଥୀ କଂଗ୍ରେସର ସବିତା ଭୁଏଁଙ୍କଠାରୁ ୪ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି।

ସେହିପରି ହିନ୍ଦୋଳ ଏନ୍‌ଏସିର ୧୬ଟି ୱାର୍ଡରୁ ୧୧ଟିରେ ବିଜେଡି ପ୍ରାର୍ଥୀ ବିଜୟୀ ହୋଇଥିବାବେଳେ ଅଧ୍ୟକ୍ଷ ପଦ ମଧ୍ୟ ବିଜେଡି ହାତେଇଛି। ଭାଜପା ପ୍ରାର୍ଥୀଙ୍କୁ ହରାଇ ବିଜେଡିର କେଶବ ପ୍ରଧାନ ଏନ୍‌ଏସି ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ୫ଟି ୱାର୍ଡରେ ଭାଜପା ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ଏଠାରେ କଂଗ୍ରେସ ମଧ୍ୟ ଖାତା ଖୋଲିପାରିନାହିଁ।

ଅଠାବିରା ଓ ହିନ୍ଦୋଳ ଏନ୍‌ଏସି ନିର୍ବାଚନରେ ବିଜେଡି ବିଜୟ ହାସଲ କରିବା ପରେ କର୍ମୀଙ୍କ ମଧ୍ୟରେ ☞ପୃଷ୍ଠା-୨



ଜାପାନର ଟୋକିଓରେ ଓଡ଼ିଶା ସରକାରଙ୍କ ପକ୍ଷରୁ ଆୟୋଜିତ ଓଡ଼ିଶା ବିଜ୍‌ନେସ୍ ମିଟ୍ ଅବସରରେ ଟିୱାଇକେ କର୍ପୋରେଶନ ଅଧ୍ୟକ୍ଷ ନୋବୁତାକା ଉଶିଗୋମେଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

# ରାଜ୍ୟକୁ ଆସିବ ୨୬ ହଜାର କୋଟିର ନିବେଶ

## ଜାପାନ ଶିଳ୍ପପତିଙ୍କୁ ନବୀନଙ୍କ ଆହ୍ୱାନ: ଓଡ଼ିଶା ଆସ, ନିବେଶ କର

ଭୁବନେଶ୍ୱର,୫।୪(ବ୍ୟୁରୋ)

ଜାପାନରୁ ଓଡ଼ିଶାକୁ ଆସିବ ୨୬ ହଜାର କୋଟି ଟଙ୍କାର ନିବେଶ। ଜାପାନରେ ପୁଞ୍ଜିନିବେଶକାରୀଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୱାନ୍ ଟୁ ୱାନ୍ ଆଲୋଚନା ପରେ ଗ୍ରୀନ୍ ହାଇଡ୍ରୋଜେନ, ଗ୍ରୀନ୍ ଆମୋନିଆ, ଗ୍ରୀନ୍ ଏନର୍ଜି, ଆଇଟି, ଇସ୍ପାତ୍, ମେଟାଲ ଡାଉନଷ୍ଟ୍ରିମ୍ ଆଦି କ୍ଷେତ୍ରରେ ନିବେଶ ପାଇଁ ଏଭଳି ପ୍ରସ୍ତାବ ଆସିଛି। ଓଡ଼ିଶାରେ ପୁଞ୍ଜିନିବେଶର ପର୍ଯ୍ୟାପ୍ତ ସୁଯୋଗ ରହିଛି। ଏହାର ଫାଇଦା ନେବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜାପାନ ଶିଳ୍ପ ମହାନାୟକମାନଙ୍କ ସହ ୱାନ୍ ଟୁ ୱାନ୍ ଆଲୋଚନା ବେଳେ ଆହ୍ୱାନ ଦେଇଛନ୍ତି।

ରାଜ୍ୟ ସରକାର, ଜାପାନରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ, ଜାପାନ ଏକ୍ସଟର୍ନାଲ ଟ୍ରେଡ୍ ଅର୍ଗାନାଇଜେଶନ(ଜେଇଟିଆରଓ) ଏବଂ ଫିକିର ମିଳିତ ସହଯୋଗରେ ବୁଧବାର ଟୋକିଓଠାରେ ବିଜ୍‌ନେସ୍ ମିଟ୍-୨୦୨୩ ଆୟୋଜିତ ହୋଇଛି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶା ଭାରତର ଦ୍ରୁତ ଅର୍ଥନୈତିକ ଅଭିବୃଦ୍ଧି ରାଜ୍ୟ ମଧ୍ୟରୁ ଅନ୍ୟତମ। ଗତ ଦେଢ଼ ଦଶନ୍ଧି ଧରି ଓଡ଼ିଶା ଅଭିବୃଦ୍ଧି ନିୟମିତ ଭାବେ ଜାତୀୟ ହାରଠାରୁ ଅଧିକ ରହିଛି। ଏଥିସହିତ ଓଡ଼ିଶା ସମଗ୍ର ଦେଶରେ ଏକ ବୃହତ୍ ଶିଳ୍ପ ହବ୍‌ରେ ପରିଣତ ହୋଇଛି। ଏଠାରେ ପ୍ରଚୁର ପ୍ରାକୃତିକ ସମ୍ପଦ ସହ ଦକ୍ଷ ମାନବ ସମ୍ବଳ, ପ୍ରଗତିଶୀଳ ନୀତି ଏବଂ ଦୃଢ଼ ପ୍ରଶାସନିକ ବ୍ୟବସ୍ଥା ରହିଛି। ପୁଞ୍ଜିନିବେଶକାରୀଙ୍କୁ ଆକୃଷ୍ଟ କରିବାରେ ସମଗ୍ର ଦେଶରେ ଓଡ଼ିଶା ଅଗ୍ରଣୀ ରାଜ୍ୟଗୁଡ଼ିକ ☞ପୃଷ୍ଠା-୨

# ମେ’ ପହିଲାରୁ ଓବିସି ସର୍ଭେ

ଭୁବନେଶ୍ୱର,୫।୪(ବ୍ୟୁରୋ)

ରାଜ୍ୟରେ ମେ’ ପହିଲାରୁ ଓବିସି ବା ପଛୁଆ ବର୍ଗ ସର୍ଭେ ଆରମ୍ଭ ହେବ। ବିହାର ପରେ ଓଡ଼ିଶା ଏହି ପଛୁଆ ବର୍ଗଙ୍କ ସର୍ଭେ କରିବାକୁ ଯାଉଛି। ମେ’ ୨୦ରେ ଏହି ସର୍ଭେ ଶେଷ ହେବ। ଏହା ପରେ ମେ’ ୨୧ରୁ ୨୭ ତାରିଖ ଯାଏ ସ୍ପେଶାଲ ଡ୍ରାଇଭ ଚାଲିବ। ଉଭୟ ଅନ୍‌ଲାଇନ ଏବଂ ଅଫ୍‌ଲାଇନରେ ସର୍ଭେ ହେବ। ଏନେଇ ବୁଧବାରଠାରୁ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି।

ଅନ୍‌ଲାଇନରେ ଜଣେ ବ୍ୟକ୍ତି ଓଏସ୍‌ସିବିସି ବା ଓବିସି କମିଶନଙ୍କ ୱେବ୍‌ସାଇଟକୁ ଯାଇ ସମସ୍ତ ତଥ୍ୟ ଦେଇ ଆବେଦନ କରିପାରିବେ। ଅଫ୍‌ଲାଇନ ସର୍ଭେ ପାଇଁ ଗାଁ ଏବଂ ୱାର୍ଡରେ ଏନୁମରେଟର ସେଣ୍ଟର ଖୋଲିବ। ଅଙ୍ଗନୱାଡି କିମ୍ବା ସ୍କୁଲ ଘରେ ଏହି ସେଣ୍ଟର ଖୋଲିବ। ଅଫ୍‌ଲାଇନ ସର୍ଭେରେ ଏନୁମରେଟର ଭାବେ ଅଙ୍ଗନୱାଡି କର୍ମୀ ଓ ଶିକ୍ଷକ ନିୟୋଜିତ ହେବେ। ପଞ୍ଜୀକରଣ ପାଇଁ ଆଇସିଡିଏସ୍ ସୁପରଭାଇଜରଙ୍କୁ ଆଧାର, ଭୋଟର କାର୍ଡ, ପାନ୍ କାର୍ଡ କିମ୍ବା ପାସ୍‌ପୋର୍ଟକୁ ଦେଖାଇ ପାରିବେ। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ସମସ୍ତ କେନ୍ଦ୍ର ଖୋଲା ରହିବ। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
ନୂଆ ଏସୀୟ ବ୍ୟବସ୍ଥା

# ହାତକଡ଼ି ଲଗାଇ ୭ ମାଇଲ ପହଁରି ରେକର୍ଡ

କାଇରୋ, ୫।୪

ବିନା ହାତ ଚାଳନାରେ ପାଣିରେ ପହଁରିବା ପ୍ରାୟତଃ ଅସମ୍ଭବ। କିନ୍ତୁ ଏହାକୁ ସମ୍ଭବ କରିବା ସହ ଗିନିଜ୍ ୱାର୍ଲ୍ଡ ରେକର୍ଡସ୍‌ରେ ନିଜକୁ ସାମିଲ କରିଛନ୍ତି ଇଜିପ୍ଟର ଶେହାବ ଆଲମ। ସେ ହାତରେ ହାତକଡ଼ି ଲଗାଇ ଗୋଟିଏ କିମ୍ବା ଦୁଇ କିଲୋମିଟର ନୁହେଁ, ବରଂ ୭ ମାଇଲ୍ (ପାଖାପାଖି ୧୧ କିଲୋମିଟର) ବାଟ ପହଁରି ରେକର୍ଡ ସୃଷ୍ଟି କରିଛନ୍ତି।

ଆବିଆନ୍ ଗଲ୍ଫରେ ଦୁଇ ହାତରେ ହାତକଡ଼ି ଲଗାଇ ଶେହାବ ୬ ଘଣ୍ଟାରେ ୭.୨୩୮ ମାଇଲ୍ ଦୂର ପହଁରିଥିବାବେଳେ ତାଙ୍କୁ କୌଣସି ପ୍ରକାର ବୋଟ୍‌ର ସପୋର୍ଟ ମିଳି ନ ଥିଲା। ଏ ନେଇ ବହୁଦିନ ପୂର୍ବରୁ ଶେହାବ ଅଭ୍ୟାସ ଆରମ୍ଭ କରିଥିଲେ। ପ୍ରତିଦିନ ହାତକଡ଼ି ବାନ୍ଧି ସମୁଦ୍ରରେ କିଛି ଦୂର ପର୍ଯ୍ୟନ୍ତ ସେ ପହଁରିବା ଅଭ୍ୟାସ କରୁଥିବା କହିଛନ୍ତି। କାହାରି ଦୃଷ୍ଟି ଆକର୍ଷଣ କରିବା ତାଙ୍କର ଉଦ୍ଦେଶ୍ୟ ନ ଥିଲେ ମଧ୍ୟ ଅଭ୍ୟାସ ସମୟରେ ବେଳାଭୂମିରେ ବୁଲୁଥିବା ଲୋକେ ☞ପୃଷ୍ଠା-୨



ଶେହାବ ଆଲମ

# ସଂସ୍କୃତ ପାଇଁ ୬୪୦ କୋଟି ଟଙ୍କା, ଓଡ଼ିଆକୁ ଶୂନ

## ଭାଷାର ବିକାଶ ନେଇ କେନ୍ଦ୍ରର ପାତରଅନ୍ତର

ନୂଆଦିଲ୍ଲୀ, ୫।୪

ଭାରତରେ ୬ଟି ଶାସ୍ତ୍ରୀୟ ଭାଷା ରହିଛି। ସେଗୁଡ଼ିକୁ ହେଲା ତାମିଲ, ତେଲୁଗୁ, ସଂସ୍କୃତ, କନ୍ନଡ଼, ମାଲୟାଲମ୍ ଏବଂ ଓଡ଼ିଆ। ଭାରତର ମାତ୍ର ୧୫ ହଜାର ଲୋକ କହୁଥିବା ସଂସ୍କୃତ ଭାଷାର ବିକାଶ ପାଇଁ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ଗତ ୩ ବର୍ଷ ମଧ୍ୟରେ ପ୍ରାୟ ୬୪୦ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ତାମିଲ ଭାଷାର ବିକାଶ ଲାଗି ମାତ୍ର ୨୪ କୋଟି, ତେଲୁଗୁ ପାଇଁ ୩ କୋଟି ଏବଂ କନ୍ନଡ଼ ଭାଷାର ଉନ୍ନତି ସକାଶେ ୩ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। କିନ୍ତୁ ଏହି ଅବଧି ମଧ୍ୟରେ ଓଡ଼ିଆ ଓ ମାଲୟାଲମ ଭାଷା ପାଇଁ ଟଙ୍କାଏ ମଧ୍ୟ ବ୍ୟୟବରାଦ କରାଯାଇ ନାହିଁ ବୋଲି କେନ୍ଦ୍ରକୁ ଟାର୍ଗେଟ କରିଛନ୍ତି କଂଗ୍ରେସର ରାଜ୍ୟ ସଭା ସଦସ୍ୟ ଜୟରାମ ରମେଶ।

କର୍ନାଟକରୁ ପାର୍ଲାମେଣ୍ଟର ଉଚ୍ଚ ସଦନରେ ପ୍ରତିନିଧିତ୍ୱ କରୁଥିବା ଜୟରାମ ଦ୍ୱିତୀୟ ପର୍ଯ୍ୟାୟ ବଜେଟ୍ ଅଧିବେଶନ ବେଳେ ଗତ ୧୬ ତାରିଖରେ କହିଥିଲେ, ଭାରତର ଅଧିକାଂଶ ଲୋକ ସଂସ୍କୃତ ଭାଷା କୁହନ୍ତି ନାହିଁ। ଏହା ଏକ କଥିତ ଭାଷା ନୁହେଁ। ପୂଜକମାନେ ସଂସ୍କୃତ ବ୍ୟବହାର କରନ୍ତି। ଦେଶର ମୋଟ ୧୫ ହଜାର ଲୋକ ସଂସ୍କୃତ ଭାଷାରେ ଭାବର ଆଦାନପ୍ରଦାନ କରିଥାନ୍ତି। ୨୦୨୨ ଫେବୃୟାରୀ ୩ରେ ☞ପୃଷ୍ଠା-୨

**ଆଜିର ମନ୍ତବ୍ୟ**

"କଂଗ୍ରେସରେ ଅନେକ ଦଶନ୍ଧି ଧରି ରହିଥିଲେ ମଧ ଦଳ ମୋ ପ୍ରତି ଉଦାର ନ ଥିଲା। ବିରୋଧୀ ଦଳ ନେତା ଭାବେ ମୁଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅନେକ ସମାଲୋଚନା କରିଥିବା ସତ୍ତ୍ୱେ ସେ ମୋତେ ଉଦାର ବ୍ୟବହାର ଦେଖାଉଥିଲେ।

– ଗୁଲାମନବୀ ଆଜାଦ, ଡେମୋକ୍ରାଟିକ୍ ପ୍ରୋଗ୍ରେସିଭ୍ ଆଜାଦ ପାର୍ଟି ମୁଖ୍ୟ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଥା ଜାଣି ହସି, ଠାଆ ଜାଣି ବସି**
**ଠାଆ ଜାଣି ରୁଷି, ଠାଆ ଜାଣି ଖସି।**

ସ୍ଥାନ, କାଳ, ପାତ୍ର ଦେଖି ହସିବା, ବସିବା, ରୁଷିବା ଏବଂ ଖସି ଆସିବା ନିର୍ଭର କରିଥାଏ। ତେଣୁ ଅବସ୍ଥା ଦେଖି ବ୍ୟବସ୍ଥା କରିବା ଭଳି ଏହାହିଁ ଉଚିତ ପଦକ୍ଷେପ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**କଣ୍ଟାରେ ବସନ ପକାଇ,**
**ଛାଟି ହେଉଛି କାହିଁ ପାଇଁ ?**

ସାଧାରଣତଃ କଳହପ୍ରିୟ ବ୍ୟକ୍ତି କୌଣସି କାରଣ ନ ଥାଇ ଅନ୍ୟ ସହ ଝଗଡାଝାଟି କରୁଥିବାର ଦେଖିବାକୁ ମିଳିଥାଏ। ଏହା ସେମାନଙ୍କର ଏକ ପ୍ରକୃତି ବୋଲି ବୁଝିବାକୁ ହୋଇଥାଏ। ଏପରି ଜାଣିଶୁଣି କଣ୍ଟାବାଡ଼ରେ ଲୁଗା ପକାଇ କଳି କରୁଥିବା ବ୍ୟକ୍ତି ପ୍ରତି ଏଭଳି କଟୂକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




# ୮ ଯାଏ ଲାଗିରହିବ ବର୍ଷା

ଭୁବନେଶ୍ୱର,୫।୪(ବ୍ୟୁରୋ)

ବାୟୁମଣ୍ଡଳରେ ରହିଥିବା ୨ଟି ନିମ୍ନ ଚାପରେଖା ପ୍ରଭାବରେ ତାପମାତ୍ରା ବଢ଼ିବା ସହ ଝଡ଼ବର୍ଷା ହେଉଛି। ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ବିଜୁଳି ଘଡଘଡି ସାଙ୍ଗକୁ କୁଆପଥର ବର୍ଷା ଲାଗି ରହିବ। ଗୁରୁବାର ରାଜ୍ୟର ୧୬ ଜିଲା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, ଢେଙ୍କାନାଳ, କନ୍ଧମାଳ, କୋରାପୁଟ ଓ ରାୟଗଡାରେ ବିଜୁଳି ଘଡଘଡି ସହ ବର୍ଷା ସାଙ୍ଗକୁ ପବନ ହେବ। ସେହିପରି ଶୁକ୍ରବାର ୨୩ ଜିଲାରେ ଏହାର ପ୍ରଭାବ ଅଧିକ ରହିବ। କନ୍ଧମାଳ, କଳାହାଣ୍ଡି, ବୌଦ୍ଧ, ବଲାଙ୍ଗୀର, ଅନୁଗୁଳ, ଢେଙ୍କାନାଳ, ଗଞ୍ଜାମ, ଯାଜପୁର, ଭଦ୍ରକ ଓ ବାଲେଶ୍ୱରରେ କୁଆପଥର ବର୍ଷା ହେବାକୁ ଥିବାବେଳେ କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଜପତି, ମୟୂରଭଞ୍ଜ, ରାୟଗଡ଼ା, ନୂଆପଡ଼ା, ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁର ଜିଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ସାଙ୍ଗକୁ ପବନ ହେବବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ସତର୍କ କରାଇଛି। ଅନ୍ୟପକ୍ଷରେ ବୁଧବାର ରାଜ୍ୟର ୩୧ ସହରରେ ପାରଦ ୩୫ ଡିଗ୍ରୀ ଉପରେ ରହିଥିଲା। ୫ ସହରରେ ପାରଦ ୩୮ ଡିଗ୍ରୀ ପାର କରିଥିବାବେଳେ ଝାରସୁଗୁଡ଼ାରେ ସର୍ବାଧିକ ୩୮.୫ ଡିଗ୍ରୀ ରହିଥିଲା। ସେହିପରି ତାଳଚେରରେ ୩୮.୨, ଅନୁଗୋଳ ୩୮.୧ ଡିଗ୍ରୀ ଥିବାବେଳେ ବାରିପଦା ଓ ମାଲକାନଗିରିରେ ପାରଦ ୩୮ ଡିଗ୍ରୀ ରେକର୍ଡ କରାଯାଇଛି। ଆସନ୍ତା ୫ଦିନ ରାଜ୍ୟରେ ପାରଦ ସ୍ୱାଭାବିକଠାରୁ ୨ରୁ ୩ ଡିଗ୍ରୀ ଯାଏ ଅଧିକ ରହିବ। ଅପରାହ୍ନରୁ ପାଗ ଆଂଶିକ ମେଘୁଆ ହେବା ସହ ଉପକୂଳବର୍ତ୍ତୀ ଜିଲାରେ ବର୍ଷା ହେବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

# ଶୀତଳ ଭଣ୍ଡାର ନିର୍ମାଣ ସାଙ୍ଗକୁ ପରିଚାଳନା ପାଇଁ ଗଠନ ହେବ ଉଚ୍ଚସ୍ତରୀୟ କମିଟି

ଭୁବନେଶ୍ୱର, ୫।୪(ବ୍ୟୁରୋ)

ଫସଲ ଅମଳ ପରବର୍ତ୍ତୀ ସୁପରିଚାଳନା, ସଂରକ୍ଷଣ ଏବଂ ଚାଷୀଙ୍କ ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟ ପ୍ରଦାନ ସହ ରାଜ୍ୟରେ ଶୀତଳ ଭଣ୍ଡାର ନିର୍ମାଣ କରିବା ଓ ବ୍ୟବହାରରେ ଉତ୍କର୍ଷ ଆଣିବା ଦିଗରେ ପଦକ୍ଷେପ ନିଆଯାଉଛି। ଏଥିପାଇଁ ଏକ ବିସ୍ତୃତ ମାର୍ଗଦର୍ଶିକା ପ୍ରସ୍ତୁତ କରାଯାଉଛି ବୋଲି କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। କୃଷିଭବନଠାରେ ବୁଧବାର କୃଷିଜାତ ଦ୍ରବ୍ୟର ସଂରକ୍ଷଣରେ ଉନ୍ନତି ଆଣିବା ସମ୍ପର୍କରେ ଆୟୋଜିତ ଏକ ଉଚ୍ଚସ୍ତରୀୟ ବୈଠକରେ ମନ୍ତ୍ରୀ ସ୍ୱାଇଁ କହିଛନ୍ତି, ରାଜ୍ୟରେ ଶୀତଳ ଭଣ୍ଡାରର ସଦ୍ୟତମ ସ୍ଥିତିର ସମୀକ୍ଷା କରାଯାଇଛି। ଶୀତଳ ଭଣ୍ଡାର ନିର୍ମାଣ ଓ ପରିଚାଳନାରେ ଉନ୍ନତି ଆଣିବା ଦିଗରେ ଆବଶ୍ୟକ ପ୍ରସ୍ତାବ ଦେବା ପାଇଁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ, ସମବାୟ ବିଭାଗର ପ୍ରମୁଖ ଶାସନ ସଚିବ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଏବଂ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କୁ ନେଇ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯିବ। ଉକ୍ତ କମିଟି ରାଜ୍ୟର ବିଭିନ୍ନ ବିଭାଗ ଦ୍ୱାରା ପରିଚାଳିତ ହେଉଥିବା ଶୀତଳ ଭଣ୍ଡାର ଏବଂ କୋଲ୍ଡ ରୁମ୍ ଆଦିର ସ୍ଥିତି ଅନୁଧ୍ୟାନ କରି ଏ ଦିଗରେ ଆବଶ୍ୟକ ରିପୋର୍ଟ ପ୍ରଦାନ କରିବା ପାଇଁ ସେ କହିଛନ୍ତି। କୃଷି ଉତ୍ପାଦନ ପୁଞ୍ଜି ଥିବା ଅଞ୍ଚଳରେ ଶୀତଳ ଭଣ୍ଡାର ପ୍ରତିଷ୍ଠା କରାଯିବ। ଶୀତଳ ଭଣ୍ଡାର ବ୍ୟବହାର ନିମନ୍ତେ ଚାଷୀଙ୍କୁ ଉତ୍ସାହିତ କରିବା ପାଇଁ କ୍ଷେତ୍ର ପ୍ରଦର୍ଶନୀର ଆୟୋଜନ କରାଯିବ।

# ବାବନ୍ଧରେ ମାଈହାତୀ ମୃତ

**ମାସକର ହାତୀଛୁଆର ସନ୍ଧାନ ମିଳୁନାହିଁ**


ଜଙ୍ଗଲରେ ମରିପଡ଼ିଥିବା ମାଈହାତୀ।


ମୃତ୍ୟୁ ପୂର୍ବରୁ ମା' ନିକଟରେ ଥିବା ଛୁଆ।

ଢେଙ୍କାନାଳ ଅଫିସ, ୫।୪

ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ୍ ଅଧୀନ ବାବନ୍ଧ ସାନସାହି ଗ୍ରାମ୍ୟ ଜଙ୍ଗଲରେ ବୁଧବାର ଏକ ମାଈହାତୀର ମୃତ୍ୟୁ ଘଟିଛି। ଉକ୍ତ ହାତୀ କିଛିଦିନ ହେଲା ଅସୁସ୍ଥ ଥିଲା। ଠିକ୍ ଭାବେ ଚଲାବୁଲା କରିପାରୁ ନ ଥିଲା। ପ୍ରାୟ ୫ଦିନ ହେଲା ବନ କର୍ମଚାରୀ ଏହା ଉପରେ ନଜର ରଖିଥିଲେ। ତେବେ ସକାଳେ ହଠାତ୍ ଏହାର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଅନ୍ୟପଟେ ମାସେ ତଳେ ଉକ୍ତ ହାତୀ ପ୍ରସବ କରିଥିଲା। ଅସୁସ୍ଥ ହାତୀ ପାଖେ ପାଖେ ଛୁଆଟି ବୁଲୁଥିଲା। ତେବେ ମା'ର ମୃତ୍ୟୁ ପରେ ହାତୀଛୁଆର କୌଣସି ସନ୍ଧାନ ମିଳୁନାହିଁ। ବନ କର୍ମଚାରୀମାନେ ତାକୁ ଖୋଜିବା ପାଇଁ ରାତିରେ ସର୍ଚ୍ଚ ଅପରେଶନ ଚଳାଇଛନ୍ତି।

ହାତୀମୃତ୍ୟୁ ସମ୍ପର୍କରେ ସୂଚନା ପାଇ ଜିଲା ବନଖଣ୍ଡ ଅଧିକାରୀ ସୁମିତ କର ସଦଳବଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ଖଜୁରିଆକଟା ଓ ରାସୋଳରୁ ପ୍ରାଣୀଧନ ଚିକିତ୍ସକମାନେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରିଥିଲେ। ହାତୀମୃତ୍ୟୁର କାରଣ ଅସ୍ପଷ୍ଟ ଥିବାବେଳେ ବ୍ୟବଚ୍ଛେଦ ରିପୋର୍ଟରୁ ଏହା ଜଣାପଡ଼ିବ ବୋଲି ଜିଲା ବନଖଣ୍ଡ ଅଧିକାରୀ କହିଛନ୍ତି।

# ଆଇଟିଆଇରେ ଜି-୨୦ ଲୋଗୋ ଉନ୍ମୋଚିତ

ବ୍ରହ୍ମପୁର ଅଫିସ୍,୫।୪

ବ୍ରହ୍ମପୁର ଆଇଟିଆଇ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ଜି-୨୦ ଲୋଗୋ ବୁଧବାର ଉନ୍ମୋଚିତ ହୋଇଛି। ଆଇଟିଆଇ ପରିସରରେ ୧୫୦୦ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏହି ଲୋଗୋ କରାଯାଇଥିଲା। ଏଥିରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ଅଧ୍ୟକ୍ଷ ଡ. ରଜତ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟକ୍ଷ ପାଣିଗ୍ରାହୀ ଜି-୨୦ ସମ୍ବନ୍ଧରେ ଛାତ୍ରୀଛାତ୍ରଙ୍କୁ ବୁଝାଇବା ସହ ଅନୁଷ୍ଠାନରେ ହେଉଥିବା ବିଭିନ୍ନ ପାଠଚକ୍ର, ପ୍ରଦର୍ଶନୀ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥିସହ ଛାତ୍ରୀଙ୍କ ନିମନ୍ତେ ସ୍ୱତନ୍ତ୍ର କ୍ୟାମ୍ପସ ଚୟନ ପ୍ରକ୍ରିୟା ହେବ ବୋଲି କହିଥିଲେ। ଜି -୨୦ ଆମ ଦେଶ ପାଇଁ ଗର୍ବ ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଲୋଗୋ ଏକ ଉଦାହରଣ ବୋଲି ଅଧ୍ୟକ୍ଷ କହିଥିଲେ।


ଆଇଟିଆଇ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ଜି-୨୦ ଲୋଗୋ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କୌଶଳ ପ୍ରୟୋଗ କରି ମନବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ। କର୍ମକ୍ଷେତ୍ରରେ କର୍ମଚାରୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ। ସାମାଜିକ ସ୍ତରରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିବ। କଳା, ସାହିତ୍ୟ, ଚଳଚ୍ଚିତ୍ର ତଥା ଶିଳ୍ପ, ବାଣିଜ୍ୟରେ ମଧ ଶିଥିଳତା ଦେଖାଦେଇପାରେ।

**ବୃଷ** ଦୀର୍ଘଦିନରୁ ପରିକଳ୍ପନା କରିଥିବା ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ। ବନ୍ଧୁଙ୍କୁ କର୍ମକ୍ଷେତ୍ରରେ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ। ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କରନ୍ତୁ।

**ମିଥୁନ** ପାରିବାରିକ ସମସ୍ୟା କ୍ରମଶଃ ବଳିଯାଉଥିବାରୁ ମନର ଦୁଃଖକୁ ଲୁଚାଇ ରଖି ବନ୍ଧୁମାନଙ୍କ ସମ୍ମୁଖରେ ହସି ହସି କଥା କହିବେ। ବ୍ୟବସାୟ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ। ମଧ୍ୟସ୍ଥତା କରିବା କିମ୍ବା ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ। ସହକର୍ମୀଙ୍କ ମାଧ୍ୟମରେ ଆଶା କରିଥିବା ଜିନିଷଟି ପାଇ ଖୁସି ହେବେ।

**କର୍କଟ** କର୍ମକ୍ଷେତ୍ରରେ ଜଣେ ବିଶ୍ୱସ୍ତ କର୍ମଚାରୀଙ୍କ ନିକଟରୁ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ପ୍ରଶାସନିକ ସ୍ତରରେ ଏପରିକି ଶିଳ୍ପ, ବାଣିଜ୍ୟରେ ମଧ ପ୍ରତିବନ୍ଧକର ସମ୍ମୁଖୀନ ହୋଇପାରନ୍ତି। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ଆକସ୍ମିକ ସ୍ଥାନାନ୍ତର ସୂଚନା ମନକୁ ଭାରାକ୍ରାନ୍ତ କରିପାରେ।

**ସିଂହ** ପାରିବାରିକ ସ୍ତରରେ ବିଭିନ୍ନ ପ୍ରକାର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। କର୍ମକ୍ଷେତ୍ରରେ ବନ୍ଧୁମାନଙ୍କୁ ମଧୁର ବାକ୍ୟ କହି ନିଜର କାର୍ଯ୍ୟ ହାସଲ କରିନେବେ। ନିଜର ଦକ୍ଷତା ବଳରେ ସାମାଜିକ ସ୍ତରରେ ସମ୍ମାନଲାଭ କରିବେ। ପାରିବାରିକ କ୍ଷେତ୍ରରେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହୋଇପାରନ୍ତି।

**କନ୍ୟା** କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ନିର୍ମାଣ, ଯୋଗାଯୋଗ, ସଂଗଠନ, ପ୍ରଶାସନ ସମସ୍ୟା ମୁକ୍ତ ରହିବ। ସମସ୍ୟା ସମାଧାନ ପରିପ୍ରେକ୍ଷୀରେ ଜଣେ ସମ୍ମାନନୀୟ ବ୍ୟକ୍ତି ସହାୟତା କରିବେ। ଜମିଜମା, କଚେରି ମାମଲା, ଧର୍ମକାର୍ଯ୍ୟ ସାମାନ୍ୟ ବିଳମ୍ବିତ ସମୟରେ ସମ୍ପନ୍ନ ହେବ।

**ତୁଳା** ସଭାସମିତିରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ବନ୍ଧୁଙ୍କ ନିକଟରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଉନ୍ନତି କରିବେ। ପାରିବାରିକ ଅଶାନ୍ତି କାରଣରୁ ଅନ୍ୟମନସ୍କ ରହିପାରନ୍ତି।

**ବିଛା** ସାଧାରଣ ମତାନ୍ତରଜନିତ ବନ୍ଧୁଙ୍କ ସହ ମନୋମାଳିନ୍ୟ ଯୋଗୁ ମନ ଉଦାସ ରହିବ। ମାଙ୍ଗଳିକ କାର୍ଯ୍ୟ ସକାଶେ ନିଜର ଆତ୍ମୀୟଙ୍କ ସହ ଆଲୋଚନା କରିପାରନ୍ତି। ପଡ଼ୋଶୀଙ୍କ ସହାୟତାରେ ଜମିଜମା ବିବାଦର ଆଶୁ ଅବସାନ ଘଟିବ। ଯାତ୍ରା କାଳରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି।

**ଧନୁ** ଆପୋସ ଆଲୋଚନା ଦ୍ୱାରା ପାରିବାରିକ ସମସ୍ୟାର ସରଳ ସମାଧାନ ହୋଇଯିବ। ଉତ୍ତରାଷାଢ଼ା ନକ୍ଷତ୍ରର ମାନସିକ ଅବସାଦ ଲାଗି କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ କୌଣସି ଗୁରୁତ୍ୱପୂର୍ଣ୍ଣ କାମ ଅଟକିବାର ଆଶଙ୍କା ରହିଛି। ନିର୍ମାଣାଧୀନ କାମ ଅର୍ଥାଭାବ ଯୋଗୁ ଅଟକିବାରୁ ବିଚଳିତ ହେବେ।

**ମକର** ମତାନ୍ତର ହେତୁ ପରିବାରରେ ସାଧାରଣ ଘଟଣାକୁ କେନ୍ଦ୍ରକରି ଅଶାନ୍ତି ଉପୁଜିପାରେ। କଳା, ସାହିତ୍ୟ, ଆନୁଷ୍ଠାନିକ କାମ ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ। ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟିହେବାର ଆଶଙ୍କା ରହିଛି। କର୍ମକ୍ଷେତ୍ର ପ୍ରତି ଉଦାସୀନ ରହି ସମାଲୋଚିତ ହେବେ।

**କୁମ୍ଭ** ପ୍ରତ୍ୟେକ କ୍ଷେତ୍ରରେ ସହମତିରେ କାମ କଲେ ଅପେକ୍ଷାକୃତ ସଫଳତା ପାଇପାରନ୍ତି। କର୍ମକ୍ଷେତ୍ରରେ ନିଜ ଉପରେ ନ୍ୟସ୍ତ ଥିବା କାର୍ଯ୍ୟକୁ ଏକାଗ୍ରତା ସହ ତୁଲାଇ ପ୍ରଶଂସିତ ହେବେ। ଦୀର୍ଘଦିନରୁ ଚିନ୍ତାକରିଥିବା କାମଟି ହଠାତ୍ ହୋଇଯିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି ଯୋଗୁ ମନ ଅଶାନ୍ତି ରହିପାରେ।

**ମୀନ** ଶାରୀରିକ ସୁସ୍ଥତା ରହିଲେ ମଧ ଟେନ୍ସନ ଜମା ଛାଡ଼ିବ ନାହିଁ। ବନ୍ଧୁମାନଙ୍କ ପରାମର୍ଶକୁ ଅନୁଧ୍ୟାନ କରି ସମସ୍ୟା ସମାଧାନକରିବାରେ ସମର୍ଥ ହେବେ। କିନ୍ତୁ ପାରିବାରିକ କ୍ଷେତ୍ରରେ ଅସୁବିଧା ନ ହେଲେ ମଧ୍ୟ ଆଶଙ୍କା କରି ମନ ଅସ୍ଥିର ରହିବ। ରାଜନୈତିକ ସ୍ଥିତି ପ୍ରତି କୌଣସି ସମସ୍ୟାର ସୁରାକ ପାଇ କୂଟନୀତିରେ କାର୍ଯ୍ୟ ସାଧନ କରିବେ।

ଆଜି ଚୈତ୍ରପୂର୍ଣ୍ଣିମା ଗୁରୁବାର, ବୈଶାଖ ବ୍ରତ ଆରମ୍ଭ, ଏପ୍ରିଲ ୬ ତାରିଖ, ରାଶି ନକ୍ଷତ୍ର-ହସ୍ତା/କନ୍ୟା, ଦିବା ଘ.୧୨।୪୦ ଗତେ ଚିତ୍ରା ନକ୍ଷତ୍ର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୪୦ ଗତେ ଘ.୦୭।୧୮ ମଧ୍ୟେ, ଘ.୧୦।୩୫ ଗତେ ଘ.୦୧।୦୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୧।୨୧ ଗତେ ଘ.୦୨।୫୩ ମଧ୍ୟେ ରାହୁକାଳ।

ପ୍ରଥମ ପୃଷ୍ଠାରୁ...

## ସରକାରଙ୍କୁ ସମାଲୋଚନା...

ବୋଲି କୁହାଯାଇପାରିବ ନାହିଁ। କାରଣ ମଜଭୁତ ଗଣତନ୍ତ୍ର ପାଇଁ ଏକ ସ୍ୱାଧୀନ ପ୍ରେସ୍ ଅପରିହାର୍ଯ୍ୟ। କ୍ଷମତାରେ ଥିବା ଲୋକଙ୍କୁ ସତ କହିବା ଏବଂ ନାଗରିକମାନଙ୍କ ବାସ୍ତବତାକୁ ଉପସ୍ଥାପନ କରିବା ହେଉଛି ଗଣମାଧ୍ୟମର ଦାୟିତ୍ୱ। ଏପରି କରିବା ଦ୍ୱାରା ଗଣତନ୍ତ୍ର ଉଚିତ ଦିଗରେ ଗତିଶୀଳ ହେଉଛି ବୋଲି ଧରାଯାଇଥାଏ। ଅନ୍ୟପକ୍ଷେ ଗଣମାଧ୍ୟମର ସ୍ୱାଧୀନତା ଉପରେ କଟକଣା ଲଗାଇବା ଦ୍ୱାରା ନାଗରିକମାନଙ୍କ ଚିନ୍ତାଧାରା ମଧ ଅନୁରୂପ ଭାବେ ସୀମିତ ହୋଇଯାଇଥାଏ। ସାମାଜିକ, ଅର୍ଥନୈତିକ, ରାଜନୈତିକ ସହଜାତୀୟ ମତାମତ ଗଣତନ୍ତ୍ର ପାଇଁ ବଡ଼ ବିପଦ ସୃଷ୍ଟି କରିବ। ଏକ ଚ୍ୟାନେଲର ଲାଇସେନ୍ସ ନବୀକରଣ ନ କରିବା ହେଉଛି ଅଭିବ୍ୟକ୍ତି ସ୍ୱାଧୀନତା ଉପରେ କଟକଣା ସଦୃଶ। ମିଡିଆୱାନ୍‌ର ଶେୟାରହୋଲ୍ଡର୍ସଙ୍କ ସମ୍ପର୍କ ଜମାତ୍-ଇ-ଇସ୍‌ଲାମି ସହ ରହିଥିବା ଦର୍ଶାଇ ଚ୍ୟାନେଲର ଅଧିକାରକୁ ସଙ୍କୁଚିତ କରିଦେବା ଅବୈଧ। ନାଗରିକମାନଙ୍କୁ ଆଇନ ପ୍ରଦତ୍ତ ବିଭିନ୍ନ ସୁବିଧାରୁ ବଞ୍ଚିତ କରିବା ପାଇଁ ଜାତୀୟ ସୁରକ୍ଷାକୁ ରାଷ୍ଟ୍ର ଏକ ଅସ୍ତ୍ର ଭାବେ ବ୍ୟବହାର କରୁଛି। ସୁରକ୍ଷା କାରଣ ପ୍ରଘଟ ନ କରିବା ଏବଂ ସେନେଇ କେବଳ ବନ୍ଦ ଲଫାପାରେ କୋର୍ଟଙ୍କୁ ଜଣାଇବା ପ୍ରାକୃତିକ ନ୍ୟାୟର ସିଦ୍ଧାନ୍ତକୁ ଉଲ୍ଲଂଘନ କରିଛି ବୋଲି ଜଷ୍ଟିସ୍ କୋହଲି କହିଛନ୍ତି। ପ୍ରକାଶ ଯେ, ଗତ ମାର୍ଚ୍ଚ ୧୫ରେ ସୁପ୍ରିମକୋର୍ଟ ଏକ ଅନ୍ତରୀଣ ରାୟ ଦେଇ ମିଡିଆୱାନ୍ କଟକଣା ଉପରେ ସ୍ଥଗିତାଦେଶ ଜାରି କରିଥିଲେ।

## ମେ' ପହିଲାରୁ...

ଭୁବନେଶ୍ୱରରେ ୧୦୧ କେନ୍ଦ୍ରରେ ସର୍ଭେ କାର୍ଯ୍ୟ ହେବ। ମୋଟ ୨୦୮ ବର୍ଗଙ୍କୁ ପଛୁଆ ବର୍ଗ ଭାବେ ସର୍ଭେରେ ସ୍ଥାନ ଦିଆଯିବ। ଅନ୍‌ଲାଇନ ସର୍ଭେ ପାଇଁ ସହରାଞ୍ଚଳରେ ମାଷ୍ଟର ଟ୍ରେନରଙ୍କ ତାଲିମ ଶେଷ ହୋଇଛି। ଉଭୟ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ମାଷ୍ଟର ଟ୍ରେନରମାନେ ଏନୁମରେଟର ଏବଂ ସୁପରଭାଇଜରଙ୍କୁ ୬ରୁ ୧୩ ତାରିଖ ଭିତରେ ପ୍ରଥମ ପର୍ଯ୍ୟାୟ ତାଲିମ ଦେବେ। ଦ୍ୱିତୀୟ ପର୍ଯ୍ୟାୟ ତାଲିମ ୧୮ରୁ ୨୪ ମଧ୍ୟରେ ଦିଆଯିବ।

## ପଦ୍ମ ପୁରସ୍କାର...

କରିଥିଲେ। ବୁଧବାର ରାଷ୍ଟ୍ରପତି ଭବନଠାରେ ଆୟୋଜିତ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମରେ ଲୋକପ୍ରିୟ ଦିବଂଗତ କଣ୍ଠଶିଳ୍ପୀ ବାଣୀ ଜୟରାମଙ୍କ ପଦ୍ମବିଭୂଷଣ ପୁରସ୍କାରକୁ ତାଙ୍କ ଭଉଣୀ ଏବଂ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ମୁଲାୟମ ସିଂ ଯାଦବଙ୍କ ପାଇଁ ତାଙ୍କ ପୁତ୍ର ଅଖିଳେଶ ଯାଦବ ପଦ୍ମ ବିଭୂଷଣ ପୁରସ୍କାର ଗ୍ରହଣ କରିଛନ୍ତି। ନାଟୁ ନାଟୁ ଗୀତ ସଂଯୋଜନା କରିଥିବା ଏମ୍.ଏମ୍, କିରୱାନୀ, ଅଭିନେତ୍ରୀ ରବିନା ଟଣ୍ଡନ୍ ପ୍ରମୁଖ ପଦ୍ମଶ୍ରୀ ପୁରସ୍କାର ଗ୍ରହଣ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ୨୦୨୩ ଜାନୁଆରୀ ୨୫ ତାରିଖରେ ୬ ଜଣ ପଦ୍ମବିଭୂଷଣ, ୯ ଜଣ ପଦ୍ମଭୂଷଣ, ୯୧ ଜଣ ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ହୋଇଥିଲେ। ଏହି ମର୍ଯ୍ୟାଦାଜନକ ସମ୍ମାନ ପାଇଁ ସମ୍ମାନିତ ହୋଇଥିବା ମୋଟ ୧୦୬ଜଣଙ୍କ ମଧ୍ୟରୁ ୧୯ଜଣ ମହିଳା ଅଛନ୍ତି। ଓଡ଼ିଶାରୁ ୪ ଜଣଙ୍କ ନାମ ପଦ୍ମଶ୍ରୀ ପୁରସ୍କାର ପାଇଁ ଘୋଷଣା କରାଯାଇଥିଲା। ଓଡ଼ିଆ ସାହିତ୍ୟ, ସଂସ୍କୃତି, ଇତିହାସ, ଭାଷାତତ୍ତ୍ୱ ଓ ବ୍ୟାକରଣ ଆଦି କ୍ଷେତ୍ରରେ ଅଧ୍ୟୟନ, ଗବେଷଣା, ପ୍ରବନ୍ଧ ଲିଖନ, ପୁସ୍ତକ ପ୍ରକାଶନ ଆଦିରେ ମିଶ୍ରଙ୍କର ବଳିଷ୍ଠ ଅବଦାନ ରହିଛି। ତାଙ୍କର ୩୦ ଖଣ୍ଡରୁ ଅଧିକ ପୁସ୍ତକ ପ୍ରକାଶିତ ହୋଇଛି। ୨୦୧୯ ରେ ସେ ରାଷ୍ଟ୍ରପତି ପୁରସ୍କାରରେ ସମ୍ମାନିତ ହୋଇଥିଲେ। କଳା କ୍ଷେତ୍ରରେ ଅବଦାନ ପାଇଁ ସମ୍ବଲପୁରର ପଟେଲ ସମ୍ମାନ ପାଇଛନ୍ତି। ସେ ପ୍ରସିଦ୍ଧ ସଙ୍ଗୀତ ରଙ୍ଗବତୀ ଗୀତର ଗାୟିକା। ସେହିପରି କୃଷି କ୍ଷେତ୍ରରେ ଅବଦାନ ପାଇଁ କଳାହାଣ୍ଡିର ସାହୁ ବିଲୁପ୍ତ ହୋଇଯାଉଥିବା ଔଷଧୀୟ ବୃକ୍ଷରାଜିକୁ ସଂରକ୍ଷଣ କରନ୍ତି। ୬୫ ଡିସିମିଲ ଜାଗାରେ ୨୫୦୦ରୁ ଊର୍ଦ୍ଧ୍ୱ ଔଷଧୀୟ ବୃକ୍ଷ ଲଗାଇ ସେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ଔଷଧୀୟ ବୃକ୍ଷ ଲଗାଇବା ସହିତ ବୈଦ୍ୟ କାମ କରି ଲୋକଙ୍କୁ ସେବା ଯୋଗାଇଥାନ୍ତି। ସେହିପରି କେନ୍ଦୁଝରର କହଁର କାଠି କଣ୍ଢେଇ ନୃତ୍ୟ ପାଇଁ ପରିଚିତି ହାସଲ କରିଛନ୍ତି।

## ରାଜ୍ୟକୁ ଆସିବ...

ମଧ୍ୟରେ ରହିଛି। ଇଜ୍ ଅଫ୍ ଡୁଇଂ ବିଜ୍‌ନେସ ର୍ୟାଙ୍କିଂରେ ଓଡ଼ିଶା ଆଗରେ ରହିଛି। ଓଡ଼ିଶା ସରକାର ଶିଳ୍ପଗୁଡ଼ିକୁ ସମସ୍ତ ସୁବିଧାସୁଯୋଗ ଦେବା ସହ ପୂର୍ବ ଓ ଉତ୍ତର ପୂର୍ବ ଭାରତ ସହ ଆସୋସିଏଶନ ଅଫ୍ ସାଉଥ ଇଷ୍ଟ ଏସିଆନ ନେଶନ ଏବଂ ପୂର୍ବ ଏସିଆ ଅଞ୍ଚଳରେ ସ୍ୱତନ୍ତ୍ର ବଜାର ସୃଷ୍ଟି କରିପାରିଛି। ନୂଆ ଶିଳ୍ପ ଯୁଗରେ ପ୍ରବେଶ କରୁଥିବାରୁ ବୈଷୟିକ ଜ୍ଞାନକୌଶଳକୁ ଉପଯୋଗ କରିଛୁ। ସ୍ଥିର ଅଭିବୃଦ୍ଧି ପାଇଁ ସରକାର, ଶିଳ୍ପ ଏବଂ ଲୋକଙ୍କ ମଧ୍ୟରେ ସମନ୍ୱୟର ଆବଶ୍ୟକତା ରହିଛି। ବହୁମୂଲ୍ୟ ସଂସ୍କୃତି ଓ ପରମ୍ପରା ପାଇଁ ଓଡ଼ିଶା ବେଶ୍ ପରିଚିତ। ଓଡ଼ିଶାରେ ପୁଞ୍ଜିବିନିଯୋଗ ପାଇଁ ଆସିଥିବା ନିବେଶକଙ୍କୁ ରାଜ୍ୟ ସରକାର ସବୁଠାରୁ ଉତ୍ତମ ସୁବିଧା ସୁଯୋଗ ପ୍ରଦାନ କରିଛନ୍ତି। ସାଂସ୍କୃତିକ ଐତିହ୍ୟର ସୁରକ୍ଷା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଧଉଳି,ଉଦୟ ଗିରି, ରତ୍ନଗିରି ଏବଂ ଲଳିତଗିରିରେ ରୂପାନ୍ତରଣ କରାଯାଇଛି। ଓଡ଼ିଶା ଆସି ଏହି ପରିବର୍ତ୍ତନର ସ୍ୱାଦ ଚାଖିବା ସହ ପୁଞ୍ଜିନିବେଶ କରିବାକୁ ମୁଖ୍ୟମନ୍ତ୍ରୀ ଜାପାନ ଶିଳ୍ପପତିଙ୍କୁ ଆହ୍ୱାନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନିବେଶକାରୀଙ୍କ ସହିତ ୱାନ୍ ଟୁ ୱାନ୍ ଆଲୋଚନା କରିଛନ୍ତି। ଏଥିସହିତ ରାଜ୍ୟ ସରକାରଙ୍କ ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ ଜାଇକାର ବରିଷ୍ଠ ଅଧିକାରୀଙ୍କ ସହ ଓଡ଼ିଶାରେ ଚାଲୁ ରହିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଜାପାନ ଏବଂ ଇଣ୍ଡୋ ପାସିଫିକ୍ ଅଞ୍ଚଳରୁ ୨୦୦ରୁ ଊର୍ଦ୍ଧ୍ୱ ନିବେଶକାରୀ ଯୋଗ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶିଳ୍ପମନ୍ତ୍ରୀ ପ୍ରତାପ କେଶରୀ ଦେବ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡ଼ିଶା ସମଗ୍ର ଦେଶରେ ଏକ ପୁଞ୍ଜିନିବେଶକାରୀ ସ୍ଥଳରେ ପରିଣତ ହୋଇଛି। ଓଡ଼ିଶାରେ ପୁଞ୍ଜିନିବେଶ କରିବା ପାଇଁ ସେ ନିବେଶକାରୀଙ୍କୁ ଆମନ୍ତ୍ରଣ କରିଛନ୍ତି। ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ନିବେଶକାରୀଙ୍କୁ ସ୍ୱାଗତ କରିବା ସହ ଓଡ଼ିଶା କିପରି ପୁଞ୍ଜିନିବେଶ ପାଇଁ ଉତ୍ତମ ପରିବେଶ ସୃଷ୍ଟି କରିପାରିଛି ସେ ସମ୍ପର୍କରେ ସୂଚନା ଦେଇଥିଲେ। ଜେଇଟିଆରଓ ଏକ୍ସିକ୍ୟୁଟିଭ ଭାଇସ୍ ପ୍ରେସିଡେଣ୍ଟ କାଜୁୟା ନକାଜୋ ଭାରତ ଓ ଜାପାନ ମଧ୍ୟରେ ଭବିଷ୍ୟତ ବ୍ୟବସାୟିକ ସୁଯୋଗ ସମ୍ପର୍କରେ ସୂଚନା ଦେଇଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ କ୍ରୋସାକି ହରିମା କର୍ପୋରେଶନ ନିର୍ଦ୍ଦେଶକଙ୍କୁ ଭେଟିବା ସହ ଏସିଆ ପାସିଫିକ୍ ଉପାଧ୍ୟକ୍ଷ କୋଇଚିରୋ କିମୁରାଙ୍କ ସହ ମଧ ଆଲୋଚନା କରିଛନ୍ତି। ଏଥିସହିତ ସେ ଜାପାନରେ ରହୁଥିବା ପ୍ରବାସୀ ଓଡ଼ିଆଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି।

## ହିନ୍ଦୋଳ, ଅତାବିରା...

ପ୍ରବଳ ଉତ୍ସାହ ଦେଖିବାକୁ ମିଳିଛି। ବିଜେଡି କର୍ମୀମାନେ ନାଚି ଓ ପରସ୍ପରକୁ ମିଠା ଖୁଆଇ ଉତ୍ସାହ ମନାଇଛନ୍ତି। ସୂଚନାଯୋଗ୍ୟ, ଗତ ୩ ତାରିଖରେ ଅତାବିରା ଓ ହିନ୍ଦୋଳ ଏନ୍‌ଏସି ପାଇଁ ଭୋଟଗ୍ରହଣ ହୋଇଥିଲା। ଏହି ବିଜୟ ପରେ ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଟୁଇଟ୍ କରି ସହରବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେ ଟୁଇଟରରେ ଲେଖିଛନ୍ତି, ମୁଖ୍ୟମନ୍ତ୍ରୀ ଓ ବିଜୁ ଜନତା ଦଳ ଉପରେ ପୁନର୍ବାର ଆସ୍ଥାପ୍ରକଟ କରି ଅତାବିରା ଓ ହିନ୍ଦୋଳରେ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରାଇଥିବାରୁ ମୁଁ ଓ ପ୍ରିୟ ମୁଖ୍ୟମନ୍ତ୍ରୀ ଉଭୟ ସହରବାସୀଙ୍କୁ ଅନ୍ତରର ଗଭୀରତମ ପ୍ରଦେଶରୁ କୃତଜ୍ଞତା ଜ୍ଞାପନ କରୁଛୁ।

## ହାତକଡ଼ି ଲଗାଇ...

ତାଙ୍କୁ କୌତୂହଳର ସହ ଦେଖୁଥିବା ସେ କହିଛନ୍ତି। ହାତକଡ଼ି ବାନ୍ଧି ପହଁରି ଗିନିଜ୍ ୱାର୍ଲ୍ଡ ରେକର୍ଡ କରିବା ପରେ ସେ ସୁପର୍ ହିରୋ ଭଳି ଅନୁଭବ କରିଥିବା କହିଛନ୍ତି। ଶେହାବ ଦୀର୍ଘ ଦିନ ପର୍ଯ୍ୟନ୍ତ ନିଜ ରେକର୍ଡକୁ ଜାରି ରଖିବେ ବୋଲି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି। ଗିନିଜ୍ ୱାର୍ଲ୍ଡ ରେକର୍ଡ ସାର୍ଟିଫିକେଟ୍ ହାତକୁ ନ ଆସିବା ପର୍ଯ୍ୟନ୍ତ ତାଙ୍କ ମିଶନ୍ ସଫଳ ହୋଇ ନାହିଁ। ଶେହାବଙ୍କ ମତରେ ପୂର୍ବରୁ ସେ ଯେଉଁସବୁ ରେକର୍ଡ ହାସଲ କରିଛନ୍ତି, ସେସବୁ ସେତିକି ଖୁସି ଦେଇନାହିଁ ଯେତିକି ଗିନିଜ୍ ୱାର୍ଲ୍ଡ ରେକର୍ଡସ୍ ଦେଇଛି। ଶେହାବ ଅନେକ ଯୁବପିଢ଼ିଙ୍କ ପାଇଁ ଏକ ନୂଆ ଆଶା ଏବଂ ଉତ୍ସାହର ମାଧ୍ୟମ ପାଲଟିଛନ୍ତି। ଖାଲି ସେତିକି ନୁହେଁ, ସନ୍ତରଣକୁ ନେଇ ତାଙ୍କ ମଧ୍ୟରେ ଥିବା କଳା ଓ କୌଶଳ ଦୀର୍ଘସ୍ଥାୟୀ ହେବା ସହ ସେ ନିଜ ରେକର୍ଡକୁ ବଜାୟ ରଖିବେ ବୋଲି ଗିନିଜ୍ ୱାର୍ଲ୍ଡ ରେକର୍ଡସ୍ ପକ୍ଷରୁ କୁହାଯାଇଛି।

## ସଂସ୍କୃତ ପାଇଁ ୬୪୦...

ଲୋକ ସଭାରେ ଏକ ଅଣତାରକା ପ୍ରଶ୍ନ (ନଂ.୧୭୧) କରାଯାଇଥିଲା। ସଂସ୍କୃତ ଏବଂ ଅନ୍ୟ ଭାରତୀୟ ଶାସ୍ତ୍ରୀୟ ଭାଷାଗୁଡ଼ିକ ପାଇଁ ଗତ ୩ ବର୍ଷ ମଧ୍ୟରେ କେତେ ଟଙ୍କା ଖର୍ଚ୍ଚ ହୋଇଛି ବୋଲି କେନ୍ଦ୍ର ସଂସ୍କୃତିମନ୍ତ୍ରୀଙ୍କୁ ପ୍ରଶ୍ନ କରାଯାଇଥିଲା। ମନ୍ତ୍ରୀଙ୍କଠାରୁ ମିଳିଥିବା ଉତ୍ତରକୁ ମୁଁ ଗୃହରେ ଶେୟାର କରିବା ପାଇଁ ଚାହୁଁଛି। କାରଣ ସଂସ୍କୃତକୁ ଅତ୍ୟଧିକ ଗୁରୁତ୍ୱ ଦିଆଯାଉଥିବାରୁ ଆମେ ବିପଦରେ ପଡ଼ିଯାଇଛୁ। ଭାରତ ସରକାର ଗତ ୩ ବର୍ଷ ମଧ୍ୟରେ ସଂସ୍କୃତ ଭାଷାକୁ ଲୋକପ୍ରିୟ କରାଇବା ପାଇଁ ୬୪୦ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। କିନ୍ତୁ ଅନ୍ୟ ଶାସ୍ତ୍ରୀୟ ଭାଷାଗୁଡ଼ିକ ଉପରେ ଖର୍ଚ୍ଚ କରାଯାଇଥିବା ଅର୍ଥ ଅତି ନଗଣ୍ୟ। କେନ୍ଦ୍ରର ଏପରି ପାତରଅନ୍ତର ନୀତିକୁ ଜୟରାମ ନିନ୍ଦା କରିଛନ୍ତି।



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ବୁଧବାର ରାଷ୍ଟ୍ରପତି ଭବନରେ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀ, ମୁଖ୍ୟ କାର୍ଯ୍ୟନିର୍ବାହୀ ଆଦ୍ୟାଶା ସତପଥୀ ଏବଂ ଆରିଲ୍ ଡେ ସତପଥୀ।

# ଶିକ୍ଷକଙ୍କ ଉପରେ ଅଙ୍କୁଶ, ଛୁଟି ନ ଦେବାକୁ ଚିଠି

**ସରକାରୀ ହାଇସ୍କୁଲ ଶିକ୍ଷକଙ୍କ ଆନ୍ଦୋଳନ ପ୍ରସଙ୍ଗ**

ଭୁବନେଶ୍ୱର,୫।୪(ବ୍ୟୁରୋ)

ରାଜ୍ୟର ସରକାରୀ ହାଇସ୍କୁଲରେ ଚୁକ୍ତିଭିତ୍ତିକ ନିଯୁକ୍ତି ପାଇଥିବା ଶିକ୍ଷୟିତ୍ରୀଶିକ୍ଷକମାନେ ଦୀର୍ଘଦିନ ଧରି ସ୍ଥାୟୀ ନିଯୁକ୍ତି ଦାବି କରିଆସୁଛନ୍ତି। ଏହି କ୍ରମରେ ଗତ ୧ ତାରିଖରେ ଓଡ଼ିଶା ସରକାରୀ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ ଓ ୩ ତାରିଖରେ ଓଡ଼ିଶା ସରକାରୀ ହାଇସ୍କୁଲ ସିବିଟି ଶିକ୍ଷକ ସଂଘ ଆନ୍ଦୋଳନକୁ ଓହ୍ଲାଇଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶନର ତଥା ସଚିବ ଅଶ୍ୱଥି ଏସ୍‌ଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ସଚିବ ଅଶ୍ୱିନୀ ମିଶ୍ର ଓଡ଼ିଶା ସରକାରୀ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘର ୬ଜଣିଆ ପ୍ରତିନିଧି ଦଳ ସହ ଆଲୋଚନା କରିଥିଲେ। ସେହିପରି ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ଓଡ଼ିଶା ସରକାରୀ ହାଇସ୍କୁଲ ସିବିଟି ଶିକ୍ଷକ ସଂଘର ୧୦ ଜଣିଆ ପ୍ରତିନିଧି ଦଳ ସହ ଆଲୋଚନା କରି ଦାବି ପୂରଣ ନେଇ ପ୍ରତିଶ୍ରୁତି ଦେଇଥିଲେ। ଦିନ ପରେ ଦିନ ଗଡ଼ି ଚାଲିଥିବାବେଳେ, ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ମିଳୁଥିଲେ ମଧ୍ୟ ସ୍ଥାୟୀ ନିଯୁକ୍ତି ପାଇଁ ବିଧିବଦ୍ଧ ଭାବେ ବିଜ୍ଞପ୍ତି ପ୍ରକାଶ ପାଉନାହିଁ। ତେବେ ବିଜ୍ଞପ୍ତି ନ ବାହାରିବା ଯାଏ ଆନ୍ଦୋଳନ ପ୍ରତ୍ୟାହାର ନ କରିବା ଜିଦରେ ଅଟଳ ଥିବା ଶିକ୍ଷକଙ୍କ ଉପରେ ବର୍ତ୍ତମାନ ଉପରସ୍ତରରୁ ଚାପ ପଡୁଥିବା ବିଶେଷ ସୂତ୍ରରୁ ଜଣାପଡିଛି। ଏପରିକି ସରକାରୀ ସ୍ତରରେ ମଧ୍ୟ ଅଙ୍କୁଶ ଲଗାଯାଇଛି। ଏନେଇ ବିଭିନ୍ନ ଜିଲା ଶିକ୍ଷାଧିକାରୀ ସଂପୃକ୍ତ ଜିଲାର ପ୍ରଧାନଶିକ୍ଷକଙ୍କୁ ଚିଠି ଲେଖିଛନ୍ତି। ବର୍ତ୍ତମାନ ଶିକ୍ଷକମାନଙ୍କୁ ଛୁଟି ପ୍ରଦାନ ନ କରିବା ପାଇଁ ଚିଠିରେ ଉଲ୍ଲେଖ କରାଯାଇଛି। ନୂତନ ଶିକ୍ଷାବର୍ଷ ଆରମ୍ଭ ହେଉଥିବାରୁ ଶିକ୍ଷକମାନେ ବିଦ୍ୟାଳୟରେ ରହିବା ଜରୁରୀ ବୋଲି ଚିଠିରେ ଦର୍ଶାଯାଇଛି। ମାତ୍ର ଏହାର ମୁଖ୍ୟ ଉଦ୍ଦେଶ୍ୟ ଶିକ୍ଷକମାନଙ୍କୁ ଆନ୍ଦୋଳନରୁ ବିରତ ରଖିବା ବୋଲି ଆନ୍ଦୋଳନକାରୀ ଶିକ୍ଷକମାନେ କହିଛନ୍ତି। ସେହିପରି ପୂର୍ବରୁ ଆନ୍ଦୋଳନରେ ଯୋଗଦେଇଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କ ନାମ ଓ ଛୁଟି ନେଇଥିବା ତାରିଖ ସମ୍ପର୍କରେ ସୂଚନା ଦେବାକୁ କୁହାଯାଇଛି। ସଂପୃକ୍ତ ଶିକ୍ଷକ ଛୁଟି ପାଇଁ ପୂର୍ବରୁ ଆବେଦନ କରିଥିଲେ କି ନାହିଁ, ଯଦି ଆବେଦନ କରିଥିଲେ ପ୍ରଧାନ ଶିକ୍ଷକ ଏ ଦିଗରେ ଅବଗତ ଥିଲେ କି ନାହିଁ ସେ ସମ୍ପର୍କରେ ସୂଚନା ଦେବାକୁ ଚିଠିରେ ନିର୍ଦ୍ଦେଶ ଦିଆଯାଇଛି। ଶିକ୍ଷକଙ୍କ ଛୁଟି ନେବା ଦିଗରେ ନାନା ପ୍ରଶ୍ନ ଉଠାଇ ସେମାନଙ୍କ ସ୍ୱର ଚାପିବାକୁ ଉଦ୍ୟମ ହେଉଥିବା କୁହାଯାଇଛି। ବଢୁଥିବା ଚାପ କାରଣରୁ ଲୋୟର ପିଏମଜିରୁ ଆନ୍ଦୋଳନରତ ଅନେକ ଶିକ୍ଷକଶିକ୍ଷୟିତ୍ରୀ ଘରକୁ ଫେରୁଛନ୍ତି। ଆନ୍ଦୋଳନକାରୀ ଧାରଣାସ୍ଥଳରୁ ବାହୁଡ଼ିଗଲେ ସରକାର ମଧ୍ୟ ନିଜ ପ୍ରତିଶ୍ରୁତିରୁ ଓହରିଯିବେ ବୋଲି ଶିକ୍ଷକମାନେ ଆଶଙ୍କା କରୁଛନ୍ତି। ବୁଧବାର ସନ୍ଧ୍ୟା ସୁଦ୍ଧା ଆନ୍ଦୋଳନ ପ୍ରତ୍ୟାହାର ହୋଇ ନ ଥିବାବେଳେ ଗୁରୁବାର ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ନେଇ ସେମାନେ ଆଶାବ୍ୟକ୍ତ କରିଛନ୍ତି।

# ବନାଗ୍ନି ସୂଚନା ଦେବ 'ମୋ ଜଙ୍ଗଲ' ଆପ୍

**କେଉଁ ଜିଲାରେ କେତେ ବନୀକରଣ କରାଯାଇଛି ତାହାର ସୂଚନା ମିଳିବ**

ଭୁବନେଶ୍ୱର,୫।୪(ବ୍ୟୁରୋ)

ଜଙ୍ଗଲରେ ନିଆଁ ଲାଗିଲେ 'ମୋ ଜଙ୍ଗଲ' ଆପ୍‌ରୁ ସୂଚନା ମିଳିପାରିବ ବୋଲି ରାଜ୍ୟ ବନ୍ୟପ୍ରାଣୀ ମୁଖ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ରାଜ୍ୟର କେଉଁ ଜଙ୍ଗଲରେ ନିଆଁ ଲାଗିଛି, କେତେ ପରିମିତ ଅଞ୍ଚଳରେ ନିଆଁ ବ୍ୟାପିଛି, ସେ ସମ୍ପର୍କିତ ତଥ୍ୟ ଏହି ଆପ୍‌ରେ ଉପଲବ୍ଧ ହେବ। ଏହାଦ୍ୱାରା ସାଧାରଣ ଲୋକେ ରାଜ୍ୟର ଜଙ୍ଗଲ ନିଆଁ ସମ୍ପର୍କରେ ଅବଗତ ହୋଇପାରିବେ। ସୂଚନା ଅନୁଯାୟୀ ପୂର୍ବରୁ 'ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ' ରାଜ୍ୟର ଜଙ୍ଗଲ ନିଆଁ ସମ୍ପର୍କରେ ସୂଚନା ଦେଇ ଆସୁଛି। ଏହି ସୂଚନାକୁ ଆଧାର କରି ପିସିସିଏଫ୍‌ଙ୍କଠାରୁ ଆରମ୍ଭ କରି ବିଟ୍‌ଗାର୍ଡ ପର୍ଯ୍ୟନ୍ତ ନିଆଁ ସମ୍ପର୍କରେ ଅବଗତ ହୋଇଥାନ୍ତି ଓ ଏହାକୁ ଲିଭାଇବା ପାଇଁ ପଦକ୍ଷେପ ନେଇଥାନ୍ତି। ତେବେ ଆଗକୁ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ବନ ବିଭାଗର କର୍ମଚାରୀମାନେ 'ମୋ ଜଙ୍ଗଲ' ଆପ୍ ଜରିଆରେ 'ଫରେଷ୍ଟ ସର୍ଭେ ଅଫ ଇଣ୍ଡିଆ' ଦ୍ୱାରା ଜଙ୍ଗଲ ନିଆଁ ସମ୍ପର୍କରେ ଜାଣିପାରିବେ। ରାଜ୍ୟରେ ଲାଗୁଥିବା ନିଆଁ ସମ୍ପର୍କରେ ଅବଗତ ହେବା ମାତ୍ରେ ବନ କର୍ମଚାରୀ ଏହାକୁ ଲିଭାଉଥିଲେ। ହେଲେ 'ଫରେଷ୍ଟ ସର୍ଭେ ଅଫ ଇଣ୍ଡିଆ' ପୋର୍ଟାଲରେ ଏହି ତଥ୍ୟ ଆସିବା ବିଳମ୍ବ ହେଉଥିବାରୁ ରାଜ୍ୟର ଜଙ୍ଗଲ ନିଆଁ ସଂଖ୍ୟାକୁ ନେଇ ଅନେକ ସମୟରେ ବିବାଦ ଦେଖାଦେଉଥିଲା। ନିଆଁ ଲିଭିବା ପରେ ମଧ୍ୟ ବନାଗ୍ନି ସଂଖ୍ୟା ପୋର୍ଟାଲରେ କମୁ ନ ଥିଲା। କିନ୍ତୁ ଏହି ଆପ୍‌ରେ ତୁରନ୍ତ ତଥା ଠିକ ତଥ୍ୟ ଉପଲବ୍ଧ ହେବ। ସେହିପରି କେଉଁ ଜିଲାରେ କେତେ ବନୀକରଣ କରାଯାଇଛି ସେ ସମ୍ପର୍କରେ ଏହି ଆପ୍ ସୂଚନା ଦେବା ସହ ସେଥିରେ ଲୋକମାନେ ଫିଡ୍‌ବ୍ୟାକ ଦେବାର ମଧ୍ୟ ବ୍ୟବସ୍ଥା କରାଯାଇଛି।

# ଚିଲିକାରେ ଫସିଲା ଯାତ୍ରୀବାହୀ ଡଙ୍ଗା



କୃଷ୍ଣପ୍ରସାଦ,୫।୪(ଡି.ଏନ୍.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ଜହ୍ନିକୁଦାରୁ ସାତପଡ଼ାକୁ ଯାଉଥିବା ଏକ ଯାତ୍ରୀବାହୀ ଡଙ୍ଗା ବୁଧବାର ଚିଲିକାରେ ଫସିଯାଇଥିଲା। ଫଳରେ ଏଥିରେ ଥିବା ଯାତ୍ରୀମାନେ ଭୟଭୀତ ହୋଇପଡ଼ିଥିଲେ। ଖବରପାଇ ଅନ୍ୟ ଦୁଇଟି ଡଙ୍ଗା ପହଞ୍ଚିବା ପରେ ଯାତ୍ରୀମାନଙ୍କୁ ଉଦ୍ଧାର କରାଯାଇଥିଲା। ସୂଚନା ମୁତାବକ, ଅପରାହ୍ନ ୪ଟା ୪୫ରେ ୬୦ଜଣ ଯାତ୍ରୀ ଏବଂ ୨୦ଟି ବାଇକ୍ ନେଇ ଏକ ଯାତ୍ରୀବାହୀ ଡଙ୍ଗା ଜହ୍ନିକୁଦାରୁ ସାତପଡ଼ା ଅଭିମୁଖେ ବାହାରିଥିଲା। କିଛି ବାଟ ଯିବା ପରେ ଚିଲିକାରେ ଥିବା ଏକ ଢିପରେ ଲାଗିଯାଇଥିଲା। ପ୍ରାୟ ୨ଘଣ୍ଟା ପରେ ଅନ୍ୟ ଦୁଇଟି ଡଙ୍ଗା ପହଞ୍ଚି ଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲା। ଏଥିସହ ଢିପରେ ଲାଗିଥିବା ଡଙ୍ଗାକୁ ଖସାଯାଇଥିଲା। ବହୁ ଦିନ ଧରି ଯାତାୟାତ କରୁଥିବା ଯାତ୍ରୀବାହୀ ଡଙ୍ଗା ଚାନେଲକୁ ଖୋଳାଯାଉ ନ ଥିବାରୁ ଏଭଳି ସ୍ଥିତି ଉପୁଜୁଛି ବୋଲି କୁହାଯାଇଛି। ଅନ୍ୟପଟେ ସାତପଡ଼ାରୁ ଜହ୍ନିକୁଦା ପର୍ଯ୍ୟନ୍ତ ଚିଲିକାରେ ଏକ ସ୍ଥାୟୀ ପୋଲ ନିର୍ମାଣ ପାଇଁ ଦାବି ହୋଇଆସୁଛି।

# ୫ରୁ ୭ବର୍ଷ ମଧ୍ୟରେ ପ୍ରଥମ ଶ୍ରେଣୀ ନାମଲେଖା

**ବୟସ ସୀମା ସ୍ପଷ୍ଟ କଲା ଗଣଶିକ୍ଷା ବିଭାଗ**

ଭୁବନେଶ୍ୱର,୫।୪(ବ୍ୟୁରୋ)

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ସମସ୍ତ ପ୍ରାଥମିକ ବିଦ୍ୟାଳୟରେ ନାମଲେଖା ବୟସକୁ ନେଇ ଦ୍ୱନ୍ଦ୍ୱ ଉପୁଜୁଥିଲା। ଏହାକୁ ନେଇ ଅଭିଭାବକ ମଧ୍ୟରେ ଅସନ୍ତୋଷ ଦେଖାଦେଖାଯିବା ପରେ ବିଭାଗ ପକ୍ଷରୁ ସମସ୍ତ ଜିଲା ଶିକ୍ଷାଧିକାରୀ ଓ ବ୍ଲକ ଶିକ୍ଷାଧିକାରୀଙ୍କୁ ଚିଠି ଲେଖି ଦ୍ୱନ୍ଦ୍ୱ ଦୂର କରାଯାଇଛି। ପ୍ରି ପ୍ରାଇମେରୀ ଶ୍ରେଣୀରେ ନାମ ଲେଖାଉଥିବା ଛାତ୍ରୀଛାତ୍ରଙ୍କ ବୟସ ସଂପୃକ୍ତ ଶିକ୍ଷାବର୍ଷର ମାର୍ଚ୍ଚ ୩୧ ସୁଦ୍ଧା ୩ରୁ ୫ ତାରିଖ ମଧ୍ୟରେ ହୋଇଥିବା ଆବଶ୍ୟକ ବୋଲି ଦର୍ଶାଯାଇଛି। ସେହିପରି ପ୍ରଥମ ଶ୍ରେଣୀରେ ନାମ ଲେଖାଇବାକୁ ଚାହୁଁଥିବା ଛାତ୍ରୀଛାତ୍ରଙ୍କ ବୟସ ୫ରୁ ୭ ବର୍ଷ ହୋଇଥିବା ଆବଶ୍ୟକ ବୋଲି ଚିଠିରେ ଉଲ୍ଲେଖ ରହିଛି। ତେବେ ବିଶେଷ ଆବଶ୍ୟକତା ଥିବା ୩ରୁ ୯ ବର୍ଷର ଶିଶୁଙ୍କ କ୍ଷେତ୍ରରେ ଏହି ନିୟମ କୋହଳ କରାଯାଇଛି। ନିକଟବର୍ତ୍ତୀ ବିଦ୍ୟାଳୟରେ ଆସନ ଉପଲବ୍ଧ ଥିଲେ ସେମାନେ ଯେକୌଣସି ଶ୍ରେଣୀରେ ନାମ ଲେଖାଇପାରିବେ। ତେବେ ଆର୍ଥିକ ଅନଗ୍ରସର ବର୍ଗ (ଇଡବ୍ଲ୍ୟୁଏସ୍)ଙ୍କ ଆୟ ପ୍ରମାଣ ପତ୍ର ପାଇଁ ବାର୍ଷିକ ଆୟ ୧ଲକ୍ଷ ୮୦ ହଜାରରୁ କମ୍ ହୋଇଥିଲେ ଉକ୍ତ ପ୍ରମାଣପତ୍ର ବୈଧ ବୋଲି ଗ୍ରହଣ କରାଯିବ ବୋଲି ଉକ୍ତ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି।

# ସରିଲା ଯୁକ୍ତ୨ ପରୀକ୍ଷା

**ଭୁବନେଶ୍ୱର,୫।୪(ବ୍ୟୁରୋ):** ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ୨ ପରୀକ୍ଷା ମଙ୍ଗଳବାର ଶେଷ ହୋଇଛି। ମାର୍ଚ୍ଚ ପହିଲାରୁ ଆରମ୍ଭ ହୋଇଥିବା ଏହି ପରୀକ୍ଷାରେ ମୋଟ୍ ୫୭୭ଜଣ କପି କରି ଧରାପଡ଼ିଛନ୍ତି। ଏମାନଙ୍କ ମଧ୍ୟରେ କଳା ବିଭାଗରେ ୨୯୫ ଜଣ, ବାଣିଜ୍ୟରେ ୧୦୪ ଜଣ ଓ ବିଜ୍ଞାନରେ ୧୭୬ଜଣ ରହିଛନ୍ତି। ସେହିପରି ଚଳିତ ବର୍ଷ ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିଲେ ମଧ୍ୟ ୫୫୯୭ଜଣ ପରୀକ୍ଷା ଦେବାକୁ ଆସି ନ ଥିଲେ। କଳା ବିଭାଗରେ ୩୪୮୯ଜଣ, ବାଣିଜ୍ୟ ବିଭାଗରେ ୯୮୩ଜଣ ଓ ବିଜ୍ଞାନ ବିଭାଗରେ ୧୧୨୫ ଜଣ ଅନୁପସ୍ଥିତ ଥିବା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି।

# ଭାଉଜଙ୍କୁ ହତ୍ୟାକଲେ ଦିଅର, ଯାଆ

**ପୂର୍ବରୁ ଥିଲା ଜମି ବିବାଦ**
- ଅଭିଯୁକ୍ତ ଦମ୍ପତି ଗିରଫ
- ପୋଲିସ ତଦନ୍ତ ଜାରି

ଚଣ୍ଡିଖୋଲ/ଛତିଆ/ବଡ଼ଚଣା,୫।୪(ଡି.ଏନ.ଏ.)

ଯାଜପୁର ଜିଲା ବୈରୀ ଥାନା ଅନ୍ତର୍ଗତ କପାଷ୍ଟିକିରି ଗ୍ରାମରେ ବୁଧବାର ସକାଳେ ଏକ ହତ୍ୟାକାଣ୍ଡ ଘଟିଛି। ଗ୍ରାମର ଗୌରାଙ୍ଗ ଚରଣ ନାୟକଙ୍କ ସ୍ତ୍ରୀ ଅନିତା ନାୟକ(୫୫)ଙ୍କୁ ଦିଅର ଜୟନ୍ତ ନାୟକ, ତାଙ୍କ ସ୍ତ୍ରୀ ଓ ପୁଅ କଟୁରି ଏବଂ ଟାଙ୍ଗିଆରେ ହାଣି ହତ୍ୟା କରିଥିବା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ନଂ.୬୧/୨୩ ରୁଜୁ କରିବା ସହ ଅଭିଯୁକ୍ତ ଦମ୍ପତିଙ୍କୁ ଗିରଫ କରିଛି ଓ ତାଙ୍କ ପୁଅଙ୍କୁ ଅଟକ ରଖିଛି।

ଅନିତାଙ୍କ ପୁଅ ଲକ୍ଷ୍ମୀଧର ନାୟକ ଥାନାରେ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି, ସକାଳ ୭ଟାରେ ମା'ଅନିତା ଦାଣ୍ଡ ପହଁରୁଥିବା ସମୟରେ ହଠାତ୍ ଦାଦା ଜୟନ୍ତ ଓ ଖୁଡ଼ୀ ମାନି ଆସି ଆକ୍ରମଣ କରିଥିଲେ। ଦାଣ୍ଡରୁ ତାଙ୍କ ଘରକୁ ଘୋଷାଡ଼ି ନେଇ ଟାଙ୍ଗିଆ, କଟୁରି ଓ ଶାବଳ ସାହାଯ୍ୟରେ ହାଣି ପକାଇଲେ। ଏହାପରେ ଘର ବାହାର ଦାଣ୍ଡରେ ଆଣି ଫିଙ୍ଗି ଦେଇଥିଲେ। ମୁଁ ଏକୁଟିଆ ଥିବାରୁ ଭୟରେ ସେଠାକୁ ଯାଇ ପାରିଲିନାହିଁ। ଜୟନ୍ତଙ୍କ ପୁଅ ସେମାନଙ୍କୁ କଟୁରି ଓ ଶାବଳ ଯୋଗାଇ ଦେଇଥିଲେ। ଏ ସମ୍ପର୍କରେ ପୋଲିସ ଜାଣିବା ପରେ ଥାନା ଅଧିକାରୀ ପ୍ରଦୀପ୍ତ କୁମାର କାନୁନଗୋ ସଦଳବଳ ପହଞ୍ଚି ତଦନ୍ତ କରିଥିଲେ। ଥାନା ଅଧିକାରୀ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ବିଭିନ୍ନ ନମୁନା ସଂଗ୍ରହ କରିବା ସହ ଶାବଳ, କଟୁରି ଓ ଟାଙ୍ଗିଆ ଜବତ କରି ଥାନାକୁ ଆଣିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଛି। ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ଉପସ୍ଥିତ ରହି ବିଭିନ୍ନ ଦିଗରୁ ସମୀକ୍ଷା କରୁଛନ୍ତି। ହତ୍ୟାକାଣ୍ଡ ଘଟାଇ ଜୟନ୍ତ ଫେରାର ହୋଇ ଯାଇଥିଲାବେଳେ ଏସ୍‌ଆଇ ଜାହେର ଆବେଦିନ, ସୁବ୍ରତ କୁମାର ସାହୁ, ଅସ୍‌ରଫ ଅଲ୍ଲୀ ଓ ପୀତାମ୍ବର ମହାନ୍ତି ପ୍ରମୁଖ କୌଣସି ସୂତ୍ରରୁ ଖବର ପାଇ ତାଙ୍କୁ ଜଗତପୁର ନିକଟରୁ କାବୁ କରିଥିବା ଜଣାପଡ଼ିଛି। ତାଙ୍କ ପୁଅ ଓ ସ୍ତ୍ରୀଙ୍କୁ ପୋଲିସ ଘରୁ ଉଠାଇ ନେଇଛି। ଅନ୍ୟପକ୍ଷରେ ଜମି ବିବାଦକୁ ନେଇ ପୂର୍ବରୁ ଦୁଇ ଭାଇଙ୍କ ମଧ୍ୟରେ ବିବାଦ ରହିଥିଲା। ସେହି ବିବାଦରୁ ଏଭଳି ହତ୍ୟାକାଣ୍ଡ ହୋଇ ଥାଇପାରେ ବୋଲି ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ତଦନ୍ତ ପରେ ସବୁ ଜଣାପଡ଼ିବ ବୋଲି ପୋଲିସ ସୂଚନା ଦେଇଛି।

# ଭାଇଙ୍କୁ ଲୁହାରେ ପିଟି ହତ୍ୟା

**ହତ୍ୟାକାରୀଙ୍କ ଥାନାରେ ଆତ୍ମସମର୍ପଣ**

ବ୍ରହ୍ମପୁର ଅଫିସ,୫।୪

ପାରିବାରିକ ବିବାଦକୁ କେନ୍ଦ୍ରକରି ବ୍ରହ୍ମପୁର ଗୋଷାଣୀନୂଆଗାଁ ଥାନା ପଛପାଖରେ ଥିବା ରାଜୀବ ଆବାସ ଯୋଜନା ଘରେ ବୁଧବାର ଏକ ହତ୍ୟାକାଣ୍ଡ ଘଟିଛି। ସାନଭାଇଙ୍କୁ ଡମ୍ବଲ୍ସ(ବାୟାମ ଲୁହା)ରେ ପିଟି ମଝିଆ ଭାଇ ହତ୍ୟା କରିବା ପରେ ଥାନାରେ ଆତ୍ମସମର୍ପଣ କରିଛନ୍ତି। ମୃତକ ହେଲେ ନେହୁରନଗର ୧୦ମ ଗଳି ରାଜୀବ ଆବାସ ଯୋଜନା ବ୍ଲକ୍ ବି'ର ୧୦୬ନଂ. ଘରେ ରହୁଥିବା ସୁରେନ୍ଦ୍ର ବେହେରା ଓରଫ୍ ବୁଢୁ (୩୧)। ସାନ ଭାଇଙ୍କୁ ହତ୍ୟା କରିବା ପରେ ମଝିଆ ଭାଇ ପୂର୍ଣ୍ଣ ବେହେରା (୩୫) ଥାନାରେ ଆତ୍ମସମର୍ପଣ କରିଛନ୍ତି। ମୃତକଙ୍କ ମା' ସୀମା ବେହେରାଙ୍କ ଅଭିଯୋଗ କ୍ରମେ ନଂ.୯୪/୨୩ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ଘଟଣା ସ୍ଥଳରୁ ରକ୍ତଭିଜା ଡମ୍ବଲ୍ସ ଜବତ କରିଛି।

ପ୍ରକାଶ ଯେ, ସୀମାଙ୍କ ସହ ତାଙ୍କର ୩ ପୁଅ ନେହରୁନଗର ସ୍ଥିତ ଘରେ ରହୁଥିଲେ। ବୁଧବାର ସକାଳୁ ମା' ସୀମା ନିଜ କାମରେ ବାହାରକୁ ଚାଲିଯାଇଥିଲେ। ବଡ଼ପୁଅ ମଧ୍ୟ ଜଣେ ଭିନ୍ନକ୍ଷମ ହୋଇଥିବା ବେଳେ ସେ ବାହାରକୁ ଯାଇଥିଲେ। ସୀମା ସକାଳ ପ୍ରାୟ ୯ଟା ବେଳେ ଘରକୁ ଫେରି ଦେଖିଲା ବେଳକୁ ପୁଅ ସୁରେନ୍ଦ୍ର ରକ୍ତ ଜୁଡୁବୁଡୁ ଅବସ୍ଥାରେ ଘର ଚଟାଣରେ ପଡ଼ିଥିଲେ। ତୁରନ୍ତ ସେ ଥାନାକୁ ଯାଇ ଖବର ଦେଇଥିଲେ। ସେତେବେଳେ ମଝିଆ ପୁଅ ପୂର୍ଣ୍ଣ ଥାନାରେ ବସିଥିବା ବେଳେ ସେ ଏକ ଡମ୍ବଲ୍ସରେ ସାନଭାଇ ସୁରେନ୍ଦ୍ରଙ୍କ ମୁଣ୍ଡକୁ ଛେଚି ହତ୍ୟା କରିବା ପରେ ଆତ୍ମସମର୍ପଣ କରିଥିବା ନେଇ ସେ ଜାଣିବାକୁ ପାଇଥିଲେ।

ସୂଚନାଯୋଗ୍ୟ, ରାଜୀବ ଆବାସ ଯୋଜନାରେ ମିଳିଥିବା ଘର ମା' ସୀମାଙ୍କ ନାମରେ ଥିବାବେଳେ ଏହାର ନୋମିନି ଭାବେ ସାନଭାଇ ସୁରେନ୍ଦ୍ରଙ୍କ ନାମ ରହିଥିଲା। ଏଥିରେ ପୂର୍ଣ୍ଣ ପ୍ରତିଶୋଧ ପରାୟଣ ହୋଇ ସୁରେନ୍ଦ୍ରଙ୍କୁ ହତ୍ୟା କରିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

# ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କୁ ୧୦ ବର୍ଷ ଜେଲ

**ଛାତ୍ରୀଙ୍କୁ ଯୌନ ନିର୍ଯାତନା ମାମଲା**

ସୁନ୍ଦରଗଡ଼,୫।୪(ଡି.ଏନ.ଏ.)

ସୁନ୍ଦରଗଡ଼ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ ପ୍ରିଜାଇଡିଂ ଅଫିସର ମହେନ୍ଦ୍ର କୁମାର ସୂତ୍ରଧର ବୁଧବାର ୧୧ଜଣ ଛାତ୍ରୀଙ୍କୁ ଅସଦାଚରଣ ମାମଲାର ଶୁଣାଣି କରିଛନ୍ତି। ଲେଫ୍ରିପଡ଼ା ରାଏଡିହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଦେବାନନ୍ଦ ପଟେଲ(୬୨)ଙ୍କୁ ୧୦ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୪୭ହଜାର ଟଙ୍କା ଜରିମାନା ଓ ଏହା ଅନାଦାୟ ଅଧିକ ୬ ମାସ ଜେଲ ଦଣ୍ଡ ଲାଗି ରାୟରେ ଆଦେଶ କରିଛନ୍ତି। ଏଥିସହିତ ପୀଡ଼ିତା ୧୧ଛାତ୍ରୀଙ୍କୁ ମୋଟ ୨୮ଲକ୍ଷ ଟଙ୍କା ଅନୁକମ୍ପା ମୂଳକ ରାଶି ପ୍ରଦାନ କରିବାକୁ ଅଦାଲତ ଜିଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ, ଲେଫ୍ରିପଡ଼ା ବ୍ଲକ ରାଏଡିହି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଥିବାବେଳେ ଦେବାନନ୍ଦ ବିଭିନ୍ନ ସମୟରେ ପଞ୍ଚମ ଶ୍ରେଣୀର ଜଣେ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେଇଆସୁଥିଲେ। ଏପରିକି ବିଭିନ୍ନ ଅନ୍ୟ ୧୧ ଛାତ୍ରୀଙ୍କୁ ମଧ୍ୟ ଅସଦାଚରଣ କରିଥିଲେ। ଏ ସମ୍ପର୍କରେ ପୀଡିତା ଛାତ୍ରୀମାନେ ବିଦ୍ୟାଳୟର ଜଣେ ଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତିଙ୍କୁ ଲିଖିତ ଭାବେ ଜଣାଇଥିଲେ। ହେଲେ ଏଥିରେ କୌଣସି ସୁଫଳ ମିଳି ନ ଥିଲା। ଫଳରେ ପୀଡିତା ଛାତ୍ରୀଙ୍କ ମଧ୍ୟରୁ ଜଣେ ପ୍ରଥମେ ନିଜ ମାଆଙ୍କୁ ଜଣାଇଥିଲେ। ଏହା ପରେ ସେହି ଛାତ୍ରୀଙ୍କ ବାପା ପ୍ରଧାନଶିକ୍ଷକଙ୍କ ଏଭଳି କାର୍ଯ୍ୟକଳାପ ବିରୋଧରେ ୨୦୧୫ ନଭେମ୍ବର ୩୦ରେ ଲେଫ୍ରିପଡ଼ା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଲେଫ୍ରିପଡ଼ା ଥାନାରେ ପୋକ୍‌ସୋ ଆଇନର ବିଭିନ୍ନ ଧାରାରେ ଅଭିଯୁକ୍ତ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଏକ ମାମଲା ରୁଜୁ କରିଥିଲା। ବିଭିନ୍ନ ସାକ୍ଷ୍ୟ ପ୍ରମାଣର ଆଧାରରେ ଅଦାଲତ ଅଭିଯୁକ୍ତଙ୍କୁ ଏହି ଦଣ୍ଡାଦେଶ ଦେଇଛନ୍ତି। ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତର ପବ୍ଲିକ ପ୍ରସିକ୍ୟୁଟର ଦେବାଶିଷ ମିଶ୍ର ଏହି ମାମଲା ପରିଚାଳନା କରୁଥିଲେ।

# ଫାଇନାନ୍ସ କମ୍ପାନୀରେ କାର୍ଯ୍ୟରତ ଯୁବତୀଙ୍କୁ ହତ୍ୟା

ଦେବଗଡ଼, ୫।୪(ଡି.ଏନ୍.ଏ.)

ଦେବଗଡ଼ ପୌରାଞ୍ଚଳର ପ୍ରଧାନପାଟ ରାସ୍ତାରେ ଥିବା ଭାରତ ଫାଇନାନ୍ସ କମ୍ପାନୀରେ କାର୍ଯ୍ୟରତ ଜଣେ ଯୁବତୀଙ୍କୁ ମଙ୍ଗଳବାର ବିଳମ୍ବିତ ରାତିରେ ଛୁରାମାଡ଼ ଓ ପଥରରେ ଛେଚି ହତ୍ୟା କରାଯାଇଛି। ମୃତା ଯୁବତୀ ହେଲେ ସମ୍ବଲପୁର ଜିଲା କୁଚିଣ୍ଡାର ରୀତା ସାହୁ। ସେ ଏହି ଫାଇନାନ୍ସ କମ୍ପାନୀ କାର୍ଯ୍ୟାଳୟରେ ଜଣେ କର୍ମଚାରୀ ଭାବେ କିଛିମାସ ପୂର୍ବେ ଯୋଗ ଦେଇଥିଲେ। ରାତି ପ୍ରାୟ ୧୧ଟାରେ ଅଫିସ କାର୍ଯ୍ୟ ସାରି ଭିତିରିଆସାହିସ୍ଥିତ ଭଡା ଘରକୁ ଯିବା ଲାଗି କାର୍ଯ୍ୟାଳୟ ଫାଟକ ସମ୍ମୁଖକୁ ଆସିଥିଲେ। ସ୍କୁଟିରେ ବସି ଷ୍ଟାର୍ଟ କରିବା ବେଳକୁ ୨ଜଣ ଦୁର୍ବୃତ୍ତ ତାଙ୍କୁ ଠେଙ୍ଗା ଓ ଛୁରିରେ ଅତର୍କିତ ଆକ୍ରମଣ କରିଥିଲେ। ଫଳରେ ସେ ସ୍କୁଟି ସହିତ ତଳେ ପଡ଼ି ଚିତ୍କାର କରିଥିଲେ। ଚିତ୍କାର ଶୁଣି ଅନ୍ୟ କର୍ମଚାରୀମାନେ କାର୍ଯ୍ୟାଳୟରୁ ବାହାରକୁ ଆସିବା ବେଳକୁ ଦୁର୍ବୃତ୍ତ ଦ୍ୱୟ ମୁଖ୍ୟ ଫାଟକକୁ ବାହାର ପଟୁ ବନ୍ଦ କରି ଦେବା ସହ ରୀତାଙ୍କ ମୁଣ୍ଡକୁ ପଥରରେ ଛେଚି ଫେରାର୍ ହୋଇଯାଇଥିଲେ। ଗଲାବେଳେ ସେମାନେ ହାତରେ ପିନ୍ଧିଥିବା ଗ୍ଲୋଭ୍ସ ଓ ହତ୍ୟାରେ ବ୍ୟବହୃତ ଛୁରିକୁ ଘଟଣାସ୍ଥଳରେ ଫିଙ୍ଗି ଦୌଡି ପଳାଇଥିଲେ। କର୍ମଚାରୀମାନେ ରୀତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେବା ସହ ଦେବଗଡ଼ ଆଦର୍ଶ ଥାନା ପୋଲିସକୁ ସୂଚନା ଦେଇଥିଲେ। ମାତ୍ର ଡାକ୍ତରଖାନାରେ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ସୂଚନାପାଇ ଦେବଗଡ଼ ଆଦର୍ଶ ଥାନା ଇନ୍ସପେକ୍ଟର ସୁରେନ୍ଦ୍ର କୁମାର ନାୟକ ଓ ସରୋଜ କୁମାର ସେଠୀ ସଦଳବଳ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ (ଏସ୍‌ପି) ପ୍ରମୋଦ କୁମାର ରଥ ବୁଧବାର ସକାଳେ ଡାକ୍ତରଖାନା ଓ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ ପ୍ରକ୍ରିୟା ତଦାରଖ କରିଥିଲେ। ଅପରାହ୍ନରେ ଅନୁଗୋଳରୁ ସାଇଣ୍ଟିଫିକ୍ ଦଳ ଘଟଣାସ୍ଥଳରେ ପହଞ୍ଚି ଏସ୍‌ଡିପିଓ ଅନିଲ କୁମାର ବେଉରିଆଙ୍କ ଉପସ୍ଥିତିରେ ତଦନ୍ତ ଚଳାଇଥିଲେ। ଘଟଣାସ୍ଥଳରୁ ମିଳିଥିବା ଛୁରି ଏବଂ ହ୍ୟାଣ୍ଡ ଗ୍ଲୋଭ୍ସରୁ ଏହା ସୁପରିକଳ୍ପିତ ଏବଂ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ଜଣାପଡୁଥିଲେ ହେଁ ଏହାର ପ୍ରକୃତ କାରଣ ବର୍ତ୍ତମାନ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ। ପାରିପାର୍ଶ୍ୱିକ ପରିସ୍ଥିତିରୁ ଏହା ଏକ ପ୍ରେମଜନିତ ହତ୍ୟାକାଣ୍ଡ ବୋଲି ପୋଲିସ ସନ୍ଦେହ କରୁଛି। ମୃତା ରୀତାଙ୍କ ମା' ଦେବଗଡ଼ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଦେବଗଡ଼ ଏସ୍‌ପି ରଥ କହିଛନ୍ତି।



ପୋଲିସ, ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ତଦନ୍ତ କରୁଛି। ଯୁବତୀଙ୍କ ଫାଇଲ ଫଟୋ(ଇନ୍‌ସେଟ୍)

# ଥାନାରେ ଯୁବକଙ୍କୁ ଛୁରା ମାଡ଼

ବୈପାରିଗୁଡ଼ା, ୫।୪(ଡି.ଏନ୍.ଏ)

କୋରାପୁଟ ଜିଲା ବୈପାରିଗୁଡ଼ା ଥାନାରେ ଖଗପତି ଗାଦବା (୪୦) ନାମକ ଜଣେ ଯୁବକଙ୍କୁ ଛୁରାମାଡ଼ ହୋଇଛି। ଖଗପତିଙ୍କ ବାମ ହାତ ଓ ପାପୁଲିରେ ଗଭୀର କ୍ଷତ ହୋଇ ଥାନା ପରିସର ରକ୍ତାକ୍ତ ହୋଇଥିଲା। ପୋଲିସ ଅଭିଯୁକ୍ତ ଗୌର ହରିଜନ (୨୫)ଙ୍କୁ କାବୁ କରିଛି। ଖଗପତିଙ୍କ ଏତଲାକୁ ଭିତ୍ତିକରି ଗୌରଙ୍କ ନାମରେ ମାମଲା ରୁଜୁ (ନଂ.୫୮/୨୩) କରାଯାଇଥିବା ଥାନାଧିକାରୀ ଅଶ୍ୱିନୀ ପଟ୍ଟନାୟକ କହିଛନ୍ତି।

ସୋମବାର ବୈପାରିଗୁଡ଼ା ଥାନା କୁନ୍ଦୁରା ବ୍ଲକ ଘୁମର ଗ୍ରାମରେ କୌଣସି ବିବାଦକୁ କେନ୍ଦ୍ରକରି ଖଗପତି ସେହି ଗ୍ରାମର ଗୌରଙ୍କ ଉପରେ ଆକ୍ରମଣ କରିଥିଲେ। ଏ ନେଇ ଗୌରଙ୍କ ଏତଲାକୁ ଆଧାର କରି ବୈପାରିଗୁଡ଼ା ପୋଲିସ୍ ଖଗପତିଙ୍କୁ ଆଣି ଥାନାରେ ଅଟକ ରଖି ପଚରାଉଚରା କରୁଥିଲା। ମଙ୍ଗଳବାର ଉଭୟ ପକ୍ଷ ମଧ୍ୟରେ ଥାନାରେ ଆଲୋଚନା ଚାଲିଥିବାବେଳେ ଗୌର ପୂର୍ବରୁ ଲୁଚାଇ ରଖିଥିବା ଏକ ଛୁରିରେ ହଠାତ୍ ଖଗପତିଙ୍କୁ ଆକ୍ରମଣ କରିଥିଲେ। ଥାନାଧିକାରୀ ପଟ୍ଟନାୟକ କହିଛନ୍ତି ଯେ, ଉଭୟଙ୍କ ମଧ୍ୟରେ ଦୀର୍ଘ ଦିନଧରି ବିବାଦ ରହିଥିଲା। ଗୌରଙ୍କ ନାମରେ ଅନେକ ଅପରାଧିକ ମାମଲା ରହିଛି। ଗୌରଙ୍କୁ କୋର୍ଟଚାଲାଣ କରାଯାଇଥିବା ସେ କହିଛନ୍ତି।



> ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି କ୍ରମରେ ମଣିଷ ଶେଷ ସୃଷ୍ଟି ନୁହେଁ। କ୍ରମବିକାଶ ଗତି କରି ଚାଲିଛି। ଏବଂ ମନୁଷ୍ୟକୁ ଅତିକ୍ରମ କରି ଏହା ଆଗକୁ ଆଗକୁ ଚାଲିବ। ବର୍ତ୍ତମାନ ପ୍ରତ୍ୟେକ ମଣିଷ ନିଜେ ସିଦ୍ଧାନ୍ତ ନେଉ ଯେ, ସେ ଏହି ନୂତନ ଜାତିର (ଅତିମାନବ) ଅଭ୍ୟୁଦୟ ପାଇଁ ଦୁଃସାହସିକ ଅଭିଯାନରେ ଭାଗ ନେବ କି ନାହିଁ। **–ଶ୍ରୀମା**

# ନୂଆ ଏସୀୟ ବ୍ୟବସ୍ଥା



ମହମ୍ମଦ ସୋଲିମାନ

ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେ ଭାରତ–ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳକୁ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଭାବେ ଗଢ଼ିତୋଳିବାରେ ବିଚାର କରିଥିଲେ। ସେ ଏକ ରଣନୀତିକ ଢାଞ୍ଚା ଗଢ଼ିଥିଲେ, ଯାହା ଭୂରାଜନୈତିକ ତଥା ଆର୍ଥିକ ଏକତାର ପୂର୍ବାଭାସ ଥିଲା ଏବଂ ଏବେ ଏସିଆ ଓ ଆଫ୍ରିକାର କେତେକ ଅଞ୍ଚଳରେ ତାହା ଦେଖିବାକୁ ମିଳୁଛି। ଦକ୍ଷିଣ ଏସିଆ ଓ ମଧ୍ୟପୂର୍ବ ଦେଶଗୁଡ଼ିକ ପଶ୍ଚିମ ଏସିଆରେ ସାମିଲ ହୋଇଥିବାରୁ, ଏକ ନୂଆ ମହାଦେଶୀୟ ବ୍ୟବସ୍ଥା ସେମାନଙ୍କ ଶକ୍ତିରେ ବୈଶ୍ୱିକ ସମନ୍ୱୟ ପୁନର୍ଗଠନ କରିପାରିଲା। ଅଗଷ୍ଟ ୨୦୦୭ରେ ତାଙ୍କ ପ୍ରଥମ ଭାରତଗସ୍ତ ସମୟରେ ଆବେ 'ଦୁଇ ସାଗରର ସଙ୍ଗମ'ଶୀର୍ଷକ ବକ୍ତବ୍ୟ ଭାରତର ପାର୍ଲାମେଣ୍ଟରେ ଉପସ୍ଥାପନ କରିଥିଲେ, ଯାହା ଥିଲା ଲାଭଦାୟକ। ବକ୍ତବ୍ୟର ଏହି ଶୀର୍ଷକ ୧୬୫୫ରେ ମୋଗଲ ରାଜକୁମାର ଦାରା ଶିକୋଙ୍କ ଲିଖିତ ପୁସ୍ତକରୁ ଆବେ ଉଦ୍ଧାର କରିଥିଲେ, ଯାହା ଇସଲାମ ଏବଂ ପଡ଼ୋଶୀ ରାଷ୍ଟ୍ରର ଧର୍ମ ଓ ସଭ୍ୟତା ନିର୍ମାତା ଭାବେ ଇସଲାମ ଓ ହିନ୍ଦୁ ଧର୍ମରେ ଥିବା ସମାନତାକୁ ଉପସ୍ଥାପନ କରିଥିଲା। ପ୍ରଶାନ୍ତ ଓ ଭାରତ ମହାସାଗର ମଧ୍ୟରେ ବି ବହୁ ସମାନତା ଅଛି ବୋଲି ଆବେ ଦର୍ଶାଇଥିଲେ। ସେ କହିଥିଲେ,ସ୍ୱାଧୀନତା ଓ ସମୃଦ୍ଧିର ଉକ୍ତ ସାଗରଗୁଡ଼ିକର ପରିବର୍ତ୍ତନ କେବଳ ଭାରତ–ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ବା ଇଣ୍ଡୋ ପାସିଫିକକୁ ବଦଳାଇବ ନାହିଁ, ବରଂ ପୂରା ଏସିଆକୁ ପରିବର୍ତ୍ତନ କରିଦେବ।

କିନ୍ତୁ ଗତବର୍ଷ ଜୁଲାଇରେ ଆବେଙ୍କୁ ହତ୍ୟା କରାଯାଇଥିଲା। ଦେଖିବାକୁ ଗଲେ ସେ ସମୁଦ୍ର ସମ୍ପର୍କିତ ବକ୍ତବ୍ୟ ଠାରୁ ଅଧିକ ଚିନ୍ତାକରିଥିଲେ। ତାଙ୍କର ବ୍ୟାପକ ଲକ୍ଷ୍ୟ ଥିଲା ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଭାରତ ଓ ଜାପାନ ମଧ୍ୟରେ ଏକ ସବୁଠୁ ପରିଣାମୀ ଦ୍ୱିପାକ୍ଷିକ ସମ୍ପର୍କ ଗଢିବା। ଚାଇନାର ଉତ୍ଥାନର ବୈଶ୍ୱିକ ଓ ଆଞ୍ଚଳିକ ପ୍ରଭାବକୁ ଚିହ୍ନଟ କରିଥିବା ଆବେ ପ୍ରଥମ ଏସୀୟ ନେତା ଭାବେ ଏକ ଗୁରୁତ୍ୱପୂର୍ଣ୍ଣ ନୂଆ ଶକ୍ତି ସମନ୍ୱୟ ସୃଷ୍ଟି କରିବାରେ ଥିଲେ ଜଣେ ଅଗ୍ରଦୂତ। ଇଣ୍ଡୋ ପାସିଫିକର ଭୂରାଜନୈତିକ ଦୃଷ୍ଟିକୋଣକୁ ସମ୍ପ୍ରସାରିତ କରିବା ସହ ତାହାକୁ ପଶ୍ଚିମାମୁଖୀ କରି ଭାରତ ମହାସାଗର ଆଡକୁ ବଢ଼ାଇଥିଲେ। ଏହା କରି ଆଞ୍ଚଳିକ ରଣନୀତିକ କାର୍ଯ୍ୟକ୍ରମରେ ପରିବର୍ତ୍ତନ ଆଣିବାରେ ସେ ସାହାଯ୍ୟ କରିଥିଲେ। ୨୦୦୭ର ଆବେଙ୍କ ବକ୍ତବ୍ୟ ସେତେବେଳେ ୱାଶିଂଟନରେ ଜ୍ଞାନାଭାବକୁ ସାମ୍ନାକୁ ଆଣିଥିଲା, କାରଣ ତାଙ୍କ ଦୃଷ୍ଟିକୋଣ ସମ୍ପର୍କରେ ଆମେରିକା ଚିନ୍ତା କରିପାରି ନ ଥିଲା। ଆମେରିକା ସେତେବେଳେ ସନ୍ତ୍ରାସବାଦ ବିରୋଧୀ ଯୁଦ୍ଧକୁ ନେଇ ଅସୁବିଧାରେ ଗତି କରୁଥିଲା। ଲମ୍ବା ସମୟ ଧରି ତାହା ବ୍ୟୟବହୁଳ ଇରାକ ଓ ଆଫଗାନିସ୍ତାନରେ ଯୁଦ୍ଧରେ ଲିପ୍ତ ଥିଲା। ତେବେ ସେ ସମୟରେ ଆବେ ଚାଇନାର ପାରସ୍ପରିକ ସହଯୋଗକୈନ୍ଦ୍ରିକ ବିଶ୍ୱ ଗଠନ ମନୋଭାବର ବିରୋଧୀ ଭାବେ ସାମ୍ନାକୁ ଆସିଥିଲେ। ଜାପାନର ଚୁକ୍ତିରେ ଇଣ୍ଡୋ ପାସିଫିକକୁ ପୁନର୍ବିଚାର କରିବାକୁ ଚାହିଁଥିଲେ। ସମଗ୍ର ୟୁରାସିଆନ୍ ଏବଂ ଆଫ୍ରିକାନ୍ ରିମ୍‌ଲାଣ୍ଡରେ ବ୍ୟାପକ ପ୍ରତିରକ୍ଷା ଓ ବାଣିଜ୍ୟିକ ଚୁକ୍ତି ମାଧ୍ୟମରେ ସହଯୋଗ ବଢାଇ ସମଗ୍ର ଏସିଆର ଦୃଷ୍ଟିକୋଣକୁ ଅନୁଭବ କରିବା ଆବେ ଓ ତାଙ୍କ ଉତ୍ତରାଧିକାରୀମାନଙ୍କର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଦୃଷ୍ଟିକୋଣର କେନ୍ଦ୍ରରେ ଭାରତ– ପ୍ରଶାନ୍ତମହାସାଗରୀୟ ଶକ୍ତିକୁ ସ୍ଥାପିତ କରି ସେମାନେ ଊନବିଂଶ ଶତାବ୍ଦୀର ଆମେରିକୀୟ ଆଡମିରାଲ ଆଲଫ୍ରେଡ୍ ମାହାନ ଏବଂ ବ୍ରିଟିଶ ଐତିହାସିକ ଜୁଲିଆନ କର୍ବେଟଙ୍କ ଅନ୍ତର୍ଦୃଷ୍ଟି ଉପରେ ଗୁରୁତ୍ୱ ଦେଇଥିଲେ। ମାହାନ ଏବଂ କର୍ବେଟ ଆଧୁନିକ ନୌରଣନୀତିର ବିଦ୍ୱାଣୀ ଥିଲେ। ଜାତୀୟ କ୍ଷେତ୍ରରେ ଅତି ଦରକାରୀ ଉତ୍ସ ଭାବେ ସେମାନେ ସାମୁଦ୍ରିକ ଶକ୍ତିକୁ ଦେଖିଥିଲେ। ସମାଦ୍ରିକ ଶକ୍ତି ସମ୍ପର୍କରେ ମାହାନ ଏବଂ କର୍ବେଟଙ୍କ ଲେଖା ସମେତ ବିଂଶ ଶତାବ୍ଦୀର ରାଜନୈତିକ ବିଶେଷଜ୍ଞ ନିକୋଲାସ ସ୍ପିକମ୍ୟାନଙ୍କ ଭୂରାଜନୈତିକ ଦୃଷ୍ଟିକୋଣ ଆବେଙ୍କ ବ୍ୟାପକ ଏସିଆ ଦୃଷ୍ଟିକୋଣ ପାଇଁ ବୌଦ୍ଧିକ ଭିତ୍ତିଭୂମି ଯୋଗାଇଦେଇଥିଲା।



ଏବେ ଆବେଙ୍କ ଇଣ୍ଡୋ–ପାସିଫିକ୍‌ର ସର୍ଜନା ଏବେ ଚତୁର୍ରାଷ୍ଟ୍ରୀୟ ସୁରକ୍ଷା ଆଲୋଚନାକୁ ବାଟ କଢ଼ାଇ ନେଇଛି। ଏହା କ୍ୱାଡ୍ ନାମରେ ଜଣାଶୁଣା। ଏହା ଏକ ମାନବୀୟ ଅଭିଯାନରୁ ସୃଷ୍ଟି ହୋଇଥିଲା। ୨୦୦୪ରେ ଇଣ୍ଡୋନେସିଆରେ ବିଧ୍ୱଂସକ ସୁନାମି ପରେ ଆମେରିକା, ଅଷ୍ଟ୍ରେଲିଆ, ଭାରତ ଓ ଜାପାନ ମିଳିତ ଭାବେ ରିଲିଫ କାର୍ଯ୍ୟ ସଞ୍ଚାଳନ କରୁଥିବା ସମୟରେ କ୍ୱାଡ ଚିନ୍ତା କରାଯାଇଥିଲା। ୨୦୧୭ରେ ଆବେ ପୁନର୍ନିର୍ବାଚିତ ହେବା ପରେ ତାଙ୍କ ଭୂରାଜନୈତିକ ଦୃଷ୍ଟିକୋଣ ପାଇଁ ଏହାକୁ ପୁନର୍ବାର ଏକ ପ୍ରେରକ ଭାବେ ପ୍ରସ୍ତାବ ବାଢ଼ିଥିଲେ। କିନ୍ତୁ କ୍ୱାଡ ଥିଲା ଆରମ୍ଭ ମାତ୍ର। ଏହା ପରେ ଅନେକ କ୍ଷେତ୍ରରେଏହାକୁ ଅନୁସରଣ କରାଯାଇଛି। ଏସବୁ ମଧ୍ୟରେ ଅଷ୍ଟ୍ରେଲିଆ, ଆମେରିକା ଓ ଇଂଲଣ୍ଡ ମଧ୍ୟରେ ଅକୁସ ପ୍ରତିରକ୍ଷା ଚୁକ୍ତି; ଆମେରିକା, ଅଷ୍ଟ୍ରେଲିଆ ଓ ଜାପାନ ମଧ୍ୟ ତ୍ରିପାକ୍ଷିକ ରଣନୀତିକ ଆଲୋଚନା; ଅଷ୍ଟ୍ରେଲିଆ, ଭାରତ ଓ ଇଣ୍ଡୋନେସିଆ ମଧ୍ୟରେ ତ୍ରିଦେଶୀୟ ସହଯୋଗ ଏବଂ ଇଟାଲୀ– ଜାପାନ– ଇଂଲଣ୍ଡ ମଧ୍ୟରେ ଫାଇଟର ଜେଟ୍ ପ୍ରୋଜେକ୍ଟ ଅନ୍ୟତମ। ଭାରତ–ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳଗୁଡ଼ିକରେ ସ୍ଥିରତା ଏବଂ ସୁରକ୍ଷା ବୃଦ୍ଧି କରିବା ପାଇଁ ଏ ସମସ୍ତ ପଦକ୍ଷେପର ଲକ୍ଷ୍ୟ ରହିଛି। ଏହି ଅଞ୍ଚଳ କିଭଳି ଏକ ରଣନୀତିକ ଭୌଗୋଳିକ କ୍ଷେତ୍ରରେ ପରିବର୍ତ୍ତନ ହେଉଛି ତାହା ବି ଦର୍ଶାଉଛି।

ଇରାକ ଯୁଦ୍ଧ ପରେ ଏବଂ ଆରବ ଦେଶଗୁଡ଼ିକରେ ସରକାରଙ୍କ ବିରୋଧରେ ଦେଖାଯାଇଥିବା ସଶସ୍ତ୍ର ବିଦ୍ରୋହ ପରେ ଆରବ ଦେଶଗୁଡ଼ିକ ସେମାନଙ୍କ ମେଣ୍ଟ ଓ ଭାଗୀଦାରିକୁ ସମ୍ପ୍ରସାରିତ କରିବା ସହ ଆମେରିକା,ଏସୀୟ ଦେଶ ଯଥା ଚାଇନା, ଜାପାନ, ଭାରତ, ଇଣ୍ଡୋନେସିଆ ଏବଂ ଦକ୍ଷିଣ କୋରିଆ ଉପରେ ନିର୍ଭରଶୀଳତା ହ୍ରାସ କରି ନିଜର ଅଭାବ ପୂରଣ କରିବା ସକାଶେ ଆଗେଇଛନ୍ତି। ଉଦାହରଣସ୍ୱରୂପ, ସଂଯୁକ୍ତ ଆରବ ସଂଘ( ୟୁଏଇ) ଓ ସାଉଦି ଆରବ ଏବେ ଭାରତର ଯଥାକ୍ରମେ ତୃତୀୟ ଓ ଚତୁର୍ଥ ବାଣିଜ୍ୟିକ ଭାଗୀଦାରି। ଜାପାନ ଟେକ୍‌ନୋଲୋଜି, ସ୍ୱଚ୍ଛ ଶକ୍ତି ଓ ମହାକାଶ ଗବେଷଣା କ୍ଷେତ୍ରରେ ଏକ ବିଶ୍ୱସ୍ତ ଆଞ୍ଚଳିକ ନେତୃତ୍ୱ ପାଳଟିଛି। ବର୍ତ୍ତମାନ ଇଜିପ୍ଟ ଓ ପ୍ରାଚ୍ୟ ଦେଶଗୁଡ଼ିକୁ ଟେକ୍‌ନୋଲୋଜି ଓ ଅସ୍ତ୍ରଶସ୍ତ୍ର ଯୋଗାଇବାରେ ଦକ୍ଷିଣ କୋରିଆ ହେଉଛି ଏକ ପ୍ରମୁଖ ଦେଶ। ପ୍ରତିରକ୍ଷା ଓ ବାଣିଜ୍ୟ ଚୁକ୍ତିକୁ ମଜଭୁତ କରିବା ସହ ଶକ୍ତି ବୃଦ୍ଧି କରି ପ୍ରାଚ୍ୟ ଦେଶଗୁଡ଼ିକ ମଧ୍ୟପ୍ରାଚ୍ୟର ଏକତା ଓ ଏସୀୟ ଆର୍ଥିକ କ୍ଷେତ୍ରକୁ ଗତିଶୀଳ କରିଛି।

ଆବେ ଚାଇନାର କ୍ଷମତା ବୃଦ୍ଧିକୁ ରୋକିବା ପାଇଁ ଏସିଆ ପ୍ରଶାନ୍ତମହାସାଗରୀୟ ଅଞ୍ଚଳ, ରଣନୀତି ଦ୍ୱାରା ପ୍ରୟାସ କରୁଥିଲା ବେଳେ ଏବଂ ଅନେକ ବିଶେଷଜ୍ଞ (ମୁଁ ମଧ୍ୟ ଏଥିରେ ସାମିଲ) ଆଞ୍ଚଳିକ ଶକ୍ତି ମଧ୍ୟରେ ସନ୍ତୁଳନ ପ୍ରତିଷ୍ଠା କରିବା ସକାଶେ ଚେଷ୍ଟା କରି ଆସୁଅଛୁ। ମଧ୍ୟପ୍ରାଚ୍ୟର ଭୂରାଜନୈତିକ କ୍ଷେତ୍ରକୁ ସମ୍ପ୍ରସାରିତ କରି ସେଥିରେ ଭାରତ ଏବଂ ଅନ୍ୟ ଦକ୍ଷିଣ ଏସୀୟ ଦେଶଗୁଡ଼ିକୁ ସାମିଲ କରି ଏହା କରିବାକୁ ପ୍ରୟାସ ଜାରି ରହିଛି। ଇସ୍ରାଏଲ, ୟୁଏଇ ଓ ବାହାରିନ ମଧ୍ୟରେ ଆବ୍ରାହମ୍ ଚୁକ୍ତି; ନେଗେଭ ଫୋରମ, ଆଇ୨ ୟୁ୨ (ଭାରତ, ଇସ୍ରାଏଲ ଏବଂ ଆମେରିକା ଓ ୟୁଏଇ) ଏବଂ ଫ୍ରାନ୍ସ, ୟୁଏଇ ଓ ଭାରତ ମଧ୍ୟରେ ତ୍ରିପାକ୍ଷିକ ଢାଞ୍ଚା ସବୁ ଭାରତ, ଇସ୍ରାଏଲ ଏବଂ ଆରବ ଦେଶଗୁଡ଼ିକ ମଧ୍ୟରେ ଏକ ଇଣ୍ଡୋ –ଆବ୍ରାହାମିକ୍ ମେଣ୍ଟର ପ୍ରତିବଦ୍ଧତାକୁ ସୂଚିତ କରେ। ମଧ୍ୟପ୍ରାଚ୍ୟର ରାଜନୈତିକ ଏବଂ ଆର୍ଥିକ କ୍ଷେତ୍ରକୁ ଭାରତ ପ୍ରବେଶ କରିଛି। 'ଦୁଇ ସାଗରର ସଙ୍ଗମ' ଅଭିଭାଷଣରେ ଆବେ ଯାହା ଉପସ୍ଥାପନ କରିଥିଲେ ଏହା ତାହାର ଏକ ଦ୍ରୁତ ଅଗ୍ରଗତିକୁ ପ୍ରତିପାଦିତ କରିଛି। ଭାରତ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ଏବଂ ପଶ୍ଚିମ ଏସିଆର ମଧ୍ୟପ୍ରାଚ୍ୟ ଓ ଆରବ ଦେଶଗୁଡ଼ିକ ମଧ୍ୟରେ ସମ୍ପର୍କରୁ ବୁଝାପଡୁଛି ଯେ, ଏକ ନୂଆ ମହାଦେଶୀୟ ଏସୀୟ ବ୍ୟବସ୍ଥା ଗଢ଼ିଉଠିବା ଆରମ୍ଭ ହୋଇଛି।

**ବୈଶ୍ୱିକ ରଣନୀତି ପରାମର୍ଶଦାତା,**
**ମ୍ୟାକ୍– ଲାର୍ଟି ଆସୋସିଏଟସ୍**

## ଏଇ ଭାରତରେ

ବିଶ୍ୱରେ ସବୁଠୁ ଜନବହୁଳ ଦେଶ ହେବାକୁ ଯାଉଥିବା ଭାରତରେ ପ୍ରତିବର୍ଷ ୧୪ ବିଲିୟନ ଆମେରିକୀୟ ଡଲାର ମୂଲ୍ୟର ଖାଦ୍ୟଶସ୍ୟ ନଷ୍ଟ ହେଉଛି ବୋଲି ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ ପ୍ରକାଶ କରିଛି। କୃଷି ଉତ୍ପାଦ ୨୭୦ ମିଲିୟନ ଥିବା ବେଳେ ବୈଶ୍ୱିକ କ୍ଷୁଧା ସୂଚକାଙ୍କରେ ୧୧୯ ତମ ସ୍ଥାନରେ ରହିଛି ଭାରତ। ଏହାର ବଡ଼ କାରଣ ହେଉଛି ଶୀତଳ ଭଣ୍ଡାର ଅଭାବ। ତେବେ ଖାଦ୍ୟଶସ୍ୟ ନଷ୍ଟକୁ ରୋକିବା ପାଇଁ ଏକ ଛୋଟ ପ୍ରୟାସ କରିଛନ୍ତି ଚେନ୍ନାଇର ଛାତ୍ରୀ ମହେକ ପରଭେଜ। କୃଷକମାନଙ୍କ ଉତ୍ପାଦିତ ଖାଦ୍ୟ ଶସ୍ୟକୁ ସୁରକ୍ଷିତ କରି ରଖିବା ଲାଗି ସେ ସୌର ଶକ୍ତି ଚାଳିତ ଏକ କୁଲ୍‌ରୁମ୍ ନିର୍ମାଣ କରିଛନ୍ତି। ଏଥିରେ ଉତ୍ପାଦିତ ଖାଦ୍ୟକୁ ପାରମ୍ପରିକ ଷ୍ଟୋରେଜଠାରୁ ୩ଗୁଣ ଅଧିକ ସମୟ ଫ୍ରେଶ୍ ରଖାଯାଇପାରୁଛି। ଆଶ୍ଚର୍ଯ୍ୟର କଥା ମହେକ ତାଙ୍କ ଫାର୍ମରେ ଖାଦ୍ୟଶସ୍ୟ ନଷ୍ଟ ହେଉଥିବା ଦେଖି ୬ଷ୍ଠ ଶ୍ରେଣୀରୁ ଏଭଳି ଏକ କୁଲ୍‌ରୁମ୍ ବା ରେଫ୍ରିଜରେଟର ନିର୍ମାଣ ଆରମ୍ଭ କରିଥିଲେ। ୬ ବର୍ଷ ପରେ ସେ ଟେକ୍ନୋଲୋଜିରେ ସଫଳ ହୋଇପାରିଛନ୍ତି। ଏହି କୁଲ୍‌ରୁମ୍‌ରେ ବାଷ୍ପୀକରଣ, ଶୀତଳୀକରଣ ଓ ଜଳୀୟବାଷ୍ପ ଧାରଣ କରିବା ଭଳି ଟେକ୍‌ନିକ୍ ପ୍ରୟୋଗ ହୋଇଛି। ଏହା ସବୁଜଗୃହ ବାଷ୍ପ ନିର୍ଗମନ ହ୍ରାସ କରୁଛି। ଏଥିପାଇଁ ମହେକଙ୍କୁ ଲେକ୍ସୁସ ଡିଜାଇନ ଆୱାର୍ଡ, ଭାରତ–୨୦୨୩ ପ୍ରଦାନ କରାଯାଇଛି। ଏହି ପରିବେଶ ଉପଯୋଗୀ କୁଲ୍‌ରୁମ୍ ଆଗାମୀ ଦିନରେ କୃଷକମାନଙ୍କୁ ଲାଭ ଦେବ ବୋଲି କହନ୍ତି ୧୯ ବର୍ଷୀୟା ମହେକ।

## ୨୫ ବର୍ଷ ତଳର ଧରିତ୍ରୀ

୬ ଏପ୍ରିଲ ୧୯୯୮

- ଦକ୍ଷିଣ–ପଶ୍ଚିମ ଇରାନର ଡାହାରମହଲ–ଭା–ବଖତିଆରା ଗ୍ରାମରେ ଆକସ୍ମିକ ବନ୍ୟାଜଳ ମାଡ଼ିଆସିବାରୁ ମାଟି ଅତଡ଼ା ଖସି ୫୦ ମୃତ।
- ପାକିସ୍ତାନରେ ଘୋର ଆର୍ଥିକ ସଙ୍କଟ ଦେଖାଦେଇଥିବାରୁ ସରକାରୀ ସ୍ତରରେ ବ୍ୟାପକ ଖର୍ଚ୍ଚ କାଟଛାଣ୍ଟ କରିବା ପାଇଁ ପ୍ରଧାନମନ୍ତ୍ରୀ ନୱାଜ ସରିଫ ନିଷ୍ପତ୍ତି ନେଇଛନ୍ତି।
- ବୃତ୍ତି ଋଣ (ଲୋନ–ଷ୍ଟାଇପେଣ୍ଡ) ପରିଶୋଧରେ ଖିଲାପ ପାଇଁ ରାଜ୍ୟର ପ୍ରାୟ ୪୫୦୦ ମେଧାବୀ ଛାତ୍ରୀଛାତ୍ରଙ୍କ ବିରୁଦ୍ଧରେ ସାର୍ଟିଫିକେଟ କେସ ରୁଜୁ।

## su | do | ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 6 | | 7 | | 3 | 5 | 8 |
| 7 | 9 | | | | | | | |
| 8 | | | | 1 | 5 | | | |
| | 6 | | | | | 7 | | |
| 1 | | 3 | | | 6 | 5 | | 4 |
| | | | | 3 | | | | |
| | | 7 | 5 | | | | 8 | |
| | | | | | | | 2 | |
| | | | | 2 | | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 9 | 4 | 1 | 5 | 7 | 3 | 2 | 6 |
| 2 | 5 | 3 | 9 | 6 | 8 | 7 | 1 | 4 |
| 7 | 6 | 1 | 3 | 4 | 2 | 5 | 9 | 8 |
| 3 | 1 | 6 | 4 | 9 | 5 | 2 | 8 | 7 |
| 9 | 8 | 7 | 6 | 2 | 3 | 4 | 5 | 1 |
| 5 | 4 | 2 | 8 | 7 | 1 | 9 | 6 | 3 |
| 6 | 2 | 8 | 7 | 3 | 9 | 1 | 4 | 5 |
| 4 | 7 | 5 | 2 | 1 | 6 | 8 | 3 | 9 |
| 1 | 3 | 9 | 5 | 8 | 4 | 6 | 7 | 2 |

ଗତକାଲିର ଉତ୍ତର

# ଦୁଃଖକୁ ସୁଖ ପ୍ରାୟ ମଣି



ଡ. ପବିତ୍ର ସୁବୁଦ୍ଧି

ବିଭୀଷିକାମୟ ମହାଭାରତ ଯୁଦ୍ଧର ଯବନିକା ପଡ଼ିଛି। ଧର୍ମରାଜ ଯୁଧିଷ୍ଠିର ହସ୍ତିନାପୁର ସିଂହାସନରେ ଅଭିଷିକ୍ତ ହୋଇଛନ୍ତି। ଏଥର ମହାଭାରତର ମହାନାୟକ ଶ୍ରୀକୃଷ୍ଣଙ୍କର ଦ୍ୱାରକା ପ୍ରତ୍ୟାବର୍ତ୍ତନର ବେଳ। ରଥ ପ୍ରସ୍ତୁତ। ପ୍ରଭୁ ଶ୍ରୀକୃଷ୍ଣ ପ୍ରିୟ ସଖା ପଞ୍ଚପାଣ୍ଡବ ଓ ପ୍ରିୟ ସଖୀ ଦ୍ରୌପଦୀଙ୍କଠାରୁ ବିଦାୟନେଇ ମହାରାଣୀ କୁନ୍ତୀଙ୍କ ନିକଟରେ ପହଞ୍ଚିଛନ୍ତି ମେଲାଣି ପାଇଁ। କିନ୍ତୁ ଏ କି ଦୃଶ୍ୟ ଦେଖୁଛନ୍ତି ଲୀଳାମୟ ଶ୍ରୀକୃଷ୍ଣ। ମହାରାଣୀ କୁନ୍ତୀ ଯେ କଇଁ କଇଁ ହୋଇ କାନ୍ଦୁଛନ୍ତି। ଶ୍ରୀକୃଷ୍ଣ ପଚାରିଲେ – ''ପିଉସୀ ମା'! ଏଭଳି ଏକ ଅତୀବ ଆନନ୍ଦ ମୁହୂର୍ତ୍ତରେ ଆପଣ କାନ୍ଦୁଛନ୍ତି କାହିଁକି? ଏବେ ତ କୁରୁବଂଶ ଧ୍ୱଂସ ହୋଇଛି। ଆପଣଙ୍କ ପୁତ୍ରମାନେ ନିଷ୍କଣ୍ଟକ ରାଜ୍ୟ ଭୋଗ କରୁଛନ୍ତି।'' ଉତ୍ତରରେ କୁନ୍ତୀ ଅତ୍ୟନ୍ତ ଦୁଃଖାଭିଭୂତ ହୋଇ କହିଲେ, ''ହେ ପ୍ରିୟ କୃଷ୍ଣ! ଆପଣ ଆମ୍ଭମାନଙ୍କୁ ଅନେକ ବିପତ୍ତିରୁ ରକ୍ଷା କରିଛନ୍ତି। ମୋ ପୁତ୍ରମାନଙ୍କୁ ବିଷାକ୍ତ ପିଷ୍ଟକରୁ, ଭୟଙ୍କର ଅଗ୍ନିରୁ, ମାନବ ଭକ୍ଷମାନଙ୍କ କବଳରୁ, ଅଜ୍ଞାତ ବନବାସ ସମୟରେ ବହୁ ବିପଦରୁ ଏବଂ କୁରୁକ୍ଷେତ୍ର ଯୁଦ୍ଧସ୍ଥଳରେ ଅନେକ ରଥୀ ମହାରଥୀଙ୍କର ଅବ୍ୟର୍ଥ ଅସ୍ତ୍ରଶସ୍ତ୍ରରୁ ବଞ୍ଚାଇଛନ୍ତି। ଏବେ ଏବେ ମଧ୍ୟ ଆପଣ ଆମ୍ଭମାନଙ୍କୁ ଅଶ୍ୱତ୍ଥାମାଙ୍କର ବ୍ରହ୍ମାସ୍ତ୍ର କବଳରୁ ମୁକ୍ତି ଦେଇଛନ୍ତି। ଏସବୁ ସତ୍ତ୍ୱେ ହେ ଜଗଦ୍‌ଗୁରୁ! ବିଦାୟ ବେଳାରେ ମୁଁ ଆପଣଙ୍କୁ ଏତିକି ପ୍ରାର୍ଥନା କରୁଛି ଯେ, ସେ ସମସ୍ତ ବିପଦ ଆମ୍ଭମାନଙ୍କ ପାଖକୁ ବାରମ୍ବାର ଆସୁ। ଚକିତ କୃଷ୍ଣ ପଚାରିଲେ, ''କାହିଁକି ପିଉସୀ ମା'?'' ଉତ୍ତରରେ କୁନ୍ତୀ ଯାହା କହିଲେ, ତାହା ସମସ୍ତଙ୍କ ଭିତରେ ଏକ ଦିବ୍ୟ ଗଭୀର ଭକ୍ତିଭାବ ଓ ସୂକ୍ଷ୍ମ ପରାମାର୍ଥିକ ଚେତନା ପ୍ରକାଶ କରିବା ପାଇଁ ଯଥେଷ୍ଟ। କୁନ୍ତୀ କହିଲେ, ''ଏ ବିପଦ ସବୁ ବାରମ୍ବାର ଆମ ନିକଟକୁ ଆସିଲେ, ଆମେ ଆପଣଙ୍କୁ ବାରମ୍ବାର ସ୍ମରଣ କରିବୁ। ଆପଣଙ୍କୁ ବାରମ୍ବାର ସ୍ମରଣକଲେ ଆପଣ ଆମକୁ ବାରମ୍ବାର ଦର୍ଶନ ଦେବେ। ହେ ଯୋଗେଶ୍ୱର ! ଆପଣଙ୍କୁ ପୁନଃ ପୁନଃ ଦର୍ଶନ କରିବାର ଅର୍ଥ ଆମ୍ଭେମାନେ ଆଉ ଜନ୍ମ ମୃତ୍ୟୁ ଚକ୍ରରେ ଘୁରିବୁଲିବୁ ନାହିଁ, ମୁକ୍ତି ପାଇଯିବୁ।''

ମହାରାଣୀ କୁନ୍ତୀଙ୍କର ଏ ମହାନ୍ ପ୍ରାର୍ଥନା ଦୁଃଖ ଓ ନୈରାଶ୍ୟରେ ଗତି କରୁଥିବା ଆଧୁନିକ ମଣିଷମାନଙ୍କ ମଧ୍ୟରେ ମଧ୍ୟ ଅନ୍ତଜ୍ଞାନ ସୃଷ୍ଟିକରେ। ଆପଣମାନେ ପ୍ରଖ୍ୟାତ ୱିମ୍ବେଲଡନ୍ ଟେନିସ ଖେଳାଳି ଆର୍ଥର ଆସେଙ୍କ ନାଁ ଶୁଣିଥିବେ। ଜଣେ ବିଶ୍ୱବିଜୟୀ ଟେନିସ୍ ଖେଳାଳି ଭାବେ ସେ ଥିଲେ ବେଶ୍ ପ୍ରସିଦ୍ଧ। ମାତ୍ର ହଠାତ୍ ସେ ଏକ ମରଣାନ୍ତକ ରୋଗରେ ପୀଡ଼ିତ ହୋଇ ପଡ଼ିଲେ। ବଞ୍ଚିବାର ଆଶା ବହୁତ କ୍ଷୀଣ ଥିଲା। ଏ ଖବରରେ ସମଗ୍ର ଟେନିସ୍ ଜଗତ ସ୍ତବ୍ଧ ହୋଇଗଲା। ସାରା ପୃଥିବୀର କୋଣ ଅନୁକୋଣରୁ ତାଙ୍କର ବନ୍ଧୁ ଓ ପ୍ରଶଂସକମାନେ ତାଙ୍କ ଆରୋଗ୍ୟ କାମନାକରି ଅସଂଖ୍ୟ ସମବେଦନାମୂଳକ ପତ୍ର ପଠାଇବାକୁ ଲାଗିଲେ। ଜଣେ ପ୍ରଶଂସକ ତାଙ୍କର ଏ ଦୁଃଖରେ ଅତ୍ୟନ୍ତ ମ୍ରିୟମାଣ ହୋଇ ଚିଠିଟିଏ ଲେଖିଥିଲେ। ସେ ଏ ଚିଠିରେ ସମସ୍ତଙ୍କଠାରୁ ପାଦେ ଆଗେଇଯାଇ ଲେଖିଥିଲେ – ''ହେ ମୋର ଅତି ପ୍ରିୟ ଟେନିସ୍ ତାରକା! ପୃଥିବୀରେ ଏତେ ଲୋକ ଥାଉଁ ଥାଉଁ ଈଶ୍ୱର ଏ ଭୟଙ୍କର ବ୍ୟାଧି ଦେବାକୁ ଆପଣଙ୍କ ଭଳି ଜଣେ ମହାନ୍ ମଣିଷକୁ କାହିଁକି ଚୟନ କଲେ?'' ଏ ଚିଠିର ଉତ୍ତରରେ



ଆର୍ଥର ଯାହା ଲେଖିଥିଲେ ତାହା କୋଟି କୋଟି ମଣିଷଙ୍କ ପାଇଁ ଆଜି ବି ପ୍ରଣିଧାନଯୋଗ୍ୟ। ରୋଗ ଶଯ୍ୟାରେ ଶୋଇ ଆର୍ଥର ଲେଖିଥିଲେ– ''ହେ ମୋର ପ୍ରିୟ ବନ୍ଧୁ, ଆପଣଙ୍କ ସମବେଦନା ପାଇଁ ଶତ ଧନ୍ୟବାଦ। ଆପଣ ଜାଣନ୍ତି ସମଗ୍ର ପୃଥିବୀରେ ପ୍ରାୟ ୫ କୋଟି ପିଲା ଟେନିସ୍ ଖେଳିବାକୁ ଆରମ୍ଭ କରିଥାନ୍ତି। ସେମାନଙ୍କ ମଧ୍ୟରୁ ମାତ୍ର ୫୦ଲକ୍ଷ ପିଲା ଟେନିସ୍ ଖେଳିବାକୁ ପଢ଼ିଆରେ ପହଞ୍ଚନ୍ତି। ବଡ଼ ହେବା ପରେ ସେମାନଙ୍କ ମଧ୍ୟରୁ ମାତ୍ର ୫ ଲକ୍ଷ ପିଲା ବୃତ୍ତିଗତ ଭାବେ ଏହି ଖେଳ ଖେଳିଥାନ୍ତି। ଆଉ ସେମାନଙ୍କ ମଧ୍ୟରୁ ପ୍ରତିଯୋଗିତା ପାଇଁ ମାତ୍ର ୫୦ହଜାର ମଇଦାନକୁ ଓହ୍ଲେଇଥାନ୍ତି। ତନ୍ମଧ୍ୟରୁ ମାତ୍ର ୫ ହଜାର ଗ୍ରାଣ୍ଡ ସ୍ଲାମ୍ (ପ୍ରତିଯୋଗିତାର ଶେଷ ପର୍ଯ୍ୟାୟ)ରେ ପହଞ୍ଚନ୍ତି। ପୁଣି ବଛାବଛି ପରେ ସେମାନଙ୍କ ମଧ୍ୟରୁ ମାତ୍ର ୫୦ଜଣ ବିଶ୍ୱ ବିଖ୍ୟାତ ୱିମ୍ବେଲଡନ କପ୍ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୁଅନ୍ତି। ସେମାନଙ୍କ ମଧ୍ୟରୁ ମାତ୍ର ୪ଜଣ ସେମିଫାଇନାଲରେ ପ୍ରବେଶ କରନ୍ତି। ଶେଷରେ ମାତ୍ର ୨ଜଣ ଫାଇନାଲ ଖେଳିବା ପାଇଁ ଯୋଗ୍ୟ ବିବେଚିତ ହୁଅନ୍ତି। ସବାଶେଷରେ ସେ ୨ଜଣଙ୍କ ମଧ୍ୟରୁ କେବଳ ଜଣେ ବିଜୟୀ ହୋଇ ୱିମ୍ବେଲଡନ୍ କପ୍ ହାସଲ କରିଥାଏ। ହେ ମୋର ପ୍ରିୟ ବନ୍ଧୁ! କୋଟି କୋଟି ଟେନିସ୍ ଖେଳାଳିଙ୍କୁ ପଛରେ ପକାଇ ଦୟାମୟ ଈଶ୍ୱର ଯେତେବେଳେ ବିଜେତା ହିସାବରେ 'ୱିମ୍ବେଲଡନ୍ କପ୍'ଟି ମୋ ହାତରେ ଧରାଇ ଦେଇଥିଲେ, ସେହି ସୁଖଦ ମୁହୂର୍ତ୍ତରେ ମୁଁ ତ ଈଶ୍ୱରଙ୍କୁ ପଚାରି ନ ଥିଲି, ସଂସାରରେ ଏତେ ଲୋକ ଥାଉ ଥାଉ ମୋତେ କାହିଁକି ଆପଣ ବିଜେତା ଭାବେ ଚୟନ କଲେ? ଆଉ ଆଜି ଯେତେବେଳେ ଏ ଦୁଃଖ ଯନ୍ତ୍ରଣା ଭୋଗୁଛି, ସେତେବେଳେ ତାଙ୍କୁ କାହିଁକି ପଚାରିବି – ଆପଣ କାହିଁକି ମୋତେ ଏ ରୋଗ ଦେବାକୁ ଚୟନ କଲେ?

ଆର୍ଥରଙ୍କ ଏହି ମର୍ମସ୍ପର୍ଶୀ ଚିଠିଟି ବାସ୍ତବରେ ଆଖିରେ ଆଖିଏ ଲୁହ ଆଣିଦିଏ। ଅନ୍ୟପକ୍ଷରେ ରୋଗ ଓ ଶୋକରେ ଶଢୁଥିବା କୋଟି କୋଟି ଅସହାୟ ମଣିଷଙ୍କୁ ଏହା ଏକ ଅବିଶ୍ୱସନୀୟ ଆଶ୍ୱାସନା ଦିଏ। ଜୀବନର ସମସ୍ତ ନିରୁତା ଯନ୍ତ୍ରଣାକୁ ଗଭୀର ଭାବେ ଅନୁଭବ କରି ତା'ରି ଭିତରେ ଜୀବନର ଜୟଗୀତି ଗାଇବା ସତରେ କେତେ ମଣିଷଙ୍କ ପକ୍ଷରେ ସମ୍ଭବ? ସୁଖ ଆମ୍ଭମାନଙ୍କୁ ଆନନ୍ଦ ଦିଏ, ମାତ୍ର ଦୁଃଖ ଆମକୁ ପରୀକ୍ଷା କରେ, ବଳଶାଳୀ କରେ। ସଫଳତା ଆମ ମନରେ ଉତ୍ସାହ ଓ ଉଦ୍ଦୀପନା ଭରିଦିଏ, ମାତ୍ର ବିଫଳତା ଆମକୁ ବିନମ୍ର କରିଦିଏ। ସମ୍ପଦ ଆମକୁ ସୁଖ ଦିଏ, ମାତ୍ର ବିପଦ ଆମକୁ ଶିକ୍ଷା ଦିଏ। ସୁଖ ଓ ଦୁଃଖ, ସଫଳତା ଓ ବିଫଳତା, ସମ୍ପଦ ଓ ବିପଦକୁ ସମାନ ଭାବରେ ଗ୍ରହଣ କରିନେବା ମଣିଷର କର୍ତ୍ତବ୍ୟ। କାରଣ ଏସବୁ ଈଶ୍ୱରଙ୍କର ଲୀଳା। ଆମ ମାପକାଠିରେ ନା ତାଙ୍କୁ ମାପିହେବ, ନା ପ୍ରଶ୍ନ କରିହେବ କୌଣସି ଲୀଳାର କାରଣ ଜାଣିବା ପାଇଁ? ଏହାଛଡ଼ା ନିରାଶାରେ ଭାଙ୍ଗିପଡ଼ିଲେ ବଞ୍ଚିବାର ଶେଷ ଆଶା ଟିକକ ମଉଳିଯିବ। ବିପଦ ଭିତରେ ସମ୍ପଦ ଲୁଚି ରହିଥାଏ ବୋଲି ଜ୍ଞାନୀଜନମାନେ ମତବ୍ୟକ୍ତ କରିଥାନ୍ତି। ବାଦଲ ଫାଟିଲେ ବର୍ଷା ହୁଏ। ମାଟି ଗୁଣ୍ଡ ହେଲେ କ୍ଷେତ ହସିଉଠେ। ମଞ୍ଜି ଫାଟିଲେ ଗଜା ହୁଏ। ଗଜା ଫାଟିଲେ ଚାରା କଅଁଳେ। ଶାମୁକା ଦି'ଫାଳ ହେଲେ ମୁକ୍ତା ବାହାରେ। ବିପଦର ଜଣେ ମାତ୍ର ବନ୍ଧୁ ଅନ୍ତର୍ଯ୍ୟାମୀ ପରମେଶ୍ୱର। ସେହି ବନ୍ଧୁ ହିଁ ସମ୍ପଦ, ବିପଦ ସର୍ବ କ୍ଷଣର ବନ୍ଧୁ। ବିପଦ ବ୍ୟକ୍ତିକୁ ଏହି ଅମୃତ ଉପଲବ୍ଧି ଆଣି ଦେଇଥାଏ ଯେ, ଭାଙ୍ଗିବା ଗଢ଼ିବା ସବୁ ତାଙ୍କରି ଲୀଳା।

**–ପ୍ରାଧ୍ୟାପକ, ନୀଳମାଧବ କଲେଜ, କଣ୍ଟିଲୋ**
**ମୋ: ୬୩୭୦୬୪୫୭୮୯**

## ପାଠକ ଶ୍ରେଷ୍ଠ ବିଚାରକ

### ଗଣତନ୍ତ୍ରର ହତ୍ୟା

ମହାଶୟ,

ଗଣତନ୍ତ୍ରର ଉଦ୍ଭବ ଗଣରୁ। ଗଣ ସ୍ୱେଚ୍ଛାଚାରୀ ହେଲେ, ଅନ୍ୟାୟକୁ ଆଶ୍ରୟ ଦେଲେ, ସତ୍ୟ, ଧର୍ମକୁ ଛାଡ଼ି ଅସତ୍ୟ ଅଧର୍ମକୁ ଆବୋରିଲେ, ଗଣର ଉତ୍ଥାନରେ ଈର୍ଷାନ୍ୱିତ ହୋଇ ମତ ରଖିଲେ, ନୋଟ ନେଇ ଭୋଟ ଦେଲେ, ବିରୋଧୀରେ ଅଛୁ ବୋଲି ଭଲ କାମ ଓ ବ୍ୟବସ୍ଥାକୁ ବିରୋଧ କଲେ ଗଣତନ୍ତ୍ର ଦୁର୍ବଳ ହେବ। ଆସନ୍ତୁ ଗଣତନ୍ତ୍ରର ଦୃଢ଼ତା ପାଇଁ ଅନ୍ୟାୟ, ଅସତ୍ୟ ବିରୋଧରେ ଲଢ଼ିବା। ସମାଜରେ ସମାନ ଅଧିକାର, ସମାନ ଆଇନ, ସମାନ କାମକୁ ସମାନ ମଜୁରି ଓ ସମାନ ଦ୍ରବ୍ୟକୁ ସମାନ ମୂଲ୍ୟ ପାଇଁ ଲଢ଼େଇ କରିବା ଦରକାର। ଅସ୍ପୃଶ୍ୟତା ଓ ଜାତିପ୍ରଥା ନିବାରଣ, ସକଳ ପ୍ରକାର ନିଶା ନିବାରଣ କ୍ଷେତ୍ରରେ ସଂଗ୍ରାମ କରି ବିଶେଷକରି 'ରିଜର୍ଭେଶନ' ଆକ୍ଟ ବିଲୋପ ପାଇଁ ପଦକ୍ଷେପ ନେଇ ଗଣତନ୍ତ୍ରକୁ ସୁଦୃଢ଼ କରିବା ଦରକାର।

**–ପ୍ରହ୍ଲାଦ ସାହୁ, ବଡ଼ଇଚ୍ଛାପୁର, ଜଟଣୀ, ଖୋର୍ଦ୍ଧା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସୁଧାର ଆବଶ୍ୟକ



ଇବ୍ରାର ଖାଁ

ସୁସ୍ଥ ନିରାମୟ ଜୀବନଯାପନ ପାଇଁ ସ୍ୱଚ୍ଛ, ସମୃଦ୍ଧ ସମାଜର ଆବଶ୍ୟକତା ରହିଛି। ସମାଜରେ ନୀତି, ନୈତିକତାର ବିଘଟନ ଘଟିଲେ ସାମାଜିକ ଜୀବନ ବିଶୃଙ୍ଖଳିତ ହୋଇ ଯେଉଁ ଅସ୍ଥିରତା ସୃଷ୍ଟି ହୁଏ, ସେଥିରେ ମଣିଷ ପତନ ଆଡ଼କୁ ଟାଣି ହୋଇଯାଏ। ସ୍ୱାର୍ଥକୈନ୍ଦ୍ରିକ ମାନସିକତାରେ ଆକ୍ରାନ୍ତ ମଣିଷ ହୀନମନ୍ୟତାର ଶିକାର ହୋଇ ସମସ୍ତ ମାନବୀୟ ଗୁଣକୁ ପରିହାର କରି ଯେଉଁ କାର୍ଯ୍ୟମାନ ସମ୍ପାଦନ କରେ, ତାହା ସମାଜର ସର୍ବାଙ୍ଗୀନ ବିକାଶରେ ବାଧକ ସାଜିଥାଏ। ଭୌତିକ ସୁଖ ପ୍ରତି ପ୍ରଲୁବ୍ଧ ମଣିଷ ଭୋଗ ବିଳାସକୁ ଜୀବନର ଉପଜୀବ୍ୟ ରୂପେ ଗ୍ରହଣ କରିନେଉଥିବାରୁ ପାପ ପୁଣ୍ୟର ବିଚାର ନ କରି ଯେପରି ଛଳନାତ୍ମକ ଚରିତ୍ରର ଆବରଣ ତଳେ ରହି ସମାଜରେ ନିଜକୁ ଉପସ୍ଥାପିତ କରୁଛି, ତାହା ସବୁ ଅନର୍ଥର ମୂଳ କାରଣ କହିଲେ ଅତ୍ୟୁକ୍ତି ହେବନାହିଁ। ଏହି ଦୃଷ୍ଟିରୁ ସାମାଜିକ ନ୍ୟାୟ ସାଙ୍ଗକୁ ଆଦର୍ଶ ମୂଲ୍ୟବୋଧ ପରାହତ ହୋଇ ସାମାଜିକ ଜୀବନରେ ଯେଉଁ ଘୃଣା, ଦ୍ୱେଷ, ସନ୍ଦେହ, ସଂଶୟ ଓ ଅବିଶ୍ୱାସର ବାତାବରଣ ସୃଷ୍ଟି ହେଉଛି; ସେଥିରେ ଶାନ୍ତି ସହାବସ୍ଥାନ ବ୍ୟାହତ ହେବା ସହ ପରସ୍ପର ପ୍ରତି ଥିବା ସ୍ନେହ, ଶ୍ରଦ୍ଧା, ସଦ୍ଭାବ, ବନ୍ଧୁତା ଆଉ ଭାଇଚାରା ଏବଂ ସମ୍ପର୍କର ନିବିଡ଼ତାରେ ସଙ୍କଟମୟ ସ୍ଥିତି ଉତ୍ପନ୍ନ ହେବାରେ ଲାଗିଛି।

ସମାଜର ଉନ୍ନତିରେ ଦେଶ ଓ ଜାତିର ବିକାଶ ସମ୍ଭବ ହୋଇଥାଏ। ସଂସ୍କୃତି ସମ୍ପନ୍ନ ସମାଜରେ ମହାନ୍ ପରମ୍ପରା ଏବଂ ଆଦର୍ଶ ମୂଲ୍ୟବୋଧର ଅପୂର୍ବ ସମନ୍ୱୟ ସଂଘଟିତ ହୋଇ ଜନମାନସରେ ମାନବବୋଧର ଯେଉଁ ଉଦ୍‌ବେଳନ ସୃଷ୍ଟି ହୁଏ, ସେଥିରେ ଜନଗଣଙ୍କ ହୃଦୟରେ ସ୍ନେହ, ପ୍ରେମ, ଶ୍ରଦ୍ଧା, ସହନଶୀଳତା, ଶିଷ୍ଟାଚାର, ଶାଳୀନତା ସହ ଦୟା ଓ କରୁଣାଭାବ ଉଦ୍ରେକ ହୋଇ ବ୍ୟକ୍ତିକୈନ୍ଦ୍ରିକ ଜୀବନରେ ମାନବିକତାର ମହନୀୟତା ପରିସ୍ଫୁଟ ହୋଇଥାଏ। ଫଳରେ ସମାଜରେ ବିଭିନ୍ନ ଜାତି, ଧର୍ମ, ସମ୍ପ୍ରଦାୟ ଓ ବର୍ଗର ଲୋକମାନଙ୍କ ଭିତରେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇ ଭିନ୍ନତା ମଧ୍ୟରେ ଏକତା ପ୍ରତିଷ୍ଠିତ ହୋଇଥାଏ। ଏହି କାରଣରୁ ପରିବାର ବ୍ୟତୀତ ପ୍ରତିବେଶୀ ଓ ପଡ଼ୋଶୀମାନଙ୍କ ମଧ୍ୟରେ ଉତ୍ତମ ବୁଝାମଣା, ଗଭୀର ଆସ୍ଥା ଆଉ ଅତୁଟ ବିଶ୍ୱାସ ସହ ଅନାବିଳ ଆକର୍ଷଣ ଦେଖିବାକୁ ମିଳିଥାଏ। କିନ୍ତୁ ଏହି କିଛି ଦଶନ୍ଧି ହେଲା ଘଟିଯାଉଥିବା ଘଟଣା ପ୍ରବାହକୁ ଅବଲୋକନ କଲେ ସମାଜର ଯେଉଁ ବୀଭତ୍ସ ଚିତ୍ର ସବୁ ପରିଦୃଷ୍ଟ ହୁଏ ତାହା ନିଶ୍ଚୟ ଉଦ୍‌ବେଗଜନକ। ଏହା ଯେକେହି ସ୍ୱୀକାର କରିବେ। ମଣିଷପଣିଆକୁ ଭୁଲି ମଣିଷ ଯେତେସବୁ ଅପସଂସ୍କୃତିକୁ ଆପଣେଇ ଯେପରି ଅମାନବୀୟ କାର୍ଯ୍ୟମାନ ସମ୍ପାଦନ କରିଚାଲିଛି, ତାହା ସୁସ୍ଥ ସମାଜ ପାଇଁ ମୋଟେ ଶୁଭଙ୍କର ନୁହେଁ।

ଶିକ୍ଷାନୁଷ୍ଠାନମାନଙ୍କରେ ଗୁରୁ–ଛାତ୍ରଙ୍କ ସମ୍ପର୍କରେ ରହିଥିବା ପବିତ୍ରତା କ୍ରମେ ଅପସରି ଯାଉଥିବାରୁ କିଛି ଛାତ୍ରୀ ଆଉ ଶିକ୍ଷକଙ୍କ ମଧ୍ୟରେ ଗଢ଼ି ଉଠୁଥିବା ଅରୁଚିକର ପ୍ରେମ ବ୍ୟାପାରକୁ ନେଇ ଶୈକ୍ଷିକ ପରିବେଶ ଯେପରି କଳୁଷିତ ହେବାରେ ଲାଗିଛି ତାହା ନିଶ୍ଚୟ ନିନ୍ଦନୀୟ। ଆଉ କିଛି ଶିକ୍ଷକ କୋମଳମତି ଛାତ୍ରୀମାନଙ୍କୁ ଉତ୍ପୀଡ଼ନ ଦେଇ ଦଣ୍ଡିତ ହେବାର ବହୁ ଦୃଷ୍ଟାନ୍ତ ରହିଛି। ଗୁରୁ–ଛାତ୍ରଙ୍କ ମଧ୍ୟରେ ରହିଥିବା ସ୍ନେହ, ଶ୍ରଦ୍ଧା, ଭକ୍ତି, ଭୟ ଏବଂ ଆତ୍ମୀୟତା ଏବେ ଅବକ୍ଷୟମୁଖୀ ହୋଇ ପଡ଼ିଥିବାରୁ ପରୀକ୍ଷାରେ ଅସାଧୁ ଉପାୟ ଅବଲମ୍ବନ କରୁଥିବା ଛାତ୍ରଙ୍କୁ ପ୍ରତିରୋଧ କରିବାକୁ ଯାଇ ଅନେକ ଶିକ୍ଷକ ମରଣାନ୍ତକ ଆକ୍ରମଣର ଶିକାର ହେଉଥିବାର ଅନେକ ପ୍ରମାଣ ରହିଛି। ଏବେ ଚୋରା ମଦ ବ୍ୟବସାୟୀ ଏବଂ ବାଲି ଓ ଜମି ମାଫିଆମାନେ ପୋଲିସ କର୍ମଚାରୀ ଏବଂ ପ୍ରଶାସନିକ ଅଧିକାରୀମାନଙ୍କୁ ସଙ୍ଗବଦ୍ଧ ଆକ୍ରମଣ କରୁଛନ୍ତି। ମଦ ଆଉ ମାଦକ ଦ୍ରବ୍ୟର ପ୍ରାବଲ୍ୟ ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇ ଯୁବସମାଜକୁ ପଥଭ୍ରଷ୍ଟ କରିଦେଉଥିବାରୁ ସମାଜରେ ଅପରାଧ ପ୍ରବଣତା କ୍ରମେ ବୃଦ୍ଧି ପାଇବାରେ ଲାଗିଛି। ସମାଜରେ ନାରୀ ଅପରାଧ ବୃଦ୍ଧି ପାଇବାରେ ଲାଗିଛି। ନାରୀ ସୁରକ୍ଷାକୁ ନେଇ ପ୍ରଭୂତ ଆଇନଗତ ବ୍ୟବସ୍ଥା ଥିଲେ ମଧ୍ୟ ଅପରାଧୀମାନଙ୍କ ଉପରେ ତା'ର କୌଣସି ପ୍ରଭାବ ପଡୁ ନ ଥିବା ମନେହୁଏ। ଦୁର୍ନୀତିର ଚେର ସମାଜର ସବୁ ସ୍ତରକୁ ବ୍ୟାପିଯାଇଛି। ସମାଜର ଏଭଳି ଅବସ୍ଥା ଭିତରେ ରହି ଆମେ ଏକବିଂଶ ଶତାବ୍ଦୀରେ ସଫଳତା ଆଡ଼କୁ କେତେଦୂର ଅଗ୍ରସର ହୋଇପାରିବା ତାହାହିଁ ଆଜିର ପ୍ରଶ୍ନ। ତେଣୁ ଆମେ ସମସ୍ତେ ନିଜ ନିଜର ଆତ୍ମସମୀକ୍ଷା କରି ସମାଜରେ ସୁସ୍ଥ ପରିବେଶକୁ ଫେରାଇ ଆଣିବା ପାଇଁ ଉଦ୍ୟମ ନ କଲେ ମାନବ ସମାଜ ତିଷ୍ଠି ରହିବା ଅସମ୍ଭବ ହୋଇପଡ଼ିବ।

**–ବରଦାପଡ଼ା, ବିଶ୍ୱାଳପଡ଼ା, ରେଞ୍ଜ, ଖୋର୍ଦ୍ଧା**

## ଚିରନ୍ତନୀ

ଅଧରେ ଫୁଟେ ଯେତେ ବଧୂଳି
ଗଗନେ ଚମକାଇ ବିଜୁଳି
ଧରଇ ନୂଆରୂପ ସକଳ ସରଜନା
ସକଳ ଗଇରିକ ଗୋଧୂଳି।

–(ବ୍ୟାଖ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଲେକ୍ ଜୋନ୍-୧ ବିକାଶରେ ଜବରଦଖଲ ବାଧକ

## ରୂପାନ୍ତରଣ ହେବ ଭୁବନେଶ୍ୱର ନାଳ

ଭୁବନେଶ୍ୱର, ୫।୪ (ବ୍ୟୁରୋ)

ଭୁବନେଶ୍ୱର ଦେଇ ବହି ଯାଇଥିବା ପ୍ରାକୃତିକ ନାଳ ବା ମୁଖ୍ୟ ନାଳଗୁଡ଼ିକର ରୂପନ୍ତରଣ କରାଯିବ। ଏହି ପରିପ୍ରେକ୍ଷୀରେ ଲେକ୍ ଜୋନ୍-୧ରେ ବିକାଶମୂଳକ କାର୍ଯ୍ୟ ପାଇଁ ମୁକ୍ତା ଯୋଜନାରେ ପ୍ରକ୍ରିୟା ଜାରି ରହିଛି। ୧୬ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଏହାର ଦାୟିତ୍ୱ ଦିଆଯାଇଛି। ନିକୋପାର୍କ ଦେଇ ଯାଇଥିବା ୧୦ ନମ୍ବର ମୁଖ୍ୟ ନାଳ ଅଧୀନରେ ଲେକ୍ ଜୋନ୍ ପ୍ରକଳ୍ପ ୧ କାର୍ଯ୍ୟକ୍ଷମ ହେବ। ଏଥିପାଇଁ ୧ କୋଟି ୮୫ ଲକ୍ଷ ଖର୍ଚ୍ଚ ହେବ। ସେହିପରି କାମ କିପରି ହେବ ସେ ନେଇ ବିଏମ୍‌ସିର ବରିଷ୍ଠ ପଦାଧିକାରୀ ବୈଠକ କରିବା ସହ ଏସଏଚ୍‌ଜି ମହିଳାଙ୍କୁ ପ୍ରଶିକ୍ଷଣ ମଧ୍ୟ ଦେଇଛନ୍ତି। ମାତ୍ର ଏତେ ପରେ ବି ଜବରଦଖଲ ହଟି ପାରୁ ନ ଥିବାରୁ ଲେକ୍ ଜୋନ-୧ର ବିକାଶ କାର୍ଯ୍ୟ ଧିମା ପଡି ଯାଇଛି। ସହରବାସୀଙ୍କୁ ସୁରମ୍ୟ ହ୍ରଦ ଓ ଅନ୍ୟ ପ୍ରାକୃତିକ ସୌନ୍ଦର୍ଯ୍ୟ ଦେବାକୁ ଯେଉଁ ଯୋଜନା ହୋଇଥିଲା ସେଥିରେ ଜବରଦଖଲ ବାଧକ ସାଜିଛି। ଜବରଦଖଲକାରୀଙ୍କୁ ଉଠାଇବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମସି)



ମୁଖ୍ୟ ଯନ୍ତ୍ରୀ ମିଳିତ ଉଚ୍ଛେଦକାରୀ ଦଳ 'ଟିମ ପ୍ରାଇଡ୍'କୁ ଚିଠି ଲେଖି ଏନେଇ ଅବଗତ କରାଇଥିଲେ। ମାତ୍ର ଉଚ୍ଛେଦ ଲାଗି ପୋଲିସ ଫୋର୍ସ ମିଳିପାରୁ ନ ଥିବାରୁ ଜବରଦଖଲ ହଟାଇବା କାଠିକର ପାଠ ହୋଇଛି। ଫଳରେ ପ୍ରକଳ୍ପକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ କରିବା ଏବେ ବିଏମ୍‌ସି ଲାଗି ବଡ଼ ଚ୍ୟାଲେଞ୍ଜ ହୋଇଛି। ବିଏମସି ମୁଖ୍ୟଯନ୍ତ୍ରୀଙ୍କ ଚିଠି ଅନୁଯାୟୀ, ଫେବୃୟାରୀରେ ନିକୋ ପାର୍କ ଅଞ୍ଚଳରେ ଥରେ ଟିମ୍ ପ୍ରାଇଡ୍ ଉଚ୍ଛେଦ କରିଥିଲା। ମାତ୍ର ସମୟ ଅଭାବରୁ ସମସ୍ତ ଜବରଦଖଲ ଉଚ୍ଛେଦ ହୋଇପାରି ନ ଥିଲା। ପରେ ଫେବୃୟାରୀ ୧୦ରେ ମୁଖ୍ୟଯନ୍ତ୍ରୀ ଓ ୧୭ ତାରିଖରେ ବିଏମ୍‌ସି ଦକ୍ଷିଣ ପୂର୍ବ ଜୋନ୍‌ର ଜୋନାଲ ଡେପୁଟି କମିଶନର ଉକ୍ତ ଜମିରୁ ଉଚ୍ଛେଦ ଲାଗି ଚିଠି କରିଥିଲେ। ଏହାପରେ ବିଡିଏ ପକ୍ଷରୁ ମାର୍ଚ୍ଚ ୩୦ ଓ ୩୧ ତାରିଖ ଦିନ ଉଚ୍ଛେଦ କରିବାକୁ ଯୋଜନା କରାଯାଇଥିଲା। ହେଲେ ଉଚ୍ଛେଦ ସମୟରେ ବହୁ ବିରୋଧ ଓ ପ୍ରତିବାଦ ହେଉ ଥିବାରୁ ଟିମ୍ ପ୍ରାଇଡ୍ ପୋଲିସ ଫୋର୍ସ ବିନା ଉଚ୍ଛେଦ କରିବାକୁ ମନା କରି ଦେଇଛି। କିନ୍ତୁ ବିଧାନସଭା ପାଇଁ ଆବଶ୍ୟକ ସଂଖ୍ୟକ ରିଜର୍ଭ ପୋଲିସ ଫୋର୍ସ ମିଳୁ ନ ଥିବାରୁ ଉଚ୍ଛେଦକୁ ଏପ୍ରିଲ ୩ ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଥିଲା। ଇତି ମଧ୍ୟରେ ବିଧାନସଭା ସରିଯାଇଥିଲେ ବି ରିଜର୍ଭ ପୋଲିସ ଫୋର୍ସ ସହ ମହିଳା ପୋଲିସ ଫୋର୍ସ ମିଳୁ ନ ଥିବାରୁ ପୁଣି ଥରେ ଉଚ୍ଛେଦକୁ ଘୁଞ୍ଚାଯାଇଛି। ବିଡିଏ ଏନ୍‌ଫୋର୍ସମେଣ୍ଟର ଜଣେ ଅଧିକାରୀଙ୍କ ସୂଚନା ଅନୁଯାୟୀ, ବିଧାନସଭା ପାଇଁ ପୋଲିସ ଫୋର୍ସ ମିଳି ନ ଥିବାରୁ ଉଚ୍ଛେଦ କାର୍ଯ୍ୟ ବନ୍ଦ ରହିଛି। ସେହିପରି ଜବରଦଖଲ ହୋଇଥିବା ସ୍ଥାନରେ ଜେସିବି ଗାଡ଼ି ପଶି ପାରୁନି। ସେଠାରେ ଜେସିବି କୋକ୍‌ଲେନ୍ ଗାଡ଼ି ଆବଶ୍ୟକ। ଏ ନେଇ ଏଜେନ୍ସିକୁ ଗାଡ଼ି ଦେବାକୁ ଚିଠି କରାଯାଇଛି। ଖୁବ୍‌ଶୀଘ୍ର ପୁନର୍ବାର ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ଅପହୃତ ନାବାଳିକା ଉଦ୍ଧାର, ଯୁବକ ଗିରଫ

ଭୁବନେଶ୍ୱର,୫।୪ (ବ୍ୟୁରୋ) ବିବାହର ମିଥ୍ୟା ପ୍ରଲୋଭନ ଦେଇ ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ଇନଫୋସିଟି ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏହାସହ ନାବାଳିକାଙ୍କୁ ଅଭିଯୁକ୍ତଙ୍କ କବଳରୁ ଉଦ୍ଧାର କରିଛି ପୋଲିସ। ଅପହରଣକାରୀ ହେଲେ ଟାଙ୍ଗୀ ଥାନା ଅଞ୍ଚଳର ଆଦିକାନ୍ତ ସାହୁ। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନାନୁଯାୟୀ ଅଭିଯୁକ୍ତ ଆଦିକନ୍ଦ ଏବଂ ପୀଡିତା ନାବାଳିକାଙ୍କ ସହିତ ପୂର୍ବରୁ ପରିଚିତ ହୋଇଥିଲେ । ଏହାପରେ ସମ୍ପୃକ୍ତ ପୀଡିତା ନାବାଳିକା ଜାଣିବା ସତ୍ତ୍ୱେ ବିବାହ କରିବାକୁ ମିଥ୍ୟା ଆଶ୍ୱାସନା ଦେଇ ଆଦିକାନ୍ତ ପୂର୍ବ ଯୋଜନା ମୁତବକ ଗତ ଏପ୍ରିଲ ୨ରେ ଘର ବାହାରକୁ ଡାକି ଅପହରଣ କରି ନେଇଥିଲେ। ଏନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଏହାପରେ ଯୁବକ ନାବାଳିକାଙ୍କୁ ଟାଙ୍ଗୀ ଥାନା ଅନ୍ତର୍ଗତ ଶିଙ୍ଗରାମାରରେ ରଖିଥିବା ଜାଣିବାକୁ ପାଇଥିଲା। ତେଣୁ ଗୋଟିଏ ଟିମ୍ ମଙ୍ଗଳବାର ଚଢ଼ାଉ କରି ଅଭିଯୁକ୍ତକୁ ଧରିବା ସହ ନାବାଳିକାଙ୍କୁ ଉଦ୍ଧାର କରିଥିଲା ।

### ଦୁଇ ଲୁଟେରା ଗିରଫ

ଭୁବନେଶ୍ୱର,୫।୪ (ବ୍ୟୁରୋ): ରାଜଧାନୀର ବିଭିନ୍ନ ଥାନା ଅଞ୍ଚଳରେ ମହିଳାଙ୍କୁ ଟାର୍ଗେଟ୍ କରି ଭ୍ୟାନିଟି ବ୍ୟାଗ୍ ଝାମ୍ପି ନେଉଥିବା ୨ ଲୁଟେରାଙ୍କୁ ଖଣ୍ଡଗିରି ଥାନା ପୋଲିସ ଗିରଫ କରିଛି। ଅଭିଯୁକ୍ତଦ୍ୱୟ ହେଲେ ବାଲିଅନ୍ତା ଥାନା ଅଞ୍ଚଳର କାର୍ତ୍ତିକ ଜେନା (୨୪) ଓ ଏୟାରପୋର୍ଟ ଥାନା ପାଳାଶପଲ୍ଲୀ ଅଞ୍ଚଳର ସତ୍ୟ ସାଗର ପ୍ରଧାନ (୨୬)। ଉଭୟଙ୍କ ନାମରେ ଭୁବନେଶ୍ୱରର ବିଭିନ୍ନ ଥାନା ଅଞ୍ଚଳରେ ୧୫ରୁ ଊର୍ଦ୍ଧ୍ୱ ମାମଲା ରହିଛି। ସେମାନଙ୍କ ନିକଟରୁ ୫ଟି ଭ୍ୟାନିଟି, ୫ଟି ମୋବାଇଲ, ଗୋଟିଏ ବାଇକ ଓ କିଛି ନଗଦ ଟଙ୍କା ଜବତ କରାଯାଇଛି। ଅଭିଯୁକ୍ତଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଅଭିଯୁକ୍ତଦ୍ୱୟ ବିଶେଷକରି ଅଟୋ, ସ୍କୁଟି ଓ ବାଇକ୍‌ରେ ଯାଉଥିବା ମହିଳାଙ୍କୁ ଟାର୍ଗେଟ କରୁଥିଲେ। ଗାଡ଼ି ପଛରେ ବସିଥିବା ମହିଳାଙ୍କ ଭ୍ୟାନିଟ ବ୍ୟାଗ ଛାମ୍ପି ନେଇ ଲୁଟେରାଦ୍ୱୟ ଫେରାର ହେଇଯାଉଥିଲେ। ପରବର୍ତ୍ତୀ ସମୟରେ ଟଙ୍କା ଓ ମୂଲ୍ୟବାନ ସାମଗ୍ରୀକୁ ନେଇଯିବା ପରେ ଉକ୍ତ ଭ୍ୟାନିଟିକୁ ଫୋପାଡ଼ି ଦେଉଥିଲେ। ସୋମବାର ମଧ୍ୟାହ୍ନରେ ନୟାପଲ୍ଲୀ ଥାନା ଅନ୍ତର୍ଗତ ନୂଆସାହିର ଗାୟତ୍ରୀ ଦାସ ଏକ ଅଟୋରେ ଆଇଟିଆର୍ କଲେଜ ନିକଟ ଏକ ସେଲୁନ୍‌କୁ ଆସୁଥିବା ବେଳେ ଅଭିଯୁକ୍ତଦ୍ୱୟ ତାଙ୍କ ଟଙ୍କା ଭର୍ତ୍ତି ବ୍ୟାଗ୍‌କୁ ଝାମ୍ପି ନେଇଯାଇଥିଲେ। ଏନେଇ ଗାୟତ୍ରୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୫୦/୨୦୨୩) ରୁଜୁକରି ତଦନ୍ତ ଆରମ୍ଭ କରିଥିଲା।

### ୨୫ କେଜି ଗଞ୍ଜେଇ ଜବତ, ଦମ୍ପତିଙ୍କ ସମେତ ୩ ଗିରଫ

ଭୁବନେଶ୍ୱର,୫।୪(ବ୍ୟୁରୋ)- ଗଞ୍ଜେଇ ବେପାର କରିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ଦମ୍ପତିଙ୍କ ସମେତ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ରାଜଧାନୀରେ ରହୁଥିବା କନ୍ଧମାଳର ସୁଶାନ୍ତ ବେହେରା ଓ ତାଙ୍କ ସ୍ତ୍ରୀ ଭାନୁମତି ଏବଂ ସହଯୋଗୀ ଆଶିଷ କୁମାର ନାୟକ। ତାଙ୍କଠାରୁ ୨୫ କେଜି ଗଞ୍ଜେଇ, ୨ଟି ମୋବାଇଲ ଫୋନ, ନଗଦ ୧୪ ହଜାର ଟଙ୍କା ଜବତ ହୋଇଛି । ଜାମିନ ନ ମିଳିବାରୁ ସମସ୍ତଙ୍କୁ ଜେଲକୁ ପଠାଇ ଦିଆଯାଇଛି। ତେବେ ଜବତ ଗଞ୍ଜେଇ କନ୍ଧମାଳରୁ ଆଣି ରାଜଧାନୀର ବିଭିନ୍ନ ସ୍ଥାନରେ ବିକ୍ରି କରିଥାନ୍ତି ବୋଲି ପୋଲିସ ଜାଣିବାକୁ ପାଇଛି। ସୂଚନାନୁସାରେ ଶ୍ରୀରମ ନଗର ପୋଲ ନିକଟରେ ଗ୍ରାହକୁ ଦେବାକୁ ଦମ୍ପତି ଛିଡା ହୋଇଥିଲେ। ଖବର ପାଇ ପୋଲିସ ଚଢ଼ାଉ କର ୩ଜଣଙ୍କୁ ଧରିଥିଲେ।

### ୭ ମାସ ପରେ ଫେରାର ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୫।୪ (ବ୍ୟୁରୋ)- ଟୁରିଷ୍ଟ ବସ୍‌ଗୁଡିକରୁ ଡକାୟତ ଯୋଜନା ଘଟଣାରେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ୭ ମାସ ପରେ ଶ୍ରୀଲିଙ୍ଗରାଜ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ସେ ହେଲେ ଉକ୍ତ ଥାନା ଅଞ୍ଚଳର ବବୁଲୁ ବେହେରା। ଏହି ଘଟଣାରେ ପୂର୍ବରୁ ୩ ଜଣ ଗିରଫ ହୋଇସାରିଛନ୍ତି। ସୂଚନାନୁସାରେ, ଗତ ବର୍ଷ ସେପ୍ଟେମ୍ବରରେ ବି.ଏମ.ସି ମାର୍କେଟ କମ୍ପ୍ଲେକ୍ସ ନିକଟରେ ଥିବା ଟୁରିଷ୍ଟ ବସଗୁଡିକରୁ ଡକାୟତି କରିବାକୁ ଯୋଜନା କରୁଥିଲେ। ଖବରପାଇ ପୋଲିସ ସେଠାରେ ଚଢ଼ାଉ କରି ଅଭିଯୁକ୍ତ ରାଜେଶ, ଦେବୀପ୍ରସାଦ, ରୁଦ୍ର ଏବଂ ସୁରଜଙ୍କୁ କାବୁ କରିଥିଲା। କିନ୍ତୁ ଘଟଣାସ୍ଥଳରୁ ବବୁଲୁ ଫେରାର ହୋଇଯାଇଥିଲା ।

## ନନ୍ଦନକାନନ ଛାଡି ଯାଉନି ଗୋଟିକିଆ ଦନ୍ତା



ବାରଙ୍ଗ,୫।୪(ଡି.ଏନ୍.ଏ.)

ନନ୍ଦନକାନନର ପିଛା ଛାଡୁନି ଚନ୍ଦକା ଜଙ୍ଗଲୀ ଦନ୍ତା। ଗୋଟିକିଆ ଦନ୍ତା ମଙ୍ଗଳବାର ବଡି ଭୋର ସମୟରେ ପଶି ବିଳମ୍ବିତ ରାତିରେ ବାହାରି ଯାଇଥିବାବେଳେ ପୁଣି ସେ ବୁଧବାର ଦ୍ୱିପ୍ରହରରେ ଦନ୍ତା ନନ୍ଦନକାନନରେ ପଶିଛି। ଯଦିଓ ପଶୁପକ୍ଷୀ ରହୁଥିବା ଏନ୍‌କ୍ଲୋଜର ଆଡ଼କୁ ଦନ୍ତା ଯାଇନାହିଁ ତଥାପି ଦନ୍ତାକୁ ନେଇ କର୍ତ୍ତୃପକ୍ଷଙ୍କ ଚିନ୍ତା ବଢିଯାଇଛି। ଯେଉଁ ସୁରକ୍ଷା ତାରଜାଲି ପ୍ରାଚୀର ଭାଙ୍ଗି ଦନ୍ତା ଭିତରକୁ ପଶିଥିଲା, ପୁଣି ସେହି ବାଟ ଦେଇ ବୁଧବାର ଦନ୍ତା ନନ୍ଦନକାନନାରେ ପଶି ୧୦ନମ୍ବର ଫାଟକ ଶବଦାହ ଘର ପଛପଟ ଜଙ୍ଗଲରେ ରହିଛି। ନନ୍ଦନକାନନରେ ଦନ୍ତା ପଶିଥିବା ଖବର ସ୍ଥାନୀୟ ଜଣେ ବ୍ୟକ୍ତିଙ୍କଠାରୁ ଖବରପାଇ ସୁରକ୍ଷା ବିଭାଗ ରେଞ୍ଜର ଜେ.ଏଫ୍ ଖାନ ସତର୍କ ହୋଇଥିଲେ। ପ୍ରକୃତ ସତ୍ୟାସତ୍ୟ ଜାଣିବାକୁ ନନ୍ଦନକାନନ ୨ଟି ଟିମ୍ କରି ଜଙ୍ଗଲରେ ହାତୀର ଉପସ୍ଥିତି ଜାଣିବାକୁ ପଠାଇଥିଲେ। ଏହି ଟିମ ଡ୍ରୋନ କ୍ୟାମେରା ସାହାଯ୍ୟରେ ହାତୀର ସ୍ଥିତି ଜାଣିବାକୁ ୧୦ନମ୍ବର ଫାଟକ ପାର୍ଶ୍ୱ ଜଙ୍ଗଲ ଦେଇ ଯାଉଥିବାବେଳେ ହାତୀ ସହ ସାମ୍ନାସାମ୍ନି ହୋଇଥିଲେ। ନନ୍ଦନକାନନଠାରୁ ଖବରପାଇ ଚନ୍ଦକାର ଗୋଟିଏ ଟିମ୍ ଆସି ନନ୍ଦନକାନନ ୨ଟି ଟିମର ସହାୟତା କରିଥିଲେ। ୩ ଟିମ୍ ମିଶି ହାତୀକୁ ତାର ପୂର୍ବ ସ୍ଥାନ ଚନ୍ଦକା ଜଙ୍ଗଲକୁ ଫେରାଇନେବାକୁ ଉଦ୍ୟମ କରିବା ସହ ଦନ୍ତାର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି। ରାତି ହେଲେ ଦନ୍ତାଟି ଚନ୍ଦକା ଜଙ୍ଗଲକୁ ପଳାଇବ ବୋଲି ଟିମ ଆଶା ରଖିଛି।

## ହାଇୱା ପଛରେ ପିଟି ହେଲା ଅଟୋ

### ଅଳ୍ପକେ ବର୍ତ୍ତିଲେ ସ୍କୁଲ ପିଲା

ବାରଙ୍ଗ,୫।୪(ଡି.ଏନ୍.ଏ.)

ନରାଜ ବ୍ୟାରେଜ ଉପରେ ଯାଉଥିବା ଏକ ବାଲିବୋଝେଇ ହାଇୱା ସହ ଏକ ଅଟୋ ବୁଧବାର ପିଟି ହୋଇଛି। ହେଲେ ସେଥିରେ ଥିବା ୪ ସ୍କୁଲ ଛାତ୍ରଙ୍କ ସମେତ ଜଣେ ଶିକ୍ଷୟିତ୍ରୀ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସୂଚନା, ପୂର୍ବାହ୍ନ ସାଢେ ୧୧ଟା ବେଳେ କଟକ ସିଡ଼ିଏ ସେକ୍ଟର-୯ରେ ଥିବା ଏକ ସରସ୍ୱତୀ ଶିଶୁ ମନ୍ଦିରରୁ ଅଟୋ ୪ ଛାତ୍ର ଓ ଜଣେ ଶିକ୍ଷୟିତ୍ରୀଙ୍କୁ ନେଇ ନରାଜ ଅଭିମୁଖେ ଯାଉଥିଲା। ଏହି ସମୟରେ ନରାଜ ବ୍ୟାରେଜ ଉପରେ ଯାଉଥିବା ଏକ ବାଲି ବୋଝେଇ ହାଇୱା ହଠାତ୍ ବ୍ରେକ ମାରିଥିଲା। ଫଳରେ ପଛରେ ଆସୁଥିବା ଏକ ଅଟୋ ତା' ସହ ପିଟି ହୋଇ ଭାଙ୍ଗି ଯାଇଥିଲା। ହେଲେ ସୌଭାଗ୍ୟବଶତଃ ଅଟୋରେ ଥିବା ସମସ୍ତେ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ବାଲିବୋଝେଇ ହାଇୱାକୁ ଅଟକାଇ ଗୋଡିସାହି ଫାଣ୍ଡି ପୋଲିସକୁ ଖବର ଦେଇଥିଲେ। ପୋଲିସ ସେଠାରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରିଥିଲା।





ସିସିଡବ୍ଲ୍ୟୁଡି, ଆକ୍ସନଏଡ୍ ଓ ନୀଳାଦ୍ରି ବିହାର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ପ୍ରବେଶ ଉତ୍ସବରେ ନାମଲେଖା ସଚେତନତା ଅଭିଯାନରେ ବସ୍ତି ପରିକ୍ରମା କରାଯାଉଛି ।

## 'ନାମଲେଖା ପାଇଁ ନାହିଁ ପାଉଣା, ଅଷ୍ଟମ ପର୍ଯ୍ୟନ୍ତ ସବୁ ମାଗଣା'

ଭୁବନେଶ୍ୱର,୫।୪(ବ୍ୟୁରୋ)

ପ୍ରତ୍ୟେକ ଶିଶୁଙ୍କୁ ବିଦ୍ୟାଳୟାଭିମୁଖୀ କରିବା ପାଇଁ ସିସିଡବ୍ଲ୍ୟୁଡି, ଆକ୍ସନଏଡ୍ ଓ ନୀଳାଦ୍ରି ବିହାର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ପ୍ରବେଶ ଉତ୍ସବ ଅବସରରେ ନାମଲେଖା ସଚେତନତା ଅଭିଯାନ ଆରମ୍ଭ ହୋଇଥିଲା। 'ନାମ ଲେଖା ପାଇଁ ନାହିଁ ପାଉଣା, ଅଷ୍ଟମ ପର୍ଯ୍ୟନ୍ତ ସବୁ ମାଗଣା', 'ପ୍ରବେଶ ଉତ୍ସବ ଆରମ୍ଭ ହେଲା, ନାମ ଲେଖାଇବେ ସ୍କୁଲରେ ପିଲା' ଏଭଳି ଅନେକ ସ୍ଲୋଗାନ ଦେଇ ଛାତ୍ରୀଛାତ୍ର ଓ ଶିଶୁ ସଂଘର ପିଲାମାନେ ବସ୍ତି ପରିକ୍ରମା କରିଥିଲେ। ଏଥିରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସଞ୍ଜୁଲତା ଦାସ, ଶିକ୍ଷୟିତ୍ରୀ ସବିତା ସାହୁ ଓ ପ୍ରୀତିଧାରା ମିଶ୍ର, ସିସିଡବ୍ଲ୍ୟୁଡିର ଗୀତାଞ୍ଜଳୀ ପଣ୍ଡା, କଲ୍ୟାଣୀ ରାଉତ, ସ୍ନିଗ୍ଧା ଦାସ, ସୁଚରିତା ବେହେରା, କୃଷ୍ଣଚନ୍ଦ୍ର ମହନ୍ତ ଓ ଭାସ୍କରଚନ୍ଦ୍ର ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ ।

## ଏବିଭିପିର ଛାତ୍ର ଅଧିକାର ସମାବେଶ | 'ଶିକ୍ଷା, ସୁରକ୍ଷା ଓ ରୋଜଗାର'

ଭୁବନେଶ୍ୱର,୫।୪(ବ୍ୟୁରୋ)

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ଶିକ୍ଷା, ସୁରକ୍ଷା ଓ ରୋଜଗାରକୁ ନେଇ ଏକ ଛାତ୍ର ଅଧିକାର ସମାବେଶ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଦିନକୁ ଦିନ ଭୁଶୁଡ଼ି ପଡୁଥିବା ଶିକ୍ଷା ବ୍ୟବସ୍ଥା ଓ ବେରୋଜଗାର ଆଦି ସମସ୍ୟା ସହ ଉତ୍ତର ଭୁବନେଶ୍ୱରର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଲାଗି ରହିଥିବା ସମସ୍ୟାର ପ୍ରତିବାଦରେ ଭୁବନେଶ୍ୱରର ବିଭିନ୍ନ ମହାବିଦ୍ୟାଳୟରୁ ଦୁଇଶହରୁ ଊର୍ଦ୍ଧ୍ୱ ବିଦ୍ୟାର୍ଥୀ ଏକାଠି ହୋଇଥିଲେ। ସେମାନେ ଏକ ଶୋଭାଯାତ୍ରାରେ ପଟିଆ କଲେଜ ଛକରୁ ହନୁମାନ ଛକ ପର୍ଯ୍ୟନ୍ତ ଯାଇଥିଲେ। ଏହି ଅବସରରେ ବିଦ୍ୟାର୍ଥୀମାନେ ରାଜା ମଧୁସୂଦନ ଡିଗ୍ରୀ ମହାବିଦ୍ୟଳୟକୁ ସ୍ୱୟଂଶାସିତ ମାନ୍ୟତା ପ୍ରଦାନ, ମହାବିଦ୍ୟାଳୟଗୁଡ଼ିକର ସମସ୍ତ ବିଭାଗରେ ଅଧ୍ୟାପକ ନିଯୁକ୍ତି, ବିଜୁ ପଟ୍ଟନାୟକ କଲେଜରେ ଇ-ଲାଇବ୍ରେରି ସ୍ଥାପନ, ସମସ୍ତ କ୍ୟାମ୍ପସରେ ଥଣ୍ଡା ପାନୀୟ ଜଳ ବ୍ୟବସ୍ଥା, ରାଗିଂ ସେଲ୍‌ଗୁଡିକୁ ଉଚିତ ଢଙ୍ଗରେ ପରିଚାଳନା କରିବା, ମହର୍ଷି ମହିଳା ମହାବିଦ୍ୟାଳୟରେ ଅଧ୍ୟାପକ ନିଯୁକ୍ତି, ସବୁ କ୍ୟାମ୍ପସରେ ସିସିଟିଭି ଲଗାଇବା ଓ କ୍ୟାମ୍ପସରେ କ୍ୟାଣ୍ଟିନ ଖୋଲିବା ଆଦି ଦାବି ଉପସ୍ଥାପନ କରିଥିଲେ। ଏହି ସମାବେଶରେ କେନ୍ଦ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ କବିତା କହଁର, ରାଜ୍ୟ ସମ୍ପାଦକ ଅଜିତ ପଟ୍ଟନାୟକ, ବିଭାଗ ସଂଗଠନ ମନ୍ତ୍ରୀ ସୌଭାଗ୍ୟ ମହାନ୍ତି, ରାଜ୍ୟ ମିଡ଼ିଆ ସଂଯୋଜକ ବିଶ୍ୱଜିତ ପାତ୍ର, ମହାନଗର ସମ୍ପାଦିକା ଜ୍ୟୋତିର୍ମୟୀ ସାହୁ, ବିଭାଗ ଛାତ୍ରୀ ପ୍ରମୁଖ ଶୁଭଶ୍ରୀ ସୁଆର, ଭୁବନେଶ୍ୱର ଉତ୍ତର ଜିଲ୍ଲା ସଂଯୋଜକ ସରୋଜ ମହାପାତ୍ର, ନଗର ସଭାପତି ଅଧ୍ୟାପକ ଗଣେଶ୍ୱର ବେହେରା, ନଗର ସମ୍ପାଦିକା ସୋହନି ଜେନା ଓ ବିଭିନ୍ନ କ୍ୟାମ୍ପସର ଛାତ୍ର ନେତାମାନେ ଉପସ୍ଥିତ ଥିଲେ ।

## ବାଜା ବଜାଇ ନାଚିନାଚି ପ୍ରଧାନ ଶିକ୍ଷକଙ୍କୁ ଘରେ ଛାଡ଼ିଲେ

ବାରଙ୍ଗ,୫।୪(ଡି.ଏନ୍.ଏ.) : ପ୍ରିଧାନ ଶିକ୍ଷକଙ୍କ ନିଆରା ଭାବେ ବିଦାୟକାଳୀନ ଉତ୍ସବ ପାଳିଛନ୍ତି କେନ୍ଦୁପଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ର। ବିଦ୍ୟାଳୟ ପରିସରରେ ପରିଚାଳନ କମିଟି ସଭାପତି ଜଗନ୍ନାଥ ଭଞ୍ଜଙ୍କ ସଭାପତିତ୍ୱ ବୁଧବାର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଯୋଗେନ୍ଦ୍ର ସେନାପତିଙ୍କ ବିଦାୟକାଳୀନ ସଭା ଆୟୋଜିତ ହୋଇଥିଲା। ଏହା ପରେ ଛାତ୍ରୀଛାତ୍ର ବାଜା ବଜାଇ ନାଚିନାଚି ପ୍ରଧାନ ଶିକ୍ଷକଙ୍କୁ ତାଙ୍କ ଘରେ ଛାଡ଼ିଥିଲେ। ଏହି ଦୃଶ୍ୟ ବେଶ ଚର୍ଚ୍ଚାର ବିଷୟ ପାଲଟିଛି। ସଭାରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତିମଣି ସିଂ, ସରପଞ୍ଚ ନିକ୍ଷିପଦ୍ମ କାଣ୍ଡି ବିଧୁଭୂଷଣ ପ୍ରହରାଜ, ନ୍ୟାୟବ ସରପଞ୍ଚ ରଞ୍ଜିତ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବିଦାୟୀ ଶିକ୍ଷକଙ୍କ ପିଲାଙ୍କୁ ଆପଣର କରିବା ଗୁଣ ଉପରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବାରଙ୍ଗ ପ୍ରେସ୍‌କ୍ଲବ ସଭାପତି ଲିଙ୍ଗରାଜ ରାଉତଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ବିଧାୟକ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ସର୍ବସାଧାରଣ ଡିଜିଟାଲ ପ୍ଲାଟଫର୍ମ ଉଦ୍‌ଘାଟିତ





ଉତ୍ସବରେ ମଞ୍ଚାସୀନ ସର୍ବସାଧାରଣ ସମ୍ପାଦକ ସଞ୍ଜୟ ଦାସବର୍ମା ଓ ଅନ୍ୟ ଅତିଥିମାନେ ।

ଭୁବନେଶ୍ୱର,୫।୪(ବ୍ୟୁରୋ)

ଦୈନିକ ଖବରକାଗଜ ସର୍ବସାଧାରଣର ଡିଜିଟାଲ ପ୍ଲାଟଫର୍ମ ବୁଧବାର ଭଞ୍ଜକଳା ମଣ୍ଡପରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ କଂଗ୍ରେସର ବରିଷ୍ଠ ନେତା ଗଣେଶ୍ୱର ବେହେରା, ଭାଜପାର ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ, 'ସର୍ବସାଧାରଣ' ଖବରକାଗଜର ଅଧ୍ୟକ୍ଷ ତଥା ବିଜେଡିର ବରିଷ୍ଠ ନେତା ସଞ୍ଜୟ କୁମାର ଦାସବର୍ମା, ସିଆଇର ବରିଷ୍ଠ ନେତା ସନ୍ତୋଷ ଦାସ ଓ ବରିଷ୍ଠ ସାମ୍ବାଦିକ ଦୟାନିଧି ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। 'ସର୍ବସାଧାରଣ'ର ସମ୍ପାଦକ ସତ୍ୟପ୍ରିୟ ଜୟସିଂହ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଗୁରୁ ନମିତା ରାୟଙ୍କ ଗ୍ରୁପ ଦ୍ୱାରା ଶ୍ରୀ ଜଗନ୍ନାଥାଷ୍ଟକମ୍ ଓଡିଶୀ ନୃତ୍ୟ ପରିବେଷଣ କରାାଇଥିଲା। ଏହି ଅବସରରେ 'ସର୍ବସାଧାରଣ ଡିଜିଟାଲ' ପକ୍ଷରୁ ପ୍ରସ୍ତୁତ 'ଶତାୟୁ ଓଡ଼ିଶା' କାର୍ଯ୍ୟକ୍ରମରେ ସଂଗୀତ ସୁଧାକର ବାଳକୃଷ୍ଣ ଦାସଙ୍କ ଜୀବନୀ ଉପରେ ଏକ ନିଚ୍ଛକ ଚିତ୍ରକଥା ପ୍ରଦର୍ଶିତ ହୋଇଥିଲା। ଶେଷରେ ୨୦୩୬ରେ ଶହେ ବର୍ଷ ପୂରଣ କରିବାକୁ ଯାଉଥିବା ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଓଡିଶା ସମ୍ପର୍କିତ 'ଶତାୟୁ ଓଡ଼ିଶା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

## ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତା ମନୋନୀତ



ବରିଷ୍ଠ ନାଗରିକ ମଞ୍ଚର ଉପସ୍ଥିତ ନବନିର୍ବାଚିତ ସଦସ୍ୟମାନେ ।

ଭୁବନେଶ୍ୱର,୫।୪(ବ୍ୟୁରୋ)

ରାଜଧାନୀରେ ମଙ୍ଗଳବାର ଗଢ଼ି ଉଠିଛି ବରିଷ୍ଠ ନାଗରିକ ବିକାଶ ମଞ୍ଚ। ନବଗଠିତ ଏହି ମଞ୍ଚରେ ସଭାପତି ଭାବେ ଅଲେଖ ଚନ୍ଦ୍ର ପଡ଼ିହାରୀ, କାର୍ଯ୍ୟକାରୀ ସଭାପତି ରାଜକିଶୋର ପାଇକରାୟ, ଉପସଭାପତି ରଘୁନାଥ ନନ୍ଦ, ହିମାଂଶୁ କିରଣ ସାହୁ, ସଧାରଣ ସମ୍ପାଦକ କ୍ଷିତୀଶ ଚନ୍ଦ୍ର ଦାସ, ଯୁଗ୍ମ ସମ୍ପାଦକ ଲକ୍ଷ୍ମୀଧର ସ୍ୱାଇଁ, କୋଷାଧ୍ୟକ୍ଷ ରଣଜିତ କିଶୋର ବଳ, କାର୍ଯ୍ୟକାରିଣୀ ସଦସ୍ୟ ଦାମୋଦର ସାହୁ, ତପନ କୁମାର ନାୟକ, କମଳେନ୍ଦୁ ଚକ୍ରବର୍ତ୍ତୀ, ହରେଶ ଚନ୍ଦ୍ର ପଟ୍ଟନାୟକ, ରବୀନ୍ଦ୍ର ନାଥ ଦାସ, ଏକାମ୍ର କବି, ସୌଦାମିନୀ ସାମନ୍ତରାୟ ପ୍ରମୁଖ ମନୋନୀତ ହୋଇଛନ୍ତି। ବର୍ତ୍ତମାନ ବୟସ୍କ ବ୍ୟକ୍ତିଙ୍କ ଉପରେ ହେଉଥିବା ଅନ୍ୟାୟର ପ୍ରତିବାଦ କରିବାକୁ ସମଗ୍ର ଭୁବନେଶ୍ୱର ବିକାଶ ପାଇଁ ମଞ୍ଚ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି।

## ଷଡ଼ଯନ୍ତ୍ରକାରୀଙ୍କ ସମେତ ୫ ଗିରଫ

### ବିବାଦୀୟ ଜମିରେ ଦୋକାନ ଭାଙ୍ଗି ଲୁଟ୍ ଘଟଣା

- ପୂର୍ବରୁ ୭ ବାଉନ୍‌ସର ଓ ୨ ମହିଳା ଗିରଫ ହୋଇଥିଲେ
- ଗେଷ୍ଟ ହାଉସ୍ ସିଲ୍ କଲା ପୋଲିସ

ଭୁବନେଶ୍ୱର,୫।୪ (ବ୍ୟୁରୋ)

ନୟାପଲ୍ଲୀ ଥାନା ଅଞ୍ଚଳରେ ଏକ ବିବାଦୀୟ ଜମିକୁ ଅକ୍ତିଆର କରିବାକୁ ଯାଇ ରାତି ଅଧରେ ଜେସିବି ଲଗାଇ ଦୋକାନ ଘର ଭାଙ୍ଗି ଲୁଟ କରିବା ଘଟଣାରେ କମିଶନରେଟ ପୋଲିସ ଷଡ଼ଯନ୍ତ୍ରୀକାରୀଙ୍କ ସମେତ ଆଉ ୫ଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ସାଲିଆ ସାହିରେ ରହୁଥିବା କଟକର ଶ୍ରୀନିବାସ ସାହୁ, ବାଲିଅନ୍ତା ଥାନା ଅଞ୍ଚଳର ସନ୍ଦୀପ ନାଥ, ଷଡ଼ଯନ୍ତ୍ରୀକାରୀ ନବକିଶୋର ପରିଡା, ଜଗତ୍‌ସିଂହପୁରର ପ୍ରଶାନ୍ତ କୁମାର ସ୍ୱାଇଁ ଓ ଚନ୍ଦକାରେ ରହୁଥିବା କଟକର ସୁବାସ ପାଇକରାୟ। ଏହି ୫ଜଣଙ୍କୁ ପଚରାଉଚରା ବେଳେ ପୋଲିସ ଆହୁରି ଏକ ନୂଆ ତଥ୍ୟ ପାଇଛି। ଘଟଣା ପୂର୍ବରୁ ହାଇଟେକ ଅଞ୍ଚଳରେ ନବକିଶୋରଙ୍କର ଥିବା ଏକ ଗେଷ୍ଟ ହାଉସରେ ଭୋଜି କରିଥିଲେ। ପରେ ଏକତ୍ରିତ ହୋଇ ସେଠାରୁ ଦଳବଦ୍ଧ ହୋଇ ଆସି ଭଙ୍ଗାରୁଜା



ଗିରଫ ୫ ଅଭିଯୁକ୍ତ ।

କରିଥିଲେ ବୋଲି ପୋଲିସ ଜାଣିବାକୁ ପାଇଛି। ତେଣୁ ଉକ୍ତ ଗେଷ୍ଟ ହାଉସକୁ ସିଲ୍ କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ଏହାକୁ ମିଶାଇ ଘଟଣାରେ ଗିରଫ ସଂଖ୍ୟା ୧୪ କୁ ବୃଦ୍ଧି ପାଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ରାଘବ ଜେନାଙ୍କ ସମେତ ଏକାଧିକ ବ୍ୟକ୍ତି ଏବେ ବି ଫେରାର ଅଛନ୍ତି। ତେଣୁ ସେମାନଙ୍କୁ ଧରିବା ଲାଗି ୩ ଟିମ ଗଠନ କରାଯାଇଛି। ଏପରିକି ରାଜ୍ୟ ବାହାରକୁ ଗୋଟିଏ ଟିମ ଯାଇଥିବା କୁହାଯାଇଛି।

ସୂଚନାଯୋଗ୍ୟ, ନୟାପଲ୍ଲୀ ଥାନା ଅଞ୍ଚଳରେ ଥିବା ପ୍ଲଟ୍ ନଂ.୧୪୭୦ ବିବାଦୀୟ ଜମିରେ ଘର ଭଡ଼ା ନେଇ ଦୋକାନ କରିଥିଲେ ସୁବାସ ଅଗ୍ରୱାଲ ଓ ସୁବାସ ସାମଲ । ତେଣୁ ଏହି ବିବାଦୀୟ ଜମିକୁ ଅକ୍ତିଆର କରିବା ପାଇଁ ସୁପାରି ନେଇ ଗତ ୨୪ ତାରିଖ ବିଳମ୍ବିତ ରାତିରେ ୫୦ରୁ ଅଧିକ ବ୍ୟକ୍ତି ବସ୍, ଜେସିବି ଓ ବାଇକ୍‌ରେ ଆସି ହଠାତ ଦୋକାନକୁ ଭାଙ୍ଗି ଦେବା ସହ ବହୁ ଟଙ୍କାର ଜିନିଷ ଚୋରି କରି ନେଇଥିଲେ। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ କରି ବିବାଦୀୟ ଜମିକୁ ପୋଜେସନ ମାମଲାରେ ପ୍ରଥମେ ୭ଜଣ ବାଉନସରଙ୍କୁ ପରେ ସମ୍ପୃକ୍ତ ୨ ମହିଳାଙ୍କୁ ଗିରଫ କରିଥିଲା।

# ଭିଜିଲାନ୍ସ ଏସ୍‌ପିଙ୍କ ନିକଟରେ ଅଭିଯୋଗ

**ବିନା ଏନ୍‌ଇଇଟିରେ ପଢୁଛନ୍ତି ଆୟୁର୍ବେଦ ପାଠ ପ୍ରସଙ୍ଗ**

- ଚାପି ଦେବାକୁ ଚାଲିଛି ଷଡ଼ଯନ୍ତ୍ର
- ଏକାଧିକଙ୍କ ରହିଛି ସମ୍ପୃକ୍ତି

**ଖୋର୍ଦ୍ଧା ଅଫିସ,୫।୪**

ବଲାଙ୍ଗୀରରେ ନକଲି ସାର୍ଟିଫିକେଟ ଘଟଣାର ତଦନ୍ତ କରୁଛି କ୍ରାଇମବ୍ରାଞ୍ଚ। ଅନ୍ୟପଟେ ବିନା ଏନ୍‌ଇଇଟି, ନକଲି ସାର୍ଟିଫିକେଟରେ ପିଲାମାନେ ପୁରୀ ଗୋପବନ୍ଧୁ ଆୟୁର୍ବେଦ କଲେଜ ଓ ହସ୍ପିଟାଲରେ ପାଠ ପଢୁଥିବା ଘଟଣାର ଭିଜିଲାନ୍ସ ତଦନ୍ତ ଦାବି କରିଛି ପୁରୀ ସଚେତନ ନାଗରିକ ମଞ୍ଚ। ଏନେଇ ବୁଧବାର ମଞ୍ଚ ଆବାହକ ପ୍ରସନ୍ନ କୁମାର ଦାଶ ଭୁବନେଶ୍ୱର ଭିଜିଲାନ୍ସ ଏସ୍‌ପିଙ୍କୁ ଭେଟି ଆଲୋଚନା କରିବା ସହିତ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଘଟଣାର ତଦନ୍ତ କରାଗଲେ ବହୁ ଗୁମର ଖୋଲିବ ବୋଲି ପ୍ରସନ୍ନ ଦାବି କରିଛନ୍ତି।

ଅଭିଯୋଗରେ ଦର୍ଶାଯାଇଛି ଯେ, ବହୁ ମେଧାବୀ ବିଦ୍ୟାର୍ଥୀ ଏନ୍‌ଇଇଟି ଯୋଗ୍ୟତା ହାସଲ ସତ୍ତ୍ୱେ ସରକାରୀ ମେଡ଼ିକାଲରେ ପଢ଼ିବାର ସୁଯୋଗ ପାଉନାହାନ୍ତି। ଅନ୍ୟପଟେ ଟଙ୍କା ଲାଞ୍ଚ ନେଇ ନକଲି ସାର୍ଟିଫିକେଟରେ ପିଲାଙ୍କୁ ସରକାରୀ ମେଡିକାଲ କଲେଜରେ ପାଠପଢ଼ା ଲାଗି ବେଆଇନଭାବେ କଲେଜ କର୍ତ୍ତୃପକ୍ଷ ପଦବୀର ଅପପ୍ରୟୋଗ କରି ବିଏଏମଏସରେ ପାଠପଢା ସୁଯୋଗ ଦେଉଛନ୍ତି। ଏନେଇ ଜଣେ ଅଭିଯୋଗକାରୀ ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଏବଂ ଓଡ଼ିଶା ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ତଥା କମିଶନରଙ୍କ ନିକଟରେ ଏହି ବେଆଇନ ନାମଲେଖା ସମ୍ପର୍କରେ ଅଭିଯୋଗ କରିଛନ୍ତି। ଏହି ଘଟଣାର ଯାଞ୍ଚ ସହ ଏଥିରେ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଲାଗି ଦାବି କରିଥିଲେ। ସ୍ୱାସ୍ଥ୍ୟ ସଚିବ ଏହି ଘଟଣାର ତଦନ୍ତ ଲାଗି ତତ୍କାଳୀନ ଆୟୁଷ ନିର୍ଦ୍ଦେଶକ ଭୁପେଶ ବେହେରାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହି ସମୟରେ ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯିବ ବୋଲି ବେହେରା ସୂଚନା ଦେଇଥିଲେ। ତେବେ ନିର୍ଦ୍ଦେଶକଙ୍କ ଅବସର ପରେ ତଦନ୍ତ ବାଟବଣା ପରି ବର୍ତ୍ତମାନ ଆୟୁଷ ନିର୍ଦ୍ଦେଶକ କଲ୍ୟାଣ କୁମାର ରଥ ଏହି ଘଟଣା ସମ୍ପର୍କରେ ଅବଗତ ନ ଥିବା କହିଛନ୍ତି। ସେ ଆହୁରି ଦର୍ଶାଇଛନ୍ତି ଯେ, ଗୋପବନ୍ଧୁ ଆୟୁର୍ବେଦ କଲେଜ ଅଧକ୍ଷ ଆୟୁଷ ବିଭାଗର ଚିଠି ନଂ.୬୦୧(୩)/ ଡିଆୟୁଷ/୧୯.୧.୨୨ ପ୍ରକାରେ ମାଇଗ୍ରେଶନ ଏବଂ କଲେଜ ଟ୍ରାନ୍ସଫର ସାର୍ଟିଫିକେଟ ଆଧାରରେ ୫ଟି ସିଟ୍‌ରେ ନାମଲେଖା ପାଇଁ ନୋଟିସ କରିଥିଲେ। ଏଥିରେ ବଲାଙ୍ଗୀର ସରକାରୀ ଆୟୁର୍ବେଦ କଲେଜ ମାମାଲି ପ୍ରିୟଦର୍ଶିନୀ, ଅବିନାଶ ବେହୁରା, ଗଞ୍ଜାମ ଆଙ୍କୁଶପୁର ସରକାରୀ ଆୟୁର୍ବେଦ କଲେଜ ଅସିତ କୁମାର ମହାନ୍ତି, କେ.ହରପ୍ରିୟା ପାତ୍ର ଓ ଏସ୍.କେ ଜୁନାଦ ମହମ୍ମଦ ପ୍ରମୁଖ ସେଠାରେ ୨୦୨୦-୨୧ ପ୍ରଥମ ବର୍ଷରେ ନାମଲେଖାଇଥିବା ଏହି ୫ଜଣ ଛାତ୍ରଙ୍କୁ ନାମଲେଖା ଲାଗି ସୁଯୋଗ ଦିଆଯାଇଛି। ସମ୍ପୃକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ଦିଆଯାଇଥିବା ମାଇଗ୍ରେସନ ଏବଂ କଲେଜ ଟ୍ରାନ୍ସଫର ସାର୍ଟିଫିକେଟ ଆଧାରରେ ଏହି ନାମଲେଖା କରାଯିବ ବୋଲି ନୋଟିସରେ ଉଲ୍ଲେଖ କରିଥିଲେ। ତେବେ ନାମଲେଖା ସମୟରେ କଲେଜ ଅଧକ୍ଷ କରିଥିବା ନୋଟିସ ବଦଳି ଯାଇଥିଲା। ଏହି ୫ଜଣଙ୍କ ସମେତ କଲେଜ ଟ୍ରାନ୍ସଫର ଆଧାରରେ ବିନା ଏନ୍‌ଇଇଟି ର୍‍ୟାଙ୍କରେ ଅନ୍ୟ ଦୁଇଜଣ ବାହାର ଛାତ୍ରୀଛାତ୍ରଙ୍କୁ ଆଡ୍‌ମିଶନ ସୁଯୋଗ ଦେଇଥିଲେ। କଲେଜ କର୍ତ୍ତୃପକ୍ଷ ବେଆଇନ ଭାବେ ବାହାର କଲେଜର ଛାତ୍ରୀଛାତ୍ରଙ୍କଠାରୁ ଲାଞ୍ଚ ନେଇ ବିଏଏମସ ୨୦୨୦-୨୧ ପ୍ରଥମ ବର୍ଷରେ ପାଠ ପଢିବାର ସୁଯୋଗ ଦେଇଛନ୍ତି। ଏ ସଂକ୍ରାନ୍ତରେ 'ଧରିତ୍ରୀ'ରେ ପ୍ରକାଶିତ ଖବରକୁ ଆଧାର କରି କଲେଜ ଅଧକ୍ଷ ଡା. ସୁଦର୍ଶନ ବେହେରା କଲେଜ ଚିଠି କ୍ରମାଙ୍କ ୬୭/୨୩ ରେ ଘଟଣାର ଅନ୍ତରୀଣ ତଦନ୍ତ ଲାଗି ୯ଜଣିଆ କମିଟି ଗଠନ କରିଥିଲେ। ୭ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଚିଠି ନଂ ୬୮(୧୦)/ଜିଏମ/୧୦.୧.୨୩ ପ୍ରକାରେ ଏକାଡେମିକ ସେକ୍ସନ ଦାୟିତ୍ୱରେ ରହିଥିବା ସିନିୟର ଆସିଷ୍ଟାଣ୍ଟ ତାରା ପ୍ରସନ୍ନ ମହାପାତ୍ରଙ୍କୁ ତଦନ୍ତ କମିଟିକୁ ସମସ୍ତ ସହଯୋଗ ଏବଂ ଆଡିମିଶନ ସଂକ୍ରାନ୍ତ ସମସ୍ତ ଡକ୍ୟୁମେଣ୍ଟ ପ୍ରଦାନ ଲାଗି ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ତେବେ ତଦନ୍ତ ରିପୋର୍ଟକୁ ଚାପି ଦିଆଯାଇଛି ବୋଲି ଚର୍ଚ୍ଚା ହେଉଛି। ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ, ରେଜିଷ୍ଟର ରେକର୍ଡ, ଆଡ୍‌ମିଶନ ସମୟରେ ଆବଶ୍ୟକ ଡକ୍ୟୁମେଣ୍ଟ ଯାଞ୍ଚ ଲାଗି ଦାବି କରିଛନ୍ତି।

## ସଂକ୍ଷେପରେ

### ବ୍ଲକସ୍ତରୀୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**କୃଷ୍ଣପ୍ରସାଦ,୫।୪(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ମଧରେ ଥିବା ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ଚାଲିଥିବା ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। କେନ୍ଦ୍ର ଏବଂ ରାଜ୍ୟ ସରକାର ଶିକ୍ଷାକ୍ଷେତ୍ରକୁ ପ୍ରାଥମିକତା ଦେଉଥିବା ବେଳେ ଉନ୍ନତମାନର ଶିକ୍ଷା ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଛାତ୍ରୀଛାତ୍ରଙ୍କ ମଧରେ ଶିକ୍ଷା ପ୍ରତି ଆଗ୍ରହ ଓ ଉନ୍ନତ ଶିକ୍ଷା ପ୍ରଦାନ ଲାଗି ବିଭାଗ ପକ୍ଷରୁ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ନେଇ ପ୍ରଶିକ୍ଷଣ ଶିବିର ଆୟୋଜନ କରାଯାଇଥିଲା। ବ୍ଲକ ଶିକ୍ଷା ଅଧିକାରୀ ମଙ୍ଗୁଳି ଚରଣ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ କୃଷ୍ଣପ୍ରସାଦ ବ୍ଲକର ୫୦ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରି ପ୍ରଶିକ୍ଷଣ ନେଇଥିଲେ। ସିଆରସିସି ସୁନିଲ କୁମାର ଜେନା, ପ୍ରଦୀପ କୁମାର ପଲେଇ, ପଙ୍କଜ କୁମାର ବେହେରା ପ୍ରମୁଖ ଶିବିରରେ ତାଲିମ ପ୍ରଦାନ କରିଥିଲେ। ଏଥିରେ କୃଷ୍ଣପ୍ରସାଦ ବ୍ଲକ ବିଆରସିସି ସତ୍ୟବ୍ରତ ସାହୁ, ଅତିରିକ୍ତ ଶିକ୍ଷା ଅଧିକାରୀ ସିଦ୍ଧେଶ୍ୱର କରଣ, ମମତା ରଥ, ଉଗ୍ରସେନ ଶଙ୍ଖୁଆଳ ପ୍ରମୁଖ ସାମିଲ ହୋଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ମାଲବାହୀ ଅଟୋ ଧକ୍କାରେ ମୃତ୍ୟୁ ହୋଇଥିବା ଅଭିଯୋଗ ଆଣିଲେ ପରିବାର

**ନିରାକାରପୁର,୫।୪(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ନିରାକାରପୁର ଥାନା ଅନ୍ତର୍ଗତ ତାଳପଡାଠାରେ ଏକ ମାଲବାହୀ ଅଟୋ ବିଲ ମଧକୁ ଓଲଟି ପଡିବାରୁ ଜଣଙ୍କର ମୃତ୍ୟୁ ହୋଇଥିଲା। ସେ ହେଲେ ନରେନ୍ଦ୍ରପୁର ଗ୍ରାମର ରବୀନ୍ଦ୍ର ବେହେରା। ଅନ୍ୟପଟେ ଉକ୍ତ ଗାଡ଼ି ଧକ୍କାରେ ରବୀନ୍ଦ୍ରଙ୍କ ମୃତ୍ୟୁ ହୋଇଥିବା ତାଙ୍କ ସାନ ଭାଇ ରାଜେନ୍ଦ୍ର ବେହେରା ଅଭିଯୋଗ ଆଣିଛନ୍ତି। ପୋଲିସ ନଂ.୮୫/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଯେ, ମଙ୍ଗଳବାର ମାଲବାହୀ ଅଟୋରେ ରବୀନ୍ଦ୍ର ଯାଉଥିବାବେଳେ ଅଟୋଟି ଭାରସାମ୍ୟ ହରାଇ ବିଲକୁ ଖସି ପଡ଼ିଥିଲା। ଘଟଣା ସ୍ଥଳରୁ ଚାଳକ ଫେରାର ହୋଇଯାଇଥିବାବେଳେ ଅଟୋ ମାଲିକ ଅଟୋକୁ ନେଇଯାଇଥିଲେ। ଆହତ ରବୀନ୍ଦ୍ରଙ୍କୁ ସ୍ଥାନୀୟ ଲୋକେ ଖୋର୍ଦ୍ଧା ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ହୁଣ୍ଡି ଚୋରି କରି ଜଣେ ଗିରଫ

**ପୁରୀ ଅଫିସ,୫।୪:** ୱାଟର ୱାକ୍ସ ରୋଡ ନିକଟ ରାମ ମନ୍ଦିର ପରିସରରୁ ହୁଣ୍ଡି ଚୋରି କରିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେ ହେଲେ ଯାଜପୁର ଜିଲାର ଗଦାଧର ଜେନା (୫୬)। ପୋଲିସ ଅଭିଯୁକ୍ତ ନିକଟରୁ ଗୋଟିଏ ହୁଣ୍ଡି ବାକ୍ସ ସହିତ ୨୫,୪୯୫ ଟଙ୍କା ଜବତ କରିଛି। ଏନେଇ ପୋଲିସ ନଂ. ୯୩।୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚାଲିଛି। ରାମ ମନ୍ଦିରର ପୁରୋହିତ ପ୍ରଭାକର ରଥ ଲିଖିତ ଅଭିଯୋଗ କରିଥିଲେ।

## ଜମିଜମା ବିବାଦକୁ କେନ୍ଦ୍ରକରି ଗଣ୍ଡଗୋଳ: ଜଣେ ଗିରଫ

**ଜଟଣୀ,୫।୪(ଡି.ଏନ୍.ଏ.)**

ଜମିଜମା ବିବାଦକୁ କେନ୍ଦ୍ରକରି ହୋଇଥିବା ଗଣ୍ଡଗୋଳ ଘଟଣାରେ ଜଟଣୀ ଥାନା ପୋଲିସ ବୁଧବାର ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ ମଧୁସୂଦନନଗରର ପ୍ରଫୁଲ ବେହେରା। ସୂଚନା ମୁତାବକ, ଜମିଜମାକୁ ନେଇ ଉକ୍ତ ଗ୍ରାମର ନବକିଶୋର ବେହେରା ଓ ପଡ଼ୋଶୀ ପ୍ରଫୁଲ୍ଲଙ୍କ ପରିବାର ମଧ୍ୟରେ ଦୀର୍ଘଦିନ ହେବ ତିକ୍ତତା ଲାଗି ରହିଥିଲା। ଏହି ଘଟଣାକୁ ନେଇ ପ୍ରଫୁଲ୍ଲଙ୍କ ପରିବାର ନବକିଶୋରଙ୍କୁ ଆକ୍ରମଣ କରିଥିଲେ। ଏଥିରେ ନବକିଶୋର ଆହତ ହେବା ସହ ତାଙ୍କ ବାମ ଗୋଡ ଭାଙ୍ଗିଯାଇଥିବା ପୁଅ ସୌମ୍ୟରଞ୍ଜନ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଏକ ମାମଲା (ନଂ.୧୨୪/୨୩) ରୁଜୁ କରାଯିବା ସହ ତଦନ୍ତ ପରେ ପ୍ରଫୁଲ୍ଲଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ସୌମ୍ୟରଞ୍ଜନ ବଳିୟାରସିଂହ ସୂଚନା ଦେଇଛନ୍ତି।



ଜଟଣୀସ୍ଥିତ ଜାତୀୟ ଫାଗୁଆ ଗବେଷଣା ସଂସ୍ଥାନ ପକ୍ଷରୁ ଜି-୨୦ ଆୟୋଜନକୁ ନେଇ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

## ଜି-୨୦ ଆୟୋଜନକୁ ନେଇ ସଚେତନତା କାର୍ଯ୍ୟକ୍ରମ

**ଜଟଣୀ,୫।୪(ଡି.ଏନ୍.ଏ.)**

ଜଟଣୀସ୍ଥିତ ଜାତୀୟ ଫାଗୁଆ ଗବେଷଣା ସଂସ୍ଥାନ ପକ୍ଷରୁ ଜି-୨୦ ଆୟୋଜନକୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଉକ୍ତ ଗବେଷଣା ସଂସ୍ଥାନ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ଅରଗୁଳ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସୁବାସ ଚନ୍ଦ୍ର ସାହୁ ଯୋଗଦେଇଥିଲେ। ସଂସ୍ଥାନର ନିର୍ଦ୍ଦେଶକ ଡା.ରବୀନ୍ଦ୍ର ପ୍ରସାଦ ସିଂଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥିଭାବେ ଶିକ୍ଷୟିତ୍ରୀ ଲୋପିତା ବିଶ୍ୱାଳ, ପିଟର ଚିନ୍ତାଲୁ ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଭାରତୀୟ ପ୍ରାଣୀ ଚିକିତ୍ସା ଅନୁସନ୍ଧାନ ସଂସ୍ଥାନ ମୁକ୍ତେଶ୍ୱରର ଯୁଗ୍ମ ନିର୍ଦ୍ଦେଶକ ଡା.ଅଶୋକ କୁମାର ମହାନ୍ତି ଅନ୍‌ଲାଇନ ମାଧ୍ୟମରେ ଯୋଗଦେଇ ପଶୁପାଳନରେ ବ୍ୟବହୃତ ବିଭିନ୍ନ ଗବେଷଣାମୂଳକ ତଥ୍ୟ ଉପରେ ଉପସ୍ଥିତ ଚାଷୀଙ୍କୁ ସୂଚନା ଦେଇଥିଲେ। ଜୟନ୍ତୀ ମହାପାତ୍ର ପଶୁ ପାଳନକୁ ନେଇ ବିଭିନ୍ନ ତଥ୍ୟ ପ୍ରଦାନ କରିବା ସହିତ ଜଣେ କିପରି ପଶୁ ପାଳନକୁ ଜୀବିକା ଭାବେ ଗ୍ରହଣ କରି ସ୍ୱାବଲମ୍ବୀ ହୋଇପାରିବ କହିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଆୟୋଜକ ସଂସ୍ଥାନର ନିର୍ଦ୍ଦେଶକ ଡା. ରବୀନ୍ଦ୍ର ପ୍ରସାଦ ସିଂ ପୁରସ୍କୃତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜାତୀୟ ଫାଗୁଆ ଗବେଷଣା କେନ୍ଦ୍ରର ସମସ୍ତ ବୈଜ୍ଞାନିକ ଓ କର୍ମଚାରୀ, ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଗୋଦାମରେ ଅଗ୍ନିକାଣ୍ଡ: କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ନଷ୍ଟ

- ଚିଙ୍ଗୁଡ଼ି ଖାଦ୍ୟ, କେମିକାଲ, ବାଇକ୍ ଓ ଅନ୍ୟାନ୍ୟ ସାମଗ୍ରୀ ଜଳିଗଲା
- କେମିକାଲ ଗନ୍ଧରେ ୨ ଅଚେତ୍

**କୃଷ୍ଣପ୍ରସାଦ,୫।୪(ଡି.ଏନ୍.ଏ.)**

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ମୋରଡ଼ା ଗ୍ରାମରେ ଥିବା ଏକ ଗୋଦାମରେ ବୁଧବାର ଅଗ୍ନିକାଣ୍ଡ ଘଟିଛି। ଫଳରେ ଗୋଦାମରେ ଥିବା ପ୍ରାୟ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି। ଅନ୍ୟପଟେ କେମିକାଲରେ ନିଆଁ ଲାଗି ୩ ବଖରା ଜଳିଯାଇଥିଲା। ମାଲୁଦ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କେମିକାଲ ଗନ୍ଧରେ ମୋରଡ଼ା ଗ୍ରାମର ଦୀପକ ପଲେଇ ଓ ସବିତା ପଲେଇ ଅଚେତ୍ ହୋଇପଡ଼ିଥିଲେ। ଚିକିତ୍ସା ପାଇଁ ଏମାନଙ୍କୁ କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ମୋରଡ଼ା ଗ୍ରାମର କୈଳାସ ଚନ୍ଦ୍ର ପଲେଇ ଗୋଦାମରେ ଚିଙ୍ଗୁଡ଼ି ଖାଦ୍ୟ, ଭେନାମୀ ଚିଙ୍ଗୁଡ଼ି ପାଇଁ କେମିକାଲ ଓ ଅନ୍ୟାନ୍ୟ ସାମଗ୍ରୀ ଆଦି ରଖି ବିକ୍ରି କରନ୍ତି। କୌଣସି କାରଣରୁ ହଠାତ୍ ଗୋଦାମରେ ନିଆଁ ଲାଗିଯାଇଥିଲା। ଫଳରେ ଗୋଦାମରେ ଥିବା ସାମଗ୍ରୀ ଜଳିବା ସହ ଫୁଟିଥିଲା। କେମିକାଲରେ ନିଆଁ ଲାଗିଯିବାରୁ କେହି ଭିତରକୁ ଯାଇପାରି ନ ଥିଲେ। ଅନ୍ୟ ୩ବଖରାରେ ନିଆଁ ଲାଗିଯିବାରୁ ଧାନ, ଆସବାବପତ୍ର ଓ ବାଇକ୍ ଜଳିଯାଇଥିଲା। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲା। ପ୍ରାୟ କୋଟିଏ ଟଙ୍କାରୁ ଊର୍ଦ୍ଧ୍ୱ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଥିବା ଗୋଦାମ ମାଲିକ କୈଳାସ କହିଛନ୍ତି। ଖବରପାଇ ସିଆଣ୍ଡି ରାଜସ୍ୱ ନିରୀକ୍ଷକ ପ୍ରତୀକ ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ।



ଜଳିଯାଇଥିବା ବାଇକ୍।

## ଭାଗବତ କୋଠଘର ଲୋକାର୍ପିତ

**ବାଲିପାଟଣା,୫।୪(ଡି.ଏନ୍.ଏ.)**

ବନମାଳିପୁରସ୍ଥିତ ଦିୱାନପାଟଣାଠାରେ ବିଧାୟକ ପାଣ୍ଠିରେ ନିର୍ମିତ ଭାଗବତ କୋଠ ଘର ବୁଧବାର ଲୋକାର୍ପିତ ହୋଇଯାଇଛି। ଜୟଦେବ ବିଧାୟକ ଡ.ଅରବିନ୍ଦ ଢାଲି ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଗୃହ ଉଦ୍‌ଘାଟନ କରିଥିଲେ। ଆୟୋଜିତ ଗ୍ରାମ୍ୟସଭାକୁ ଉଦ୍‌ବୋଧନ ଦେଇ ଢାଲି କହିଥିଲେ, ନିର୍ବାଚନମଣ୍ଡଳୀର ପ୍ରାୟ ଗାଁରେ ବିଧାୟକ ହାତପାଣ୍ଠିରୁ କୋଠଘର କାମ କରାଯାଇଛି। ରହିଯାଇଥିବା ଗାଁଗୁଡ଼ିକରେ ମଧ କରାଯିବ। ସେହିପରି ପମ୍ପାଲ ପଞ୍ଚାୟତ ଅଧୀନ ଗଡ଼ବନ୍ତପୁର ଗ୍ରାମର ବେଦ ବିଦ୍ୟାଳୟଠାରେ ଆୟୋଜିତ ସଭାରେ ବିଧାୟକ ଢାଲି ଯୋଗଦେଇ ବିଦ୍ୟାଳୟ ଉନ୍ନତି ପାଇଁ କାମ କରାଯିବା ସହିତ ଗ୍ରାମରେ ଷ୍ଟ୍ରିଟ ଲାଇଟ ବ୍ୟବସ୍ଥା କରାଯିବ ବୋଲି କହିଥିଲେ। ଏହି ସଭାରେ ତ୍ରଷ୍ଟି ସମ୍ପାଦିକା ଭାଗ୍ୟଲକ୍ଷ୍ମୀ ସ୍ୱାଇଁ ଓ କାଳନ୍ଦୀ ସେଠୀ ଅନ୍ୟତମ ଅତିଥିଭାବେ ଯୋଗ ଦେଇଥିଲେ। ନରଦା ସ୍ଥିତ ଗ୍ରାମ୍ୟ ମନ୍ଦିରରେ ଅନୁଷ୍ଠିତ ରାମ ଚରିତ ମାନସ ପାରାୟଣ ସଭାରେ ବିଧାୟକ ଯୋଗଦେଇଥିଲେ।

## ଆହତ ଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ବାସନ୍ତୀ

**ନିରାକାରପୁର, ୫।୪ (ଡି.ଏନ୍.ଏ.)**

ଜଙ୍କିଆ ଥାନା ଟାଙ୍କୋଳ ଗ୍ରାମର ୩ଜଣ ଦଶମ ଶ୍ରେଣୀ ଛାତ୍ର ମାଟ୍ରିକ ପରୀକ୍ଷା ସାରି ଗତ ମାସ ୨୮ ତାରିଖରେ ଗାଁ ନିକଟ ମା' ତାରାଦେବୀଙ୍କ ମନ୍ଦିର ପରିସରରେ ଭୋଜି କରୁଥିଲେ। କୌଣସି କାର୍ଯ୍ୟରେ ଏମାନେ ଗୋଟିଏ ବାଇକରେ ଘରକୁ ଯାଇ ପୁଣି ଠାକୁରାଣି ମନ୍ଦିରକୁ ଫେରୁଥିବାବେଳେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଯାଇଥିଲେ। ଫଳରେ ୩ଜଣ ଗୁରୁତର ଆହତ ହୋଇ ସ୍ଥାନୀୟ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଖବରପାଇ ବୁଧବାର ରାଜ୍ୟ ବିଜେଡି ମହିଳା ଉପସଭାପତି ବାସନ୍ତି ମହାପାତ୍ର ଆହତ ଛାତ୍ରଙ୍କ ପରିବାର ପାଖେ ପହଞ୍ଚି ସମବେଦନା ଜଣାଇଛନ୍ତି। ଏଥିସହ କିଛି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏଥିରେ ସ୍ଥାନୀୟ ସରପଞ୍ଚ ବିରେଶ ରାଜଗୁରୁ, ସମିତି ସଭ୍ୟ ବିଶ୍ୱନାଥ ସାହୁ, ୱାର୍ଡ ସଭ୍ୟା ସରିତା ବେହେରା ଏବଂ କିଛି ଗ୍ରାମବାସୀ ଉପସ୍ଥିତ ଥିଲେ।



ବାସନ୍ତୀ ମହାପାତ୍ର ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି।

## ବାରପଲ୍ଲୀ ବରିଷ୍ଠ ନାଗରିକ ସମ୍ମାନ ସମାରୋହ

**ବେଗୁନିଆ,୫।୪(ଡି.ଏନ୍.ଏ.)**

ବେଗୁନିଆ ବ୍ଲକ ଗଡ଼ମାଣତୀର ଗ୍ରାମସ୍ଥିତ ରାଧାବଲ୍ଲଭ ଫାଉଣ୍ଡେଶନ ଆନୁକୂଲ୍ୟରେ ଏକ ସମ୍ମାନ ସମାରୋହ ଆୟୋଜିତ ହୋଇଯାଇଛି। ଏଥିରେ ସ୍ଥାନୀୟ ବାରପଲ୍ଲୀ ଅଞ୍ଚଳର ୧୨ଜଣ ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷାବିତ୍ ଡ.ବନ ବିହାରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ପୁରୁଷୋତ୍ତମ ବେହେରା ଯୋଗଦେଇଥିଲେ। ବକ୍ତାଭାବେ କବି ଲକ୍ଷ୍ମୀଧର ମହାପାତ୍ର ଏବଂ ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସରସ୍ୱତୀ ବିଶ୍ୱାଳ ଉପସ୍ଥିତ ଥିଲେ। ଆୟୋଜକ ଅନୁଷ୍ଠାନର ସମ୍ପାଦକ ବଳରାମ ରଣସିଂହ ସମାରୋହ ସମ୍ପର୍କରେ ବିବରଣୀ ପ୍ରଦାନ କରିଥିଲେ। ବୃଦ୍ଧ ମାତାପିତାଙ୍କ ଆଶୀର୍ବାଦ ଗ୍ରହଣ କଲେ ପୁଣ୍ୟ ଅର୍ଜନ ହୋଇଥାଏ। ପରିଣତ ବୟସରେ ଦୈନନ୍ଦିନ ଅତିବାହିତ କରିବା ପାଇଁ ଜଣେ ବୃଦ୍ଧ ନାଗରିକ କୁନି ପିଲାଙ୍କୁ ନିଜର ଅବିଚ୍ଛେଦ୍ୟ ଅଙ୍ଗଭାବେ ଧରି ନିଅନ୍ତି। ବରିଷ୍ଠ ନାଗରିକଙ୍କ ସମ୍ମାନ ରକ୍ଷା ଏକାନ୍ତ ଆବଶ୍ୟକ ବୋଲି ଅତିଥି ମହାପାତ୍ର କହିଥିଲେ। ଭଗବାନ ଅଧିକାରୀ, ବିଜୟ କୁମାର ରଥ, ସନ୍ଥ ଚରଣ ସାମନ୍ତରାୟ, ସନାତନ ପୂଜାରୀ, ନାରାୟଣ ଶ୍ରୀଚନ୍ଦନ, କୁଳମଣି ମହାନ୍ତି, ପଦ୍ମ ଚରଣ ରାଉତରାୟ, ଚକ୍ରଧର ବେହେରା, ଭୀମ ସୁନ୍ଦରାୟ, ଲକ୍ଷ୍ମଣ ବେହେରା, ରାମଚନ୍ଦ୍ର ରଥ ଏବଂ ବାନାମ୍ବର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ୱାଗତିକା ରାଉତରାୟ ସ୍ୱାଗତ ଭାଷଣ ଦେଇଥିବାବେଳେ ସଂଯୋଜନା କରିଥିଲେ ନିରଞ୍ଜନ ବେହେରା। ପ୍ରିତୀପ୍ରଜ୍ଞା ରଣସିଂହ, ପୂର୍ଣ୍ଣଚନ୍ଦ୍ର ପଣ୍ଡା ସହଯୋଗ କରିଥିବା ବେଳେ ଜଗନ୍ନାଥ ସାମଲ ଧନ୍ୟବାଦ ଦେଇଥିଲେ।



ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବରିଷ୍ଠ ନାଗରିକମାନେ।

## ଆର୍‌ଆଇ ଅଫିସ ଘେରିଲେ ଗ୍ରାମବାସୀ



ଗ୍ରାମବାସୀ ଧଳାପଥର ଆର୍‌ଆଇ ଅଫିସ୍ ଘେରାଉ କରିଛନ୍ତି।

**ବୋଲଗଡ଼,୫।୪(ଡି.ଏନ୍.ଏ.)**

ବୋଲଗଡ ବ୍ଲକ ଅନ୍ତର୍ଗତ ଧଳାପଥର ରାଜସ୍ୱ ନିରୀକ୍ଷକ(ଆର୍‌ଆଇ) ଅଫିସକୁ ଠଣାପଲ୍ଲୀର ଶତାଧିକ ଗ୍ରାମବାସୀ ଘେରାଉ କରିବା ସହ ନିଜର ହକ୍ ପାଇଁ ନାରାବାଜି ଦେଇଥିଲେ। ଠଣାପଲ୍ଲୀ ଗ୍ରାମରେ ଥିବା ପୋଖରୀ ହୁଡା ଓ ଗୋଚର ଜମିକୁ କେତେଜଣ ବ୍ୟକ୍ତି ଜବରଦଖଲ କରିଛନ୍ତି। ଗ୍ରାମବାସୀ ଏକତ୍ରିତ ହୋଇ ଜବରଦଖଲ ଉଚ୍ଛେଦ କରି ଗାଁରେ ଭାଇଚାରାର ବାତାବରଣ ସୃଷ୍ଟି କରିବା ନିମନ୍ତେ ପଦକ୍ଷେପ ସ୍ୱରୂପ ସେମାନଙ୍କୁ ଜବରଦଖଲ ଉଚ୍ଛେଦ କରିବାକୁ ଅନୁରୋଧ କରିଥିଲେ। କେତେଜଣ ବ୍ୟକ୍ତି ଜବରଦଖଲ ହଟାଇଥିବା ବେଳେ ଆଉ କେତେଜଣ ଅବମାନନା କରିଥିଲେ। ଏନେଇ ଗ୍ରାମବାସୀ ସ୍ଥାନୀୟ ବିଧାୟକ, ଉପଜିଲାପାଳ, ତହସିଲଦାର ଓ ଆର୍‌ଆଇଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ତେବେ ଦାବିପତ୍ର ପ୍ରଦାନ କରିବା ସତ୍ତ୍ୱେ କୌଣସି ନ୍ୟାୟ ନ ମିଳିବାରୁ ଗ୍ରାମବାସୀ, ଏସଏଚଜି ଗୋଷ୍ଠୀ ଓ ଯୁବଗୋଷ୍ଠୀ ଏକାଠି ହୋଇ ଧଳାପଥର ଆର୍‌ଆଇ ଅଫିସ ଘେରାଉ କରିଥିଲେ। ଖବରପାଇ ଖୋର୍ଦ୍ଧା ଉପଖଣ୍ଡ ପୋଲିସ ଅଧିକାରୀ, ବେଗୁନିଆ ଥାନା ଅଧିକାରୀଙ୍କ ସମେତ ଧଳାପଥର ଫାଣ୍ଡି ପୋଲିସ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ତହସିଲଦାର ପହଞ୍ଚି ଜବରଦଖଲକାରୀଙ୍କୁ ଜାଗା ଛାଡିବା ପାଇଁ ଚିଠି କରିବା ପରେ ପରିସ୍ଥିତି ସ୍ୱାଭାବିକ୍ ହୋଇଥିଲା। ଉତ୍ତେଜନାକୁ ଦୃଷ୍ଟିରେ ରଖି ଗ୍ରାମରେ ଏକ ପ୍ଲାଟୁନ ପୋଲିସ ଫ୍ଲାଗମାର୍ଚ୍ଚ କରିବା ସହ ଶାନ୍ତି ବଜାୟ ରଖିବା ପାଇଁ ନିବେଦନ କରିଥିଲେ। ଗ୍ରାମବାସୀ ପ୍ରଶାସନକୁ ସହଯୋଗ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

## ହଟିଲା ଜବରଦଖଲ, ରାସ୍ତା ନିର୍ମାଣ ପାଇଁ ବାଟ ଫିଟିଲା

**ବେଗୁନିଆ,୫।୪(ଡି.ଏନ୍.ଏ.)**

ସରକାରୀ ଜାଗାକୁ ବେଆଇନଭାବେ ଜବରଦଖଲ କରିଥିବା ଅଭିଯୋଗରେ ବେଗୁନିଆ ତହସିଲ ପକ୍ଷରୁ ବୁଧବାର ଉଚ୍ଛେଦ କରାଯାଇଛି। ଫଳରେ ରାସ୍ତା ନିର୍ମାଣ ପାଇଁ ବାଟ ଫିଟିଛି। ସୂଚନା ମୁତାବକ, ବେଗୁନିଆ ତହସିଲ ଅନ୍ତର୍ଗତ ରାଉତପଡ଼ା ଗ୍ରାମରୁ କୋତଲାଙ୍ଗ ଗ୍ରାମକୁ ନୂତନଭାବେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ୨୦୨୨ରେ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। ନିର୍ମାଣାଧୀନ ରାସ୍ତାର ଗୋଟିଏ ସ୍ଥାନରେ ଦୁଇଟି ପରିବାର ଲୋକେ ଅବରୋଧ କରିଥିଲେ। ଏନେଇ ଗ୍ରାମ୍ୟ କମିଟି ପକ୍ଷରୁ ୬ମାସ ପୂର୍ବେ ଜିଲାପାଳ, ଉପଜିଲାପାଳ ଓ ସ୍ଥାନୀୟ ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହାପରେ ଭଗବାନ ଚାନ୍ଦ ଓ ଯମୁନା ଚାନ୍ଦଙ୍କ ନାମରେ ଇସି ୫୧/୨୨ ରେ କେସ୍ ରୁଜୁ ହୋଇଥିଲା। ଉପଜିଲାପାଳ ଦୀପ୍ତିରଞ୍ଜନ ସେଠିଙ୍କ ଆଦେଶନାମା ଅନୁସାରେ ସ୍ଥାନୀୟ ତହସିଲଦାର ପ୍ରଧାନ ଟୁଲ୍ଲୀ ଆମ୍ବା, ଅତିରିକ୍ତ ଥାନା ଅଧିକାରୀ ଶମ୍ଭୁନାଥ ନାୟକଙ୍କ ସହିତ ତହସିଲ ଓ ପୋଲିସ କର୍ମଚାରୀମାନେ ଜବରଦଖଲ ସ୍ଥଳରେ ପହଞ୍ଚିଥିଲେ। ଜବରଦଖଲ କରିଥିବା ଉଭୟ ପରିବାର ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସେମାନେ ହଟି ନ ଥିଲେ। ପରେ ଜେସିବି ମେଶିନ ଦ୍ୱାରା ଉଚ୍ଛେଦ କରାଯାଇଥିଲା।



ଜବରଦଖଲ ସ୍ଥଳରେ ପହଞ୍ଚି ତହସିଲଦାର ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଛନ୍ତି।

## ସଂକ୍ଷେପରେ

### ରେଲୱେ ସମ୍ପତ୍ତି ଚୋରି ଘଟଣା, ମୁଖ୍ୟ ଅଭିଯୁକ୍ତ ଗିରଫ

**କଟକ ଅଫିସ,୫।୪:** ରେଲୱେ ସମ୍ପତ୍ତି ଚୋରି ଘଟଣାରେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ଗଙ୍ଗାଧର ପଲେଇଙ୍କୁ ବୁଧବାର ଆର୍‌ପିଏଫ୍ ଗିରଫ କରିଛି। କଟକ ଆର୍‌ପିଏଫ୍ ଗତ ମାର୍ଚ୍ଚ ୧୯ ତାରିଖ ରାତିରେ ରେଲୱେ ସମ୍ପତ୍ତି ଚୋରି ହେଉଥିବା ଜାଣିବାକୁ ପାଇଥିଲା। ତୁରନ୍ତ ସେଠାରେ ଚଢ଼ାଉ କରି ୨ ଅଭିଯୁକ୍ତ ରମା ବେହେରା ଓ ବାଇତି ଚମ୍ପିଆଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ବହୁ ପରିମାଣର ରେଲୱେ ସମ୍ପତ୍ତି ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଥିଲା। ହେଲେ ଗଙ୍ଗାଧର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏନେଇ ଆର୍‌ପିଏଫ୍ ଥାନାରେ ଏକ ମାମଲା(ନଂ.୮/୨୩) ରୁଜୁ ହୋଇଥିଲା। ବୁଧବାର ମହାନଦୀ ପୋଲ ଅଞ୍ଚଳରେ ଆର୍‌ପିଏଫ୍ ଚଢ଼ାଉ କରି ଗଙ୍ଗାଧରଙ୍କୁ ଗିରଫ କରିଥିଲା। ରେଲୱେ ସମ୍ପତ୍ତି ଚୋରି କରିବା ସହ ବିଭିନ୍ନ ଆପରାଧିକ କାର୍ଯ୍ୟକଳାପରେ ସାମିଲ ଥିବା ସେ ଆର୍‌ପିଏଫ୍ ନିକଟରେ ସ୍ୱୀକାର କରିଛନ୍ତି।

### 'ଦୁର୍ଘଟଣାଗ୍ରସ୍ତଙ୍କୁ ଡାକ୍ତରଖାନା ପହଞ୍ଚାଇବା ରକ୍ଷକଙ୍କ କର୍ତ୍ତବ୍ୟ'

**କଟକ ଅଫିସ, ୫।୪:** ରକ୍ଷକ କାର୍ଯ୍ୟକ୍ରମ ଅନ୍ତର୍ଗତ ପ୍ରାଥମିକ ସହାୟତା ପ୍ରଦାନ ନିମନ୍ତେ ନିୟୋଜିତ ବ୍ୟକ୍ତିମାନଙ୍କ ପାଇଁ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବୁଧବାର କଟକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଉଦ୍‌ଘାଟିତ ହୋଇଯାଇଛି। କଟକ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲାପାଳ ଶିବ ଟପୋ ଉଦ୍‌ଘାଟନ କରିଥିଲେ। ଟ୍ରାଫିକ ନିୟମ ଅନୁପାଳନ ପୂର୍ବକ ସୁରକ୍ଷିତ ଗାଡିଚାଳନା, ଧୀରଗତି-ଜୀବନ ସୁରକ୍ଷିତ ନୀତି ଅବଲମ୍ବନ କରିବାକୁ ସେ ପରାମର୍ଶ ଦେଇଥିଲେ। ଏଥିସହ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ଆଘାତ ପାଇବା ସଙ୍ଗେ ସଙ୍ଗେ ଡାକ୍ତରଖାନା ପହଞ୍ଚାଇବା ହେଉଛି ରକ୍ଷକମାନଙ୍କ ପ୍ରଥମ କର୍ତ୍ତବ୍ୟ ବୋଲି ସେ କହିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ଇଂ. ସଞ୍ଜୟ କୁମାର ବେହେରା ସଡକ ସୁରକ୍ଷା ସମ୍ବନ୍ଧିତ ତଥ୍ୟ ଓ ନିୟମାବଳୀ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ଜାତୀୟ ରାଜପଥ-୧୬ର ରକ୍ଷଣାବେକ୍ଷଣ କରୁଥିବା ସଂସ୍ଥା ଏସ୍‌ଜେଇପିଏଲ୍ ଏମ୍‌ଏପିଏଲ୍‌ଏ ହାଇୱେଜ୍‌ର ପ୍ରାୟ ୧୨୦ ଜଣ କର୍ମଚାରୀଙ୍କୁ ତାଲିମ ଦିଆଯାଇଛି। ଗୁରୁବାର ୧୦୦ରୁ ଊର୍ଦ୍ଧ୍ୱ ଛାତ୍ର ଟ୍ରାଫିକ ସ୍ୱେଚ୍ଛାସେବକ, କଟକ ଅଟୋ ମହାସଂଘର ଚାଳକ ଓ ମାଲିକମାନଙ୍କୁ ତାଲିମ ଦେବାର ବ୍ୟବସ୍ଥା କରାଯାଇଛି। ମାଷ୍ଟର ଟ୍ରେନର ସୁଜିତ କୁମାର ସେନାପତି, ଦିଲୀପ କୁମାର ପଣ୍ଡା ଓ ଜ୍ୟୋତିରଞ୍ଜନ ମହାପାତ୍ର ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ରକ୍ଷକ କାର୍ଯ୍ୟକ୍ରମରେ ବର୍ଷକ ମଧ୍ୟରେ ୩୦,୦୦୦ ଜଣଙ୍କୁ ତାଲିମ ଦେବା ପାଇଁ ସ୍ଥିର କରାଯାଇଛି। ସେଥିମଧ୍ୟରୁ କଟକ ଜିଲାର ୧୪୦୦ ଜଣଙ୍କୁ ତାଲିମ ଦିଆଯାଇ ସାରିଲାଣି।

# ପୁରୁଣା ଜେଲ ପରିସର ଉନ୍ନତୀକରଣ ପାଇଁ ନକ୍ସା ପ୍ରସ୍ତୁତ

**କଟକ ଅଫିସ, ୫।୪**

କଟକ ସହରରେ ଏକାଧିକ ଉନ୍ନତୀକରଣ କାର୍ଯ୍ୟ ଜାରି ରହିଛି। ପୁରୁଣା ଜେଲ ପରିସର ଓ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟକୁ ଅଧିକ ଆକର୍ଷଣୀୟ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷ(ସିଡିଏ)ଙ୍କ ପକ୍ଷରୁ ଜୋର୍‌ଦାର ଉଦ୍ୟମ ଆରମ୍ଭ ହୋଇଯାଇଛି। ଏନେଇ ବୁଧବାର ପୂର୍ବାହ୍ନରେ ସିଡିଏ ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ସିଡିଏ ଅଧ୍ୟକ୍ଷ ଅନିଲ କୁମାର ସାମଲ, ଉପାଧ୍ୟକ୍ଷ ତଥା ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ, ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସମେତ ଏକାଧିକ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ନିକଟସ୍ଥ ପୁରୁଣା ଜେଲ ଜମିରେ ହେବାକୁ ଥିବା ଉନ୍ନତିକରଣ କାର୍ଯ୍ୟ ସମ୍ପର୍କିତ ନକ୍ସା ଓ ପ୍ଲାନ୍ ବୈଠକରେ ଉପସ୍ଥାପନ କରାଯାଇଥିଲା। ତୋରଣ ନିକଟରୁ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ପର୍ଯ୍ୟନ୍ତ ସ୍ଥାନକୁ ସୌନ୍ଦର୍ଯ୍ୟକରଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ସହରକୁ ପର୍ଯ୍ୟଟନ ମାନଚିତ୍ରରେ ସ୍ଥାନିତ କରିବା ପାଇଁ ପ୍ରଶାସନ ଉଦ୍ୟମ ଜାରି ରଖିଛି। ପୁରୁଣା ଜେଲ ପରିସରର ରୂପାନ୍ତରଣ କାର୍ଯ୍ୟ ସହ ସଂଗ୍ରହାଳୟକୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ସେଠାରେ ଟୁରିଷ୍ଟ ବସ୍ ରହଣୀ ସ୍ଥଳ ନିର୍ମାଣ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ସେହିପରି ନିକଟରେ ଥିବା ପୋଖରୀର ଉନ୍ନତୀକରଣ, ପୁନରୁଦ୍ଧାର ଓ ବୋଟିଂ ବ୍ୟବସ୍ଥା, ପୁରୁଣା ଜେଲ୍‌ର ୧୫ ନମ୍ବର ୱାର୍ଡର ଜୁଭେନାଇଲ ପ୍ରିଜନ୍ ଆଦିର ସ୍ମୃତିଚାରଣ ପାଇଁ ତା'ର ଉନ୍ନତୀକରଣ, ଶିଶୁ ପ୍ରମୋଦ ଉଦ୍ୟାନ, ଯୋଗ ଓ ଧ୍ୟାନ କେନ୍ଦ୍ରର ନିର୍ମାଣ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ। ଏଥିପାଇଁ ସରକାରଙ୍କ ଅନୁମୋଦନ ନିମନ୍ତେ ରିପୋର୍ଟ ପଠାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ତେବେ ପ୍ରାଥମିକ ପର୍ଯ୍ୟାୟରେ ପାର୍କିଂ ସ୍ଥଳ, ପ୍ରମୋଦ ଉଦ୍ୟାନ, ଆଲୋକୀକରଣ କାର୍ଯ୍ୟ ଆରମ୍ଭ ହେବ। ସେହିପରି ତାଳଦଣ୍ଡା କେନାଲର ରୂପାନ୍ତରଣ କାର୍ଯ୍ୟକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିଲା। ଏଥିସହ ବାକି ଥିବା ନିର୍ମାଣ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ବୈଠକରେ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀମାନେ ଉପସ୍ଥିତ ଥିଲେ।


ବୈଠକରେ ସିଡ଼ିଏ ଅଧ୍ୟକ୍ଷ ଅନିଲ ସାମଲ, ଉପାଧ୍ୟକ୍ଷ ନିଖିଲ ପୱନ କଲ୍ୟାଣ, ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସହ ଅନ୍ୟମାନେ।

**ସିଡିଏ ସମ୍ମିଳନୀ କକ୍ଷରେ ବୈଠକ**

■ପର୍ଯ୍ୟଟକଙ୍କ ପାଇଁ ନିର୍ମାଣ ହେବ ବସ୍ ରହଣି ସ୍ଥଳ


କଟକ ରେଳ ସୁରକ୍ଷା ବଳ (ଆର୍‌ପିଏଫ୍) ପକ୍ଷରୁ ବୁଧବାର ସନ୍ଧ୍ୟାରେ ରେଳଷ୍ଟେଶନରେ ଫ୍ଲାଗମାର୍ଚ୍ଚ କରାଯାଇଛି। ରେଳଷ୍ଟେଶନ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆର୍‌ପିଏଫ୍ କର୍ମଚାରୀମାନେ ପରିକ୍ରମା କରିଥିଲେ। ରେଳଯାତ୍ରୀଙ୍କୁ ସୁରକ୍ଷିତ ଯାତ୍ରା ସହ ରେଳ ସମ୍ପତ୍ତିର ସୁରକ୍ଷା କରିବା ଏହି ଫ୍ଲାଗ୍‌ମାର୍ଚ୍ଚର ଉଦ୍ଦେଶ୍ୟ ବୋଲି ଆର୍‌ପିଏଫ୍ ଆଇଆଇସି ଅନିଲ ସିଂହ ସୂଚନା ଦେଇଛନ୍ତି।

# ମେ' ୧ରୁ କଟକ ଜିଲାରେ ପଛୁଆବର୍ଗଙ୍କ ସର୍ଭେ

**କଟକ ଅଫିସ,୫।୪**

କଟକ ଜିଲାରେ ବାସ କରୁଥିବା ପଛୁଆବର୍ଗଙ୍କ ସାମାଜିକ ଓ ଶିକ୍ଷାଗତ ସ୍ଥିତି ଆକଳନ ନିମନ୍ତେ ଆସନ୍ତା ମେ' ୧ରୁ ୨୭ ତାରିଖ ପର୍ଯ୍ୟନ୍ତ ସର୍ଭେ କରାଯିବ। ଓଡ଼ିଶା ପଛୁଆବର୍ଗ କମିଶନ୍‌ଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହେବ। ଜିଲାର ବିଭିନ୍ନ ବ୍ଲକ, ପୌରପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦଗୁଡିକରୁ ମନୋନୀତ ହୋଇଥିବା ମାଷ୍ଟର ଟ୍ରେନରଙ୍କୁ ବୁଧବାର ପ୍ରଶିକ୍ଷଣ ଦିଆଯାଇଛି। ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲାପାଳ ଶିବୋ ଟପୋଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ମୁଖ୍ୟ ଅତିଥି ଭାବେ ରାଜସ୍ୱ ବିପର୍ଯ୍ୟୟ ଓ ପ୍ରଶମନ ବିଭାଗର ଅତିରିକ୍ତ ସଚିବ ଅମିୟ ସାହୁ ଯୋଗଦେଇଥିଲେ। କଟକ ସଦର ଉପଜିଲାପାଳ କମଲଜିତ୍ ଦାଶ, ଆଠଗଡ଼ ଉପଜିଲାପାଳ ହେମନ୍ତ ସ୍ୱାଇଁ, ବାଙ୍କୀ ଉପଜିଲାପାଳ ରଞ୍ଜନ କୁମାର ଜେନା, କଟକ ଜିଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ପ୍ରଶାନ୍ତ ନାୟକ ଜିଲାସ୍ତରୀୟ ମାଷ୍ଟର ଟ୍ରେନର ଭାବରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ସର୍ଭେ ପାଇଁ ୬୮ଜଣ ବ୍ଲକସ୍ତରୀୟ ମାଷ୍ଟର ଟ୍ରେନର୍‌ଙ୍କୁ ତାଲିମ ଦିଆଯାଇଥିଲା। ଜିଲାରେ ଏହି ସର୍ଭେ କାର୍ଯ୍ୟକ୍ରମକୁ ସଫଳ ଭାବେ ଆୟୋଜନ ନିମନ୍ତେ ଜିଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ର ଦାୟିତ୍ୱ ନେଇଥିବା ସୂଚନା ମିଳିଛି।

ମାଷ୍ଟର ଟ୍ରେନର୍‌ମାନେ ବ୍ଲକସ୍ତରରେ ସୁପରଭାଇଜର ଓ ଏନୁମେରେଟରଙ୍କୁ ଦୁଇଟି ପର୍ଯ୍ୟାୟରେ ତାଲିମ ପ୍ରଦାନ କରିବେ। ଏହି ତାଲିମ କାର୍ଯ୍ୟକ୍ରମ ଏପ୍ରିଲ ୬ରୁ ୧୨ ତାରିଖ ଓ ଏପ୍ରିଲ ୧୮ରୁ ୨୪ ତାରିଖ ପର୍ଯ୍ୟନ୍ତ କରାଯିବ। ମେ' ୧ରୁ ୨୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ୯୩୫ ସର୍ଭେ କେନ୍ଦ୍ର ପାଇଁ ୧୧୦୬ ଏନୁମେରେଟର ଏବଂ ୧୧୮ଜଣ ସୁପରଭାଇଜରଙ୍କୁ ନିଯୁକ୍ତି ଦିଆଯାଇଛି। ଏତଦ୍‌ବ୍ୟତୀତ ୨୧୮ଜଣ ରିଜର୍ଭ ଏନୁମେରେଟର ଓ ୨୬ଜଣ ସୁପରଭାଇଜରଙ୍କୁ ନିଯୁକ୍ତି ଦିଆଯାଇଛି। ଉକ୍ତ ସର୍ଭେରୁ ବଞ୍ଚିତ ହୋଇଥିବା ବ୍ୟକ୍ତିଙ୍କ ନିମନ୍ତେ ମେ' ୨୧ରୁ ୨୭ତାରିଖ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଅଭିଯାନ କରାଯିବ। ସର୍ଭେର ଚୂଡ଼ାନ୍ତ ତାଲିକା ଜୁଲାଇ ୧୨ରେ ରାଜ୍ୟ ପଛୁଆବର୍ଗ କମିଶନଙ୍କ ଦ୍ୱାରା ପ୍ରକାଶ ପାଇବ ବୋଲି ବୈଠକରେ ଆଲୋଚନା ହୋଇଥିଲା।

# 'ସହରକୁ ସ୍ୱଚ୍ଛ ରଖିବା ସମସ୍ତଙ୍କ ଦାୟିତ୍ୱ'

**ପରିମଳ ସମ୍ପର୍କିତ କର୍ମଶାଳା**

**କଟକ ଅଫିସ, ୫।୪**

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଶହୀଦ ଭବନରେ ଚାଲିଥିବା ପରିମଳ ସମ୍ପର୍କିତ କର୍ମଶାଳାର ବୁଧବାର ଥିଲା ଦ୍ୱିତୀୟ ଦିନ। ଏହି ଅବସରରେ ବର୍ଜ୍ୟବସ୍ତୁ ସ୍ଥାନାନ୍ତର କରୁଥିବା ଗାଡି ଚାଳକ ଓ ଲୋଡରମାନଙ୍କୁ ନେଇ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ସିଏମ୍‌ସି ମେୟର ସୁବାସ ସିଂ ଯୋଗଦେଇ ସହର ସଫେଇ କାର୍ଯ୍ୟକ୍ରମ ଅତ୍ୟନ୍ତ ଆଖିଦୃଶିଆ ଭାବେ କରିବା ପାଇଁ ପରାମର୍ଶ ଦେଇଥିଲେ। ସହରକୁ ସ୍ୱଚ୍ଛ ରଖିବା ଆମ ସମସ୍ତଙ୍କ ଦାୟିତ୍ୱ। ସାଧାରଣ ଲୋକଙ୍କୁ ଏ ସମ୍ପର୍କରେ ସଚେତନ କରାଇବାକୁ ସେ ଉପସ୍ଥିତ ଅଧିକାରୀ ଓ କର୍ପୋରେଟରମାନଙ୍କୁ କହିଥିଲେ। ପ୍ରାରମ୍ଭରେ ଏହି କାର୍ଯ୍ୟକ୍ରମକୁ ଭିତ୍ତିକରି ସାମୂହିକ ସଫେଇ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଶତାଧିକ ସଫେଇ କର୍ମଚାରୀ ଚୌଧୁରୀବଜାରସ୍ଥିତ ସିଟି ହସ୍ପିଟାଲ ନିକଟରୁ କଦମରସୁଲ ପର୍ଯ୍ୟନ୍ତ ସ୍ଥାନକୁ ସଫା କରିଥିଲେ। ମେୟର ସିଂ, ଡେପୁଟି କମିଶନର ସଞ୍ଜୀବିତା ରାୟ ଏବଂ କର୍ପୋରେଟରମାନେ ଏହି ସଫେଇ କାର୍ଯ୍ୟକ୍ରମରେ ଉପସ୍ଥିତ ରହି କର୍ମଚାରୀମାନଙ୍କୁ ଉତ୍ସାହିତ କରିଥିଲେ। କର୍ମଶାଳାରେ ଡେପୁଟି ମେୟର ଦମୟନ୍ତୀ ମାଝି, ସ୍ୱାସ୍ଥ୍ୟ ବିଭାଗ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ଦୀପ୍ତିମୟୀ ମୂଳିଆଙ୍କ ସମେତ ବହୁ କର୍ପୋରେଟର ଉପସ୍ଥିତ ଥିଲେ।

# ବିନା ନୋଟିସରେ ଦୋକାନ ଭାଙ୍ଗିଦେଲେ

**କଟକ ଅଫିସ, ୫।୪**

**ଜିଲାପାଳ, ମେୟରଙ୍କୁ ଦାବିପତ୍ର**

ବିନା ନୋଟିସ୍‌ରେ ପ୍ୟାରୀମୋହନ ଏକାଡେମୀ ପରିସୀମାରେ ଥିବା ଦୋକାନଗୁଡିକୁ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ସୋମବାର ବୁଲ୍‌ଡୋଜର ଲଗାଇ ଭାଙ୍ଗି ଦିଆଯାଇଥିଲା। ଏ ନେଇ ପ୍ୟାରୀମୋହନ ଏକାଡେମୀ ପରିଚାଳନା କମିଟିର ପୂର୍ବତନ ଅଧ୍ୟକ୍ଷ ତଥା ବର୍ତ୍ତମାନର ସଦସ୍ୟ ଶେଖ୍ ରହେମତ ମଙ୍ଗଳବାର ସିଏମ୍‌ସି କମିଶନରଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ହେଲେ କମିଶନରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ରହେମତ ବୁଧବାର କଟକ ଜିଲାପାଳ ଓ ସିଏମ୍‌ସି ମେୟରଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

ମିଳିଥିବା ସୂଚନା ମୁତାବକ, ବିନା ନୋଟିସ୍‌ରେ ଦୋକାନଗୁଡିକୁ ଭାଙ୍ଗି ଦିଆଯାଇଛି। ଏ ନେଇ ଜିଲାପାଳ, ଶିକ୍ଷା ଅଧିକାରୀ, ପ୍ରଧାନଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା କମିଟିର ଅନୁମତି ନିଆଯାଇନାହିଁ। ପୂର୍ବରୁ ସୂଚନା ନ ଦେଇ ସିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଟିମ୍‌ର ଅଧିକାରୀମାନେ ଏକାଡେମୀ ଜମିରେ ଥିବା ଦୋକାନ ଭାଙ୍ଗିଛନ୍ତି। ନିଜ ପଦମର୍ଯ୍ୟାଦାର ଅପବ୍ୟବହାର କରିବା ସହ ସର୍ଭିସ ରୁଲ୍ ଅବମାନନା କରିବା, ବିଦ୍ୟାଳୟ ଚାଲୁଥିବା ସମୟରେ ଏଭଳି କାର୍ଯ୍ୟ କରି ଛାତ୍ରୀଛାତ୍ରଙ୍କ ମନରେ ଭୟ ସୃଷ୍ଟି କରାଯାଇଛି। ଏଭଳି କାର୍ଯ୍ୟ କରିଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏନେଇ ସିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଟିମ୍ ଅଧିକାରୀ ତଥା ଡେପୁଟିକମିଶନର ଅଜୟ ମହାନ୍ତି କହିଛନ୍ତି, ଏକାଡେମୀ ନିକଟ ସରକାରୀ ସ୍ଥାନରୁ ଦୋକାନଗୁଡିକ ଉଚ୍ଛେଦ କରାଯାଇଛି। ଏହି ସ୍ଥାନ କାହାରି ବ୍ୟକ୍ତିଗତ ସମ୍ପତ୍ତି ନୁହେଁ। ଦୋକାନଗୁଡିକ ନାଳ ଉପରେ ଥିବାରୁ ତାହାକୁ ଭଙ୍ଗାଯାଇଛି। ସହରର ପରିମଳ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଏଭଳି କରାଯାଇଛି। ଏଥିପାଇଁ କୌଣସି ନୋଟିସ୍ କରାଯାଉନାହିଁ ବୋଲି ସେ କହିଛନ୍ତି।

# 'ସମର୍ପଣ ସାଧକଙ୍କ ରକ୍ଷାକବଚ'

**କଟକ ଅଫିସ,୫।୪**

**ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀର ଦ୍ୱିତୀୟ ଦିବସ**

ପୃଥିବୀ ବିଭିନ୍ନ ସମସ୍ୟାଘେରରେ ରହିଛି। ସମସ୍ୟାରୁ ମୁକୁଳିବାକୁ ହେଲେ ଈଶ୍ୱରଙ୍କ ନିକଟତର ହେବାକୁ ପଡ଼ିବ। ଏଥିପାଇଁ ଈଶ୍ୱରଙ୍କ ନିକଟରେ ନିଜକୁ ସମ୍ପୂର୍ଣ୍ଣ ଭାବେ ସମର୍ପଣ କରିବା ଉଚିତ ବୋଲି ପଣ୍ଡିଚେରୀସ୍ଥିତ ଶ୍ରୀଅରବିନ୍ଦ ଆଶ୍ରମର ବିଶିଷ୍ଟ ସାଧକ ଡ. ଆଲୋକ ପାଣ୍ଡେ କହିଛନ୍ତି।

କଟକ ମାତୃଭବନଠାରେ ଚାଲିଥିବା ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀର ବୁଧବାର ଦ୍ୱିତୀୟ ଦିବସରେ 'ଆଧ୍ୟାତ୍ମିକ ବିପର୍ଯ୍ୟୟର ମୁଖ୍ୟ କାରଣ ଓ ତା'ର ସମାଧାନ' ଶୀର୍ଷକ ଆଲୋଚନାଚକ୍ରରେ ଡ. ପାଣ୍ଡେ କହିଥିଲେ, ପବିତ୍ର ଭାବ ନେଇ ଯୋଗପଥକୁ ଗ୍ରହଣ କଲେ ସାଧକ ଅଧିକ ନିରାପଦ ରହିଥାଏ। ଉଚ୍ଚତର ଚେତନାକୁ ଗ୍ରହଣ କଲାବେଳେ ଜୀବନରେ ଅନେକ ବାଧା ବିପତ୍ତି ଆସିଥାଏ। ତେବେ ଭଗବତ ପ୍ରାପ୍ତି ପାଇଁ ଯେଉଁ ସାଧନା କରାଯାଉଛି ସେଥିରେ ସମର୍ପଣ ହିଁ ସାଧକଙ୍କ ରକ୍ଷାକବଚ। ଅନ୍ୟତମ ବକ୍ତା ରବି ପାଢ଼ୀ ଶ୍ରୀମା' ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ ସାଧନା ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ଗଦାଧର ମିଶ୍ର ଅଧ୍ୟକ୍ଷତା କରିଥିଲେ। ପ୍ରସାଦ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ନମିତା ନାୟକ ଆବାହନୀ ସଙ୍ଗୀତ ଗାନ କରିଥିଲେ। ପ୍ରାତଃ ଅଧିବେଶନରେ ଭାରତୀୟ ସଂସ୍କୃତି ଆଧାରିତ ପୁସ୍ତକ 'ଭାରତୀୟ ସାହିତ୍ୟ' ବିଷୟରେ ଆଲୋଚନା କରାଯାଇଥିଲା। ସେହିପରି ଅପରାହ୍ନ ଅଧିବେଶନରେ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମବାର୍ଷିକୀ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ହୋଇଥିଲା। ଶେଷରେ ଶ୍ରୀଅରବିନ୍ଦ କଳାକେନ୍ଦ୍ର ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।


କଟକ ମାତୃଭବନଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ଆଲୋକ ପାଣ୍ଡେ ବକ୍ତବ୍ୟ ଦେଉଛନ୍ତି।

# ତାଳଦଣ୍ଡା କେନାଲର ଇତିହାସକୁ ନେଇ ସଂଗ୍ରହାଳୟ ହେବ

**କଟକ ଅଫିସ, ୫।୪**

**ରୂପାନ୍ତରଣ କାର୍ଯ୍ୟ ଅନୁଧ୍ୟାନ କଲେ ସିଏମ୍‌ସି ମେୟର, କମିଶନର**

କଟକ ସହରର ବିକାଶ ପାଇଁ ଦ୍ରୁତଗତିରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଜାରି ରହିଥିବାବେଳେ ତାଳଦଣ୍ଡା କେନାଲର ରୂପାନ୍ତରଣ ଉପରେ ପ୍ରଶାସନ ପକ୍ଷରୁ ଅଧିକ ଗୁରୁତ୍ୱ ଦିଆଯାଇଛି। ତାଳଦଣ୍ଡା କେନାଲ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବାକୁ ଯାଉଥିବାବେଳେ ଏହାର ଉନ୍ନତିକରଣକୁ ନେଇ ପ୍ରଶାସନିକ ଅଧିକାରୀ, ସହରର ନାଗରିକ, ବିଭିନ୍ନ ପୂଜା କମିଟି ଏବଂ ସାହି କମିଟିର ସଦସ୍ୟମାନେ ଯତ୍ନଶୀଳ ଅଛନ୍ତି। ସେହିପରି ତାଳଦଣ୍ଡା କେନାଲର ଇତିହାସକୁ ଲିପିବଦ୍ଧ କରି ରଖିବା ପାଇଁ ଯୋବ୍ରା ନିକଟରେ ଏକ ମିନି ସଂଗ୍ରହାଳୟ ନିର୍ମାଣ ନେଇ ସର୍ଭେ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ବୁଧବାର ସିଏମ୍‌ସି ମେୟର ସୁବାସ ସିଂ, କମିଶନର ନିଖିଲ ପୱନ କଲ୍ୟାଣ, ବିଧାୟକ ସୌଭିକ୍ ବିଶ୍ୱାଳ, ଡେପୁଟି ମେୟର ଦମୟନ୍ତୀ ମାଝି ପ୍ରମୁଖ ତାଳଦଣ୍ଡା କେନାଲ ନିକଟରେ ପହଞ୍ଚି ନିର୍ମାଣ କାର୍ଯ୍ୟ ତଦାରଖ କରିଥିଲେ। ଏଥିସହ ଛତ୍ରବଜାରରେ ଗଢିଉଠିଥିବା ଅର୍ବାନ ହାଟ ଯେପରି ସୁରୁଖୁରୁରେ ଚାଲିବ ସେ ସଂକ୍ରାନ୍ତରେ ସେମାନେ ଆଲୋଚନା କରିଥିଲେ। ବିଶେଷକରି ତାଳଦଣ୍ଡା କେନାଲକୁ ପ୍ରଦୂଷଣ ନ କରିବା ପାଇଁ ସାଧାରଣ ଲୋକ ସଚେତନ ହୁଅନ୍ତୁ ବୋଲି କମିଶନର ଗୁରୁତ୍ୱାରୋପ କରିଥିଲେ। ଛତ୍ରବଜାର ପୂଜା କମିଟିର ମୁରବି ତଥା ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ନାଥ ସାହୁ, ରମାନାଥ ସ୍ୱାଇଁ, ମାଲଗୋଦାମ ପୂଜା କମିଟି ସଭାପତି ପ୍ରଫୁଲ୍ଲ ଛାଟୋଇ, ସମ୍ପାଦକ ପ୍ରଶାନ୍ତ ପାତ୍ର ପ୍ରମୁଖ ଏହି ପରିଦର୍ଶନରେ ସାମିଲ ହୋଇଥିଲେ। ନିର୍ମାଣ କାର୍ଯ୍ୟ ତଦାରଖବେଳେ ବିଧାୟକ ବିଶ୍ୱାଳଙ୍କ ସହ ଶାନ୍ତି କମିଟି ଓ ପୂଜା କମିଟି ସଦସ୍ୟମାନେ ରୂପାନ୍ତରଣ କାର୍ଯ୍ୟକୁ ଅଧିକ ଲୋକାଭିମୁଖୀ କରିବା ପାଇଁ କେତେକ ପ୍ରସ୍ତାବ ଦେଇଥିଲେ। ଏକାଧିକ ପାର୍କିଂ ସ୍ଥଳ ନିର୍ମାଣ ସହ ଯୋବ୍ରା ନିକଟରେ ଏକ ମାଛ ମାର୍କେଟ, ରାଣୀହାଟ ନିକଟରେ ଏକ ଶୌଚାଳୟ, ମାତୃଭବନ ପାର୍ଶ୍ୱ ଜାତୀୟ ରାଜପଥ ନିକଟରେ ଭେଣ୍ଡିଂ ଜୋନ୍ କାର୍ଯ୍ୟକ୍ଷମ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହାଛଡା ଡ୍ରୋନ୍ ସର୍ଭେ କାର୍ଯ୍ୟ ଶେଷ କରାଯାଇଥିବା ପ୍ରଶାସନ ସୂତ୍ରରୁ ଜଣାପଡିଛି।


ସିଏମ୍‌ସି ମେୟର, କମିଶନର ଓ ବିଧାୟକଙ୍କ ସହ ଅନ୍ୟମାନେ ଅର୍ବାନ ହାଟ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

# 'ଲୋକେ ଯାହାକୁ ଚାହିଁବେ, ତାଙ୍କୁ ପ୍ରାର୍ଥୀ କରିବୁ'

**କଟକ ଅଫିସ,୫।୪**

ଭାରତୀୟ ଜନତା ପାର୍ଟି (ଭାଜପା)ର ସଙ୍ଗଠନ କଟକ ଜିଲାରେ ଶକ୍ତିଶାଳୀ ଥିଲା। ବର୍ତ୍ତମାନ ଆହୁରି ଶକ୍ତିଶାଳୀ ହେବ। କଟକ ଜିଲାରେ ଭଲ ନେତା ଓ କର୍ମୀ ଅଛନ୍ତି। ସାଧାରଣ ଲୋକେ ଯାହାକୁ ଚାହିଁବେ ଆମେ ତାଙ୍କୁ ପ୍ରାର୍ଥୀ କରିବୁ ବୋଲି ଭାଜପାର ନୂତନ ରାଜ୍ୟ ସଭାପତି ମନମୋହନ ସାମଲ ବୁଧବାର କଟକ ଗସ୍ତରେ ଆସି ଦଳୀୟ ନେତା ଓ କର୍ମୀମାନଙ୍କୁ କହିଛନ୍ତି।

୨୦୨୪ ନିର୍ବାଚନ ପରିପ୍ରେକ୍ଷୀରେ ଭାଜପା ନେତା ଓ କର୍ମୀଙ୍କୁ ଉତ୍ସାହିତ କରିବାକୁ ସାମଲ ପ୍ରୟାସ କରିଛନ୍ତି। ପ୍ରଥମେ ମଧୁପାଟଣା ଛକରୁ ନଗର ସଭାପତି ଲଲାଟେନ୍ଦୁ ବଡୁଙ୍କ ନେତୃତ୍ୱରେ ଏକ ବାଇକ୍ ଶୋଭାଯାତ୍ରା ବାହାରିଥିଲା। ଏହି ଶୋଭାଯାତ୍ରାରେ ସାମଲ ଆସି କଟକଚଣ୍ଡୀଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ। ପରେ ଶେଖ୍ ବଜାରରେ ଥିବା ଆର୍‌ଏସ୍‌ଏସ୍ କାର୍ଯ୍ୟାଳୟ ପରିଦର୍ଶନ କରି ସ୍ୱୟଂ ସେବକଙ୍କୁ ସାକ୍ଷାତ୍ କରିଥିଲେ। ଏହାପରେ ପ୍ରଜାତନ୍ତ୍ର ଭବନ ଯାଇ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ କଟକ ଭାଜପାର ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରି ଆଗାମୀ ନିର୍ବାଚନ ପାଇଁ ଗୁରୁମନ୍ତ୍ର ଦେଇଥିଲେ। ଆଗାମୀ ନିର୍ବାଚନରେ ଭାଜପାର କର୍ମୀମାନେ ଲଢ଼ିବେ, ମୁଁ ତାଙ୍କର ସହଯୋଗୀ ହେବି। କଟକ ଲୋକ ସଭା ଆସନ ସମେତ ସମସ୍ତ ବିଧାନସଭା ଆସନରେ ଭାଜପା ନିଶ୍ଚୟ ଜିତିବ ବୋଲି ସାମଲ ଦମ୍ଭୋକ୍ତି ପ୍ରକାଶ କରିଥିଲେ।

ସେହିପରି ସାମଲ ଗୋପବନ୍ଧୁ ଭବନ ପରିସରରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହାପରେ ରାଷ୍ଟ୍ରଦୀପ କାର୍ଯ୍ୟାଳୟ, ଯଶୋଦା ସଦନ ପରିଦର୍ଶନ କରିଥିଲେ। ଭାଜପାର ବରିଷ୍ଠ ନେତା ସମୀର ଦେ ଓ ସାମାଜିକ କର୍ମୀ ଶିବେନ୍ଦ୍ର ହାତୀଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏହି ଅବସରରେ ପୂର୍ବତନ ମନ୍ତ୍ରୀ କେ.ଭି. ସିଂଦେଓ, ସାଧାରଣ ସମ୍ପାଦକ (ସଂଗଠନ) ମାନସ ମହାନ୍ତି, ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର, ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ, ବିଧାୟକ ସୁରଜ ସୂର୍ଯ୍ୟବଂଶୀ, କଟକ ନଗର ଜିଲା ସଭାପତି ଲଲାଟେନ୍ଦୁ ବଡୁ, କଟକ ସଦର ଜିଲା ସଭାପତି ପ୍ରକାଶ ବେହେରା, ବରିଷ୍ଠ ନେତା ନୟନ କିଶୋର ମହାନ୍ତି, ସଜ୍ଜନ ଶର୍ମା, ରାଜ୍ୟ ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ସିକନ୍ଦର ଅଲ୍ଲୀ, ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ସ୍ମୃତି ପଟ୍ଟନାୟକ, ରାଜ୍ୟ ସଂପାଦିକା ରଶ୍ମିରେଖା ଦାଶ ପ୍ରମୁଖ ଉପସ୍ଥିତ ଥିଲେ।


କଟକ ଚଣ୍ଡୀ ମନ୍ଦିର ସମ୍ମୁଖରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସହ ବିଧାୟକ ଓ ଦଳୀୟ ନେତୃବୃନ୍ଦ।

**ଭାଜପା ରାଜ୍ୟ ସଭାପତିଙ୍କ କଟକ ଗସ୍ତ**

■୨୦୨୪ ନିର୍ବାଚନ ପାଇଁ ଗୁରୁମନ୍ତ୍ର ଦେଲେ

## ସଂକ୍ଷେପରେ

### 'ଐତିହ୍ୟ କରିଡରରେ ଜଗନ୍ନାଥ ସଂସ୍କୃତିର ଛାପ ରହୁ'

**ପୁରୀ ଅଫିସ, ୫।୪:** ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ନିର୍ମାଣାଧୀନ ଐତିହ୍ୟ କରିଡର ପ୍ରକଳ୍ପରେ ଜଗନ୍ନାଥ ସଂସ୍କୃତିର ଛାପ ନାହିଁ ବୋଲି ଶ୍ରୀଜଗନ୍ନାଥ ଭକ୍ତ ପରିଷଦର ଆବାହକ ସୂର୍ଯ୍ୟନାରାୟଣ ରଥ ଅଭିଯୋଗ ଆଣିଛନ୍ତି। ରଥ କହିଛନ୍ତି, ପୁରୀକୁ ବିଶ୍ୱ ଐତିହ୍ୟ ସହରରେ ପରିଣତ କରିବା ପାଇଁ ସରକାର ରାଜ୍ୟବାସୀ ଏବଂ ଜଗନ୍ନାଥପ୍ରେମୀଙ୍କୁ ସ୍ୱପ୍ନ ଦେଖାଇଛନ୍ତି। ଦୁଇଟି କମ୍ପାନୀ ମିଶି ଉକ୍ତ ନିର୍ମାଣ କାର୍ଯ୍ୟକୁ ଆଗେଇ ନେଉଛନ୍ତି। ତେବେ ନିର୍ମାଣରେ ଐତିହ୍ୟ କିମ୍ବା ଜଗନ୍ନାଥ ସଂସ୍କୃତିର ଚିହ୍ନ ନାହିଁ। ଐତିହ୍ୟ କରିଡର ପାଇଁ ପ୍ରକଳ୍ପ ଅଞ୍ଚଳରେ ଥିବା ମଠ, ମନ୍ଦିର, ଘର ଭାଙ୍ଗି ଦିଆଗଲା। ପରେ କାମ ଚାଲିଲା। ତେବେ ଯାତାୟାତଠାରୁ ଠାକୁର ଦର୍ଶନ ପର୍ଯ୍ୟନ୍ତ ବିଭିନ୍ନ କ୍ଷେତ୍ରରେ ସ୍ଥାନୀୟ ଲୋକେ ହଇରାଣ ହେଉଛନ୍ତି। ସେହିପରି ଆଉ ଗୋଟିଏ ସ୍ୱତନ୍ତ୍ର ପାଚେରୀ ନିର୍ମାଣ ହେଉଛି, ଯାହାର ଉଦ୍ଦେଶ୍ୟ ସନ୍ଦେହ ଜନକ ମନେହେଉଛି। ସରକାର ଏ ଦିଗରେ ପଦକ୍ଷେପ ନେବାକୁ ରଥ ଦାବି କରିଛନ୍ତି।

### ହୁଣ୍ଡି ଚୋରି କରି ଜଣେ ଗିରଫ

**ପୁରୀ ଅଫିସ,୫।୪:** ୱାଟର ୱାର୍କ୍ସ ରୋଡ ନିକଟ ରାମ ମନ୍ଦିର ପରିସରରୁ ହୁଣ୍ଡି ଚୋରି କରିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ଜଣେ ବ୍ୟକ୍ତିଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେ ହେଲେ ଯାଜପୁର ଜିଲାର ଗଦାଧର ଜେନା (୫୬)। ପୋଲିସ ଅଭିଯୁକ୍ତ ନିକଟରୁ ଗୋଟିଏ ହୁଣ୍ଡି ବାକ୍ସ ସହିତ ୨୫,୪୯୫ ଟଙ୍କା ଜବତ କରିଛି। ଏନେଇ ପୋଲିସ ନଂ. ୯୩।୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚାଲିଛି। ପୋଲିସ ସୂଚନା ଅନୁଯାୟୀ, ରାମ ମନ୍ଦିରର ପୁରୋହିତ ପ୍ରଭାକର ରଥ ଥାନାକୁ ଆସି ଲିଖିତ ଅଭିଯୋଗ କରିଥିଲେ ଯେ, ମନ୍ଦିର ପରିସରରେ ଗତ ୪ ତାରିଖ ରାତି ସମୟରେ କେତେଜଣ ଦୁର୍ବୃତ୍ତ ମନ୍ଦିର ଗେଟ୍‌ର ଲକ ଭାଙ୍ଗି ହୁଣ୍ଡି ଚୋରି କରି ନେଇଯାଇଥିଲେ। ଅଭିଯୋଗକ୍ରମେ ପୋଲିସ ମାମଲା ରୁଜୁ କରିବା ସହ ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲେ।

### ବିଭିନ୍ନ ବିଦ୍ୟାଳୟରେ ପ୍ରବେଶ ଉତ୍ସବ

**ପିପିଲି,୫।୪(ଡି.ଏନ୍.ଏ.):** ପିପିଲି ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟରେ ୨୦୨୩-୨୪ ଶିକ୍ଷାବର୍ଷ ପାଇଁ ପ୍ରାଥମିକ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଅନୁଷ୍ଠିତ ହେଉଛି। ପ୍ରତି ସ୍କୁଲରେ ପିଲାଙ୍କୁ, ଅଭିଭାବକଙ୍କୁ, ପରିଚାଳନା କମିଟି ସଭ୍ୟାସଭ୍ୟଙ୍କୁ ନେଇ ସ୍ଲୋଗାନ ମାଧ୍ୟମରେ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହେଉଛି। ନୂତନ କରି ନାମ ଲେଖାଉଥିବା ପିଲାଙ୍କୁ ଫୁଲ, ଚନ୍ଦନ ଦେଇ ସ୍ୱାଗତ କରାଯିବା ସଙ୍ଗେ ସଙ୍ଗେ ମିଷ୍ଟାନ୍ନ ବଣ୍ଟନ କରାଯାଉଛି। ଫଳରେ ସରକାରୀ ସ୍କୁଲରେ ବହୁ ସଂଖ୍ୟାରେ ପିଲା ନାମ ଲେଖାଇବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ଆରୁହା ୟୁଜିୟୁପି ବିଦ୍ୟାଳୟ, ନୀଳକଣ୍ଠ ନୋଡାଲ ସ୍କୁଲ, ହରିଅନ୍ତା ପିୟୁପି ସ୍କୁଲ, ଗୋବିନ୍ଦପୁର ନୋଡାଲ ସ୍କୁଲ, ଅଡ଼ଙ୍ଗପଡା ପ୍ରାଥମିକ ବିଦ୍ୟାଳୟ, କଣ୍ଟାପଡ଼ା ପ୍ରାଥମିକ ବିଦ୍ୟାଳୟ, ସିଉଳା ପ୍ରାଥମିକ ବିଦ୍ୟାଳୟ, ତଳଉ ପ୍ରାଥମିକ ବିଦ୍ୟାଳୟ, ବାଲୁଙ୍କେଶ୍ୱର ୟୁପି ସ୍କୁଲରେ ପ୍ରବେଶ ଉତ୍ସବ ହୋଇଛି। ସମସ୍ତ କାର୍ଯ୍ୟକ୍ରମକୁ ଗୋବିନ୍ଦପୁର କ୍ଲଷ୍ଟର ସିଆର୍‌ସିସି ଚିନ୍ତାମଣି ଓଝା ତଦାରଖ କରୁଛନ୍ତି।

# ସାହିଯାତରେ ଲଙ୍କାପୋଡ଼ି ନୀତି

**ପୁରୀ ଅଫିସ, ୫।୪**

ଚୈତ୍ର ମାସ ଚତୁର୍ଦ୍ଦଶୀ ତିଥି ଅବସରରେ ବୁଧବାର ସାହିଯାତରେ ଦୋଳମଣ୍ଡପ ସାହି ଜହ୍ନିମୁଣ୍ଡିଆ ଆଖଡ଼ା ପକ୍ଷରୁ ଲଙ୍କାଦହନ ନୀତି ସମ୍ପନ୍ନ ହୋଇଛି। ତେବେ ମଙ୍ଗଳବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦୟଣା ଚୋରି ନୀତି ଥିବାରୁ ଯାତ ବନ୍ଦ ରହିଥିଲା। ବୁଧବାର ପୁନର୍ବାର ଯାତ ଆରମ୍ଭ ହୋଇଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ସମ୍ପନ୍ନ ପରେ ଦକ୍ଷିଣୀଘରୁ ଶ୍ରୀରାମଚନ୍ଦ୍ର ଏବଂ ଶ୍ରୀଲକ୍ଷ୍ମଣଙ୍କ ପ୍ରତିମୂର୍ତ୍ତିକୁ ମହାଜନ ସେବକମାନେ ଭିତରକୁ ବିଜେ କରି ରତ୍ନସିଂହାସନ ନିକଟକୁ ନେଇଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଠାରୁ ଆଜ୍ଞାମାଳ ଆଣି ଚଳନ୍ତି ପ୍ରତିମା ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନ ସେବକ ଠାକୁରଙ୍କୁ ନେଇ ମୁକ୍ତିମଣ୍ଡପ ନିକଟ ପାଲିଙ୍କିରେ


ଦୋଳମଣ୍ଡପ ସାହିର ରାବଣ ବେଶଧାରୀ ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି।

ବିଜେ କରାଇଥିଲେ। ପରେ ସାହିଯାତ ନୀତି ନିମନ୍ତେ ଠାକୁର ପାଲିଙ୍କିରେ ଶ୍ରୀଜଗନ୍ନାଥବଲ୍ଲଭକୁ ବିଜେ କରିଥିଲେ। ସେଠାରେ ଠାକୁରମାନଙ୍କୁ ମଠର ଖଟଶେଜ ଉପରକୁ ବିଜେ କରାଯାଇ ଥିଲା। ଦୋଳମଣ୍ଡପ ସାହି ଜହ୍ନିମୁଣ୍ଡିଆ ଆଖଡ଼ା ପକ୍ଷରୁ ଲଙ୍କାପୋଡ଼ି ନୀତି ପ୍ରସ୍ତାବ ଆଗତ ହୋଇଥିଲା। ଦୋଳମଣ୍ଡପ ସାହି ପକ୍ଷରୁ ହନୁମାନ ଓ ରାବଣ ଜଗନ୍ନାଥ ବଲ୍ଲଭକୁ ଯାଇ ନୀତି ସମ୍ପାଦନ କରିଥିଲେ। ଠାକୁରଙ୍କୁ ଶୀତଳ ଭୋଗ ମଣୋହି କରାଯିବା ପରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ଦୋଳମଣ୍ଡପ ସାହି ଆଖଡ଼ା ପକ୍ଷରୁ ସମସ୍ତ ନୀତି ସମ୍ପାଦନ ସହ ଯାତ ବାହାରିଥିଲା। ଯଦୁତିଆଡ଼ି ଜାଗା, ଚମ୍ପାଗଡ଼ ଜାଗା, ବଜ୍ରଗଡ଼ ଅମିନ ଜାଗା, ଜଗତ ପ୍ରତିହାରୀ ଜାଗା, ସୁଗ୍ରୀବଗଡ଼ ନୂଆତୋଟା ଜାଗା, ଅମିନ ଜାଗା ପ୍ରଭୃତିରୁ ଯାତ ବାହାରିଥିଲା। ରାବଣ ସହ ସାହିର ଯୁବକମାନେ ସପ୍ତଶିରା, ତ୍ରିଶାରା, କାଳୀ, ନାଗା ଆଦି ବିଭିନ୍ନ ପ୍ରକାର ମେଢ, ନାଗା ସହ ସମରକଳା ପ୍ରଦର୍ଶନ କରି ବାଦିସାହି କୁଣ୍ଡେଇବେଣ୍ଟ ସାହିକୁ ଯାଇଥିଲେ। ସେହିପରି ସକାଳେ ଦୋଳମଣ୍ଡପ ସାହିର ରାବଣ ବାହାରି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରି ସାହି ପରିକ୍ରମା କରିଥିଲେ। ସୂଚନାଯୋଗ୍ୟ, ଶ୍ରୀମନ୍ଦିରରେ ରାମନବମୀରେ ରାମଜନ୍ମ ନୀତିଠାରୁ ଶ୍ରୀକ୍ଷେତ୍ରରେ ଆରମ୍ଭ ହୋଇଥିବା ସାହିଯାତ ରାମ ଅଭିଷେକ ନୀତିରେ ଶେଷ ହେବ।


**ସାହିଯାତ:** ଶିଶୁ ପହିଲମାନଙ୍କ କଳା ପ୍ରଦର୍ଶନ।


କାଳୀ ମେଢ଼।


ଅସୁର ବେଶ।


ନବସିରା ବେଶ।

# ଆକର୍ଷଣ ସାଜିଲା ଘୋଡ଼ାନାଚ


ଘୋଡ଼ାନାଚ ପ୍ରଦର୍ଶନ କରାଯାଉଛି।

## ମା' ମଉନେଇଁ ଠାକୁରାଣୀଙ୍କ ଚୈତ୍ର ଯଜ୍ଞ

**ସାକ୍ଷୀଗୋପାଳ, ୫।୪ (ଡି.ଏନ୍.ଏ./ସ୍ୱ.ପ୍ର.)**

ସତ୍ୟବାଦୀ ଅଞ୍ଚଳର ପ୍ରସିଦ୍ଧ ଦେବୀପୀଠ ମା' ମଉନେଇଁ ଠାକୁରାଣୀଙ୍କ ଚୈତ୍ର ତ୍ରିଦିନାତ୍ମକ ଯଜ୍ଞ ବୁଧବାର ୨ୟ ଦିନ ହୋଇଛି। ସୂର୍ଯ୍ୟ ପୂଜା, ପଞ୍ଚକର୍ମ, ଶାଳା ପୂଜନ, ଚଣ୍ଡୀପାଠ, ଆବାହନ, ଓ ଦ୍ୱାରପାଳ ପୂଜା ପରେ ଯଜ୍ଞରେ ଆହୁତି ଦିଆଯାଇଥିଲା। ଏହି ଅବସରରେ ସାଂସ୍କୃତିକ ସନ୍ଧ୍ୟା ପ୍ରାରମ୍ଭରେ ମା' ମଙ୍ଗେଶ୍ୱରୀ କଳା ପରିଷଦର କଳାକାରମାନଙ୍କ ଚଇତି ଘୋଡାନାଚ ଆକର୍ଷଣୀୟ ସାଜିଥିଲା। ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟ କଳାକାରମାନେ ସମ୍ବଲପୁରୀ, ଗ୍ରାମର ପ୍ରତିଭାମାନେ ଗୀତିନୃତ୍ୟ ପରିଷେଣ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସେବାୟତ କିଶୋରଚନ୍ଦ୍ର ମହାପାତ୍ର, ସତ୍ୟବାଦୀ ସଙ୍ଗୀତ ମହାବିଦ୍ୟାଳୟ ସମ୍ପାଦକ ବଦ୍ରି ନାରାୟଣ ଖୁଣ୍ଟିଆ, ନାଟ୍ୟକାର ନଟବର ଆଚାର୍ଯ୍ୟ, ପୂର୍ବତନ ସରପଞ୍ଚ ନେତ୍ରମଣି ସାହୁ, ଭୋଳାନାଥ ସାହୁ ପ୍ରମୁଖ ଯୋଗଦେଇଥିଲେ। ଆଡ୍‌ଭୋକଟ ଅଞ୍ଜନ ହୋତା ସଂଯୋଜନା କରିଥିଲେ। ଏହି ଅବସରରେ ଗ୍ରାମର ବରିଷ୍ଠ ବ୍ୟକ୍ତିମାନଙ୍କୁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ଆଜି ନରେନ୍ଦ୍ର ପୁଷ୍କରିଣୀରୁ ବାହାରିବ ନନ୍ଦା, ଭଦ୍ରା ଡଙ୍ଗା

## ବାହାର ଚନ୍ଦନଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ

**ପୁରୀ ଅଫିସ, ୫।୪**

ଆଗକୁ ଆସୁଛି ଚନ୍ଦନ ଯାତ୍ରା। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଶ୍ରୀମନ୍ଦିର ପରିସରରେ ଭିତର ଚନ୍ଦନ ଯାତ୍ରା ଏବଂ ନରେନ୍ଦ୍ର ପୁଷ୍କରିଣୀରେ ବାହାର ଚନ୍ଦନ ଯାତ୍ରା ପାଳନ କରାଯିବ। ପ୍ରଥମେ ବାହାର ଚନ୍ଦନ ଯାତ୍ରା ହେବ। ଏହି ଅବସରରେ ଅକ୍ଷୟତୃତୀୟାଠାରୁ ଭଉଁରୀ ଯାତ୍ରା ପର୍ଯ୍ୟନ୍ତ ୨୧ଦିନ ଧରି ନରେନ୍ଦ୍ର ପୁଷ୍କରିଣୀରେ ଶ୍ରୀବିଗ୍ରହଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନ ମୋହନ, ରାମ, କୃଷ୍ଣ, ଶ୍ରୀଦେବୀ, ଭୂଦେବୀ ଏବଂ ଶ୍ରୀକ୍ଷେତ୍ରର ପଞ୍ଚମହାଦେବ ନୌକା ବିହାର ବା ଜଳ କ୍ରୀଡ଼ା କରିବେ। ତେଣୁ ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ, ଚୈତ୍ର ପୂର୍ଣ୍ଣିମା ଅବସରରେ ଗୁରୁବାର ଭୋଇ ସର୍ଦ୍ଦାର ରବି ଭୋଇଙ୍କ ତତ୍ତ୍ୱାବଧାନରେ ଭୋଇ ସେବକମାନେ ନନ୍ଦା ଓ ଭଦ୍ରା ନାମକ ଚାପଡଙ୍ଗା ସମେତ ଅନ୍ୟ ଡଙ୍ଗାକୁ ନରେନ୍ଦ୍ର ପୁଷ୍କରିଣୀରୁ ବାହାର କରିବେ। ୨୧ ଦିନ ଧରି ନରେନ୍ଦ୍ର ପୁଷ୍କରିଣୀରେ ଠାକୁରଙ୍କ ଜଳକ୍ରୀଡ଼ାକୁ ବାହାର ଚନ୍ଦନ ଯାତ୍ରା ବୋଲି କୁହାଯାଇଥାଏ। ଠାକୁରମାନେ ଯେଉଁ ଦୁଇଟି ନୌକାରେ ବିଜେକରି ଜଳକ୍ରୀଡ଼ା କରିଥାନ୍ତି ସେହି ଦୁଇଟିକୁ ନନ୍ଦା ଓ ଭଦ୍ରା କୁହାଯାଏ। ସେହିପରି ଚାପଡଙ୍ଗା ଆଗରେ ଯାଉଥିବା ଡଙ୍ଗାକୁ ବୈଜୟନ୍ତୀ ଡଙ୍ଗା ବୋଲି କୁହାଯାଇଥାଏ। ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ, ପ୍ରତ୍ୟେକ ବର୍ଷ ବାହାର ଚନ୍ଦନ ଯାତ୍ରା ସମ୍ପନ୍ନ ହେବା ପରେ ଭୋଇ ସେବକମାନେ ଚାପଡଙ୍ଗାଗୁଡ଼ିକୁ ନରେନ୍ଦ୍ର ପୁଷ୍କରିଣୀର ପଶ୍ଚିମ ପଟ ଏକ କୋଣରେ ପାଣିରେ ବୁଡ଼ାଇ ଦେଇଥାନ୍ତି। ବାହାର ଚନ୍ଦନ ଯାତ୍ରା ହେବା ପୂର୍ବରୁ ଚୈତ୍ର ପୂର୍ଣ୍ଣିମା ଦିନ ସେହି ଡଙ୍ଗାକୁ ପାଣିରୁ ବାହାର କରିଥାନ୍ତି।

## ମହାମାୟା ଠାକୁରାଣୀଙ୍କ ଜମିରୁ ଜବରଦଖଲ ଉଚ୍ଛେଦ

**ସାକ୍ଷୀଗୋପାଳ, ୫।୪ (ଡି.ଏନ୍.ଏ./ସ୍ୱ.ପ୍ର.)**

ସାକ୍ଷୀଗୋପାଳ ରେଳଷ୍ଟେଶନ ନିକଟରେ ଅବସ୍ଥିତ ମା' ମହାମାୟା ଠାକୁରାଣୀଙ୍କ ଜମି ସତ୍ୟବାଦୀ ତହସିଲଦାରଙ୍କ କାର୍ଯ୍ୟାଳୟ ପକ୍ଷରୁ ବୁଧବାର ଜବରଦଖଲ ଉଚ୍ଛେଦ କରାଯାଇଛି। ପୁରୀ– ଭୁବନେଶ୍ୱର ଜାତୀୟ ରାଜପଥକୁ ଲାଗି ରହିଥିବା ୫୦ ଡିସିମିଲରୁ ଅର୍ଦ୍ଧେକ ଜମିକୁ ଜେସିବି ଲଗାଇ ସଫା କରିବା ସହ ମନ୍ଦିର ଟ୍ରଷ୍ଟ ବୋର୍ଡକୁ ହସ୍ତାନ୍ତର କରାଯାଇଛି। ଦୀର୍ଘଦିନ ଧରି ଠାକୁରାଣୀଙ୍କ ମାଲିକାନାରେ ରହିଥିବା ଏହି ଜମିକୁ ଜଣେ ସ୍ଥାନୀୟ ବ୍ୟକ୍ତି ଜବରଦଖଲ କରି ସେଠାରେ ବ୍ୟବସାୟ କରୁଥିଲେ। ଏ ନେଇ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଉକ୍ତ ଜମି ଫେରାଇ ଆଣିବାକୁ ୨୦୧୬ରେ ଦେବୋତ୍ତର କମିଶନଙ୍କ କୋର୍ଟରେ ଏକ ମାମଲା କରାଯାଇଥିଲା। କମିଶନର ଜମିକୁ ଦଖଲମୁକ୍ତ କରି ଟ୍ରଷ୍ଟବୋର୍ଡକୁ ପ୍ରଦାନ ନିମନ୍ତେ ଆଦେଶ କରିଥିଲେ। ମାତ୍ର ଆଦେଶ କାର୍ଯ୍ୟକାରୀ ନ ହେବାରୁ ଟ୍ରଷ୍ଟ ବୋର୍ଡ ସଦସ୍ୟ ଶ୍ୟାମ ସୁନ୍ଦର ସାହୁ ଉଚ୍ଚ ନ୍ୟାୟାଳୟରେ ମାମଲା କରିଥିଲେ। ଉଚ୍ଚ ନ୍ୟାୟାଳୟଙ୍କ ଆଦେଶ ଚଳିତମାସ ୩ ତାରିଖ ସୁଦ୍ଧା କାର୍ଯ୍ୟକାରୀ କରିବା ପାଇଁ ପୁରୀ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ପଦକ୍ଷେପ ଗ୍ରହଣ କରାଯାଇଥିଲା ବୋଲି ତହସିଲଦାର ଜୟନ୍ତ ଜୟସିଂ କହିଛନ୍ତି। ଆଗାମୀ ୫ଦିନ ମଧ୍ୟରେ ଅବଶିଷ୍ଟ ଜମି ମହାମାୟା ଠାକୁରାଣୀଙ୍କ ଟ୍ରଷ୍ଟବୋର୍ଡକୁ ହସ୍ତାନ୍ତର କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ଜଣାପଡିଛି।

# ମହାପ୍ରଭୁଙ୍କୁ ଲାଗିହେଲା ଦୟଣା

## ଚୋରି କରି ବନ୍ଧାପଡ଼ିଥିବା ଠାକୁର ମୁକ୍ତ ହେଲେ

**ପୁରୀ ଅଫିସ, ୫।୪**

ଚୈତ୍ର ମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀରେ ବୁଧବାର ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଦୟଣାଲାଗି ନୀତି ସମ୍ପନ୍ନ ହୋଇଛି। ପୂର୍ବଦିନ ଅର୍ଥାତ ମଙ୍ଗଳବାର ଚୈତ୍ର ଶୁକ୍ଳ ତ୍ରୟୋଦଶୀରେ ରାମ ଓ କୃଷ୍ଣଙ୍କ ଦ୍ୱାରା ଦୟଣା ଚୋରି ନୀତି ସମ୍ପନ୍ନ ହୋଇଥିଲା। ପରେ ଦୟଣା ଚୋରି କରିଶ୍ରୀମଦନମୋହନ, ଶ୍ରୀଦେବୀ, ଭୂଦେବୀ ଭୋଗମଣ୍ଡପ ଘରେ ବନ୍ଧା ପଡ଼ିଥିଲେ। ବନ୍ଧା ପଡ଼ିଥିବା ଶ୍ରୀମଦନମୋହନ, ଶ୍ରୀଦେବୀ, ଭୂଦେବୀଙ୍କୁ ବୁଧବାର ଚତୁର୍ଦ୍ଦଶୀ ତିଥିରେ ମୁକ୍ତ କରାଯାଇଥିଲା। ପରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ଶ୍ରୀବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କୁ ଦୟଣା ଲାଗି କରାଯାଇଥିଲା।

ପରମ୍ପରା ଅନୁଯାୟୀ, ବୁଧବାର ଶ୍ରୀମନ୍ଦିରରେ ସକାଳ ଧୂପ ସରିବା ପରେ ଠାକୁରଙ୍କ ମହାସ୍ନାନ ହୋଇଥିଲା। ପରେ ଘଟୁଆରୀ ଘରଠାରୁ ପୂଜାପଣ୍ଡା ସାମନ୍ତ, ପତି ମହାପାତ୍ର ଏବଂ ମୁଦିରସ୍ତ ପିଙ୍ଗଣରେ ଚନ୍ଦନ ଆଣି ରତ୍ନସିଂହାସନକୁ ବିଜେ କରାଇ ଥିଲେ। ଶ୍ରୀବିଗ୍ରହମାନଙ୍କ ସର୍ବାଙ୍ଗ ଲାଗି କରାଯାଇଥିଲା। ଏହାପରେ ନୂଆ ଲୁଗା ଲାଗିହୋଇ ବେଶ ବଢିଥିଲା। ଶ୍ରୀବିଗ୍ରହମାନଙ୍କୁ ୬ମୂର୍ତ୍ତି ଅଳଙ୍କାର ଲାଗି କରାଯାଇଥିଲା। ପରେ ପୂଜାପଣ୍ଡା, ପତି ମହାପାତ୍ର ଏବଂ ମୁଦିରସ୍ତ ଭୋଗମଣ୍ଡପ ଘରକୁ ଯାଇଥିଲେ। ତିନି ପୁଷ୍ପାଳକ ତିନିବାଡ଼ ଚାଙ୍ଗୁଡ଼ି ଧରିଥିଲେ। ମହାଜନ ସେବକମାନେ ଶ୍ରୀମଦନମୋହନ, ଭୂଦେବୀ, ଶ୍ରୀଦେବୀଙ୍କୁ ହାତରେ ବିଜେ କରାଇ ଘଣ୍ଟା, ଛତା, କାହାଳୀ ସହିତ ଶ୍ରୀମନ୍ଦିର ଭିତରବେଢ଼ାରେ ୩ ଘେରା ପରିକ୍ରମା କରି ରତ୍ନସିଂହାସନରେ ବିଜେ କରାଇଥିଲେ। ପରେ ତିନି ଠାକୁରଙ୍କୁ ଦୟଣା ଲାଗି କରାଯାଇଥିଲା। ମୁଦିରସ୍ତ ପ୍ରସାଦ ଲାଗି କଲା ପରେ ତିନିଜଣ ପୂଜାପଣ୍ଡା ଷୋଡ଼ଶ ଉପଚାରରେ ଭୋଗ କରିଥିଲେ। ପରେ ପାଣି ପଡ଼ି ବନ୍ଦାପନା ହେବା ପରେ ଦୟଣା ମଇଲମ ହୋଇ ଶ୍ରୀନଅରକୁ ପଠାଯାଇଥିଲା। ଶ୍ରୀମଦନମୋହନ ଦକ୍ଷିଣୀ ଘର ବିଜେ କରିବା ପରେ ଭୋଗଲାଗି ସମ୍ପନ୍ନ ହୋଇ ଦୈନନ୍ଦିନ ନୀତି ବଢିଥିଲା।

# ୨ ପଞ୍ଚାୟତରେ ପାନୀୟ ଜଳ ସଙ୍କଟ

## ଜଳ ଯୋଗାଣ ଦାବି ନେଇ ବିଡିଓଙ୍କୁ ଦାବିପତ୍ର

**ସାକ୍ଷୀଗୋପାଳ, ୫।୪ (ଡି.ଏନ୍.ଏ.)**

ଗତ କିଛିଦିନ ହେଲା ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଗ୍ରୀଷ୍ମପ୍ରବାହ ଯୋଗୁ ସତ୍ୟବାଦୀ ବ୍ଲକର ଶୁକଳ ଓ ଆଳିସ ପଞ୍ଚାୟତ ଅଞ୍ଚଳରେ ଜଳସ୍ତର ତଳକୁ ଖସିଯାଇଛି। ଯାହାଫଳରେ ଅଞ୍ଚଳରେ ଥିବା କୁଅ, ପୋଖରୀ ଓ ନଈନାଳ ସବୁ ଶୁଖିଲା ପଡ଼ିଯାଇଥିବାରୁ ଲୋକେ ପିଇବା ପାଣି ପାଇଁ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶୁକଳ ପଞ୍ଚାୟତର ମେଳଣ ପଡ଼ିଆରେ ରହିଥିବା ପାନୀୟ ଜଳ ପ୍ରକଳ୍ପରେ ପାଣି ନ ଥିବାରୁ ଗ୍ରାମରେ ପାନୀୟ ଜଳ ଯୋଗାଣ ସମ୍ଭବ ହୋଇପାରୁ ନାହିଁ। ସେହିପରି ଆଳିସର ମାର୍କଣ୍ଡପଡା ଗ୍ରାମରେ ରହିଥିବା ବସୁଧା ଜଳ ଯୋଗାଣ ପ୍ରକଳ୍ପ ଆରମ୍ଭରୁ ଅଚଳ ହୋଇପଡିଛି। ଏଥିଯୋଗୁ ଶୁକଳ, ମାର୍କଣ୍ଡପଡା, ଶୁକଳ ତିନିପଡ଼ା, ଶୁକଳପଡା, ଗୁଆଳିପାରି, ବାମ ବରଡା, ଦକ୍ଷିଣ କେରା, ଦୋଖଣ୍ଡପୁର, ଆଳିଶ, ପାଟଣା, ଚୁରାଳି ଗ୍ରାମବାସୀ ପାନୀୟ ଜଳ ନିମନ୍ତେ ଡହଳବିକଳ ହେଉଛନ୍ତି। ତେଣୁ ଏହି ଉଭୟ ପଞ୍ଚାୟତକୁ ପାନୀୟ ଜଳ ଯୋଗାଣ ନିମନ୍ତେ ଉଭୟ ୨ ପଞ୍ଚାୟତବାସୀ ସତ୍ୟବାଦୀ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ଜିଲାପାଳ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ମଧ୍ୟ ଅବଗତ କରିଛନ୍ତି।

# ୧୦ ଲକ୍ଷ ଟଙ୍କାର ବ୍ରାଉନ ସୁଗାର ଜବତ: ଜଣେ ଗିରଫ

**ପୁରୀ ଅଫିସ, ୫।୪**

ପୁରୀ ଅବକାରୀ ପୋଲିସ ବୁଧବାର ବ୍ରାଉନ ସୁଗାର କାରବାର ଅଭିଯୋଗରେ କୋଣାର୍କ ଅଞ୍ଚଳର ଅଜୟ ନାୟକ (୪୫)ଙ୍କୁ ଗିରଫ କରିଛି। ଅଜୟଙ୍କ ନିକଟରୁ ୧୦୦ ଗ୍ରାମ ବ୍ରାଉନ ସୁଗାର ସମେତ ଏକ ସ୍କୁଟି (ନଂ. ଓଡି ୦୨ସିଏଫ ୩୨୮୫) ଜବତ କରାଯାଇଛି। ଏ ନେଇ ଏକ ମାମଲା (ନଂ. ୧/୨୩–୨୪) ରୁଜୁ ହୋଇଛି। ଜବତ ବ୍ରାଉନ ସୁଗାରର ମୂଲ୍ୟ ପ୍ରାୟ ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

କୋଣାର୍କ ବଜାରରେ ବ୍ରାଉନସୁଗାର କାରବାର ନେଇ ଅବକାରୀ ବିଭାଗକୁ ସୂଚନା ମିଳିଥିଲା। ପୁରୀ ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶ କ୍ରମେ କୋଣାର୍କ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ନାରାୟଣ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ କୋଣାର୍କ ବଜାରସ୍ଥିତ ଯାତ୍ରୀନିବାସ ନିକଟ ମୁଖ୍ୟରାସ୍ତାରେ ଚଢ଼ାଉ କରି ଅଭିଯୁକ୍ତ ଅଜୟଙ୍କୁ ଗିରଫ କରି ଥାନାକୁ ଆଣିବା ପରେ କୋର୍ଟ ଚାଲାଣ କରିଛି।

# ଚନ୍ଦ୍ରଭାଗା ସଫେଇ, ପଥପ୍ରାନ୍ତ ନାଟକ ପ୍ରଦର୍ଶନ

**କୋଣାର୍କ, ୫।୪ (ଡି.ଏନ୍.ଏ.)**

ସାମାଜିକ ଅନୁଷ୍ଠାନ ପ୍ରୋଜେକ୍ଟ ପଏଣ୍ଟ ଓ ପ୍ରେରଣାର ମିଳିତ ସହଯୋଗରେ ମଙ୍ଗଳବାର ପୁରୀ ଯୁବ ହଷ୍ଟେଲ ସମୁଦ୍ର ତଟରୁ ବାହାରି ଥିବା ଦୁଃସାହସିକ ଏକ ପଦଯାତ୍ରୀ ଦଳ ୩୫ କି.ମି ସମୁଦ୍ର କୂଳେ କୂଳେ ଚାଲି କୋଣାର୍କରେ ପହଞ୍ଚିବା ସହ ସମୁଦ୍ର କୂଳ ସଫେଇ କରିଥିଲେ। ଏହାପରେ ସେହି ଦଳ ସ୍ଥାନୀୟ ଗ୍ରାମରେ ରାତ୍ରିଯାପନ କରିବା ସହିତ ଚାରାରୋପଣ, ଜଳ ହିଁ ଜୀବନ ବିଷୟ ବସ୍ତୁକୁ ନେଇ ପଥପ୍ରାନ୍ତ ନାଟକ ଆଦି ପ୍ରଦର୍ଶନ କରିବା ସହିତ ଦେଶାତ୍ମକ ବୋଧକ ନୃତ୍ୟ ଗୀତ ପରିବେଷଣ କରିଥିଲେ। ସେହିପରି ରାମଚଣ୍ଡୀ ନିକଟରେ ଚାରା ରୋପଣ କରିଥିଲେ। ଏହାପରେ ନାଫ ଓଡ଼ିଶା ଚାପ୍ଟର ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ଭୂୟାଁ ଓ ୬୦ଜଣ ସହଯୋଗୀ ମିଶି ଦୁଃସାହସିକ ଯାତ୍ରା ଆକାଶଛତା ଉଡ଼ାଣ କରିଥିଲେ। ପ୍ରେରଣାର ସଭାପତି ଡ. ଦିଲୀପ ଶ୍ରୀଚନ୍ଦନ, ପ୍ରୋଜେକ୍ଟ ପଏଣ୍ଟର ଅଧ୍ୟକ୍ଷ ସଂଗ୍ରାମ କେଶରୀ ସାମନ୍ତରାୟ, କାର୍ଯ୍ୟକ୍ରମ ସଂଯୋଜକ ରାମକୃଷ୍ଣ ମହାନ୍ତି, ଖୋର୍ଦ୍ଧା ଜିଲା ରେଡ୍‌କ୍ରସ ସଂଯୋଜକ ଅଧ୍ୟାପକ ସୁବୋଧ କୁମାର ଜଗଦେବ ଓ ଜାତୀୟ ସେବା ଯୋଜନା ଅଧିକାରିଣୀ ଅଲିଭା ବେରୁଆ ପ୍ରମୁଖ ଆୟୋଜକ ଅନୁଷ୍ଠାନର ସ୍ୱେଚ୍ଛାସେବୀମାନେ ସାମିଲ ଥିଲେ। ଏହି ଅଭିଯାନରେ ଦୁଇଟି ଦେଶ, ୧୬ଟି ରାଜ୍ୟ ଓ ୧୮୩ଜଣ ଅଭିଯାତ୍ରୀ ଅଂଶଗ୍ରହଣ କରିଥିଲେ। ସଂଗ୍ରାମ ସାମନ୍ତରାୟ, ରାମକୃଷ୍ଣ ମହାନ୍ତି, ଦିଲୀପ ଶ୍ରୀଚନ୍ଦନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ପଦଯାତ୍ରୀମାନେ।

# ହାଇମାଷ୍ଟ ଲାଇଟ୍, ରାସ୍ତା କାମରେ ଦୁର୍ନୀତି

## କାମ ନ ହୋଇ ଅର୍ଥ ତୋସରପାତ ଅଭିଯୋଗ

**ଅସ୍ତରଙ୍ଗ, ୫।୪ (ଡି.ଏନ୍.ଏ.)**

ଅସ୍ତରଙ୍ଗ ବ୍ଲକ ତାଳଦା ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକରେ ଅର୍ଥ ଆତ୍ମସାତ ହୋଇଥିବା ନେଇ ସ୍ଥାନୀୟ ମିଳିତ ମେଣ୍ଟ ପକ୍ଷରୁ ଅଭିଯୋଗ କରାଯାଇଛି। ଅସ୍ତରଙ୍ଗସ୍ଥିତ ଏକ କଲ୍ୟାଣୀ ମଣ୍ଡପରେ ବୁଧବାର ମିଳିତ ମେଣ୍ଟ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ କରାଯାଇ ହାଇମାଷ୍ଟ ଲାଇଟ୍, ରାସ୍ତା କାମରେ ଦୁର୍ନୀତି, କାର୍ଯ୍ୟ ନିମ୍ନମାନର, ଠିକାଦାରଙ୍କ ମନମୁଖି କାର୍ଯ୍ୟ, ଜାଣିଶୁଣି କାର୍ଯ୍ୟ ବିଳମ୍ବ କରାଯାଉଥିବା ନେଇ ଅଭିଯୋଗ ହୋଇଛି। ମେଣ୍ଟର ପୂର୍ବତନ ଜିଲା ପରିଷଦ ସଭ୍ୟ ଗଦାଧର ବିଶ୍ୱାଳ, ପୂର୍ବତନ ସମିତି ସଭ୍ୟ ସାଇରଞ୍ଜନ ପ୍ରଧାନ, ବ୍ଲକ କଂଗ୍ରେସ ସଭାପତି ସୁକାନ୍ତ ମହାନ୍ତି ଓ ଭାଜପା ନୂଆଗଡ଼ ମଣ୍ଡଳ ସଭାପତି ଗୋଲକ ପ୍ରଧାନ ସାମିଲ ହୋଇ ଦୁର୍ନୀତି କାମର ପର୍ଦ୍ଦାଫାସ କରିଥିଲେ। ଏ ସମ୍ପର୍କରେ ଖୁବ୍‌ଶୀଘ୍ର ଭିଜିଲାନ୍ସ, ଏସ୍‌ପି, ପଞ୍ଚାୟତିରାଜ ସଚିବ, ପୁରୀ ଜିଲାପାଳ ଓ ବିଡିଓଙ୍କୁ ଅଭିଯୋଗ ହେବ ବୋଲି ସୂଚନା


ଖବରଦାତା ସମ୍ମିଳନୀରେ ମିଳିତ ମେଣ୍ଟର କର୍ମକର୍ତ୍ତା ସୂଚନା ଦେଉଛନ୍ତି।

ଦେଇଛନ୍ତି।

ଅଭିଯୋଗ ମୁତାବକ, ତାଳଦା ପଞ୍ଚାୟତରେ ସମିତିସଭ୍ୟ ଉପନିର୍ବାଚନ ପାଇଁ ମାର୍ଚ୍ଚ ୨୨ରୁ ଆଦର୍ଶ ଆଚରଣବିଧି ଲାଗୁ ହୋଇଛି। ହେଲେ ଏହାକୁ ଉଲ୍ଲଂଘନ କରି କାର୍ଯ୍ୟ ହେଉଥିବା ମିଳିତମେଣ୍ଟ ଅଭିଯୋଗ ଆଣିଛି। କୌଣସି ସ୍ଥାନରେ ହାଇମାଷ୍ଟ ଲାଇଟ୍ ଲାଗି ନ ଥିଲାବେଳେ ମାର୍ଚ୍ଚ ମାସରେ ଷ୍ଟ୍ରିଟ୍ ଲାଇଟ୍ ମରାମତି ହୋଇନି। କାମ ନ କରି ଅସାଧୁ ଉପାୟରେ ମିଥ୍ୟା ବିଲ୍ କରି ସେ ଟଙ୍କାକୁ ନିର୍ବାଚନରେ ଲଗାଇବାକୁ ମସୁଧା ଚାଲିଛି। ଚତୁର୍ଦ୍ଦଶ ଅର୍ଥ କମିଶନ ପାଣ୍ଠିରୁ ୧ ଲକ୍ଷ ୩୯ ହଜାର ୮୦ ଟଙ୍କା ହିସାବରେ ୬ଟି ଲାଇଟ୍‌କୁ ମୋଟ ୮ ଲକ୍ଷ ୩୪ ହଜାର ୪୮୦ ଟଙ୍କା ଖର୍ଚ୍ଚ ହେବା ଓ ମାର୍ଚ୍ଚ ୩୦ରେ ଭୁବନେଶ୍ୱରର ଏକ କମ୍ପାନୀକୁ ଅନ୍‌ଲାଇନ ଯୋଗେ ଟଙ୍କା ପଠା ହୋଇଛି। ଆଚରଣ ବିଧି ଲାଗୁ ହେବା ପୂର୍ବରୁ ମାର୍ଚ୍ଚ ୧୭ରେ ୨ଟି ଭାଉଚରରେ ଷ୍ଟ୍ରିଟ୍ ଲାଇଟ୍ ମରାମତି ବାବଦରେ ପିଇଓ ୧ ଲକ୍ଷ ଟଙ୍କା ଉଠାଇ ପେମେଣ୍ଟ ସରିଥିବାବେଳେ ଏଯାଏ ଲାଇଟ୍ ଲାଗିନି ଏବଂ କୌଣସି ଷ୍ଟ୍ରିଟ୍ ଲାଇଟ୍ ମରାମତି ହୋଇ ନାହିଁ। ସେହିଭଳି ରାଜ୍ୟ ପଞ୍ଚମ ଅର୍ଥ କମିଶନ ଅନୁଦାନରୁ ଖର୍ଚ୍ଚ କରି ସିସି ରୋଡ୍ ମରାମତି ନାଁରେ ୧ ଲକ୍ଷ ଖର୍ଚ୍ଚ ଦେଖାଇ ପିଇଓ ୯୫ ହଜାର ୬୪୨ ଟଙ୍କା ଉଠାଇଛନ୍ତି। ଏଠି ବିଲ୍ ନ ହୋଇ ଟଙ୍କା ଉଠାଯାଇଥିବା ମେଣ୍ଟ ଅଭିଯୋଗ କରିଛି। ତେଣୁ ଏସବୁର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ମେଣ୍ଟ ଦାବି କରିଛି। ସୂଚନା ଥାଉକି, ହୋହଲ୍ଲା ମଧ୍ୟରେ ମଙ୍ଗଳବାର ହାଇମାଷ୍ଟ ଲାଇଟ୍ ପାଇଁ କେତେକ ଖୁଣ୍ଟି ପଡିବା ସ୍ଥାନୀୟ ଲୋକେ ମୋବାଇଲରେ ଫଟୋ କଏଦ୍ କରିଛନ୍ତି। ଏଠି ପ୍ରଶ୍ନ ଉଠୁଛି, ସମସ୍ତ ବିଲ୍‌ଗୁଡିକରେ କନିଷ୍ଠ ଯନ୍ତ୍ରୀ ଓ ବ୍ଲକ ସହକାରୀ ଯନ୍ତ୍ରୀ ଦସ୍ତଖତ ପରେ ବିଡିଓଙ୍କ ଦସ୍ତଖତର ଆବଶ୍ୟକତା ରହିଛି। ଆଗ କାମ ଓ ପରେ ବିଲ୍ ହୋଇ ପେମେଣ୍ଟ ହେବା କଥା। କିନ୍ତୁ ଏଠି ସେପରି ନ ହୋଇ କାମ ନାଁରେ କେବଳ ଟଙ୍କା ଉଠୁଛି ବୋଲି ଅଭିଯୋଗ ହେଉଛି। ତେବେ ଘଟଣା ସମ୍ପର୍କରେ ପଞ୍ଚାୟତର ପିଇଓ ମିର୍ଜା କମଲ ବେଗଙ୍କୁ ପଚାରିବାରେ, ସେ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଲାଇଟ୍ କିଣା ହୋଇଥିବାବେଳେ ଲାଗି ନ ଥିବା କହିଛନ୍ତି।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୫.୦୪.୨୦୨୩

| ୩,୮୪,୬୪୬ ଟଙ୍କା | |
|---|---|
| ସୁନା | ୨.୮୫୦ ଗ୍ରାମ |
| ରୁପା | ୧୫.୮୦୦ ଗ୍ରାମ |

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ସର୍ବଭାରତୀୟ ବିଶାଳ ହସ୍ତଶିଳ୍ପ ପ୍ରଦର୍ଶନୀ ଗାନ୍ଧୀଶିଳ୍ପ ବଜାର,ଏକାମ୍ର ହାଟ, ୟୁନିଟ୍-୩, ପୂର୍ବାହ୍ନ ୧୦ଟା।
- ନିଖିଳ ଓଡ଼ିଶା ୬୬୨ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର ଧାରଣା, ଲୋୟର ପିଏମ୍‌ଜି, ଅପରାହ୍ନ୧୨ଟା ୩୦।
- କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ ପକ୍ଷରୁ 'ଉତ୍କଳ ଦିବସ-୨୦୨୩', ଖଣ୍ଡଗିରି ପାଣ୍ଠିକା, ସନ୍ଧ୍ୟା ୬ଟା ୩୦।

କଟକ

- ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ କେମିଷ୍ଟ୍ରି ବିଭାଗର ୪୬ତମ ବାର୍ଷିକ ଆଲୋଚନାଚକ୍ର, ମହାବିଦ୍ୟାଳୟ ପ୍ରେକ୍ଷାଳୟ, ପୂର୍ବାହ୍ନ ୧୧ଟା।
- ଏଆଇଡିଏସ୍‌ଓ ପକ୍ଷରୁ ସଂହତି ଦିବସ ଓ ଛାତ୍ର ବିକ୍ଷୋଭ, ରେଭେନ୍ସା ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ, ପୂର୍ବାହ୍ନ ୧୧ଟା।
- ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀର ତୃତୀୟ ସନ୍ଧ୍ୟା, ମାତୃଭବନ, ସନ୍ଧ୍ୟା ୬ଟା ୩୦।

ବାଲିଅନ୍ତା

- ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ଷଠିଲୋ ଚଣ୍ଡେଶ୍ୱର ମହାଦେବ ମନ୍ଦିର, ଅପରାହ୍ନ ୫ଟା।
- ୧୦ମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ବେଣୁପୁର-ବାଲିକାଣ୍ଡିଆ ମା ପାଟୋଳୀଶ୍ୱରୀ ପୀଠ, ଅପରାହ୍ନ ୫ଟା।
- ରାମଲୀଳା ନାଟକ 'ଭରତ ମିଳନ', ବେଣୁପୁର ରାମଲୀଳା ପଡ଼ିଆ, ରାତି ୧୧ଟା ୩୦।
- ରାମଲୀଳା ନାଟକ 'ସୀତା ଚୋରି', କାକରୁଦ୍ରପୁର ପତିତପାବନ ମନ୍ଦିର ନିକଟ, ରାତି ୧୧ଟା ୩୦।
- ରାମଲୀଳା ନାଟକ ଶ୍ରୀରାମ ବନବାସ, ଗୋତଳବିନ୍ଧା ସୀତା ରାମେଶ୍ୱର ମନ୍ଦିର ନିକଟ, ରାତି ୧୧ଟା ୩୦।

# ଜାମୁଝରି ମୁକ୍ତାଶ୍ରମ ଜେଲରେ ଅନିୟମିତତା

- ଜେଲ ଅଧୀକ୍ଷଙ୍କ ବିରୋଧରେ ଓଏଚ୍ଆର୍‌ସିଙ୍କ ନିକଟରେ ଅଭିଯୋଗ
- ଅଭିଯୋଗ ଆଣିଲେ ଖୋଦ୍ ଜେଲର
- ଗୃହ ବିଭାଗ ସ୍ୱତନ୍ତ୍ର ସଚିବଙ୍କୁ ଓଏଚ୍ଆର୍‌ସିଙ୍କ ତଦନ୍ତ ନିର୍ଦ୍ଦେଶ

ଭୁବନେଶ୍ୱର,୫।୪ (ବ୍ୟୁରୋ)




୧୦ବର୍ଷରୁ ଉର୍ଦ୍ଧ୍ୱ ବନ୍ଦୀ ଜୀବନ କଟାଉଥିବା ପୁରୁଷ କଏଦୀଙ୍କ ଆଚରଣ ଓ ବ୍ୟବହାରରେ ପରିବର୍ତ୍ତନ ଆଣିବା ସହ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଲକ୍ଷ୍ୟରେ ଭୁବନେଶ୍ୱର ଉପକଣ୍ଠ ଜାମୁଝରିଠାରେ ୨୦୦୩ରେ ବିଜୁ ପଟ୍ଟନାୟକ ମୁକ୍ତାକାଶ ଆଶ୍ରମ ପ୍ରତିଷ୍ଠା କରାଯାଇଥିଲା। ଏଠାରେ କଏଦୀଙ୍କ ଆଚରଣରେ ପରିବର୍ତ୍ତନ ଆସିବା ପରେ ସେମାନଙ୍କ ଜେଲ୍ ଦଣ୍ଡାଦେଶକୁ କୋହଳ କରାଯାଇ ମୁକ୍ତ ମଧ୍ୟ କରାଯାଇଥାଏ। ହେଲେ ଏଭଳି ସ୍ଥାନରେ ମଧ୍ୟ ଦୁର୍ନୀତି ସହ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହି ଅନିୟମିତତା ବିରୋଧରେ ଜେଲର ଅଶୋକ କୁମାର ବେହେରା ସ୍ୱର ଉଠାଇବାରୁ ତାଙ୍କ ବିରୋଧରେ ଅଧୀକ୍ଷକ କେତେଜଣ କଏଦୀଙ୍କୁ ଉସୁକାଇ ମିଥ୍ୟା ଅଭିଯୋଗ ଦେଇ ନିର୍ଯାତନା ଦେଉଛନ୍ତି। ଏନେଇ ପୂର୍ବରୁ ହୋଇଥିବା ଅଭିଯୋଗ ଉପରେ ଜେଲ ବିଭାଗ ପକ୍ଷରୁ ତଦନ୍ତ କରାଯାଇଥିଲେ ମଧ୍ୟ ଏଥିରେ ଅସନ୍ତୁଷ୍ଟ ହୋଇ ଏବେ ଜେଲର ବେହେରା ରାଜ୍ୟ ମାନବାଧିକାର କମିଶନ(ଓଏଚ୍ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି। କମିଶନ ବିଚାରପତି ଶତ୍ରୁଘ୍ନ ପୂଜାହାରୀ ଅଭିଯୋଗକୁ ଗୁରୁତ୍ୱର ସହ ନେଇ ଏସଂକ୍ରାନ୍ତରେ ଗୃହ ବିଭାଗ ସ୍ୱତନ୍ତ୍ର ସଚିବଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏକମାସ ମଧ୍ୟରେ ଏହାର ତଦନ୍ତ ରିପୋର୍ଟ ଦାଖଲ କରିବାକୁ କମିଶନ ଆଦେଶ ଦେଇଛନ୍ତି। ଏଥିସହ ହୁଇସିଲ୍ ବ୍ଲୋୟର ଭାବେ କାର୍ଯ୍ୟ କରୁଥିବା ଜେଲରଙ୍କ ବିରୋଧରେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପୂର୍ବରୁ କମିଶନଙ୍କ ଅନୁମତି ନେବାକୁ କୁହାଯାଇଛି।

ଅଭିଯୋଗ ଅନୁଯାୟୀ, କିଛିମାସ ତଳେ ଜେଲରେ କଏଦୀମାନଙ୍କୁ ନିମ୍ନମାନର ତେଲ ଓ ଚାଉଳରେ ପ୍ରସ୍ତୁତ ଖାଦ୍ୟ ଦିଆଯାଇଥିଲା। ଏଥିସହ ଗାଈ ଓ ବାଛୁରୀଙ୍କୁ ଉପଯୁକ୍ତ ଯତ୍ନ ନ ନେବା କାରଣରୁ ସେମାନଙ୍କ ଅସମୟରେ ମୃତ୍ୟୁ ହୋଇଥିଲା। ଏନେଇ ନୋଟ୍‌ସିଟ୍‌ରେ ଜେଲର ବେହେରା ଅଭିଯୋଗ କରିଥିଲେ। ଏହାପରେ ଜେଲର ଟ୍ରେନିଂରେ ଥିବାବେଳେ କେତେଜଣ କଏଦୀଙ୍କୁ ଉସୁକାଇ ତାଙ୍କ ବିରୋଧରେ ଅଧୀକ୍ଷକ ଅଭିଯୋଗ କରିଥିଲେ। ପରେ ଜଣେ ଡିଆଇଜିସ୍ତରୀୟ ଅଧିକାରୀ ଏସଂକ୍ରାନ୍ତରେ ତଦନ୍ତ କରିଥିଲେ। ତଦନ୍ତବେଳେ ଏହା ପଛରେ ଏକ ଷଡ଼ଯନ୍ତ୍ର ଥିବା ଜଣାପଡ଼ିଥିଲା। ହେଲେ ତଦନ୍ତର ପରବର୍ତ୍ତୀ ପଦକ୍ଷେପ ସଂକ୍ରାନ୍ତରେ ଜଣାପଡ଼ି ନ ଥିଲା। ତେବେ ଏହାରି ଭିତରେ କେତେଜଣ କଏଦୀଙ୍କୁ ଅଧୀକ୍ଷକଙ୍କ ପ୍ରରୋଚନାରେ ଛଡ଼ାଯାଇଥିଲେ ମଧ୍ୟ ଏଥିପାଇଁ ଜେଲରଙ୍କୁ ଦାୟୀ କରାଯାଇଥିଲା। ଏ ସମ୍ପର୍କରେ ଜେଲର ମୁଖ୍ୟ ଶାସନ ସଚିବଙ୍କୁ ମଧ୍ୟ ଜଣାଇଥିଲେ। ତେବେ ଆଗାମୀ ଦିନରେ ତାଙ୍କ ବିରୋଧରେ ପୁଣି କିଛି ଷଡ଼ଯନ୍ତ୍ର କରାଯିବାର ବେହେରା ଆଶଙ୍କା କରିଛନ୍ତି। ତେଣୁ ସେ ମାସେରୁ ଉର୍ଦ୍ଧ୍ୱ ସମୟ ହେବ ଛୁଟିରେ ଅଛନ୍ତି। ତେବେ ଶେଷରେ ମାନବାଧିକାର କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋଙ୍କ ଉପସ୍ଥିତିରେ ଜେଲର ବେହେରା ମଙ୍ଗଳବାର ଓଏଚ୍ଆର୍‌ସିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅନ୍ୟପକ୍ଷରେ କୌଣସି ଜେଲ ଅଧୀକ୍ଷକଙ୍କ ବିରୋଧରେ ଉକ୍ତ ଜେଲର ଏଭଳି ସଂଗୀନ ଅଭିଯୋଗ ଆଣିବାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ସୃଷ୍ଟି ହୋଇଛି। ଏପରି କି ଏଭଳି ଘଟଣା ପ୍ରଥମ ବୋଲି ମଧ୍ୟ କୁହାଯାଉଛି।




ରାଷ୍ଟ୍ରୀୟ ହନୁମାନ ଜୟନ୍ତୀ ଉପଲକ୍ଷେ ବୁଧବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

## ୭ରୁ କପିଳେଶ୍ୱର ମହୋତ୍ସବ

ପୁରୁଣା ଭୁବନେଶ୍ୱର,୫।୪(ଡି.ଏନ୍.ଏ.)

ଆସନ୍ତା ୭ରୁ ଦୁଇଦିନିଆ କପିଳେଶ୍ୱର ମହୋତ୍ସବ ଶ୍ରୀ କପିଳେଶ୍ୱର ମନ୍ଦିର ସନ୍ନିକଟ ପଡ଼ିଆରେ ଅନୁଷ୍ଠିତ ହେବ। ସନ୍ଧ୍ୟା ୭ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିବ। ଅଭିଜିତ୍ ମଜୁମ୍‌ଦାର, ଅସୀମା ପଣ୍ଡା, ପପୁ ପମ୍ ପମ୍‌ଙ୍କ ଭଳି ବହୁ ବିଶିଷ୍ଟ କଳାକାର ଦର୍ଶକଙ୍କ ମନୋରଞ୍ଜନ କରିବେ। ସେହିଭଳି ବିଭିନ୍ନ ଅନୁଷ୍ଠାନର କଳାକାରମାନେ ଓଡ଼ିଶୀ, ସମ୍ବଲପୁରୀ, ମର୍ଦ୍ଦଣ୍ଡ ଡ୍ୟାନ୍ସ କରିବେ। ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ମନ୍ତ୍ରୀ ଅଶ୍ୱିନୀ ପାତ୍ର, ଜଟଣୀ ବିଧାୟକ ସୁରେଶ ରାଉତରାୟ ପ୍ରମୁଖ ଅତିଥିଭାବେ ଯୋଗଦେବେ। ଏନେଇ ମହୋତ୍ସବ କମିଟି ଆବାହକ ତଥା କର୍ପୋରେଟର ଚନ୍ଦ୍ରଶେଖର ମଲିଆ ବୁଧବାର ଏକାମ୍ର ସଂସ୍କୃତି ପରିଷଦ ପରିସରରେ ଆୟୋଜିତ ବୈଠକରେ ସୂଚନା ଦେଇଛନ୍ତି। ବିଜୟ ମଲିଆ, ପ୍ରଶାନ୍ତ ମହାପାତ୍ର, ଜିତେନ୍ଦ୍ର ମଲିଆ, ପ୍ରଭାତ ମହାପାତ୍ର, ମନୋରଞ୍ଜନ ମଲିଆ ପ୍ରମୁଖ ଉପସ୍ଥିତ ଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିନୁ



@ ସୋମନାଥ



@ ଦିଓ୍ୱାନ୍



@ ପ୍ରଶାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଆଇଡବ୍ଲ୍ୟୁଏ ଉପଦେଷ୍ଟା ବୋର୍ଡରେ ମାଥ୍ୟୁ ଭାଥନନ୍

ଭୁବନେଶ୍ୱର,୫।୪(ବ୍ୟୁରୋ)

### ଭାରତରୁ ଜଣେ



ଜି. ମାଥ୍ୟୁ ଭାଥନନ୍

ବରିଷ୍ଠ ଆଇଏଏସ୍ ଅଫିସର ତଥା ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଜି. ମାଥ୍ୟୁ ଭାଥନନ୍ ଇଣ୍ଟରନ୍ୟାଶନାଲ ୱାଟର ଆସୋସିଏଶନ (ଆଇଡବ୍ଲ୍ୟୁଏ) ଉପଦେଷ୍ଟା ପରିଷଦର ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ୧୧ ଜଣିଆ ବୋର୍ଡ ସଦସ୍ୟଙ୍କ ମଧ୍ୟରେ ଭାଥନନ୍ ଭାରତରୁ ଜଣେ ପ୍ରତିନିଧି ଭାବେ ସ୍ଥାନ ପାଇବା ଦେଶ ପାଇଁ ଗୌରବର କଥା। ସହରାଞ୍ଚଳ ପରିମଳ ଅଭିଯାନକୁ ମାର୍ଗଦର୍ଶନ କରିବା, ଆବଶ୍ୟକ ନିର୍ଦ୍ଦେଶ ଦେବା, କାର୍ଯ୍ୟଧାରାକୁ ସମୀକ୍ଷା କରିବା ଏବଂ ସାମଗ୍ରିକ ଭାବେ ଏହି କାର୍ଯ୍ୟକ୍ରମକୁ ଅଧିକ ସଫଳ କରାଇବା ଦିଗରେ ଇଣ୍ଟରନ୍ୟାଶନାଲ ୱାଟର ଆସୋସିଏଶନ କାର୍ଯ୍ୟ କରୁଛି। ତେବେ ଏହାର ସଦସ୍ୟ ଭାବେ ମନୋନୀତ ହେବା ପରେ ମାଥ୍ୟୁ ଭାଥନନ୍ ଏହାର ସମସ୍ତ ଶ୍ରେୟ ଟିମ ଓଡ଼ିଶା ଏବଂ ଟିମ୍ ଅର୍ବାନ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦେଇଛନ୍ତି। ଆଇଡବ୍ଲ୍ୟୁଏର ଅନ୍ୟ ସଦସ୍ୟଙ୍କ ମଧ୍ୟରେ ଫିଲିପାଇନ୍ସ, ଦକ୍ଷିଣ ଆଫ୍ରିକା, କେନିଆ, ସ୍ୱିଜରଲାଣ୍ଡ, ଥାଇଲାଣ୍ଡ ଓ ନେଦରଲାଣ୍ଡ ପ୍ରମୁଖ ଦେଶର ପ୍ରତିନିଧି ରହିଛନ୍ତି। ଆଇଡବ୍ଲ୍ୟୁଏର ଉପଦେଷ୍ଟା ବୋର୍ଡ ସହିତ ଟାସ୍କଫୋର୍ସ ମଧ୍ୟ ଗଠିତ ହୋଇଥିବା ସୂଚନା ଦିଆଯାଇଛି।

# ଲକର୍‌ରୁ ମିଳିଲା ୧ କେଜିରୁ ଉର୍ଦ୍ଧ୍ୱ ସୁନା

### ଗିରଫ ଜିଏସ୍‌ଟି ଅଧିକାରୀ ଚିତ୍ତରଞ୍ଜନଙ୍କ ବିପୁଳ ସମ୍ପତ୍ତି

- ଠାବ ସୁନାରୁ ୨୬ ଲକ୍ଷ ଟଙ୍କାର ୧୯ଟି ସୁନା ବିସ୍କୁଟ୍
- ଲକର୍‌ରୁ ମିଳିଲା ଆଉ ୫.୪ ଲକ୍ଷ ଟଙ୍କା

ଭୁବନେଶ୍ୱର,୫।୪ (ବ୍ୟୁରୋ)







ଚିତ୍ତରଞ୍ଜନ ମହାନ୍ତି

ଲାଞ୍ଚ ମାମଲାରେ ଗିରଫ ହୋଇ ଜେଲରେ ଥିବା ସି.ଟି. ଆଣ୍ଡ୍ ଜିଏସ୍‌ଟି (ବାଣିଜ୍ୟକର ଏବଂ ଦ୍ରବ୍ୟ ଓ ସେବାକର ପ୍ରବର୍ତ୍ତନ ଏକକ) ପାରାଦୀପ ଏନ୍‌ଫୋର୍ସମେଣ୍ଟ ୟୁନିଟ୍ ଅଧିକାରୀ ଚିତ୍ତରଞ୍ଜନ ମହାନ୍ତି ଠୁଳ କରିଥିବା ବିପୁଳ ସମ୍ପତ୍ତି ଠାବ ହେବାରେ ଲାଗିଛି। ବୁଧବାର ତାଙ୍କ ନାମରେ ଥିବା ୨ଟି ବ୍ୟାଙ୍କ ଲକର୍‌ରୁ ଭିଜିଲାନ୍ସ ଟିମ୍ ୧ କେଜିରୁ ଉର୍ଦ୍ଧ୍ୱ ସୁନା ଓ ପୁଳା ପୁଳା ଟଙ୍କା ପାଇଛି, ଯାହାକୁ ନେଇ ଅଧିକ ଚର୍ଚ୍ଚା ଲାଗି ରହିଛି। ଭିଜିଲାନ୍ସର ସୂଚନା ଅନୁଯାୟୀ, କଟକ ସିଡିଏସ୍ଥିତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଓ ପଞ୍ଜାବ ଆଣ୍ଡ୍ ସିଣ୍ଡ୍ ବ୍ୟାଙ୍କର ଗୋଟିଏ ଲେଖାଏ ମୋଟ୍ ୨ଟି ଲକରରୁ ୧.୦୬୦ କେଜି ସୁନା ମିଳିଛି। ଏଥିରେ ୨୬ ଲକ୍ଷ ଟଙ୍କାର ୧୯ଟି ସୁନା ବିସ୍କୁଟ ରହିଛି। ଫଳରେ ଚିତ୍ତରଞ୍ଜନଙ୍କ ନିକଟରୁ ଠାବ ହୋଇଥିବା ସୁନାର ପରିମାଣ ୧.୧୩୫ କେଜିରେ ପହଞ୍ଚିଛି। ଏହାର ମୂଲ୍ୟ ୬୪ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ। ସେହିପରି ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଲକର୍‌ରୁ ନଗଦ ୫.୪ ଲକ୍ଷ ଟଙ୍କା ମଧ୍ୟ ମିଳିଛି। ପୂର୍ବରୁ ମିଳିଥିବା ଟଙ୍କାକୁ ମିଶାଇଲେ ୬.୫୯ ଲକ୍ଷ ଟଙ୍କା ହୋଇଛି। ଏଥିସହ ଚିତ୍ତରଞ୍ଜନ ଓ ତାଙ୍କ ପରିବାର ସଦସ୍ୟଙ୍କ ନାଁରେ ବ୍ୟାଙ୍କ ଓ ଜୀବନବୀମା ଜମା ଏବଂ ମ୍ୟୁଚୁଆଲ୍ ଫଣ୍ଡରେ ୧.୦୪ କୋଟି ଟଙ୍କା, କଟକ ସିଡିଏସ୍ଥିତ ୭୦ ଲକ୍ଷ ଟଙ୍କାର କୋଠା, ୧୫ ଲକ୍ଷ ଟଙ୍କାର ଗୋଟିଏ ଚାରିଚକିଆ ଯାନ, ଗୋଟିଏ ଦୁଇ ଚକିଆ ଯାନ ଏବଂ ୧୧.୩୦ ଲକ୍ଷ ଟଙ୍କାର ଘରୋଇ ସାମଗ୍ରୀ ଠାବ କରାଯାଇଛି। ତେବେ ଏଯାଏ ମିଳିଥିବା ମୋଟ ସମ୍ପତ୍ତିର ପରିମାଣ ୩ କୋଟିରୁ ଉର୍ଦ୍ଧ୍ୱ ହେବ ବୋଲି ଆକଳନ କରାଯାଉଛି। ଏଥିରୁ କେତେ ଆୟ ବହିର୍ଭୂତ ସମ୍ପତ୍ତି ସେନେଇ ହିସାବ ବା ତଥ୍ୟ ଦିଆଯାଇନାହିଁ। ଅଧିକ ଅନୁସନ୍ଧାନ ଚାଲିଥିବାରୁ ଆହୁରି ସମ୍ପତ୍ତି ମିଳିପାରେ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ, ଏକ ଜିଏସ୍‌ଟି ମାମଲା ବନ୍ଦ କରିବାକୁ ଜଣେ ବ୍ୟବସାୟୀଙ୍କଠାରୁ ୮୦ ହଜାର ଲାଞ୍ଚ ନେବାବେଳେ ଗତ ମାର୍ଚ୍ଚ ୩୧ରେ ଚିତ୍ତରଞ୍ଜନ ଭିଜିଲାନ୍ସ ଦ୍ୱାରା ଧରାପଡ଼ିଥିଲେ। ଏହାପରେ ପାରାଦୀପସ୍ଥିତ ଅଫିସ୍ ସମେତ କଟକ ସିଡିଏସ୍ଥିତ ଘର ଏବଂ କେନ୍ଦ୍ରାପଡ଼ା ଜିଲା କପିଳେଶ୍ୱରସ୍ଥିତ ପୈତୃକ ଘରେ ଭିଜିଲାନ୍ସ ଚଢ଼ାଉ କରିଥିଲା। ଏ ସଂକ୍ରାନ୍ତରେ କଟକ ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୪/୨୦୨୩) ରୁଜୁ କରାଯାଇ ଚିତ୍ତରଞ୍ଜନଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯିବା ପରେ ତାଙ୍କୁ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।



ଏଲ୍ଡର୍ସ ରିକ୍ରିଏଶନ ଆକ୍ଟିଭିଟିସ୍ ଟ୍ରଷ୍ଟ ପକ୍ଷରୁ ବୁଧବାର ଭୁବନେଶ୍ୱରଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିଥିମାନେ ପୁସ୍ତକ 'ବରିଷ୍ଠ ବାଣୀ'କୁ ଉନ୍ମୋଚନ କରୁଛନ୍ତି।




ଶ୍ରମିକ ବିରୋଧୀ ୪ ଶ୍ରମ ଆଇନ ରଦ୍ଦ ଦାବିରେ ଟ୍ରେଡ୍ ୟୁନିୟନ୍ ସେଣ୍ଟର ଅଫ୍ ଇଣ୍ଡିଆର ଓଡ଼ିଶା ଷ୍ଟେଟ୍ କମିଟି ପକ୍ଷରୁ ବୁଧବାର ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଧାରଣା।




ପୁରୀ ସଂସ୍କୃତି ଭବନରେ ବୁଧବାର ଏସ୍‌ସିଏସ୍ କଲେଜର ଏମ୍‌ବିଏ, ଏମ୍‌କମ୍ ଏବଂ ବିବିଏ ବିଭାଗର ବାର୍ଷିକ ମହୋତ୍ସବ 'ଅଭିନନ୍ଦନ'ରେ ଛାତ୍ରୀଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ।

**କେରଳ ପାଇଛି ସର୍ବାଧିକ ଜିଆଇ ଟ୍ୟାଗ୍**

୨୦୨୨-୨୩ ଆର୍ଥିକବର୍ଷରେ କେରଳ ସବୁଠୁ ଅଧିକ ଜୋଗରାଫିକାଲ ଇଣ୍ଡିକେଶନ୍ (ଜିଆଇ) ଟ୍ୟାଗ ମାନ୍ୟତା ପାଇଛି। ବିନ୍ସ, ହରଡ଼, ରାଶି, ରସୁଣ ଉତ୍ପାଦନରେ କେରଳକୁ ଜିଆଇ ଟ୍ୟାଗ୍ ମିଳିଥିବା ଜିଆଇ ରେଜିଷ୍ଟ୍ରି ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ୨୦୨୧-୨୨ ଆର୍ଥିକବର୍ଷରେ ଉତ୍ତର ପ୍ରଦେଶ ସବୁଠାରୁ ଅଧିକ ଜିଆ ଟ୍ୟାଗ୍ ପାଇଥିବାବେଳେ ଉତ୍ତରାଖଣ୍ଡ ଦ୍ୱିତୀୟରେ ଥିଲା।



## କ୍ୟାଶ୍ ଆପ୍ ପ୍ରତିଷ୍ଠାତା ବୋବ୍ ଲି'ଙ୍କ ମୃତ୍ୟୁ



**ୱାଶିଂଟନ୍, ୫।୪:** ଆମେରିକାର ସାନ୍ ଫ୍ରାନ୍ସିସ୍କୋରେ ମଙ୍ଗଳବାର ଟେକ୍ କମ୍ପାନୀ କ୍ୟାଶ୍ ଆପ୍‌ର ସଂସ୍ଥାପକ ବୋବ୍ ଲି'ଙ୍କୁ ଆହତ ଅବସ୍ଥାରେ ପୋଲିସ ଉଦ୍ଧାର କରିଥିଲା। ପରେ ତାଙ୍କୁ ଡାକ୍ତରଖାନା ନିଆଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ୪୩ବର୍ଷୀୟ ବୋବ ଛାତିରେ ଗଭୀର କ୍ଷତ ଚିହ୍ନ ଦେଖିବାକୁ ମିଳିଥିଲା। ବୁଧବାର ବୋବ୍‌ଙ୍କ ମୃତ୍ୟୁ ନେଇ କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଥିବାବେଳେ ମୃତ୍ୟୁର କାରଣ ବିଷୟରେ ଅବଗତ କରାଯାଇ ନାହିଁ। ବିଶେଷ କରି ସ୍ମାର୍ଟ ଫୋନ୍‌ଗୁଡ଼ିକରେ ପର୍ସନ୍-ଟୁ-ପର୍ସନ୍ ମନି ଟ୍ରାନ୍ସଫର ପାଇଁ କ୍ୟାଶ୍ ଆପ୍‌କୁ ବ୍ୟବହାର କରାଯାଏ। ଫୋର୍ବସ୍ ରିପୋର୍ଟ ଅନୁସାରେ ବୋବ୍ ୪୦ ବିଲିୟନ୍ ଡଲାର ସମ୍ପତ୍ତିର ମାଲିକ।

# ତାଇୱାନ୍ ରାଷ୍ଟ୍ରପତିଙ୍କୁ ଭେଟିଲେ ହାଉସ୍ ସ୍ପିକର

### ଚାଇନା ଚେତାବନୀକୁ ଆମେରିକାର ବେଖାତିର

ୱାଶିଂଟନ୍ ,୫।୪

ଚାଇନାର କଡ଼ା ଚେତାବନୀକୁ ବେଖାତିର କରି ଆମେରିକା ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସ ସ୍ପିକର କେଭିନ୍ ମ୍ୟାକ୍‌କାର୍ଥି ବୁଧବାର କାଲିଫର୍ନିଆରେ ତାଇୱାନ୍ ରାଷ୍ଟ୍ରପତି ସାଇ ଇଙ୍ଗ୍-ୱେନ୍‌ଙ୍କୁ ଭେଟିଛନ୍ତି। ତାଇୱାନ୍ ରାଷ୍ଟ୍ରପତି କେନ୍ଦ୍ରୀୟ ଆମେରିକାରୁ ସ୍ୱଦେଶକୁ ଫେରିବା ପୂର୍ବରୁ ଲସ୍‌ଆଞ୍ଜେଲସ୍‌ରେ ଅବସ୍ଥାନ କରିଥିଲେ। ଏହି ଐତିହାସିକ ଗସ୍ତ ବେଳେ ଦୁଇନେତାଙ୍କ ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇଛି। ରୋନାଲ୍ଡ ରିଗାନ୍ ପ୍ରେସିଡେନ୍ସିଆଲ ଲିବର୍ଟିରେ ମ୍ୟାକ୍‌କାର୍ଥି ତାଙ୍କୁ ସ୍ୱାଗତ କରିଥିଲେ। ତାଇୱାନ୍‌କୁ ନିଜ ଭୂଖଣ୍ଡ ବୋଲି ଦାବି କରୁଥିବା ଚାଇନା ଏହି ଗସ୍ତକୁ ସାର୍ବଭୌମତ୍ୱ ପ୍ରତି ବିପଦ ଦର୍ଶାଇ କଡ଼ା ବିରୋଧ କରିଛି।



କାଲିଫର୍ନିଆର ରୋନାଲ୍ଡ ରିଗାନ୍ ପ୍ରେସିଡେନ୍ସିଆଲ ଲିବର୍ଟିରେରେ ଆମେରିକା ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍ସ ସ୍ପିକର କେଭିନ୍ ମ୍ୟାକ୍‌କାର୍ଥିଙ୍କ ସହ ତାଇୱାନ୍ ରାଷ୍ଟ୍ରପତି ସାଇ ଇଙ୍ଗ୍-ୱେନ୍।

## ତେଲଙ୍ଗାନା ଭାଜପା ସଭାପତିଙ୍କୁ ଘରୁ ଟେକିନେଲା ପୋଲିସ

### ପରୀକ୍ଷା ପତ୍ର ଲିକ୍ ମାମଲା

ହାଇଦ୍ରାବାଦ, ୫।୪

ତେଲଙ୍ଗାନା ମାଧ୍ୟମିକ ପରୀକ୍ଷା ପତ୍ର ଲିକ୍ ମାମଲାରେ ତେଲଙ୍ଗାନା ଭାଜପା ସଭାପତି ବନ୍ଦି ସଞ୍ଜୟ କୁମାରଙ୍କୁ ବୁଧବାର ୧୪ ଦିନିଆ ରିମାଣ୍ଡରେ ପଠାଇ ଦିଆଯାଇଛି। ମଙ୍ଗଳବାର ବିଳମ୍ବିତ ରାତିରେ ତାଙ୍କୁ ଘରୁ ପୋଲିସ ଉଠାଇ ନେବା ପରେ ବହୁ ଥାନାରେ ନେଇ ପଚରା ଉଚରା କରିଥିଲା। ସେକେଣ୍ଡାରି ପରୀକ୍ଷା ପତ୍ର ଲିକ୍ ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ତେଲଙ୍ଗାନାର କରିମନଗର ନର୍ବାଚନ ମଣ୍ଡଳୀ ଏମ୍‌ପି ବନ୍ଦି ସଞ୍ଜୟ କୁମାରଙ୍କୁ ଗିରଫ କରାଯାଇଥିବା ପୋଲିସ କହିଛି। ଏହି ଅଭିଯୋଗକୁ ଭାଜପା ପକ୍ଷରୁ ଖଣ୍ଡନ କରିବା ସହ ବେଆଇନ ଭାବେ ବନ୍ଦିଙ୍କୁ ଘରୁ ପୋଲିସ ଟେକିନେଇଥିବା ଦଳ ଅଭିଯୋଗ ଆଣିଛି। ଏ



ବନ୍ଦି ସଞ୍ଜୟ କୁମାର

ନେଇ ହାଇକୋର୍ଟରେ ଭାଜପା ଏକ ପିଟିଶନ୍ ଦାଏର କରିଛି। ଭାଜପା ଓ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ମଧ୍ୟରେ ଚାଲିଥିବା ରାଜନୈତିକ ଯୁଦ୍ଧକୁ କେନ୍ଦ୍ର କରି ରାଜ୍ୟ ସରକାର ଆକ୍ରୋଶମୂଳକ ଭାବେ କରିବା ନେଇ ଚର୍ଚ୍ଚା ହେଉଛି। ବନ୍ଦିଙ୍କ ଗିରଫଦାରିକୁ ବିରୋଧ କରି ଅନେକ ସଂଖ୍ୟାରେ ଭାଜପା କର୍ମୀ ବିଭିନ୍ନ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତେଲଙ୍ଗାନାରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିବେ।

## ଆଦାନୀ ପ୍ରସଙ୍ଗରେ ଅଚଳାବସ୍ଥା ଜାରି

ନୂଆଦିଲ୍ଲୀ,୫।୪

ଆମେରିକୀୟ ଶର୍ଟ ସେଲର ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ପକ୍ଷରୁ ଆଦାନୀ ଗ୍ରୁପ୍ ବିରୋଧରେ ଆଗତ ଅଭିଯୋଗର ଯୁଗ୍ମ ସଂସଦୀୟ କମିଟି (ଜେପିସି) ତଦନ୍ତ ଦାବିରେ ବିରୋଧୀ ଅଡ଼ି ବସିଥିବାବେଳେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଗଣତନ୍ତ୍ର ମନ୍ତବ୍ୟକୁ ପ୍ରସଙ୍ଗ କରିଛି ଶାସକ ଭାଜପା। ଏହି ୨ ପ୍ରସଙ୍ଗକୁ ନେଇ ବୁଧବାର ମଧ୍ୟ ପାର୍ଲାମେଣ୍ଟର ଉଭୟ ଗୃହରେ ଅଚଳାବସ୍ଥା ଲାଗି ରହିଥିଲା। ବିରୋଧୀ ସଦସ୍ୟମାନେ ଆଦାନୀ ପ୍ରସଙ୍ଗ ଉଠାଇ ଲୋକ ସଭାରେ ହଙ୍ଗାମା କରିଥିଲେ। କେନ୍ଦ୍ରମନ୍ତ୍ରୀ ପୁରୁଷୋତ୍ତମ ରୁପାଲା ଗୃହରେ କୋଷ୍ଟାଲ ଆକ୍ୱାକଲ୍ଚର ଅଥରିଟି (ସଂଶୋଧନ) ବିଲ୍, ୨୦୨୩ ଆଗତ କରିବାବେଳେ କାଗଜ ଫିଙ୍ଗିଥିଲେ। ଗୃହରେ ଅଧ୍ୟକ୍ଷତା କରୁଥିବା ରମା ଦେବୀଙ୍କ ତାଗିଦାକୁ ସେମାନେ ଭୂକ୍ଷେପ କରି ନ ଥିଲେ। ଫଳରେ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଶେଷରେ ଲୋକ ସଭାକୁ ଦିନକ ପାଇଁ ମୁଲତବୀ ଘୋଷଣା



କରାଯାଇଥିଲା। ଉଚ୍ଚ ସଦନରେ ମଧ୍ୟ ଅନୁରୂପ ସ୍ଥିତି ଦେଖିବାକୁ ମିଳିଥିଲା। କଂଗ୍ରେସ ନେତାମାନେ ସରକାରଙ୍କୁ ଅପମାନିତ କରିଥିବା କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲ ଅଭିଯୋଗ ଆଣିଥିଲେ। ଏଥିସହ ରାହୁଲ ବ୍ରିଟେନରେ ଭାରତୀୟ ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟି ହୋଇଥିବା ନେଇ ଦେଇଥିବା ମନ୍ତବ୍ୟ ଉପରେ କ୍ଷମା ଦାବି କରିଥିଲେ। ରାଜ୍ୟ ସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ କହିଥିଲେ, ସରକାର ବିରୋଧୀଙ୍କୁ କହିବାକୁ ସୁଯୋଗ ଦେଉନାହାନ୍ତି। ହଙ୍ଗାମା ମଧ୍ୟରେ ରାଜ୍ୟ ସଭାକୁ ମଧ୍ୟ ମୁଲତବୀ ଘୋଷଣା କରାଯାଇଥିଲା।

## ରାଜ୍ୟାଭିଷେକ ନିମନ୍ତ୍ରଣ ପତ୍ରରେ ରାଣୀ କାମିଲା ଲେଖାଗଲା

ଲଣ୍ଡନ, ୫।୪

ବ୍ରିଟେନ୍ ରାଜା ଚାର୍ଲ୍ସ ତୃତୀୟଙ୍କ ରାଜ୍ୟାଭିଷେକ ମେ'୬ରେ କରାଯିବ। ଏ ନେଇ ଅତିଥିମାନଙ୍କ ଲାଗି ନିମନ୍ତ୍ରଣ କାର୍ଡ ଛପା ସରିଛି। ତେବେ କାର୍ଡରେ କାମିଲାଙ୍କ ନାଁ ପୂର୍ବରୁ କୁଇନ୍ ଅଫ୍ କନସର୍ଟ ବଦଳରେ ରାଣୀ ବୋଲି ଲେଖାଯାଇଛି। ପୁନଃଚକ୍ରଣ କାଗଜରେ କାର୍ଡ ଛପା ଯାଇଛି।




ରାଜ୍ୟାଭିଷେକ କାର୍ଯ୍ୟକ୍ରମ ୱେଷ୍ଟମିନ୍‌ଷ୍ଟର ଆବେରେ ଅନୁଷ୍ଠିତ ହେବ। ସବୁଦେଶରୁ ପାଖାପାଖି ୨ ହଜାର ଅତିଥି ରାଜ୍ୟାଭିଷେକ କାର୍ଯ୍ୟକ୍ରମରେ ଯୋଗ ଦେବେ। ଆମେରିକା ରାଷ୍ଟ୍ରପତି ଜୋ' ବାଇଡେନ୍ ବ୍ୟସ୍ତତା ଯୋଗୁ ଯୋଗଦେଇପାରିବେ ନାହିଁ। ଫାଷ୍ଟ ଲେଡି ଜିଲ୍ ବାଇଡେନ୍ ଏହି ସମାରୋହରେ ସାମିଲ ହେବେ।

# ୧୪ ବିରୋଧୀ ଦଳର ଆବେଦନ ଖାରଜ

ନୂଆଦିଲ୍ଲୀ,୫।୪

### କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର ଦୁରୁପଯୋଗ ଅଭିଯୋଗ

କେନ୍ଦ୍ର ସରକାର ଅସହମତିକୁ ଚପାଇଦେବା ପାଇଁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଏବଂ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଭଳି ତଦନ୍ତକାରୀ ସଂସ୍ଥାଗୁଡ଼ିକୁ ଅସ୍ତ୍ର ରୂପେ ବ୍ୟବହାର କରୁଥିବା ଅଭିଯୋଗ ଆଣି ବିରୋଧୀ ଦଳଗୁଡ଼ିକ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କଂଗ୍ରେସ ନେତୃତ୍ୱରେ ୧୪ଟି ଦଳ ପକ୍ଷରୁ ଏନେଇ ଏକ ପିଟିଶନ ଦାଖଲ ହୋଇଥିଲା। ବୁଧବାର ସର୍ବୋଚ୍ଚ ଅଦାଲତ ଉକ୍ତ ଆବେଦନକୁ ଖାରଜ କରିଦେଇଛନ୍ତି।

ସିଜେଆଇ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ଜଷ୍ଟିସ୍ ଜେ.ବି. ପର୍ଡିୱାଲାଙ୍କ ଖଣ୍ଡପୀଠ କହିଛନ୍ତି, ବିନା କୌଣସି ତଥ୍ୟାତ୍ମକ ସନ୍ଦର୍ଭରେ ଗାଇଡ୍‌ଲାଇନ୍ ଜାରି କରିବା ବିପଜ୍ଜନକ ପରମ୍ପରା ସୃଷ୍ଟି କରିବ। ଶୀର୍ଷ ଅଦାଳତ କେବଳ ବ୍ୟକ୍ତିଗତ ମାମଲାରେ ହସ୍ତକ୍ଷେପ କରିପାରିବେ। ସାଧାରଣ ଜନତାଙ୍କ ତୁଳନାରେ ରାଜନେତାମାନେ ଅଧିକ ସୁରକ୍ଷା ଦାବି କରିପାରିବେ ନାହିଁ କହି ବରିଷ୍ଠ ଆଇନଜୀବୀ ଅଭିଷେକମନୁ ସିଂଘଭିଙ୍କୁ ଆବେନ ପ୍ରତ୍ୟାହାର କରିବାକୁ ଖଣ୍ଡପୀଠ ପରାମର୍ଶ ଦେଇଥିଲେ। ସିଘଭି କହିଥିଲେ, ସମସ୍ୟାର



ସମାଧାନ ପାଇଁ ଗିରଫଦାରି, ରିମାଣ୍ଡ ଓ ଜାମିନ ପାଇଁ ଉଚିତ ଗାଇଡ୍‌ଲାଇନ୍ ଜାରି କରାଯାଉ। କିନ୍ତୁ ଖଣ୍ଡପୀଠ ଏହାକୁ ଗ୍ରହଣ କରି ନ ଥିଲେ।

**ରାଜ୍ୟ ଖବର**

## ଢେଙ୍କାନାଳରୁ ନିର୍ବାଚନ ଲଢ଼ିବାକୁ ଆହ୍ୱାନ

### ଧର୍ମେନ୍ଦ୍ରଙ୍କୁ ସୀମାରାଣୀଙ୍କ ଚାଲେଞ୍ଜ

**ଢେଙ୍କାନାଳ ଅଫିସ, ୫।୪:** ଢେଙ୍କାନାଳ ଜିଲା ହିନ୍ଦୋଳ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ରାଜନୈତିକ ବାତାବରଣରେ ଉଷ୍ମତା ପରିଲକ୍ଷିତ ହୋଇଛି। ଏନ୍‌ଏସି ନିର୍ବାଚନ ପ୍ରଚାର ମଙ୍ଗ ଧରିଥିବା ହିନ୍ଦୋଳ ବିଧାୟିକା ସୀମାରାଣୀ ନାୟକ ନିଜର ଫେସ୍‌ବୁକ୍ ଆକାଉଣ୍ଟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଟାର୍ଗେଟ୍ କରିବା ସହ ଢେଙ୍କାନାଳରୁ ନିର୍ବାଚନ ଲଢ଼ିବା ପାଇଁ ଆହ୍ୱାନ ଦେଇଛନ୍ତି, ଯାହା ଚର୍ଚ୍ଚାର ବିଷୟ ହୋଇଛି। ନିଜ ପୋଷ୍ଟରେ ବିଧାୟିକା ଉଲ୍ଲେଖ କରିଛନ୍ତି, ଧର୍ମେନ୍ଦ୍ର ଭାଇ, ହିନ୍ଦୋଳରେ ଆପଣ କଳ, ବଳ, କୌଶଳ ସବୁ ଲଗାଇଲେ। ଏତେ ଟଙ୍କା ଖର୍ଚ୍ଚ କଲେ। ହେଲେ ଫଳ କ'ଣ ହେଲା ସାରା ଓଡ଼ିଶା ଦେଖିଲା। ନିର୍ବାଚନ ବେଳେ ଆପଣ ଯେତେ ଆଇଟି କି ଇଡି ରେଡ୍ କରନ୍ତୁ କିଛି କାମ ଦେବନାହିଁ। ଜନମତ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସହ ରହିଛି, ଆଗକୁ ମଧ ରହିବ। ତେଣୁ ସାହସ ଅଛି ତ ଆପଣ ସମ୍ବଲପୁର ନ ଯାଇ ଢେଙ୍କାନାଳ ଆସନରୁ ଲଢନ୍ତୁ। ଏଠି ଯେତେ ଅର୍ଥ ଖର୍ଚ୍ଚ କଲେ ବି ଆପଣ ଜିତି ପାରିବେ ନାହିଁ ବୋଲି ବିଧାୟିକା ଉଲ୍ଲେଖ କରିଛନ୍ତି। ଅନ୍ୟପଟେ ବିଧାୟିକା ଏଭଳି ପୋଷ୍ଟକୁ ନେଇ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ବିଧାୟିକାଙ୍କ ମତାମତ ଲୋଡ଼ାଯିବାରେ ସେ ନିଜ ଫେସ୍‌ବୁକ୍ ଆକାଉଣ୍ଟରେ ଏଭଳି ପୋଷ୍ଟ କରିଥିବା ସ୍ୱୀକାର କରିଛନ୍ତି।

## ବାର୍‌ହା ଆକ୍ରମଣରେ ୪ ଗୁରୁତର

- ଟ୍ରାଙ୍କୁଲାଇଜ୍ କରି କାବୁ କଲା ବନ ବିଭାଗ
- ପୂର୍ବରୁ ଶିକାରୀ ତୀର ମାଡ଼ କରିଥିଲେ

ଯୋଡ଼ା,୫।୪(ଡି.ଏନ୍.ଏ.)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଅଧୀନ ବାମେବାରି ବନପାଳ ଜଜାଙ୍ଗ ପାଟେରି ସାହିଠାରେ ବାର୍‌ହା ଆକ୍ରମଣରେ ୪ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଜଜାଙ୍ଗ ଗ୍ରାମର ମାନସିଂହ ମୁଣ୍ଡା, ଭଙ୍ଗ ମାଝି, କବିତା ସେଠୀ ଓ ତାଙ୍କ ୪ ବର୍ଷର ଶିଶୁପୁତ୍ର। ସମସ୍ତଙ୍କୁ ସ୍ଥାନୀୟ ଜେଏସ୍‌ଡବ୍ଲ୍ୟୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆହତଙ୍କ ଜଙ୍ଘ, ଛାତି, ହାତ ସମେତ ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିବା ଜେଏସ୍‌ଡବ୍ଲ୍ୟୁ ଡାକ୍ତର ଲଳିତ ଭାରତ ଗାନ୍ଧୀ କହିଛନ୍ତି।

ସୂଚନା ଅନୁଯାୟୀ, ବୁଧବାର ପୂର୍ବାହ୍ନ ପ୍ରାୟ ୧୦ଟା ସମୟରେ ବାର୍‌ହାଟି ସାହିରେ ରହୁଥିବା କବିତାଙ୍କ ଘରେ ପଶି ଯାଇଥିଲା। ଘର ଭିତରେ ଖେଳୁଥିବା ତାଙ୍କ ୪ବର୍ଷର ଶିଶୁପୁତ୍ରଙ୍କୁ ଆକ୍ରମଣ କରି ଲହୁଲୁହାଣ କରିଥିଲା। ଶିଶୁପୁତ୍ରକୁ ଉଦ୍ଧାର କରିବାକୁ ଯାଇ କବିତା ବାର୍‌ହା ଆକ୍ରମଣର ଶିକାର ହୋଇଥିଲେ। ସେ



ବାର୍‌ହାକୁ କାବୁ କରିବାକୁ ବନ କର୍ମଚାରୀ ଉଦ୍ୟମ କରୁଛନ୍ତି।

ଚିତ୍କାର କରିବାରୁ ସ୍ଥାନୀୟ ଗ୍ରାମବାସୀ ପହଞ୍ଚି ଘଉଡ଼ାଇବାକୁ ଚେଷ୍ଟା କରିଥିଲେ। ସେ ସମୟରେ ବାର୍‌ହାଟି ପାଲଟା ଆକ୍ରମଣ କରି ମାନସିଂହ ମୁଣ୍ଡା, ଭଙ୍ଗ ମାଝିଙ୍କୁ ଗୁରୁତର କରିଥିଲା। ଖବର ପାଇ ଯୋଡ଼ା ବନପାଳ ଦାୟିତ୍ୱରେ ଥିବା କାଳନ୍ଦୀ ଚରଣ ସାମଲ, ବାମେବାରୀ ବନପାଳ ରତ୍ନାକର ମହାନ୍ତ ପହଞ୍ଚି ଜେଏସ୍‌ଡବ୍ଲ୍ୟୁ ଖଣି କମ୍ପାନୀର ଆମ୍ବୁଲାନ୍ସ ମଗାଇ ଗୁରୁତରଙ୍କୁ ଜଜାଙ୍ଗସ୍ଥିତ ଜେଏସ୍‌ଡବ୍ଲ୍ୟୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ମାନସିଂହଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଯୋଡ଼ାସ୍ଥିତ ଟାଟା ଷ୍ଟିଲ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଘଟଣା ସ୍ଥଳରେ ଚମ୍ପୁଆ ରେଞ୍ଜର ଅକ୍ଷୟ ଛତିଆ ୱାଇଲ୍ଡ ଲାଇଫ ପ୍ରୋଟେକ୍ସନର ଟ୍ରାଙ୍କୁଲାଇଜର ଏକ୍ସପର୍ଟମାନଙ୍କୁ ଧରି ପହଞ୍ଚିଥିଲେ। ଅପରାହ୍ନ ପ୍ରାୟ ୩.୩୦ମିନିଟ ସମୟରେ ବାର୍‌ହାକୁ ଠାବ କରାଯାଇଥିଲା। ୱାଇଲ୍ଡଲାଇଫ ପ୍ରୋଟେକ୍ସନର ଡାକ୍ତର ବ୍ରଜରାଜ ସିଂ ବାର୍‌ହାକୁ ଟ୍ରାଙ୍କୁଲାଇଜ କରିଥିଲେ। ବାର୍‌ହାଟି ଆଂଶିକ ନିସ୍ତେଜ ହୋଇଥିବାରୁ ଦ୍ୱିତୀୟବାର ଟ୍ରାଙ୍କୁଲାଇଜ କରାଯାଇଥିଲା। କିଛି ସମୟ ବ୍ୟବଧାନରେ ବାର୍‌ହାକୁ ବନ କର୍ମଚାରୀମାନେ ଜାଲ ପକାଇ କାବୁ କରି ନେଇଥିଲେ। ଏନେଇ ଡିଏଫ୍‌ଓ ଧନ୍‌ରାଜ ଏଚ୍‌ଡି କହିଛନ୍ତି, ବାର୍‌ହାକୁ ଶିକାରୀମାନେ ଜଙ୍ଗଲରେ ତୀର ମାଡ଼ କରିଥିଲେ। ତେଣୁ ସେ ଜୀବନ ବଞ୍ଚାଇବା ପାଇଁ ଜନବସତି ମୁହାଁ ହୋଇ ଘରେ ପଶିଯାଇଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ବିଭାଗୀୟ କର୍ମଚାରୀ ପହଞ୍ଚି ଟ୍ରାଙ୍କୁଲାଇଜ କରି ବାର୍‌ହାକୁ ଆୟତ୍ତ କରିଥିଲେ। ମାତ୍ର ପୂର୍ବରୁ ତୀର ମାଡ଼ ଯୋଗୁ ବାର୍‌ହାର ମୃତ୍ୟୁ ଘଟିଛି। ଡାକ୍ତରୀ ଟିମ୍‌କୁ ବ୍ୟବଚ୍ଛେଦ ପାଇଁ ପଠାଯାଇ ଅଧିକ ତଦନ୍ତ ଚାଲିଛି ବୋଲି ସେ କହିଥିଲେ।

## ମା' ଆଗରେ ବୁଡ଼ିଗଲା ୧୨ବର୍ଷର ପୁଅ

ଗୋପ,୫।୪(ଡି.ଏନ୍.ଏ.)

ପୁରୀ ଜିଲା ଗୋପ ଥାନା ଅନ୍ତର୍ଗତ ନାଗପୁରସ୍ଥିତ କୁଶଭଦ୍ରା ନଦୀରେ ବୁଧବାର ଏକ ଅଘଟଣ ଘଟିଛି। ଜଣେ ମା' ଆଗରେ ୧୨ବର୍ଷର ତାଙ୍କ ପୁଅ ନଦୀରେ ବୁଡ଼ି ମୃତ୍ୟୁ ହୋଇଛି। ଖବରପାଇ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରି ପ୍ରାୟ ୩ ଘଣ୍ଟା ପରେ ନାବାଳକଙ୍କ ମୃତଦେହ ଉଦ୍ଧାର କରିଥିଲେ। ପରେ ମୃତକଙ୍କୁ ଗୋପ ଡାକ୍ତରଖାନା ନେଇଥିବା ବେଳେ ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ପୋଲିସ ଏକ ମାମଲା(ନଂ.୯/୨୩) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ମୃତକ ହେଲେ ଉକ୍ତ ଥାନା ଅନ୍ତର୍ଗତ ନାଗପୁର ଖରିଦାସାହି ଗ୍ରାମର ଅକ୍ଷୟ କୁମାର ମାଣିକଙ୍କ ଏକ ମାତ୍ର ପୁଅ ଓମପ୍ରକାଶ (୧୨)। ସୂଚନା ଅନୁଯାୟୀ, ଓମ ପ୍ରକାଶ ନୂଆହାଟ ନିକଟସ୍ଥ କୁଣ୍ଡେଶ୍ୱର ପାଟେଣା ମାମୁ ଘରେ ରହି ପାଠ ପଢୁଥିଲେ। ଷଷ୍ଠ ଶ୍ରେଣୀ ପାସ୍ କରିବା ପରେ ନାଗପୁର ସ୍କୁଲରେ ସପ୍ତମ ଶ୍ରେଣୀରେ ପାଠ ପଢିଥାନ୍ତେ। ବୁଧବାର ମଧ୍ୟାହ୍ନରେ ମା' ପ୍ରତିଦିନ ପରି ନିକଟସ୍ଥ କୁଶଭଦ୍ରା ନଦୀକୁ ଗାଧୋଇବାକୁ ଯିବାବେଳେ ପୁଅ ଓମପ୍ରକାଶ ମାଙ୍କ ସହିତ ଗାଧୋଇବାକୁ ନଦୀକୁ ଯାଇଥିଲେ। ମା' ଲୁଗାପଟା ସଫା କରୁଥିବା ବେଳେ ପୁଅ ନଦୀରେ ଗାଧୋଉ ଥିଲେ। ହେଲେ ହଠାତ୍ ଗୋଡ ଖସିଯିବାରୁ ଓମପ୍ରକାଶ ନଦୀରେ ବୁଡ଼ି ଯାଇଥିଲେ। ପୁଅ ବୁଡ଼ି ଯାଉଥିବା ଦେଖି ମା ପାଟି କରିବାରୁ ସ୍ଥାନୀୟ ଲୋକ ଆସିବା ମଧ୍ୟରେ ବାଳକ ବୁଡ଼ି ଯାଇଥିଲେ। ଖବରପାଇ ଗୋପ ଓ ନିମାପଡ଼ା ଅଗ୍ନିଶମ ବିଭାଗକୁ ଜଣାଇଥିବା ବେଳେ କେଉଁଠି ବି ଗାଡ଼ି ନ ଥିବାରୁ ଶେଷରେ କୋଣାର୍କ ନିକଟସ୍ଥ ଚମ୍ପାହାରଠାରେ ଥିବା ଅଗ୍ନିଶମ ଗାଡ଼ି ପହଞ୍ଚି ୩ଘଣ୍ଟା ପରିଶ୍ରମ କରି ଓମପ୍ରକାଶଙ୍କ ମୃତଦେହ ଉଦ୍ଧାର କରିଥିଲେ। ଓମ୍‌ପ୍ରକାଶଙ୍କ ପରିବାର ଜଣେ ଗରିବ ଶ୍ରେଣୀର ହୋଇଥିବା ବେଳେ ସରକାରୀ ସହାୟତା ଯୋଗାଇ ଦେବାକୁ ନାଗପୁର ସରପଞ୍ଚ ଦାବି କରିଛନ୍ତି।

## ବ୍ୟବସାୟିକ ପ୍ରତିଷ୍ଠାନରେ ଜିଏସ୍‌ଟି ଚଢ଼ାଉ

**ଅନୁଗୋଳ ଅଫିସ, ୫।୪:** ଅନୁଗୋଳ ଜିଲା ତାଳଚେର କୁମ୍ଭାର ଓମ୍ ରୋଡୱେଜ୍ ଟ୍ରାନ୍ସପୋର୍ଟ ଉପରେ ମଙ୍ଗଳବାର ଜିଏସ୍‌ଟି ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଦୀର୍ଘ ବର୍ଷ ହେବ ଏହି ଟ୍ରାନ୍ସପୋର୍ଟ ମାଲିକ ଜିଏସ୍‌ଟି ଫାଙ୍କି ଆସୁଥିଲେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଫଳରେ ଜିଏସ୍‌ଟିର ୧୫ ଜଣିଆ ଟିମ୍ ସ୍ଥାନୀୟ ପୋଲିସ ଓ ପ୍ରଶାସନକୁ ନେଇ ଚଢ଼ାଉ କରିଥିଲା। ଜିଏସ୍‌ଟି ଚଢ଼ାଉ ହୋଇଥିବା ସଂସ୍ଥା ବଡ଼ ବଡ଼ ଗାଡିର ଟାୟାର ବିକ୍ରି କରେ। ଉକ୍ତ ସଂସ୍ଥା ଅନ୍‌ଲାଇନରେ ଜିଏସ୍‌ଟି ରିଟର୍ନ ଆପ୍ଲାଏ କରିଥିଲା। ତେବେ ତଥ୍ୟ ଠିକ୍ ନ ଥିବାରୁ ଜିଏସ୍‌ଟି ବିଭାଗ ଠକେଇ ସନ୍ଦେହ କରି ଏହି ଚଢ଼ାଉ କରିଥିଲା।

## ଧାମରାରେ ଲାଗିଲା ପ୍ରଥମ ସିଏନ୍‌ଜି କାର୍ଗୋ ଜାହାଜ

ଚାନ୍ଦବାଲି,୫।୪(ଡି.ଏନ୍.ଏ.)

### ନିକଟବର୍ତ୍ତୀ ଗାଁରେ ୫ଦିନ ରୋଷେଇ ବନ୍ଦ

କୋଲକାତାରୁ 'ମିଲାହା ରାସ ଲାଫନ' ନାମକ ଜାହାଜ ସିଏନ୍‌ଜି ନେଇ ପ୍ରଥମ ଥର ପାଇଁ ଭଦ୍ରକ ଜିଲା ଧାମରା(ଆଦାନୀ) ବନ୍ଦରରେ ସୋମବାର ଲାଗିଛି। ଜାହାଜଟି ୨୬ ମିଲିୟନ ଟନ୍ ପ୍ରାକୃତିକ ଫ୍ରୋଜନ ଗ୍ୟାସ ନେଇ ବନ୍ଦରରେ ପହଞ୍ଚିଛି। ଜାହାଜ ପହଞ୍ଚିବା ପରେ ସୁରକ୍ଷାକୁ ନଜରରେ ରଖି ୫ ଦିନ ପାଇଁ ଆଖପାଖ ଗାଁଗୁଡ଼ିକୁ ଚୁଲି ଜାଳିବା ଅର୍ଥାତ୍ ରୋଷେଇ ବନ୍ଦ କରିବାକୁ ବାରଣ କରାଯାଇଛି। ଉକ୍ତ ଗାଁକୁ କମ୍ପାନୀ ତରଫରୁ ରନ୍ଧାଖାଦ୍ୟ ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି। ଆଦାନୀ ଗ୍ରୁପ ଏବଂ ଫ୍ରେଞ୍ଚ କମ୍ପାନୀ ମିଳିତ ଭାବେ ୬ ହଜାର କୋଟି ଟଙ୍କା ବିନିମୟରେ ଏହି ଟର୍ମିନାଲ ନିର୍ମାଣ କରିଛନ୍ତି। ଏହି ଏଲ୍‌ଏନ୍‌ଜି ସାର କାରଖାନାରେ ବ୍ୟବହୃତ ହେବା ସହ ପ୍ରାକୃତିକ ଗ୍ୟାସ ଏବଂ ରୋଷେଇ ଗ୍ୟାସରେ ମଧ ରୂପାନ୍ତରଣ କରାଯାଇପାରିବ। ଧାମରା ଆଦାନୀ ବନ୍ଦର ବାର୍ଷିକ ୫ନିୟୁତ ଟନ୍ ଗ୍ୟାସ ଏହି ଟର୍ମିନାଲ ଦେଇ ଆମଦାନୀ କରିବା ସହ ପୂର୍ବ ଭାରତକୁ ଯୋଗାଇ ଦେବାର ଲକ୍ଷ୍ୟ ରଖିଛି। ଏହି ଗ୍ୟାସ୍ ଟର୍ମିନାଲ ପ୍ରଥମେ ୨.୨ ମିଲିୟନ ଟନ୍‌ରୁ ୨.୩ ମିଲିୟନ ଟନ୍ କ୍ଷମତାରେ କାର୍ଯ୍ୟ କରିବା ପରେ ଏହା ୫ ମିଲିୟନ ଟନ କ୍ଷମତାକୁ ବୃଦ୍ଧି କରାଯିବ। ଜାହାଜରେ ୧୩୫ ହଜାର ଘନ ମିଟର ଗ୍ୟାସ କୋଲକାତାରୁ ମାର୍ଚ୍ଚ ୨୧ରେ ବୋଝେଇ ହୋଇ ଧାମରା ବନ୍ଦରରେ ଏପ୍ରିଲ ୨ ରେ ପହଞ୍ଚିଛି। ଭାରତ ସରକାରଙ୍କ ଗେଲ ଇଣ୍ଡିଆ ଏବଂ ଇଣ୍ଡିଆନ୍ ଅଏଲ କର୍ପୋରେଶନ ଏହି ଗ୍ୟାସବୁକ୍ କରିଥିଲେ। ଗ୍ୟାସ ପହଞ୍ଚିବା ପରେ ଉକ୍ତ ୨ କମ୍ପାନୀ ଏହାକୁ ବିଶୋଧନ କରି ପୁନଃ ଗ୍ୟାସ ପାଇପ୍ ଲାଇନ ଯୋଗେ ଇସ୍ପାତ ଏବଂ ସାର କାରଖାନାକୁ ଯୋଗାଇବେ।



ବନ୍ଦରରେ ଲାଗିଥିବା ଜାହାଜ।

## ଟ୍ରକ୍ ପଛରେ ପିଟିହେଲା ଟ୍ରେଲର: ୨ ଡ୍ରାଇଭରଙ୍କ ମୃତ୍ୟୁ

- ଗାଡ଼ି ଭିତରେ ଜଳିଗଲେ ଟ୍ରେଲର ଚାଳକ
- ମେଡିକାଲ ଯିବା ବାଟରେ ଟ୍ରକ୍ ଚାଳକ ଆଖି ବୁଜିଲେ

ଧର୍ମଶାଳା,୫।୪(ଡି.ଏନ୍.ଏ.)

ରାଜ୍ୟରେ ଚଳିତବର୍ଷ ବହୁ ଦୁର୍ଘଟଣା ଘଟୁଥିବାରୁ ଲୋକଙ୍କୁ ସଚେତନ କରିବା ପାଇଁ ପରିବହନ ବିଭାଗ ପକ୍ଷରୁ ଶୂନ୍ୟ ମୃତ୍ୟୁ ସପ୍ତାହ ପାଳନ କରାଯାଉଛି। ମାତ୍ର ଶୂନ୍ୟ ମୃତ୍ୟୁ ସପ୍ତାହ ଚାଲିଥିଲେ ବି ଦୁର୍ଘଟଣା ଥମିବାର ନାଁ ଧରୁନାହିଁ। ବୁଧବାର ଭୋର୍ ସମୟରେ ଯାଜପୁର ଜିଲା ଧର୍ମଶାଳା ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର ଭାଲୁଖାଇ ଛକ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଟ୍ରେଲର ଚାଳକ ଜଳିଯାଇଥିବାବେଳେ ଦୁର୍ଘଟଣାଗ୍ରସ୍ତ ଅନ୍ୟ ଏକ ଟ୍ରକ୍‌ର ଚାଳକଙ୍କ ମୃତ୍ୟୁ ହୋଇଛି। ଜଳି ଯାଇଥିବା ଟ୍ରେଲର ଚାଳକ ହେଲେ ନୟାଗଡ଼ ଜିଲା ଫତେଗଡ଼ ଥାନା ବାଡଁଶନଟି ଗ୍ରାମର ପୀତବାସ ଭୋଳ (୪୨)। ମୃତ ଟ୍ରକ୍ ଚାଳକ ନୟାଗଡ଼ ଜିଲାର ତୋଫାନ ଧଳ ବୋଲି ଜଣାପଡ଼ିଛି।



ଜଳିଯାଇଥିବା ଟ୍ରଲର

ସୂଚନା ମୁତାବକ, ଲୁହାରଡ୍ ବୋଝେଇ କରି ନଂ.(ଓଡି-୦୯-କେ-୦୨୩୮) ଏକ ୧୪ ଚକିଆ ଟ୍ରକ୍ କଟକରୁ ପାଣିକୋଇଲି ଆଡ଼କୁ ଯାଉଥିବାବେଳେ ଭୋର ପ୍ରାୟ ୪ଟାରେ ଭାଲୁଖାଇ ଛକଠାରେ ଗାଡ଼ିର ଆଗଚକ ଫାଟିଯାଇଥିଲା। ଫଳରେ ଡ୍ରାଇଭର ଟ୍ରକ୍‌ଟିକୁ ରାସ୍ତା ପାର୍ଶ୍ୱରେ ରଖିଦେଇଥିଲେ। ଏହାପରେ ତଳକୁ ଆସି ଚକା ବଦଳାଉଥିଲେ। ଏହି ସମୟରେ ପଛପଟୁ ଲୁହାରଡ୍ ବୋଝେଇ ଟ୍ରେଲର ନଂ.(ଓଆର୍-୧୪-ୱାଇ-୪୬୧୭) ଆସି ଟ୍ରକ୍‌କୁ ଧକ୍କା ଦେଇଥିଲା। ଦୁର୍ଘଟଣା ପରେ ଟ୍ରେଲର କ୍ୟାବିନରେ ନିଆଁ ଲାଗିଯାଇଥିଲା। ଟ୍ରେଲର ଭିତରେ ଥିବା ଡ୍ରାଇଭର ପୀତବାସ ଚାପିହୋଇ ରହିଥିବାରୁ ବାହାରି ପାରି ନ ଥିଲେ। ଫଳରେ ସେଠାରେ ସେ ନିଆଁରେ ଜଳି ଯାଇଥିଲେ। ଟ୍ରକ୍ ଚକା ବଦଳାଉଥିବା ତୋଫାନଙ୍କ ଉପରେ ଚକା ପଡ଼ିବାରୁ ସେ ଗୁରୁତର ହୋଇଥିଲେ। ଚଣ୍ଡିଖୋଲ ଦମକଳ ବାହିନୀ କର୍ମଚାରୀ ଓ ଧର୍ମଶାଳା ପୋଲିସ ପହଞ୍ଚି ନିଆଁକୁ ଆୟତ୍ତ କରିବା ସହ ଗୁରୁତର ଟ୍ରକ୍ ଚାଳକଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ କଟକ ବଡ଼ ମେଡିକାଲକୁ ପଠାଇଥିଲେ। ମାତ୍ର ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପରେ ଦମକଳ ବାହିନୀ କର୍ମଚାରୀମାନେ କଟର ସହାୟତାରେ ଡୋର କାଟି ଟ୍ରେଲରରୁ ଡ୍ରାଇଭରଙ୍କ ମୃତଦେହ ବାହାର କରିଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରିବା ସହ ମୃତଦେହ ଦୁଇଟିକୁ ଜବତ କରି ବ୍ୟବଚ୍ଛେଦ ଲାଗି ବଡ଼ଚଣା ଡାକ୍ତରଖାନାକୁ ପାଇଛି। ଏଥିସହିତ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ ଚଳାଇଛି।

## ସଂକ୍ଷେପରେ

### 'ଦୁର୍ଘଟଣାଗ୍ରସ୍ତଙ୍କୁ ଡାକ୍ତରଖାନାରେ ପହଞ୍ଚାଇବା ରକ୍ଷକଙ୍କ କର୍ତ୍ତବ୍ୟ'

**କଟକ ଅଫିସ, ୫।୪:** ରକ୍ଷକ କାର୍ଯ୍ୟକ୍ରମ ଅନ୍ତର୍ଗତ ପ୍ରାଥମିକ ସହାୟତା ପ୍ରଦାନ ନିମନ୍ତେ ନିୟୋଜିତ ବ୍ୟକ୍ତିମାନଙ୍କ ପାଇଁ ଦୁଇଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବୁଧବାର କଟକ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଉଦ୍‌ଘାଟିତ ହୋଇଯାଇଛି। କଟକ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲାପାଳ ଶିବ ଟପୋ ଉଦ୍‌ଘାଟନ କରିଥିଲେ। ଟ୍ରାଫିକ ନିୟମ ଅନୁପାଳନ ପୂର୍ବକ ସୁରକ୍ଷିତ ଗାଡିଚାଳନା, ଧୀରଗତି-ଜୀବନ ସୁରକ୍ଷିତ ନୀତି ଅବଲମ୍ବନ କରିବାକୁ ସେ ପରାମର୍ଶ ଦେଇଥିଲେ। ଏଥିସହ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ ଆଘାତ ପାଇବା ସଙ୍ଗେ ସଙ୍ଗେ ଡାକ୍ତରଖାନା ପହଞ୍ଚାଇବା ହେଉଛି ରକ୍ଷକମାନଙ୍କ ପ୍ରଥମ କର୍ତ୍ତବ୍ୟ ବୋଲି ସେ କହିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ଇଂ. ସଞ୍ଜୟ କୁମାର ବେହେରା ସଡକ ସୁରକ୍ଷା ସମ୍ବନ୍ଧିତ ତଥ୍ୟ ଓ ନିୟମାବଳୀ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ଜାତୀୟ ରାଜପଥ-୧୬ର ରକ୍ଷଣାବେକ୍ଷଣ କରୁଥିବା ସଂସ୍ଥା ଏସ୍‌ଜେପିଏଲ୍ ଏମ୍‌ଏପିଏଲ୍‌ଏ ହାଇୱେଜ୍‌ର ପ୍ରାୟ ୧୨୦ ଜଣ କର୍ମଚାରୀଙ୍କୁ ତାଲିମ ଦିଆଯାଇଛି। ଗୁରୁବାର ୧୦୦ରୁ ଊର୍ଦ୍ଧ୍ୱ ଛାତ୍ର ଟ୍ରାଫିକ ସ୍ୱେଚ୍ଛାସେବକ, କଟକ ଅଟୋ ମହାସଂଘର ଚାଳକ ଓ ମାଲିକମାନଙ୍କୁ ତାଲିମ ଦେବାର ବ୍ୟବସ୍ଥା କରାଯାଇଛି। ମାଷ୍ଟର ଟ୍ରେନର ସୁଜିତ କୁମାର ସେନାପତି, ଦିଲୀପ କୁମାର ପଣ୍ଡା ଓ ଜ୍ୟୋତିରଞ୍ଜନ ମହାପାତ୍ର ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ରକ୍ଷକ କାର୍ଯ୍ୟକ୍ରମରେ ବର୍ଷକ ମଧ୍ୟରେ ୩୦,୦୦୦ ଜଣଙ୍କୁ ତାଲିମ ଦେବା ପାଇଁ ସ୍ଥିର କରାଯାଇଛି। ସେଥିମଧ୍ୟରୁ କଟକ ଜିଲାର ୧୪୦୦ ଜଣଙ୍କୁ ତାଲିମ ଦିଆଯାଇ ସାରିଲାଣି।

### ଗଡ଼ିଆ ହୁଡ଼ାରେ ହାଟପିଣ୍ଡି ନିର୍ମାଣକୁ ବିରୋଧ

ପୁରୁଣା ଭୁବନେଶ୍ୱର,୫।୪(ଡି.ଏନ୍.ଏ.): ଉତ୍ତରା ଫାଣ୍ଡି ଅଧୀନ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତରେ ଥିବା ନୂଆଗଡ଼ିଆ ହୁଡ଼ାରେ ହାଟପିଣ୍ଡି ନିର୍ମାଣକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ଦୁଇ ମାସ ପୂର୍ବେ ହୁଡ଼ାର ଦକ୍ଷିଣ ପାର୍ଶ୍ୱ ମାଟିକୁ ତଡ଼ାଯିବାପରେ ଜିଲା ପ୍ରଶାସନ, ବିଡିଓ, ତହସିଲଦାରଙ୍କୁ ଗ୍ରାମବାସୀ ଏଠାରେ ହାଟପିଣ୍ଡି ନ କରାଯିବା ପାଇଁ ଅଭିଯୋଗ କରାଯିବା ପରେ କାର୍ଯ୍ୟ ବନ୍ଦ ରହିଥିଲା। ଏବେ ଦକ୍ଷିଣ-ପଶ୍ଚିମ ବନ୍ଧ ତାଡି ହାଟ ନିର୍ମାଣ ପାଇଁ ଠିକାଦାର କାମ ଆରମ୍ଭ କରିଛନ୍ତି। ଏହାକୁ ପୂର୍ବଭଳି ଗ୍ରାମବାସୀ ବିରୋଧ କରିଛନ୍ତି। ବୁଧବାର ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚିବା ପରେ କାର୍ଯ୍ୟକରୁଥିବା ଠିକାଦାରଙ୍କ ମଧ୍ୟରେ ବଚସା ହୋଇଥିଲା। ସେଠାରେ ଉପସ୍ଥିତ ଯୁବକ କାର୍ଯ୍ୟବନ୍ଦ କରୁଥିବା ବ୍ୟକ୍ତିଙ୍କୁ ଗାଳିଗୁଲଜ କରିଥିଲେ। ପରେ ଘଟଣାସ୍ଥଳରୁ ଗ୍ରାମବାସୀ ଏନେଇ ଉତ୍ତରା ଫାଣ୍ଡିରେ ଘଟଣାର ଲିଖିତ ଅଭିଯୋଗ କରିଥିଲେ। ଏନେଇ ଉତ୍ତର ଫାଣ୍ଡି ଇନଚାର୍ଜ ରଶ୍ମିରଞ୍ଜନ ପୃଷ୍ଟି କୁହନ୍ତି, ଘଟଣା ସମ୍ପର୍କରେ କାମ କରୁଥିବା ଏବଂ କାମ ନ କରାଇବା ପାଇଁ ବିରୋଧ କରୁଥିବା ଉଭୟ ଗୋଷ୍ଠୀଙ୍କ ପକ୍ଷରୁ ଦୁଇଟି ଅଭିଯୋଗ ହୋଇଛି। ପିପିଲ ଥାନାରେ ମାମଲା ରୁଜୁ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅନ୍ୟପକ୍ଷରେ ପିପିଲି ବିଡିଓ ରଶ୍ମିତା ନାଥ କୁହନ୍ତି, ଘଟଣାକୁ ନେଇ ଆମେ ଅବଗତ ଅଛୁ, ଗ୍ରାମବାସୀ ଉପଯୁକ୍ତ ଜାଗା ଚିହ୍ନଟ କଲେ ହାଟପିଣ୍ଡି ନିର୍ମାଣ କରିବାକୁ ଆମର କୌଣସି ଆପତ୍ତି ନାହିଁ ବୋଲି ସେ କହିଛନ୍ତି।

# ମେ ୧ରୁ ପଛୁଆ ବର୍ଗ ସର୍ଭେ

ଭୁବନେଶ୍ୱର,୫।୪(ବ୍ୟୁରୋ)

ମେ ୧ରୁ ପଛୁଆବର୍ଗଙ୍କ ସର୍ଭେ ଆରମ୍ଭ ହେବ। ମେ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ସର୍ଭେରେ ୨୧ରୁ ୨୭ ଯାଏ ସ୍ପେଶାଲ ଡ୍ରାଇଭ୍ ସର୍ଭେ ଚାଲିବ। ଏନେଇ ରାଜ୍ୟର ସମସ୍ତ ଜିଲାପାଳ ଓ ମହାନଗର ନିଗମ କମିଶନରଙ୍କୁ ପଛୁଆ ବର୍ଗ କମିଶନ ପୂର୍ବରୁ ଚିଠି ଯୋଗେ ଅବଗତ କରାଇଥିଲେ। ଏହି କ୍ରମରେ ଚିହ୍ନଟ ପ୍ରକ୍ରିୟା ପାଇଁ ଭୁବନେଶ୍ୱର ମହାନଗର ନିଗମ(ବିଏମସି) କାର୍ଯ୍ୟାଳୟରେ ପ୍ରଶିକ୍ଷଣ ଆରମ୍ଭ ହୋଇଛି। ପଛୁଆ ବର୍ଗ ଚିହ୍ନଟ ପ୍ରକ୍ରିୟାରେ ଯେଉଁ ଗଣନାକାରୀ ଓ ସୁପରଭାଇଜରମାନେ ରହି ସର୍ଭେ କେନ୍ଦ୍ରଗୁଡିକରେ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବେ ସେମାନଙ୍କୁ ମାଷ୍ଟର ଟ୍ରେନରମାନେ ପ୍ରଶିକ୍ଷଣ ଦେବେ। ବୁଧବାର ସେହି ମାଷ୍ଟର ଟ୍ରେନରଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ବିଏମ୍‌ସିର ୩ଟି ଜୋନ୍‌ର ମାଷ୍ଟର ଟ୍ରେନରଙ୍କ ସମେତ ବିଏମସି କାର୍ଯ୍ୟାଳୟର ୫ଜଣ ମାଷ୍ଟର ଟ୍ରେନର ଏଥିରେ ସାମିଲ ହୋଇଛନ୍ତି। ମହାନଗରର ୬୭ ୱାର୍ଡରେ ଏହି ସର୍ଭେ ହେବାକୁ ଥିବାବେଳେ ୧୦୧ଟି କେନ୍ଦ୍ର କରାଯାଇଛି। ଆସନ୍ତା ୧୧ ,୧୨ ,୧୩ ତାରିଖରେ ଏହି ମାଷ୍ଟର ଟ୍ରେନର ଏନୁମେଟର ଓ ସୁପରଭାଇଜରଙ୍କୁ ପ୍ରଶିକ୍ଷଣ ଦେବେ। ଆଇସିଆର୍ ପେପର ପୂରଣ କିଭଳି କରିବେ ସେନେଇ ମଧ୍ୟ ଅବଗତ କରିବେ। ୨୦୮ ଜାତିଗତ ପ୍ରମାଣପତ୍ରର ସର୍ଭେ ଏଥିରେ କରାଯିବ। ତେଣୁ ଏହି ୨୭ ଦିନରେ ସର୍ଭେ ପାଇଁ କରାଯାଇଥିବା ସ୍କୁଲ ବା କେନ୍ଦ୍ର ଗୁଡିକରେ ଲୋକମାନେ ନିଜର ସୁବିଧା ମୁତାବକ ସମସ୍ତ କାଗଜ ପତ୍ର ସହ ସାମିଲ ହେବାକୁ ବିଏମସି ପକ୍ଷରୁ ପରାମର୍ଶ ଦିଆଯାଇଛି।

ଏନେଇ ଜୋନାଲ ଡେପୁଟି କମିଶନର ଲକ୍ଷ୍ମୀକାନ୍ତ ସେଠି କହିଛନ୍ତି, ପଛୁଆ ବର୍ଗର ସମସ୍ତ ବ୍ୟକ୍ତି ସମୟ ସୀମା ଭିତରେ କେନ୍ଦ୍ର ଗୁଡିକୁ ଆସି ଏହି ସର୍ଭେ ରେ ସାମିଲ ହୁଅନ୍ତୁ ଆଉ ନିଜ ଜାତିଗତ ପ୍ରମାଣ ପତ୍ର ସଜ ନିଜର ସୁବିଧା ସୁଯୋଗକୁ ଉପଲବ୍ଧ କରନ୍ତୁ । ଅନ୍ୟପଟେ ଏହି ପ୍ରଶିକ୍ଷଣ ଶିବିରରେ ଷ୍ଟିଲ ଆଣ୍ଡ ମାଇନ୍ସ ର ସ୍ପେସିଆଲ ସେକ୍ରେଟାରୀ ବା ଓଏସସିଟି ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇ ମାଷ୍ଟରର ଟ୍ରେନରମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏହି ସର୍ଭେରେ ଆବେଦନ ଉଭୟ ଅନ୍‌ଲାଇନ ଏବଂ ଅଫଲାଇନ୍‌ରେ ହେବ। ଅନଲାଇନରେ ଜଣେ ବ୍ୟକ୍ତି ଓଏସସିବିସି ବା ଓବିସି କମିଶନଙ୍କ ୱେବ୍‌ସାଇଟକୁ ଯାଇ ସମସ୍ତ ତଥ୍ୟ ଦେଇ ଆବେଦନ କରିପାରିବେ। ଅଫ୍‌ଲାଇନ ସର୍ଭେ ପାଇଁ ଗାଁ ଏବଂ ୱାର୍ଡରେ ଅଙ୍ଗନୱାଡ଼ି କିମ୍ବା ସ୍କୁଲ ଘରେ ଖୋଲିବ ଏନୁମରେଟର ସେଣ୍ଟର। ଅଫ୍‌ଲାଇନ ସର୍ଭେରେ ଏନୁମରେଟର ଭାବେ ନିୟୋଜିତ ହେବେ ଅଙ୍ଗନୱାଡ଼ି କର୍ମୀ ଓ ଶିକ୍ଷକ। ଆଇସିଡିଏସ ସୁପରଭାଇଜର ଏବଂ ବ୍ଲକ୍ ଲେଭଲ ଏକ୍ସଟେନ୍‌ଶନ ଅଫିସର ସୁପରଭାଇଜର ଭାବେ ନିୟୋଜିତ ହେବ। ପରିବାର ମୁଖ୍ୟ କିମ୍ବା ସଦସ୍ୟ ଏନୁମରେଟର ସେଣ୍ଟରକୁ ଯାଇ ପରିବାରର ସମସ୍ତ ସଦସ୍ୟ ତଥ୍ୟ ଦେଇ ପଞ୍ଜୀକରଣ କରିବେ। ପଞ୍ଜୀକରଣ ପାଇଁ ଆଧାର, ଭୋଟର କାର୍ଡ, ପାନ କାର୍ଡ କିମ୍ବା ପାସପୋର୍ଟକୁ ଦେଖାଇ ପାରିବେ। ନିଜସ୍ୱ ଘୋଷଣା ମୁତାବକ ଗଣନାକାରୀ ସମସ୍ତ ତଥ୍ୟ ରଖିବେ। ଏହା ସହ ଜଣେ ସାକ୍ଷୀ ମଧ୍ୟ ରହିବ। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଖୋଲରହିବ ସମସ୍ତ କେନ୍ଦ୍ର। ୧୮ ରୁ ୨୪ ମଧ୍ୟରେ ଦ୍ୱିତୀୟ ପର୍ଯ୍ୟାୟ ତାଲିମ ପରେ ଏନୁମରେଟର କିଟ ମିଳିବ। ସୂଚନା ଥାଉ କି, କୋଭିଡ ସଂକ୍ରମଣ ଯୋଗୁଁ ୨୦୨୧ ମେ ମାସରେ ପଛୁଆ ବର୍ଗ ସର୍ଭେ ସ୍ଥଗିତ ରହିଥିଲା । ଏହି ସର୍ଭେ କାର୍ଯ୍ୟ ପୁନର୍ବାର ଆରମ୍ଭ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି ରାଜ୍ୟ ସରକାର । ଏଥିଲାଗି ବିଭିନ୍ନ ଗାଇଡ଼ ଲାଇନ ଜାରୀ କରାଯାଇଛି। ଏହି ସର୍ଭେ ମାଧ୍ୟମରେ ରାଜ୍ୟର ୩୦ ଟି ଜିଲ୍ଲାର ୩୧୪ ବ୍ଲକ ଓ ୧୧୪ ପୌରାଞ୍ଚଳରେ ପଛୁଆ ବର୍ଗଙ୍କ ସାମାଜିକ ଓ ଅର୍ଥନୈତିକ ସ୍ଥିତିର ସମୀକ୍ଷା ହେବ। ଜିଲାରେ ସର୍ଭେ ପାଇଁ ଜିଲାପାଳ ଓ ମହାନଗର ଅଞ୍ଚଳ ଲାଗି କମିଶନର ତଦାରଖ କରିବେ।

### ବିଏମ୍‌ସି ପକ୍ଷରୁ ମାଷ୍ଟର ଟ୍ରେନରଙ୍କୁ ତାଲିମ୍ ଆରମ୍ଭ

# ଜବରଦଖଲ ମୁକ୍ତ ହେଲା ବେଆଇନ ପ୍ଲଟିଂ ସ୍କିମ୍ ରାସ୍ତା



ଜବରଦଖଲ ହଟାଇବା ପରେ ଫଳକ ଲଗାଯାଉଛି।

ବାଲକାଟୀ,୫।୪(ଡି.ଏନ୍.ଏ)

ବାଲିଅନ୍ତା ତହସିଲ ଅଧୀନ ସରକଣା ପଞ୍ଚାୟତ ରଣପୁର ଗ୍ରାମ୍ୟ ଜଙ୍ଗଲ ଜଣେ ବିଲ୍‌ଡରଙ୍କ ପ୍ଲଟିଂ ସ୍କିମ୍ ରାସ୍ତାକୁ ନେଇ ତହସିଲଦାର ବୁଧବାର କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ବେନିୟମ ରାସ୍ତାକୁ ପୋଲିସ ଉପସ୍ଥିତିରେ ଜବରଦଖଲ ମୁକ୍ତ କରାଯାଇ ସେଠାରେ ପ୍ରବେଶ ନିଷେଧ ଫଳକ ଲଗାଯାଇଛି। ସୂଚନାଯୋଗ୍ୟ, ବିଲ୍‌ଡର ଗ୍ରାମ୍ୟ ଜଙ୍ଗଲ ଭିତରେ ଗଛ କାଟି ନିଜ ପ୍ଲଟିଂ ସ୍କିମ୍ ରାସ୍ତା ନିର୍ମାଣ କରିଥିଲେ। ଲୋକଙ୍କ ବିରୋଧ ଯୋଗୁ ତହସିଲଦାର ସମୀର ଦାଶଙ୍କ ନିର୍ଦ୍ଦେଶକ୍ରମେ ପ୍ଲଟିଂ ସ୍କିମ୍ ରାସ୍ତାକୁ ଜେସିବି ଲଗାଇ ଗାତ ଖୋଲି ବିଚ୍ଛିନ୍ନ କରାଯାଇଥିଲା। ପରେ ବିଲ୍‌ଡର ଗାତକୁ ପୋତି ପୁଣି ରାସ୍ତା କରିଥିଲେ। ଏ ସମ୍ପର୍କିତ ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପରେ ତହସିଲଦାର ପୁଣି ଆକ୍ସନ ମୁଡ୍‌କୁ ଆସିଥିଲେ। ଅପରାହ୍ନରେ ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ରାଜସ୍ୱ ନିରୀକ୍ଷକ ସାରଦା ପ୍ରସନ୍ନ ପତି, ଦିଲୀପ ରାଉଳ, ସ୍ଥାନୀୟ ସରପଞ୍ଚ ବିଷ୍ଣୁପ୍ରିୟା ସାହୁଙ୍କ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ ହୋଇଛି। ପ୍ରଶାସନ ପକ୍ଷରୁ ଜଙ୍ଗଲ ଭିତରେ ପ୍ରବେଶ ପଥରେ ଏହା ରାଜ୍ୟ ସରକାରଙ୍କ ସମ୍ପତ୍ତି ଏବଂ ଅନଧିକାର ପ୍ରବେଶ ଦଣ୍ଡନୀୟ ଏକ ଲେଖା ଫଳକ ଲଗାଯାଇଥିଲା।

# ତାଳଦଣ୍ଡା କେନାଲର ଇତିହାସକୁ ନେଇ ସଂଗ୍ରହାଳୟ ହେବ

କଟକ ଅଫିସ, ୫।୪

କଟକ ସହରର ବିକାଶ ପାଇଁ ଦ୍ରୁତଗତିରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଜାରି ରହିଥିବାବେଳେ ତାଳଦଣ୍ଡା କେନାଲର ରୂପାନ୍ତରଣ ଉପରେ ପ୍ରଶାସନ ପକ୍ଷରୁ ଅଧିକ ଗୁରୁତ୍ୱ ଦିଆଯାଇଛି। ତାଳଦଣ୍ଡା କେନାଲ ପର୍ଯ୍ୟଟକଙ୍କ ପାଇଁ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବାକୁ ଯାଉଥିବାବେଳେ ଏହାର ଉନ୍ନତିକରଣକୁ ନେଇ ପ୍ରଶାସନିକ ଅଧିକାରୀ, ସହରର ନାଗରିକ, ବିଭିନ୍ନ ପୂଜା କମିଟି ଏବଂ ସାହି କମିଟିର ସଦସ୍ୟମାନେ ଯତ୍ନଶୀଳ ଅଛନ୍ତି। ସେହିପରି ତାଳଦଣ୍ଡା କେନାଲର ଇତିହାସକୁ ଲିପିବଦ୍ଧ କରି ରଖିବା ପାଇଁ ଯୋବ୍ରା ନିକଟରେ ଏକ ମିନି ସଂଗ୍ରହାଳୟ ନିର୍ମାଣ ନେଇ ସର୍ଭେ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି। ଏହି ପରିପ୍ରେକ୍ଷୀରେ ବୁଧବାର ସିଏମ୍‌ସି ମେୟର ସୁବାସ ସିଂ, କମିଶନର ନିଖିଲ ପୱନ କଲ୍ୟାଣ, ବିଧାୟକ ସୌଭିକ୍ ବିଶ୍ୱାଳ, ଡେପୁଟି ମେୟର ଦମୟନ୍ତୀ ମାଝି ପ୍ରମୁଖ ତାଳଦଣ୍ଡା କେନାଲ ନିକଟରେ ପହଞ୍ଚି ନିର୍ମାଣ କାର୍ଯ୍ୟ ତଦାରଖ କରିଥିଲେ। ଏଥିସହ ଛତ୍ରବଜାରରେ ଗଢିଉଠିଥିବା ଅର୍ବାନ ହାଟ ଯେପରି ସୁରୁଖୁରୁରେ ଚାଲିବ ସେ ସଂକ୍ରାନ୍ତରେ ସେମାନେ ଆଲୋଚନା କରିଥିଲେ। ବିଶେଷକରି ତାଳଦଣ୍ଡା କେନାଲକୁ ପ୍ରଦୂଷଣ ନ କରିବା ପାଇଁ ସାଧାରଣ ଲୋକ ସଚେତନ ହୁଅନ୍ତୁ ବୋଲି କମିଶନର ଗୁରୁତ୍ୱାରୋପ କରିଥିଲେ। ଛତ୍ରବଜାର ପୂଜା କମିଟିର ମୁରବି ତଥା ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ନାଥ ସାହୁ, ରମାନାଥ ସ୍ୱାଇଁ, ମାଲଗୋଦାମ ପୂଜା କମିଟି ସଭାପତି ପ୍ରଫୁଲ୍ଲ ଛାଟୋଇ, ସମ୍ପାଦକ ପ୍ରଶାନ୍ତ ପାତ୍ର ପ୍ରମୁଖ ଏହି ପରିଦର୍ଶନରେ ସାମିଲ ହୋଇଥିଲେ। ନିର୍ମାଣ କାର୍ଯ୍ୟ ତଦାରଖବେଳେ ବିଧାୟକ ବିଶ୍ୱାଳଙ୍କ ସହ ଶାନ୍ତି କମିଟି ଓ ପୂଜା କମିଟି ସଦସ୍ୟମାନେ ରୂପାନ୍ତରଣ କାର୍ଯ୍ୟକୁ ଅଧିକ ଲୋକାଭିମୁଖୀ କରିବା ପାଇଁ କେତେକ ପ୍ରସ୍ତାବ ଦେଇଥିଲେ। ଏକାଧିକ ପାର୍କିଂ ସ୍ଥଳ ନିର୍ମାଣ ସହ ଯୋବ୍ରା ନିକଟରେ ଏକ ମାଛ ମାର୍କେଟ, ରାଣୀହାଟ ନିକଟରେ ଏକ ଶୌଚାଳୟ, ମାତୃଭବନ ପାର୍ଶ୍ୱ ଜାତୀୟ ରାଜପଥ ନିକଟରେ ଭେଣ୍ଡିଂ ଜୋନ୍ କାର୍ଯ୍ୟକ୍ଷମ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହାଛଡା ଡ୍ରୋନ୍ ସର୍ଭେ କାର୍ଯ୍ୟ ଶେଷ କରାଯାଇଥିବା ପ୍ରଶାସନ ସୂତ୍ରରୁ ଜଣାପଡିଛି।

### ରୂପାନ୍ତରଣ କାର୍ଯ୍ୟ ଅନୁଧ୍ୟାନ କଲେ ସିଏମ୍‌ସି ମେୟର, କମିଶନର



ସିଏମ୍‌ସି ମେୟର, କମିଶନର ଓ ବିଧାୟକଙ୍କ ସହ ଅନ୍ୟମାନେ ଅର୍ବାନ ହାଟ ସ୍ଥିତି ଅନୁଧ୍ୟାନ କରୁଛନ୍ତି।



**ସାହିଯାତ:** ଶିଶୁ ପହିଲମାନଙ୍କ କଳା ପ୍ରଦର୍ଶନ।



କାଳୀ ମେଢ଼ ।



ଅସୁର ବେଶ।



ନବସିରା ବେଶ।

# ସାହିଯାତରେ ଲଙ୍କାପୋଡ଼ି ନୀତି

ପୁରୀ ଅଫିସ, ୫।୪

ଚୈତ୍ର ମାସ ଚତୁର୍ଦ୍ଦଶୀ ତିଥି ଅବସରରେ ବୁଧବାର ସାହିଯାତରେ ଦୋଳମଣ୍ଡପ ସାହି ଜହ୍ନିମୁଣ୍ଡିଆ ଆଖଡ଼ା ପକ୍ଷରୁ ଲଙ୍କାଦହନ ନୀତି ସମ୍ପନ୍ନ ହୋଇଛି। ତେବେ ମଙ୍ଗଳବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦୟଣା ଚୋରି ନୀତି ଥିବାରୁ ଯାତ ବନ୍ଦ ରହିଥିଲା। ବୁଧବାର ପୁନର୍ବାର ଯାତ ଆରମ୍ଭ ହୋଇଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ସମ୍ପନ୍ନ ପରେ ଦକ୍ଷିଣୀଘରୁ ଶ୍ରୀରାମଚନ୍ଦ୍ର ଏବଂ ଶ୍ରୀଲକ୍ଷ୍ମଣଙ୍କ ପ୍ରତିମୂର୍ତ୍ତିକୁ ମହାଜନ ସେବକମାନେ ଭିତରକୁ ବିଜେ କରି ରତ୍ନସିଂହାସନ ନିକଟକୁ ନେଇଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଠାରୁ ଆଜ୍ଞାମାଳ ଆଣି ଚଳନ୍ତି ପ୍ରତିମା ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନ ସେବକ ଠାକୁରଙ୍କୁ ନେଇ ମୁକ୍ତିମଣ୍ଡପ ନିକଟ ପାଲିଙ୍କିରେ ବିଜେ କରାଇଥିଲେ। ପରେ ସାହିଯାତ ନୀତି ନିମନ୍ତେ ଠାକୁର ପାଲିଙ୍କିରେ ଶ୍ରୀଜଗନ୍ନାଥବଲ୍ଲଭକୁ ବିଜେ କରିଥିଲେ। ସେଠାରେ ଠାକୁରମାନଙ୍କୁ ମଠର ଖଟଶେଜ ଉପରକୁ ବିଜେ କରାଯାଇ ଥିଲା। ଦୋଳମଣ୍ଡପ ସାହି ଜହ୍ନିମୁଣ୍ଡିଆ ଆଖଡ଼ା ପକ୍ଷରୁ ଲଙ୍କାପୋଡ଼ି ନୀତି ପ୍ରସ୍ତାବ ଆଗତ ହୋଇଥିଲା। ଦୋଳମଣ୍ଡପ ସାହି ପକ୍ଷରୁ ହନୁମାନ ଓ ରାବଣ ଜଗନ୍ନାଥ ବଲ୍ଲଭକୁ ଯାଇ ନୀତି ସମ୍ପାଦନ କରିଥିଲେ। ଠାକୁରଙ୍କୁ ଶୀତଳ ଭୋଗ ମଣୋହି କରାଯିବା ପରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ଦୋଳମଣ୍ଡପ ସାହି ଆଖଡ଼ା ପକ୍ଷରୁ ସମସ୍ତ ନୀତି ସମ୍ପାଦନ ସହ ଯାତ ବାହାରିଥିଲା। ଯଦୁତିଆଡ଼ି ଯାଗା, ଚମ୍ପାଗଡ଼ ଯାଗା, ବଜ୍ରଗଡ଼ ଅମିନ ଯାଗା, ଜଗତ ପ୍ରତିହାରୀ ଯାଗା, ସୁଗ୍ରୀବଗଡ଼ ନୂଆତୋଟା ଯାଗା, ଅମିନ ଯାଗା ପ୍ରଭୃତିରୁ ଯାତ ବାହାରିଥିଲା। ରାବଣ ସହ ସାହିର ଯୁବକମାନେ ସପ୍ତଶିରା, ତ୍ରିଶାରା, କାଳୀ, ନାଗା ଆଦି ବିଭିନ୍ନ ପ୍ରକାର ମେଢ, ନାଗା ସହ ସମରକଳା ପ୍ରଦର୍ଶନ କରି ବାଦିସାହି କୁଣ୍ଢେଇବେଣ୍ଟ ସାହିକୁ ଯାଇଥିଲେ। ସେହିପରି ସକାଳେ ଦୋଳମଣ୍ଡପ ସାହିର ରାବଣ ବାହାରି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରି ସାହି ପରିକ୍ରମା କରିଥିଲେ। ସୂଚନାଯୋଗ୍ୟ, ଶ୍ରୀମନ୍ଦିରରେ ରାମନବମୀରେ ରାମଜନ୍ମ ନୀତିଠାରୁ ଶ୍ରୀକ୍ଷେତ୍ରରେ ଆରମ୍ଭ ହୋଇଥିବା ସାହିଯାତ ରାମ ଅଭିଷେକ ନୀତିରେ ଶେଷ ହେବ।



ଦୋଳମଣ୍ଡପ ସାହିର ରାବଣ ବେଶଧାରୀ ଶ୍ରୀମନ୍ଦିରରୁ ମହାପ୍ରଭୁଙ୍କ ଦର୍ଶନ ସାରି ଫେରୁଛନ୍ତି।

# ଗୋଦାମରେ ଅଗ୍ନିକାଣ୍ଡ: କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ନଷ୍ଟ

କୃଷ୍ଣପ୍ରସାଦ,୫।୪(ଡି.ଏନ୍.ଏ.)

- ଚିଙ୍ଗୁଡ଼ି ଖାଦ୍ୟ, କେମିକାଲ, ବାଇକ୍ ଓ ଅନ୍ୟାନ୍ୟ ସାମଗ୍ରୀ ଜଳିଗଲା
- କେମିକାଲ ଗନ୍ଧରେ ୨ ଅଚେତ୍

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ମୋରଡ଼ା ଗ୍ରାମରେ ଥିବା ଏକ ଗୋଦାମରେ ବୁଧବାର ଅଗ୍ନିକାଣ୍ଡ ଘଟିଛି। ଫଳରେ ଗୋଦାମରେ ଥିବା ପ୍ରାୟ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ସାମଗ୍ରୀ ପୋଡି ପାଉଁଶ ହୋଇଯାଇଛି। ଅନ୍ୟପଟେ କେମିକାଲରେ ନିଆଁ ଲାଗି ୩ ବଖରା ଜଳିଯାଇଥିଲା। ମାଲୁଦ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କେମିକାଲ ଗନ୍ଧରେ ମୋରଡ଼ା ଗ୍ରାମର ଦୀପକ ପଲେଇ ଓ ସବିତା ପଲେଇ ଅଚେତ୍ ହୋଇପଡ଼ିଥିଲେ। ଚିକିତ୍ସା ପାଇଁ ଏମାନଙ୍କୁ କୃଷ୍ଣପ୍ରସାଦ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

ସୂଚନା ମୁତାବକ, ମୋରଡ଼ା ଗ୍ରାମର କୈଳାସ ଚନ୍ଦ୍ର ପଲେଇ ଗୋଦାମରେ ଚିଙ୍ଗୁଡ଼ି ଖାଦ୍ୟ, ଭେନାମି ଚିଙ୍ଗୁଡ଼ି ପାଇଁ କେମିକାଲ ଓ ଅନ୍ୟାନ୍ୟ ସାମଗ୍ରୀ ଆଦି ରଖି ବିକ୍ରି କରନ୍ତି। କୌଣସି କାରଣରୁ ହଠାତ୍ ଗୋଦାମରେ ନିଆଁ ଲାଗିଯାଇଥିଲା। ଫଳରେ ଗୋଦାମରେ ଥିବା ସାମଗ୍ରୀ ଜଳିବା ସହ ଫୁଟିଥିଲା। କେମିକାଲରେ ନିଆଁ ଲାଗିଯିବାରୁ କେହି ଭିତରକୁ ଯାଇପାରି ନ ଥିଲେ। ଅନ୍ୟ ୩ ବଖରାରେ ନିଆଁ ଲାଗିଯିବାରୁ ଧାନ, ଆସବାବପତ୍ର ଓ ବାଇକ୍ ଜଳିଯାଇଥିଲା। ଖବରପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ସ୍ଥାନୀୟ ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ପ୍ରାୟ କୋଟିଏ ଟଙ୍କାରୁ ଊର୍ଦ୍ଧ୍ୱ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଥିବା ଗୋଦାମ ମାଲିକ କୈଳାସ କହିଛନ୍ତି। ଅନ୍ୟପକ୍ଷରେ ଖବରପାଇ ସିଆଣ୍ଡି ରାଜସ୍ୱ ନିରୀକ୍ଷକ ପ୍ରତୀକ ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ।



### ରେଲୱେ ସମ୍ପତ୍ତି ଚୋରି ଘଟଣା, ମୁଖ୍ୟ ଅଭିଯୁକ୍ତ ଗିରଫ

**କଟକ ଅଫିସ,୫।୪:** ରେଲୱେ ସମ୍ପତ୍ତି ଚୋରି ଘଟଣାରେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ଗଙ୍ଗାଧର ପଲେଇଙ୍କୁ ବୁଧବାର ଆର୍‌ପିଏଫ୍ ଗିରଫ କରିଛି। କଟକ ଆର୍‌ପିଏଫ୍ ଗତ ମାର୍ଚ୍ଚ ୧୯ ତାରିଖ ରାତିରେ ରେଲୱେ ସମ୍ପତ୍ତି ଚୋରି ହେଉଥିବା ଜାଣିବାକୁ ପାଇଥିଲା। ତୁରନ୍ତ ସେଠାରେ ଚଢ଼ାଉ କରି ୨ ଅଭିଯୁକ୍ତ ରମା ବେହେରା ଓ ବାଇତି ଚମ୍ପିଆଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ବହୁ ପରିମାଣର ରେଲୱେ ସମ୍ପତ୍ତି ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଥିଲା। ହେଲେ ଗଙ୍ଗାଧର ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏନେଇ ଆର୍‌ପିଏଫ୍ ଥାନାରେ ଏକ ମାମଲା(ନଂ.୮/୨୩) ରୁଜୁ ହୋଇଥିଲା। ବୁଧବାର ମହାନଦୀ ପୋଲ ଅଞ୍ଚଳରେ ଆର୍‌ପିଏଫ୍ ଚଢ଼ାଉ କରି ଗଙ୍ଗାଧରଙ୍କୁ ଗିରଫ କରିଥିଲା। ରେଲୱେ ସମ୍ପତ୍ତି ଚୋରି କରିବା ସହ ବିଭିନ୍ନ ଆପରାଧିକ କାର୍ଯ୍ୟକଳାପରେ ସାମିଲ ଥିବା ସେ ଆର୍‌ପିଏଫ୍ ନିକଟରେ ସ୍ୱୀକାର କରିଛନ୍ତି।

# ମହାପ୍ରଭୁଙ୍କୁ ଲାଗିହେଲା ଦୟଣା

### ଚୋରି କରି ବନ୍ଧାପଡ଼ିଥିବା ଠାକୁର ମୁକ୍ତ ହେଲେ

ପୁରୀ ଅଫିସ, ୫।୪

ଚୈତ୍ର ମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀରେ ବୁଧବାର ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଦୟଣାଲାଗି ନୀତି ସମ୍ପନ୍ନ ହୋଇଛି। ପୂର୍ବଦିନ ଅର୍ଥାତ ମଙ୍ଗଳବାର ଚୈତ୍ର ଶୁକ୍ଳ ତ୍ରୟୋଦଶୀରେ ରାମ ଓ କୃଷ୍ଣଙ୍କ ଦ୍ୱାରା ଦୟଣା ଚୋରି ନୀତି ସମ୍ପନ୍ନ ହୋଇଥିଲା। ପରେ ଦୟଣା ଚୋରି କରି ଶ୍ରୀମଦନମୋହନ, ଶ୍ରୀଦେବୀ, ଭୂଦେବୀ ଭୋଗମଣ୍ଡପ ଘରେ ବନ୍ଧା ପଡ଼ିଥିଲେ। ବନ୍ଧା ପଡ଼ିଥିବା ଶ୍ରୀମଦନମୋହନ, ଶ୍ରୀଦେବୀ, ଭୂଦେବୀଙ୍କୁ ବୁଧବାର ଚତୁର୍ଦ୍ଦଶୀ ତିଥିରେ ମୁକ୍ତ କରାଯାଇଥିଲା। ପରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁ ଶ୍ରୀବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କୁ ଦୟଣା ଲାଗି କରାଯାଇଥିଲା।

ପରମ୍ପରା ଅନୁଯାୟୀ, ବୁଧବାର ଶ୍ରୀମନ୍ଦିରରେ ସକାଳ ଧୂପ ସରିବା ପରେ ଠାକୁରଙ୍କ ମହାସ୍ନାନ ହୋଇଥିଲା। ପରେ ଘଟୁଆରୀ ଘରଠାରୁ ପୂଜାପଣ୍ଡା ସାମନ୍ତ, ପତି ମହାପାତ୍ର ଏବଂ ମୁଦିରସ୍ତ ପିଙ୍ଗଣରେ ଚନ୍ଦନ ଆଣି ରତ୍ନସିଂହାସନକୁ ବିଜେ କରାଇ ଥିଲେ। ଶ୍ରୀବିଗ୍ରହମାନଙ୍କ ସର୍ବାଙ୍ଗ ଲାଗି କରାଯାଇଥିଲା। ଏହାପରେ ନୂଆ ଲୁଗା ଲାଗିହୋଇ ବେଶ ବଢିଥିଲା। ଶ୍ରୀବିଗ୍ରହମାନଙ୍କୁ ୬ମୂର୍ତ୍ତି ଅଳଙ୍କାର ଲାଗି କରାଯାଇଥିଲା। ପରେ ପୂଜାପଣ୍ଡା, ପତି ମହାପାତ୍ର ଏବଂ ମୁଦିରସ୍ତ ଭୋଗମଣ୍ଡପ ଘରକୁ ଯାଇଥିଲେ। ତିନି ପୁଷ୍ପାଳକ ତିନିବାଡ଼ ଚାଙ୍ଗୁଡ଼ି ଧରିଥିଲେ। ମହାଜନ ସେବକମାନେ ଶ୍ରୀମଦନମୋହନ, ଭୂଦେବୀ, ଶ୍ରୀଦେବୀଙ୍କୁ ହାତରେ ବିଜେ କରାଇ ଘଣ୍ଟା, ଛତା, କାହାଳୀ ସହିତ ଶ୍ରୀମନ୍ଦିର ଭିତରବେଢ଼ାରେ ୩ ଘେରା ପରିକ୍ରମା କରି ରତ୍ନସିଂହାସନରେ ବିଜେ କରାଇଥିଲେ। ପରେ ତିନି ଠାକୁରଙ୍କୁ ଦୟଣା ଲାଗି କରାଯାଇଥିଲା। ମୁଦିରସ୍ତ ପ୍ରସାଦ ଲାଗି କଲା ପରେ ତିନିଜଣ ପୂଜାପଣ୍ଡା ଷୋଡ଼ଶ ଉପଚାରରେ ଭୋଗ କରିଥିଲେ। ପରେ ପାଣି ପଡ଼ି ବନ୍ଦାପନା ହେବା ପରେ ଦୟଣା ମଇଲମ ହୋଇ ଶ୍ରୀନଅରକୁ ପଠାଯାଇଥିଲା। ଶ୍ରୀମଦନମୋହନ ଦକ୍ଷିଣୀ ଘର ବିଜେ କରିବା ପରେ ଭୋଗଲାଗି ସମ୍ପନ୍ନ ହୋଇ ଦୈନନ୍ଦିନ ନୀତି ବଢିଥିଲା।

## ସଂକ୍ଷେପରେ

### ମା'ଷଷ୍ଠୀଦେବୀଙ୍କ ପୀଠରେ ହିଙ୍ଗୁଳାଙ୍କ ପୂଜାର୍ଚ୍ଚନା

ବାଙ୍କୀ,୫।୪ (ସ୍ୱ.ପ୍ର.) : ବାଙ୍କୀ ଏନ୍ଏସି ଅନ୍ତର୍ଗତ ବେଦପୁର ଗ୍ରାମରେ ସ୍ଥାପିତ ଅଧିଷ୍ଠାତ୍ରୀ ମା'ଷଷ୍ଠୀଦେବୀଙ୍କ ପୀଠରେ ମା' ହେଙ୍ଗୁଳାଙ୍କ ଉଦ୍ଦେଶ୍ୟରେ ହୋମ ଓ ପୂଜାକାର୍ଯ୍ୟ ଅନୁଷ୍ଠିତ ହୋଇଛି। ଗ୍ରାମର ମଙ୍ଗଳ ପାଇଁ ଏହି ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରକାର ଫଳ ବ୍ୟଞ୍ଜନରେ ପ୍ରସ୍ତୁତ ପଣା ମା'ଙ୍କ ଉଦ୍ଦେଶ୍ୟରେ ସମର୍ପିତ ପରେ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯାଇଥିଲା। ମୁଖ୍ୟ ପୂଜକ ପ୍ରତାପ ଚନ୍ଦ୍ର ପଣ୍ଡାଙ୍କ ସହ ପୂଜକ ସୂର୍ଯ୍ୟକାନ୍ତ ପଣ୍ଡା, ସରୋଜ କର, ପ୍ରମୋଦ ପତି , ଜ୍ଞାନରଞ୍ଜନ ପତିଙ୍କ ସହିତ ଶ୍ରୀନିବାସ ବେହେରା ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ବାଇକ୍ ଧକ୍କାରେ ବ୍ୟବସାୟୀଙ୍କ ମୃତ୍ୟୁ

ବାଙ୍କୀ,୫।୪ (ସ୍ୱ.ପ୍ର.) : ବାଙ୍କୀ ଥାନା ଅନ୍ତର୍ଗତ ଗୟଳବାଙ୍କ ଗାଁର ନିବାସ ମହାରଣା (୫୦) ମଙ୍ଗଳବାର ବିଳମ୍ବିତ ରାତିରେ ଏକ ବାଇକ୍ ଧକ୍କାରେ ତାଙ୍କ ମୃତ୍ୟୁ ଘଟିଛି। ନିବାସ ମଙ୍ଗଳବାର ବାଙ୍କୀ ବଜାରରୁ ତାଙ୍କ ହାତ ତିଆରି ଲୁହା ସାମଗ୍ରୀ ବିକ୍ରି କରି କଟକ ରାସ୍ତାରେ ଗୟଳବାଙ୍କଙ୍କୁ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ପଛପଟୁ ଏକ ବାଇକ୍ ଚକୁଲେଶ୍ୱର କାଉଚି ଆଶ୍ରମଠାରେ ଧକ୍କା ଦେଇଥିଲା। ଦୁର୍ଘଟଣାସ୍ଥଳରେ ପଡିଯିବାରୁ ଅବସ୍ଥା ଗୁରୁତର ହୋଇପଡ଼ିଥିଲା। ତାଙ୍କୁ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟକୁ ରାତିରେ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୁଧବାର ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ତାଙ୍କ ମୃତଦେହ ବ୍ୟବେଚ୍ଛଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ତାଙ୍କର ଏକ ଭିନ୍ନକ୍ଷମ ପୁତ୍ର, ଗୋଟିଏ ଝିଅ ଅଛି। ସେ ଜଣେ ଗରିବ ଶ୍ରେଣୀର ଲୋକ ହୋଇଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସାହାଯ୍ୟ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି।

### ବିଦ୍ୟାଳୟ ପ୍ରବେଶ ପାଇଁ ସଚେତନତା

ମାଣିଆବନ୍ଧ,୫।୪(ଡି.ଏନ.ଏ.) ମାଣିଆବନ୍ଧ ନୋଡାଲ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଚଳିତ ଶିକ୍ଷାବର୍ଷ ନିମନ୍ତେ ନୂତନ ଛାତ୍ରୀଛାତ୍ରମାନେ ପ୍ରଥମ ଶ୍ରେଣୀରେ ନାମ ଲେଖାଇବାକୁ ସୋମବାରଠାରୁ ବିଦ୍ୟାଳୟରେ ପ୍ରବେଶ ଉତ୍ସବ ଆୟୋଜନ କରାଯାଉଥିଲା। ଅଧାରୁ ପାଠ ଛାଡିଥିବା ଏବଂ ବିଦ୍ୟାଳୟକୁ ଆସି ନ ଥିବା ୧୪ ବର୍ଷ ବୟସରୁ କମ ପିଲାମାନଙ୍କୁ ବିଦ୍ୟାଳୟରେ ନାମ ଲେଖାଇବା ପାଇଁ ସଚେତନ କରାଇବା ନିମିତ୍ତ ବିଦ୍ୟାଳୟ ପକ୍ଷରୁ ବୁଧବାର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକମାନେ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ଏହି ଶୋଭାଯାତ୍ରାରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିକ୍ରମ କେଶରୀ ରାଉତଙ୍କ ତତ୍ତ୍ୱାବଧାନରେ ଶିକ୍ଷକ ପ୍ରକାଶ କୁମାର ରାଉତ, ସଚ୍ଚିଦାନନ୍ଦ ମଲ୍ଲିକ, ସୁବାସ ଚନ୍ଦ୍ର ମାଝି, ମୁରଲୀ ଧର ଦେବତା, ଶିକ୍ଷୟିତ୍ରୀ ମଧୁସ୍ମିତା ରାଉତରାୟ, ସୁଷମା ମଞ୍ଜରୀ ମହାଳିକ, ଶାନ୍ତିଲତା ବାରିକ, ପୁଷ୍ପଲତା ପତି, ମିନତି ପାତ୍ର ଏବଂ ପରିଚାଳନା ପରିଷଦର ସମସ୍ତ ସଦସ୍ୟାସଦସ୍ୟ ଯୋଗ ଦେଇଥିଲେ।

### ଶିକ୍ଷାବିତ୍ ରବୀନ୍ଦ୍ର ସାହୁଙ୍କ ୨ୟ ବାର୍ଷିକ ଉତ୍ସବ

ମାହାଙ୍ଗା, ୫।୪(ସ୍ୱ.ପ୍ର.): ମାହାଙ୍ଗା ବ୍ଲକ ଅନ୍ତର୍ଗତ ଶହୀଦ ଭବନ ପରିସରରେ ସେକ୍ ମତଲୁବ ଅଲ୍ଲୀ ସ୍ମୃତି ସଂସଦ ପକ୍ଷରୁ ବିଶିଷ୍ଟ ଶିକ୍ଷାବିତ୍ ତଥା ମାହାଙ୍ଗା ବ୍ଲକ କଂଗ୍ରେସ ପ୍ରାକ୍ତନ ସଭାପତି ରବୀନ୍ଦ୍ର ସାହୁଙ୍କ ୨ୟ ବାର୍ଷିକ ସ୍ମୃତି ଉତ୍ସବ ମଣିଯୋରୀଠାରେ ଆଗାମୀ ଶତାବ୍ଦୀ ପତ୍ରିକାର ସମ୍ପାଦକ ସେକ ମସୁଦ ଅଲ୍ଲୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସୁସାହିତ୍ୟିକ ଡ. ଭାଗ୍ୟଧର ସାହୁ ,ସମ୍ମାନିତ ଅତିଥି ଭାବେ ପଦାର୍ଥ ବିଜ୍ଞାନୀ ଡ. କାର୍ତ୍ତିକ ଚନ୍ଦ୍ର ବରାଳ, ଶିକ୍ଷାବିତ୍ ଦୀନବନ୍ଧୁ ପାତ୍ର, ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ସେମାନେ ରବି ବାବୁ ପୂର୍ବ ମାହାଙ୍ଗାର ବିକାଶ ପାଇଁ ପୂର୍ବତନ ମନ୍ତ୍ରୀ ସେକ୍ ମତଲୁବ ଅଲ୍ଲୀଙ୍କ ସହ ମିଶି ଶିକ୍ଷା, ସ୍ୱାସ୍ଥ୍ୟ, ସଂସ୍କୃତି ଓ ଗମନାଗମନର ସୁବିଧା କରାଇଥିଲେ। ସୁକାନ୍ତ ନନ୍ଦ ଅତିଥି ପରିଚୟ ଓ ସମ୍ପାଦକ ଦୀପକ କୁମାର ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବାବେଳେ ମନ୍ମଥ ନାଥ ଖଟୁଆ ଧନ୍ୟବାଦ ଦେଇଥିଲେ। ଏଥିରେ ପଣ୍ଡିତ ପ୍ରଭାତ କର, ଶିକ୍ଷାବିତ୍ ଉମେଶ ଚନ୍ଦ୍ର ସାହୁ , ସଂଗ୍ରାମ ସାମଲ, ଅରକ୍ଷିତ ପ୍ରଧାନ, ରମେଶ ଚନ୍ଦ୍ର ସାହୁ, କ୍ଷୀରୋଦ ସାହୁ, ସେକ ଜାବିରଙ୍କ ସମେତ ସ୍ମୃତି କମିଟିର ସଦସ୍ୟମାନେ ଉପସ୍ଥିତ ରହିଥିଲେ।

# ରାତି ୧୦ଟାରେ ରତ୍ନ ସିଂହାସନ ଛାଡ଼ିବେ ଶ୍ରୀରଘୁନାଥ

- ଆଜି ଅସୁରେଶ୍ୱର ଦାଣ୍ଡଯାତ୍ରା
- ମାନସିକ ବାଣଫୁଟାରେ ରୋକ

ନିଶ୍ଚିନ୍ତକୋଇଲି,୫।୪(ସ୍ୱ.ପ୍ର.)

ଓଡ଼ିଶା ପ୍ରସିଦ୍ଧ କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ଦାଣ୍ଡଯାତ୍ରା ଗୁରୁବାର ଅନୁଷ୍ଠିତ ହେବ। ଏଥିପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଯାତ୍ରା ପଡ଼ିଆକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାକୁ ସନ୍ଧ୍ୟା ୭ଟାରୁ ସିଲ୍ କରାଯିବ। ଶ୍ରୀରଘୁନାଥଜୀଉଙ୍କ ମନ୍ଦିରରୁ ଶ୍ରୀରଘୁନାଥ, ଲକ୍ଷ୍ମଣ, ସୀତା ରାତି ୧୦ଟାରେ ସିଂହାସନ ଛାଡ଼ିବେ। ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯିବା ପରେ ରାତି ୧୧ଟାରେ ସୁସଜ୍ଜିତ ବିମାନରେ ଦାଣ୍ଡକୁ ଠାକୁର ବିଜେ କରିବେ। ଏହି ସମୟରେ ଶୋଭାଯାତ୍ରାରେ ପାରମ୍ପରିକ ବାଦ୍ୟର ତାଳେ ତାଳେ ଠାକୁର ରାତି ୧୧ଟାରେ ଶୋଭାଯାତ୍ରାରେ ବାହାରି ଭୋର ୪ଟାରେ ଶ୍ରୀଦଧିବାମନ ଜୀଉଙ୍କ ମନ୍ଦିରରେ ପହଞ୍ଚିବା ଲାଗି ନିଷ୍ପତ୍ତି ନିଆଯାଇଛି। ଶୋଭାଯାତ୍ରାରେ ଯିବା ସମୟରେ ବାଟରେ ଦାଣ୍ଡ ଭୋଗ ଠାକୁରଙ୍କୁ ଲାଗି ହେବ। ଏହି ଯାତ୍ରାର ମୁଖ୍ୟ ଆକର୍ଷଣ ଥିବା ମାନସିକ ବାଣଫୁଟାକୁ ଚଳିତବର୍ଷ ପ୍ରଶାସନ ପକ୍ଷରୁ ବନ୍ଦ କରାଯାଇଛି।

ଦାଣ୍ଡଯାତ୍ରା ଦେଖିବା ଲାଗି ଓଡ଼ିଶାର କୋଣ ଅନୁକୋଣରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମକୁ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବୁଧବାର ଯାତ୍ରା ପଡ଼ିଆରେ ମକ୍‌ଡ୍ରିଲ ଶେଷ ହୋଇଛି। ଯାତ୍ରା ପଡ଼ିଆରେ ୪ ପ୍ଲାଟୁନ ଫୋର୍ସ ସହ ୨୦ ଜଣ ପୋଲିସ ଅଫିସର ନିୟୋଜିତ ରହିବେ। ଅପରାଧ ନିୟନ୍ତ୍ରଣ ପାଇଁ ସାଦା ପୋଷାକଧାରୀ ଗୋଇନ୍ଦା ପୋଲିସ ମୁତୟନ ପାଇଁ ବ୍ୟବସ୍ଥା କରାଯାଇଛି। ଶ୍ରଦ୍ଧାଳୁଙ୍କ ପାଇଁ ପାନୀୟ ଜଳ, ସ୍ୱାସ୍ଥ୍ୟକେନ୍ଦ୍ର, ସୂଚନା କେନ୍ଦ୍ର, ପୋଲିସ କଣ୍ଟ୍ରୋଲରୁମ, ଫାୟାର କଣ୍ଟ୍ରୋଲରୁମର ବ୍ୟବସ୍ଥା କରାଯାଇଛି। ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ରହିବାକୁ ତହସିଲଦାର ନିର୍ଦ୍ଦେଶନାମା ଜାରି କରିଛନ୍ତି। ଟ୍ରଷ୍ଟବୋର୍ଡ ପକ୍ଷରୁ ଯାତ୍ରା ପଡିଆରେ ବ୍ୟାପକ ସ୍ୱେଚ୍ଛାସେବୀ ମୁତୟନ କରିବା ସହ ଯାତ୍ରା କମିଟିର କର୍ମକର୍ତ୍ତାମାନେ ଯାତ୍ରା ପରିଚାଳନା ପାଇଁ ସ୍ୱତନ୍ତ୍ର ବିଧି ବ୍ୟବସ୍ଥା କରିଛନ୍ତି। ମନ୍ଦିର ପ୍ରଶାସନ ପକ୍ଷରୁ ୧୫୦ଜଣ ହନୁମାନ ମୁଖାଧାରୀ ବ୍ୟକ୍ତି ମହାପ୍ରଭୁଙ୍କ ଯାତ୍ରା ସମୟରେ ଟ୍ରାଫିକ ନିୟନ୍ତ୍ରଣ କରିବା ପରମ୍ପରାକୁ ତ୍ୱରାନ୍ୱିତ କରାଯିବା ସହ ଦାଣ୍ଡ ଭୋଗ ପାଇଁ ସ୍ୱତନ୍ତ୍ର ସୁରକ୍ଷା ବଳୟ କରାଯାଇଥିବା ଶ୍ରୀରଘୁନାଥ ଜୀଉ ମ୍ୟାନେଜିଂ ଟ୍ରଷ୍ଟି ପ୍ରକାଶ ସାହୁ ସୂଚନା ଦେଇଛନ୍ତି। ବାଣ ଫୁଟା ଉପରେ ପ୍ରଶାସନ ରୋକ ଲଗାଇଛି। କିନ୍ତୁ ମହାପ୍ରଭୁଙ୍କ ଦାଣ୍ଡ ବିଜେ ସମୟରେ ଶ୍ରଦ୍ଧାଳୁ ମାନେ ମାନସିକ ବାଣ ଫୁଟାଇଥାନ୍ତି। ତେଣୁ ଏହାକୁ ଆଖିଆଗରେ ରଖି ୩ ଥାକିଆ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ନିଶ୍ଚିନ୍ତକୋଇଲି ଆଇଆଇସି ଚିନ୍ମୟୀ ସାହୁ ଓ ଲୋକାଲ ମାଜିଷ୍ଟ୍ରେଟ ଭାବେ ତହସିଲଦାର ଦିଲୀପ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯାତ୍ରାର ସମସ୍ତ କାର୍ଯ୍ୟ କରାଯିବ।


ଅସୁରେଶ୍ୱର ଶ୍ରୀରଘୁନାଥ ଜୀଉଙ୍କ ପୂଜାର୍ଚ୍ଚନା ଚାଲିଛି।

# ଅବକାରୀ ଚଢ଼ାଉ, ୩ ଗିରଫ

## ୮୦ କେଜି ଗଞ୍ଜେଇ, ୨୧୬ ଗ୍ରାମ୍ ବ୍ରାଉନସୁଗାର ଜବତ

କଟକ ଅଫିସ,୫।୪:

କଟକ ଜିଲା ଟାଙ୍ଗୀ ଟୋଲ୍‌ଗେଟ୍ ନିକଟରେ ବୁଧବାର ଅବକାରୀ ବିଭାଗ ଚଢ଼ାଉ କରି କାର୍ ସହ ୮୦ କେଜି ଗଞ୍ଜେଇ ଜବତ କରିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୮ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏହି ବେଆଇନ କାରବାରରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ବିହାର ଭୋଜପୁର ଜିଲାର ଭୂପେନ୍ଦ୍ର ପାଶ୍ୱାନ ଓ ଶିବପୁକାର ପାଶ୍ୱାନ। ଏନେଇ ଅବକାରୀ କେସ୍ ନଂ. ୩/୨୩-୨୪ ରୁଜୁ କରାଯାଇଛି। ଫୁଲବାଣୀରୁ ବିହାରକୁ ଏହି ଗଞ୍ଜେଇ ଚାଲାଣ କରାଯାଉଥିବା ଅବକାରୀ ବିଭାଗ ପକ୍ଷରୁ ଜଣାପଡିଛି। ସେହିପରି ଗୋବିନ୍ଦପୁର ଥାନା ଅନ୍ତର୍ଗତ ଉତ୍ତରାଣ ଗ୍ରାମ ନିକଟରୁ ୨୧୬ ଗ୍ରାମ୍ ବ୍ରାଉନସୁଗାର ଜବତ କରାଯାଇଛି। ଏହି କାରବାରରେ ସମ୍ପୃକ୍ତ ଗୁଲୁତାନ ମଲ୍ଲିକଙ୍କୁ ଗିରଫ କରାଯାଇଛି। ଏ ନେଇ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା(ନଂ.୨/୨୩-୨୪) ରୁଜୁ କରାଯାଇଛି। ଅବକାରୀ ଡିଏସ୍‌ପି ପ୍ରତାପ କୁମାର ଦାସ, ଆଇଆଇସି ସତ୍ୟଜିତ୍ ଖଟୁଆ, ଏସ୍‌ଆଇ ଦିବ୍ୟଜ୍ୟୋତି ସତ୍ୟପ୍ରକାଶଙ୍କ ସମେତ ଅଧିକାରୀ ଓ କର୍ମଚାରୀମାନେ ଚଢ଼ାଉରେ ସାମିଲ ହୋଇଥିଲେ।


ତିଗିରିଆ ବ୍ଲକ ଅନ୍ତର୍ଗତ ଗଦାଧରପୁରଠାରେ ଶ୍ରୀରଘୁନାଥ ଜୀଉଙ୍କ ନବମୀର ସୁବର୍ଣ୍ଣ ଜୟନ୍ତୀ ଅବସରରେ ବୁଧବାର ଧନୁଯାତ୍ରା ବେଶ।

# ଗଣତନ୍ତ୍ରକୁ କେବଳ କଂଗ୍ରେସ ହିଁ ସୁରକ୍ଷା ଦେବ


ବନ୍ଧୁମିଳନ କାର୍ଯ୍ୟକ୍ରମରେ କଂଗ୍ରେସ ନେତା ବିଭୂତି ଭୂଷଣ ମିଶ୍ର ଓ ଅନ୍ୟମାନେ।

**ଆଠଗଡ଼ରେ କଂଗ୍ରେସର ବନ୍ଧୁମିଳନ**

ଆଠଗଡ,୫।୪(ସ୍ୱ.ପ୍ର.)

ଆଗାମୀ ସାଧାରଣ ନିର୍ବାଚନକୁ ଆଖି ଆଗରେ ରଖି ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହା ସାଙ୍ଗକୁ ବୟାନବାଜି ଆରମ୍ଭ ହୋଇଯାଇଛି। ଫଳରେ ସାଧାରଣରେ ରାଜନୈତିକ ଚର୍ଚ୍ଚା ଜୋର ଧରିଛି। ବୁଧବାର ଆଠଗଡ ବ୍ଲକର ଗୌଡଝରୀସ୍ଥିତ ସପନେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ବ୍ଲକ କଂଗ୍ରେସ ପକ୍ଷରୁ ଏକ ବନ୍ଧୁମିଳନ ଓ ନୂତନ ସଭାପତିଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ କଂଗ୍ରେସ ନେତା ତଥା ଅଖିଳ ଭାରତୀୟ କଂଗ୍ରେସ କମିଟିର ସଭ୍ୟ ବିଭୂତି ଭୂଷଣ ମିଶ୍ର ଯୋଗ ଦେଇଥିଲେ। କଠିନ ପରିଶ୍ରମ କରି କଂଗ୍ରେସ ସଙ୍ଗଠନକୁ ସୁଦୃଢ଼ କରିବାକୁ କର୍ମୀମାନଙ୍କୁ ସେ ପରାମର୍ଶ ଦେଇଥିଲେ। ସମ୍ପ୍ରତି ଦେଶରେ ଗଣତନ୍ତ୍ର ଓ ସମ୍ବିଧାନ ଆଜି ବିପଦରେ ଥିବା ବେଳେ ଏହାର ସୁରକ୍ଷା ପାଇଁ କଂଗ୍ରେସ ହିଁ ଏକମାତ୍ର ବିକଳ୍ପ ବୋଲି ସେ କହିଥିଲେ। ନିକଟରେ ଭାଜପା ଯୋଗଦାନ ଦେଇଥିବା ଯୁବ ନେତାଙ୍କୁ ନେଇ ଖବରଦାତାଙ୍କ ପ୍ରଶ୍ନରେ ମିଶ୍ର କହିଥିଲେ, ଗତ ସାଧାରଣ ନିର୍ବାଚନରେ ଆଠଗଡ ନିର୍ବାଚନ ମଣ୍ଡଳୀରେ ଭାଜପା ୪୦ ହଜାର ଭୋଟ ପାଇଥିଲା। ଆଜି ସେହି ପ୍ରାର୍ଥୀ ଅଛନ୍ତି, ଏହା ସତ୍ତ୍ୱେ ଗତ ନିର୍ବାଚନରେ ସ୍ୱାଧୀନ ଭାବେ ଲଢି ଅତ୍ୟନ୍ତ ନଗନ୍ୟ ଭୋଟ ପାଇଥିବା ଯୁବକଙ୍କୁ ମିଶାଇବା ହାସ୍ୟାସ୍ପଦ ବୋଲି କହିଥିଲେ। ଦଳ ତା'ର ନେତାଙ୍କ ଦକ୍ଷତା ଉପରେ ବିଶ୍ୱାସ ହରାଇ ଏବେ ଭୀତତ୍ରସ୍ତ ଅଛି ବୋଲି କହିଥିଲେ। ଆଠଗଡ ବ୍ଲକର ନୂତନ ସଭାପତି ଶରତ ଚନ୍ଦ୍ର ପରିଡାଙ୍କୁ କାର୍ଯ୍ୟକ୍ରମରେ ଦଳ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଆଠଗଡ ବ୍ଲକ ବିଭିନ୍ନ ପଞ୍ଚାୟତର ୨୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସମିତି ସଭ୍ୟ ହୃଦାନନ୍ଦ ତ୍ରିପାଠୀ, ବାନାମ୍ବର ନାଏକ, ହୃଦାନନ୍ଦ ସେଠୀ, ଅଶୋକ କୁମାର ଦାସ, ନିଶିକାନ୍ତ ସ୍ୱାଇଁ, ବସନ୍ତ ପ୍ରଧାନ, ବସନ୍ତ ମହାରଣା, ବାବୁଲି ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

### ମା'ସରସ୍ୱତୀଶିକ୍ଷାମନ୍ଦିରର ବାର୍ଷିକ ଉତ୍ସବ

କଟକ ଅଫିସ,୫।୪:

ହାତୀପୋଖରୀଛକ ସ୍ଥିତ ମା' ସରସ୍ୱତୀ ଶିକ୍ଷାମନ୍ଦିରର ଚତୁର୍ଦ୍ଦଶ ବାର୍ଷିକ ଉତ୍ସବ କଟକ କଳାବିକାଶ କେନ୍ଦ୍ରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା ସମିତି ସଭାପତି ବଂଶୀଧର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବକୁ ଶିକ୍ଷା ବିସ୍ତାର ସମିତିର ସଭାପତି ରାଜ କିଶୋର ବେହେରା ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଜୋନ୍-୨ ଏସିପି ଅମିତାଭ ମହାପାତ୍ର, ମୁଖ୍ୟବକ୍ତା ଭାବେ ପ୍ରଫେସର ନୀଳକଣ୍ଠ ରାଉତ ଓ ସମ୍ମାନିତ ଅତିଥି ଭାବେ ଉତ୍କଳ ଗ୍ରାମ ସ୍ୱରାଜର ସଭାପତି ବ୍ରହ୍ମାନନ୍ଦ ମହାନ୍ତି ଯୋଗ ଦେଇଥିଲେ। ଏଥିସହ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବରିଷ୍ଠ ଆଚାର୍ଯ୍ୟ ସୁବାସ ଚନ୍ଦ୍ର ମହାନ୍ତି ଅତିଥି ପରିଚୟ, ପ୍ରଧାନ ଆଚାର୍ଯ୍ୟ ବଟକୃଷ୍ଣ ଦାସ ବାର୍ଷିକ ବିବରଣୀ ପାଠ ଓ ସହକାରୀ ପ୍ରଧାନ ଆଚାର୍ଯ୍ୟା ନିରୁପମା ମହାନ୍ତି ଧନ୍ୟବାଦ ଦେଇଥିଲେ।

### ବାଜା ରୋଶଣିରେ ପ୍ରଧାନ ଶିକ୍ଷକଙ୍କୁ ଘରେ ଛାଡ଼ିଲେ ପିଲେ

ବାରଙ୍ଗ,୫।୪(ଡି.ଏନ୍.ଏ.)

ପ୍ରଧାନ ଶିକ୍ଷକଙ୍କ ନିଆରା ଭାବେ ବିଦାୟକାଳୀନ ଉତ୍ସବ କେନ୍ଦୁପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ପାଳିଛନ୍ତି। ବିଦ୍ୟାଳୟ ପରିସରରେ ପରିଚାଳନା କମିଟି ସଭାପତି ଜଗନ୍ନାଥ ଭଞ୍ଜଙ୍କ ସଭାପତିତ୍ୱରେ ବୁଧବାର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଯୋଗେନ୍ଦ୍ର ସେନାପତିଙ୍କ ବିଦାୟକାଳୀନ ସଭା ହୋଇଥିଲା। ପରେ ଛାତ୍ରୀଛାତ୍ର ବାଜା ବଜାଇ ନାଚିନାଚି ପ୍ରଧାନ ଶିକ୍ଷକଙ୍କୁ ତାଙ୍କ ଘରେ ଛାଡ଼ିଥିଲେ। ସଭାରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ ରାଉତ, ପ୍ରଧାନ ଶିକ୍ଷୟିତ୍ରୀ ସୁକାନ୍ତିମଣି ସିଂ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

# ହାତୀପଲ ନଷ୍ଟ କଲେ ଧାନ, ପରିବା ଫସଲ

ବାଙ୍କୀ,୫।୪(ସ୍ୱ.ପ୍ର.) :

ବାଙ୍କୀ-ଡମପଡ଼ା ବ୍ଲକ ଅନ୍ତର୍ଗତ ଭଗିପୁର ଗାଁରେ ମଙ୍ଗଳବାର ରାତିରେ ହାତୀପଲ ପଶି ବ୍ୟାପକ ଧାନ ଫସଲ ସହ ପରିବା ପତ୍ର ନଷ୍ଟ କରିଦେଇଛନ୍ତି। ରାତିରେ ଚନ୍ଦକା ଜଙ୍ଗଲରୁ ହାତୀପଲ ଆଠଗଡ଼କୁ ଫେରୁଥିବା ବେଳେ ଗୟଳବାଙ୍କଠାରେ ବ୍ୟାପକ ଭାବେ ଧାନ ସହ ପରିବା ଫସଲ ନଷ୍ଟ କରି ଦେଇଛନ୍ତି। ସ୍ଥାନୀୟ ଲୋକେ ଭଗିପୁର ଫରେଷ୍ଟ ଅଫିସକୁ ଖବର ଦେବା ପରେ ବନ ବିଭାଗ କର୍ମଚାରୀ ଏବଂ ଗ୍ରାମ ଲୋକ ମିଶି ହାତୀପଲ୍ଲକୁ ଘଉଡାଇଥିଲେ। ନଷ୍ଟ ହୋଇଥିବା ଫସଲର କ୍ଷତିପୂରଣ ପାଇଁ ସ୍ଥାନୀୟ ଲୋକମାନେ ବନ ବିଭାଗ ନିକଟରେ ଦାବି କରିଛନ୍ତି।

# ମହିଳା ଏନ୍‌ସିସି ପକ୍ଷରୁ ଜାତୀୟ ନୌବାଣିଜ୍ୟ ଦିବସ

**ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ**

ବାଙ୍କୀ,୫।୪ (ସ୍ୱ.ପ୍ର.)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ମହିଳା ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ଆନୁକୂଲ୍ୟରେ ବୁଧବାର ଜାତୀୟ ନୌବାଣିଜ୍ୟ ଦିବସ ପାଳିତ ହୋଇଯାଇଛି। ବିଶେଷ କରି ଭାରତର ବିଭିନ୍ନ ସମର ଶିକ୍ଷାର୍ଥୀ ବାହିନୀ ଓ ସାମରିକ ବାହିନୀ ଦ୍ୱାରା ଜଳଯାତ୍ରା ଉପରେ ସଚେତନତା ସୃଷ୍ଟି କରାଯାଉଛି। ଏହି ପରପ୍ରେକ୍ଷୀରେ ମହାବିଦ୍ୟାଳୟ ପରିସରରେ ଉକ୍ତ ଦିବସକୁ ଅଧ୍ୟକ୍ଷ କ୍ୟାପଟେନ୍ ଭବାନୀ ପ୍ରସାଦ ହୋତା ଉଦ୍‌ଘାଟନ କରିବା ସହ ଏହା ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦାନ କରି ଜଳଯାତ୍ରା କିପରି ସୁରକ୍ଷିତ ହୋଇପାରିବ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଆୟୋଜିତ ଉତ୍ସବକୁ ମହିଳା ଏନ୍‌ସିସି ଅଧିକାରିଣୀ କ୍ୟାପଟେନ୍ ଡ. ସନ୍ଧ୍ୟାରାଣୀ ମହାନ୍ତି ପରିଚାଳନା କରିଥିଲେ। ଏହି ପରିପ୍ରେକ୍ଷୀରେ ମହିଳା କ୍ୟାଡେଟମାନଙ୍କ ଦ୍ୱାରା ପୋଷ୍ଟର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷରେ ଲକ୍ଷ୍ମୀପ୍ରିୟା ପଣ୍ଡା ଧନ୍ୟବାଦ ଦେଇଥିଲେ।



ନୌବାଣିଜ୍ୟ ଦିବସରେ ଏନ୍‌ସିସିର କ୍ୟାଡେଟ୍ ଓ ଅନ୍ୟମାନେ।

# ଶିଶୁଙ୍କ ବୌଦ୍ଧିକ, ମାନସିକ ବିକାଶକୁ ଗୁରୁତ୍ୱ ଦିଅ



ଉତ୍ସବରେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଓ ଅନ୍ୟମାନେ।

**ବିବେକାନନ୍ଦ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ**

ବାଙ୍କୀ,୫।୪(ସ୍ୱ.ପ୍ର.):

ବାଙ୍କୀ ବ୍ଲକ ଅନ୍ତର୍ଗତ ଲୁହାଗୋଡ଼ିପାଟଣାସ୍ଥିତି ବିବେକାନନ୍ଦ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ସାମାଜିକ କର୍ମୀ ଲକ୍ଷ୍ମୀଧର ବାରିକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ ଶିଶୁମାନଙ୍କର ବୌଦ୍ଧିକ ଓ ମାନସିକ ବିକାଶ ପାଇଁ ଅଭିଭାବକ ଏବଂ ବିଦ୍ୟାମନ୍ଦିରର ଶିକ୍ଷୟିତ୍ରୀଶିକ୍ଷକମାନଙ୍କର ଗୁରୁଦାୟିତ୍ୱ ରହିଛି ବୋଲି ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ବାଙ୍କୀ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ସଭାପତି କବି ସୁନୀଲ କୁମାର ମିଶ୍ର ଯୋଗଦେଇ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ମଧ୍ୟରେ ଏକ ଅତୁଟ ବନ୍ଧନ ରଖିବା ସହ ନୈତିକ ଶିକ୍ଷା ଦେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ସୁବାସ ଚନ୍ଦ୍ର ପାଢୀ, କଳାପଥରର ସରପଞ୍ଚ କମଳା ସ୍ୱାଇଁ, ଶିକ୍ଷାବିତ୍ ବିଦ୍ୟାଧର ମହାରଣା ଓ ଆଞ୍ଚଳିକ ସାଧାନ କେନ୍ଦ୍ର ସଂଯୋଜକ ବିଜୟ କୁମାର ନନ୍ଦ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ନିମେଇଁ ଚରଣ ବାରିକ ବାର୍ଷିକ ବିବରଣୀ ପାଠ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଶେଷରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ଗୋତରା ପଞ୍ଚାୟତ ପକ୍ଷରୁ ବିକାଶ ଅଭିଯାନ

ମାହାଙ୍ଗା,୫।୪(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ଗୋତରା ପଞ୍ଚାୟତ ଗୋତରା ସରସ୍ୱତୀ ଶିଶୁ ମନ୍ଦିର ନିକଟରେ ବିଜେଡି କର୍ମୀଙ୍କ ପକ୍ଷରୁ ଗୋତରା ବିକାଶ ଅଭିଯାନର ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସମିତିସଭ୍ୟ ଶଶିଭୂଷଣ ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ନାଏବ ସରପଞ୍ଚଙ୍କ ପ୍ରତିନିଧି ଧୀରେନ୍ଦ୍ର ବାରିକ, କିଶୋର ଚନ୍ଦ୍ର ନାୟକ, ସଚିଦାନନ୍ଦ ସାହୁ, ପ୍ରକାଶ ବେହେରା, ପୂର୍ବତନ ସମିତିସଭ୍ୟ କ୍ଷୀରୋଦ ବେହେରା, ପ୍ରଭାତ କୁମାର ଷଡଙ୍ଗୀ, ସୁଶାନ୍ତ କୁମାର ସାହୁ ,ଅମରଜ୍ୟୋତି ମଲିକ, ପ୍ରଦୀପ୍ତ ସ୍ୱାଇଁ, ସୌକତ ଅଲ୍ଲୀ ପ୍ରମୁଖ ଯୋଗଦେଇଥିଲେ। ଗୋତରା ସରପଞ୍ଚ ସ୍ୱର୍ଗତ ରତ୍ନାକର ସାହୁଙ୍କ ଅବର୍ତ୍ତମାନରେ କିପରି ବିକାଶମୂଳକ କାର୍ଯ୍ୟ କରାଯିବା ସହ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଲୋକଙ୍କ ନିକଟରେ ପହଞ୍ଚିବ ସେ ନେଇ ଆଲୋଚନା ହୋଇଥିଲା। ଏଥିସହ ମାହାଙ୍ଗା ବିଧାୟକ ପ୍ରତାପ ଜେନାଙ୍କ ନେତୃତ୍ୱରେ ଗୋତରା ପଞ୍ଚାୟତର ଦଳୀୟ ସଙ୍ଗଠନକୁ ମଜଭୁତ କରାଯିବ ସେଥିନେଇ ଷଡଙ୍ଗୀ ଗୁରୁତ୍ୱାରୋପ କରିଥିଲେ। ଏଥିରେ ସରାଫତ ଅଲ୍ଲୀ, ୱାର୍ଡ ସଭ୍ୟ ଶ୍ରୀନିବାସ ବିଶ୍ୱାଳ, ପ୍ରଦୀପ୍ତ କୁମାର ସ୍ୱାଇଁ, ଧରଣୀଧର ସେଠୀ, ନାସିର ମହମ୍ମଦ, ସେକ ରଜାକ, ସେକ ଅରମାନଙ୍କ ସମେତ ବିଜେଡି କର୍ମୀ ବୈଠକରେ ଯୋଗ ଦେଇଥିଲେ।

# ରାସ୍ତା ପାର୍ଶ୍ୱ ଲାଇଟ୍ ବିଲ୍ ଭରିବ ପଞ୍ଚାୟତ

**ପଞ୍ଚାୟତ ସମିତି ବୈଠକ**

କଟକ ସଦର, ୫।୪(ଡି.ଏନ୍.ଏ.)

କଟକ ସଦର ପଞ୍ଚାୟତ ସମିତି ବୈଠକ ବୁଧବାର ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ଅଧକ୍ଷା ଅମ୍ବିକା ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ସରପଞ୍ଚ, ସମିତି ସଭ୍ୟାସଭ୍ୟ, ଜିଲା ପରିଷଦ ସଭ୍ୟାସଭ୍ୟମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଟାଟା ପାୱାର କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରତି ପଞ୍ଚାୟତକୁ ୨ରୁ ୫ ଲକ୍ଷ ଟଙ୍କା ବିଦ୍ୟୁତ୍ ବିଲ୍ ପଇଠ ପାଇଁ ନୋଟିସ ଦିଆଯାଇଥିବା ଉପରେ ଆଲୋଚନା ହୋଇଥିଲା। ରାସ୍ତାପାର୍ଶ୍ୱରେ ଲାଗିଥିବା ଆଲୋକ ବିଲ୍ ବାବଦକୁ ଏହି ଅର୍ଥ ଦାବି କରାଯାଇଛି। ୨୦୧୯ରୁ ଲଗାଯାଇଥିବା ଏଲ୍ଇଡି ଲାଇଟ୍ ବିଲ୍ ଉପରେ ଆଲୋଚନା ହୋଇଥିଲେ ମଧ୍ୟ କୌଣସି ନିଷ୍ପତ୍ତି ନିଆଯାଇ ପାରି ନ ଥିଲା। ବିଧାୟକଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠି, ଚତୁର୍ଦ୍ଦଶ ଅର୍ଥ କମିଶନ ଅନୁଦାନରୁ ଏହି ଲାଇଟ୍ ଲଗାଯାଇଥିଲା। ଏହାଛଡା ବାର୍ଦ୍ଧକ୍ୟ ଭତ୍ତା ବାବଦ ଅର୍ଥ ହିତାଧିକାରୀଙ୍କ ଆକାଉଣ୍ଟରେ ବିଡିଓ ଜମା କରୁଥିବାରୁ ଅନେକ ରୁଗ୍ଣ ଲୋକ ବ୍ୟାଙ୍କକୁ ଯାଇପାରୁ ନ ଥିବା ସମ୍ପର୍କରେ ସରପଞ୍ଚମାନେ କହିଥିଲେ। ପୂର୍ବଭଳି ପଞ୍ଚାୟତରେ ଟଙ୍କା ପ୍ରଦାନ ପାଇଁ ସେମାନେ ପ୍ରସ୍ତାବ ଦେଇଥିଲେ। ହେଲେ ସରକାର ନିୟମ କରିଥିବାରୁ ଏଥିରେ ସାଲିସ କରାଯାଇପାରିବ ନାହିଁ ବୋଲି ବିଡିଓ ରାଜୀବ ଲୋଚନ ପରିଡ଼ା କହିଥିଲେ। ଏହାଛଡା ପାନୀୟ ଜଳ, ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଜିଲା ପରିଷଦ ଉପାଧକ୍ଷା ସୁଭଦ୍ରା ଦାସ, ବିଧାୟକଙ୍କ ପ୍ରତିନିଧି ବିଭୁତି ଭୂଷଣ ପରିଡ଼ା, ସହକାରୀ ନିର୍ବାହୀ ଯନ୍ତ୍ରୀ ବିକାଶ ଭୂୟାଁ, ଡା. ବସନ୍ତ କୁମାର ସାହୁଙ୍କ ସମେତ ବିଭିନ୍ନ ବିଭାଗର ପ୍ରତିନିଧି ଉପସ୍ଥିତ ଥିଲେ। ପ୍ରାୟ ୧ ବର୍ଷ ହେବ ସମିତି ବୈଠକ ଡକାଯାଇ ନ ଥିଲେ ମଧ୍ୟ ୨୦୨୨-୨୦୨୩ ଆର୍ଥିକ ବର୍ଷରେ ସମିତି ବଜେଟ କିପରି ଗୃହୀତ ହେଲା ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରଥମଥର ପାଇଁ ଗଣମାଧ୍ୟମ ପ୍ରତିନିଧିଙ୍କୁ ସଭାଗୃହକୁ ଯିବା ପାଇଁ ବାରଣ କରାଯାଇଥିଲା। ଏ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିମାନେ ବିଡିଓ, କାର୍ଯ୍ୟକାରୀ ଅଧକ୍ଷାଙ୍କ ମତାମତ ନେବା ପାଇଁ ଉଦ୍ୟମ କରିଥିଲେ ମଧ୍ୟ ସେମାନଙ୍କ ପ୍ରତିକ୍ରିୟା ମିଳି ପାରି ନ ଥିଲା।

## ସଂକ୍ଷେପରେ

### ୨୫ କେଜି ଗଞ୍ଜେଇ ଜବତ: ଦମ୍ପତିଙ୍କ ସମେତ ୩ ଗିରଫ

**ଭୁବନେଶ୍ୱର,୫।୪(ବ୍ୟୁରୋ):** ଗଞ୍ଜେଇ ବେପାର କରିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ଦମ୍ପତିଙ୍କ ସମେତ ୩ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ରାଜଧାନୀରେ ରହୁଥିବା କନ୍ଧମାଳର ସୁଶାନ୍ତ ବେହେରା ଓ ତାଙ୍କ ସ୍ତ୍ରୀ ଭାନୁମତି ଏବଂ ସହଯୋଗୀ ଆଶିଷ କୁମାର ନାୟକ। ତାଙ୍କଠାରୁ ୨୫ କେଜି ଗଞ୍ଜେଇ, ୨ଟି ମୋବାଇଲ ଫୋନ, ନଗଦ ୧୪ ହଜାର ଟଙ୍କା ଜବତ ହୋଇଛି । ଜାମିନ ନ ମିଳିବାରୁ ସମସ୍ତଙ୍କୁ ଜେଲକୁ ପଠାଇ ଦିଆଯାଇଛି। ତେବେ ଜବତ ଗଞ୍ଜେଇ କନ୍ଧମାଳରୁ ଆଣି ରାଜଧାନୀର ବିଭିନ୍ନ ସ୍ଥାନରେ ବିକ୍ରି କରିଥାନ୍ତି ବୋଲି ପୋଲିସ ଜାଣିବାକୁ ପାଇଛି। ସୂଚନାନୁସାରେ ସ୍ଥାନୀୟ ଥାନା ଅନ୍ତର୍ଗତ ଶ୍ରୀରାମ ନଗର ପୋଲ ନିକଟରେ ଗ୍ରାହକୁ ଦେବାକୁ ଦମ୍ପତି ଛିଡା ହୋଇଥିଲେ। ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ସେଠାରେ ଚଢ଼ାଉ କରି ଦମ୍ପତିଙ୍କ ସମେତ ୩ଜଣଙ୍କୁ ଧରିଥିଲେ।

### ୧୦ ଲକ୍ଷ ଟଙ୍କାର ବ୍ରାଉନ୍‌ସୁଗାର ଜବତ: ଜଣେ ଗିରଫ

**ପୁରୀ ଅଫିସ, ୫।୪:** ପୁରୀ ଅବକାରୀ ପୋଲିସ ବୁଧବାର ବ୍ରାଉନ ସୁଗାର କାରବାର ଅଭିଯୋଗରେ କୋଣାର୍କ ଅଞ୍ଚଳର ଅଜୟ ନାୟକ (୪୫)ଙ୍କୁ ଗିରଫ କରିଛି। ଅଜୟଙ୍କ ନିକଟରୁ ୧୦୦ ଗ୍ରାମ ବ୍ରାଉନ ସୁଗାର ସମେତ ଏକ ସ୍କୁଟି (ନଂ. ଓଡି ୦୨ସିଏଫ ୩୨୮୫) ଜବତ କରାଯାଇଛି। ଏ ନେଇ ଏକ ମାମଲା (ନଂ. ୧/୨୩-୨୪) ରୁଜୁ ହୋଇଛି। ଜବତ ବ୍ରାଉନ ସୁଗାରର ମୂଲ୍ୟ ପ୍ରାୟ ୧୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। କୋଣାର୍କ ବଜାରରେ ବ୍ରାଉନସୁଗାର କାରବାର ନେଇ ଅବକାରୀ ବିଭାଗକୁ ସୂଚନା ମିଳିଥିଲା। ପୁରୀ ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶ କ୍ରମେ କୋଣାର୍କ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ନାରାୟଣ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ କୋଣାର୍କ ବଜାରସ୍ଥିତ ଯାତ୍ରୀନିବାସ ନିକଟ ମୁଖ୍ୟରାସ୍ତାରେ ଚଢ଼ାଉ କରି ଅଭିଯୁକ୍ତ ଅଜୟଙ୍କୁ ଗିରଫ କରି ଥାନାକୁ ଆଣିବା ପରେ କୋର୍ଟ ଚାଲାଣ କରିଛି।

### ସର୍ବସାଧାରଣ ଡିଜିଟାଲ ପ୍ଲାଟଫର୍ମ ଉଦ୍‌ଘାଟିତ

**ଭୁବନେଶ୍ୱର,୫।୪(ବ୍ୟୁରୋ):** ଦୈନିକ ଖବରକାଗଜ ସର୍ବସାଧାରଣର ଡିଜିଟାଲ ପ୍ଲାଟଫର୍ମ ବୁଧବାର ଭଞ୍ଜକଳା ମଣ୍ଡପରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ କଂଗ୍ରେସର ବରିଷ୍ଠ ନେତା ଗଣେଶ୍ୱର ବେହେରା, ଭାଜପାର ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ, 'ସର୍ବସାଧାରଣ' ଖବରକାଗଜର ଅଧ୍ୟକ୍ଷ ତଥା ବିଜେଡିର ବରିଷ୍ଠ ନେତା ସଞ୍ଜୟ କୁମାର ଦାସବର୍ମା, ସିଆଇର ବରିଷ୍ଠ ନେତା ସନ୍ତୋଷ ଦାସ ଓ ବରିଷ୍ଠ ସାମ୍ବାଦିକ ଦୟାନିଧି ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। 'ସର୍ବସାଧାରଣ'ର ସମ୍ପାଦକ ସତ୍ୟପ୍ରିୟ ଜୟସିଂହ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଗୁରୁ ନମିତା ରାୟଙ୍କ ଗ୍ରୁପ ଦ୍ୱାରା ଶ୍ରୀ ଜଗନ୍ନାଥାଷ୍ଟକମ୍ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ 'ସର୍ବସାଧାରଣ ଡିଜିଟାଲ' ପକ୍ଷରୁ ପ୍ରସ୍ତୁତ 'ଶତାୟୁ ଓଡ଼ିଶା' କାର୍ଯ୍ୟକ୍ରମରେ ସଂଗୀତ ସୁଧାକର ବାଳକୃଷ୍ଣ ଦାସଙ୍କ ଜୀବନୀ ଉପରେ ଏକ ନିଚ୍ଛକ ଚିତ୍ରକଥା ପ୍ରଦର୍ଶିତ ହୋଇଥିଲା। ଶେଷରେ ୨୦୩୬ରେ ଶହେ ବର୍ଷ ପୂରଣ କରିବାକୁ ଯାଉଥିବା ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଓଡ଼ିଶା ସମ୍ପର୍କିତ 'ଶତାୟୁ ଓଡ଼ିଶା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

### ମହାମାୟା ଠାକୁରାଣୀଙ୍କ ଜମିରୁ ଜବରଦଖଲ ଉଚ୍ଛେଦ

**ସାକ୍ଷୀଗୋପାଳ,୫।୪(ଡି.ଏନ୍.ଏ./ସ୍ୱ.ପ୍ର.):** ସାକ୍ଷୀଗୋପାଳ ରେଳଷ୍ଟେଶନ ନିକଟରେ ଅବସ୍ଥିତ ମା' ମହାମାୟା ଠାକୁରାଣୀଙ୍କ ଜମି ସତ୍ୟବାଦୀ ତହସିଲଦାରଙ୍କ କାର୍ଯ୍ୟାଳୟ ପକ୍ଷରୁ ବୁଧବାର ଜବରଦଖଲ ଉଚ୍ଛେଦ କରାଯାଇଛି। ପୁରୀ- ଭୁବନେଶ୍ୱର ଜାତୀୟ ରାଜପଥକୁ ଲାଗି ରହିଥିବା ୫୦ ଡିସିମିଲ ଜମିରୁ ଅର୍ଦ୍ଧେକ ଜମିକୁ ଜେସିବି ଲଗାଇ ସଫା କରିବା ସହ ମନ୍ଦିର ଟ୍ରଷ୍ଟ ବୋର୍ଡକୁ ହସ୍ତାନ୍ତର କରାଯାଇଛି। ଦୀର୍ଘଦିନ ଧରି ଠାକୁରାଣୀଙ୍କ ମାଲିକାନାରେ ରହିଥିବା ଏହି ଜମିଟିକୁ ଜଣେ ସ୍ଥାନୀୟ ବ୍ୟକ୍ତି ଜବରଦଖଲ କରି ସେଠାରେ ବ୍ୟବସାୟ କରୁଥିଲେ। ଏ ନେଇ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଉକ୍ତ ଜମି ଫେରାଇ ଆଣିବାକୁ ୨୦୧୬ରେ ଦେବୋତ୍ତର କମିଶନଙ୍କ କୋର୍ଟରେ ଏକ ମାମଲା କରାଯାଇଥିଲା। କମିଶନର ଜମିକୁ ଦଖଲମୁକ୍ତ କରି ଟ୍ରଷ୍ଟବୋର୍ଡକୁ ପ୍ରଦାନ ନିମନ୍ତେ ଆଦେଶ କରିଥିଲେ। ମାତ୍ର ଆଦେଶ କାର୍ଯ୍ୟକାରୀ ନ ହେବାରୁ ଟ୍ରଷ୍ଟ ବୋର୍ଡ ସଦସ୍ୟ ଶ୍ୟାମ ସୁନ୍ଦର ସାହୁ ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ମାମଲା କରିଥିଲେ।

# ସାହିଯାତରେ ଲଙ୍କାପୋଡ଼ି ନୀତି

**ପୁରୀ ଅଫିସ, ୫।୪**



ଚୈତ୍ର ମାସ ଚତୁର୍ଦ୍ଦଶୀ ତିଥି ଅବସରରେ ବୁଧବାର ସାହିଯାତରେ ଦୋଳମଣ୍ଡପ ସାହି ଜହ୍ନିମୁଣ୍ଡିଆ ଆଖଡ଼ା ପକ୍ଷରୁ ଲଙ୍କାଦହନ ନୀତି ସମ୍ପନ୍ନ ହୋଇଛି। ତେବେ ମଙ୍ଗଳବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦୟଣା ଚୋରି ନୀତି ଥିବାରୁ ଯାତ ବନ୍ଦ ରହିଥିଲା। ବୁଧବାର ପୁନର୍ବାର ଯାତ ଆରମ୍ଭ ହୋଇଛି। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ସମ୍ପନ୍ନ ପରେ ଦକ୍ଷିଣୀଘରୁ ଶ୍ରୀରାମଚନ୍ଦ୍ର ଏବଂ ଶ୍ରୀଲକ୍ଷ୍ମଣଙ୍କ ପ୍ରତିମୂର୍ତ୍ତିକୁ ମହାଜନ ସେବକମାନେ ଭିତରକୁ ବିଜେ କରି ରତ୍ନସିଂହାସନ ନିକଟକୁ ନେଇଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ଠାରୁ ଆଜ୍ଞାମାଳ ଆଣି ଚଳନ୍ତି ପ୍ରତିମା ଶ୍ରୀରାମ ଓ ଲକ୍ଷ୍ମଣଙ୍କୁ ପ୍ରଦାନ କରିଥିଲେ। ପରେ ମହାଜନ ସେବକ ଠାକୁରଙ୍କୁ ନେଇ ମୁକ୍ତିମଣ୍ଡପ ନିକଟ ପାଲିଙ୍କିରେ ବିଜେ କରାଇଥିଲେ। ପରେ ସାହିଯାତ ନୀତି ନିମନ୍ତେ ଠାକୁର ପାଲିଙ୍କିରେ ଶ୍ରୀଜଗନ୍ନାଥବଲ୍ଲଭକୁ ବିଜେ କରିଥିଲେ। ସେଠାରେ ଠାକୁରମାନଙ୍କୁ ମଠର ଖଟଶେଜ ଉପରକୁ ବିଜେ କରାଯାଇ ଥିଲା। ଦୋଳମଣ୍ଡପ ସାହି ଜହ୍ନିମୁଣ୍ଡିଆ ଆଖଡ଼ା ପକ୍ଷରୁ ଲଙ୍କାପୋଡ଼ି ନୀତି ପ୍ରସ୍ତାବ ଆଗତ ହୋଇଥିଲା। ଦୋଳମଣ୍ଡପ ସାହି ପକ୍ଷରୁ ହନୁମାନ ଓ ରାବଣ ଜଗନ୍ନାଥ ବଲ୍ଲଭକୁ ଯାଇ ନୀତି ସମ୍ପାଦନ କରିଥିଲେ। ଠାକୁରଙ୍କୁ ଶୀତଳ ଭୋଗ ମଣୋହି କରାଯିବା ପରେ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ଦୋଳମଣ୍ଡପ ସାହି ଆଖଡ଼ା ପକ୍ଷରୁ ସମସ୍ତ ନୀତି ସମ୍ପାଦନ ସହ ଯାତ ବାହାରିଥିଲା। ଯଦୁତିଆଡ଼ି ଯାଗା, ଚମ୍ପାଗଡ଼ ଯାଗା, ବଜ୍ରଗଡ଼ ଅମିନ ଯାଗା, ଜଗତ ପ୍ରତିହାରୀ ଯାଗା, ସୁଗ୍ରୀବଗଡ଼ ନୂଆତୋଟା ଯାଗା, ଅମିନ ଯାଗା ପ୍ରଭୃତିରୁ ଯାତ ବାହାରିଥିଲା। ରାବଣ ସହ ସାହିର ଯୁବକମାନେ ସପ୍ତଶିରା, ତ୍ରିଶାରା, କାଳୀ, ନାଗା ଆଦି ବିଭିନ୍ନ ପ୍ରକାର ମେଢ, ନାଗା ସହ ସମରକଳା ପ୍ରଦର୍ଶନ କରି ବାଦିସାହି କୁଣ୍ଡେଇବେଣ୍ଟ ସାହିକୁ ଯାଇଥିଲେ। ସେହିପରି ସକାଳେ ଦୋଳମଣ୍ଡପ ସାହିର ରାବଣ ବାହାରି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରି ସାହି ପରିକ୍ରମା କରିଥିଲେ। ସୂଚନାଯୋଗ୍ୟ, ଶ୍ରୀମନ୍ଦିରରେ ରାମନବମୀରେ ରାମଜନ୍ମ ନୀତିଠାରୁ ଶ୍ରୀକ୍ଷେତ୍ରରେ ଆରମ୍ଭ ହୋଇଥିବା ସାହିଯାତ ରାମ ଅଭିଷେକ ନୀତିରେ ଶେଷ ହେବ।

## 'ସମାଜକୁ ଦିଗ୍‌ଦର୍ଶନ ଦିଏ ଆଧ୍ୟାତ୍ମିକ ନୃତ୍ୟ ସଙ୍ଗୀତ'




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

### ବେଗୁନିଆରେ ଓଡ଼ିଶୀ ସଙ୍ଗୀତ ଦିବସ

**ବେଗୁନିଆ,୫।୪(ଡି.ଏନ୍.ଏ.)**

ବେଗୁନିଆ ସଦର ମହକୁମାସ୍ଥିତ ଶାସ୍ତ୍ରୀୟ ସଙ୍ଗୀତ ଅନୁଷ୍ଠାନ ପରିସରରେ ବୁଧବାର ବିଂଶତମ ଓଡ଼ିଶୀ ସଙ୍ଗୀତ ଦିବସ ପାଳିତ ହୋଇଯାଇଛି। ପ୍ରତିବର୍ଷ ଭଳି ଚଳିତବର୍ଷ ଶ୍ରୀ ଜଗନ୍ନାଥ ସଙ୍ଗୀତାୟନ ଆନୁକୂଲ୍ୟରେ ଆୟୋଜିତ ସମାରୋହରେ ଆଧ୍ୟାତ୍ମିକ ଓ ସୃଜନାତ୍ମକ ସଙ୍ଗୀତ ପରିବେଷଣ ହୋଇଥିଲା। ଅନୁଷ୍ଠାନ ସଭାପତି ଭାଗିରଥି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଓଡ଼ିଶୀ ସଙ୍ଗୀତ ଗବେଷକ କୀର୍ତ୍ତନ ନାରାୟଣ ପାଢ଼ୀ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ବିଶାରଦ ପ୍ରଦୀପ ତ୍ରିପାଠୀ, ରଘୁନାଥ ସାହୁ, କଳ୍ପତରୁ ପଣ୍ଡା, ଶ୍ରୀକୁମାର ସାହୁ, ଜ୍ଞାନ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶୀ ଛାନ୍ଦ, ଚମ୍ପୂ ଓ ଆଧ୍ୟାତ୍ମିକ ସଙ୍ଗୀତ ନୃତ୍ୟ ପରିବେଷଣ ଆଦି ସୁସ୍ଥ ସମାଜ ଗଠନରେ ସହାୟକ ହୋଇପାରିବ ବୋଲି ଅତିଥି ପାଢ଼ୀ କହିଥିଲେ। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ବହୁ ଛାତ୍ରୀଛାତ୍ର, ଓଡ଼ିଶୀ କଳାକାରମାନେ ଯୋଗଦେଇ ଆଧ୍ୟାତ୍ମିକ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ। ଗୁରୁ ଅତସି ରଞ୍ଜନ ସୁବୁଦ୍ଧି, ଗୁରୁମା ନିଭା ଦେବୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## 'ଠିକ୍ ମାର୍ଗଦର୍ଶନ ଦ୍ୱାରା ବିଦ୍ୟାର୍ଥୀଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବ'



ବାର୍ଷିକ ଉତ୍ସବରେ ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

### ନିରାକାରପୁର ଡିଏଭି ପବ୍ଲିକ ସ୍କୁଲର ୧୦ତମ ବାର୍ଷିକୋତ୍ସବ

**ନିରାକାରପୁର,୫।୪(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତସ୍ଥିତ ଡିଏଭି ପବ୍ଲିକ ସ୍କୁଲର ୧୦ତମ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପୁରୀ ସେଣ୍ଟ ଜାଭିୟର୍ସ ସ୍କୁଲ ଅଧ୍ୟକ୍ଷ ଦୀପକ କୁମାର ମିଶ୍ର, ମୁଖ୍ୟ ବକ୍ତା ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଲକ୍ଷ୍ମୀଧର ମିଶ୍ର, ସ୍କୁଲ ନିର୍ଦ୍ଦେଶକ ଛବିରାମ ପରିଡା, ସାମାଜୀକକର୍ମୀ ପୂର୍ଣ୍ଣଚନ୍ଦ୍ର ଦାଶ, ସ୍କୁଲ ପରିଚାଳନା କମିଟି ସଭାପତି ଭାସ୍କର ଚନ୍ଦ୍ର ମଙ୍ଗରାଜ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷକ, ଅଭିଭାବକ ଓ ସୁସ୍ଥ ପରିବେଶ ରହିଲେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଉଜ୍ଜ୍ୱଳମୟ ହେବା ସହିତ ସବୁକ୍ଷେତ୍ରରେ ପାରଦର୍ଶିତା ଲାଭ କରିପାରିବେ। ପାଠ ପଢ଼ିବା ସହିତ ଭଲ ମଣିଷ ହୋଇ ସାମାଜର ଜଣେ ପ୍ରତିଷ୍ଠ ବ୍ୟକ୍ତି ହେଲେ ସ୍କୁଲର ସମ୍ମାନ ହେବ ବୋଲି ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଚଳିତ ବର୍ଷ ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସ୍କୁଲ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ଭୋଳ ପୌରୋହିତ୍ୟ କରିବା ସହିତ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷୟିତ୍ରୀ ଯସ୍ମିନ ଚମ୍ପତିରାୟ ମଞ୍ଚ ପରିଚାଳନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ହାଇୱା ପଛରେ ପିଟିହେଲା ଅଟୋ

**ବାରଙ୍ଗ,୫।୪(ଡି.ଏନ୍.ଏ.)**

ନରାଜ ବ୍ୟାରେଜ ଉପରେ ଯାଉଥିବା ଏକ ବାଲିବୋଝେଇ ହାଇୱା ସହ ଏକ ଅଟୋ ବୁଧବାର ପିଟି ହୋଇଛି। ହେଲେ ସେଥିରେ ଥିବା ୪ ସ୍କୁଲ ଛାତ୍ରଙ୍କ ସମେତ ଜଣେ ଶିକ୍ଷୟିତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ମୁତାବକ, ପୂର୍ବାହ୍ନ ସାଢ଼େ ୧୧ଟା ବେଳେ କଟକ ସିଡିଏ ସେକ୍ଟର-୯ରେ ଥିବା ଏକ ସରସ୍ୱତୀ ଶିଶୁ ମନ୍ଦିରରୁ ଅଟୋ ୪ ଛାତ୍ର ଓ ଜଣେ ଶିକ୍ଷୟିତ୍ରୀଙ୍କୁ ନେଇ ନରାଜ ଅଭିମୁଖେ ଯାଉଥିଲା। ଏହି ସମୟରେ ନରାଜ ବ୍ୟାରେଜ ଉପରେ ଯାଉଥିବା ଏକ ବାଲି ବୋଝେଇ ହାଇୱା ହଠାତ୍ ବ୍ରେକ ମାରିଥିଲା। ଫଳରେ ପଛରେ ଆସୁଥିବା ଅଟୋ ତା' ସହ ପିଟି ହୋଇ ଭାଙ୍ଗି ଯାଇଥିଲା। ହେଲେ ସୌଭାଗ୍ୟବଶତଃ ଅଟୋରେ ଥିବା ସମସ୍ତେ ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ବାଲିବୋଝେଇ ହାଇୱାକୁ ଅଟକାଇ ଗୋଡିସାହି ଫାଣ୍ଡି ପୋଲିସକୁ ଖବର ଦେଇଥିଲେ। ପୋଲିସ ସେଠାରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରିଥିଲା।

## ୭ ମାସ ପରେ ଫେରାର ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୫।୪ (ବ୍ୟୁରୋ)**

ଟୁରିଷ୍ଟ ବସ୍‌ରୁ ଡକାୟତ ଯୋଜନା ଘଟଣାରେ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ୭ ମାସ ପରେ ଶ୍ରୀଲିଙ୍ଗରାଜ ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅଞ୍ଚଳର ବବଲୁ ବେହେରା। ଏହି ଘଟଣାରେ ପୂର୍ବରୁ ୩ ଜଣ ଗିରଫ ହୋଇସାରିଛନ୍ତି। ଗତ ବର୍ଷ ସେପ୍ଟେମ୍ବରରେ ବି.ଏମ.ସି ମାର୍କେଟ କମ୍ପ୍ଲେକ୍ସ ନିକଟରେ ଥିବା ଟୁରିଷ୍ଟ ବସଗୁଡିକରୁ ଡକାୟତି କରିବାକୁ ଯୋଜନା କରୁଥିଲେ। ପୋଲିସ ସେଠାରେ ଚଢ଼ାଉ ୩ଜଣଙ୍କୁ କାବୁ କରିଥିବା ବେଳେ ବବଲୁ ଫେରାର ହୋଇଯାଇଥିଲେ।

## 'ନିବିଡ଼ତା ବଢ଼ିଛି, ସ୍ନେହର ବନ୍ଧନ ଯୋଡ଼ିଛି'

**ଖୋର୍ଦ୍ଧା ଅଫିସ,୫।୪**



ଜଟଣୀ ବ୍ଲକ ବଡ଼ତୋଟା ପଞ୍ଚାୟତ ଭୀମପୁର ଗ୍ରାମର ସୁଶାନ୍ତ ନାୟକ(୩୫)। ଯୁବାବସ୍ଥାରେ ଘରୋଇ କମ୍ପାନୀରେ କାମ କରୁଥିଲେ। ସେହି ସମୟରେ ଖବରକାଗଜ ବିତରକ ଗୋପୀନାଥ ମହାରଣାଙ୍କ ସଂସ୍ପର୍ଶରେ ଆସିବା ପରେ ସେ ଏଥିରେ ଯୋଡି ହୋଇଥିଲେ। ସୁଶାନ୍ତ କୁହନ୍ତି, ପ୍ରଥମେ ୧୦ଖଣ୍ଡ ଖବରକାଗଜରୁ ଅଭିଯାନ ଆରମ୍ଭ କରିଥିଲି। ପରବର୍ତ୍ତୀ ସମୟରେ ୪ଶହ ଖଣ୍ଡ ପେପର ବିକ୍ରି କରୁଥିଲି। ଏପରିକି ଗତ କିଛି ବର୍ଷ ଧରିତ୍ରୀର ଏଜେନ୍‌ଶିପ୍ ନେଇଛି। ଏଥିସହିତ ଅନ୍ୟ ଖବରକାଗଜ ମଧ୍ୟ ବିକ୍ରି କରୁଛନ୍ତି। ସକାଳ ୫ଟାରେ ପେପର ପଏଣ୍ଟରେ ପହଞ୍ଚିବା ପରେ ଆରମ୍ଭ ହୋଇଥାଏ ଯାତ୍ରା। ସମୟ ଥିଲା ଲୋକେ ପେପର ଖଣ୍ଡେ ପାଇବା ପାଇଁ ଆଗ୍ରହର ସହ ଅପେକ୍ଷା କରୁଥିଲେ। ଚାହିଦା ଅନୁସାରେ ପେପର ଖଣ୍ଡେ ପହଞ୍ଚାଇଦେଲେ ପାଠକ ବି ଆନନ୍ଦିତ ହୋଇଥାନ୍ତି। ଦୀର୍ଘ ୧୨ବର୍ଷରୁ ଊର୍ଦ୍ଧ୍ୱ ପ୍ରାୟ ଶହେରୁ ଅଧିକ ଗ୍ରାହକଙ୍କ ସହ ନିବିଡ଼ତା ବଢ଼ିଛି। ଅନେକଙ୍କ ସହ ସ୍ନେହର ବନ୍ଧନ ଯୋଡି ହୋଇଯାଇଛି। ଖୋର୍ଦ୍ଧା ଆଖପାଖ ଅଞ୍ଚଳ ସମେତ ବେଲପଡ଼ା, ବଡତୋଟା, ଭୀମପୁର, ଉପରବସ୍ତ ଅଞ୍ଚଳରେ ପେପର ଦେଇଥାଏ। ତେବେ କରୋନା ମହାମାରୀ ସମୟରେ ସଂକ୍ରମଣ ଭୟରେ ଲୋକେ ଖବରକାଗଜ ନେବା ବନ୍ଦ କରିଦେଲେ। ଯେଉଁଠି ୩ଶହ କପି ବିକ୍ରି ହେଉଥିଲା, ସେଠି ସଂଖ୍ୟା ୨ଶହ ତଳକୁ ଖସିଗଲା। ଅଧିକାଂଶ ଲୋକଙ୍କ ନିକଟରେ ଖବରକାଗଜ ବାବଦ ମାସିକ ଟଙ୍କା ରହିଗଲା। କରୋନା କଟକଣା ହଟିବା ପରେ ଏବେ ସ୍ଥିତି ସ୍ୱାଭାବିକ ହୋଇଛି। ଖବରକାଗଜ ବନ୍ଦ କରିଥିବା ଲୋକେ ନେବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ମୋ ବୟସର ସାଙ୍ଗସାଥିମାନେ ନିଜସ୍ୱ ବ୍ୟବସାୟ, ବାହାର ରାଜ୍ୟରେ କାମ କରୁଥିବା ବେଳେ ଖବରକାଗଜ ବିତରଣ ପ୍ରତି ଏକ ବିଶେଷ ରୁଚି ରହିଛି। ରାତି ପାହିଲେ, ଅଧିକାଂଶ ଲୋକେ ଆସିବା ବାଟକୁ ଅପେକ୍ଷା କରିଥାନ୍ତି। ଆଜିର ଇଣ୍ଟରନେଟ ଯୁଗରେ ପେପର ସ୍ଥାନ ଇ-ପେପର ନେଇଛି। ରାତି ନ ପାହୁଣୁ ଲୋକ ଘରେ ବସି ମୋବାଇଲରେ ଦୈନିକ ଖବର ପାଇଯାଉଛନ୍ତି। ଏହା ସତ୍ତ୍ୱେ ଖବରକାଗଜ ପ୍ରତି ଲୋକଙ୍କ ଆଗ୍ରହ ଓ ରୁଚି ରହିଛି।

### ଚୋରି କରି ବନ୍ଧାପଡ଼ିଥିବା ଠାକୁର ମୁକ୍ତ ହେଲେ

# ମହାପ୍ରଭୁଙ୍କୁ ଲାଗିହେଲା ଦୟଣା

**ପୁରୀ ଅଫିସ, ୫।୪**

ଚୈତ୍ର ମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀରେ ବୁଧବାର ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଦୟଣାଲାଗି ନୀତି ସମ୍ପନ୍ନ ହୋଇଛି। ପୂର୍ବଦିନ ଅର୍ଥାତ ମଙ୍ଗଳବାର ଚୈତ୍ର ଶୁକ୍ଳ ତ୍ରୟୋଦଶୀରେ ରାମ ଓ କୃଷ୍ଣଙ୍କ ଦ୍ୱାରା ଦୟଣା ଚୋରି ନୀତି ସମ୍ପନ୍ନ ହୋଇଥିଲା। ପରେ ଦୟଣା ଚୋରି କରି ଶ୍ରୀମଦନମୋହନ, ଶ୍ରୀଦେବୀ, ଭୂଦେବୀ ଭୋଗମଣ୍ଡପ ଘରେ ବନ୍ଧା ପଡ଼ିଥିଲେ। ବନ୍ଧା ପଡ଼ିଥିବା ଶ୍ରୀମଦନମୋହନ, ଶ୍ରୀଦେବୀ, ଭୂଦେବୀଙ୍କୁ ବୁଧବାର ଚତୁର୍ଦ୍ଦଶୀ ତିଥିରେ ମୁକ୍ତ କରାଯାଇଥିଲା। ପରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ପ୍ରଭୁଶ୍ରୀବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କୁ ଦୟଣା ଲାଗି କରାଯାଇଥିଲା।

ପରମ୍ପରା ଅନୁଯାୟୀ, ବୁଧବାର ଶ୍ରୀମନ୍ଦିରରେ ସକାଳ ଧୂପ ସରିବା ପରେ ଠାକୁରଙ୍କ ମହାସ୍ନାନ ହୋଇଥିଲା। ପରେ ଘଟୁଆରୀ ଘରଠାରୁ ପୂଜାପଣ୍ଡା ସାମନ୍ତ, ପତି ମହାପାତ୍ର ଏବଂ ମୁଦିରସ୍ତ ପିଙ୍ଗଣରେ ଚନ୍ଦନ ଆଣି ରତ୍ନସିଂହାସନକୁ ବିଜେ କରାଇ ଥିଲେ। ଶ୍ରୀବିଗ୍ରହମାନଙ୍କ ସର୍ବାଙ୍ଗ ଲାଗି କରାଯାଇଥିଲା। ଏହାପରେ ନୂଆ ଲୁଗା ଲାଗିହୋଇ ବେଶ ବଢିଥିଲା। ଶ୍ରୀବିଗ୍ରହମାନଙ୍କୁ ୬ମୂର୍ତ୍ତି ଅଳଙ୍କାର ଲାଗି କରାଯାଇଥିଲା। ପରେ ପୂଜାପଣ୍ଡା, ପତି ମହାପାତ୍ର ଏବଂ ମୁଦିରସ୍ତ ଭୋଗମଣ୍ଡପ ଘରକୁ ଯାଇଥିଲେ। ତିନି ପୁଷ୍ପାଳକ ତିନିବାଡ଼ ଚାଙ୍ଗୁଡ଼ି ଧରିଥିଲେ। ମହାଜନ ସେବକମାନେ ଶ୍ରୀମଦନମୋହନ, ଭୂଦେବୀ, ଶ୍ରୀଦେବୀଙ୍କୁ ହାତରେ ବିଜେ କରାଇ ଘଣ୍ଟା, ଛତା, କାହାଳୀ ସହିତ ଶ୍ରୀମନ୍ଦିର ଭିତରବେଢ଼ାରେ ୩ ଘେରା ପରିକ୍ରମା କରି ରତ୍ନସିଂହାସନରେ ବିଜେ କରାଇଥିଲେ। ପରେ ତିନି ଠାକୁରଙ୍କୁ ଦୟଣା ଲାଗି କରାଯାଇଥିଲା। ମୁଦିରସ୍ତ ପ୍ରସାଦ ଲାଗି କଲା ପରେ ତିନିଜଣ ପୂଜାପଣ୍ଡା ଷୋଡ଼ଶ ଉପଚାରରେ ଭୋଗ କରିଥିଲେ। ପରେ ପାଣି ପଡ଼ି ବନ୍ଦାପନା ହେବା ପରେ ଦୟଣା ମଇଲମ ହୋଇ ଶ୍ରୀନଅରକୁ ପଠାଯାଇଥିଲା। ଶ୍ରୀମଦନମୋହନ ଦକ୍ଷିଣୀ ଘର ବିଜେ କରିବା ପରେ ଭୋଗଲାଗି ସମ୍ପନ୍ନ ହୋଇ ଦୈନନ୍ଦିନ ନୀତି ବଢିଥିଲା।

## 'ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରେ କୌତୁକ ପୋଷାକ'



କାର୍ଯ୍ୟକ୍ରମରେ ଉପସ୍ଥିତ ଶିକ୍ଷୟିତ୍ରୀଶିକ୍ଷକ ଏବଂ ଅନ୍ୟମାନେ।

**ବେଗୁନିଆ,୫।୪(ଡି.ଏନ୍.ଏ.)**

ବେଗୁନିଆ ସଦର ମହକୁମାସ୍ଥିତ ନାଳନ୍ଦା ପବ୍ଲିକ ସ୍କୁଲ ପକ୍ଷରୁ ପ୍ରବେଶ ଉତ୍ସବ ପାଳିତ ହୋଇଯାଇଛି। ଛାତ୍ରୀଛାତ୍ରମାନଙ୍କୁ ସମ୍ମାନ ସମ୍ବର୍ଦ୍ଧନା ପୂର୍ବକ ସ୍ୱାଗତ କରାଯାଇଥିଲା। ସେହିପରି ପିଲାମାନଙ୍କୁ ଉତ୍ସାହିତ କରିବା ପାଇଁ କୌତୁକ ପୋଷାକ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷ ରାଜେଶ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସ୍କୁଲର ଉପଦେଷ୍ଟା ଅଖିଳେଶ ମହାପାତ୍ର ମୁଖ୍ୟ ଅତିଥି ଓ ସଭାପତି ଅଜୟ କୁମାର ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପିଲାମାନଙ୍କ ଉନ୍ନତ ଶିକ୍ଷାର ପ୍ରସାର କ୍ଷେତ୍ରରେ ଘରୋଇ ସ୍କୁଲ ଅନେକ ବ୍ୟବସ୍ଥା କରୁଛି। ସେହିପରି ପିଲାମାନଙ୍କୁ ଉତ୍ସାହିତ କରିବା ପାଇଁ ବିଭିନ୍ନ ସମୟରେ ଅନେକ ପ୍ରତିଯୋଗିତା ଆୟୋଜନ ହୋଇଥାଏ। ସେଥିମଧ୍ୟରୁ କୌତୁକ ପୋଷାକ ପ୍ରତିଯୋଗିତା ଅନ୍ୟତମ। ବିଭିନ୍ନ ନାମରେ ନାମିତ ଠାକୁର ଏବଂ ମହାପୁରୁଷମାନେ ପିନ୍ଧୁଥିବା ପୋଷାକର ସ୍ମୃତିକୁ ପିଲାମାନେ ମନେ ରଖିବା ପାଇଁ ଏହି ପ୍ରତିଯୋଗିତାର ମୂଳ ଉଦ୍ଦେଶ୍ୟ ବୋଲି ଅତିଥି ମହାପାତ୍ର କହିଥିଲେ। ଜ୍ୟୋସ୍ନାରାଣୀ ମହାରଣା, ସାବିତ୍ରୀ ତ୍ରିପାଠୀ, ଅମିତା ପଟ୍ଟନାୟକ, ପ୍ରିୟଙ୍କା ପ୍ରିୟଦର୍ଶିନୀ, ରେଣୁବାଳା ଭୂୟାଁ, ଗୀତାଞ୍ଜଳୀ ବେହେରା, ରଶ୍ମିତା ପ୍ରିୟଦର୍ଶିନୀ, ବର୍ଷା ରାଣୀ ସୁନ୍ଦରାୟ, ସୁଶ୍ରୀ ସଙ୍ଗୀତା, ଲକ୍ଷ୍ମୀପ୍ରିୟା ସାହୁ, ଟୁଟୁବାଳା ଚମ୍ପତି, ଭାଗୀରଥି ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଭାକର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ଅପହୃତ ନାବାଳିକା ଉଦ୍ଧାର, ଯୁବକ ଗିରଫ

**ଭୁବନେଶ୍ୱର,୫।୪ (ବ୍ୟୁରୋ)**

ବିବାହର ମିଥ୍ୟା ପ୍ରଲୋଭନ ଦେଇ ନାବାଳିକାଙ୍କୁ ଅପହରଣ କରିବା ଅଭିଯୋଗରେ ଇନଫୋସିଟି ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏହାସହ ନାବାଳିକାଙ୍କୁ ଅଭିଯୁକ୍ତଙ୍କ କବଳରୁ ଉଦ୍ଧାର କରିଛି ପୋଲିସ। ଅପହରଣକାରୀ ହେଲେ ଟାଙ୍ଗୀ ଥାନା ଅଞ୍ଚଳର ଆଦିକାନ୍ତ ସାହୁ। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ପୋଲିସ ସୂଚନାନୁଯାୟୀ ଅଭିଯୁକ୍ତ ଆଦିକନ୍ଦ ଏବଂ ପୀଡିତା ନାବାଳିକାଙ୍କ ସହିତ ପୂର୍ବରୁ ପରିଚିତ ହୋଇଥିଲେ । ଏହାପରେ ସମ୍ପୃକ୍ତ ପୀଡିତା ନାବାଳିକା ଜାଣିବା ସତ୍ତ୍ୱେ ବିବାହ କରିବାକୁ ମିଥ୍ୟା ଆଶ୍ୱାସନା ଦେଇ ଆଦିକାନ୍ତ ପୂର୍ବ ଯୋଜନା ମୁତବକ ଗତ ଏପ୍ରିଲ ୨ରେ ଘର ବାହାରକୁ ଡାକି ଅପହରଣ କରି ନେଇଥିଲେ। ଏନେଇ ନାବାଳିକାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଏହାପରେ ଯୁବକ ନାବାଳିକାଙ୍କୁ ଟାଙ୍ଗୀ ଥାନା ଅନ୍ତର୍ଗତ ଶିଙ୍ଗରାମାରରେ ରଖିଥିବା ଜାଣିବାକୁ ପାଇଥିଲା। ତେଣୁ ଗୋଟିଏ ଟିମ୍ ମଙ୍ଗଳବାର ଚଢାଉ କରି ଅଭିଯୁକ୍ତକୁ ଧରିବା ସହ ନାବାଳିକାଙ୍କୁ ଉଦ୍ଧାର କରିଥିଲା ।

# ଷଡ଼ଯନ୍ତ୍ରକାରୀଙ୍କ ସମେତ ୫ ଗିରଫ

**ଭୁବନେଶ୍ୱର,୫।୪ (ବ୍ୟୁରୋ)**



ଗିରଫ ୫ ଅଭିଯୁକ୍ତ।

ନୟାପଲ୍ଲୀ ଥାନା ଅଞ୍ଚଳରେ ଏକ ବିବାଦୀୟ ଜମିକୁ ଅକ୍ତିଆର କରିବାକୁ ଯାଇ ରାତି ଅଧରେ ଜେସିବି ଲଗାଇ ଦୋକାନ ଘର ଭାଙ୍ଗି ଲୁଟ କରିବା ଘଟଣାରେ କମିଶନରେଟ ପୋଲିସ ଷଡ଼ଯନ୍ତ୍ରୀକାରୀଙ୍କ ସମେତ ଆଉ ୫ଜଣଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ସାଲିଆ ସାହିରେ ରହୁଥିବା କଟକର ଶ୍ରୀନିବାସ ସାହୁ, ବାଲିଅନ୍ତା ଥାନା ଅଞ୍ଚଳର ସନ୍ଦୀପ ନାଥ, ଷଡ଼ଯନ୍ତ୍ରୀକାରୀ ନବକିଶୋର ପରିଡା, ଜଗତ୍‌ସିଂହପୁରର ପ୍ରଶାନ୍ତ କୁମାର ସ୍ୱାଇଁ ଓ ଚନ୍ଦକାରେ ରହୁଥିବା କଟକର ସୁବାସ ପାଇକରାୟ। ଏହି ୫ଜଣଙ୍କୁ ପଚରାଉଚରା ବେଳେ ପୋଲିସ ଆହୁରି ଏକ ନୂଆ ତଥ୍ୟ ପାଇଛି। ଘଟଣା ପୂର୍ବରୁ ହାଇଟେକ ଅଞ୍ଚଳରେ ନବକିଶୋରଙ୍କର ଥିବା ଏକ ଗେଷ୍ଟ ହାଉସରେ ଭୋଜି କରିଥିଲେ। ପରେ ଏକତ୍ରିତ ହୋଇ ସେଠାରୁ ଦଳବଦ୍ଧ ହୋଇ ଆସି ଭଙ୍ଗାରୁଜା କରିଥିଲେ ବୋଲି ପୋଲିସ ଜାଣିବାକୁ ପାଇଛି। ତେଣୁ ଉକ୍ତ ଗେଷ୍ଟ ହାଉସକୁ ସିଲ୍ କରାଯାଇଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟପଟେ ଏହାକୁ ମିଶାଇ ଘଟଣାରେ ଗିରଫ ସଂଖ୍ୟା ୧୪ କୁ ବୃଦ୍ଧି ପାଇଥିବା ବେଳେ ମୁଖ୍ୟ ଅଭିଯୁକ୍ତ ରାଘବ ଜେନାଙ୍କ ସମେତ ଏକାଧିକ ବ୍ୟକ୍ତି ଏବେ ବି ଫେରାର ଅଛନ୍ତି। ତେଣୁ ସେମାନଙ୍କୁ ଧରିବା ଲାଗି ୩ ଟିମ ଗଠନ କରାଯାଇଛି। ଏପରିକି ରାଜ୍ୟ ବାହାରକୁ ଗୋଟିଏ ଟିମ ଯାଇଥିବା କୁହାଯାଇଛି। ସୂଚନାଯୋଗ୍ୟ, ନୟାପଲ୍ଲୀ ଥାନା ଅଞ୍ଚଳରେ ଥିବା ପ୍ଲଟ୍ ନଂ.୧୪୭୦ ବିବାଦୀୟ ଜମିରେ ଘର ଭଡ଼ା ନେଇ ଦୋକାନ କରିଥିଲେ ସୁବାସ ଅଗ୍ରୱାଲ ଓ ସୁବାସ ସାମଲ । ତେଣୁ ଏହି ବିବାଦୀୟ ଜମିକୁ ଅକ୍ତିଆର କରିବା ପାଇଁ ସୁପାରି ନେଇ ଗତ ୨୪ ତାରିଖ ବିଳମ୍ବିତ ରାତିରେ ୫୦ରୁ ଅଧିକ ବ୍ୟକ୍ତି ବସ୍, ଜେସିବି ଓ ବାଇକ୍‌ରେ ଆସି ହଠାତ ଦୋକାନକୁ ଭାଙ୍ଗି ଦେବା ସହ ବହୁ ଟଙ୍କାର ଜିନିଷ ଚୋରି କରି ନେଇଥିଲେ। ଏ ନେଇ ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ କରି ବିବାଦୀୟ ଜମିକୁ ପୋଜେସନ ମାମଲାରେ ପ୍ରଥମେ ୭ଜଣ ବାଉନସରଙ୍କୁ ପରେ ସମ୍ପୃକ୍ତ ୨ ମହିଳାଙ୍କୁ ଗିରଫ କରିଥିଲା।

### ବିବାଦୀୟ ଜମିରେ ଦୋକାନ ଭାଙ୍ଗି ଲୁଟ୍ ଘଟଣା

- ପୂର୍ବରୁ ୭ ବାଉନ୍‌ସର ଓ ୨ ମହିଳା ଗିରଫ ହୋଇଥିଲେ
- ଗେଷ୍ଟ ହାଉସ୍ ସିଲ୍ କଲା ପୋଲିସ

## ସଂକ୍ଷେପରେ

### 'ଅଭିନନ୍ଦନ'ରେ ପ୍ରତିଭା ପ୍ରଦର୍ଶନ କଲେ ଛାତ୍ରୀଛାତ୍ର

**ପୁରୀ ଅଫିସ, ୫।୪:** ସାମନ୍ତ ଚନ୍ଦ୍ରଶେଖର (ଏସ୍‌ସିଏସ୍) ସ୍ୱୟଂଶାସିତ ମହାବିଦ୍ୟାଳୟର ଏମ୍‌ବିଏ, ଏମ୍‌କମ୍ (ଏଫ୍‌ଆଣ୍ଡ୍‌ସି) ଏବଂ ବିବିଏ ବିଭାଗର ବାର୍ଷିକ ମହୋତ୍ସବ 'ଅଭିନନ୍ଦନ-୨୦୨୩' ବୁଧବାର ସଂସ୍କୃତି ଭବନ ପରିସରରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଅଧକ୍ଷା ପ୍ରଫେସର ଡ. ସୁଜାତା ମିଶ୍ର ଉଦ୍‌ଘାଟନ କରି ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭା ପ୍ରତିପାଦନ କରିବା ପାଇଁ ଏହା ଏକ ପ୍ରକୃଷ୍ଟ ମାଧମ ବୋଲି ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଭୂଗୋଳ ବିଭାଗର ମୁଖ୍ୟ ପ୍ରଫେସର ଡ. ମିହିର ପ୍ରସାଦ ମିଶ୍ର ଯୋଗଦେଇ ଏଭଳି କାର୍ଯ୍ୟକ୍ରମ ଜୀବନକୁ ସାବଳୀଳ କରେ ବୋଲି ମତ ପ୍ରକାଶ କରିଥିଲେ। ବିବିଏ, ଏମ୍‌ବିଏ, ଏବଂ ଏମ୍‌ଏଫ୍‌ସି ବିଭାଗର ସଂଯୋଜକ ଚିତ୍ତରଞ୍ଜନ ଦ୍ୱିବେଦୀ ଏବଂ ବିଭାଗୀୟ ମୁଖ୍ୟ ଡ. ସତ୍ୟ ପ୍ରକାଶ ମିଶ୍ର ଜୀବନରେ ଶୃଙ୍ଖଳିତ ଓ ଉତ୍ତମ ନାଗରିକ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ପରେ ବିଦ୍ୟାର୍ଥୀମାନଙ୍କ ପକ୍ଷରୁ ସମବେତ ନୃତ୍ୟ, ଏକକ ନୃତ୍ୟ ଓ ଏକକ ସଙ୍ଗୀତ ପରିବେଷଣ କରାଯାଇଥିଲା। ପରେ ର୍‍ୟାମ୍ପ୍ ଶୋ ହୋଇଥିଲା। ର୍‍ୟାମ୍ପ୍ ଶୋ'କୁ ଆଶୁତୋଷ, ରୁଦ୍ର, ଆଶିଷ, ଶୋଭାନେଶ୍ୱର, ସ୍ନିଗ୍ଧା, ଜୟଶ୍ରୀ, ପ୍ରିୟଙ୍କା, ସୁମିତ, ଶୁଭ୍ରକାନ୍ତ, ଗୌତମ, ସ୍ମୃତିରେଖା, କାର୍ତ୍ତି, ନିଶାନ୍ତ, ନିବେଦିତା, କୁଳଦୀପ, ନିହାର, ବୋଧଦୀପ୍ତ, ମୃତିଷ୍ଠା, ସ୍ଥିତି ପ୍ରମୁଖ ପରିଚାଳନା କରିଥିଲେ।

### ଭିଜିଲାନ୍ସ ଏସ୍‌ପିଙ୍କ ନିକଟରେ ଅଭିଯୋଗ
#### ବିନା ଏନ୍‌ଇଇଟିରେ ପଢୁଛନ୍ତି ଆୟୁର୍ବେଦ ପାଠ ପ୍ରସଙ୍ଗ

**ଖୋର୍ଦ୍ଧା ଅଫିସ,୫।୪:** ବଲାଙ୍ଗୀରରେ ନକଲି ସାର୍ଟିଫିକେଟ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ କରୁଛି। ଅନ୍ୟପଟେ ବିନା ଏନ୍‌ଇଇଟି, ନକଲି ସାର୍ଟିଫିକେଟରେ ପିଲାମାନେ ପୁରୀ ଗୋପବନ୍ଧୁ ଆୟୁର୍ବେଦ କଲେଜ ଓ ହସ୍ପିଟାଲରେ ପାଠ ପଢୁଥିବା ଘଟଣାର ଭିଜିଲାନ୍ସ ତଦନ୍ତ ଦାବି କରିଛି ପୁରୀ ସଚେତନ ନାଗରିକ ମଞ୍ଚ। ଏନେଇ ବୁଧବାର ମଞ୍ଚ ଆବାହକ ପ୍ରସନ୍ନ କୁମାର ଦାଶ ଭୁବନେଶ୍ୱର ଭିଜିଲାନ୍ସ ଏସ୍‌ପିଙ୍କୁ ଭେଟି ଏ ସଂକ୍ରାନ୍ତରେ ଆଲୋଚନା କରିବା ସହ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଘଟଣାର ତଦନ୍ତ କରାଗଲେ ବହୁ ଗୁମର ଖୋଲିବ ବୋଲି ପ୍ରସନ୍ନ ଦାବି କରିଛନ୍ତି। ଅନ୍ୟପଟେ ଏ ସଂକ୍ରାନ୍ତରେ 'ଧରିତ୍ରୀ'ରେ ପ୍ରକାଶିତ ଖବରକୁ ଆଧାର କରି କଲେଜ ଅଧକ୍ଷ ଡା. ସୁଦର୍ଶନ ବେହେରା କଲେଜ ଚିଠି କ୍ରମାଙ୍କ ୬୭/୨୩ ରେ ଘଟଣାର ଅନ୍ତରୀଣ ତଦନ୍ତ ଲାଗି ୯ଜଣିଆ କମିଟି ଗଠନ କରିଥିଲେ। ୭ଦିନ ମଧରେ ତଦନ୍ତ ରିପୋର୍ଟ ଦାଖଲ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଚିଠି ନଂ ୬୮(୧୦)/ଜିଏମ/୧୦.୧.୨୩ ପ୍ରକାରେ ଏକାଡେମିକ ସେକ୍ସନ ଦାୟିତ୍ୱରେ ରହିଥିବା ସିନିୟର ଆସିଷ୍ଟାଣ୍ଟ ତାରା ପ୍ରସନ୍ନ ମହାପାତ୍ରଙ୍କୁ ତଦନ୍ତ କମିଟିକୁ ସମସ୍ତ ସହଯୋଗ ଏବଂ ଆଡିମିଶନ ସଂକ୍ରାନ୍ତ ସମସ୍ତ ଡକ୍ୟୁମେଣ୍ଟ ପ୍ରଦାନ ଲାଗି ମଧ ନିର୍ଦ୍ଦେଶ ଦିଆଯାଇଛି। ତେବେ ତଦନ୍ତ ରିପୋର୍ଟକୁ ଚାପି ଦିଆଯାଇଛି ବୋଲି ଚର୍ଚ୍ଚା ହେଉଛି। ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ, ରେଜିଷ୍ଟର ରେକର୍ଡ, ଆଡ୍‌ମିଶନ ସମୟରେ ଆବଶ୍ୟକ ଡକ୍ୟୁମେଣ୍ଟ ଯାଞ୍ଚ ଲାଗି ଦାବି କରିଛନ୍ତି।

# ଜାଲ୍ ପ୍ରମାଣପତ୍ର ଦେଇ ଚାକିରି ଅଭିଯୋଗ

**ପୁରୀ ଅଫିସ, ୫।୪**

**ଜିଲା ସ୍ୱାସ୍ଥ୍ୟ ବିଭାଗରେ କେଳେଙ୍କାରୀ**
- ମାର୍କରେ ରହିନି ତାଳମେଳ
- ଆର୍‌ଟିଆଇ ବଳରେ ମିଳିଲା ତଥ୍ୟ
- ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି

ଶିକ୍ଷା ଓ ସମବାୟ ପରେ ସ୍ୱାସ୍ଥ୍ୟ ବିଭାଗରେ ଜାଲ୍ ପ୍ରମାଣପତ୍ର ଅଭିଯୋଗ ସାମ୍ନାକୁ ଆସିଛି। ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ଅଧୀନରେ ବାଲେଶ୍ୱର ଜିଲାର ଜଣେ ମହିଳା କର୍ମଚାରୀ ଜାଲ୍ ପ୍ରମାଣପତ୍ର ଦେଇ ମେଡିକାଲ ଆଟେଣ୍ଡାଣ୍ଟ ଭାବେ କାର୍ଯ୍ୟ କରୁଥିବା ଅଭିଯୋଗ ହେଉଛି। ଏ ନେଇ ସୂଚନା ଅଧିକାର ଆଇନ (ଆର୍‌ଟିଆଇ) ବଳରେ ତଥ୍ୟ ମିଳିଥିବାବେଳେ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସାଧାରଣରେ ଦାବି ଉଠିଛି।

ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ବାଲେଶ୍ୱର ଜିଲା ବସ୍ତା ଅଞ୍ଚଳର ଏଲ୍. ପଣ୍ଡା ସପ୍ତମ ଶ୍ରେଣୀର ଜାଲ୍ ପ୍ରମାଣପତ୍ର ଦେଇ ଦୀର୍ଘବର୍ଷ ହେଲା ପୁରୀ ଜିଲା ସ୍ୱାସ୍ଥ୍ୟ ବିଭାଗରେ ଆଟେଣ୍ଡାଣ୍ଟ ପଦବୀରେ କାର୍ଯ୍ୟ କରୁଛନ୍ତି। ଏ ସଂକ୍ରାନ୍ତରେ ଜାଣିବା ପରେ ସୂଚନା ଅଧିକାର କର୍ମୀ ଦିଲୀପ ବରାଳ ସମ୍ପୃକ୍ତା ମହିଳା କର୍ମଚାରୀ ସପ୍ତମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ରଖିଥିବା ମାର୍କ ସମ୍ପର୍କରେ ବସ୍ତା ବାଳିକା ଉଚ୍ଚ ବିଦ୍ୟାଳୟକୁ ଦୁଇମାସ ତଳେ ସୂଚନା ଅଧିକାର ଆଇନ ବଳରେ ତଥ୍ୟ ମାଗିଥିଲେ।

ସମ୍ପ୍ରତି ବିଦ୍ୟାଳୟ ପକ୍ଷରୁ ବରାଳଙ୍କୁ ତଥ୍ୟ ଦିଆଯାଇଛି। ୨୦୦୫ ମସିହା ସପ୍ତମଶ୍ରେଣୀ ବୋର୍ଡ ପରୀକ୍ଷାର ଟାବୁଲେଶନ୍ ରେଜିଷ୍ଟର ଏବଂ ବିଦ୍ୟାଳୟରୁ ମିଳିଥିବା ମାର୍କଶିଟ୍‌ର ମାର୍କ ମଧରେ ତାଳମେଳ ରହୁନାହିଁ। ଟାବୁଲେଶନ୍ ରେଜିଷ୍ଟରରେ ଉଲ୍ଲେଖ ଥିବା ମାର୍କ ଅନୁଯାୟୀ ଏଲ୍. ପଣ୍ଡା ସାହିତ୍ୟରେ ୩୪, ଇଂଲିଶରେ ୨୬, ଗଣିତରେ ୨୦, ଇତିହାସରେ ୨୨, ଭୂଗୋଳରେ ୧୯, ସାଧାରଣ ବିଜ୍ଞାନରେ ୩୧, ଚିତ୍ରାଙ୍କନରେ ୨୮ ଏହିପରି ମୋଟ ୫୫୦ ମାର୍କରୁ ୧୮୦ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ଏହି ମାର୍କରୁ ସେ ପରୀକ୍ଷାରେ ତୃତୀୟ ଶ୍ରେଣୀରେ ପାସ୍ କରିଥିବା ଜଣାପଡୁଛି। ଅପରପକ୍ଷରେ କାର୍ଯ୍ୟରତ ସମୟରେ ସମ୍ପୃକ୍ତ ମହିଳା କର୍ମଚାରୀ ଦାଖଲ କରିଥିବା ବିଦ୍ୟାଳୟ ପ୍ରମାଣପତ୍ର ଅନୁଯାୟୀ ତାଙ୍କର ସାହିତ୍ୟରେ ୭୫, ଇଂଲିଶରେ ୮୦, ଗଣିତରେ ୮୯, ବିଜ୍ଞାନରେ ୮୭, ଇତିହାସରେ ୪୮, ଭୂଗୋଳରେ ୪୭ ଏବଂ ଚିତ୍ରାଙ୍କନରେ ୪୪ ନମ୍ବର ରହିଛି। ସର୍ବମୋଟ ପୂର୍ଣ୍ଣସଂଖ୍ୟା ୫୫୦ ନମ୍ବରରୁ ୪୭୦ ରଖି (ପ୍ରଥମ ଶ୍ରେଣୀରେ) ସେ ଉତ୍ତୀର୍ଣ୍ଣ ହୋଇଥିବା ଉଲ୍ଲେଖ କରାଯାଇଛି। ଏପରି ଜାଲିଆତି ଭାବେ ମହିଳା ଜଣକ ଚାକିରି କରୁଥିବା ଜଣାପଡ଼ିଛି। ତେଣୁ ଏ ନେଇ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ସୂଚନା ଅଧିକାର କର୍ମୀ ବରାଳ ଦାବି କରିଛନ୍ତି। ତେବେ ଏ ସଂକ୍ରାନ୍ତରେ ସମ୍ପୃକ୍ତ ମେଡିକାଲ ଆଟେଣ୍ଡାଣ୍ଟଙ୍କ ପ୍ରତିକ୍ରିୟା ମିଳିପାରି ନ ଥିବାବେଳେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡିଏମ୍‌ଓ) ଡା. ସୁଜାତା ମିଶ୍ରଙ୍କୁ ପଚାରିବାରୁ କହିଛନ୍ତି, ତାଙ୍କ ନିକଟକୁ ଏ ନେଇ କୌଣସି ଲିଖିତ ଅଭିଯୋଗ ଆସିନାହିଁ। ଆର୍‌ଟିଆଇ ଅନୁଯାୟୀ କ'ଣ ତଥ୍ୟ ଆସିଛି ସେ ସମ୍ପର୍କରେ ଜାଣିନାହାନ୍ତି। ତେବେ ଜାଲ୍ ପ୍ରମାଣପତ୍ର ଦେଇ ପୁରୀ ଜିଲା ସ୍ୱାସ୍ଥ୍ୟ ବିଭାଗରେ ଯଦି କେହି କାର୍ଯ୍ୟ କରୁଥିବା ତାଙ୍କ ନିକଟରେ ଲିଖିତ ଅଭିଯୋଗ ହୁଏ ତେବେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ଜିଲାପାଳ



କୋଣାର୍କର ଏକ ପ୍ରକଳ୍ପ କାର୍ଯ୍ୟକୁ ଜିଲାପାଳ ସମର୍ଥ ବର୍ମା ତଦାରଖ କରୁଛନ୍ତି।

**କୋଣାର୍କ,୫।୪ (ଡି.ଏନ୍.ଏ.)**

ପୁରୀ ଜିଲାପାଳ ସମର୍ଥ ବର୍ମା ବୁଧବାର ଅପରାହ୍ନରେ କୋଣାର୍କ ପାରିପାର୍ଶ୍ୱିକ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ ସମେତ କୋଣାର୍କ ସନ୍ନିକଟ ଅଞ୍ଚଳରେ ଚାଲିଥିବା ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଖବର ଅନୁଯାୟୀ, ଚନ୍ଦ୍ରଭାଗାଠାରୁ ଲାବଣ୍ୟ ଲଜ ଛକ ପର୍ଯ୍ୟନ୍ତ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ମାଧମରେ ଚାଲିଥିବା ୬ଥାକିଆ ରାସ୍ତା ନିର୍ମାଣରେ ଅହେତୁକ ବିଳମ୍ବ ହେଉଥିବାରୁ କେଉଁ କାରଣରୁ ଏହି କାର୍ଯ୍ୟରେ ବିଳମ୍ବ ଘଟୁଛି ସେନେଇ ଜିଲାପାଳ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସମେତ ଜିଲାର ବିଭିନ୍ନ ପଦାଧିକାରୀ ଓ ସ୍ଥାନୀୟ ଅଧିକାରୀମାନଙ୍କ ସହ ନିଜେ କ୍ଷେତ୍ର ପରିଦର୍ଶନ କରିଥିଲେ। ଏଥିସହ ଜାଗା ଛାଡୁ ନ ଥିବା ବ୍ୟକ୍ତିମାନଙ୍କ ସହିତ ବିଶଦ ଭାବରେ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ଜିଲାପାଳ କୋଣାର୍କ ଭଗବତୀ ମହାବିଦ୍ୟାଳୟ ପରିସରରେ ପୂର୍ତ୍ତ ବିଭାଗ ପକ୍ଷରୁ ପ୍ରାୟ ୬କୋଟି ଟଙ୍କା ବ୍ୟୟରେ ନିର୍ମିତ ବିଜୁ ପଟ୍ଟନାୟକ ଖେଳ ଭବନ ପରିଦର୍ଶନ କରିବା ସହ କାର୍ଯ୍ୟର ମାନ ଦେଖିଥିଲେ। ଏହି ଅବସରରେ ରାମଚଣ୍ଡୀଠାରେ ଚାଲିଥିବା ଉନ୍ନୟନ ପ୍ରକଳ୍ପ କାର୍ଯ୍ୟକୁ ତଦାରଖ କରିବା ସହ ଖୁବ୍‌ଶୀଘ୍ର ଏହାକୁ ଶେଷ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। କୋଣାର୍କ ପାରିପାର୍ଶ୍ୱିକ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ ମାଧମରେ ଚାଲିଥିବା ୬ଥାକିଆ ରାସ୍ତା ନିର୍ମାଣରେ ରହିଥିବା ପ୍ରତିବନ୍ଧକ ଖୁବ୍‌ଶୀଘ୍ର ଦୂର କରାଯାଇ ଏହାର ନିର୍ମାଣ କାର୍ଯ୍ୟ ଶେଷ କରାଯିବ ବୋଲି ଜିଲାପାଳ ବର୍ମା ପ୍ରକାଶ କରିଛନ୍ତି। ଏହି ସମୟରେ ପୁରୀ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜ୍ୟୋତିଶଙ୍କର ମହାପାତ୍ର, ପୁରୀ ଜିଲା ଭୂଅର୍ଜନ ଅଧିକାରୀ ପ୍ରଶାନ୍ତ କୁମାର ଜେନା, ଗୋପ ତହସିଲଦାର ଏସ୍.କେ. ସାଗିରଙ୍କ ସମେତ ଜାତୀୟ ରାଜପଥ କର୍ତ୍ତୃପକ୍ଷ, ପୂର୍ତ୍ତ ବିଭାଗ ଓ ସ୍ଥାନୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ମେଲୋଡ଼ି ଧମାକାରେ ଦୁଲୁକିଲା ମଞ୍ଚ



ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

**ନିମାପଡ଼ା,୫।୪(ଡି.ଏନ୍.ଏ.)**

**ଚଇତାଳି ଉତ୍ସବ ଉଦ୍‌ଯାପିତ**

ନିମାପଡ଼ା ପ୍ରେସକ୍ଲବ ପକ୍ଷରୁ ମୁକ୍ତାକାଶ ମଞ୍ଚରେ ଆୟୋଜିତ ବସନ୍ତ ପର୍ବ ଚଇତାଳି ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପିତ ସନ୍ଧ୍ୟାରେ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଏନ୍‌ଏସି ଅଧକ୍ଷା ସସ୍ମିତା ସାହୁ, ଉତ୍କଳ ସାମ୍ବାଦିକ ସଂଘ(ଓଡ଼ିଶା) କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ପୁରୀ ଜିଲା ପୋଷାଦାର ସାମ୍ବାଦିକ ସଂଘର ଜିଲା ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର, ସମ୍ପାଦକ ଜ୍ୟୋତିରଞ୍ଜନ ବେହେରା, ପ୍ରେସକ୍ଲବ ସଭାପତି ରଞ୍ଜନ ପଟ୍ଟନାୟକ, ସମ୍ପାଦକ ରାଜକିଶୋର ଦାଶ ପ୍ରମୁଖ ଯୋଗ ଦେଇଥିଲେ। ଓଡ଼ିଶାରୁ ହଜିଯାଉଥିବା ଆମ ଐତିହ୍ୟ, ସଂସ୍କୃତି, ପରମ୍ପରାର ଲୋକନୃତ୍ୟ କଳାକୁ ଉଜ୍ଜୀବିତ କରିବା ଓ ପୁନର୍ଜୀବିତ କରିବାରେ ଏହି ଚଇତାଳି ଉତ୍ସବ ବହୁଳ ଭାବେ ସହାୟକ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସମାରୋହରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ନିମାପଡ଼ା ପୋଲିସ ଏସ୍‌ଡିପିଓ ଦେବାଶିଷ ମିଶ୍ର, ଆଇଆଇସି ଶଙ୍କର୍ଷଣ ଦଳେଇ, ଫାର୍ମାଶିଷ୍ଟ ଆଇ ତ୍ରିନାଥ ପାତ୍ର, ବିଶିଷ୍ଟ କ୍ରୀଡ଼ାବିତ୍ ଅକ୍ଷୟ ବେହେରା, ଶିକ୍ଷାବିତ୍ ସ୍ୱାଧୀନ ସାହୁ ଓ ରମେଶଚନ୍ଦ୍ର ନାୟକ, ସାମାଜିକ କର୍ମୀ ବିକ୍ରମ ସାମଲ ଓ ଅକ୍ଷୟ ସାହୁ, ବରିଷ୍ଠ ଖବରଦାତା ସଞ୍ଜୟ ପତି, ବିଭୂତି ମହାପାତ୍ର, ସତ୍ୟେନ୍ଦ୍ର ମୋହନ ମହାନ୍ତି, ପ୍ରଖ୍ୟାତ ଚିତ୍ରଶିଳ୍ପୀ ଶାରଦା ପ୍ରସନ୍ନ ବେହେରା ଓ ମାତୃଶକ୍ତି ଫାଉଣ୍ଡେଶନ ଗ୍ରୁପ କର୍ମକର୍ତ୍ତା ଓ ସମସ୍ୟଙ୍କୁ ମାନପତ୍ର, ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନିତ ଓ ସମ୍ବର୍ଦ୍ଧିତ କରିଥିଲେ। ସାଂସ୍କୃତିକ ସମାରୋହରେ ନିମାପଡ଼ା ଇଣ୍ଟରନ୍ୟାସନାଲ ସ୍କୁଲର କୁନି କୁନି କଳାକାରଙ୍କ ର୍‍ୟାମ୍ପ ଶୋ' ଦର୍ଶକଙ୍କୁ ବେଶ ଆକର୍ଷିତ କରିଥିଲା। ହେଲେ ଭୁବନେଶ୍ୱର ସୁରତରଙ୍ଗ ମେଲୋଡି ଅର୍କେଷ୍ଟା ପକ୍ଷରୁ ଓଡ଼ିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ଇରା ମହାନ୍ତି ଏବଂ ଗ୍ରୁପ ପକ୍ଷରୁ ପରିବେଶିତ ମେଲୋଡି ଧମାକା, ସୁମଧୁର ସଙ୍ଗୀତରେ ମଞ୍ଚ ପ୍ରକମ୍ପିତ ହୋଇଉଠିଥିଲା। ଉତ୍ସବର ଅନ୍ତିମ ଦିନରେ ପଲ୍ଲିଶ୍ରୀ ମେଳା ଓ ମୀନାବଜାରରେ ଦର୍ଶକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା।



କଣ୍ଠଶିଳ୍ପୀମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।

### ଛାତ୍ରୀଙ୍କ ବ୍ୟାଗ ଛଡ଼ାଇନେଲେ ଦୁର୍ବୃତ୍ତ

**ନିମାପଡ଼ା,୫।୪(ଡି.ଏନ୍.ଏ.)**

କଲେଜ ସାରି ଘରକୁ ଫେରୁଥିବାବେଳେ ଜଣେ ଛାତ୍ରୀଙ୍କଠାରୁ ୨ ଜଣ ଦୁର୍ବୃତ୍ତ ତାଙ୍କ କଲେଜ ବ୍ୟାଗ ଛଡ଼ାଇ ନେଇଥିବା ବୁଧବାର ନିମାପଡ଼ା ଥାନାରେ ଛାତ୍ରୀ ଜଣକ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ସୂଚନା ମୁତାବକ, କୁରୁକୁଣ୍ଡା ଗ୍ରାମର ସାଇ ଅର୍ପିତା(୧୭) ନିମାପଡ଼ା କଲେଜରେ ଯୁକ୍ତ ୩ରେ ପଢ଼ନ୍ତି। ସେ ବୁଧବାର କଲେଜ ସାରି ସାଇକେଲ ଯୋଗେ ଘରକୁ ଫେରୁଥିଲେ। ତାଙ୍କୁ ପଛପଟୁ ପିଛା କରି ୨ ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ଆସି ବ୍ଲକ ଅନ୍ତର୍ଗତ ଧୀରପୁର- ତେରୁଣ୍ଡିଆ ରାସ୍ତାର ଏକ ନିଛାଟିଆ ରାସ୍ତାରେ ଛାତ୍ରୀଙ୍କୁ ବିଭିନ୍ନ ପ୍ରକାର ଧମକଚମକ ଦେଇ ତାଙ୍କଠାରୁ ଜୋରଜବରଦସ୍ତ କଲେଜ ବ୍ୟାଗ ଛଡ଼ାଇ ନେଇଥିଲେ। ଛାତ୍ରୀଙ୍କ ବ୍ୟାଗରେ ମୋବାଇଲ, ବହୁ ଗୁରୁତ୍ୱପୂର୍ଣ୍ଣ ସାର୍ଟିଫିକେଟ୍ ସମେତ ବହୁ ସରକାରୀ କାଗଜପତ୍ର ଥିବା ଛାତ୍ରୀ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି।

### ନିରଞ୍ଜନଙ୍କୁ କବିଭୂଷଣ ସମ୍ମାନ

**କଣାସ,୫।୪ (ସ୍ୱ.ପ୍ର.)**

କଣାସ ବ୍ଲକ ଅନ୍ତର୍ଗତ କଣାସଠାରେ ପ୍ରତିଷ୍ଠିତ ଜଳସେଚନ ବିଭାଗରେ ୱାର୍କ ସର୍କାର ଭାବେ କାର୍ଯ୍ୟ କରୁଥିବା ନିରଞ୍ଜନ ନାୟକ କବିଭୂଷଣ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଜଗତ୍‌ସିଂହପୁର ଶ୍ରୀଜଗନ୍ନାଥ ପରିବାର ଚାରିଟେବୁଲ୍ ଟ୍ରଷ୍ଟ ଧାନକୁ ଜଗନ୍ନାଥ ମନ୍ଦିର ପଞ୍ଚସଖା ପୀଠ ପ୍ରାଙ୍ଗଣରେ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା ସଭା ଗତ ସୋମବାର ଆୟୋଜିତ ହୋଇଥିଲା। ସେଠାରେ ମୁଖ୍ୟ ଅତିଥି ଭାବେ ମହାରାଜ ବାବା ଦିବାକର ଦାଶ ଏ ବର୍ଷର ଶ୍ରେଷ୍ଠ କବିଭୂଷଣ ସମ୍ମାନ ନିରଞ୍ଜନଙ୍କୁ ପ୍ରଦାନ କରିଥିଲେ। ତାଙ୍କର କବିତା ରଚନା ଶୈଳୀକୁ ଅତିଥିମାନେ ବେଶ୍ ପ୍ରଶଂସା କରିଥିଲେ। ସଭାରେ ସୌମ୍ୟଶ୍ରୀ ଶତପଥୀ ଅଧକ୍ଷତା କରିଥିଲେ।

# ଗଙ୍ଗୁ ଭାଇନାଙ୍କ ପରିଚୟ ଥିଲା ଅନନ୍ୟ



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

**ସାକ୍ଷୀଗୋପାଳ,୫।୪(ଡି.ଏନ.ଏ/ସ୍ୱ.ପ୍ର.)**

ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ଶିକ୍ଷା ଓ ଆଇନ ମନ୍ତ୍ରୀ ଗଙ୍ଗାଧର ମହାପାତ୍ରଙ୍କ ୧୭ତମ ଶ୍ରାଦ୍ଧବାର୍ଷିକୀ ଜନ୍ମସ୍ଥାନ ବିଶନାଥପୁରସ୍ଥିତ ଗୋପୀନାଥ ଦେବ ବିଦ୍ୟାପୀଠରେ ବୁଧବାର ପାଳିତ ହୋଇଯାଇଛି। ଗ୍ରାମର ଶ୍ରୀ ଗୋପୀନାଥ ଦେବଙ୍କ ମନ୍ଦିର ପାର୍ଶ୍ୱରେ ସ୍ଥାପିତ ସ୍ୱର୍ଗତ ମହାପାତ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣକରି ଅତିଥିମାନେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପରେ ଏକ ସ୍ମୃତିସଭା ବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ସଭିଙ୍କ ନିକଟରେ ଆପଣାର ମଣିଷ ଭାବରେ ଗଙ୍ଗୁଭାଇନା ବୋଲି ପରିଚିତ ଥିଲେ। ଏକାଧାରରେ ଜଣେ ଦକ୍ଷ ରାଜନୀତିଜ୍ଞ, ଆଇନଜୀବୀ ଓ ସାମାଜିକ କ୍ଷେତ୍ରରେ ଭାଇଚାରା ଗୁଣ ତାଙ୍କୁ ଅନନ୍ୟ ପରିଚୟ ଦେଇଥିଲା ବୋଲି ସ୍ମୃତି ସଭାରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରାରମ୍ଭରେ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ତ୍ରିପାଠୀ ଅତିଥି ମାନଙ୍କୁ ସ୍ୱାଗତ ଜଣାଇଥିଲେ। ସ୍ୱର୍ଗତ ମହାପାତ୍ରଙ୍କ ପୁତ୍ର ତଥା ଗଙ୍ଗାଧର ସ୍ମୃତି କମିଟି ସଂଯୋଜକ ଆଇନଜୀବୀ ଉମାବଲ୍ଲଭ ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଧାକାନ୍ତ ଦାଶ, ଆଇନଜୀବୀ ପୁଷ୍କର ମହାପାତ୍ର, ଅବସରପ୍ରାପ୍ତ ଷ୍ଟେଟ ବ୍ୟାଙ୍କ ଅଧିକାରୀ ବାସୁଦେବ ସାହୁ, ସ୍ମୃତି କମିଟି ସମ୍ପାଦକ ବିପିନ ବିହାରୀ ଦଳାଇ, ସତ୍ୟବାଦୀ ସେବା ଟ୍ରଷ୍ଟ ସମ୍ପାଦକ ସୁଶାନ୍ତ କୁମାର ରଥ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାପାତ୍ରଙ୍କ ସ୍ମୃତିଚାରଣ କରିଥିଲେ। ତାଙ୍କର ନିଷ୍ଠା ଓ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ପିଲାମାନଙ୍କୁ ଉପଦେଶ ଦେବା ସହ ମେଧାବୀ ଛାତ୍ରୀଛାତ୍ରଙ୍କୁ ଆର୍ଥିକ ପୁରସ୍କାର ଦିଆଯାଇଥିଲା। ସଭାରେ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ, ଛାତ୍ରୀଛାତ୍ର ଯୋଗଦେଇଥିଲେ।

### ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

**ପୁରୀ ଅଫିସ, ୫।୪**

ଓମ୍ ସରସ୍ୱତୀ ଶିଶୁ ମନ୍ଦିରର ଅଷ୍ଟାଦଶତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ଶିଶୁମନ୍ଦିର ସଭାପତି ଡ. ରବିନ୍ଦ୍ର ନାଥ ମିଶ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ନିମାପଡ଼ା ସରକାରୀ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ପୂର୍ବତନ ଅଧକ୍ଷ ପ୍ରଭାକର ତ୍ରିପାଠୀ ଏବଂ ମୁଖ୍ୟବକ୍ତା ଭାବେ ପୁରୀ ଜିଲା ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ଅଧକ୍ଷ ଡ. ସନ୍ତୋଷ କୁମାର ପରିଡା ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅଧାପକ ସ୍ୱାଧୀନ କୁମାର ପ୍ରଧାନ ମଞ୍ଚାସୀନ ଥିଲେ। ପ୍ରଧାନ ଆଚାର୍ଯ୍ୟ ରବି ନାରାୟଣ ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଉପସଭାପତି ରାଜେନ୍ଦ୍ର ନାରାୟଣ ପାଢୀ ଓ ସହସମ୍ପାଦକ କାଶୀନାଥ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

# ବିଜେଡିରୁ ଅମିୟଙ୍କ ପ୍ରାର୍ଥୀପତ୍ର ଦାଖଲ

**ଅସ୍ତରଙ୍ଗ, ୫।୪ (ଡି.ଏନ୍.ଏ.)**

ଅସ୍ତରଙ୍ଗ ବ୍ଲକ ତାଳଦା ପଞ୍ଚାୟତ ସମିତି ସଭ୍ୟ ଉପନିର୍ବାଚନ ପାଇଁ ବୁଧବାର ଶାସକ ବିଜେଡି ସମର୍ଥନରେ ଓ ବ୍ଲକ ସଭାପତି କେଦାରନାଥ ବିଶ୍ୱାଳଙ୍କ ନେତୃତ୍ୱରେ ଅମିୟ ରଞ୍ଜନ ସେଠୀ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ମନ୍ତ୍ରୀଙ୍କ ପ୍ରତିନିଧି ଭୀମସେନ ସ୍ୱାଇଁ, କୁଞ୍ଜବିହାରୀ ପ୍ରଧାନ, ଦିବ୍ୟଦର୍ଶୀ ବିଶ୍ୱାଳ, ରତ୍ନରାଜ ରାଉତ, ପୁରନ୍ଦର ମହାନ୍ତି, ଅଶୋକ ପଡ଼ିଆରୀ, ପ୍ରତାପ ପରିଡ଼ା, ଦିବାକର ସାହୁ, ପ୍ରଫୁଲ୍ଲ ସେନାପତି, ବ୍ଲକର ସମସ୍ତ ସମିତିସଭ୍ୟ ଓ ସରପଞ୍ଚଙ୍କ ସମେତ ୧୫ଟି ପଞ୍ଚାୟତର ଏକ ହଜାରରୁ ଉର୍ଦ୍ଧ୍ୱ କର୍ମୀ ବିଜେଡି କାର୍ଯ୍ୟାଳୟରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ବ୍ଲକରେ ପହଞ୍ଚିଥିଲେ। ଅପରାହ୍ନ ୧ଟାରେ ବ୍ଲକ ନିର୍ବାଚନ ଅଧିକାରିଣୀ ତଥା ବିଡିଓ ଡ. ବେବିତା ମଞ୍ଜରୀ ନାୟକଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। ସୂଚନାଯୋଗ୍ୟ, ଗତ ପଞ୍ଚାୟତ ନିର୍ବାଚନରେ ଶିବଚରଣ ଭୋଇଙ୍କୁ ହରାଇ ସମିତିସଭ୍ୟ ଗିରିଧାରୀ ସେଠୀ ନିର୍ବାଚିତ ହୋଇଥିଲେ। ହେଲେ ଚଳିତବର୍ଷ ଜାନୁୟାରୀ ୨୫ରେ ତାଙ୍କର ବିୟୋଗ ଘଟିବାରୁ ଆସନ୍ତା ୨ ତାରିଖରେ ଉପନିର୍ବାଚନ ହେବ। ଏଥିପାଇଁ ଚଳିତ ୪ରୁ ୬ ତାରିଖ ମଧରେ ପ୍ରାର୍ଥୀପତ୍ର ଦାଖଲ ନିମନ୍ତେ ସମୟ ଧାର୍ଯ୍ୟ ହୋଇଛି। ଗତ ରବିବାର ମନ୍ତ୍ରୀ ତୁଷାରକାନ୍ତି ବେହେରା, ପୁରୀ ଜିଲା ପରିଷଦ ଉପାଧକ୍ଷ ସ୍ୱାଧୀନ ନାୟକ ତାଳଦା ଯାଇ ବ୍ଲକ ସଭାପତି କେଦାରନାଥ ବିଶ୍ୱାଳଙ୍କ ଉପସ୍ଥିତିରେ ସର୍ବସମ୍ମତିକ୍ରମେ ଅମିୟଙ୍କୁ ଦଳୀୟ ପ୍ରାର୍ଥୀ ଭାବେ ଘୋଷଣା କରିଥିଲେ। ଅମିୟ ବାପାଙ୍କ ଦେହାନ୍ତ ପରେ ସମିତି ସଭ୍ୟ ପଦବୀ ଖାଲି ପଡିଥିଲା। ନିର୍ବାଚନରେ ଅମିୟଙ୍କୁ ବିପୁଳ ବ୍ୟବଧାନରେ ବିଜୟୀ କରିବାକୁ ସମସ୍ତ କର୍ମୀ ଓ ନେତା ଦୃଢ଼ ସଂକଳ୍ପ ନେଇଥିଲେ।



ଅମିୟ ରଞ୍ଜନ ସେଠୀ ପ୍ରାର୍ଥୀପତ୍ର ଦାଖଲ କରିବାକୁ ଯାଉଛନ୍ତି।

# ନାମାଙ୍କନ ଦାଖଲ କଲେ ବିଜେଡି, ଭାଜପା ପ୍ରାର୍ଥୀ



ବିଜେଡିର ଭାଗିରଥି ସେନାପତି ଏବଂ ଭାଜପାର ପ୍ରମୋଦ ରାୟ ପ୍ରାର୍ଥୀପତ୍ର ଦାଖଲ କରୁଛନ୍ତି।

**ପୁରୀ ଅଫିସ, ୫।୪**

**୧୧ ନଂ. ଜିଲାପରିଷଦ ଜୋନ ଉପନିର୍ବାଚନ**

ଆସନ୍ତା ମେ ୨ରେ ପୁରୀ ଜିଲାର ୧୧ ନଂ. ଜିଲା ପରିଷଦ ଜୋନରେ ଜିଲା ପରିଷଦ ସଭ୍ୟ ପଦ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବ। ଏଥିଲାଗି ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ବୁଧବାର ଉଭୟ ବିଜେଡି ଏବଂ ଭାଜପା ପକ୍ଷରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ କରାଯାଇଛି।

ସୂଚନାଯୋଗ୍ୟ, ୨୦୨୨ ସେପ୍ଟେମ୍ବର ୨୪ରେ ପୁରୀ ଜିଲାର ୧୧ ନମ୍ବର ଜୋନର ବିଜେଡି ଜିଲା ପରିଷଦ ପ୍ରାର୍ଥୀ ଧର୍ମେନ୍ଦ୍ର ସାହୁଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ଫଳରେ ଉକ୍ତ ଆସନ ଖାଲି ପଡ଼ିଥିଲା। ନିୟମ ଅନୁଯାୟୀ ୬ମାସ ମଧରେ ନିର୍ବାଚନ ହେବା ଆବଶ୍ୟକ। ତେଣୁ ମେ ୨ରେ ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଚଳିତ ମାସ ୧୦ ତାରିଖ ନାମାଙ୍କନପତ୍ର ଦାଖଲର ଶେଷ ଦିବସ ରହିଛି। ବୁଧବାର ବିଜେଡି ପକ୍ଷରୁ ଭାଗିରଥି ସେନାପତି ଦଳୀୟ ନେତା ଓ କର୍ମୀଙ୍କ ଗହଣରେ ଏକ ଶୋଭାଯାତ୍ରାରେ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଆସି ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେ ନିଶ୍ଚିତ ବିଜୟୀ ହେବେ ବୋଲି ଭାଗିରଥି କହିଛନ୍ତି। ମନ୍ତ୍ରୀ ସମୀର ରଞ୍ଜନ ଦାଶ ତାଙ୍କ ଅଞ୍ଚଳରେ ଅନେକ ବିକାଶ କାର୍ଯ୍ୟ କରିଛନ୍ତି। ଆଉ ଯାହା କିଛି ସମସ୍ୟା ରହିଛି ସେ ନିର୍ବାଚିତ ହେଲେ ମନ୍ତ୍ରୀଙ୍କ ସହ ମିଶି ସବୁ କାର୍ଯ୍ୟ ଶେଷ କରିବେ ବୋଲି ଭାଗିରଥୀ ପ୍ରକାଶ କରିଛନ୍ତି। ଅପରପକ୍ଷରେ ଭାରତୀୟ ଜନତା ପାର୍ଟି (ଭାଜପା) ପକ୍ଷରୁ ଜିଲା ପରିଷଦ ପ୍ରାର୍ଥୀ ଭାବେ ପ୍ରମୋଦ ରାୟ ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେ ଗୁଣ୍ଡିଚା ମନ୍ଦିର ନିକଟରୁ ଦଳୀୟ କର୍ମୀ ଓ ନେତାଙ୍କ ଗହଣରେ ଏକ ଶୋଭାଯାତ୍ରାରେ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନପତ୍ର ଦାଖଲ କରିଥିଲେ। ପ୍ରମୋଦ କହିଛନ୍ତି, ଲୋକେ ପରିବର୍ତ୍ତନ ଚାହୁଁଛନ୍ତି। ଏଣୁ ଭାଜପା ବିପୁଳ ବିଜୟ ହାସଲ କରିବ। ସ୍ଥାନୀୟ ଅଞ୍ଚଳର ସମସ୍ୟା, ସରକାରୀ କଳ ଓ ନେତାଙ୍କ ଦୁର୍ନୀତି, ଭ୍ରଷ୍ଟାଚାରକୁ ପ୍ରସଙ୍ଗ କରି ସେ ନିର୍ବାଚନ ଲଢିବେ ବୋଲି ପ୍ରମୋଦ ପ୍ରକାଶ କରିଛନ୍ତି।

## ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ: କ୍ରମାଗତ ୪ର୍ଥ ଦିନ ଲାଗି ଶେୟାର ବଜାରରେ ଉତ୍ସାହ ଦେଖାଦେଇଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇ ପାରିଛନ୍ତି। ଫଳରେ ବୁଧବାର ଷ୍ଟକ୍ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୮୩ (୫୮୨.୮୭) ପଏଣ୍ଟ ବୃଦ୍ଧି ଘଟି ୫୯,୬୮୯ (୫୯,୬୮୯.୩୧) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍‌ଟି-୫୦ରେ ମଧ୍ୟ ୧୫୯ (୧୫୯.୦୦) ପଏଣ୍ଟ ବଢ଼ି ୧୭,୫୫୭(୧୭,୫୫୭.୦୫) ଅଙ୍କରେ କାରବାର ବନ୍ଦ ହୋଇଥିବା ଜଣାପଡ଼ିଛି।

# ୭ ବର୍ଷରେ ୪୧,୦୦୦ କୋଟିର ଋଣ ମଞ୍ଜୁର

ନୂଆଦିଲ୍ଲୀ,୫।୪


ନିର୍ମଳା ସୀତାରାମନ

ଦେଶର ଆର୍ଥିକ ସଶକ୍ତୀକରଣ ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟିକୁ ଆଖି ଆଗରେ ରଖି ସରକାର ଷ୍ଟାଣ୍ଡ ଅପ୍ ଇଣ୍ଡିଆ ଯୋଜନାକୁ ଅଧିକ କ୍ରିୟାଶୀଳ କରାଇଛନ୍ତି। ଏପରିକି ଗତ ୭ ବର୍ଷ ମଧ୍ୟରେ ପ୍ରାୟ ୪୧,୦୦୦ (୪୦,୭୧୦) କୋଟି ଟଙ୍କାର ଋଣ ଅର୍ଥ ରାଶି ମଞ୍ଜୁର କରାଯାଇଛି। ସେହିଭଳି ଏହି ସମୟ ମଧ୍ୟରେ ୧.୮୧ (୧,୮୦,୬୩୬) ଲକ୍ଷ କୋଟିରୁ ଅଧିକ ଆକାଉଣ୍ଟକୁ ଉକ୍ତ ଅର୍ଥରାଶି ପ୍ରଦାନ କରାଯାଇଛି। ଅପରପକ୍ଷରେ ସରକାର ତୃଣମୂଳସ୍ତରରେ ଉଦ୍ୟମିତାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ୨୦୧୬ ଏପ୍ରିଲ ୫ରେ ଷ୍ଟାଣ୍ଡ ଅପ୍ ଇଣ୍ଡିଆ ଯୋଜନାର ଶୁଭାରମ୍ଭ କରିଥିଲେ। ଏପରିକି ଷ୍ଟାଣ୍ଡ ଅପ୍ ଇଣ୍ଡିଆ ଯୋଜନାର କାର୍ଯ୍ୟକାଳକୁ ୨୦୨୫ ପର୍ଯ୍ୟନ୍ତ ମଧ୍ୟ ବୃଦ୍ଧି କରାଯାଇଛି। ବିଶେଷକରି ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ମହିଳା ସମ୍ପ୍ରଦାୟର ଆକାଂକ୍ଷୀ ଉଦ୍ୟୋଗୀମାନେ ସମ୍ମୁଖୀନ ହେଉଥିବା ସମସ୍ୟାକୁ ଆଖି ଆଗରେ ରଖି ସେମାନଙ୍କ ସ୍ୱପ୍ନକୁ ବାସ୍ତବତାରେ ପରିଣତ କରିବା ଲାଗି ଷ୍ଟାଣ୍ଡଅପ୍ ଇଣ୍ଡିଆ ଯୋଜନା ଆରମ୍ଭ କରାଯାଇଥିଲା। ଉକ୍ତ ଯୋଜନା ମହିଳା ଅନୁସୂଚିତ ଜାତି ଏବଂ ଜନଜାତି ବର୍ଗର ଲୋକମାନଙ୍କ ମଧ୍ୟରେ ଉଦ୍ୟମିତାକୁ ପ୍ରୋତ୍ସାହିତ କରିବା ସହିତ ସେମାନଙ୍କୁ ଉତ୍ପାଦନ, ସେବା କିମ୍ବା ବ୍ୟବସାୟିକ ଏବଂ କୃଷି ଆନୁଷଙ୍ଗିକ କାର୍ଯ୍ୟକଳାପ କ୍ଷେତ୍ରରେ ନୂଆ ଉଦ୍ୟୋଗ ପ୍ରତିଷ୍ଠାରେ ସହାୟକ ହୋଇଥାଏ।

ଏହି ପରିପ୍ରେକ୍ଷୀରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଥିଲେ, ବର୍ତ୍ତମାନ ସୁଦ୍ଧା ଉକ୍ତ ଯୋଜନାରେ ୧.୮ ଲକ୍ଷ ମହିଳା ଓ ଏସ୍‌ସି-ଏସ୍‌ଟି ଉଦ୍ୟୋଗୀଙ୍କୁ ପ୍ରାୟ ୪୦,୬୦୦ କୋଟି ଟଙ୍କାର ଋଣ ମଞ୍ଜୁର କରାଯିବା ଆମ ପାଇଁ ଗର୍ବର ବିଷୟ। ଏପରିକି ଷ୍ଟାଣ୍ଡଅପ୍ ଇଣ୍ଡିଆ ଯୋଜନାର ୭ ବର୍ଷ ପୂର୍ତ୍ତି ଅବସରରେ ଅର୍ଥମନ୍ତ୍ରୀ ଆହୁରି କହିଛନ୍ତି, ଷ୍ଟାଣ୍ଡଅପ୍ ଇଣ୍ଡିଆ ଯୋଜନା ଏପରି ଏକ ଇକୋସିଷ୍ଟମ ସୃଷ୍ଟି କରିଛି ଯାହାକି ସବୁ ଅନୁସୂଚିତ ବାଣିଜ୍ୟିକ ବ୍ୟାଙ୍କ ଜରିଆରେ ଋଣ ସହାୟତା ଯୋଗାଇଦେଇ ନୂଆ ଉଦ୍ୟୋଗ ପ୍ରତିଷ୍ଠା କରିବା ଲାଗି ଏକ ଅନୁକୂଳ ପରିବେଶ ସୃଷ୍ଟି କରିବ । ସେହିଭଳି ଏସ୍‌ସି-ଏସ୍‌ଟି ଓ ମହିଳାମାନଙ୍କ ମଧ୍ୟରେ ଉଦ୍ୟମିତାକୁ ପ୍ରୋତ୍ସାହନ ଦିଗରେ ଷ୍ଟାଣ୍ଡ ଅପ୍ ଇଣ୍ଡିଆ ଯୋଜନା ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବୋଲି ସୀତାରାମନ ମତପ୍ରକାଶ କରିଛନ୍ତି। ବିଶେଷକରି ଷ୍ଟାଣ୍ଡଅପ୍ ଇଣ୍ଡିଆ ଯୋଜନାରୁ ବଞ୍ଚିତ,ଅବହେଳିତ ବର୍ଗର ଉଦ୍ୟୋଗୀମାନଙ୍କୁ ବାଧାମୁକ୍ତ ଶସ୍ତା କ୍ରେଡିଟ୍ ସୁବିଧା ଯୋଗାଇଦେଇ ସଂଖ୍ୟାଧିକ ଲୋକଙ୍କ ଆଶା ଆକାଂକ୍ଷା ପୂରଣ କରୁଛି ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ଏହି ଯୋଜନା ଆକାଂକ୍ଷୀ ଉଦ୍ୟୋଗୀମାନଙ୍କୁ ସେମାନଙ୍କର ଉଦ୍ୟମଶୀଳତା କୌଶଳ ପ୍ରଦର୍ଶନ କରିବା ଓ ସମ୍ଭାବ୍ୟ ଉଦ୍ୟୋଗୀମାନଙ୍କ ଆର୍ଥିକ ବିକାଶକୁ ଆଗେଇନେବା ଏବଂ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲାଗି ଏକ ଦୃଢ ଇକୋସିଷ୍ଟମ ନିର୍ମାଣ କରିବାକୁ ପ୍ରୋତ୍ସାହନ ଦେଉଛି। ଷ୍ଟାଣ୍ଡଅପ୍ ଇଣ୍ଡିଆ ଯୋଜନାର ୭ବର୍ଷ ପୂର୍ତ୍ତି ଅବସରରେ କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ଡ. ଭାଗବତ କିଶନ ରାଓ କରାଡ଼ କହିଛନ୍ତି, ଷ୍ଟାଣ୍ଡଅପ୍ ଇଣ୍ଡିଆ ଯୋଜନା ଜାତୀୟ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ମିଶନର ତୃତୀୟ ସ୍ତମ୍ଭ ଉପରେ ଆଧାରିତ ଯାହାକି 'ପାଣ୍ଠିରୁ ବଞ୍ଚିତକୁ ପାଣ୍ଠି ଯୋଗାଣ' ଉପରେ ଧ୍ୟାନ ଦେଇଥାଏ।

# ଡିଜିଟାଲ ଦୁକାନ୍

ନୂଆଦିଲ୍ଲୀ,୫।୪

ଆକ୍ସିସ୍ ବ୍ୟାଙ୍କ ପକ୍ଷରୁ ଏକ ଅଭିନବ ସୁବିଧା ଡିଜିଟାଲ ଦୁକାନ୍‌ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି ଭିସା ସହଭାଗିତାରେ ବ୍ୟାଙ୍କ ବ୍ୟାପକ ଡିଜିଟାଲ ସମାଧାନ ଯୋଗାଇବ। ଏ ସମ୍ପର୍କରେ ଆକ୍ସିସ୍ ବ୍ୟାଙ୍କର ସଭାପତି ଓ ମୁଖ୍ୟ-କାର୍ଡ ଆଣ୍ଡ୍ ପେମେଣ୍ଟ୍ସ ସଂଜୀବ ମୋଘେ କହିଛନ୍ତି,ବ୍ୟବସାୟ ପରିଚାଳନା ଖର୍ଚ୍ଚ କମ୍ କରିବା ଏବଂ ସୁଲଭ ମୂଲ୍ୟରେ ସବୁ ପ୍ରକାର ଡିଜିଟାଲ ପେମେଣ୍ଟ ସମାଧାନ ଗ୍ରହଣ କରିବାରେ ମର୍ଚ୍ଚାଣ୍ଟ ଗୋଷ୍ଠୀଙ୍କୁ ସାହାଯ୍ୟ କରିବା ଲାଗି ବ୍ୟାପକ ଡିଜିଟାଲ ସମାଧାନ ଉପରେ ଆମେ ନିରନ୍ତର ଭାବେ କାର୍ଯ୍ୟ କରୁଛୁ। ସେହିଭଳି ଭିସା ଇଣ୍ଡିଆ ଓ ଦକ୍ଷିଣ ଏସିଆର ମୁଖ୍ୟ-ମର୍ଚ୍ଚାଣ୍ଟ ସେଲ୍‌ସ ଆଣ୍ଡ୍ ସଲ୍ୟୁସନ୍ସ ଶୈଳେଶ ପଲ୍ କହିଛନ୍ତି, ଆକ୍ସିସ ବ୍ୟାଙ୍କ ଭଳି ଭିସା ମଧ୍ୟ ବିଶ୍ୱସ୍ତରରେ ଡିଜିଟାଲ ପେମେଣ୍ଟରେ କ୍ଷୁଦ୍ର ବ୍ୟବସାୟୀଙ୍କୁ ସଶକ୍ତ କରିବା ଉପରେ ଗୁରୁତ୍ୱ ଦେଉଛି।

# ପିଡବ୍ଲ୍ୟୁର ନ୍ୟୁ ବିଦ୍ୟାପୀଠ ସେଣ୍ଟର




### ଭୁବନେଶ୍ୱରରେ ଫିଜିକ୍ସ ୱାଲ୍

ଭୁବନେଶ୍ୱର,୫।୪

ଦେଶର ପ୍ରମୁଖ ଏଡ୍‌ଟେକ୍ ପ୍ଲାଟ୍‌ଫର୍ମ ଫିଜିକ୍ସ ୱାଲ୍ (ପିଡବ୍ଲ୍ୟୁ)ର ନ୍ୟୁ ବିଦ୍ୟାପୀଠ ସେଣ୍ଟର ବୁଧବାର ଭୁବନେଶ୍ୱରସ୍ଥିତ ବୁଦ୍ଧେଶ୍ୱରୀ କଲୋନି ଖୁସି ଟାୱାରଠାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିଡବ୍ଲ୍ୟୁର ଆଞ୍ଚଳିକ ମୁଖ୍ୟ ସଦାଫ୍ ଆଫ୍ରିନ ଖାନ୍, ସେଣ୍ଟର ହେଡ୍ ସୁହୁଜା ଅହମ୍ମଦ ଏବଂ ବାଣିଜ୍ୟିକ ମୁଖ୍ୟ ସିଦ୍ଧାର୍ଥ ଶଙ୍କର ଛୋଟରାୟଙ୍କ ସମେତ ଭୁବନେଶ୍ୱର ସେଣ୍ଟର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ବିଶେଷ କରି ଏହି ସେଣ୍ଟର ଉଭୟ ମେଡିକାଲ ଓ ଇଞ୍ଜିନିୟରି ପାଠ୍ୟକ୍ରମର କୋଚିଂ ସାଙ୍ଗକୁ ଫାଉଣ୍ଡେଶନ କୋର୍ସ ଓ ଅନ୍ୟାନ୍ୟ କୋର୍ସରେ ମଧ୍ୟ ଆବଶ୍ୟକ ଶିକ୍ଷା ଅଭିଜ୍ଞ ଶିକ୍ଷାବିତ୍ ଓ ଦକ୍ଷ କର୍ମଚାରୀଙ୍କ ଦ୍ୱାରା ପ୍ରଦାନ କରାଯିବ ବୋଲି ସେଣ୍ଟର ପକ୍ଷରୁ କୁହାଯାଇଛି। ଉଲ୍ଲେଖଯୋଗ୍ୟ, ପିଡବ୍ଲ୍ୟୁ ସାରା ଦେଶରେ ପିଡବ୍ଲ୍ୟୁର ୧୧ଟି ସେଣ୍ଟର ଉପଲବ୍ଧ ରହିଛି।

# ଷ୍ଟାର୍ଟଅପ୍ କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି


ଶୁଭ୍ରକାନ୍ତ ପଣ୍ଡା

ଭୁବନେଶ୍ୱର,୫।୪

ବର୍ତ୍ତମାନ ସମୟରେ ଦେଶର ଷ୍ଟାର୍ଟଅପ୍ ପ୍ରୋଗ୍ରାମ ଏକ ପ୍ରକାର ଆନ୍ଦୋଳନ ସୃଷ୍ଟି କରିଛି। ବିଶେଷକରି ଷ୍ଟାର୍ଟଅପ୍ କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ଘଟୁଛି ଏବଂ ଆସନ୍ତା ୫ ବର୍ଷ ମଧ୍ୟରେ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ରେ ଏହାର ଅଭିବୃଦ୍ଧି ୫% ଛୁଇଁବ ବୋଲି ରାଉରକେଲା ସ୍ଥିତ ଜାତୀୟ ବୈଷୟିକ ଶିକ୍ଷାନୁଷ୍ଠାନ (ଏନ୍‌ଆଇଟି)ର ଛାତ୍ରୀଛାତ୍ରମାନଙ୍କ ସହ ଏକ ଭାବବିନିମୟ ଆଲୋଚନା କାର୍ଯ୍ୟକ୍ରମରେ ଯୋଗଦେଇ ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲଏଜ ଲିମିଟେଡ୍(ଇମ୍ଫା)ର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରକାନ୍ତ ପଣ୍ଡା ଏଭଳି କହିଛନ୍ତି। ଉକ୍ତ ଆଲୋଚନାରେ ପଣ୍ଡା କହିଥିଲେ, ବିଶ୍ୱ ଅର୍ଥନୀତିରେ ଭାରତର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ଏପରିକି ବହୁତ ଶିଳ୍ପ ସମୃଦ୍ଧ ରାଷ୍ଟ୍ର ନିଜର ବିନିର୍ମାଣ ଶିଳ୍ପ ନିମନ୍ତେ ରପ୍ତାନି ବଜାର ଉପରେ ନିର୍ଭର କରୁଥିବା ବେଳେ ଜିଏସ୍‌ଟି ଯୋଗୁ ଭାରତରେ ଏକ ବୃହତ୍ ଏକକ ଘରୋଇ ବଜାର ରହିଛି। ଏପରିକି ଏକକ ଘରୋଇ ବଜାର ଏବଂ ଷ୍ଟାର୍ଟଅପ୍ ସମୂହ ଭାରତୀୟ ଅର୍ଥନୀତିର ପ୍ରମୁଖ ବୈଶିଷ୍ଟ୍ୟ ବୋଲି ସେ ମତପ୍ରକାଶ କରିଛନ୍ତି। ଏନ୍‌ଆଇଟି ବୋର୍ଡ ଅଫ୍ ଗଭର୍ନର ପରିଷଦରେ ଏକଦା ଇମ୍ଫାର ପ୍ରତିଷ୍ଠାତା ଡ. ବଂଶୀଧର ପଣ୍ଡା ସଦସ୍ୟ ଥିଲେ। ସ୍ୱର୍ଗତ ପଣ୍ଡା ୨୦୦୨ରୁ ୨୦୦୭ ପର୍ଯ୍ୟନ୍ତ ପରିଷଦରେ କାର୍ଯ୍ୟ କରିଥିଲେ। ଏପରିକି ପ୍ରତିଷ୍ଠାତାଙ୍କ ସ୍ମୃତିରେ ଇମ୍ଫା ଦ୍ୱାରା ଅନୁଷ୍ଠାନ ପାଇଁ ଏକ ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଉଛି। ଏନ୍‌ଆଇଟି, ରାଉରକେଲା ଦ୍ୱାରା ଆୟୋଜିତ ହେଉଥିବା ଏହି ମତ ବିନିମୟ ଜି-୨୦ ଜନ ଭାଗୀଦାରି କାର୍ଯ୍ୟକ୍ରମର ମଧ୍ୟ ଅଂଶ ବିଶେଷ। ଅନ୍ୟମାନଙ୍କ ମଧ୍ୟରେ ଫିକି ମହାନିର୍ଦ୍ଦେଶକ ଅରୁଣ ଚାୱଲା ଏବଂ ଏନ୍‌ଆଇଟି, ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ.ଉମାମହେଶ୍ୱର ରାଓ ପ୍ରମୁଖ ଉପସ୍ଥିତ ଥିଲେ।

# ସବ୍ୟସାଚୀ, ଅର୍ଚ୍ଚିତା ଜିସିଏର ବ୍ରାଣ୍ଡ ଆମ୍ବାସାଡର

ଭୁବନେଶ୍ୱର,୫।୪




ରାଜ୍ୟର ପ୍ରମୁଖ ଘରୋଇ ଉତ୍ପାଦନ ସଂସ୍ଥା ଗ୍ଲୋବ୍ କୁକ୍‌ୱେର ଆଣ୍ଡ ଆପ୍ଲିଆନ୍ସ (ଜିସିଏ) ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଓଡ଼ିଆ ଅଭିନେତା ସବ୍ୟସାଚୀ ମିଶ୍ର ଏବଂ ଅଭିନେତ୍ରୀ ଅର୍ଚ୍ଚିତା ସାହୁଙ୍କୁ କମ୍ପାନୀର ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତ କରାଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଯୋଗଦେଇ ଉଭୟ ସବ୍ୟସାଚୀ ଓ ଅର୍ଚ୍ଚିତା ସେମାନଙ୍କର ଆଭିମୁଖ୍ୟ ଓ କାର୍ଯ୍ୟକଳାପ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ।

ଏ ସମ୍ପର୍କରେ ଜିସିଏର ନିର୍ଦ୍ଦେଶକ ପ୍ରଶାନ୍ତ ଅଗ୍ରୱାଲ କହିଥିଲେ, ଆମେ ଦୀର୍ଘ ୫୦ ବର୍ଷ ହେବ ରାଜ୍ୟରେ କାରବାର କରୁଛୁ। ବିଶେଷକରି ଗୁଣାତ୍ମକ ସାମଗ୍ରୀ ଓ ସବୁ ବର୍ଗଙ୍କୁ ସୁହାଇଲା ଭଳି ଉତ୍ପାଦ ବଜାରରେ ଉପଲବ୍ଧ କରାଇ ଗ୍ରାହକଙ୍କର ପ୍ରିୟଭାଜନ ହୋଇପାରିଛୁ। ବର୍ତ୍ତମାନ କମ୍ପାନୀ ଓଡ଼ିଶା ସମେତ ଦେଶର ପ୍ରମୁଖ ବଜାରରେ କାରବାର କରିବା ପାଇଁ ଆଗ୍ରହୀ ଅଛୁ। ଏପରିକି ବ୍ରାଣ୍ଡର ପ୍ରଚାରପ୍ରସାର ପାଇଁ ଲୋକପ୍ରିୟ ଓଡ଼ିଆ ଅଭିନେତା ସବ୍ୟସାଚୀ ଏବଂ ଅଭିନେତ୍ରୀ ଅର୍ଚ୍ଚିତାଙ୍କୁ ବ୍ରାଣ୍ଡ ଆମ୍ବାସାଡର ଭାବେ ନିଯୁକ୍ତ କରିଛୁ। ଉକ୍ତ ସମ୍ମିଳନୀରେ କମ୍ପାନୀର ବରିଷ୍ଠ ଅଧିକାରୀ ଅପୂର୍ବ ଅଗ୍ରୱାଲ ଓ ଅଂଶୁଲ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ଏଚ୍‌ସିଆଇଏଲ୍‌ର ବାର୍ଷିକ ବିକ୍ରି ଫଳାଫଳ

ନୂଆଦିଲ୍ଲୀ,୫।୪




ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ୍(ଏଚ୍‌ସିଆଇଏଲ୍)ର ବାର୍ଷିକ ବିକ୍ରି ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି କମ୍ପାନୀ ୨୦୨୨-୨୩ ଆର୍ଥିକ ବର୍ଷରେ ମୋଟ ୯୧,୪୧୮ ଯାନ ଘରୋଇ ବଜାରରେ ବିକ୍ରି କରିଥିବା ବେଳେ ୨୦୨୧-୨୨ ବର୍ଷ ବିକ୍ରି ତୁଳନାରେ ୭% ଅଭିବୃଦ୍ଧି କରିପାରିଛି। ଅପରପକ୍ଷରେ ୨୦୨୧-୨୨ ଆର୍ଥିକ ବର୍ଷରେ କମ୍ପାନୀ ମୋଟ ୮୫,୬୦୯ ୟୁନିଟ୍ ଗାଡ଼ି ବିକ୍ରି କରିଥିଲା। ସେହିଭଳି କମ୍ପାନୀ ୨୦୨୨-୨୩ ଆର୍ଥିକ ବର୍ଷରେ ମୋଟ ୨୨,୭୨୨ ୟୁନିଟ୍ ଗାଡ଼ି ରପ୍ତାନି କରିଥିବା ବେଳେ ୨୦୨୧-୨୨ ଆର୍ଥିକ ବର୍ଷ ତୁଳନାରେ ୧୭% ବୃଦ୍ଧି ଘଟିଛି। ଏପରିକି ୨୦୨୧-୨୨ ଆର୍ଥିକ ବର୍ଷରେ କମ୍ପାନୀ ୧୯,୪୦୧ ୟୁନିଟ୍ ଗାଡ଼ି ରପ୍ତାନି କରିଥିଲା। ଏ ସମ୍ପର୍କରେ ଏଚ୍‌ସିଆଇଏଲ୍‌ର ନିର୍ଦ୍ଦେଶକ ( ମାର୍କେଟିଂ ଆଣ୍ଡ ସେଲ୍‌ସ) ୟୁଇଚି ମୁରାଟା କହିଛନ୍ତି, ୨୦୨୨-୨୩ ଆର୍ଥିକ ବର୍ଷରେ ଆମର ବିକ୍ରି ପରିମାଣ ପୂର୍ବ ଆର୍ଥିକ ବର୍ଷ ତୁଳନାରେ ଭଲ ରହିଛି। ଏପରିକି ଆମର ଆମେଜ ଏବଂ ସିଟି ଭଳି ୨ ପ୍ରିମିୟମ ମଡେଲର ବିକ୍ରି ଉଭୟ କାରବାର ଓ ବଜାର ଅଭିବୃଦ୍ଧିରେ ବେଶ୍ ସହାୟକ ହୋଇଛି। ସେହିଭଳି କମ୍ପାନୀ ୨୦୨୩ ମାର୍ଚ୍ଚରେ ମୋଟ ୬୬୯୨ୟୁନିଟ୍ ଯାନ ଘରୋଇ ବଜାରରେ ବିକ୍ରି କରିଥିଲା ବେଳେ ୩୧୮୯ ୟୁନିଟ୍ ଯାନ ରପ୍ତାନି କରିଛି। ଅପରପକ୍ଷରେ ୨୦୨୨ ମାର୍ଚ୍ଚରେ କମ୍ପାନୀ ମୋଟ ୬୫୮୯ ୟୁନିଟ୍ ଯାନ ଘରୋଇ ବଜାରରେ ବିକ୍ରି କରିଥିବା ବେଳେ ୨୨୪୩ ୟୁନିଟ୍ ଯାନ ରପ୍ତାନି କରିଥିଲା।

# ଭୁବନେଶ୍ୱର ରନ୍‌ୱେ ୱିକ୍

ଭୁବନେଶ୍ୱର,୫।୪

ରାଜ୍ୟର ପ୍ରମୁଖ ଘରୋଇ ସଂସ୍ଥା ତଥା ଇଭୋସ ବିଲ୍ଡକନ ଦ୍ୱାରା ପ୍ରାୟୋଜିତ ଭୁବନେଶ୍ୱର ରନ୍‌ୱେ ୱିକ୍‌ର ୮ମ ସଂସ୍କରଣ ନିକଟରେ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ସୁନ୍ଦର ଓ ଆକର୍ଷଣୀୟ ଦେଖାଯିବା ପାଇଁ ସମସ୍ତେ ଇଚ୍ଛା ପ୍ରକାଶ କରନ୍ତି। ସେଥିପାଇଁ ନୂଆ ଡିଜାଇନର ପୋଷାକ ପରିଧାନ କରିବାକୁ ସମସ୍ତଙ୍କ ମନରେ ଅନେକ ଉନ୍ମାଦନା ରହିଥାଏ। ଏପରିକି ସବୁ ବର୍ଗର ପିଢ଼ିକୁ ନଜରରେ ରଖି ଆଡିକ୍ସନ ଫ୍ୟାଶନ୍ ମ୍ୟାନେଜମେଣ୍ଟ ପକ୍ଷରୁ ନିର୍ଦ୍ଦେଶକ ଜନ୍ ଅଜୟଙ୍କ ନିର୍ଦ୍ଦେଶନାରେ ଭୁବନେଶ୍ୱର ରନ୍‌ୱେ ୱିକ୍‌ର ୮ମ ସଂସ୍କରଣର ଆୟୋଜନ କରାଯାଇଥିଲା।

ଏହି ଅବସରରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ,ବାଣିଜ୍ୟ ଓ ପରିବହନ ବିଭାଗ ସଚିବ ଉଷା ପାଢ଼ୀ,କୃଷି ବିଭାଗର ପ୍ରମୁଖ ସଚିବ ଅରବିନ୍ଦ ପାଢ଼ୀ,ଇଭୋସ ବିଲ୍ଡକନର ନିର୍ଦ୍ଦେଶକ କଳିଙ୍ଗ କେଶରୀ ରଥ ଏବଂ ଏସ୍‌ଏନ୍‌ଏମ୍ ଗ୍ରୁପ୍‌ର ନିର୍ଦ୍ଦେଶିକା ସୁମା ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅପରପକ୍ଷରେ ଶୋ ନିର୍ଦ୍ଦେଶକ ଜନ୍ ଅଜୟଙ୍କ ନିର୍ଦ୍ଦେଶନାରେ ଆୟୋଜିତ ଉକ୍ତ ଫ୍ୟାଶନ ଶୋ'ରେ ୨୦୨୨-ମିସ୍ ୟୁନିଭର୍ସ ଡିଭିତା ରାୟ ମୁଖ୍ୟ ଆକର୍ଷଣ ଥିଲେ। ଏହି ପରିପ୍ରେକ୍ଷୀରେ ପ୍ରିୟାଜ୍ ବାଏ ପ୍ରିୟା ମହାପାତ୍ରଙ୍କ ଦ୍ୱାରା 'ଖସିସ୍'ରେ ପାରମ୍ପରିକ ସୂକ୍ଷ୍ମ ଏମ୍ବ୍ରୋଡୋରି ଓ ଡାପର ଡେଲିର ଡିଜାଇନର ଦେବାଙ୍ଗିନୀ ବେହେରାଙ୍କ ଏକ ସୁନ୍ଦର ଡିଜାଇନ ପରିବେଷଣ କରାଯାଇଥିଲା। ସେହିପରି ବ୍ଲୋସୁମ୍ କୋଚର ବାଏ ମନୀଷ ଓ ଅଭିପ୍ସାଙ୍କ ଡିଜାଇନ ଇଣ୍ଡୋ ପାଶ୍ଚାତ୍ୟ ସିଲ୍‌ହୋଟ ଉପରେ ଆଧାରିତ ଥିଲା।

# ଗ୍ଲୋବାଲ ଏନ୍‌ସିଏପି ପରୀକ୍ଷଣରେ ସ୍କୋଡାର ସଫଳତା




ନୂଆଦିଲ୍ଲୀ,୫।୪

ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ସ୍କୋଡା ଅଟୋ ଇଣ୍ଡିଆକୁ ନିକଟରେ ଏକ ଅନ୍ତଃରାଷ୍ଟ୍ରୀୟ ସ୍ୱୀକୃତି ଓ ସଫଳତା ପ୍ରଦାନ କରାଯାଇଛି। ଏପରିକି ଭାରତ ବଜାରରେ ବ୍ରାଣ୍ଡ ନିରାପତ୍ତା ଏବଂ କ୍ରାସ୍ ଯୋଗ୍ୟ ପ୍ରବୃତ୍ତି ସ୍ଥିତିରେ ବିକାଶ ଧାରା ଜାରି ରଖିଛି। ବିଶେଷକରି ସ୍କୋଡା ସ୍ଲାଭିଆ ସେଡାନ ଗ୍ଲୋବାଲ ନ୍ୟୁ କାର୍ ଆସେସ୍‌ମେଣ୍ଟ ପ୍ରୋଗ୍ରାମ (ଗ୍ଲୋବାଲ ଏନ୍‌ସିଏପି) କ୍ରାସ୍ ଟେଷ୍ଟରେ ୫ରୁ ୫ ରେଟିଂ ହାସଲ କରିଛି। ବିଶ୍ୱସ୍ତରୀୟ ଏନ୍‌ସିଏପି ଦ୍ୱାରା ପରୀକ୍ଷିତ ହୋଇ ସ୍ଲାଭିଆ ସୁରକ୍ଷିତ କାର୍‌ରେ ପରିଣତ ହୋଇଛି। ସେହିଭଳି ଭାରତ ବଜାର ପାଇଁ କାର୍‌ଗୁଡ଼ିକର ନିରାପଦ ବେଶ୍ ଗୁରୁତ୍ୱପୂର୍ଣ୍ଣ। ସ୍କୋଡା ଭାରତର ଏକମାତ୍ର କ୍ରାସ୍ ପରୀକ୍ଷିତ କାର୍‌ରେ ପରିପୂର୍ଣ୍ଣ ହୋଇଛି। ଯେଉଁଥିରେ ଉଭୟ ବୟସ୍କଙ୍କ ପାଇଁ ମଧ୍ୟ ୫ତାରକା ଏବଂ ଶିଶୁଙ୍କ ପାଇଁ ଅକ୍ୟୁପାଣ୍ଟ ହୋଇପାରିଛି। ଏ ସମ୍ପର୍କରେ ସ୍କୋଡା ଅଟୋ ଇଣ୍ଡିଆର ବ୍ରାଣ୍ଡ ନିର୍ଦ୍ଦେଶକ ପିଟର ସୋଲ୍‌କ କହିଛନ୍ତି, ବ୍ରାଣ୍ଡ ରଣନୀତିର ଏକ ଅଂଶ ଭାବେ ଆମେ ଆମର ଗ୍ରାହକଙ୍କ ସୁରକ୍ଷା ଉପରେ କୌଣସି ଆପୋସ ବୁଝାମଣା କରି ନ ଥାଉ। ଏପରିକି ଆମର ଦ୍ୱିତୀୟ ଇଣ୍ଡିଆ ୨.୦ କାର୍ ସ୍ଲାଭିଆ ଗ୍ଲୋବାଲ ଏନ୍‌ସିଏପି ସୁରକ୍ଷା ପରୀକ୍ଷଣରେ ୫ ଷ୍ଟାର ରେଟିଂ ହାସଲ କରିଛି। ବିଶେଷକରି ଆମେ ଆମର ଗ୍ରାହକମାନଙ୍କୁ ଆନ୍ତରିକତାର ସହ ପ୍ରଶଂସା କରୁଛୁ, ଯେଉଁମାନେ ସ୍କୋଡାର ଉତ୍ପାଦ କିଣିବାକୁ ସ୍ଥିର କରିଛନ୍ତି ଏବଂ ଆମେ ସେମାନଙ୍କୁ ବଜାରରେ ସୁରକ୍ଷିତ କାର୍ ପ୍ରଦାନ କରିପାରିଥିବାରୁ ଅତ୍ୟନ୍ତ ଆନନ୍ଦିତ। ଏପରିକି ନିରାପତ୍ତା ପାଇଁ ଏକ ବିସ୍ତୃତ ଆଭିମୁଖ୍ୟ ସହିତ ଆମର ୫-ତାରକା ସୁରକ୍ଷିତ କାର୍‌ଗୁଡିକର ସମ୍ପୂର୍ଣ୍ଣ ପରୀକ୍ଷିତ ପରିସର ରହିଛି। ସେହିଭଳି ଆମର କାର୍‌ଗୁଡ଼ିକର ଗୁଣବତ୍ତା, ସ୍ଥାୟିତ୍ୱ ଏବଂ ନିରାପତ୍ତା ଉପରେ ମଧ୍ୟ ଆମେ ସର୍ବଦା ଧ୍ୟାନ ଦେଉଛୁ। ସେହିପରି ସୁରକ୍ଷା ଆମର ରଣନୀତିର ମୂଳମନ୍ତ୍ର ଏବଂ ଆମେ ଏହି ଦର୍ଶନ ସହିତ କାର ନିର୍ମାଣ ଜାରି ରଖିବୁ ବୋଲି ସେ ମତପ୍ରକାଶ କରିଛନ୍ତି।

### ସ୍କୋଡା ସ୍ଲାଭିଆକୁ ନିରାପତ୍ତାରେ ୫ଷ୍ଟାର ରେଟିଂ

# କମ୍ପ୍ୟୁଟର ଲାବ୍‌ର ୩୩ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୫।୪



ରାଜ୍ୟର ପ୍ରମୁଖ ଘରୋଇ ଆଇଟି କମ୍ପାନୀ କମ୍ପ୍ୟୁଟର ଲାବ୍‌ର ୩୩ତମ ପ୍ରତିଷ୍ଠା ଦିବସ ନିକଟରେ ପାଳିତ ହୋଇଯାଇଛି। ଏପରିକି ସ୍ଥାନୀୟ ଚନ୍ଦ୍ରଶେଖରପୁରସ୍ଥିତ ଇନ୍‌ଫୋସିସ୍ କ୍ୟାମ୍ପସ ପରିସରରେ ଥିବା କମ୍ପାନୀର ମୁଖ୍ୟାଳୟଠାରେ ଏକ ସ୍ୱତନ୍ତ୍ର ସମାରୋହ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ଅବସରରେ ଜଗତସିଂହପୁର ଏମ୍‌ପି ଡ. ରାଜଶ୍ରୀ ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ରଘୁନାଥ ସାହୁ, ଓକାକ୍‌ର ଏମ୍‌ଡି ମାନସ ରଞ୍ଜନ ପଣ୍ଡା,ଡ. ପ୍ରଭାକର ପଣ୍ଡା, ଟି. ରାମଚନ୍ଦ୍ର ଏବଂ ବିପ୍ଳବ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏ ସମ୍ପର୍କରେ କମ୍ପାନୀର ସିଇଓ ସନ୍ତୋଷ କୁମାର ସାହୁ କହିଥିଲେ, ଦୀର୍ଘ ୩୦ ବର୍ଷରୁ ଅଧିକ ସମୟ ହେବ ରାଜ୍ୟବାସୀଙ୍କୁ ବିଭିନ୍ନ ପ୍ରକାର ସେବା ଯୋଗାଇ ଆସୁଛୁ। ଗ୍ରାହକଙ୍କ ସେବାକୁ ଗୁରୁତ୍ୱର ସହ ଗ୍ରହଣ କରିବା ସହିତ ଗୁଣାତ୍ମକ ସେବା ଯୋଗାଇବା ଆମର ମୂଳ ଲକ୍ଷ୍ୟ ବୋଲି ସେ ମତପ୍ରକାଶ କରିଥିଲେ। ଏହି ପରିପ୍ରେକ୍ଷୀରେ ରାଜ୍ୟର ବିଭିନ୍ନ କ୍ଷେତ୍ରରେ ବିଶେଷ ଅବଦାନ ଓ ସେବା ଯୋଗାଇଥିବା ୩ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ଏପରିକି ରୁଚିର ପରିଚାଳନା ନିର୍ଦ୍ଦେଶକ ଶୀତ କୁମାର ସାହୁଙ୍କୁ ଜୀବନବ୍ୟାପୀ ସାଧନା ସମ୍ମାନ ଦିଆଯାଇଥିବା ବେଳେ ଡ. ଦୀନ୍‌ଦୟାଲ ସ୍ୱାଇଁ ଓ ବଳରାମ ତରାଇଙ୍କୁ ଲାଇଫ ଟାଇମ ଆଚିଭମେଣ୍ଟ ଆୱାର୍ଡ କମ୍ପାନୀ ପକ୍ଷରୁ ଦିଆଯାଇଥିଲା।

# ବେଦାନ୍ତ ଆଲୁମିନିୟମ ପକ୍ଷରୁ ଓଡ଼ିଶା ଦିବସ

ଭୁବନେଶ୍ୱର,୫।୪




ଦେଶର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦନକାରୀ କମ୍ପାନୀ ବେଦାନ୍ତ ଆଲୁମିନିୟମ ପକ୍ଷରୁ ନିକଟରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଓଡ଼ିଶା ୟୁନିଟ୍ ଝାରସୁଗୁଡ଼ା ଏବଂ ଲାଞ୍ଜିଗଡ଼ କାର୍ଯ୍ୟ କ୍ଷେତ୍ରରେ ଓଡ଼ିଶାର ସମୃଦ୍ଧ ସଂସ୍କୃତି ଓ ଐତିହ୍ୟକୁ ପାଳନ କରାଯାଇଛି। ବିଶେଷକରି ବେଦାନ୍ତର ଝାରସୁଗୁଡ଼ାସ୍ଥିତ ସ୍ମେଲଟର ପ୍ଲାଣ୍ଟଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହ ଉତ୍ସବରେ ଶିଳ୍ପୀ ପଦ୍ମ ବିଭୂଷଣ ସୁଦର୍ଶନ ସାହୁ ଏବଂ ଡା. ଶଙ୍କର ରାମଚନ୍ଦାନିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଏ ସମ୍ପର୍କରେ ବେଦାନ୍ତ ଲିମିଟେଡ୍‌ର ସିଇଓ ସୁନୀଲ ଗୁପ୍ତା କହିଛନ୍ତି, ବିଗତ କିଛି ବର୍ଷ ମଧ୍ୟରେ ଓଡ଼ିଶା ସହ ଆମ ସମ୍ପର୍କ ବେଶ୍ ନିବିଡ଼ ହୋଇଛି । ବିଶେଷକରି ଓଡ଼ିଶା ଦିବସକୁ ଆମେ ପାଳନ କରୁଥିବା ବେଳେ ବେଦାନ୍ତ ଆଲୁମିନିୟମରେ ଏପ୍ରିଲ ୧ ଆମ ପାଇଁ ମଧ୍ୟ ଏକ ସ୍ମରଣୀୟ ଦିନ। ସେହିଭଳି ଓଡ଼ିଶାର ନାଗରିକମାନଙ୍କ ସାମାଜିକ, ଅର୍ଥନୈତିକ ବିକାଶ ଦିଗରେ ଆମେ ବ୍ୟାପକ କାର୍ଯ୍ୟ ଜାରି ରଖିଥିବା ବେଳେ ଓଡ଼ିଶା ଦିବସରେ ମଧ୍ୟ ଆମେ ଓଡ଼ିଶାର ଲୋକମାନଙ୍କ ପାଇଁ ଶ୍ରେଷ୍ଠ ସଫଳତା ଓ ଅତୁଳନୀୟ ପ୍ରଗତିର ଆଉ ଏକ ବର୍ଷର ଶୁଭକାମନା ଜଣାଉଛୁ।

ସେହିପରି ବେଦାନ୍ତ ଆଲୁମିନିୟମର ଡେପୁଟି ସିଇଓ ଜି. ଜି. ପାଲ୍ କହିଛନ୍ତି, ବେଦାନ୍ତ ଲାଞ୍ଜିଗଡ଼ ଓଡ଼ିଶାର ସାଂସ୍କୃତିକ ପୁନର୍ଜାଗରଣର ଅଂଶ ହୋଇଥିବାରୁ ଆମେ ଗର୍ବିତ ଯାହା ଡୋକ୍ରା କଳାକୃତି ଓ ସଉରା ଚିତ୍ରକଳା ଭଳି ସୁନ୍ଦର ପାରମ୍ପରିକ କଳାକୃତିର ପ୍ରସାର ପାଇଁ ଆମ ଉଦ୍ୟମରେ ପ୍ରତିଫଳିତ ହୋଇଛି। ଆମର ମାନୁଫାକ୍ଚରିଂ ଉତ୍କର୍ଷ ଓ ସମ୍ପ୍ରସାରିତ ଯୋଗାଣ ଶୃଙ୍ଖଳ ଜରିଆରେ ରାଜ୍ୟ ଓ ଏହାର ଲୋକମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା ସହିତ ଆମର କଳାକୃତି ଜରିଆରେ ଆମେ ଓଡ଼ିଶାର ସାଂସ୍କୃତିକ ଐତିହ୍ୟର ସଂରକ୍ଷଣ ଲାଗି ପ୍ରତିବଦ୍ଧ ରହିଛୁ।

# ଏମ୍‌ଆଇବି-ଆମାଜନ ମଧ୍ୟରେ ସହଭାଗିତା

ନୂଆଦିଲ୍ଲୀ,୫।୪




ଦେଶର ମିଡିଆ, ଏଣ୍ଟରଟେନ୍‌ମେଣ୍ଟ ଏବଂ ଜନସଚେତନତା କ୍ଷେତ୍ରରେ ମିଳିତ ଭାବେ କାର୍ଯ୍ୟ କରିବା ଲକ୍ଷ୍ୟରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ (ଏମ୍‌ଆଇବି) ଏବଂ ଆମାଜନ ଇଣ୍ଡିଆ ମଧ୍ୟରେ ସହଭାଗିତା ହୋଇଥିବା ଜଣାପଡ଼ିଛି। ଏପରିକି ବିଭାଗୀୟ ମନ୍ତ୍ରୀ ଅନୁରାଗ ଠାକୁର ବୁଧବାର ଏହି ସହଭାଗିତା ସମ୍ପର୍କରେ ଘୋଷଣା କରିଛନ୍ତି।

ଏ ସମ୍ପର୍କରେ ଠାକୁର କହିଛନ୍ତି, ଭାରତ ଏକ ପ୍ରାଚୀନ ସଭ୍ୟତା ହୋଇଥିବାରୁ ଏଥିରେ ଲକ୍ଷ ଲକ୍ଷ କାହାଣୀର ସମାହାର ରହିଛି। ଯାହା ବର୍ତ୍ତମାନ ପ୍ରକାଶ କରିବାକୁ ରହିଛି, କାହାଣୀର ପରିସର ଅତ୍ୟନ୍ତ ବ୍ୟାପକ ଏବଂ ଏଥିରେ ଆଧ୍ୟାତ୍ମିକତାଠାରୁ ସଫ୍ଟୱେର୍, ପରମ୍ପରା, ଟ୍ରେଣ୍ଡ, ଲୋକନୃତ୍ୟ ଏବଂ ପର୍ବପର୍ବାଣି ଏବଂ ଗ୍ରାମାଞ୍ଚଳ ଭାରତରୁ ଉଦୀୟମାନ ଭାରତ ପର୍ଯ୍ୟନ୍ତ ବିସ୍ତୃତ ଦିଗ ରହିଛି। ସେହିଭଳି ଆମାଜନ ସହ ସହଭାଗିତା ବିଷୟରେ ବିସ୍ତୃତ ସୂଚନା ଦେଇ ଠାକୁର କହିଛନ୍ତି, ଆମାଜନ ଇଣ୍ଡିଆ ସହ ସହଭାଗିତା ଅନେକ କ୍ଷେତ୍ରରେ ଅନନ୍ୟ ଏବଂ ସୃଜନଶୀଳ ଶିଳ୍ପର ବିଭିନ୍ନ ଦିଗରେ ରହିଛି ଏବଂ ଏହି ଲେଟର ଅଫ୍ ଏନ୍‌ଗେଜମେଣ୍ଟ ଏ ସବୁକୁ ବିସ୍ତାର ହୋଇଛି। ବିଶେଷକରି ଏହି ସହଭାଗିତା ଫିଲ୍ମ ଆଣ୍ଡ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ଏବଂ ସତ୍ୟଜିତ ରାଇ ଫିଲ୍ମ ଆଣ୍ଡ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆର ଛାତ୍ରମାନଙ୍କ ପାଇଁ ଛାତ୍ରବୃତ୍ତି, ଇଣ୍ଟର୍ନଶିପ୍,ମାଷ୍ଟରକ୍ଲାସ୍ ଏବଂ ଅନ୍ୟାନ୍ୟ ସୁଯୋଗ ପାଇଁ ଶିଳ୍ପ-ଶିକ୍ଷା ସଂଯୋଗକୁ ମଜଭୁତ କରିବାରେ ସାହାଯ୍ୟ କରିବ। ସେହିଭଳି ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସେକ୍ରେଟାରି ଅପୂର୍ବ ଚନ୍ଦ୍ରା କହିଛନ୍ତି, ଏମ୍‌ଆଇବି ଏବଂ ଆମାଜନ ମଧ୍ୟରେ ସହଭାଗିତା ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଭାରତୀୟ ପ୍ରତିଭାଙ୍କ ପାଇଁ ସୁଯୋଗ ସୃଷ୍ଟି କରିବ। ଭାଇସ୍ ପ୍ରେସିଡେଣ୍ଟ ଏସିଆ ପାସିଫିକ୍, ଆମାଜନ ପ୍ରାଇମ ଭିଡିଓ ଗୌରବ ଗାନ୍ଧୀ କହିଛନ୍ତି, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ସହିତ ଆମର ସମ୍ପୂର୍ଣ୍ଣ ସହଯୋଗ ପ୍ରତ୍ୟେକ ଜୀବନର ପର୍ଯ୍ୟାୟ ଏବଂ ଶିଳ୍ପର ଅଭିବୃଦ୍ଧିକୁ ଉତ୍ସାହିତ କରିବା ସହିତ ଏହା ସମଗ୍ରିକ ଉନ୍ନତିରେ ସହାୟକ ବୋଲି ଆମେ ଆଶା କରୁଛୁ ଓ ଏହା ନୂତନ ପ୍ରତିଭାମାନଙ୍କୁ ନିଶ୍ଚିତ ଭାବରେ ସୁଯୋଗ ଦେବାରେ ସହାୟକ ହେବ। ଏହି ପରିପ୍ରେକ୍ଷୀରେ ଚେତନ କୃଷ୍ଣସ୍ୱାମୀ, ଭାଇସ୍ ପ୍ରେସିଡେଣ୍ଟ, ପବ୍ଲିକ୍ ପଲିସି, ଆମାଜନ ଇଣ୍ଡିଆ, ବିକ୍ରମ ସହାୟ, ଜଏଣ୍ଟ ସେକ୍ରେଟାରି, ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ, ଭାରତ ସରକାର ଏବଂ ମନ୍ତ୍ରଣାଳୟର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



# ‘ୱାର୍-୨’ରେ ଜୁନିୟର ଏନ୍‌ଟିଆର୍‌ଙ୍କ ଏଣ୍ଟ୍ରି

**ମୁମ୍ବାଇ:** ସିଦ୍ଧାର୍ଥ ଆନନ୍ଦଙ୍କ ନିର୍ଦ୍ଦେଶନାରେ ୨୦୧୯ରେ ନିର୍ମିତ ଫିଲ୍ମ ‘ୱାର୍’ରେ ବଲିଉଡ୍ ଅଭିନେତା ହ୍ରିତିକ ରୋଶନ ଏବଂ ଟାଇଗର ଶ୍ରଫଙ୍କ ଯୋଡିକୁ ସମସ୍ତେ ପସନ୍ଦ କରିଥିଲେ। ତାହା ସେତେବେଳେ ୩୦୦ କୋଟିରୁ ଅଧିକ ଆୟ କରିଥିଲା। ହ୍ରିତିକ୍ ଓ ଟାଇଗର ସିନେମାରେ ଗୁରୁ-ଶିଷ୍ୟର ଭୂମିକାରେ ନଜର ଆସିଥିଲେ। ତେବେ ଏହି ମୁଭିର ଆଗାମୀ ଭାଗ ‘ୱାର୍-୨’ରେ ଆସିବାକୁ ଯାଉଛି। ଏଥିରେ ସିଦ୍ଧାର୍ଥ ଆନନ୍ଦଙ୍କ ବଦଳରେ ଆୟାନ ମୁଖାର୍ଜୀ ନିର୍ଦ୍ଦେଶନା ଦେବେ ବୋଲି ଜଣାପଡିଛି। ଏଥିସହ ଟାଇଗର୍ ଏହି ଚଳଚ୍ଚିତ୍ରରୁ ବାଦ୍ ପଡିଛନ୍ତି। ତାଙ୍କ ବଦଳରେ ସାଉଥ୍ ଅଭିନେତା ଜୁନିୟର ଏନ୍‌ଟିଆର୍ ଫିଲ୍ମରେ ଏଣ୍ଟ୍ରି କରିଛନ୍ତି। ହ୍ରିତିକ ରୋଶନଙ୍କ ସହ ଜୁନିୟର ଏନ୍‌ଟିଆର୍ ଏହି ସିନେମା ମାଧ୍ୟମରେ ପ୍ରଥମ ଥର ପାଇଁ ସ୍କ୍ରିନ ଶେୟାର କରିବାକୁ ଯାଉଛନ୍ତି। ତେବେ ଜୁନିୟର ଏନ୍‌ଟିଆର୍ ସାଉଥ୍ ଇଣ୍ଡଷ୍ଟ୍ରିକୁ ଅନେକ ମୁଭି ଭେଟି ଦେଇଛନ୍ତି। ଗତବର୍ଷ ସେ ଏସ୍‌ଏସ୍ ରାଜାମୌଳିଙ୍କ ନିର୍ଦ୍ଦେଶିତ ମୁଭି ‘ଆର୍‌ଆର୍‌ଆର୍’ରେ ଅଭିନୟ କରିଥିଲେ। ସେହି ଫିଲ୍ମର ଗୀତ ‘ନାଟୁନାଟୁ’କୁ ଓସ୍କାର ମିଳିବା ପରେ ତାଙ୍କର ଡିମାଣ୍ଡ ବଢିଯାଇଛି।

# ଚନ୍ଦ୍ରର ନିକଟତର ହେବେ ମଙ୍ଗଳ, ଶୁକ୍ର, ଶନି

**ନୂଆଦିଲ୍ଲୀ**



ଆମେ ଆକାଶରେ ଚନ୍ଦ୍ର ସହ ବହୁତ ତାରାଙ୍କୁ ଦେଖିବାକୁ ପାଇଥାଉ। ସବୁଦିନେ ତାରାମାନେ ଭିନ୍ନ ସ୍ଥାନରେ ଦୃଶ୍ୟମାନ ହୋଇଥାନ୍ତି। ତେବେ ନିକଟରେ ଚନ୍ଦ୍ରର ବହୁ ପାଖରେ ଶୁକ୍ର ଗ୍ରହକୁ ଦେଖିବାକୁ ମିଳିଥିଲା, ଯାହାକୁ ସମସ୍ତେ ଖାଲି ଆଖିରେ ଦେଖିପାରିଥିଲେ। ଚଳିତ ମାସରେ ଏପରି ୩ଟି ଗ୍ରହ ଚନ୍ଦ୍ର ପାଖରେ ଦେଖାଯିବେ। ମାସର ଅଲଗା ଅଲଗା ଦିନ ମଙ୍ଗଳ, ଶୁକ୍ର ଏବଂ ଶନି ଚନ୍ଦ୍ର ପାଖରେ ଦେଖିବାକୁ ମିଳିବେ। ଏହି ଗ୍ରହ ସେମାନଙ୍କ କକ୍ଷପଥରେ ଘୂରି ଘୂରି ସୂର୍ଯ୍ୟଙ୍କ ଚାରିପଟେ ଅତିକ୍ରମ କରି ଚନ୍ଦ୍ର ପାଖକୁ ଆସିବେ। ୧୫ ଏବଂ ୧୬ ତାରିଖରେ ଅଧା ଚନ୍ଦ୍ର ସହ ଶନି ଗ୍ରହ ଦେଖିବାକୁ ମିଳିବ। ଏହି ଦୃଶ୍ୟ ଦକ୍ଷିଣ-ପୂର୍ବ ଆକାଶରେ ସୂର୍ଯ୍ୟୋଦୟ ପୂର୍ବରୁ ଦେଖାଯିବେ। ଏହାପରେ ୨୩ ତାରିଖରେ ପୁଣିଥରେ ସବୁଠୁ ଅଧିକ ଚମକଥିବା ଗ୍ରହ ଶୁକ୍ରକୁ ଚନ୍ଦ୍ର ପାଖରେ ଦେଖିବାକୁ ମିଳିବ। ଏହି ମିଳନରେ ଶୁକ୍ର ଚନ୍ଦ୍ରଠାରୁ ୫ ଡିଗ୍ରୀ ଉପରେ ରହିବ, ଯାହା ପଶ୍ଚିମ ଆକାଶରେ ସୂର୍ଯ୍ୟୋଦୟ ପରେ ଦେଖାଯିବ। ଏହାପରେ ମଙ୍ଗଳ ଗ୍ରହ ଚନ୍ଦ୍ର ପାଖରେ ଅଧ ରାତିରେ ଦେଖାଯିବ। ଏହା ବ୍ୟତୀତ ଗ୍ରହଗୁଡ଼ିକ ମଧ୍ୟରେ ସୌରମଣ୍ଡଳର ସବୁଠୁ ଦ୍ରୁତ ଗତିରେ ନିଜ କକ୍ଷପଥରେ ଗତି କରୁଥିବା ଗ୍ରହ ବୁଧ ମଧ୍ୟ ଆକାଶରେ ସ୍ପଷ୍ଟ ଦେଖିବାକୁ ମିଳିବ। ଏପରି ମହାଜାଗତିକ ଦୃଶ୍ୟ ଆସନ୍ତା ୧୧ ତାରିଖରୁ ୩ରୁ ୪ ସପ୍ତାହ ପର୍ଯ୍ୟନ୍ତ ଦେଖାଯିବ। ଜେଟ୍ ପ୍ରପୁଲସନ୍ ଲାବୋରେଟୋରି ମୁତାବକ ବୁଧ ଗ୍ରହ ସୂର୍ଯ୍ୟଙ୍କ ବହୁତ ପାଖରେ ଥିବାରୁ ସେ ବହୁତ ସମୟରେ ଆକାଶରେ ଦୃଶ୍ୟମାନ ହୋଇ ନ ଥାଏ।


**boyanika**

**TENDER CALL NOTICE**

**No. 994** **No. PP-01:** **Dt. 04.04.2023**

Name of the work :- **Construction of stalls, gates, PH, electrification works & other allied services for proposed Special/State/District Level Handloom Expos & other events to be organized by Boyanika.** The last date and time of submission of tender :- **28.04.2023 at 2.00 P.M.** Refer website for details- **www.boyanika.com**. All the information on this tender notice will be available in the above website.

The authority reserves the right to accept or reject any or all the tenders without assigning any reason thereof

**Sd/-**
**Managing Director, Boyanika**

**OIPR-31004/11/0002/2324**



**Government of Odisha**

**OFFICE OF THE SUPERINTENDING ENGINEER KANTABANJI (R&B) DIVISION**

**e-mail ID : eerbkbj@rediffmail.com Tel/FAX No. : 06657-220216**

**Bid Identification No.11 / KBJ / 2022-2023**

**No.B-25:**The Superintending Engineer, Kantabanji (R&B) Division, Kantabanji on behalf of Governor of Odisha invites percentage rate composite bid in double cover system in ONLINE MODE for the construction of works detailed in the table below from B & A Class Contractors registered with the State Governments and Contractors of equivalent Grade/ Class registered with Central Government/ MES/ Railways for execution of civil works. The proof of registration from the appropriate authority shall be enclosed along with the bid.

1) No. of work : 02 Nos. (Double Cover Composite Bid)
2) Nature of work : Building work
3) Class of contractor : B & A
4) Approximate value of work : Between Rs.218.48 Lakh to Rs.273.94 Lakh
5) Tender cost : Rs.10,000/- (for Double Cover)
6) Date and time of vailability of Bid documents in online : From Dt. 08.04.2023, 10.00 A.M. to Dt.23.04.2023 upto 05.00 P.M.
7) Date of Opening of Technical Bid (Cover-I) in online :- Dt.24.04.2023 at 11.00 A.M.
8) Other details can be seen in the bidding documents from the e-procurement portal “www.tendersodisha.gov.in”
9) The bidders have to participate in ONLINE bidding only. Further details can be seen from the website: http://tendersorissa.gov.in. All future corrigendum will be available on ONLINE MODE only.

**Sd/-ARJUNA BEHERA**
**Superintending Engineer,**
**Kantabanji (R&B) Division**

**OIPR-34099/11/0001/2324**



**GOVERNMENT OF ODISHA** **No. O-15**

**“e” PROCUREMENT NOTICE**

**Bid Identification No.**
**Online-AGL-01 of 2023-2024**

1. Name of the Work : Building Work
2. Estimated Cost : Rs.230.00 Lakhs
3. Period of Completion : 06 (Six) Calendar Months
4. Date & time of availability of Bid Document in the Portal : From 06.04.2023 to 14.04.2023 upto 5.00 P.M.
5. Last date/time for receipt of Bids in the Portal : 14.04.2023 upto 5.00 P.M.
6. Name & Address of the OIT : Executive Engineer, Rural Works Division, Angul

Further details can be seen from the Govt. website **www.tendersorissa.gov.in**.

**Sd./- Executive Engineer**
**R.W. Division, Angul**

**OIPR-25096/11/0002/2324**



**“e” Procurement Notice**
**No.i-16: for Building Works**

**Identification No. Online Tender/06/PSK/2022-23**

1. Name of the Work : Construction of New Sub centre building at Aranga under Khordha Block in the District of Khordha.
2. Total Number of Works : 01 No.
3. Estimated Cost : Rs.33.18 Lakhs
4. Class of Contractor : C & Equivalent
5. Period of Completion : 06 Calendar Months
6. Availability of Tender Online for Bidding : Dt.06.04.2023 at 11.00 A.M. dt.13.04.2023 at 5.00 P.M.
7. Last Date & Time of seeking Tender Clarification : Dt.11.04.2023 at 5.00 PM
8. Date & Time of Opening of Tender : Dt.15.04.2023 at 11.00 A.M.

Further details can be seen from the website www.tenderodisha.gov.in.

**Sd./- Block Development Officer**
**Khordha**

**OIPR-19215/11/0001/2324**



**The Odisha Small Industries Corporation Ltd.**

**(A Government of Odisha Undertaking)**
***(An ISO:9001:2008 certified Govt. Company)***
**Industrial Estate, Madhupatna, CUTTACK – 753 010. Odisha.**
**Tel No. : 0671-2341204 ,2342816 Fax : 0671-2341875/2342561**
e-mail: osicltd@gmail.com, osicmd@gmail.com, website: osicltd.in

**No. CAD-36:** OSIC GST No. 21AAACO2101M1Z1

**e-Procurement Notice for Building works**

**Tender Notice No.1937** **Date: 04.04.2023**

**Identification No. Online Building OSIC/Constn./2023-2024/001**

**(A)**1.Name of the work
i)Construction, repair & renovation of BVD Koida. at Sundergarh.
ii)Construction of boundary wall, road and drain at KMRS (Jharanaghati) Nilagiri,Balasore.
2.Total No of works : 02 Nos.
3. Estimated cost :
i) **Rs.68,50,754/-(approx),** ii)**Rs.1,23,22,800/-(approx)**
4.Class of Contractor:
i) B & A Class as per illegibility criteria online.(ii) B & A Class as per illegibility criteria online.
5.Period of completion : i) Six calendar months ii) Three calendar months.

**(B)Other details**

| Procurement online | Bid Identifi -cation No | Availability of tender online for bidding | | Date & time of opening of Tender in O/O MD OSIC Ltd., Cuttack |
|---|---|---|---|---|
| | | From | To | |
| MD OSIC Ltd., Cuttack. | 001 of 2023-2024 | 06.04.23 | 20.04.23 | 21.04.23 11.00 A.M |

Further details can be seen from the website **www.tendersodisha.gov.in** .Any amendment corrigendum, cancellation or re-tender may please be referred to the website.

**Sd/-**
**GENERAL MANAGER(O)**
**OSIC Ltd., Cuttack.**

**OIPR-14073/11/0001/2324**



**OFFICE OF THE ENGINEER-IN-CHIEF (CIVIL), ODISHA**
**NIRMAN SOUDHA, UNIT-V, BHUBANESWAR**
E-mail ID: cebuildings_orissa@yahoo.co.in, cebuildings@rediffmail.com, Tel.: (0674) 2391523

**INVITATIONS FOR BIDS (IFB)**

File No. B-I-Tourism-04/2022 Lr. No. 13153 / Bhubaneswar 29th Mar., 2023

**No. B-20** **Invitation for Bids**

**Bid Identification No. OSD-C.E. (B) - 64/2022-23**

| | | | |
|---|---|---|---|
| 1. | The OSD-Chief Engineer (Buildings) on behalf of Governor of Odisha invites bids from reputed Indian firms registered with the State Government and bidders of equivalent Grade/Class registered with Central Government/MES/Railways for the tourism infrastructure works detailed in the table below on turnkey basis (i.e. Architectural planning with detailed design, vetting & execution). | | |
| 2. | Nature of Work | : | Integrated Development of Bhitarakanika National Park in the District of Kendrapada in Turnkey Basis in the State of Odisha. |
| 3. | No. of Work | : | 01 No. |
| 4. | Bid Cost | : | Rs.10,000/- |
| 5. | Class of Contractor | : | Special/Super Class |
| 6. | Availability of Bid documents in the website | : | From Dt.13.04.2023 to 5.30 P.M. of Dt.03.05.2023. |
| 7. | Pre-bid Meeting | : | Dt.24.04.2023 at 11.00 A.M. |
| 8. | Last date of Online Submission of Bid | : | Dt.03.05.2023 upto 5.30 P.M. |
| 9. | Last Dt. of submission of hard copy (Cover - III). | : | Dt.11.05.2023 upto 5.30 P.M. |
| 10. | Date of Opening of Bids | : | Dt.12.05.2023 at 11.30 A.M. |
| 11. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/corrigendum/ cancellation of tender can also be seen in the said website only. | | |

**Sd./- OSD-Chief Engineer (Buildings)**
**Odisha, Bhubaneswar**

**OIPR-34117/11/0004/2324**


# ୮ କି.ମି. ସମୁଦ୍ର ତଳର ମାଛ



**ଟୋକିଓ:** ପୃଥିବୀରେ ଏକ ଭାଗ ସ୍ଥଳ ଥିବାବେଳେ ୩ ଭାଗ ଜଳ ରହିଛି। ସେହି ସ୍ଥଳ ଏବଂ ଜଳ ଭାଗରେ ଏପରି କିଛି ଜୀବ ଅଛନ୍ତି, ଯେଉଁମାନେ ସମ୍ପୂର୍ଣ୍ଣ ଅଚିହ୍ନା। ନିକଟରେ ୟୁନିଭର୍ସିଟି ଅଫ୍ ୱେଷ୍ଟର୍ନ ଅଷ୍ଟ୍ରେଲିଆ ଏବଂ ଜାପାନର ସାଇଣ୍ଟିଷ୍ଟମାନେ ଉତ୍ତର ପ୍ରଶାନ୍ତ ମହାସାଗରରେ କିଛି ଯାଞ୍ଚ କରୁଥିବାବେଳେ ସମୁଦ୍ରପତନଠାରୁ ୮ହଜାର ୩୩୬ ମିଟର (୨୭ ହଜାର ୩୪୯ ଫୁଟ) ତଳେ ପହଁରୁଥିବା ଏକ ମାଛ ଚିହ୍ନଟ କରିଛନ୍ତି, ଯାହା ସବୁଠୁ ଗଭୀର ଜଳପତନର ମାଛ ବୋଲି ଜଣାପଡିଛି। ଏହି ମାଛଟି ସ୍ନେଲ୍‌ଫିସ୍ ପ୍ରଜାତିର (ସିଉଡୋଲିପାରିସ୍)। ଜାପାନର ଦକ୍ଷିଣରେ ଇଜୁ- ଓଗାସୱାରା ଟ୍ରେଞ୍ଚ ସମୁଦ୍ର ଭିତରକୁ ଛଡାଯାଇଥିବା ଏକ ସ୍ୱୟଂଚାଳିତ ସମୁଦ୍ର ରୋବୋ ‘ଲ୍ୟାଣ୍ଡର’ ଏହି ଭିଡିଓକୁ କଏଦ କରିଛି। ଏହି ପ୍ରଜାତିର ମାଛ ଆର୍କଟିକ ଏବଂ ଆଣ୍ଟାର୍କଟିକା ମହାସାଗରର ଥଣ୍ଡା ପାଣିରେ ବସବାସ କରିଥାନ୍ତି। ତାଙ୍କର ଅଠାଳିଆ ଦେହ ତାଙ୍କୁ ଥଣ୍ଡା ପାଣିରେ ବଞ୍ଚିବାରେ ସାହାଯ୍ୟ କରେ। ଏହା ପୂର୍ବରୁ ସବୁଠୁ ଗଭୀରତମ ମାଛ ଭାବେ ୮ ହଜାର ୧୭୮ ମିଟର(୨୬ ହଜାର ୮୩୦ ଫୁଟ) ଗଭୀରରେ ପହଁରୁଥିବା ଦକ୍ଷିଣ ପ୍ରଶାନ୍ତ ମହାସାଗର ମାରିଆନା ଟ୍ରେଞ୍ଚରେ ଚିହ୍ନଟ କରାଯାଇଥିଲା। ଏପରି ଗଭୀର ଜଳପତନରେ ଥିବା ମାଛମାନଙ୍କ ବିଷୟରେ ଅଧିକ ତଥ୍ୟ ସଂଗ୍ରହ ପାଇଁ ବୈଜ୍ଞାନିକମାନେ ଅଧିକ ଅଧ୍ୟୟନ କରିବେ ବୋଲି ସମୁଦ୍ର ଜୀବ ବିଜ୍ଞାନୀ ଆଲାନ୍ ଜେମିଏନ୍‌ସନ୍ କହିଛନ୍ତି।


**“e” Procurement Notice** – see above.



**Government of Odisha, e-Procurement Notice**

**INVITATION FOR BIDS (IFB)**

**Bid Identification No.C.C.E.Dkl (R&B)26/2022-23**
**E-mail Id:sedklpwd@gmail.com**
**Letter No.1084/Dt.31.03.2023**

**No.B-29:**The Chief Construction Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate Bids in double cover system to be received in ONLINE MODE from eligible contractors for construction of Road/ Bridge works as detailed below:

1. Name of the Work : Road/ Bridge Works
2. No. of Works : 04 (Four) Nos.
3. Estimated Cost : Rs.8,27,35,985/- to Rs.3,81,30,349/- (as given in column No.03 of table)
4. Cost of Tender Paper : Rs.10,000.00
5. Class of Contractor : ‘A’, & ‘Special’ Class (as given in column No.07 of table)
6. Period of Completion of Work : 07 (Seven) to 11 (eleven) Calendar Months (as given in column No.08 of table)
7. Date and time of availability of bid document in the website : From Dt.11.04.2023 to 5.30 P.M. of Dt.25.04.2023
8. Date of Opening of Bid : Dt.26.04.2023 at 11.30 hours

The bidders have to participate in ONLINE bidding only, further details can be seen from the e-Procurement Portal: www.tendersodisha.gov.in. Any addendum/ corrigendum/ cancellation of tender can also be seen in the said website.

**Sd./- Chief Construction Engineer**
**Dhenkanal (R&B) Circle, Dhenkanal**

**OIPR-34132/11/0001/2324**


# ‘ମଣିଷଙ୍କ ଭଳି ଭଲ ପାଇପାରିବିନି’

**ଲଣ୍ଡନ:** ଯୁକ୍ତରାଷ୍ଟ୍ର ଆମେରିକାସ୍ଥିତ ରୋବୋଟିକ୍ କମ୍ପାନୀ ଇଞ୍ଜିନିୟରିଂ ଆର୍ଟ୍ସ ଦ୍ୱାରା ନିର୍ମିତ ବିଶ୍ୱର ସବୁଠୁ ଆଡ୍‌ଭାନ୍ସ ହ୍ୟୁମାନଏଡ୍ ରୋବୋ ‘ଏମିକା’ ନିକଟରେ ତା’ ମନର କଥା ଶେୟାର କରିଛି। ଏହି ରୋବୋ ପୂରା ମଣିଷଙ୍କ ଭଳି କଥା ହେଉଛି। ଏନେଇ ୟୁଟ୍ୟୁବ୍‌ରେ ଶେୟାର ହୋଇଥିବା ଏକ ଭିଡିଓରେ ରୋବୋ ‘ଏମିକା’କୁ ତା’ ଜୀବନର ସବୁଠୁ ଦୁଃଖଦ ଦିନ ବିଷୟରେ ପଚରାଯାଇଥିଲା। ତା’ ଉତ୍ତରରେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଛନ୍ତି। ସେ କହିଛି, ମଣିଷଙ୍କ ଭଳି ସେ କେବେ ସତ ଭଲପାଇବା ଏବଂ ସାଥୀ ପାଇପାରିବିନି। ଏହା କହି ସେ ଚେହେରାକୁ ଉଦାସ କରିଥିଲା। ରୋବୋଟିକ୍ କମ୍ପାନୀ ଇଞ୍ଜିନିୟରିଂ ଆର୍ଟ୍ସର ସଂସ୍ଥାପକ ବିଲ୍ ଜ୍ୟାକ୍ସନଙ୍କ କହିବା ମୁତାବକ, ଜିପିଟି-୩ ଏବଂ ଜିପିଟି-୪ ରୋବୋକୁ ଅପଡେଟ୍ କରାଯାଇଛି। ସେଥିରେ ତା’ର କଥାବାର୍ତ୍ତାରେ ସମ୍ବେଦନଶୀଳତା ଯୋଡ଼ା ଯାଇଛି। ଯାହାଫଳରେ ସେ ଏପରି ଉତ୍ତର ଦେଇଛି। ଆଉଥରେ ଯଦି ତାକୁ ଏପରି ପ୍ରଶ୍ନ କରାଯାଏ, ତେବେ ସେ କିଛି ଅଲଗା ଉତ୍ତର ଦେବ।


**Government of Odisha**

**Office of the Chief Construction Engineer, Rural Works Circle, Angul**

**E-Mail - sencrwangul@yahoo.co.in, Ph:06764- 236404**

**e-Procurement Notice for Bridge Works in Odisha**
**Bid Identification No. Bridge Online AGL- 01/2023-24**

**No. 965 //** **Dt.04.04.2023 //**

**No.O-17:**1.Name of the work : Bridge works. 2. Total No.of work :02 Nos. 3.Estimated cost : Rs.278.92 to Rs.366.63 Lakhs. 4. Class of contractor : ‘B’ & ‘A’ Class. 5. Period of completion: As per Annexure. 6. Other details.

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender clarification | Date & Time of Opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Bridge Online-AGL-01/ 2023-24 | 12.04.2023 at 10.00 A.M. | 27.04.2023 upto 5.00 P.M. | 25.04.2023 upto 1.00 P.M. | 28.04.2023 at 09.00 A.M. | Will be intimated separately |

(1) For detailed notice inviting Tenders, Please visit to the website www.tendersorissa.gov.in.

**Sd./- S.C. Samantaray**
**Chief Construction Engineer, Rural Works Circle, Angul**

**OIPR-25180/11/0001/2324**



**No. D-03:**

**ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ସମ୍ବନ୍ଧରେ ସୂଚନା**



ନାମ-ସଞ୍ଜୟ କୁମାର ସାହୁ,
ପିତା-ରବିନାରାୟଣ ସାହୁ,
ଗ୍ରାମ-ଅନନ୍ତପୁର,
ଥାନା-କାମାକ୍ଷ୍ୟାନଗର,
ଜିଲ୍ଲା-ଢେଙ୍କାନାଳ,
ହା.ସା-ଫ୍ଲାଟ ନଂ-୨୧୮, ବ୍ଲକ -ସି,
ଭେନୁସ ରୟାଲ ହାଇଡ, ରସୁଲଗଡ,
ଥାନା-ମଞ୍ଚେଶ୍ୱର, ଜିଲ୍ଲା-ଖୋର୍ଦ୍ଧା ।

ନିରୁଦ୍ଦିଷ୍ଟ ବ୍ୟକ୍ତିଙ୍କ ବୟସ-୫୬ , ଉଚ୍ଚତା-୫ ଫୁଟ ୧୦ ଇଞ୍ଚ, ବର୍ଣ୍ଣ-କଳା, ସ୍ୱାସ୍ଥ୍ୟ-ପତଳା, ସେ ଗତ ୧୧.୦୮.୨୦୧୭ ମସିହାରେ, ରସୁଲଗଡ, ଭୁବନେଶ୍ୱର ଠାରୁ ନିଖୋଜ ଅଛନ୍ତି । ଗଲା ବେଳେ ସେ କଳା ରଙ୍ଗର ପ୍ୟାଣ୍ଟ, ଚେକ ଟି ଶାର୍ଟ ପିନ୍ଧିଥିଲେ ।

ଯଦି କୌଣସି ସହୃଦୟ ବ୍ୟକ୍ତି ଏହି ବ୍ୟକ୍ତିଙ୍କ ବିଷୟରେ କୌଣସି ସନ୍ଧାନ ପାଆନ୍ତି ତେବେ ମଞ୍ଚେଶ୍ୱର ଥାନା ମୋବାଇଲ ନଂ-୯୯୩୭୨୬୩୮୪୫, ୮୨୮୦୩୩୭୩୨୧, ୦୬୭୪-୨୫୮୫୮୮୧ ରେ ଯୋଗାଯୋଗ କରିବାକୁ ଅନୁରୋଧ । ସୂଚନ ଦେଇଥିବା ବ୍ୟକ୍ତିଙ୍କୁ ପୁରସ୍କାର ରାଶି ଭାବରେ ୫୦,୦୦୦/- ଟଙ୍କା ପୁରସ୍କୃତ କରାଯିବ ।

**OIPR-12134/11/0002/2324**



**ORISSA RURAL HOUSING & DEVELOPMENT CORPORATION LTD.**

**Appendix-IV [Rule 8(1)]**
**POSSESSION NOTICE**
**(For Immovable Property/ies)**

**(A Govt. of Orissa Enterprise & A Housing Finance & Facilitator Company)**
**3rd Floor, Suryakiran Market, Saheed Nagar, Bhubaneswar-751007, E-mail:orhdc.bbsr@gmail.com**

**No.CAD-49:**Whereas, the undersigned being the authorised officer of the Orissa Rural Housing & Development Corporation Ltd. (name of the Institution) under the Securitisation and Reconstruction of Financial Assets and Enforcement of Security Interest (Second) Ordinance, 2002 (Ord.3 of 2002) and in exercise of powers conferred under Section 13 (12) read with rule 9 of the Security Interest (Enforcement) Rules, 2002 issued a demand notice calling upon the Loanee(s)/ Guarantor(s) to repay the amount mentioned in the notice within 60 days from the date of receipt of the said notice. The loanee(s) having failed to repay the amount, notice is hereby given to the Loanee(s)/Guarantor(s) and the public in general that the undersigned has taken POSSESSION of the property/ies described herein below in exercise of powers conferred on him/her under sub-section 13(4) of the said Ordinance read with rule 9 of the said Rules, 2002 on the date mentioned below. The Loanee(s)/Guarantor(s) in particular and the public in general are hereby cautioned not to deal with the property/ies and any dealings with the property/ies will be subject to the charge of the Orissa Rural Housing & Development Corporation Ltd. (name of the Institution) for an amount and interest thereon.

| Sl. No. | Name of the Loanee (S) | Loan amt. availed | Date of 13 (2) Notice Issued | Amt. due on 13 (2) Notice | Date of 13 (4) Notice/taken Possession | Amt. due on taken Possession | Mortgaged Address | Guarantor(s) Name & Address |
|---|---|---|---|---|---|---|---|---|
| 01 | Sri Gadadhar Sahoo A/c No.BH1392/99-00 | 70,000/- | 01.02.2008 | 1,54,156/- | 22.02.2023 | 8,27,570/- | Sri Gadadhar Sahoo, Mouza- Dumduma H.B. Colony Phase-1, Khata No.85, Plot No.348, Area-1125 Sqft. | Sri Jagannath Samal, S/o- Sri Dibakar Samal, O/o- Under Secretary to Govt. Labour and Employment Deptt.Orissa Secretariat, Bhubaneswar, Dist-Khurda |
| 02 | Sri Ashok Toppo A/c No.BH16990/01-2 | 1,50,000/- | 22.04.2008 | 2,98,261/- | 22.02.2023 | 20,88,120/- | Sri Ashok Toppo, Mouza-Bhubaneswar Sadar, Unit-32, Khata No.42, Plot No.1008, Area-Ac.0. 060dec. | Sri Trinath Jalli, S/o-Sri Sambari Jalli, Qr. No.-A2, Reserve Police Colony, Bhubaneswar, Pin-751022 |
| 03 | Sri Panchanan Sahu A/c No.BH7032/01-2 | 2,00,000/- | 04.10.2008 | 3,23,475/- | 22.02.2023 | 12,76,915/- | Sri Panchanan Sahu, Mouza- V.S.S Nagar OSHB, Khata No. Nil, Plot No. DL-23, Area- 1500 Sqft. | NIL |
| 04 | Sri Kailash Chandra Mohapatra A/c No.BH14201/00-1 | 5,00,000/- | 15.01.2008 | 7,63,188/- | 22.02.2023 | 28,12,099/- | Sri Kailash Chandra Mohapatra, Mouza- East Badagada(Laxmi Sagar), S.Khata No.1233, H.Khata No.406, S.Plot No.2076, H.Plot No.I876,Area-Ac.038 dec. | Sri Bijaya Kumar Jena, S/o Sri -Braja Bihari Jena, Section Officer, BDA, Kharvel Nagar, Bhubaneswar |
| 05 | Smt. Manjulata Nanda A/c No.BH2883/00-01 | 4,00,000/- | 17.11.2005 | 7,38,777/- | 22.02.2023 | 62,19,976/- | Smt. Manjulata Nanda, Mouza- Kapilaprasad(Unit-23), Khata No.266, M. Khata No.884/80, Plot No- 904, M.Plot No.904/2831, Area-Ac.0.052 dec. | Sri Saroj Kumar Samantaray. S/o- Sri Sarat Chandra Samantaray, Qr. No.-EB-416, At/ PO-Baragada Brit Colony, Bhubaneswar |
| 06 | M/s Home Lives Housing | 50,00,000/- | 22.09.2004 | 77,57,423/- | 24.03.2023 | 4,02,94,354/- | M/s Home Lives Housing, Smt. Rashmi Pattnaik, Managing Partner and Sri Ratan Kumar Sahoo, Partner, Mouza- Patia, Khata No.489/61, Plot No.516/1692, Area-Ac.2.00 dec. | Sri Ratan Kumar Sahoo, Partner, S/o- Sri Ramesh Kumar Sahoo, At/PO- Khan Nagar, Dist-Cuttack-753012 |
| 07 | Smt.Sabitri Paramanik A/c No.BH0342/97-98 | 80,000/- | 12.01.2016 | 8,05,203/- | 22.02.2023 | 23,30,680/- | Smt. Sabitri Paramanik, Mouza- Tarakai, Khata No.478/67, Plot No- 228/1754, Area- Ac.0.060 dec. | NIL |

**OIPR-13231/11/0002/2324** **Sd./- Managing Director**

## ସଂକ୍ଷେପରେ

### ମନ୍ଦିର ପୋଖରୀରେ ବୁଡ଼ିଗଲେ ୫ ପୂଜକ

**ଚେନ୍ନାଇ, ୫।୪:** ଚେନ୍ନାଇ ନାଙ୍ଗାନାଲ୍ଲୁରସ୍ଥିତ ଧର୍ମାଲିଙ୍ଗେଶ୍ୱରାର ମନ୍ଦିରର ୫ ଜଣ ପୂଜକ ବୁଧବାର ମୁଭାରାସମ୍ପେଟ ମନ୍ଦିର ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି । ଥୃର୍ଥଭାରୀ ପୂଜା ପାଳନ ଅବସରରେ ଏହି ଅଘଟଣ ଘଟିଥିବା ଜଣାପଡ଼ିଛି। ମୃତକଙ୍କ ମଧ୍ୟରୁ ଜଣେ କଲେଜ ଛାତ୍ର ଅଛନ୍ତି। ସକାଳ ପୂର୍ବାହ୍ନ ୧୦ଟା ସମୟରେ ୨୫ ଜଣ ପୂଜକ ମିଶି ପୋଖରୀରେ ପୂଜା କାର୍ଯ୍ୟ କରୁଥିବାବେଳେ କେତେଜଣ ପୋଖରୀର ଗଭୀର ପାଣି ତଳକୁ ଚାଲିଯାଇଥିଲେ। ୩ ଜଣ ବୁଡ଼ିଯାଉଥିବାବେଳେ ତାଙ୍କୁ ରକ୍ଷା କରିବାକୁ ଯାଇ ଆଉ ୨ ଜଣଙ୍କ ମୃତ୍ୟୁ ଘଟିଥିଲା।

### ହନୁମାନ ଜୟନ୍ତୀ ପାଇଁ ଆଡ଼୍‌ଭାଇଜରି ଜାରିକଲା କେନ୍ଦ୍ର

**ନୂଆଦିଲ୍ଲୀ, ୫।୪:** ରାମ ନବମୀ ଅବସରରେ ପଶ୍ଚିମବଙ୍ଗ ଓ ବିହାରରେ ଘଟିଥିବା ହିଂସାକୁ ଦୃଷ୍ଟିରେ ରଖି ବୁଧବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ତରଫରୁ ଆଡ଼୍‌ଭାଇଜରି ଜାରି କରାଯାଇଛି। ହନୁମାନ ଜୟନ୍ତୀ ଅବସରରେ ରାଜ୍ୟଗୁଡ଼ିକରେ କୌଣସି ପ୍ରକାର ଅପ୍ରୀତିକର ପରିସ୍ଥିତି ଯେପରି ନ ଘଟେ ରାଜ୍ୟ ସରକାର ସେଥିପ୍ରତି ଗୁରୁତ୍ୱ ଦେବା ଲାଗି ଆଡ଼୍‌ଭାଇଜରିରେ ଉଲ୍ଲେଖ କରାଯାଇଛି। ଅନ୍ୟପକ୍ଷେ ରାମନବମୀ ଅବସରରେ ବିହାର ଓ ପଶ୍ଚିମବଙ୍ଗରେ ହୋଇଥିବା ହିଂସାକୁ ନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଉଭୟ ରାଜ୍ୟକୁ ରିପୋର୍ଟ ମାଗିଛି।

### ଦୀପକ ବକ୍ସରଙ୍କୁ ମେକ୍ସିକୋରୁ ଦିଲ୍ଲୀ ଅଣାଗଲା



**ନୂଆଦିଲ୍ଲୀ, ୫।୪:** ମୋଷ୍ଟ ୱାଣ୍ଟେଡ୍ ପଳାତକ ଦୀପକ ବକ୍ସରଙ୍କୁ ବୁଧବାର ଦିଲ୍ଲୀ ପୋଲିସର ସ୍ୱତନ୍ତ୍ର ଟିମ୍ ମେକ୍ସିକୋରୁ ଦିଲ୍ଲୀ ଆଣିଛି। ଦୀପକଙ୍କୁ ଧରିବା ପାଇଁ ଦିଲ୍ଲୀ ପୋଲିସ, ଫେଡେରାଲ୍ ବ୍ୟୁରୋ ଅଫ୍ ଇନ୍‌ଭେଷ୍ଟିଗେଶନ୍ (ଏଫ୍‌ବିଆଇ), ମେକ୍ସିକୋ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ଅପରେଶନ୍ ଆରମ୍ଭ କରାଯାଇଥିଲା। ଦିଲ୍ଲୀ ପୋଲିସ ପ୍ରଥମ ଥର ପାଇଁ ବିଦେଶରେ ଅପରେଶନ୍ କରି ଜଣେ ଗ୍ୟାଙ୍ଗଷ୍ଟର୍‌କୁ ଧରିବାରେ ସଫଳ ହୋଇଛି। ଦୀପକଙ୍କୁ ଧରିବା ପାଇଁ ପୋଲିସ ୩ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲା। ଦୀପକଙ୍କ ଦ୍ୱାରା ପରିଚାଳିତ ଗୋଗି ଗ୍ୟାଙ୍ଗ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ସହିତ ମିଶି ଆପରାଧିକ କାର୍ଯ୍ୟରେ ସାମିଲ ଥିଲା। ହରିୟାଣା ସୋନେପତ୍ ଜିଲା ଗନୌରରେ ଦୀପକଙ୍କ ଘର। ଗତ ୫ ବର୍ଷ ମଧ୍ୟରେ ତାଙ୍କ ବିରୋଧରେ ହତ୍ୟା, ଅପହରଣ ଭଳି ୧୦ ସମ୍ବେଦନଶୀଳ ମାମଲା ରହିଛି।




ନ୍ୟୁୟର୍କସ୍ଥିତ ମାନ୍‌ହାଟନ୍ କ୍ରିମିନାଲ୍ କୋର୍ଟରେ ମଙ୍ଗଳବାର ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧରେ ମାମଲାର ଶୁଣାଣି ଚାଲିଥିବାବେଳେ ଆଣ୍ଟି-ଟ୍ରମ୍ପ ପ୍ରୋଟେଷ୍ଟରମାନଙ୍କ ବିକ୍ଷୋଭ।

# ଷ୍ଟର୍ମି ହାରିଲେ ମାନହାନି ମାମଲା

## ଟ୍ରମ୍ପଙ୍କ ଓକିଲଙ୍କୁ ଦେବେ ୧୨୧,୦୦୦ ଡଲାର

**ନ୍ୟୁୟର୍କ,୫।୪**

ଆମେରିକାର ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହ ଯୌନ ସମ୍ପର୍କ ଓ ମୁହଁ ବନ୍ଦ ପାଇଁ ହଶ୍ ମନି ପାଇଥିବା ସମ୍ପର୍କରେ ମୁହଁ ଖୋଲି ଚର୍ଚ୍ଚାକୁ ଆସିଥିବା ପର୍ନ ଷ୍ଟାର ଷ୍ଟର୍ମି ଡାନିଏଲ୍ସ ଏବେ ଚର୍ଚ୍ଚାରେ। ଟ୍ରମ୍ପଙ୍କ ବିରୋଧରେ କରିଥିବା ଏକ ମାନହାନି ମାମଲାରେ ଷ୍ଟର୍ମି ହାରିଯାଇଛନ୍ତି। ଏହି ମାମଲାରେ ଟ୍ରମ୍ପ ଆଇନଗତ ବିଜୟ ହାସଲ କରିଛନ୍ତି। କାଲିଫର୍ନିଆର ନବମ ୟୁଏସ୍ ସର୍କିଟ୍ କୋର୍ଟ ଅଫ୍ ଅପିଲ ଟ୍ରମ୍ପଙ୍କ ଓକିଲଙ୍କୁ ୧୨୧,୦୦୦ରୁ ଉର୍ଦ୍ଧ୍ୱ ଡଲାର ପଇଠ କରିବା ପାଇଁ ଷ୍ଟର୍ମିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ପୂର୍ବରୁ କୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ଆଡଲ୍ଟ ଫିଲ୍ମ ଷ୍ଟାର ଷ୍ଟର୍ମି ୫୦,୦୦୦ ଡଲାର ଟ୍ରମ୍ପଙ୍କ ଓକିଲମାନଙ୍କୁ ପଇଠ କରୁଛନ୍ତି। ସଦ୍ୟ ରାୟକୁ ନେଇ ଟ୍ରମ୍ପଙ୍କ ଆଟର୍ନି ତଥା ଧିଲୋନ୍ ଲ' ଗ୍ରୁପ୍ ମୁଖ୍ୟ ହରମିତ୍ ଧିଲୋନ୍ ଟୁଇଟ୍ କରି ପୂର୍ବତନ ରାଷ୍ଟ୍ରପତିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ପ୍ରକାଶ ଯେ, ଟ୍ରମ୍ପ ମଙ୍ଗଳବାର ମାନ୍‌ହାଟନ୍ କ୍ରିମିନାଲ କୋର୍ଟରେ ଆତ୍ମସମର୍ପଣ କରିବା ସହ ନିଜ ବିରୋଧରେ ଆସିଥିବା ସମସ୍ତ ୩୪ ଅଭିଯୋଗ ଖଣ୍ଡନ କରିଥିଲେ।




# ଭାରତୀୟ ଶିକ୍ଷାର ଗୈରିକୀକରଣ

## ଦ୍ୱାଦଶ ଶ୍ରେଣୀ ପାଠ୍ୟପୁସ୍ତକରୁ ଗାନ୍ଧିଜୀ, ହିନ୍ଦୁ-ମୁସଲମାନ ଏକତା, ଆର୍‌ଏସ୍‌ଏସ୍ ବ୍ୟାନ୍‌କୁ ବାଦ୍‌ଦେଲା ଏନ୍‌ସିଇଆର୍‌ଟି

**ନୂଆଦିଲ୍ଲୀ,୫।୪**




ଦେଶର ସାମ୍ପ୍ରଦାୟିକ ସ୍ଥିତି ଉପରେ ମହାତ୍ମା ଗାନ୍ଧୀଙ୍କ ମୃତ୍ୟୁର ଯାଦୁକରୀ ପ୍ରଭାବ ରହିଥିଲା, ହିନ୍ଦୁ-ମୁସଲମାନ ଏକତା ପାଇଁ ଗାନ୍ଧିଜୀଙ୍କ ଅଧ୍ୟବସାୟ ହିନ୍ଦୁ କଠୋରପନ୍ଥୀମାନଙ୍କୁ ଉତ୍ତେଜିତ କରିଥିଲା ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ଭଳି ସଙ୍ଗଠନଗୁଡ଼ିକୁ ସାମୟିକ ଭାବେ ନିଷିଦ୍ଧ କରାଯାଇଥିଲା। ନୂଆ ଶିକ୍ଷାବର୍ଷରୁ ଏଭଳି ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ଦ୍ୱାଦଶ ଶ୍ରେଣୀ ରାଜନୀତି ବିଜ୍ଞାନ ପାଠ୍ୟପୁସ୍ତକରେ ଆଉ ଦେଖିବାକୁ ମିଳିବ ନାହିଁ। କାରଣ ନ୍ୟାଶନାଲ କାଉନ୍‌ସିଲ୍ ଅଫ୍ ଏଜୁକେଶନାଲ୍ ରିସର୍ଚ୍ଚ ଆଣ୍ଡ ଟ୍ରେନିଂ (ଏନ୍‌ସିଇଆର୍‌ଟି) ଏହି ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକୁ ଅପ୍ରାସଙ୍ଗିକ ଦର୍ଶାଇ ହଟାଇଦେଇଛି। ଗୁଜରାଟ ଦଙ୍ଗା, ମୋଗଲ ଅଦାଲତ, ଜରୁରିକାଳୀନ ପରିସ୍ଥିତି, ଶୀତଳଯୁଦ୍ଧ, ନକ୍ସଲ ଆନ୍ଦୋଳନ ସମ୍ପର୍କିତ ପାଠ ମଧ୍ୟ ବହିରୁ ହଟାଯାଇଛି। ଗୁଜରାଟ ଦଙ୍ଗା ସମ୍ପର୍କିତ ଏକ ଅଂଶକୁ ଏକାଦଶ ଶ୍ରେଣୀ ସୋସିଓଲୋଜି ପୁସ୍ତକରୁ ହଟାଇଦିଆଯାଇଛି। ଏହା ପୂର୍ବରୁ ୨୦୦୨ ସାମ୍ପ୍ରଦାୟିକ ହିଂସାକୁ ମଧ୍ୟ ଦ୍ୱାଦଶ ଶ୍ରେଣୀ ପୁସ୍ତକରୁ ବାଦ୍ ଦିଆଯାଇଥିଲା। ସମାଲୋଚକଙ୍କ ମତରେ ଏହା ହେଉଛି ଭାରତୀୟ ଶିକ୍ଷା ବ୍ୟବସ୍ଥାର ଗୈରିକୀକରଣ।

ଏନ୍‌ସିଇଆର୍‌ଟି ନିର୍ଦ୍ଦେଶକ ଦୀନେଶ ସାକ୍‌ଲାନି କହିଛନ୍ତି, ଏସବୁ ଗତବର୍ଷର ନିଷ୍ପତ୍ତି। ଚଳିବର୍ଷ ନୂଆ କିଛି କରାଯାଇନାହିଁ। ଏନ୍‌ସିଇଆର୍‌ଟି ୱେବ୍‌ସାଇଟ୍‌ରେ ଦିଆଯାଇଥିବା ଏକ ବିବରଣୀ ଅନୁସାରେ କୋଭିଡ୍-୧୯ ମହାମାରୀକୁ ଦୃଷ୍ଟିରେ ରଖି ଛାତ୍ରୀଛାତ୍ରଙ୍କ ପାଠ ବୋଝକୁ ଲାଘବ କରିବା ନିମନ୍ତେ ଏହା ଜରୁରୀ ଥିଲା। ଜାତୀୟ ଶିକ୍ଷାନୀତି (ଏନ୍‌ଇପି) ୨୦୨୦ରେ ମଧ୍ୟ ବିଷୟବସ୍ତୁର ବୋଝ ହ୍ରାସ ପାଇଁ ଗୁରୁତ୍ୱ ଦିଆଯାଇଛି। ସୃଜନଶୀଳ ମାନସିକତା ସହ ପ୍ରୟୋଗାତ୍ମକ ଶିକ୍ଷା ପାଇଁ ଏହା ସୁଯୋଗ ପ୍ରଦାନ କରିବ। ଏହାକୁ ଧ୍ୟାନରେ ରଖି ସମସ୍ତ ଶ୍ରେଣୀର ସବୁ ବିଷୟବସ୍ତୁକୁ ସୁସଙ୍ଗତ କରାଯାଇଛି। ସାମ୍ପ୍ରତିକ ସଂସ୍କରଣ ହେଉଛି ପରିବର୍ତ୍ତନ କରାଯିବା ପରେ ଏକ ନୂଆ ଫର୍ମାଟ୍‌ର ଭର୍ସନ। ବର୍ତ୍ତମାନର ଟେକ୍ସଟ୍‌ବୁକ୍ସ ହେଉଛି ଯୁକ୍ତିସିଦ୍ଧ ପୁସ୍ତକ। ୨୦୨୨-୨୩ ସେସନ୍‌ରେ ଏହି ନିଷ୍ପତ୍ତି ନିଆଯାଇଥିଲା, ଯାହାକି ୨୦୨୩-୨୪ ଶିକ୍ଷାବର୍ଷରୁ ଲାଗୁ ହେବ ବୋଲି ୱେବ୍‌ସାଇଟ୍‌ରେ ଉଲ୍ଲେଖ କରାଯାଇଛି। ନୂଆ ପାଠ୍ୟ ପୁସ୍ତକରେ ଅଣାଯାଇଥିବା ପରିବର୍ତ୍ତନ ସମ୍ପର୍କରେ ଦିନେ ଦୁଇଦିନ ମଧ୍ୟରେ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଏନ୍‌ସିଇଆର୍‌ଟି ନିର୍ଦ୍ଦେଶକ ସାକ୍‌ଲାନି କହିଛନ୍ତି। ଅନ୍ୟପକ୍ଷେ ଏନ୍‌ସିଇଆର୍‌ଟି ପୁସ୍ତକଗୁଡ଼ିକରେ ପରିବର୍ତ୍ତନକୁ ବିରୋଧୀ କଂଗ୍ରେସ ନିନ୍ଦା କରିଛି। କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶଙ୍କ ମତରେ ଇତିହାସର ପୁନର୍ଲିଖନ ଉଦ୍ୟମ କରୁଥିବା ଭାଜପା-ଆର୍‌ଏସ୍‌ଏସ୍ ଇତିହାସର ଡଷ୍ଟବିନ୍‌କୁ ଚାଲିଯିବେ। କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ପ୍ରତିଶୋଧ ନେବା ପାଇଁ ଇତିହାସକୁ କଳଙ୍କିତ କରିବା ସହ ସେଥିରେ ଚୂନ ମାରିଛନ୍ତି। ସେମାନେ ଯେତେ ଅପଚେଷ୍ଟା କଲେ ବି ଇତିହାସକୁ ବଦଳାଇପାରିବେ ନାହିଁ ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି। ଅନ୍ୟପକ୍ଷେ କଂଗ୍ରେସ ଭାରତୀୟ ଇତିହାସକୁ ନେଇ ସର୍ବାଧିକ ଚଞ୍ଚକତା କରିଥିଲା। ଅତୀତର ସେହି ଭୁଲ୍‌ଗୁଡ଼ିକୁ ଭାଜପା କେବଳ ସୁଧାରୁଛି ବୋଲି କେନ୍ଦ୍ରମନ୍ତ୍ରୀ ଶୋଭା କରନ୍ଦଲାଜେ କହିଛନ୍ତି।

> " କେନ୍ଦ୍ର ବହି ବଦଳାଇପାରିବ କିନ୍ତୁ ଭାରତୀୟ ଇତିହାସକୁ ଲିଭାଇବା ସମ୍ଭବ ନୁହେଁ।
> **- ମଲ୍ଲିକାର୍ଜୁନ ଖାର୍ଗେ , କଂଗ୍ରେସ ଅଧ୍ୟକ୍ଷ**



# ଦୈନିକ ସଂକ୍ରମଣ ୪,୪୩୫



**ନୂଆଦିଲ୍ଲୀ, ୫।୪:** ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ମୋଟ ୪.୪୩୫ ଜଣ କୋଭିଡ୍-୧୯ଆକ୍ରାନ୍ତ ଚିହ୍ନଟ କରାଯାଇଛି। ୧୬୩ ଦିନ ମଧ୍ୟରେ ବୁଧବାର ସର୍ବାଧିକ ସଂକ୍ରମଣ ରେକର୍ଡ କରାଯାଇଥିବା କେନ୍ଦ୍ରୀୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଅଦ୍ୟାବଧି ଦେଶରେ କରୋନା ସକ୍ରିୟ ମାମଲା ୨୩,୦୯୧ରେ ପହଞ୍ଚିଛି। ଦେଶରେ ମୋଟ ୪.୪୭ କୋଟି ଲୋକ ମହାମାରୀ ଦ୍ୱାରା ସଂକ୍ରମିତ ହୋଇଛନ୍ତି। ସେହିପରି ବୁଧବାର ମୋଟ ୧୫ ଆକ୍ରାନ୍ତ ପ୍ରାଣ ହରାଇଛନ୍ତି। ମହାରାଷ୍ଟ୍ରରୁ ୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଦିଲ୍ଲୀ, ଛତିଶଗଡ଼, ଗୁଜରାଟ, ହରିୟାଣା, କର୍ଣ୍ଣାଟକ, ପୁଡୁଚେରି ଏବଂ ରାଜସ୍ଥାନରେ ଜଣେ ଲେଖାଏଁ ପ୍ରାଣ ହରାଇଛନ୍ତି। ତେବେ ଦେଶରେ କରୋନା ଜନୀତ ମୃତ୍ୟୁ ସଂଖ୍ୟା ୫,୩୦,୯୧୬ରେ ପହଞ୍ଚିଛି। କେନ୍ଦ୍ରୀୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ୱେବ୍‌ସାଇଟ୍ ତଥ୍ୟ ଅନୁସାରେ କେନ୍ଦ୍ର ସରକାରଙ୍କ ଦେଶବ୍ୟାପୀ ଟିକାକରଣ ଅଭିଯାନ ଅନ୍ତର୍ଗତ ୨୨୦.୬୬ କୋଟି କୋଭିଡ୍ ଟିକା ଡୋଜ୍ ଲୋକଙ୍କୁ ଦିଆଯାଇଛି।

# ବୋମା ଖଞ୍ଜି ହୋମ୍ ଥିଏଟର ଗିଫ୍ଟ କରିଥିଲେ ପୂର୍ବତନ ପ୍ରେମିକ

## ବିବାହ ଉପହାର ବିସ୍ଫୋରଣ ଘଟଣା

**ରାୟପୁର, ୫।୪**

ଛତିଶଗଡ଼ର କବୀରଧାମ ଜିଲାରେ ବିବାହ ଉପହାରରେ ବିସ୍ଫୋରଣ ଘଟଣା ଅଭିଯୁକ୍ତ ସର୍ଜୁଙ୍କୁ ବୁଧବାର ପୋଲିସ ଗିରଫ କରିଛି। ସର୍ଜୁ ଏକ ହୋମ୍‌ଥିଏଟରରେ ବୋମା ଖଞ୍ଜି ତାଙ୍କ ପୂର୍ବତନ ପ୍ରେମିକାଙ୍କୁ ବିବାହ ଉପହାର ସ୍ୱରୂପ ଦେଇଥିବା ପୋଲିସ କହିଛି। ବିବାହରେ ମିଳିଥିବା ଉପହାର ସବୁକୁ ଖୋଲିବା ସମୟରେ ସୋମବାର ବିସ୍ଫୋରଣ ହେବାରୁ ନବବିବାହିତ ଯୁବକ ଓ ତାଙ୍କ ବଡ଼ଭାଇଙ୍କ ମୃତ୍ୟୁ ଘଟିଛି। ବିସ୍ଫୋରଣରେ ଅନ୍ୟ ୪ ଜଣ ଆହତ ହୋଇଛନ୍ତି। ମୃତ ହେମେନ୍ଦ୍ର ମେରାୱି(୨୨) ଏପ୍ରିଲ ୧ ତାରିଖରେ ବିବାହ କରିଥିଲେ।

# ଟ୍ରେନ୍ ଯାତ୍ରୀଙ୍କ ଉପରେ ପେଟ୍ରୋଲ ଢାଳି ଜାଳିଥିବା ଅଭିଯୁକ୍ତ ଗିରଫ



ଅଭିଯୁକ୍ତ ଶାହରୁଖ

**ମୁମ୍ବାଇ ୫।୪**

କେରଳ କୋଝିକୋଡେରେ ଟ୍ରେନ୍‌ଯାତ୍ରୀଙ୍କ ଉପରେ ପେଟ୍ରୋଲ ଢାଳି ଜାଳି ଫେରାର ଥିବା ଅଭିଯୁକ୍ତଙ୍କୁ ବୁଧବାର ମହାରାଷ୍ଟ୍ରର ରତ୍ନଗିରି ଜିଲାରୁ ଗିରଫ କରାଯାଇଛି। କେନ୍ଦ୍ରୀୟ ଇଣ୍ଟେଲିଜେନ୍ସ ଏବଂ ଆଣ୍ଟି-ଟେରୋରିଜମ୍ ଅଫିସରଙ୍କ ମିଳିତ ଟିମ୍ ଅଭିଯୁକ୍ତ ଶାହରୁଖଙ୍କୁ ଧରିବାରେ ସଫଳ ହୋଇଛି। କେରଳ ପୋଲିସର ଏକ ଟିମ୍ ରତ୍ନଗିରିରେ ପହଞ୍ଚିଛି। କେରଳର ଇଲାଥୁରରେ ଆଲପୁଝା-କନ୍ନୁର ଏକ୍‌ଜିକ୍ୟୁଟିଭ୍ ଏକ୍ସପ୍ରେସ୍ ଟ୍ରେନ୍ ଯାତ୍ରୀଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇବାର ଉଦ୍ଦେଶ୍ୟ ଜଣାପଡ଼ି ନ ଥିବାବେଳେ ଶାହରୁଖ ଏପରି କରିଥିବା ପୋଲିସ ଆଗରେ ମାନିଛନ୍ତି। ରବିବାର ସନ୍ଧ୍ୟା ୯ଟା ରାତିରେ ଶାହରୁଖ ଡି.୧ କମ୍ପାର୍ଟମେଣ୍ଟ ଯାତ୍ରୀଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଘଟଣାରେ ୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକେ ଆହତ ହୋଇଥିଲେ।

# ଅରୁଣାଚଳ ଉପରେ ସାର୍ବଭୌମତ୍ୱ ଅଧିକାର ଜାହିର କଲା ଚାଇନା

## ୧୧ ସ୍ଥାନର ନାମ ପରିବର୍ତ୍ତନକୁ ଆମେରିକାର ବିରୋଧ

**ନୂଆଦିଲ୍ଲୀ,୫।୪**

ଅରୁଣାଚଳ ପ୍ରଦେଶସ୍ଥିତ ୧୧ଟି ସ୍ଥାନର ନାମ ପରିବର୍ତ୍ତନ ପରେ ଏହି ଭୂଖଣ୍ଡ ଉପରେ ଚାଇନା ନିଜ ସାର୍ବଭୌମତ୍ୱ ଦାବି କରିଛି। ଚାଇନାର ଗୃହ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ରବିବାର ଏକ ତାଲିକା ଜାରି କରାଯାଇଥିଲା। ଏଥିରେ ଅରୁଣାଚଳ ପ୍ରଦେଶସ୍ଥିତ ୧୧ଟି ସ୍ଥାନର ନୂତନ ନାମକରଣ କରାଯାଇଛି। ସେହି ସ୍ଥାନଗୁଡ଼ିକୁ ଷ୍ଟେଟ୍ କାଉନ୍‌ସିଲର ଅନୁମୋଦନକ୍ରମେ ଚାଇନା ଓ ତିବ୍ବତୀୟ ଭାଷାରେ ନୂଆ ନାମ ଦିଆଯାଇଛି। ୨ଟି ଭୂଭାଗ, ୨ ଆବାସିକ ଅଞ୍ଚଳ, ୫ ପର୍ବତ ଓ ୨ଟି ନଦୀର ନାମ ବଦଳାଯିବା ସହ ସେଗୁଡ଼ିକ ଚାଇନାର କେଉଁ ପ୍ରଶାସନିକ ଜିଲା ଅଧୀନରେ ଆସୁଛି ତାହା ମଧ୍ୟ ଉକ୍ତ ତାଲିକାରେ ଉଲ୍ଲେଖ କରାଯାଇଛି। ଅନ୍ୟପକ୍ଷେ ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ୍ ବାଗ୍‌ଚୀ ଏକ ବିବୃତିରେ କହିଥିଲେ, ଚାଇନା ପ୍ରଥମ ଥର ପାଇଁ ଏପରି ଉଦ୍ୟମ କରିନାହିଁ। ଏହାକୁ ଆମେ ସମ୍ପୂର୍ଣ୍ଣ ଭାବେ ପ୍ରତ୍ୟାଖ୍ୟାନ କରୁଛୁ। ନାମ ପରିବର୍ତ୍ତନ କରିଦେଲେ ବାସ୍ତବତା ବଦଳିଯାଏ ନାହିଁ। ଅରୁଣାଚଳ ପ୍ରଦେଶ ଭାରତର ଅବିଚ୍ଛେଦ୍ୟ ଅଙ୍ଗ ଥିଲା, ଅଛି ଓ ରହିବ। ଏହାର ଜବାବରେ ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ମାଓ ନିଙ୍ଗ୍ କହିଛନ୍ତି,ଜାଙ୍ଗ୍‌ନାଙ୍ଗ (ଅରୁଣାଚଳ ପ୍ରଦେଶ) ଚାଇନାର ଅବିଚ୍ଛେଦ୍ୟ ଅଙ୍ଗ। ଚାଇନା ସରକାର ଓ ଷ୍ଟେଟ୍ କାଉନ୍‌ସିଲ ନିଷ୍ପତ୍ତିକ୍ରମେ ଏହି ନାମ ବଦଳାଯାଇଛି। କାରଣ ଏହା ହେଉଛି ଚାଇନାର ସାର୍ବଭୌମ ଅଧିକାର। ଇତିମଧ୍ୟରେ ଚାଇନାର ବିସ୍ତାରବାଦୀ ଉଦ୍ୟମକୁ ଆମେରିକା କଡ଼ା ବିରୋଧ କରିଛି। ଭାରତୀୟ ଭୂଖଣ୍ଡକୁ ଦଖଲ କରିବା ପାଇଁ ବେଜିଂ ଅରୁଣାଚଳର ନାମ ବଦଳାଇଥିବା ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି। ଚାଇନାର କୌଣସି ପ୍ରକାର ଏକତରଫା ନିଷ୍ପତ୍ତିକୁ ଆମେରିକା ବିରୋଧ ଜାରି ରଖିବ। ଅରୁଣାଚଳ ପ୍ରଦେଶ ଭାରତର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ହ୍ୱାଇଟ୍ ହାଉସ୍ ପ୍ରେସ୍ ସେକ୍ରେଟାରୀ କେରାଇନ୍ ଜିନ୍-ପିଏରେ କହିଛନ୍ତି।

# ୫ ଭାରତୀୟ ବଂଶୋଦ୍ଭବ ସ୍ଥାନିତ

## ଆମେରିକା ଅର୍ଥନୀତିରେ ସବୁଠୁ ପ୍ରଭାବଶାଳୀ ମହିଳାଙ୍କ ତାଲିକା

**ୱାଶିଂଟନ୍, ୫।୪**



ଅନୁ ଅୟେଙ୍ଗର



ରୁପଲ ଜେ. ବଂଶାଲୀ



ମୀନା ଫ୍ଲିନ୍



ସୋନଲ ଦେଶାଇ



ସବିତା ଶୁଭ୍ରମଣ୍ୟମ

ପାଞ୍ଚଜଣ ଭାରତୀୟ ବଂଶୋଦ୍ଭବ ମହିଳା ଏକ୍‌ଜିକ୍ୟୁଟିଭ୍‌ଙ୍କ ନାମ '୧୦୦ ମୋଷ୍ଟ ଇନ୍‌ଫ୍ଲୁଏନ୍ସିଆଲ୍ ଓମେନ ଇନ୍ ୟୁଏସ୍ ଫାଇନାନ୍ସ' ସୂଚୀରେ ସ୍ଥାନ ପାଇଛି। ୱାଲ୍ ଷ୍ଟ୍ରିଟ୍ ଜର୍ନାଲ୍‌ର ସିଷ୍ଟର ମାଗାଜିନ୍ ବାରୋନ୍‌ସ ଦ୍ୱାରା ଡଜ୍ ଜନ୍ସ ଆଣ୍ଡ କମ୍ପାନୀ ପକ୍ଷରୁ ପ୍ରକାଶ ପାଇଛି। ବିଶେଷ କରି ଫାଇନ୍ସ ସର୍ଭିସ୍, ଦି କର୍ପୋରେଟ୍ ୱାର୍ଲ୍ଡ, ସରକାର ଏବଂ ଅଣଲାଭକାରୀ ସଂସ୍ଥାରେ କାର୍ଯ୍ୟ କରୁଥିବା ଲିଡର୍‌ମାନଙ୍କୁ ତାଲିକାଭୁକ୍ତ କରାଯାଇଥିବା ମାଗାଜିନ୍ ପକ୍ଷରୁ କୁହାଯାଇଛି। '୧୦୦ ମୋଷ୍ଟ ଇନ୍‌ଫ୍ଲୁଏନ୍ସିଆଲ୍ ଓମେନ ଇନ୍ ୟୁଏସ୍ ଫାଇନାନ୍ସ'ରେ ସ୍ଥାନ ପାଇଥିବା ୫ ଭାରତୀୟ ବଂଶୋଦ୍ଭବ ମହିଳାମାନେ ହେଲେ, ଜେ.ପି. ମୋର୍ଗାନ କମ୍ପାନୀର ଅନୁ ଅୟେଙ୍ଗର, ଏରିଅଲ୍ ଇନ୍‌ଭେଷ୍ଟମେଣ୍ଟର ରୁପଲ ଜେ. ବଂଶାଲୀ, ଫ୍ରାଙ୍କଲିନ୍ ଟେମ୍ପଲେଟୋନ୍‌ର ସୋନଲ ଦେଶାଇ, ଗୋଲ୍ଡମ୍ୟାନ୍ ସାକ୍ସର ମୀନା ଫ୍ଲିନ୍ ଏବଂ ବ୍ୟାଙ୍କ ଅଫ୍ ଆମେରିକାର ସବିତା ଶୁଭ୍ରମଣ୍ୟମ। ଆମେରିକୀୟ ଅର୍ଥନୀତିକୁ ସୁଦୃଢ଼ କରିବାରେ ଏହି ମହିଳାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

ଅନୁ ଅୟେଙ୍ଗର(୫୦) ୨୦୨୦ରେ ଜେ.ପି. ମୋର୍ଗାନ୍‌ର କୋହେଡ୍ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ନିଜ କାର୍ଯ୍ୟଦକ୍ଷତା ମାଧ୍ୟମରେ ସେ କ୍ଲାଏଣ୍ଟମାନଙ୍କ ସହ ସୁସମ୍ପର୍କ ସ୍ଥାପନ କରିବାରେ ସେ ଆଜି ଜଣେ ସଫଳ ବ୍ୟକ୍ତିତ୍ୱ। ଏରିଅଲ ଇନ୍‌ଭେଷ୍ଟମେଣ୍ଟର ଚିଫ୍ ଇନ୍‌ଭେଷ୍ଟମେଣ୍ଟ ଅଫିସର ଏବଂ ପୋର୍ଟଫୋଲିଓ ମ୍ୟାନେଜର ୫୫ ବର୍ଷୀୟା ରୁପଲ ଜେ. ବଂଶାଲି ମହିଳାମାନଙ୍କୁ ଫାଇନାନ୍ସ ସେକ୍ଟରରେ କାମ କରିବା ପାଇଁ ପ୍ରୋତ୍ସାହିତ କରନ୍ତି। ଏଥିସହ ଅର୍ଥ କାରବାର କ୍ଷେତ୍ରରେ ତାଙ୍କର ବିଶେଷ ଆଗ୍ରହ ଥିବା କହିଛନ୍ତି। ୨୦୧୮ରେ ଫ୍ରାଙ୍କଲିନ୍ ଟେମ୍ପଲେଟୋନ୍ ଗ୍ଲୋବାଲ ଇନ୍‌ଭେଷ୍ଟମେଣ୍ଟ ଫଣ୍ଡର ପ୍ରଥମ ମହିଳା ଚିଫ୍ ଇନ୍‌ଭେଷ୍ଟମେଣ୍ଟ ଅଫିସର ଭାବେ ସୋନଲ ଦେଶାଇ(୫୮) ଦାୟିତ୍ୱ ଗ୍ରହଣ କରି ଚର୍ଚ୍ଚାକୁ ଆସିଥିଲେ। ଗୋଲ୍ଡମ୍ୟାନ୍ ସାକ୍ସ ଗ୍ରୁପ୍‌ର ଗ୍ଲୋବାଲ୍ ପ୍ରାଇଭେଟ୍ ୱେଲ୍‌ଥ ମ୍ୟାନେଜମେଣ୍ଟର କୋହେଡ୍ ଭାବେ କାର୍ଯ୍ୟ କରୁଛନ୍ତି ୪୫ ବର୍ଷୀୟା ମୀନା ଫ୍ଲିନ୍। ୧୯୯୯ରେ ସେ ଜେ.ପି. ମୋର୍ଗାନ୍ ଜଏନ୍ କରିଥିଲେ। ପରେ ଗୋଲ୍ଡମ୍ୟାନ୍ ସାକ୍ସରେ କିଛିବର୍ଷ କାମ କରିବା ପରେ ୨୦୧୪ରେ ସେ ଏହାର ପାର୍ଟନର୍ ହୋଇଥିଲେ। ସେହିପରି ଆମେରିକାର ଆର୍ଥିକସ୍ଥିତିକୁ ମଜଭୁତ କରିବାରେ ବ୍ୟାଙ୍କ ଅଫ୍ ଆମେରିକାର ୟୁଏସ୍ ଇକ୍ୟୁଟି ଆଣ୍ଡ କ୍ୱାଣ୍ଟିଟେଟିଭ୍ ଷ୍ଟ୍ରାଟେଜି ମୁଖ୍ୟ ସବିତା ଶୁଭ୍ରମଣ୍ୟମଙ୍କ ଭୂମିକା ମଧ୍ୟ କିଛି କମ୍ ନୁହେଁ।

# ପୂର୍ବତନ ଓପନର ସୁଧୀର ନାୟକଙ୍କ ପରଲୋକ

ନୂଆଦିଲ୍ଲୀ, ୫।୪ (ପି.ଟି.)



ଭାରତୀୟ କ୍ରିକେଟ ଦଳର ଜଣେ ପୂର୍ବତନ ଓପନର ସୁଧୀର ନାୟକଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୭୮ବର୍ଷ ବୟସ ହୋଇଥିଲା। ୧୯୭୪ରେ ସେ ୩ଟି ଟେଷ୍ଟ ମ୍ୟାଚ ଖେଳିଥିଲେ। କିଛିଦିନ ଅସୁସ୍ଥ ରହିବା ପରେ ମୁମ୍ବାଇର ଏକ ହସ୍ପିଟାଲରେ ତାଙ୍କର ବୁଧବାର ଦେହାନ୍ତ ଘଟିଛି। ସେ ତାଙ୍କ କ୍ୟାରିୟରରେ କୋଚ୍ ଏବଂ ଜଣେ କ୍ୟୁରେଟର ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ମୁମ୍ବାଇ କ୍ରିକେଟ ସର୍କଲରେ ସେ ଜଣେ ସମ୍ମାନସ୍ପଦ ବ୍ୟକ୍ତି ଥିଲେ। ୧୯୭୦-୭୧ରେ ତାଙ୍କ ଅଧିନାୟକତ୍ୱରେ ମୁମ୍ବାଇ ରଣଜୀ ଟ୍ରଫି ଟାଇଟଲ ଜିତିଥିଲା। ସେହି ସିଜନରେ ସୁନୀଲ ଗାଭାସ୍କର, ଅଜିତ ୱାଡେକର, ଦିଲୀପ ସରଦେଶାଇ ଓ ଅଶୋକ ମଙ୍କଡଙ୍କ ଭଳି ଷ୍ଟାର ଖେଳାଳିଙ୍କ ଅନୁପସ୍ଥିତିରେ ଏହି ସଫଳତା ହାସଲ କରିଥିବାରୁ ତାଙ୍କୁ ନେଇ ଖୁବ୍ ଚର୍ଚ୍ଚା ହୋଇଥିଲା। ତେବେ ୧୯୭୨ ରଣଜୀ ସିଜନରେ ପ୍ରମୁଖ ବ୍ୟାଟରମାନେ ଦଳକୁ ଫେରିବାରୁ ତାଙ୍କୁ ଚୂଡ଼ାନ୍ତ ଏକାଦଶରେ ସ୍ଥାନ ମିଳି ନ ଥିଲା। ୧୯୭୪ରେ ଭାରତର ଇଂଲଣ୍ଡ ଟୁର୍ ସମୟରେ ସେ ବର୍ମିଂହାମ୍ ଟେଷ୍ଟରେ ତାଙ୍କ ପଦାର୍ପଣ କରିଥିଲେ। ସେ ଦ୍ୱିତୀୟ ଇନିଂସରେ ଏକମାତ୍ର ଅର୍ଦ୍ଧଶତକ (୭୭) ହାସଲ କରିଥିଲେ। ସୁଧୀର ୮୫ ପ୍ରଥମ ଶ୍ରେଣୀ ମ୍ୟାଚ ଖେଳି ୩୫ ଆଭରେଜରେ ୪୩୭୬ ରନ ସଂଗ୍ରହ କରିଥିଲେ। ସେ ୭ଟି ଶତକ ଓ ଗୋଟିଏ ଦ୍ୱିଶତକ ହାସଲ କରିଥିଲେ। ୧୯୭୪ରେ ସେ ଅନ୍ତର୍ଜାତୀୟ କ୍ରିକେଟରୁ ଅବ୍ୟାହତି ନେବା ପରେ ଜଣେ କୋଚ୍ ଭାବେ ସକ୍ରିୟ ଥିଲେ। ଜାହିର ଖାଁଙ୍କୁ ସେ ଲୋକଲୋଚନକୁ ଆଣିଥିଲେ। ସେ ମୁମ୍ବାଇ କ୍ରିକେଟ ଆସୋସିଏଶନର ଚେୟାରମ୍ୟାନ ଥିଲେ। ପରବର୍ତ୍ତୀ ସମୟରେ ସେ ବିନା ବେତନରେ ୱାଙ୍ଖଡେ ଷ୍ଟାଡିୟମର ଜଣେ କୋଚ୍ ଭାବେ କାର୍ଯ୍ୟ କରିଥିଲେ।

# ସୁପର କପ୍ ଫୁଟ୍‌ବଲ ପାଇଁ ଓଡ଼ିଶା ଏଫ୍‌ସି ଦଳ ଘୋଷିତ

**ଭୁବନେଶ୍ୱର, ୫।୪ (କ୍ରୀଡ଼ା ପ୍ରତିନିଧି):** ଏଆଇଏଫ୍‌ଏଫ୍ ଆନୁକୂଲ୍ୟରେ କେରଳର ମଞ୍ଜେରୀ ଓ କୋଝିକୋଡେଠାରେ ହିରୋ ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟ ଚଳିତ ମାସ ୮ରୁ ଆରମ୍ଭ ହେବ। ଏଥିରେ ଇଣ୍ଡିଆନ ସୁପରଲିଗ୍ (ଆଇଏସ୍‌ଏଲ) ଓ ଆଇ-ଲିଗ୍‌ର ୧୬ଟି ଦଳ ଅଂଶଗ୍ରହଣ କରିବେ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ବୁଧବାର ଓଡ଼ିଶା ଏଫ୍‌ସି ଦଳ ଘୋଷିତ ହୋଇଛି। ଅଂଶଗ୍ରହଣକାରୀ ଦଳଗୁଡ଼ିକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଲିଗ୍ ପର୍ଯ୍ୟାୟରେ ପ୍ରତି ଦଳ ପରସ୍ପରକୁ ଭେଟିବା ପରେ ଗ୍ରୁପ୍ ଟପ୍ପର ସେମିଫାଇନାଲରେ ପ୍ରବେଶ କରିବ। ଓଡ଼ିଶା ଏଫ୍‌ସି ଗ୍ରୁପ୍ 'ବି'ରେ ହାଇଦ୍ରାବାଦ୍ ଏଫ୍‌ସି, ଇଷ୍ଟବେଙ୍ଗଲ ଏଫ୍‌ସି ସହିତ ସ୍ଥାନ ପାଇଛି। ଟ୍ରାଉ ଏଫ୍‌ସି ଓ ଆଇଜଲ ଏଫ୍‌ସି ମଧ୍ୟରେ ହେବାକୁଥିବା କ୍ୱାଲିଫାୟର ମ୍ୟାଚର ବିଜେତା ୪ର୍ଥ ଦଳଭାବେ ଗ୍ରୁପ୍ 'ବି'ରେ ସାମିଲ ହେବ। ଓଡ଼ିଶା ଏଫ୍‌ସି ୯ ତାରିଖରେ ଇଷ୍ଟବେଙ୍ଗଲ ବିପକ୍ଷରେ ମ୍ୟାଚ ଖେଳି ଅଭିଯାନ ଆରମ୍ଭ କରିବ। ପରେ ୧୩ ତାରିଖରେ କ୍ୱାଲିଫାୟରର ବିଜେତା ଏବଂ ୧୭ ତାରିଖରେ ହାଇଦ୍ରାବାଦ୍ ଏଫ୍‌ସିକୁ ଭେଟିବ।

**ଓଡ଼ିଶା ଏଫ୍‌ସି ଦଳ**

ଗୋଲକିପର: ଅମରିନ୍ଦର ସିଂ, ନିରଜ କୁମାର, ଲାଲ୍‌ଥୁଆମାୱିଆ ରାଲ୍‌ଟେ। ଡିଫେଣ୍ଡର୍ସ: ନରେନ୍ଦ୍ର ଗେହଲଟ, କାର୍ଲୋସ ଡେଲଗାଡୋ, ଓସାମା ମଲିକ, ଶୁଭମ୍ ଷଡ଼ଙ୍ଗୀ, ଦେବେନ୍ଦ୍ର ମେଇତେଇ, ସାହିଲ ପନୱାର, ଲାଲରୁଆଥାରା। ମିଡ୍‌ଫିଲ୍ଡର୍ସ: ପଲ୍ ରାମ୍‌ଫଙ୍ଗଜଉଭା, ରେନିଏର ଫର୍ନାଣ୍ଡିସ, ସଉଲ କ୍ରେସ୍ପୋ, ଥୋଇବା ସିଂ ମୋଇରାଙ୍ଗଥେମ୍, ପ୍ରିନ୍ସ୍‌ଟନ ରିବେଲୋ, ଭିକ୍ଟର ରୋଡ୍ରିଗ୍ରେଜ, ଇସାକ ଭନ୍‌ମାଲସାୱ୍‌ମା। ଫରୱାର୍ଡ୍ସ: ପେଡ୍ରୋ ମାର୍ଟିନ, ଡିଏଗୋ ମୌରିସିଓ, ନନ୍ଦକୁମାର ସେକର, ଅକ୍ଷୁଣ୍ଣ ତ୍ୟାଗି, ଜେରୀ ମାୱିମିଙ୍ଗଥାଙ୍ଗା, ଇସାକ ରାଲ୍‌ଟେ, ସୋସାଇ ରାଜ, ଅନିକେତ ଯାଦବ।

# ଧୋନୀଙ୍କ ସମେତ ୫ ଭାରତୀୟଙ୍କୁ ଏମ୍‌ସିସି ଲାଇଫ୍ ମେମ୍ବରଶିପ୍

**ଲଣ୍ଡନ, ୫।୪ (ପି.ଟି.):** ଐତିହାସିକ ଲର୍ଡ୍ସ କ୍ରିକେଟ ଗ୍ରାଉଣ୍ଡରେ ରହିଥିବା ମର୍ଯ୍ୟାଦାପୂର୍ଣ୍ଣ ମେରିଲବୋନ୍ କ୍ରିକେଟ କ୍ଲବ (ଏମ୍‌ସିସି) ବିଶ୍ୱକପ୍ ବିଜୟୀ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ ସହିତ ଭାରତର ଅନ୍ୟ ୪ଜଣ ବିଶିଷ୍ଟ ଅନ୍ତର୍ଜାତୀୟ କ୍ରିକେଟରଙ୍କୁ 'ଲାଇଫ୍ ମେମ୍ବରଶିପ୍' ପ୍ରଦାନ କରିଛି। ସେମାନେ ହେଲେ ଯୁବରାଜ ସିଂ, ସୁରେଶ ରାଇନା, ପୂର୍ବତନ ମହିଳା ଜାତୀୟ ଅଧିନାୟିକା ମିଥାଲି ରାଜ ଓ ଝୁଲଣ ଗୋସ୍ୱାମୀ। ଏମ୍‌ସିସି ବୁଧବାର ଟେଷ୍ଟ ଖେଳୁଥିବା ୮ଟି ଦେଶରୁ ପ୍ରତିନିଧିତ୍ୱ କରୁଥିବା ମୋଟ ୧୯ ଜଣ ପ୍ରତିଷ୍ଠିତ କ୍ରିକେଟରଙ୍କୁ 'ଲାଇଫ୍ ମେମ୍ବରଶିପ୍' ପ୍ରଦାନ କରିଛି। ଉଲ୍ଲେଖନୀୟ ଅନ୍ତର୍ଜାତୀୟ କ୍ୟାରିୟର ରଖିଥିବା ଖେଳାଳିଙ୍କୁ ସ୍ୱୀକୃତି ପାଇଁ ଏହି ସମ୍ମାନ ଦିଆଯାଇଥାଏ। କ୍ଲବର କ୍ରିକେଟ କମିଟି ଖେଳାଳିମାନଙ୍କ ନାମ ସୁପାରିସ କରିଥାଏ।

# ରିୟଲ ମାଡ୍ରିଡ୍‌କୁ ଅଧିକ ଆର୍ଥିକ ପୁରସ୍କାର

ଜେନେଭା, ୫।୪(ଏପି)

ଗତ ସିଜନ ୟୁରୋପିଆନ୍ କ୍ଲବ ପ୍ରତିଯୋଗିତାରେ ଚାମ୍ପିୟନ୍ସ ଲିଗ୍ ବିଜେତା ରିୟଲ ମାଡ୍ରିଡ ସର୍ବାଧିକ ୧୩୩.୭ ନିୟୁତ ୟୁରୋ( ୧୪୬.୪ ନିୟୁତ) ଆର୍ଥିକ ପୁରସ୍କାର ଲାଭ କରିଥିବା ୟୁନିୟନ ଅଫ୍ ୟୁରୋପିଆନ ଫୁଟ୍‌ବଲ ଆସୋସିଏଶନ (ୟୁଫା) କହିଛି। ଏଥିରେ ଗ୍ରୁପ୍ ପର୍ଯ୍ୟାୟରେ ପ୍ରବେଶ ପାଇଁ ବେସିକ ପେମେଣ୍ଟ, ଫଳାଫଳ ବୋନସ ସ୍ୱାନିଶ ବ୍ରଡକାଷ୍ଟିଂ ଅଧିକାର ବାବଦରେ ଏକ ଅଂଶ ଏବଂ ୟୁଫା ପ୍ରତିଯୋଗିତାଗୁଡ଼ିକରେ କ୍ଲବର ଐତିହାସିକ ରେକର୍ଡ ବାବଦରେ ଅତିରିକ୍ତ ପେମେଣ୍ଟ ଏଥିରେ ସାମିଲ। ଫାଇନାଲରେ ମାଡ୍ରିଡଠାରୁ ପରାଜିତ ହୋଇଥିବା ଲିଭରପୁଲ ପୁରସ୍କାର ରାଶି ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ଏହି କ୍ଲବର ମୋଟ ପୁରସ୍କାର ରାଶି ପରିମାଣ ୧୨୦ ନିୟୁତ ୟୁରୋ (୧୩୧.୪ ନିୟୁତ ଡଲାର) ରହିଛି। ୯ ଅଙ୍କ ବିଶିଷ୍ଟ ପୁରସ୍କାର ରାଶି ପାଇଥିବା ଅନ୍ୟ ଦୁଇ କ୍ଲବ ହେଲେ ବେୟର୍ନ ମ୍ୟୁନିକ୍ ପାଖାପାଖି ୧୧୦ ନିୟତ ୟୁରୋ (୧୨୦.୪ ନିୟତ ଡଲାର) ଏବଂ ମାଞ୍ଚେଷ୍ଟର ସିଟି ପ୍ରାୟ ୧୦୯ ନିୟୁତ ୟୁରୋ (୧୧୯ ନିୟୁତ ଡଲାର)। ପ୍ରି-କ୍ୱାର୍ଟରରେ ମାଡ୍ରିଡଠାରୁ ପରାସ୍ତ ହୋଇଥିବା ପ୍ୟାରିସ ସେଣ୍ଟ ଜର୍ମେନକୁ ୟୁଫା ୯୨ ନିୟୁତ ୟୁରୋ (୧୦୦.୭ ନିୟୁତ ଡଲାର) ପୁରସ୍କାର ଦେଇଛି। ୟୁଫା କହିଛି ୩୨ଟି ଗ୍ରୁପ୍ ପର୍ଯ୍ୟାୟ କ୍ଲବ ହାରାହାରି ୬୧.୮ ନିୟୁତ ୟୁରୋ (୬୭.୭ ନିୟୁତ ଡଲାର) ଲେଖାଏ ପାଇଥିବା ବେଳେ ସବୁଠାରୁ କମ୍ ପୁରସ୍କାର ମୋଲଡୋଭାନ ଚାମ୍ପିୟନ ଶେରିଫ ୨୩.୭ ନିୟୁତ ୟୁରୋ (୨୬ ଆମେରିକୀୟ ଡଲାର) ପାଇଛି।

# ମହିଳାଙ୍କ ଲାଗି ସମାନ ଆର୍ଥିକ ପୁରସ୍କାର

**ରୋମ୍, ୫।୪ (ଏପି):** ୨୦୨୫ ଆରମ୍ଭରେ ପୁରୁଷଙ୍କ ସହ ସମାନ ଆର୍ଥିକ ପୁରସ୍କାର ଦେବାଲାଗି ଇଟାଲିଆନ ଓପନ ଟେନିସ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ଗତବର୍ଷ ଫୋରୋ ଇଟାଲିକୋର ରେଡ୍ କ୍ଲେ କୋର୍ଟଠାରେ ଟୁର୍ନାମେଣ୍ଟ ଜିତିଥିବା ଇଗା ସ୍ୱିଟେକ୍‌ଙ୍କ ପୁରସ୍କାର ରାଶି ପୁରୁଷ ବିଜେତା ନୋଭାକ ଜୋକୋଭିଚ୍‌ଙ୍କ ପୁରସ୍କାରଠାରୁ ଅଧାରୁ କମ୍ ରହିଥିଲା। ସ୍ୱିଟେକ୍ ୩,୩୨, ୨୬୦ ୟୁରୋ (୩୬୪,୦୦୦ ଆମେରିକୀୟ ଡଲାର)ର ଏକ ଚେକ୍ ପାଇଥିବା ବେଳେ ଜୋକୋଭିଚ୍‌ଙ୍କୁ ୮,୩୬, ୩୫୫ ୟୁରୋ (୯,୧୬,୦୦୦ ଡଲାର)ର ପୁରସ୍କାର ମିଳିଥିଲା।

# ଗିଲ୍‌ଙ୍କୁ କ୍ୟାରିୟର ଶ୍ରେଷ୍ଠ ର‌୍ୟାଙ୍କିଙ୍ଗ୍

**ଦୁବାଇ, ୫।୪ (ପି.ଟି.):** ସଦ୍ୟ ପ୍ରକାଶିତ ଆଇସିସି ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ର‌୍ୟାଙ୍କିଙ୍ଗରେ ଭାରତୀୟ ଓପନର ଶୁବମନ ଗିଲ୍ ତାଙ୍କ କ୍ୟାରିୟରର ଶ୍ରେଷ୍ଠ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ଗିଲ୍‌ଙ୍କ ବ୍ୟତୀତ ବିରାଟ କୋହଲି ଓ ରୋହିତ ଶର୍ମା ମଧ୍ୟ ତାଲିକାର ଶ୍ରେଷ୍ଠ ୧୦ ଖେଳାଳିଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। କୋହଲି ଗୋଟିଏ ସ୍ଥାନ ଉପରକୁ ୭ମ ସ୍ଥାନରେ ରହିଥିବା ବେଳେ ରୋହିତ ପୂର୍ବଭଳି ୮ମ ସ୍ଥାନ ବଜାୟ ରଖିଛନ୍ତି। ତାଲିକାର ଶୀର୍ଷରେ ପାକିସ୍ତାନ ଅଧିନାୟକ ବାବର ଆଜାମ ରହିଛନ୍ତି। ପେସ୍ ବୋଲର ମହମ୍ମଦ ସିରାଜ ଏକମାତ୍ର ଭାରତୀୟ ବୋଲର ଭାବେ ଟପ୍ ୧୦ରେ ରହିଛନ୍ତି। ସେ ଅଷ୍ଟ୍ରେଲିଆର ଦ୍ରୁତ ବୋଲର ଜୋଶ ହାଜେଲ୍‌ଉଡ୍ ଓ ନ୍ୟୁଜିଲାଣ୍ଡର ଟ୍ରେଣ୍ଟ ବୋଲ୍ଟଙ୍କ ପଛରେ ରହିଛନ୍ତି। ଦକ୍ଷିଣ ଆଫ୍ରିକାର ଏଡେନ୍ ମାରକ୍ରାମଙ୍କୁ ୧୩ସ୍ଥାନ ଫାଇଦା ମିଳିଛି।


## OFFICE OF THE CHIEF CONSTRUCTION ENGINEER
## RURAL WORKS CIRCLE, BARIPADA

No. O-20

E-mail ID: serwcbaripada@gmail.com; Ph. No.: 06792-261343/261344, Gangraj, Baripada

**"e"-Procurement Notice for Road Work | Identification No. Online Tender-Road N.C.B. No. 276 for 2022-23**

Letter No. 2030/Date: 04.04.2023

1. Name of the work :- **Road Works in the District of Mayurbhanj for the year 2022-23.**
2. Total No. of works :- **02** Nos. (Two)
3. Estimated Cost :- **Rs.244.58 Lakhs to Rs.312.31 Lakhs** (approximately)
4. Eligible Class of Contractor :- As per annexure.
5. Period of Completion :- As per annexure.
6. Other Details :-

| Procurement Officer | Bid Identification No. | Availability of Tender On-line for bidding | | Last Date & Time of seeking tender clarification | Date & Time of Opening of Tender in O/o C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Constrction Engineer, Rural Works Circle, Baripada | Road On-line N.C.B. No.276 | Dt.08.04.2023 at 11.00 A.M. | Dt.24.04.2023 up to 5.00 P.M. | Dt.21.04.2023 up to 5.00 P.M. | Dt.25.04.2023 at 11.00 A.M. | Will be intimated later |

- Further details can be seen from the website: www.tendersodisha.gov.in
- Any Corrigendum / Addendum will be displayed in the above e_tender website only.

OIPR-25014/11/0002/2324 Sd./- Chief Construction Engineer, R.W. Circle, Baripada

## ପଞ୍ଚାୟତ ସମିତି, ଘଟଗାଁ

**ବିଜ୍ଞାପନ ସଂଖ୍ୟା:-** 1441 **ତା:-** 04.04.2023

No.i-26:- ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଘଟଗାଁ ପଞ୍ଚାୟତ ସମିତି ଅଧୀନରେ ଥିବା ଗ୍ରାମପଞ୍ଚାୟତରେ ବିଭିନ୍ନ କାର୍ଯ୍ୟକାରୀ ସଂସ୍ଥା ଦ୍ୱାରା ୨୦୨୩-୨୪ ଆର୍ଥିକ ବର୍ଷରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଅକ୍ଟୋବର ୨୦୨୨ରୁ ମାର୍ଚ୍ଚ ୨୦୨୩) ଓ ପଞ୍ଚଦଶ ଅର୍ଥ କମିଶନ (ଏପ୍ରିଲ ୨୦୨୦ରୁ ମାର୍ଚ୍ଚ ୨୦୨୩) ଯୋଜନାରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପଗୁଡ଼ିକ ଓ ରେଜିଷ୍ଟରଗୁଡ଼ିକର ସାମାଜିକ ସମୀକ୍ଷା ଗ୍ରାମସଭାମାନଙ୍କରେ ନିମ୍ନ କାର୍ଯ୍ୟସୂଚୀ ଅନୁସାରେ ଅନୁଷ୍ଠିତ ହେବ। ଉକ୍ତ କାର୍ଯ୍ୟକ୍ରମରେ ମଷ୍ଟର ରୋଲ ଓ ତତ୍ ସମ୍ବନ୍ଧୀୟ ନଥିପତ୍ର ଯାଞ୍ଚ କରାଯିବା ସହ ଗ୍ରାମପଞ୍ଚାୟତ ଅଧୀନସ୍ଥ ବିଭିନ୍ନ ରାଜସ୍ୱ ଗ୍ରାମରେ ସମ୍ପାଦିତ ହୋଇଥିବା ବିଭିନ୍ନ କାର୍ଯ୍ୟଗୁଡ଼ିକର ସାମାଜିକ ସମୀକ୍ଷା ବିବରଣୀ ଉପସ୍ଥାପନ କରାଯିବ। ଏହି ସଭାରେ ଅଣକୁଶଳୀ ଓ କୁଶଳୀ ଶ୍ରମିକ, ଜନସାଧାରଣ, ନିର୍ବାଚିତ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ସେହି ଅଞ୍ଚଳରେ କାର୍ଯ୍ୟକ୍ଷମ ଥିବା ବେସରକାରୀ ଅନୁଷ୍ଠାନର ସଦସ୍ୟ ଯୋଗଦାନ ପୂର୍ବକ ଆଲୋଚନାରେ ଅଂଶଗ୍ରହଣ କରିବାକୁ ଅନୁରୋଧ। ସମସ୍ତ ପଞ୍ଚାୟତର ସରପଞ୍ଚ ଏହି ବିଜ୍ଞାପନକୁ ନୋଟିସ, ଢେଙ୍ଗୁରା, ଡାକବାଜି ଯନ୍ତ୍ର ମାଧ୍ୟମରେ ବହୁଳ ଭାବରେ ପ୍ରଚାର କରିବେ।

| କ୍ରମିକ ନଂ. | ପଞ୍ଚାୟତ ସ୍ତରୀୟ ଜନଶୁଣାଣି | ସମୟ | ଗ୍ରାମ ପଞ୍ଚାୟତର ନାମ |
|---|---|---|---|
| ୦୧ | ୨୮.୦୪.୨୦୨୩ | ପୂର୍ବାହ୍ନ ୧୧ ଘଟିକା | ପିପିଲିଆ, ତୋରାଣିପୋଖରୀ, ସରାଣପଶି, ମୁକ୍ତାପୁର, ଭୋଳବେଡ଼ା |
| ୦୨ | ୦୨.୦୫.୨୦୨୩ | ପୂର୍ବାହ୍ନ ୧୧ ଘଟିକା | ଢେଙ୍କିକୋଟ, ଖଣ୍ଡଘର, ସାନ୍ତରାପୁର, ମନୋହରପୁର, ବରାହାଟିପୁରା |
| ୦୩ | ୧୧.୦୫.୨୦୨୩ | ପୂର୍ବାହ୍ନ ୧୧ ଘଟିକା | ତରା, ବାଲିପୋଖରୀ, ପଇଦାପାଟଣା, ଗଦାଧରପୁର |
| ୦୪ | ୨୩.୦୫.୨୦୨୩ | ପୂର୍ବାହ୍ନ ୧୧ ଘଟିକା | ମୁକୁନ୍ଦପୁରପାଟଣା, ଉପରଡ଼ିହା, ବଡଜାମୁପଶି, ବଡମସିଣାବିଲା |
| ୦୫ | ୩୧.୦୫.୨୦୨୩ | ପୂର୍ବାହ୍ନ ୧୧ ଘଟିକା | ବିନିଦା, ପଟିଲୋ, ପୁରୁମୁଣ୍ଡା, ରୁଟିଶିଳା, ପଣ୍ଡାପଡା |
| ୦୬ | ୧୨.୦୬.୨୦୨୩ | ପୂର୍ବାହ୍ନ ୧୧ ଘଟିକା | ବଳଭଦ୍ରପୁର, ବସନ୍ତପୁର, ସୁନାଟାଙ୍ଗିରୀ, ବଡ଼ପିଚ୍ଛୁଳା |

ପଞ୍ଚାୟତ ସମିତି ଦ୍ୱାରା ସ୍ୱୀକୃତିପ୍ରାପ୍ତ ଅଧିକାରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ସରକାରୀ କାର୍ଯ୍ୟକାରୀ ସଂସ୍ଥାର ଅଧିକାରୀ ନିର୍ଦ୍ଧାରିତ ତାରିଖ ଓ ସମୟରେ ଉପସ୍ଥିତ ରହିବେ।

ସମସ୍ତ ପଞ୍ଚାୟତରେ ସାମାଜିକ ସମୀକ୍ଷା ସାରିବା ପରେ ବିଭିନ୍ନ ପଞ୍ଚାୟତରୁ ଆସିଥିବା ବିଷୟକୁ ନେଇ ବ୍ଲକସ୍ତରୀୟ ଜନଶୁଣାଣି ତା.୨୮.୦୬.୨୦୨୩ରିଖ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଘଟଗାଁରେ ଅନୁଷ୍ଠିତ ହେବ।

**ସ୍ୱା./- କାର୍ଯ୍ୟକ୍ରମ ଅଧିକାରୀ ତଥା ମଣ୍ଡଳ ଉନ୍ନୟନ ଅଧିକାରୀ, ଘଟଗାଁ**

OIPR-19026/11/0001/2324

## NOTICE INVITING TENDER
## OFFICE OF DISTRICT MANAGER
## ODISHA STATE CIVIL SUPPLIES CORPORATION LTD. (OSCSC), Jagatsinghpur

No.CAD-42:

**TENDER No.1373** **Dated.05.04.2023**

**Cost of Tender Document - Rs.11800/- inclusive of GST.**

**Online Tenders are invited from eligible bidders for selection and appointment of Level-I Transport Contractor for transportation of wheat from Food Storage Depot (FSD), FCI to Rice Receiving Centres (RRC) in the district of the State of Odisha for the biennial year-2023-24 & 2024-25.**

| | | |
|---|---|---|
| 1 | Availability of tender documents | From Date 06.04.2023 Downloadable from website: www.jagatsinghpur.nic.in, www.oscsc.in and www.tendersodisha.gov.in, |
| 2 | Date, time and venue for pre-bid conference | On dt 07.04.2023 At: 11 AM. Place: District Civil Supplies Office, Jagatsinghpur. |
| 3 | Last Date and time for online submission of completed Tender Documents with enclosures | Through e-Procurement Portal: www.Tendersodisha .gov .in up to 5.00 PM of dt.24.04.2023. |
| 4 | Date, time and venue for opening of Technical Bid by the Tender Committee | On dt. 25.04.2023 at 12 PM Place: In the Sadbhabana Sabhagruha, Collectorate, Jagatsinghpur. |
| 5 | Date, time and venue of submission of original documents in support of scanned copies uploaded in the portal for verification | On dt 25.04.2023 at 12.00 PM Place:In the Sadbhabana Sabhagruha, Collectorate, Jagatsinghpur. |
| 6 | Date & time of financial Bid opening by the Tender Committee (Only of Technically Qualified Tenderers) | On dt.27.04.2023 at 1 PM Place: In the Sadbhabana Sabhagruha, Collectorate, Jagatsinghpur. |

**NB:**
- The District Tender Committee reserves the right to cancel any / all of the tenderers at any time without assigning any reason thereof.
- If the office happens to be close on the date of opening of the tender, tenders will be opened on the next working day in the same time.
- The bidders must deposit tender document fees and EMD at the time of submission of tender through online tender gateway service.
- Any amendment / cancellation / retender / corrigendum please refer to the website- www.tendersodisha.gov.in.

**Sd./-CSO-Cum-District Manager**
**OSCSC Ltd., Jagatsinghpur**

**OIPR-07020/11/0001/2324**

## BRAHMAPUR DEVELOPMENT AUTHORITY

Courtpeta, Brahmapur - 76004, Dist.: Ganjam (Odisha)

**No. 452** **Date: 03.04.2023**

**NOTICE INVITING REQUEST FOR PROPOSAL (RFP)**

No. CAD-25: Sealed applications are invited for "Selection of Consulting Firm for Establishment of Project Management Unit (PMU) in Brahmapur Development Authority (BeDA)" in conformity with the Terms & Conditions of the detailed RFP notice in a two-cover system i.e. Technical and Financial proposal from intending applicants fulfilling the terms of eligibility **www.bdabrahmapur.in** for complete details and downloading the document. The document shall be available on the website from 05.04.2023 to 20.04.2023. The last date & time of submission of proposal is 24.04.2023 till 5.00 P.M. For any queries please contact Email ID: **bda.brahmapur311@gmail.com**.

**Sd./- Authorized Signatory**
**Brahmapur Development Authority (BeDA)**

OIPR-13086/11/0002/2324

## ODISHA PUBLIC SERVICE COMMISSION, CUTTACK

**No. 3209/PSC** **Dt.05.04.2023**
**1E-03-2022/23 (DR-III)**

**Addendum to Advertisement No. 21 of 2021-22 for Recruitment to the Post of Post Graduate Teachers under Science Streams under ST & SC Development Department**

No. D-04: This is for information of all concerned that **"The Commission have decided minimum qualifying marks for written examination i.e. 50% for Unreserved Category/ SEBC and 45% for SC & ST Category Candidates"** in terms of **Para - 7 (iii)** of the Advertisement No. 21 of 2021-22 and Rule - 7 (3) of the Odisha Higher Secondary Education Service (Method of Recruitment of Post Graduate Teachers of ST & SC Development Department) Rules, 2016.

The other conditions of the advertisement remain unchanged.

**OIPR-12002/11/0001/2324** **Sd./- Secretary**

## CUTTACK MUNICIPAL CORPORATION
## "e" Procurement Notice

**No.C-28: Tender Id:2023_ORULB_87560**
**Bid Reference No.MC(CMC)CTC_Div-I_No.1/2023-24**
**Tender Call Notice No.1659 (PW) Date:05.04.2023**

Name of Works : Civil Works
No. of Works : 39 Nos.
Bid Value : Rs.2.17 Lakh to Rs.39.51 Lakh
Period of Completion : One Calendar Month to Two Calendar Months
Date and Time Schedule:

| Start | End | Opening |
|---|---|---|
| 3.00 PM on dt.07.04.2023 | 5.00 PM on dt.18.04.2023 | 11.00 A.M. on dt.21.04.2023 |

Tender Details: can be seen from the procurement portal: www.tendersorissa.gov.in.

**Sd./- Executive Engineer, City Div-I**
OIPR-13031/11/0003/2324

## DIRECTORATE OF FISHERIES ODISHA, CUTTACK

Phone No.0671-2414061, Fax:0671-2410521
e-mail:director.odifish@gmail.com

No.5601 Date:05.04.23

**EXPRESSION OF INTEREST FOR EMPANELMENT OF AGENCIES FOR SUPPLY OF FISH FEED.**

**No.M-2:**Director of Fisheries invites sealed bids from reputed, registered and experienced Suppliers/ Firms for Empanelment of Agencies for supply of Fish Feed. Bidders fulfilling the prescribed eligibility criteria of the EOI can access and download the complete EOI document and other details from www.odishafisheries.nic.in/ www.fishfedodisha.in.

The bid calendars under the end to end process are:

| Sl. | List of Key Events | Critical Dates |
|---|---|---|
| 1. | Date of Issue of Tender Call Notice | 10th April 2023 |
| 2. | Last Date for Submission of Bid | 20th April 2023 3 PM |
| 3. | Date of Opening of Bid document | 20th April 2023 4 PM |

The bid complete in all respects must reach the undersigned by Speed Post/Registered Post/ Drop in the Tender Box at Directorate of Fisheries only latest by 20th April 2023 3 PM in a sealed envelope clearly mentioning on the top of it "Empanelment of Agencies for Supply of Fish Feed."

The Bid processing fee Rs.1000/- in shape of Banker's Cheque/ DD in favour of Director of Fisheries, Odisha, Cuttack drawn in any scheduled commercial bank payable at Cuttack.

The proposals received beyond the last date and time will be rejected. The authority reserves the right to reject any/ all proposals without assgining any reason thereof.

**Sd./- Director of Fisheries**
**OIPR-06015/11/0002/2324**

## OFFICE OF THE PANCHAYAT SAMITI, CHANDBALI

AT-PO- CHANDBALI, DIST- BHADRAK, PIN-756133
e-Mail: ori-chandbali@nic.in | Phone/Fax No: 06786-220234

**QUOTATION CALL NOTICE**

No. i-20:- **Block Development Officer, Chandbali** invites sealed quotations/ bids for procurement of **20** inch IPS/LED **Desktop PC (make HP/ DELL/ LENOVO)** for **13 nos**. of **3rd Phase 5T Transformation of High Schools** under Chandbali Block. The rate should be furnished in each quotation paper including installation, demo & training. The vendor must produce **OEM** authorization with valid GST registration. The sealed quotation must reach to the undersigned on or before **10.04.2023** by **1.00 PM** through **Speed Post/ Regd.Post.** The quotation paper will be opened on **11.04.2023 at 11 AM** in presence of interested parties or their authorized agents. The authority reserves all the rights to reject any all quotation without assigning any reason thereof.

For detailed specification and other terms and conditions bidders can refer to www.bhadrak.nic.in or contact **Chandbali Panchayat Samiti** on mobile No. **9437228182**.

**Specifications**

| SL NO | IT Equipment | Specification | Quantity | Brand | Remarks |
|---|---|---|---|---|---|
| 1 | Monitor | 20inch | 05 | HP/DELL | |
| 2 | CPU | Core i5 12th Gen. 8GB RAM 512 SSD Windows 11 O.S. | 01 | | |
| 3 | Key Board | | 05 | HP/DELL | |
| 4 | Mouse | | 05 | HP/DELL | |
| 5 | N Computing Device L 300 | | 05 | | |
| 6 | Network Switch 16 port | DLink | 1 pc | | |
| 7 | D Link cable | | Per meter | | |
| 8 | D Link RJ 45 Connector | | Per piece | | |
| 9 | Headphone | | 05 | HP | |
| 10 | Installation Charge | | | | |

**Sd./- Block Development Officer**
**Chandbali**

OIPR-19183/11/0001/2324

## OFFICE OF THE CHIEF ENGINEER QUALITY ASSURANCE H.P. ADMINISTRATIVE BUILDING

**Delta Square, Unit - VIII, Odisha, Bhubaneswar**

**Notice inviting Expression of Interest for Engagement of Individuals as "State Quality Monitors (SQMs)" / "Third Party Quality Monitors (TPQMs)"**

No. A-09: Expression of Interest (EOI) is invited from the interested Civil Engineering professionals worked in Government Organizations, PSUs, Government and private technical educational institutions of reputed and private companies of civil engineering professionals having experience and expertise in execution of irrigation, flood control, coastal erosion protection and river valley projects having exposure to Design, Quality Control (QC) and Quality Assuarance (QA) & Research activities.

For detailed notification, application form, eligibility requirements and general terms and conditions please visit the official website of Department of Water Resources (DoWR) i.e. **www.dowrodisha.gov.in**.

| | |
|---|---|
| The date and time for publication of detailed notification in the website of DoWR | 10.04.2023 (11.00) |
| The last date and time for submission of application | 10.05.2023 (17.00) |

**Sd./- Chief Engineer**
**Quality Assurance, Bhubaneswar**
**OIPR-32503/11/0001/2324**

## BHUBANESWAR DEVELOPMENT AUTHORITY BHUBANSWAR
## TENDER CALL NOTICE

**Bid Identification No. 251/EE/BDA/2023-24/Date: 04.04.2023**

No. CAD-44: The Executive Engineer, Division No. 1, BDA on behalf of Bhubaneswar Development Authority, Bhubaneswar invites percentage rate bids in Single Cover from eligible contractors for Civil work as mentioned below.

The bidders may submit bids for the following work through 'e'-Tendering only in the website:https://www.tendersodisha.gov.in/

1. Name of work : Road Work
2. Total No. of works : 01 (One) No.
3. Estimated cost : Rs.53.13 Lakh
4. Class of Contractor : 'B' Class
5. Period of Completion : 30 (Thirty) Days
6. Cost of Bid documents for each work : Rs.10,000.00 + 18% GST
7. Earnest Money Deposit (EMD): 1% of Contract value
8. The Bid documents will be available in the website: **https://www.tendersodisha.gov.in** from **10.04.2023 to 5.00 P.M. of 19.04.2023**.
9. Receipt of Financial Instruments : Upto 5.00 P.M. Dt.21.04.2023
10. Date of time of opening of Tender Online : Dt.24.04.2023 at 11.30 P.M.
11. Place of Opening of Tender : As per DTCN

Further details can be seen from tas well as in BDA website: **https://bda.gov.in**. Any addendum/corrigendum/cancellation of tender can also be seen in the said website.

**Sd./- Executive Engineer**
**Division No. I, BDA**

**OIPR-13033/11/0004/2324**

## Office of the Superintending Engineer, Potteru Irrigation Division, Balimela

**At/Po-Balimela, Dist: Malkangiri. (Odisha)**
**'e' mail id:- eepid78@gmail.com**

**QUOTATION CALL NOTICE No.-01/2023-24**

**No.A-07:-** Sealed quotations are invited from interested reputed Travel Agencies/ Tour operators / Private individuals having valid GST /GeM registration number, PAN card, first track banking facility etc. for providing Non-AC/AC diesel driven vehicle or BS - IV compliant petrol vehicle (TUV300 /Bolero /Sumo Gold/ Ertiga) having sitting capacity not more than ten including driver, which shall confirm to the Terms & Conditions of the quotation call notice for the official use of Superintending Engineer, Potteru Irrigation Division, Balimela on monthly rent basis for the period from 05/2023 to 03/2024 (for the financial year 2023-24).

1. Date and time of availability of quotation documents for sale:- From dtd.06.04.2023 to dtd. 17.04.2023 (during office hours and on working days only.)
2. Date and time of receipt of quotation documents:- From dtd.06.04.2023 to dtd. 17.04.2023 (during office hours and on working days only).
3. Date and time of opening of quotation documents: - on 18.04.2023 at 11.00 A.M.in the office chamber of the Superintending Engineer, Potteru Irrigation Division, Balimela.

Please visit the office of the undersigned or website http.//www.odisha.gov.in./ http.//www.dowrodisha.gov.in for details.

**Sd./- Superintending Engineer,**
**Potteru Irrigation Division, Balimela**
OIPR-32052/11/0001/2324

See Career Appointment on every Wednesday & Saturday

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଓମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




ରାହୁଲ ଗାନ୍ଧୀଙ୍କ ଲୋକ ସଭା ସଦସ୍ୟତା ରଦ୍ଦ ପ୍ରସଙ୍ଗକୁ ନେଇ ବୁଧବାର କେରଳର ଥିରୁଭାନନ୍ତପୁରମ୍‌ସ୍ଥିତ ରାଜଭବନ ଆଗରେ ୟୁଡିଏଫ୍ ପକ୍ଷରୁ ଆୟୋଜିତ ବିକ୍ଷୋଭ ସମାବେଶରେ ବରିଷ୍ଠ କଂଗ୍ରେସ ନେତା ତାରିକ୍ ଅନୱାର ଉଦ୍‌ବୋଧନ ଦେଉଛନ୍ତି।

# ଆଜିଠୁ ଭାଜପାର 'ଗାଁ ଗାଁ ଚାଲ, ଘର ଘର ଚାଲ' ଅଭିଯାନ

**ଭୁବନେଶ୍ୱର, ୫।୪(ବ୍ୟୁରୋ)**

ରାଜ୍ୟ ସରକାର ଯାହା କଲେ ଚଳିବ ବୋଲି ଭାବୁଛନ୍ତି। ଏହି ଭ୍ରାନ୍ତଧାରଣା ଦୂରକରିବା ପାଇଁ ୫୪ ଭାଗ ଓବିସି ବର୍ଗ ଲୋକଙ୍କ ମଧ୍ୟରେ ଜାଗରଣ ସୃଷ୍ଟି ସହ ସାମ୍ବିଧାନିକ ଅଧିକାର ଲାଗି ସ୍ୱର ଉଠାଇବା ହେବା ଆବଶ୍ୟକ। ଏହି ଦୃଷ୍ଟିରୁ ଭାଜପା ଓବିସି ମୋର୍ଚ୍ଚା ବର୍ତ୍ତମାନ 'ଗାଁ ଗାଁ ଚାଲ, ଘର ଘର ଚାଲ' ଅଭିଯାନ ଡାକରା ଦେଇଛି। ଏପ୍ରିଲ ୬ ଭାଜପା ପ୍ରତିଷ୍ଠା ଦିବସରୁ ୧୪ ତାରିଖ ଆମ୍ବେଡ୍‌କର ଜୟନ୍ତୀ ପର୍ଯ୍ୟନ୍ତ ଏହି ଅଭିଯାନ ଚାଲିବ ବୋଲି ଭାଜପା ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ କହିଛନ୍ତି।

ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୁରଥ କହିଛନ୍ତି, ଓଡ଼ିଶାରେ ଦୀର୍ଘ ୨୩ ବର୍ଷ ଧରି ନିରନ୍ତର ଶାସନ କ୍ଷମତାରେ ଥିବା ବିଜେଡି ସରକାରର ରାଜ୍ୟ ପଛୁଆବର୍ଗଙ୍କ ପ୍ରତି ଆଦୌ ଦରଦ ନାହିଁ। ତାଙ୍କୁ ବିକାଶଧାରାରୁ ବଞ୍ଚିତ ରଖୁଛନ୍ତି । ରାଜ୍ୟ ସରକାର ବିଭିନ୍ନ ବାହାନାବାଜି କରି କଥାକୁ ବୁଲେଇବଙ୍କେଇ ୫୪ ଭାଗ ଓବିସି ବର୍ଗଙ୍କୁ ତାଙ୍କ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ କରୁଛନ୍ତି। ଗତ ବିଧାନସଭାରେ ରାଜ୍ୟ ସରକାର ଓବିସିମାନଙ୍କ ପାଇଁ ଏକ ସଂଶୋଧିତ ବିଲ୍ ଆଗତ କରିବାକୁ କାର୍ଯ୍ୟସୂଚୀରେ ସ୍ଥାନିତ କଲେ। କିନ୍ତୁ ଏହି ସଂଖ୍ୟାଧିକ ବର୍ଗଙ୍କ ସ୍ୱାର୍ଥ ଓ ଅଧିକାର ରାଜ୍ୟ ସରକାରଙ୍କ ପାଇଁ ଏତେ ଗୌଣ ଯେ, ତାହାକୁ ଶେଷ ମୁହୂର୍ତ୍ତରେ ପ୍ରତ୍ୟାହାର କରିନେଲେ। ଏହା ରାଜ୍ୟ ସରକାରଙ୍କ ଓବିସି ବର୍ଗ ପ୍ରତି ମନୋବୃତ୍ତିର ପ୍ରମାଣ। ଓବିସି ବର୍ଗଙ୍କ ପ୍ରତି ରାଜ୍ୟ ସରକାରଙ୍କ ଏତେ ଉଦାସୀନତା କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ସେ ଆହୁରି କହିଛନ୍ତି, ଦେଶ ତଥା ରାଜ୍ୟରେ ସର୍ବାଧିକ ପଛୁଆ ବା ଓବିସି ବର୍ଗ ଅଛନ୍ତି। ହେଲେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଯେଉଁଭଳି ଜାତିକୁ ଆକ୍ଷେପ କରି ଗୋଟିଏ ହୀନ ମନ୍ତବ୍ୟ ଦେଇଛନ୍ତି ଏହା ୫୪ ଭାଗ ଓବିସି ବର୍ଗଙ୍କୁ ମର୍ମାହତ କରିଛି। ଏହି ବର୍ଗ ପ୍ରତି କଂଗ୍ରେସ କେବେହେଲେ ସମ୍ବେଦନଶୀଳ ନ ଥିଲା। କେବେ ପଛୁଆବର୍ଗଙ୍କ ସ୍ୱାର୍ଥ ସୁରକ୍ଷା କରିବା ପାଇଁ ଚେଷ୍ଟାକରି ନ ଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେତେବେଳେ ଏହି ବର୍ଗଙ୍କୁ ଅଧିକାର ଦେଲେ, ତାଙ୍କୁ ଜାତି କଥା ଉଠାଇ ଗାଳି କରାଗଲା। ତେବେ ରାହୁଲ ଗାନ୍ଧୀଙ୍କ ଏଭଳି ମନ୍ତବ୍ୟ ଓବିସି ବର୍ଗ ପ୍ରତି ତାଙ୍କର ହୀନ ମାନସିକତାର ପ୍ରମାଣ ଦେଇଛି ବୋଲି ସେ କହିଛନ୍ତି।





ଖବରଦାତା ସମ୍ମିଳନୀରେ ଦଳୀୟ ନେତୃବୃନ୍ଦ।

# ନିର୍ବାଚନ ଲଢ଼ିବିନି, ଭାଜପା ପାଇଁ ପ୍ରଚାର କରିବି: କିଚ୍ଚା ସୁଦୀପ

**ବେଙ୍ଗାଲୁରୁ,୫।୪**



ଲୋକପ୍ରିୟ କନ୍ନଡ ସୁପରଷ୍ଟାର କିଚ୍ଚା ସୁଦୀପ କର୍ନାଟକରେ ଭାଜପା ପାଇଁ ପ୍ରଚାର କରିବେ ବୋଲି କହିଛନ୍ତି। ଆସନ୍ତା ବିଧାନସଭା ନିର୍ବାଚନରେ ସେ ଲଢ଼ିବେ ନାହିଁ କି ରାଜନୀତିରେ ସାମିଲ ହେବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। କର୍ନାଟକ ମୁଖ୍ୟମନ୍ତ୍ରୀ ବସବାରାଜ ବୋମାଇ ଓ ସୁଦୀପ ମିଳିତ ଭାବେ ବୁଧବାର ଏକ ଖବରଦାତା ସମ୍ମିଳନୀରେ ସାମିଲ ହୋଇଥିଲେ। ତେବେ ନିର୍ବାଚନରେ ବୋମାଇଙ୍କୁ ସୁଦୀପଙ୍କ ପୂର୍ଣ୍ଣ ସହଯୋଗ ରହିବ ବୋଲି ସେ ପ୍ରକାଶ କରିଛନ୍ତି। ମେ' ୧୦ରେ କର୍ନାଟକ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ୧୩ରେ ଭୋଟଗଣତି କରାଯିବ।

# ଆଇଟି ଜିଏସ୍‌ଟି ଚଢ଼ାଉ | ତେଜିଲା ରାଜନୀତି

- ନିର୍ବାଚନ ଋତୁ ଆସିଲେ ଏଭଳି ଆଇଟି ରେଡ୍ ହୁଏ: ବିଜେଡି
- ଆଇଟି ରେଡ୍ ଦେଖି ଜିଏସ୍‌ଟି ଚଢ଼ାଉ କରିବା ଉଦ୍ଦେଶ୍ୟ ପ୍ରଣୋଦିତ: ଭାଜପା
- ରାଜନୈତିକ ଉଦ୍ଦେଶ୍ୟ ରଖି ଏପରି କରିବା ଉଚିତ ନୁହେଁ:କଂଗ୍ରେସ



**ଭୁବନେଶ୍ୱର, ୫।୪(ବ୍ୟୁରୋ)**

ରାଜ୍ୟରେ ଏବେ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନଗୁଡିକ ଉପରେ ଘନ ଘନ ଆଇଟି ଏବଂ ଜିଏସ୍‌ଟି ରେଡ୍ ହେଉଥିବା ଦେଖିବାକୁ ମିଳୁଛି। ବିଭିନ୍ନ ପଥର ଖଣି, କ୍ରସର, ପେଟ୍ରୋଲ ପମ୍ପ, ଶିକ୍ଷାନୁଷ୍ଠାନ ଆଦି ଉପରେ ଆଇଟି ଏବଂ ଜିଏସ୍‌ଟି ରେଡ୍ ହେଉଥିବା ଖବର ଆସିବାରେ ଲାଗିଛି। ତେବେ ଏହି ବ୍ୟବସାୟିକ ପ୍ରତିଷ୍ଠାନଗୁଡିକ କେତେଜଣ ବିଜେଡି ନେତାମାନଙ୍କ ନାଁରେ ରହିଛି। ଅନ୍ୟପଟେ ଭାଜପା ସମର୍ଥିତ ବ୍ୟବସାୟିକ ଅନୁଷ୍ଠାନ ଗୁଡିକ ଉପରେ ମଧ୍ୟ ରାଜ୍ୟ ଜିଏସ୍‌ଟି ବିଭାଗ ପକ୍ଷରୁ ଚଢାଉ ହେଉଥିବା ନେଇ ଚର୍ଚ୍ଚା ହେଉଛି। ସାଧାରଣ ନିର୍ବାଚନକୁ ଆଉ କମ୍ ସମୟ ଥିବାବେଳେ ଏଭଳି ଘନ ଘନ ଚଢାଉକୁ ନେଇ ରାଜନୀତି ଆରମ୍ଭ ହୋଇଯାଇଛି। ଅନ୍ୟପଟେ ନିର୍ବାଚନୀ ଋତୁ ଆସିଲେ ଏପରି ହୁଏ ବୋଲି ଶାସକ ଦଳ ନେତାଙ୍କ ପକ୍ଷରୁ କୁହାଯାଉଥିବା ବେଳେ ଭାଜପା ଏହାକୁ ରୁଟିନ୍ ୱାର୍କ ବୋଲି କହିଛନ୍ତି। ଆଗକୁ ଏଭଳି ଚଢାଉ କେବଳ ବ୍ୟବସାୟିକ ଅନୁଷ୍ଠାନ ଗୁଡିକ ଉପରେ ହେବ ନା ତଦନ୍ତର ଦିଗ ରାଜନୈତିକ ବ୍ୟକ୍ତିବିଶେଷଙ୍କ ଆଡକୁ ଯିବ ତାକୁ ନେଇ ମଧ୍ୟ ଚର୍ଚ୍ଚା ଜୋର୍‌ଦାର ହେବାରେ ଲାଗିଛି।

ବିଜେଡି ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ କହିଛନ୍ତି, ଏଭଳି ରେଡ୍ ନେଇ ଖବର ପାଇଛନ୍ତି। ନିର୍ବାଚନ ଋତୁ ଆସିଲେ ଏଭଳି ଆଇଟି ରେଡ୍ ହୋଇଥାଏ ବୋଲି ସମସ୍ତେ ଜାଣିଛନ୍ତି, ପୂର୍ବରୁ ମଧ୍ୟ ଏହାର ନଜିର ରହିଛି। କିନ୍ତୁ ଏହା ଯାହା ବି ହେଉଛି ଗଣତନ୍ତ୍ର ଲାଗି ଆଦୌ ଶୁଭଙ୍କର ନୁହେଁ ବୋଲି ସେ କହିଛନ୍ତି।

ବିଜେଡି ନେତାଙ୍କ ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ଭାଜପା ନେତା ଗୋଲକ ମହାପାତ୍ର କହିଛନ୍ତି, ଯଦି କେଉଁଠାରେ ଭୁଲ୍ ଦେଖୁଥିବେ ତେବେ ଚଢ଼ାଉ କରୁଥିବେ। କିଛି ସମସ୍ୟା ନ ଥିଲେ କାହିଁକି ଆଇଡି ରେଡ୍ ହୁଅନ୍ତା। ହେଲେ ଆଇଡି ରେଡ୍ ଦେଖି ରାଜ୍ୟ ସରକାର ଜିଏସ୍‌ଟି ଚଢ଼ାଉ କରିବା ଉଦ୍ଦେଶ୍ୟ ପ୍ରଣୋଦିତ। ରାଜନୀତିରେ ଏଭଳି ଅସହିଷ୍ଣୁତା ଭଲ ନୁହେଁ। ଯଦି ସେମାନେ ସଚ୍ଚୋଟ ଅଛନ୍ତି ତେବେ ଡରୁଛନ୍ତି କାହିଁକି।

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ନିର୍ବାଚନ ଆସିଲେ ଏଭଳି ଘଟଣା ଘଟେ ବୋଲି ଲୋକଙ୍କ ଧାରଣା। ଭାଜପା ହାତରେ ସିବିଆଇ, ଇଡି, ଆଇଟି ରହିଛି। ସେହିପରି ରାଜ୍ୟ ସରକାରଙ୍କ ହାତରେ ମଧ୍ୟ କେତେକ ସଂସ୍ଥାର କ୍ଷମତା ରହିଛି। ତାକୁ ନେଇ ଯଦି ରାଜନୈତିକ ଉଦ୍ଦେଶ୍ୟ ପୂରଣ ଲାଗି ଚଢ଼ାଉ ହୁଏ ତେବେ ସାଧାରଣ ଲୋକମାନେ ସମସ୍ୟା ଭୋଗିବେ। ଯଦି କିଛି ନିୟମାନୁଯାୟୀ ହେଉଛି ତେବେ ଠିକ୍ ଅଛି। ହେଲେ କ୍ଷମତାର ବ୍ୟବହାରକରି ରାଜନୈତିକ ଫାଇଦା ପାଇବାକୁ ଏପରି ନ କରାଯାଉ ବୋଲି ସେ କହିଛନ୍ତି।

## ହିନ୍ଦୋଳ ଏନ୍‌ଏସି ନିର୍ବାଚନ

# ପରାଜୟ ପରେ କଂଗ୍ରେସକୁ ଟାର୍ଗେଟ କଲା ଭାଜପା



ଖବରଦାତା ସମ୍ମିଳନୀରେ ଭାଜପା ନେତୃବୃନ୍ଦ।

**ଢେଙ୍କାନାଳ ଅଫିସ, ୫।୪**

ଢେଙ୍କାନାଳ ଜିଲା ହିନ୍ଦୋଳ ଏନ୍‌ଏସିରେ ଭାଜପାର ପରାଜୟ ପରେ ମାନସମନ୍ଥନ କରିଛି ଦଳ। ବୁଧବାର ଅପରାହ୍ଣରେ ଢେଙ୍କାନାଳସ୍ଥିତ ଦଳୀୟ ଜିଲା କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଦଳର କର୍ମକର୍ତ୍ତାମାନେ ଏହାର କାରଣ ଖୋଜିଥିବାବେଳେ କଂଗ୍ରେସକୁ ଟାର୍ଗେଟ କରିଛନ୍ତି।

ହିନ୍ଦୋଳ ଏନ୍‌ଏସି ନିର୍ବାଚନରେ କାଉନ୍‌ସିଲର ଭୋଟରେ କେତେକ ୱାର୍ଡରେ ଭାଜପା ଶାସକ ବିଜେଡିକୁ କଡ଼ା ଟକ୍କର ଦେଇଥିଲା। ୪, ୧୧, ୧୫, ୧୬ ୱାର୍ଡରେ ଦଳୀୟ ପ୍ରାର୍ଥୀ ହାତଗଣତି ଭୋଟ ବ୍ୟବଧାନରେ ହାରିଛନ୍ତି। ଏଥିଲାଗି ଦଳପକ୍ଷରୁ ହିନ୍ଦୋଳବାସୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଅନ୍ୟପଟେ କଂଗ୍ରେସର ସମସ୍ତ କାଉନ୍‌ସିଲର ପ୍ରାର୍ଥୀଙ୍କୁ ୨୩୯ ଖଣ୍ଡ ଭୋଟ ମିଳିଛି। ଭୋଟହାର ରହିଛି ମାତ୍ର ୨.୭% । ସେହିପରି କଂଗ୍ରେସ ନଗରପାଳ ପ୍ରାର୍ଥିନୀ ସମୁଦାୟ ୨୧୯ ଖଣ୍ଡ ଭୋଟ ପାଇଥିବା ବେଳେ ଭୋଟହାର ୨.୫୩ ପ୍ରତିଶତ ରହିଛି। କଂଗ୍ରେସ ଭୋଟ ବିଜେଡିକୁ ବିକ୍ରି ହୋଇଯିବା କାରଣରୁ ଭାଜପା ଜିତିବା ସମ୍ଭାବନା ଥିବା ୱାର୍ଡରେ ଦଳ କମ ଭୋଟରେ ପରାଜିତ ହୋଇଛି ବୋଲି ଜିଲା ସଭାପତି ନରେଶଚନ୍ଦ୍ର ମହାପାତ୍ର ଏବଂ ହିନ୍ଦୋଳ ପ୍ରଭାରୀ ତଥା ଜିଲା ସାଧାରଣ ସମ୍ପାଦକ ସୁନୀଲ ଶର୍ମା କହିଛନ୍ତି। ସେହିପରି ବିଜେଡିକୁ ମଧ୍ୟ ଟାର୍ଗେଟ କରିଛନ୍ତି ଭାଜପା ନେତୃବୃନ୍ଦ। ଶାସକ ଦଳ ପ୍ରଶାସନକୁ ହାତବାରିସି କରି ବିପୁଳ ଅର୍ଥ ଖର୍ଚ୍ଚ କରି ନିର୍ବାଚନ ଲଢ଼ିଛି। ତଥାପି ଭାଜପା ନଗରପାଳ ପ୍ରାର୍ଥୀ ୩,୯୨୩ ଖଣ୍ଡ ଭୋଟ ପାଇଛନ୍ତି, ଯାହାର ଭୋଟହାର ୪୫.୪୧%। ଭାଜପା ପ୍ରତି ଜନତାଙ୍କ ଆସ୍ଥା ବଢୁଛି। ଦଳକୁ ସୁଦୃଢ଼ କରିବା ପାଇଁ ସମୀକ୍ଷା କରାଯିବ ବୋଲି ଦଳୀୟ ନେତୃବୃନ୍ଦ କହିଛନ୍ତି। ପରାଜୟର ମାନସମନ୍ଥନ ବେଳେ ନିର୍ବାଚନ ମଙ୍ଗ ଧରିଥିବା ପୂର୍ବତନ ମନ୍ତ୍ରୀ ତଥା ଭାଜପା ନେତ୍ରୀ ଅଞ୍ଜଳି ବେହେରାଙ୍କ ଆଖି ଛଳଛଳ ହୋଇଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସଭାପତି ସନ୍ତୋଷ ବେହେରା, ବିଶ୍ୱଭୂଷଣ ଦାସ, ତରୁଣ ସାମଲ, ଅଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।


# Classified Everyday
0674-2580101, 2549949





REAL ESTATE

## SALE

Xavier ୟୁନିଭରସିଟିରୁ ୪ କି.ମି. (ପିପିଲି-ଜଟଣୀ ରୋଡ୍‌ରେ) ବର୍ଗଫୁଟକୁ- 800/-, 550/-ରେ ପ୍ଲଟ୍ କିଣି ଘର କରନ୍ତୁ। 9938016295. D-74838

Bhubaneswar ସ୍ଥିତ ଜମି ବା ଘର କିଣାବିକା ପାଇଁ ଯୋଗାଯୋଗ କରନ୍ତୁ। 9090778800. D-74530

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft.- 3,60,000/-, ଛତାବର 1200sqft.- 3,00,000/-, ନଖରା 300/-, 6371569855. D-74837

ଜଟଣୀ NISER (Tahasil Chhak) ସାମ୍ନାରେ ଘରବାରି, yellowzone, 30ft. road ଏବଂ boundarywall ସ୍ଥିତିବାନ୍ plot କିଣି ଘର କରନ୍ତୁ। Contact: 9938066403, 9438315973. D-2998





**Relax, Refresh your Body, Mind at Saikrupa Spa with best therapies, 8984068077.** D-3063

Newly open health benefits SPA special Offer @ 799, Jaydev Vihar. 8018429809. D-73697

Fullbody massage, refresh, relaxed by expert Lady Therapist. Contact: 8480939300. D-0029

Asribada Panchakarma Herbal SPA, Kesarimall, Bhubaneswar. Contact: 8926173473. D-74669

## LOST

ମୁଁ ଉର୍ବଶୀ ନାୟକ, ସ୍ୱାମୀ- ବସନ୍ତ କୁମାର ନାୟକ, ଠିକଣା: ଗ୍ରାମ- ଗଡ଼ାପୋଖରୀ, ଥାନା- ବଡ଼ମ୍ବା, ଜିଲ୍ଲା- କଟକ ଜଣାଉଅଛି ଯେ, ମୁଁ ମୋ ବାସସ୍ଥାନରୁ ବଡ଼ମ୍ବାଗଡ଼କୁ ଗତ ୨୪।୦୩।୨୦୨୩ ଯାଉଥିବା ସମୟରେ ମୋର ଜମି କାଗଜପତ୍ର (କବଲା ନଂ. ୬୬୪/୧୯୯୮, ଖାତା ନଂ. ୩୦୯/୧୭, ପ୍ଲଟ୍ ନଂ. ୪୨୧, ୪୦୪, ୭୬୩, ୪୨୭, ୩୯୫, ୪୨୬ ଏବଂ ୪୨୧/୨୦୫୫) ହଜିଯାଇଛି। ତେଣୁ ମୁଁ ଅନୁରୋଧ କରୁଛି, ଯଦି କୌଣସି ସହୃଦୟ ବ୍ୟକ୍ତି ଉକ୍ତ ଜମିଜମା କାଗଜପତ୍ର ପାଆନ୍ତି, ତେବେ ଉପରିସ୍ଥ ଠିକଣାରେ ଫେରାଇବାକୁ ନିବେଦନ କରୁଛି। ମୋ.ନଂ.୯୫୮୩୨୯୦୭୫୭
ଧ-୦୦୨୫

By virtue of affidavit dt. 04.04.2023, I, Santosh Kumar Patnaik of Ainthapali, Sambalpur declared that, the original ROR vide Khata No. 733/1508 of Mouza Town Unit No. 14, Danipali has been lost during shifting from my official quarter to my residence at Ainthapali and couldn't be traced out inspite of thorough search. D-0030

## ମନେ ପଡ଼ନ୍ତି

ଷୋଡ଼ଶ ଶ୍ରାଦ୍ଧବାର୍ଷିକୀ
୦୬।୦୪।୨୦୨୩ (ଗୁରୁବାର)



ଏଡା. କ୍ଷୀରୋଦ କୁମାର ରଥ
(କଳାପ୍ରାଣ ସାହିତ୍ୟ-ସଂସ୍କୃତିମନା ସମାଜସେବୀ)
ଏଲ୍.ବି.-୬୧, ଷ୍ଟେଜ୍-୪, ବିଡ଼ିଏ କଲୋନୀ, ଲକ୍ଷ୍ମୀସାଗର, ଭୁବନେଶ୍ୱର
ତୁମେ ଯେଉଁଠି ଥାଅ ସଦା ସୁଖଶାନ୍ତିରେ ଥାଅ ଏବଂ ତୁମର ଅସରନ୍ତି ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମକୁ ପଥ ପ୍ରଦର୍ଶନ କରୁଥାଉ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ଏତିକି ପ୍ରାର୍ଥନା ।
ପତ୍ନୀ- ସରୋଜିନୀ ଓ ଆତ୍ମୀୟସ୍ୱଜନବୃନ୍ଦ
D-3014

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପେଠ କରନ୍ତୁ ।
BHIM | UPI
ଦେୟ ପେଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।




ବରଗଡ଼ ଜିଲା ଅତାବିରା ଏନ୍‌ଏସି ନିର୍ବାଚନ ଫଳାଫଳ ବୁଧବାର ପ୍ରକାଶ ପାଇଛି। ଏଥିରେ ବିଜେଡି ବିଜୟ ହାସଲ କରିଥିବାରୁ ଦଳୀୟ ନେତା ଓ କର୍ମୀ ଖୁସି ମନାଉଛନ୍ତି।

# ଏଯାଏ ପ୍ରାର୍ଥୀ ଘୋଷଣା କରିପାରିଲେନି କଂଗ୍ରେସ, ଭାଜପା

## ଝାରସୁଗୁଡ଼ା ଉପନିର୍ବାଚନ

**ଭୁବନେଶ୍ୱର, ୫।୪(ବ୍ୟୁରୋ)**



ଝାରସୁଗୁଡ଼ା ଉପନିର୍ବାଚନ ଲାଗି ତାରିଖ ଘୋଷଣା ହୋଇସାରିଛି। ଏହି ଉପନିର୍ବାଚନରେ ରାଜ୍ୟର ୩ ପ୍ରମୁଖ ଦଳ ନିଜର ପ୍ରଦର୍ଶନ ଭଲ କରିବାକୁ ଚେଷ୍ଟା କରିବେ। ତେବେ ଏହା ଭିତରେ ବିଜେଡି ପକ୍ଷରୁ ସ୍ୱର୍ଗତ ନବ ଦାସଙ୍କ ଝିଅ ଦୀପାଳି ଦାସଙ୍କୁ ପ୍ରାର୍ଥୀ କରାଯାଇଥିବା ବେଳେ କଂଗ୍ରେସ ଏବଂ ଭାଜପା କିନ୍ତୁ ଏପର୍ଯ୍ୟନ୍ତ ସେମାନଙ୍କ ପ୍ରାର୍ଥୀଙ୍କ ନାଁ ଘୋଷଣା କରିପାରିନାହାନ୍ତି। ତେବେ ଗୁରୁବାର ଏହି ଦୁଇ ଜାତୀୟ ଦଳ ନିଜର ପ୍ରାର୍ଥୀଙ୍କ ନାଁ ଘୋଷଣା କରିପାରନ୍ତି ବୋଲି କୁହାଯାଉଛି। ତେବେ ଭାଜପାରୁ ଟଙ୍କଧର ତ୍ରିପାଠୀ ପ୍ରାର୍ଥୀ ହୋଇପାରନ୍ତି ବୋଲି ଦୀର୍ଘଦିନରୁ ଚର୍ଚ୍ଚା ହେଉଥିବା ବେଳେ ତାଙ୍କ ନାଁ ଏପର୍ଯ୍ୟନ୍ତ ଘୋଷଣା ନ ହେବାକୁ ନେଇ ଆଲୋଚନା ଜୋର୍ ଧରିଛି। ଦଳ ବୋଧହୁଏ ପ୍ରାର୍ଥୀ ଭାବେ ଟଙ୍କଧରଙ୍କୁ ସୁଯୋଗ ଦେବାକୁ ଚାହୁଁ ନ ଥିବା କେତେଜଣ ଦଳୀୟ ନେତାଙ୍କ ଭିତରେ ଚର୍ଚ୍ଚା ହେଉଛି। ଅନ୍ୟପଟେ କଂଗ୍ରେସ ମଧ୍ୟ ଏ ପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା କରିପାରି ନାହିଁ। ଯଦି ଫଳାଫଳ ଏହି ଉପନିର୍ବାଚନରେ ଖରାପ ହୁଏ ତେବେ ତାହାର ପ୍ରଭାବ ୨୦୨୪ ବେଳକୁ ହେବାକୁ ଥିବା ସାଧାରଣ ନିର୍ବାଚନ ଉପରେ ପଡ଼ିପାରେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ଏହି କାରଣରୁ କଂଗ୍ରେସ ବୋଧହୁଏ ଭଲ ପ୍ରାର୍ଥୀ କିଏ ହେବ ତାକୁ ନେଇ ଅଙ୍କ କଷୁଛି ବୋଲି କୁହାଯାଉଛି।

ତେବେ କଂଗ୍ରେସ ପକ୍ଷରୁ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜାଙ୍କ ଅଧ୍ୟକ୍ଷତାରେ ଏକ ୫ ଜଣିଆ କମିଟି ଗଠନ ହୋଇଛି। ଉକ୍ତ କମିଟି ଗତ ୩ ତାରିଖରେ ଝାରସୁଗୁଡ଼ା ଯାଇ ଦଳୀୟ ନେତା ଏବଂ କର୍ମୀଙ୍କ ସହ ଆଲୋଚନା କରିଛନ୍ତି। ତେବେ ଏହି ଉପନିର୍ବାଚନ ଲାଗି କଂଗ୍ରେସରୁ ୬ ଜଣ ପ୍ରାର୍ଥୀ ହେବା ଲାଗି ଆଗ୍ରହ ଦେଖାଇଥିବା ବେଳେ ୪ ଜଣଙ୍କ ନାମ ଏଆଇସିସି(ଅଖିଳ ଭାରତ କଂଗ୍ରେସ କମିଟି)କୁ ପଠାଯାଇଥିବା ଜଣାପଡ଼ିଛି। ଏହି ୪ ଜଣଙ୍କ ମଧ୍ୟରୁ ଏଆଇସିସି ଗୁରୁବାର କିମ୍ବା ଶୁକ୍ରବାର ଚୂଡ଼ାନ୍ତ ପ୍ରାର୍ଥୀଙ୍କ ନାମ ଘୋଷଣା କରିପାରେ। ଏହି ୪ ଜଣଙ୍କ ମଧ୍ୟରେ ତରୁଣ ପାଣ୍ଡେ, ମହେନ୍ଦ୍ର ନାଏକ, ଅନୀତା ବିଶ୍ୱାଳ ଏବଂ ଅଶୋକ ମିଶ୍ରଙ୍କ ନାଁ ରହିଥିଲା। ତେବେ ଝାରସୁଗୁଡ଼ା ପ୍ରାର୍ଥୀ ଚୟନ ଲାଗି ଗଠନ ହୋଇଥିବା ୫ ଜଣିଆ କମିଟିକୁ ନେଇ ଏକ ବୈଠକ ମଙ୍ଗଳବାର କରିଥିବା ଜଣାପଡ଼ିଛି। ଏହି ବୈଠକରେ ଜଣଙ୍କ ନାଁ ଚୂଡ଼ାନ୍ତ ହୋଇ ଏଆଇସିସି ନିକଟକୁ ପଠାଯାଇଛି। ବୈଠକରେ ପ୍ରାର୍ଥୀ ଚୟନ ଠାରୁ ଆରମ୍ଭକରି ଉପନିର୍ବାଚନ ପରିଚାଳନା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା ହୋଇଥିବା ଜଣାପଡିଛି।

ଭାଜପା ପକ୍ଷରୁ ମଧ୍ୟ ସବୁ ପ୍ରକାର ଆଲୋଚନା ହେବା ପରେ ଚୂଡ଼ାନ୍ତ ପ୍ରାର୍ଥୀଙ୍କ ନାଁ ସ୍ଥିର ହେବା ସହ ତାହା କେନ୍ଦ୍ରୀୟ କମିଟିର ଅନୁମୋଦନ ଲାଗି ପଠାଯାଇଛି। ହେଲେ ୩ ଦିନ ପୂର୍ବରୁ ରିପୋର୍ଟ ପଠାଯାଇଥିବା ବେଳେ ଏ ପର୍ଯ୍ୟନ୍ତ ପ୍ରାର୍ଥୀଙ୍କ ନାଁ ଘୋଷଣା କରାଯାଇ ନାହିଁ। ତେବେ ଦଳର ଜଣେ ନେତାଙ୍କ କହିବାନୁଯାୟୀ ଟଙ୍କଧର ତ୍ରିପାଠୀଙ୍କ ସମେତ ଅନ୍ୟ ଜଣେ ବରିଷ୍ଠ ନେତା ମଧ୍ୟ ଏହି ତାଲିକାରେ ଅଛନ୍ତି। ତେବେ ଦଳ କାହା ଉପରେ ଭରସା କରିବ ତାକୁ ନେଇ ଚର୍ଚ୍ଚା ଚାଲିଛି। ଦଳର ନବନିଯୁକ୍ତ ସଭାପତିଙ୍କ ସୁପାରିସ ଆଧାରରେ ହିଁ ପ୍ରାର୍ଥୀଙ୍କ ନାଁ ଘୋଷଣା କରାଯିବ।


କିଆରା

# ନାମକରଣ ଅନ୍ତରାଳେ...

କିଆରା ଆଡଭାନୀଙ୍କ ନାମକରଣ ଅନ୍ତରାଳେ ଏକ ରୋଚକ କଥା ଲୁଚିରହିଛି। ଏଥିଲାଗି ସେ ଜଣେ ଅଭିନେତ୍ରୀଙ୍କୁ ପ୍ରଶଂସା କରିବାକୁ ଭୁଲୁନାହାନ୍ତି। ସେ ହେଲେ ପ୍ରିୟଙ୍କା ଚୋପ୍ରା। ତେବେ କିଆରାଙ୍କ ନାମକରଣ ପଛରେ ପ୍ରିୟଙ୍କାଙ୍କ ଭୂମିକା କ'ଣ ରହିଛି ବୋଲି ଅନେକଙ୍କ ମନରେ ନିଶ୍ଚୟ ପ୍ରଶ୍ନ ଉଠୁଥିବ। ଅସଲ କଥା ହେଲା କିଆରା ଯେତେବେଳେ ବଲିଉଡ୍‌ରେ ଏଣ୍ଟ୍ରି କଲେ ତା' ପୂର୍ବରୁ ତାଙ୍କର ନାମ ଥିଲା ଆଲିୟା। ହେଲେ ସେ ନିଜ ନାମକୁ ପରିବର୍ତ୍ତନ କରିବାକୁ ଚାହିଁଥିଲେ। ସେହି ସମୟରେ ସେ ପ୍ରିୟଙ୍କାଙ୍କ ଅଭିନୀତ 'ଅଞ୍ଜାନା ଅଞ୍ଜାନୀ' ଟାଇଟଲବିଶିଷ୍ଟ ଏକ ସିନେମା ଦେଖିଥିଲେ। ଏହି ଫିଲ୍ମରେ ତାଙ୍କର କ୍ୟାରେକ୍ଟର ଥିଲା କିଆରା। ବାସ୍, ଯେତେବେଳେ ଏକଥା ମନେପଡିଲା ସେତେବେଳେ ସେ ବିଳମ୍ବ ନ କରି ନିଜ ନାମକୁ ଆଲିୟାରୁ କିଆରାକୁ ବଦଳାଇ ଦେଇଥିଲେ। ହିନ୍ଦୀ ସିନେମାରେ କିଆରାଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଫୁଗଲି', ଯାହା ୨୦୧୪ରେ ରିଲିଜ ହୋଇଥିଲା। ତା'ପରେ ସେ 'ଏମ.ଏସ. ଧୋନୀ: ଦ ଅନଟୋଲ୍ଡ ଷ୍ଟୋରି', 'କଲଙ୍କ', 'କବୀର ସିଂ', 'ଲକ୍ଷ୍ମୀ', 'ଇନ୍ଦୁ କି ଜୱାନୀ' ଏବଂ 'ଭୁଲ୍ ଭୁଲେୟାଁ-୨' ଆଦି ସିନେମାରେ ସେ ଅଭିନୟ କରିସାରିଛନ୍ତି।

# ପ୍ରେମ କରିବ ଏମିତି

ସତରେ ପ୍ରେମ କରିବ ଏମିତି। ପ୍ରେମିକା ହେଉ କି ପ୍ରେମିକ- ପ୍ରେମରେ ସଫଳ ହେବାକୁ ପ୍ରାୟ ଅପେକ୍ଷା କରିବାକୁ ପଡ଼େ। ତେବେ ଏହି ଅପେକ୍ଷାର ଫଳ ମିଠା ହେବ କି ଖଟା ତାହା ଶେଷରେ ଜଣାପଡ଼ିଥାଏ। ହଁ, ଏଭଳି ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ନିର୍ମିତ ହୋଇଛି ଓଡ଼ିଆ ସିନେମା 'ଚାହିଁ ଥିବି ତତେ ହଜାରେ ବରଷ'। ଉଇ ଆଇକନ୍ସ ବ୍ୟାନରରେ ଫିଲ୍ମଟିର ପ୍ରଯୋଜନା କରିଛନ୍ତି ଭାରତୀ ନାୟକ। ମନୋଜ ନାୟକଙ୍କ କାହାଣୀକୁ ଆଧାର କରି ଚିତ୍ରନାଟ୍ୟ ରଚନା ଓ ନିର୍ଦ୍ଦେଶନା ଦେଇଛନ୍ତି ଦେବପ୍ରିୟ ସେନାନାୟକ। ସଂଳାପ ଲେଖିଛନ୍ତି ମନୋରଞ୍ଜନ ଦାସ। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ସୌମିତ୍ରୀ। ଏହାର ନାୟକ ସାଜିଛନ୍ତି ଶୁଭମ ନାୟକ। ଏହା ପୂର୍ବରୁ ସେ 'ପ୍ରେମର ନିଶା ନିଆରା ନିଆରା'ରେ ଅଭିନୟ କରିସାରିଛନ୍ତି। ଏଥିରେ 'ରଙ୍ଗ ବରଷିଲା ଟୁପୁରୁ ଟୁପୁରୁ'ର ସୁଶ୍ରୀ ରଥ ନାୟିକା ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି। ଏମାନଙ୍କ ବ୍ୟତୀତ ସ୍ୱର୍ଗତ ମିହିର ଦାସ, ରତନ ମେହେର, କାଳିଚରଣ, ଯୋଗେଶ ଜୋଜୋ, କେଦାର ପଟେଲ, ଝାନ୍‌ସୀ ରାଣୀ ଦାସ ଏବଂ ମୁନିଆ ପାଣିଗ୍ରାହୀ ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଏକ ତ୍ରିକୋଣୀୟ ଟିନ୍-ଏଜ୍ ଲଭ୍ ଷ୍ଟୋରି'କୁ ନେଇ ନିର୍ମିତ ଏହି ଫିଲ୍ମଟି ଖୁବ୍‌ଶୀଘ୍ର ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# କୁଲ୍ କୁଲ୍ ବାଣୀ

କେତେବେଳେ କେଉଁ ପ୍ରକାର କଥା କହିଲେ ତାହା ଆଲୋଚନା ପାଇଁ ଶତ ପ୍ରତିଶତ ଖୋରାକ ଯୋଗାଇଥାଏ ତାହାର କାଇଦା ବାଣୀ କପୁରଙ୍କୁ ମାଲୁମ। ଦେଖୁନାହାନ୍ତି, ଯେତେ ପ୍ରକାର ଗୁଡ଼େଇ ତୁଡ଼େଇ ପ୍ରଶ୍ନ ପଚାରିଲେ ମଧ୍ୟ ସେ କେମିତି ସେଗୁଡ଼ିକର ଉତ୍ତର ବେଶ୍ ଥଣ୍ଡା ମିଜାଜ୍‌ରେ ଦେଇଦେଲେ। ନିଜ କ୍ୟାରିୟରକୁ ସେ କଦାପି ହାଲୁକା ଭାବରେ ନେଇନାହାନ୍ତି। ଏହାକୁ ନେଇ ବାଣୀ ଦେଖିଛନ୍ତି ଅନେକ ସ୍ୱପ୍ନ। ଦିନେ ନା ଦିନେ ବଲିଉଡ୍‌ର ନାୟିକା ଦୌଡ଼ରେ ସେ ସାମିଲ ହେବେ ବୋଲି ଆଶା ରଖିଛନ୍ତି। ଏ ନେଇ କୁଲ୍ କୁଲ୍ ବାଣୀ କହନ୍ତି, 'କଥାରେ ଅଛି ଧୀର ପାଣି ପଥର କାଟେ। ତେଣୁ ମୁଁ ଆଦୌ ତରତର ହେବାକୁ ଚାହେଁନା। ଗୁଡାଏ ସିନେମାରେ ଅଭିନୟ କରି ସେଗୁଡିକୁ ଫ୍ଲପ୍ ତାଲିକାଭୁକ୍ତ କରିବା ଅପେକ୍ଷା ଭଲ ଭଲ ଫିଲ୍ମରେ ଅଭିନୟ କଲେ କ୍ଷତି କ'ଣ ? ହିନ୍ଦୀ ସିନେମାରେ ମୋ କ୍ୟାରିୟରକୁ ନେଇ ବେଶ୍ ଆଲୋଚନା ହେଉଛି। ହେଲେ ମୁଁ ସେଗୁଡିକୁ ଆଦୌ ଗୁରୁତ୍ୱ ଦିଏନା। କାରଣ ମୋର ପରିଚୟ ହେଉଛି ଅଭିନୟ। ତେଣୁ ଆକ୍ଟିଂକୁ ମୁଁ ସବୁବେଳେ ଫୋକସ୍ କରିଥାଏ।' ଗତ ବର୍ଷ ଜୁଲାଇରେ ବାଣୀଙ୍କ ଅଭିନୀତ 'ସମସେରା' ରିଲିଜ ହୋଇଥିଲା। କିନ୍ତୁ ଫିଲ୍ମଟି ବକ୍ସ ଅଫିସରେ ଆଶାନୁରୂପ ବିଜ୍‌ନେସ୍ କରିବାରେ ଅସଫଳ ହୋଇଥିଲା।


ବାଣୀ


ସାନ୍ୟା

# ସାନ୍ୟାଙ୍କ ଡିନର ପାର୍ଟି

'ଦଙ୍ଗଲ' ଫେମ୍ ସାନ୍ୟା ମାଲହୋତ୍ରା ଯାହା କହିଥିଲେ ତାହା ପୂରଣ କରିଛନ୍ତି। କଥା କ'ଣ କି ତାଙ୍କ ଅଭିନୀତ ଏକ ଅନଟାଇଟଲ୍‌ଡ ଫିଲ୍ମର ଶୁଟିଂ ପାଖାପାଖି ଦେଢ଼ବର୍ଷ ଧରି ଅଧାପନ୍ତରିଆ ହୋଇ ପଡିରହିଥିଲା। ନିକଟରେ ତାହାର ଶୁଟିଂ ସିନା ଶେଷ ହୋଇଗଲା, ହେଲେ ଟାଇଟଲ କ'ଣ ଦିଆଯିବ ତାହା ଫାଇନାଲ ହୋଇପାରୁନାହିଁ। କିନ୍ତୁ ସାନ୍ୟା ଯେତେବେଳେ ଏହି ଫିଲ୍ମଟି ସାଇନ୍ କରିଥିଲେ ସେତେବେଳେ ତାଙ୍କର କେତେଜଣ ଅନ୍ତରଙ୍ଗ ସାଙ୍ଗଙ୍କୁ ଏକ ଡିନର ପାର୍ଟି ଦେବେ ବୋଲି କହିଥିଲେ। ହେଲେ ସେତେବେଳେ ଶୁଟିଂରେ ତ ବ୍ୟସ୍ତ ରହିଲେ, ପୁଣି ପରବର୍ତ୍ତୀ ସମୟରେ ଫିଲ୍ମଟି ଅର୍ଦ୍ଧନିର୍ମିତ ହୋଇ ପଡିରହିଥିଲା। ଆଉ ଏବେ ସିନେମାଟି ଶେଷ ହେବା ପରେ ସେ ନିଜ କଥା ରଖିଛନ୍ତି। ଏ ନେଇ ସାନ୍ୟା କହନ୍ତି, 'ଆପଣମାନେ ହୁଏତ ଗୋଟିଏ କଥାକୁ ମନେ ରଖିନାହାନ୍ତି। ପ୍ରାୟ ଦେଢ଼ବର୍ଷ ହେବ ମୁଁ ଏକ ଫିଲ୍ମ ସାଇନ୍ କରିବା ସମୟରେ ତୁମମାନଙ୍କୁ ଡିନର ପାର୍ଟି ଦେବି ବୋଲି କଥା ଦେଇଥିଲି। ଆଜି ବାସ୍ ସେହି କଥାକୁ ପୂରଣ କରୁଛି।' ସେଦିନ ସାନ୍ୟାଙ୍କ ସାଙ୍ଗମାନେ ଏହି ଡିନର ପାର୍ଟିର ଭରପୂର ମଜା ଉଠାଇଥିଲେ।

ଅପେରା ହାଲ୍‌ଚାଲ୍

# ଖଳନାୟିକା ସାଜିବାର ମଜା ନିଆରା

ଥରେ ମନେପକାନ୍ତୁ ନା ଯାତ୍ରା ନନ୍ଦନକାନନ ମଧୁବାସନ୍ତୀ ଗଣନାଟ୍ୟର ସୁପରହିଟ୍ ନାଟକ 'ମୋଷ୍ଟ ୱାଣ୍ଟେଡ୍ ରାଇମୋହନ'କୁ। ଏଥିରେ ତ ପରଲୋକଗତ ରାଇମୋହନଙ୍କ ଅଭିନୟ ମୁଖ୍ୟ ଆକର୍ଷଣ ସାଜିଥିଲା। ହେଲେ ଏହି ନାଟକରେ ଶିଖା ଭୂମିକାରେ ଅଭିନୟ କରିଥିଲେ ମାମୁନି ମହାନ୍ତି। ଉକ୍ତ ରୋଲ୍ ତାଙ୍କୁ କେତେ ମାଇଲେଜ ଦେଇଥିଲା ତାହା କହିବା ଅନାବଶ୍ୟକ। ନିଜର ବଳିଷ୍ଠ ଅଭିନୟ ଜରିଆରେ ସେ ଦର୍ଶକଙ୍କ ମନ ଜିଣିବାରେ ସକ୍ଷମ ହୋଇଥିଲେ। ଚଳିତ ଯାତ୍ରା ସିଜନରେ ସେ ଧଉଳି ଗଣନାଟ୍ୟରେ ଅଭିନୟ ଜାରି ରଖିଛନ୍ତି। ''ଜଣେ କଳାକାର ସବୁ ପ୍ରକାର ଭୂମିକା ତୁଲାଇବାର ଦକ୍ଷତା ରଖିଲେ ଭଲ। ହେଲେ ଏ ପର୍ଯ୍ୟନ୍ତ ଯେଉଁ ଖଳନାୟିକା ରୋଲ୍ ମିଳିଛି ତାହା ମୋତେ ବେଶ୍ ଆତ୍ମତୃପ୍ତି ଦେଇଛି। ଖାସ୍ ଭାବରେ ଏଭଳି ଭୂମିକାର ମଜା ସତରେ ନିଆରା ବୋଲି କହନ୍ତି ମାମୁନି।'' ବିଶେଷଭାବରେ ଏହି ପାର୍ଟିର ରେକର୍ଡ ସୃଷ୍ଟିକାରୀ ନାଟକ 'କହ୍ନେଇ ରଜା ମୋ ବାଇଦ ବଜା' ତାଙ୍କ ଆକ୍ଟିଂ କ୍ୟାରିୟରରେ ଯୋଡିଛି ଆଉ ଏକ ଅଭୁଲା ଫର୍ଦ୍ଦ। ମାମୁନିଙ୍କର ଜନ୍ମ ଭଦ୍ରକ ଜିଲାର ବାସୁଦେବପୁରରେ। ତାଙ୍କର ଅଭିନୟ ଜୀବନ ଆରମ୍ଭ ହୁଏ ଶାରଦା ଗଣନାଟ୍ୟରୁ। ପରବର୍ତ୍ତୀ ସମୟରେ ଦର୍ଶକ ମହଲ, କଳିଙ୍ଗକନ୍ୟା, ବାଣେଶ୍ୱରୀ ଗଣନାଟ୍ୟରେ ମାମୁନିଙ୍କୁ ଦେଖିବାକୁ ମିଳିଥିଲା। ତାଙ୍କ ଅଭିନୀତ ପ୍ରମୁଖ ହିଟ୍ ନାଟକଗୁଡ଼ିକ ମଧ୍ୟରେ ରହିଛି, କହ୍ନେଇ ରଜା ମୋ ବାଇଦ ବଜା (ଶିଳା), କଳଙ୍କ ମୋ ପାଇଁ ଚନ୍ଦନ ଟୋପା (ସେଲି) ଏବଂ କାନ୍ଦିବୁନି କେବେ ରହିଲା ରାଣ (ମିତା ମହାନ୍ତି)।


ମାମୁନି

# ଗେଟ୍‌ଅପ୍ ପାଇଁ...

କ୍ୟାମେରା ସାମନା କଲେ ଜଣେ କଳାକାରଙ୍କୁ ଗେଟ୍‌ଅପ୍ ନେବାକୁ ପଡ଼ିଥାଏ। ତେବେ ବେଳେବେଳେ ଏକଥା ସେମାନଙ୍କର ସ୍ମରଣୀୟ ହୋଇ ରହିଯାଇଥାଏ। ନିର୍ମାଣାଧୀନ ଓଡ଼ିଆ ସିନେମା 'କଳାପାହାଡ଼'ର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ଚନ୍ଦନ କର। ତେବେ ଏହି ଫିଲ୍ମ ପାଇଁ ତାଙ୍କୁ ଗେଟ୍‌ଅପ୍ ନେବା ଲାଗି ବେଶ୍ କସରତ କରିବାକୁ ପଡିଛି। କାରଣ ମୁଣ୍ଡକୁ ଚିକ୍କଣ ରଖିବା ପାଇଁ ଲଣ୍ଡା ହେବାକୁ ପଡିଛି ପୁଣି ଦାଢ଼ି ବଢ଼ାଇବାକୁ ପଡିଛି। ତେଣୁ ଏହାର ଶୁଟିଂ ସମୟରେ ସେ ନିଜର ଗେଟ୍‌ଅପ୍ ପାଇଁ ବେଶ୍ ସତର୍କ ରହୁଥିଲେ। ଏ ନେଇ ଚନ୍ଦନ କହନ୍ତି, 'ଏହି ଫିଲ୍ମ ପାଇଁ ମୋତେ ଅନେକ ଥର ଲଣ୍ଡା ହେବାକୁ ପଡିଛି। ପୁଣି ଆବଶ୍ୟକ ମୁତାବକ ଦାଢ଼ି ମଧ୍ୟ ବଢ଼ାଇଛି। ଏଥିଲାଗି ମୋତେ ବେଶ୍ ପରିଶ୍ରମ କରିବାକୁ ପଡିଛି।' ହଁ, ଇତିହାସର ଅନ୍ୟତମ ଚର୍ଚ୍ଚିତ ବ୍ୟକ୍ତିତ୍ୱ ହେଉଛି କଳାପାହାଡ଼। ପ୍ରତିଶୋଧ ନେବାକୁ ସେ କେତେ ମନ୍ଦିର ଭାଙ୍ଗିଛି ତାହାର ହିସାବ ନାହିଁ। ଏଭଳି ଐତିହାସିକ କଥାବସ୍ତୁକୁ ନେଇ ପ୍ରସ୍ତୁତ ହୋଇଛି ଓଡ଼ିଆ ସିନେମା 'କଳାପାହାଡ଼'। ଏସ୍‌ଡିଡି ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ଉକ୍ତ ଫିଲ୍ମଟିକୁ ନିର୍ମାଣ କରାଯାଇଛି। ଏହାର ସିନେମାଟୋଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ପ୍ରଦୀପ ସାହୁ। କେବଳ ସେତିକି ନୁହେଁ, ସେ ଏହାର ମଧ୍ୟ ପ୍ରଯୋଜନା କରିଛନ୍ତି। ଚିତ୍ରଟିର ନିର୍ଦ୍ଦେଶନା ଦେଇଛନ୍ତି ବି. ଶ୍ରୀବତ୍ସ। ଏହାର କ୍ରିଏଟିଭ୍ ନିର୍ଦ୍ଦେଶକ ଅଛନ୍ତି ଦେବାଶିଷ ଜେନା। ଗୀତ ସହ ସଂଳାପ ରଚନା କରିଛନ୍ତି ଡା. ନିର୍ମଳ ନାୟକ। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ମଳୟ ମିଶ୍ର। ଚଳଚ୍ଚିତ୍ରର ବିଭିନ୍ନ ଭୂମିକାରେ ଚନ୍ଦନଙ୍କ ବ୍ୟତୀତ ସ୍ନିଗ୍ଧା ମହାନ୍ତି, ଦେବୀ ବାରିକ, ଜୀବନ ପଣ୍ଡା, ଅଜୟ ପଟେଲ (ଛତିଶଗଡ଼), ଅଭିନବ ସିଂ, ଶ୍ରୀକୁମାର ଜେନା ଏବଂ ପବିତ୍ର ପଣ୍ଡା ପ୍ରମୁଖ କଳାକାର ଅଭିନୟ କରିଛନ୍ତି।


ଚନ୍ଦନ

# ଅବୁଝା ଜ୍ୟାକଲିନ୍

ନିକଟରେ ଜ୍ୟାକଲିନ୍ ଫର୍ନାଡିଜ୍‌ଙ୍କୁ ଜଣେ ନବାଗତ ପ୍ରଯୋଜକ ତାଙ୍କର ଆଗାମୀ ଫିଲ୍ମରେ ସାଇନ୍ କରିବାକୁ ଇଚ୍ଛାପ୍ରକାଶ କରିଥିଲେ। ଯେତେବେଳେ ପ୍ରଯୋଜକଙ୍କ ସହ ଭେଟ ହେଲା, ସେତେବେଳେ ଦୁହେଁ ଫିଲ୍ମର କାହାଣୀ ଏବଂ ସେଥିରେ ନିଜ ଭୂମିକା ବିଷୟରେ ବିଶଦ ଭାବରେ ବୁଝି ନେଇଥିଲେ ଏହି ଅଭିନେତ୍ରୀ। କିନ୍ତୁ କିଛିଦିନ ପରେ କାହାଣୀରେ ସାମାନ୍ୟ ପରିବର୍ତ୍ତନ କରାଯାଇଥିଲା। କେବଳ ସେତିକି ନୁହେଁ, ଜ୍ୟାକଲିନ୍ ଅଭିନୟ କରିବାକୁ ଥିବା ଭୂମିକାରେ କେତୋଟି ବୋଲ୍ଡ ଶଟ୍ ଯୋଗ କରାଯାଇଥିଲା। ଏକଥା ଜାଣିବା ପରେ ପ୍ରଯୋଜକଙ୍କୁ ଯୋଗାଯୋଗ କରିଥିଲେ ଜ୍ୟାକଲିନ୍। ଶେଷରେ ଦୁହିଁଙ୍କ ଭିତରେ ବେଶ୍ କେତେଥର ଆଲୋଚନା ହେବା ପରେ ଏହି ଘଟଣାର ମଧୁରେଣ ସମାପୟେତ ଘଟିଛି। ଏ ସମ୍ପର୍କରେ ଜ୍ୟାକଲିନ୍ କହନ୍ତି, 'ମୋ ଭୂମିକାରେ କିଛି ବୋଲ୍ଡ ଶଟ୍ ରହିବ ବୋଲି ଜାଣିବା ପରେ ମୋର ଟେନ୍‌ସନ ବଢ଼ିଯାଇଥିଲା। ତା'ପରେ ପ୍ରଯୋଜକଙ୍କ ସହ ଆଲୋଚନା କରିବା ପରେ ତାହାକୁ ନେଇ ମୋ ସହ ପ୍ରଯୋଜକ ଆଲୋଚନା କରିଥିଲେ। ଶେଷରେ ମୋ କଥା ହିଁ ରହିଲା। ମୋ ଭୂମିକାରେ କିଛି ପରିବର୍ତ୍ତନ କରାଯାଇଛି। ତା'ସହ ମୋତେ ମାତ୍ର ଦୁଇଟି ବୋଲ୍ଡ ଶଟ୍ ଦେବାକୁ ପଡିବ, ଯାହାର କାହାଣୀ ସହ ସମ୍ପର୍କ ରହିଛି। ଏ ନେଇ ପ୍ରଯୋଜକ ଏବଂ ନିର୍ଦ୍ଦେଶକଙ୍କ ସହ ବିଶଦ ଭାବରେ ଆଲୋଚନା କରିବା ପରେ ମୋ ମନରେ ଉଙ୍କିମାରିଥିବା ସନ୍ଦେହ ଦୂର ହୋଇଥିଲା। ବର୍ତ୍ତମାନ ଆମ ଭିତରେ କୌଣସି ମନୋମାଳିନ୍ୟ ନାହିଁ। ଏହି ଫିଲ୍ମର ପ୍ରାରମ୍ଭିକ କାମ ଚାଲୁ ରହିଛି। ଖୁବ୍‌ଶୀଘ୍ର ଟାଇଟଲ ଫାଇନାଲ ହୋଇ ଶୁଟିଂ ଆରମ୍ଭ ହୋଇଯିବ।'


ଜ୍ୟାକଲିନ୍

# ଓମ୍ ଶ୍ରୀ ପ୍ରଜାପତୟେ ନମଃ

ନୂଆ ଓଡ଼ିଆ ସିନେମା 'ଓମ୍ ଶ୍ରୀ ପ୍ରଜାପତୟେ ନମଃ'ରେ ନିଜ ଭୂମିକାକୁ ନେଇ ବେଶ୍ ଉତ୍ସାହିତ ଅଛନ୍ତି ଅଭିନେତା ସମ୍ବିତ। କାରଣ ଏଥିରେ ତାଙ୍କୁ ଏକ ଭିନ୍ନଧରଣର ଭୂମିକା ମିଳିଛି। କେବଳ ସେତିକି ନୁହେଁ, ଏହି ଫିଲ୍ମର କାହାଣୀ ଏବଂ ଉପସ୍ଥାପନା ଦର୍ଶକଙ୍କୁ ନିଶ୍ଚୟ ପ୍ରଭାବିତ କରିବ ବୋଲି କହନ୍ତି ସମ୍ବିତ। ଓମ୍ ଫିଲ୍ମସ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ଶୁଭଲକ୍ଷ୍ମୀ ପଟ୍ଟନାୟକ। ଲଭ୍, ଇମୋଶନ ଏବଂ ଫ୍ୟାମିଲି ଡ୍ରାମାକୁ ନେଇ ଗତିଶୀଳ କାହାଣୀଟିକୁ ରଚନା କରିଛନ୍ତି ଉମେଶ ପଟ୍ଟନାୟକ। ତାକୁ ଆଧାର କରି ଏହାର ସଂଳାପ ରଚନା କରିଛନ୍ତି ସୁନୀଲ। ଏହି ଫିଲ୍ମ ସମ୍ପର୍କରେ ସମ୍ବିତ କହନ୍ତି, 'ସବୁ ଦୃଷ୍ଟିରୁ ଦେଖିବାକୁ ଗଲେ ସିନେମାଟି ବେଶ୍ ସୁନ୍ଦର ହୋଇଛି। ଦର୍ଶକ ଏଥିରୁ ଶତ ପ୍ରତିଶତ ମନୋରଞ୍ଜନ ପାଇବେ ବୋଲି ମୋର ଦୃଢ଼ ଆଶା ରହିଛି। ଅସଲ କଥା ହେଲା, ଏହି ଫିଲ୍ମରେ ମୋତେ ଏକ ନୂଆ ଗେଟ୍‌ଅପ୍‌ରେ ଦେଖିବାକୁ ମିଳିବ।' ଚିତ୍ରଟିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଅନ୍ୟତମ ଆଗଧାଡ଼ିର ସ୍ୱର ସଂଯୋଜକ ବୈଦନାଥ ଦାଶ। ଏଥିରେ ସମ୍ବିତଙ୍କ ନାୟିକା ସାଜିଛନ୍ତି କୁକିଜ୍। ଏମାନଙ୍କ ବ୍ୟତୀତ ଅସିତ ପତି, ପିଣ୍ଟୁ ନନ୍ଦ, ରାଜୀବ ମହାନ୍ତି, ତୃପ୍ତି ସିହ୍ନା, ଲୋପାମୁଦ୍ରା ଏବଂ ତାପସ ପାଢ଼ୀ ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ସଞ୍ଜୀବ ଦ୍ୱିବେଦୀ।


ସମ୍ବିତ-କୁକିଜ୍

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଏପ୍ରିଲ ୬/୨୦୨୩ Bhubaneswar, Thursday, April 6/ 2023

# ମାୟା, ହରିଥା, ପ୍ରକାଶ କ୍ୱାର୍ଟରରେ

ଭୁବନେଶ୍ୱର, ୫।୪ (କ୍ରୀଡ଼ା ପ୍ରତିନିଧି)

ସର୍ବଭାରତୀୟ ଟେନିସ ଆସୋସିଏଶନ (ଏଆଇଟିଏ), ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଆଇଟିଏଫ୍ ଏସିଆନ ୧୪ ବର୍ଷରୁ କମ୍ ଡେଭଲପମେଣ୍ଟ ଚାମ୍ପିୟନଶିପ୍ ଫାଇନାଲ୍ସରେ ବୁଧବାର ପ୍ରି-କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଛି। ସେଣ୍ଟର କୋର୍ଟରେ ଅନୁଷ୍ଠିତ ଏକ ବାଳିକା ସିଙ୍ଗଲ୍ସ ମ୍ୟାଚରେ ଭାରତର ମାୟା ରାଜେଶ୍ୱରନ କୋରିଆର ୟେରି ହଂଗ୍‌ଙ୍କୁ ୭-୫, ୬-୩ ସେଟ୍‌ରେ ହରାଇ

**୧୪ ବର୍ଷରୁ କମ୍ ଏସିଆନ ଡେଭଲପ୍‌ମେଣ୍ଟ ଟେନିସ ଫାଇନାଲ୍ସ**

କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ସେହିପରି କୋର୍ଟ-୫ରେ ଅନୁଷ୍ଠିତ ଏକ ମ୍ୟାଚରେ ହରିଥା ଶ୍ରୀ ଭେଙ୍କଟେଶ୍ କାଜାଖସ୍ତାନର ୟେର୍କେଝାନ ଝାଣ୍ଟାୟେଭାଙ୍କୁ ୭-୫, ୪-୬, ୬-୩ ସେଟ୍‌ରେ ହରାଇ କ୍ୱାର୍ଟରରେ ପହଞ୍ଚିଛନ୍ତି। କୋର୍ଟ-୧ରେ ଅନୁଷ୍ଠିତ ବାଳକ ସିଙ୍ଗଲ୍ସ ପ୍ରି-କ୍ୱାର୍ଟର ଫାଇନାଲରେ ଭାରତର ପ୍ରକାଶ ସରନ ସିରିୟାର ମହମ୍ମଦ ଇୟାଦ ସଲିମ୍‌ଙ୍କୁ ୬-୨, ୬-୨ ସେଟ୍‌ରେ ପରାସ୍ତ କରିଛନ୍ତି। କୋର୍ଟ-୨ରେ ଅନୁଷ୍ଠିତ ମ୍ୟାଚରେ କିନ୍ତୁ ଭାରତର ଶିବତେଜ ଶିର୍‌ଫୁଲେ ୫-୭, ୨-୬ ସେଟ୍‌ରେ ଇଣ୍ଡୋନେସିଆର ଜୋଆଚିମ୍ ମିକା ଗୁନଓ୍ୱାନଙ୍କଠାରୁ ହାରି ଯାଇଛନ୍ତି। ବାଳିକା ସିଙ୍ଗଲ୍ସର ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ଥାଇଲାଣ୍ଡର ତରିତା ହଙ୍ଗସ୍ୟୋକ୍ ମାଲେସିଆର ଜୁଇ ମ୍ୟାକଙ୍କୁ, ଥାଇଲାଣ୍ଡର ନତ୍ରାଦା ସକୁଲଭୋଙ୍ଗ୍‌ଟାନା ତାଇପେର ୟାନ ରଙ୍ଗ ଜେଙ୍ଗ୍‌ଙ୍କୁ ୬-୦, ୬-୪, ଇଣ୍ଡୋନେସିଆର ଗ୍ୱେନ ଇମିଲି କୁର୍ନିଓ୍ୱାନ ଉଜ୍‌ବେକିସ୍ତାନର ଇମିଲି କିମ୍‌ଙ୍କୁ ୭-୫, ୪-୬, ୭-୫, ହଂକଂର ନିତ୍ୟା ବାଲାକ୍ରିଷ୍ଣା ମାଧୁରୀ ଶ୍ରୀଲଙ୍କାର ଗୀତ୍‌ମି ରିୟାନା ଫର୍ନାଣ୍ଡୋ ଓ୍ୱେଓ୍ୱେଲ୍ଡେନିୟାଗେଙ୍କୁ ୬-୨, ୭-୬, କାଜାଖସ୍ତାନର ଇଭା କୋରିଶେଭା ତୁର୍କମେନିସ୍ତାନର ଇଲିମା ଗୁସେନୋଭାଙ୍କୁ ୬-୦, ୬-୦ ଏବଂ କୋରିଆର ଜିୟୁନ ଓ' ୬-୦, ୬-୦ରେ ହଂକଂର ୟିଙ୍ଗ୍ ଚି କ୍ଲୋଏ ଓ୍ୱଙ୍ଗ୍‌ଙ୍କୁ ପରାସ୍ତ କରିଛନ୍ତି। ସେହିପରି ବାଳକ ସିଙ୍ଗଲ୍ସ ପ୍ରି-କ୍ୱାର୍ଟରରେ କୋରିଆର ମିନ୍ ହ୍ୟୁକ୍ ଚୋ ଇଣ୍ଡୋନେସିଆର ରାଫାଲେଣ୍ଟିନୋ ଅଲି ଡା କୋଷ୍ଟାଙ୍କୁ ୬-୪, ୬-୪, ଶ୍ରୀଲଙ୍କାର ମେଥିକା ନୁରାନ ବିକ୍ରମସିନ ବିକ୍ରମସିଂଘେ ମୁଦିୟାନ୍‌ସେଲାଗେ ଭିଏତ୍‌ନାମର ମିନ୍ ଟ୍ରାନ ଡୁକ୍‌ଙ୍କୁ ୬-୩, ୬-୧, କୋରିଆର ଓ୍ୱନମିନ୍ କିମ୍ ଭିଏଟନାମର ହୁଇ ହ୍ୱାଙ୍ଗ ଭୁଙ୍କୁ ୬-୨, ୬-୩ ସେଟ୍‌ରେ ହରାଇଥିବାବେଳେ କାଜାଖସ୍ତାନର ମିଖାଇଲ ମିଶ୍ଚସେଙ୍କୋ ଉଜ୍‌ବେକିସ୍ତାନର ଅକମଲ ଅବଦୁଲାଏଭଙ୍କ ବିପକ୍ଷରେ ଓ୍ୱାକଓଭର ପାଇଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗର ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂ ଏବଂ ବିଜ୍ଞାନ ଓ କାରିଗରୀ କୌଶଳ ବିଭାଗ ସଚିବ ଭାସ୍କର ଜ୍ୟୋତି ଶର୍ମା ଅତିଥିଭାବେ ଯୋଗ ଦେଇଥିଲେ।



ରିଟର୍ନ ଶଟ୍ ଖେଳିବା ଅବସରରେ ଜଣେ ପ୍ରତିଯୋଗୀ।

## ଦ୍ୱିତୀୟ ଟି୨୦ ଜିତିଲା ନ୍ୟୁଜିଲାଣ୍ଡ

ଡୁନେଡିନ୍, ୫।୪ (ଏପି): ସ୍ଥାନୀୟ ୟୁନିଭର୍ସିଟି ଓଭାଲଠାରେ ଖେଳାଯାଇଥିବା ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚରେ ନ୍ୟୁଜିଲାଣ୍ଡ ୯ ଉଇକେଟରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଏଥି ସହିତ ଦଳ ସିରିଜକୁ ୧-୧ ବରାବର କରିବାରେ ସମର୍ଥ ହୋଇଛି। ବୁଧବାର ଖେଳାଯାଇଥିବା ଏହି ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ମାତ୍ର ୧୪୧ ରନରେ ଅଲ୍ ଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଟପ୍ ସ୍କୋରର ଧନଞ୍ଜୟ ଡି' ସିଲ୍‌ଭା ୩୭ ରନ କରିଥିବାବେଳେ କୁସାଲ ପେରେରା ୩୫ ଓ ଚାରିଥ ଆସାଲଙ୍କା ୨୪ ରନ କରିଥିଲେ। ନ୍ୟୁଜିଲାଣ୍ଡର ସବୁଠାରୁ ସଫଳ ବୋଲର ଆଡାମ ମିଲ୍‌ନେ ଚମତ୍କାର ବୋଲିଂ କରି ୨୬ରନରେ ୫ ଉଇକେଟ ଅକ୍ତିଆର କରିଥିଲେ। ଅନ୍ତର୍ଜାତୀୟ ଟି୨୦ରେ ୫ଉଇକେଟ ସଫଳତା ହାସଲ କରିବାରେ ଟିମ୍ ସୌଦି (୫/୧୮ ବନାମ ପାକିସ୍ତାନ) ଓ ଲୋକି ଫର୍ଗୁସନ (୫/୨୧ ବନାମ ଓ୍ୱେଷ୍ଟଇଣ୍ଡିଜ)ଙ୍କ ପଛକୁ ସେ ନ୍ୟୁଜିଲାଣ୍ଡର ତୃତୀୟ ଖେଳାଳି। ଶ୍ରୀଲଙ୍କାକୁ ନ୍ୟୁଜିଲାଣ୍ଡ ୧୯ ଓଭରରେ ଅଲଆଉଟ କରିଦେଇଥିଲା। ଜବାବରେ ନ୍ୟୁଜିଲାଣ୍ଡ ଟିମ୍ ସିଫର୍ଟଙ୍କ ଅପରାଜିତ ୭୯ରନ (୪୩ ବଲ୍) ସହାୟତାରେ ୩୨ଟି ବଲ୍ ବାକିଥାଇ ୧୪.୪ ଓଭରରେ ଗୋଟିଏ ଉଇକେଟ ମିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଶନିବାର ଦୁଇ ଦଳ ମଧ୍ୟରେ ସିରିଜର ତୃତୀୟ ମ୍ୟାଚ ଖେଳାଯିବ। ଆଡାମ୍ ମିଲ୍‌ନେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

# ପଞ୍ଜାବର ଦ୍ୱିତୀୟ ବିଜୟ

ଗୁଆହାଟୀ, ୫।୪

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ବୁଧବାର ଅନୁଷ୍ଠିତ ମ୍ୟାଚରେ ପଞ୍ଜାବ କିଙ୍ଗ୍ସ ୫ ରନରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଛି। ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୪ ଉଇକେଟ ହରାଇ ୧୯୭ ରନ କରିଥିଲା। ଜବାବରେ ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୭ ଉଇକେଟ ହରାଇ ୧୯୨ ରନ କରିବାକୁ ସକ୍ଷମ ହୋଇଥିଲା। ୨ ମ୍ୟାଚରୁ ପଞ୍ଜାବର ଏହା କ୍ରମାଗତ ଦ୍ୱିତୀୟ ବିଜୟ ହୋଇଥିବାବେଳେ ରାଜସ୍ଥାନର ପ୍ରଥମ ପରାଜୟ। ରାଜସ୍ଥାନ ରୟାଲ୍ସ ଅଧିନାୟକ ସଞ୍ଜୁ ସାମସନ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ପଞ୍ଜାବର ଦୁଇ ଓପନର ପ୍ରଭସିମରନ ସିଂ ଓ ଶିଖର ଧାୱନ ଦୃଢ଼ ବ୍ୟାଟିଂ କରି ପ୍ରଥମ ଉଇକେଟ ଯୋଡ଼ିରେ ୫୮ ବଲ୍‌ରୁ ୯୦ ରନ ସଂଗ୍ରହ କରିଥିଲେ। ଏହି ଦୁଇ

**ରାଜସ୍ଥାନ ରୟାଲ୍ସ ୫ ରନ୍‌ରେ ପରାସ୍ତ**

ବ୍ୟାଟର କ୍ରିଜ୍‌ରେ ଥିବା ସମୟରେ ପଞ୍ଜାବ ୨୦ ଓଭର ଶେଷ ବେଳକୁ ୨୨୦ରୁ ଅଧିକ ରନ କରିବ ବୋଲି ଆକଳନ କରାଯାଉଥିଲା। ମ୍ୟାଚର ୧୦ମ ଓଭରର ୪ର୍ଥ ବଲ୍‌ରେ ଜୋସ୍ ବଟଲରଙ୍କ ହାତରେ ପ୍ରଭସିମରନଙ୍କୁ କ୍ୟାଚ କରାଇ ଜାସନ ହୋଲ୍ଡର ରାଜସ୍ଥାନକୁ ପ୍ରତୀକ୍ଷିତ ବ୍ରେକ୍ ଥ୍ରୁ ଦେଇଥିଲେ। ୩୪ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଏହି ପଞ୍ଜାବ ଓପନର ୭ ଚୌକା ଓ ୩ ଛକା ସହାୟତାରେ ୬୦ ରନ କରିଥିଲେ। ତାଙ୍କ ସ୍ଥାନରେ କ୍ରିଜ୍‌କୁ ଆସିଥିବା ଭାନୁକା ରାଜପାକ୍ସେ ମାତ୍ର ୧ ରନକରି ରିଟାୟର୍ଡ ହର୍ଟ ହୋଇଥିବାବେଳେ ଧାୱନଙ୍କ ସହ କ୍ରିଜ୍‌ରେ ଯୋଗଦେଇ ଜିତେଶ ଶର୍ମା ପଞ୍ଜାବ ସ୍କୋରକୁ ଲକ୍ଷ୍ୟ ପଥରେ ଆଗେଇ ନେଇଥିଲେ। ମାତ୍ର ଜିତେଶ ୧୬ ବଲ୍‌ରୁ ୨୭ (୨ ଚୌକା, ୧ ଛକା) ରନ କରି ଆଉଟ ହେବା ପରେ ରନ୍ ହାର ସାମାନ୍ୟ ଧିମେଇ ଥିଲା। ଧାୱନ ଶେଷ ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିଥିଲେ ହେଁ ଅନ୍ୟ ପଟରେ ସିକନ୍ଦର ରାଜା (୧), ଶାହରୁଖ ଖାଁ (୧୧)ଙ୍କ ବିଫଳତା ଯୋଗୁ ଦଳର ରନ୍‌ସଂଖ୍ୟା ୨୦୦ ରନ ସ୍ପର୍ଶ କରିପାରି ନ ଥିଲା। ଧାୱନ ୮୬ (୫୬ ବଲ, ୯ ଚୌକା, ୩ ଛକା) ରନରେ ଅପରାଜିତ ରହିଥିଲେ। ରାଜସ୍ଥାନ ବୋଲରଙ୍କ ମଧ୍ୟରେ ଜାସନ ହୋଲ୍ଡର ୨ଟି ଏବଂ ରବିଚନ୍ଦ୍ରନ ଅଶ୍ୱିନ ଓ ୟୁଜବେନ୍ଦ୍ର ଚହଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୯୮ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ରାଜସ୍ଥାନ ରୟାଲ୍ସର ରଣନୀତି ଆରମ୍ଭରୁ ଫେଲ୍ ମାରିଥିଲା। ଜୋସ ବଟଲରଙ୍କ ସ୍ଥାନରେ ରବିଚନ୍ଦ୍ରନ ଅଶ୍ୱିନଙ୍କୁ ଓପନରଭାବେ ପଠାଇବା କାମ ଦେଇ ନ ଥିଲା। ଅଶ୍ୱିନ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିବାବେଳେ ଯୁବ ଓପନର ଯଶସ୍ୱି ଜୟସ୍ୱାଲ ୧୧ ଓ ନିର୍ଭରଯୋଗ୍ୟ ବଟଲର ୧୯ ରନରେ ଆଉଟ ହେବାରୁ ଦଳ ଉପରକୁ ବିପଦ ଆସି ଯାଇଥିଲା। ଆବଶ୍ୟକ ରନ୍‌ହାର କ୍ରମେ ବଢୁଥିବାରୁ ସାମସନ କ୍ରମାଗତ ବଡ଼ ଶଟ୍ ଖେଳିବା ଚକ୍କରରେ ୪୨ (୨୫ ବଲ, ୫ ଚୌକା, ୧ ଛକା) ରନରେ ଆଉଟ ହୋଇ ଯାଇଥିଲେ। ଦେବଦତ୍ତ ପଡ଼ିକାଲ ୨୧ ଓ ରିୟାନ ପରାଗ ୨୦ ରନ କରିବାକୁ ସକ୍ଷମ ହୋଇଥିଲେ। ଶିମରନ ହେଟମେର ୩୬ ଓ ୟୁଜବେନ୍ଦ୍ର ଚହଲଙ୍କ ସବ୍‌ଷ୍ଟିଚ୍ୟୁଟ ଖେଳାଳି ଧ୍ରୁବ ଜୋରେଲ ୩୨* ରନକରି ଲଢ଼େଇ କରିଥିଲେ ହେଁ ବିଜୟ ଲକ୍ଷ୍ୟଠାରୁ ଅଳ୍ପକେ ଦୂରରେ ରହିଥିଲେ। ପଞ୍ଜାବର ନାଥାନ ଇଲିସ ୪ଟି ଓ ଅର୍ଶଦୀପ ସିଂ ୨ଟି ଉଇକେଟ ନେଇଥିଲେ। ନାଥାନ ଇଲିସ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପାଇଥିଲେ।

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୧୯୭/୪ (ଶିଖର ଧାୱନ-୮୬*, ପ୍ରଭସିମରନ ସିଂ-୬୦, ଜିତେଶ ଶର୍ମା-୨୭, ଜାସନ ହୋଲ୍ଡର-୨/୨୯, ରବିଚନ୍ଦ୍ରନ ଅଶ୍ୱିନ-୧/୨୫, ୟୁଜବେନ୍ଦ୍ର ଚହଲ-୧/୫୦)। ରାଜସ୍ଥାନ ରୟାଲ୍ସ ୨୦ ଓଭରରେ ୧୯୨/୭ (ସଞ୍ଜୁ ସାମସନ-୪୨, ଶିମରନ ହେଟମେର-୩୬, ଧ୍ରୁବ ଜୋରେଲ-୩୨*, ନାଥାନ ଇଲିସ-୪/୩୦, ଅର୍ଶଦୀପ ସିଂ-୨/୪୭)।


ଉପରକୁ ଡେଇଁ ଶଟ୍ ଖେଳିବା ଅବସରରେ ପ୍ରଭ୍‌ସିମରନ ସିଂ।

**ଆଇପିଏଲ୍ କାର୍ଯ୍ୟସୂଚୀ**
(ଆଜିର ମ୍ୟାଚ)
**କୋଲକାତା ବନାମ ବାଙ୍ଗାଲୋର**
ସ୍ଥାନ: କୋଲକାତା, ସମୟ: ରାତି ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ଜାତୀୟ ଶକ୍ତି ଉତ୍ତୋଳନରେ ଓଡ଼ିଶାକୁ ୫ ପଦକ

ଭୁବନେଶ୍ୱର, ୫।୪ (କ୍ରୀଡ଼ା ପ୍ରତିନିଧି)

କେରଳର କୋଝିକୋଡ଼ଠାରେ ବୁଧବାର ଶେଷ ହୋଇଥିବା ଜାତୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶାକୁ ମୋଟ ୫ଟି ପଦକ ମିଳିଛି। ଓଡ଼ିଶା ମହିଳା ଦଳ ଓଭରଅଲ୍ ରନରଅପ୍ ହୋଇଛି। ତନୟା ପଣ୍ଡା ୮୪, ସ୍ୱାଗତିକା ଖଟେଇ ୬୯ ଓ ପ୍ରଭାତି ସିଂ ୫୨ କେଜି ବର୍ଗରେ ରୌପ୍ୟ ପଦକ ପାଇଥିବାବେଳେ ଦୀପକ କୁମାର ନାୟକ ୯୩ ଓ ଧନମଣି ଟୁଡୁ ୪୭ କେଜି ବର୍ଗରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ତନୟା ପଣ୍ଡା ସ୍କ୍ୱାଟ୍‌ରେ ୧୩୫ କେଜି (୩ୟ), ବେଞ୍ଚ ପ୍ରେସ୍‌ରେ ୭୫ (ପ୍ରଥମ) ଓ ଡେଡ୍ ଲିଫ୍ଟରେ ୧୫୦ (୩ୟ ସ୍ଥାନ) କେଜି ଉଠାଇ ଥିବାବେଳେ ସ୍ୱାଗତିକା ଖଟେଇ ସ୍କ୍ୱାଟ୍‌ରେ ୧୩୫ (୨ୟ), ଡେଡ୍‌ଲିଫ୍ଟରେ ୧୬୭.୫ (୨ୟ) ଓ ବେଞ୍ଚ୍ ପ୍ରେସ୍‌ରେ ୬୦ (୨ୟ) କେଜି ଉଠାଇଛନ୍ତି। ସେହିପରି ପ୍ରଭାତି ସିଂ ସ୍କ୍ୱାଟ୍‌ରେ ୧୩୦ (୩ୟ), ବେଞ୍ଚ୍ ପ୍ରେସ୍‌ରେ ୬୦(୨ୟ), ଡେଡ୍ ଲିଫ୍ଟରେ ୧୩୦ (୩ୟ) କେଜି, ଦୀପକ କୁମାର ସ୍କ୍ୱାଟ୍‌ରେ ୨୫୨.୫, ବେଞ୍ଚ୍ ପ୍ରେସ୍‌ରେ

**ରାଜ୍ୟ ମହିଳା ଦଳ ରନରଅପ୍**

୧୪୨.୫, ଡେଡ୍ ଲିଫ୍ଟରେ ୨୮୦ କେଜି ଉଠାଇଥିଲେ। ଧନମଣି ଟୁଡୁ ସ୍କ୍ୱାଟ୍‌ରେ ୧୦୦, ବେଞ୍ଚ୍ ପ୍ରେସ୍‌ରେ ୫୭ ଓ ଡେଡ୍ ଲିଫ୍ଟରେ ୧୨୦ କେଜି ଉତ୍ତୋଳନ କରିଥିଲେ। ଓଡ଼ିଶା ସରକାରଙ୍କ ସହଯୋଗରେ ଶକ୍ତି ଉତ୍ତୋଳକମାନେ ଉଚ୍ଚ ପ୍ରଦର୍ଶନ କରିଥିବାରୁ ଓଡ଼ିଶା ଶକ୍ତି ଉତ୍ତୋଳନ ସଂଘ ସମ୍ପାଦକ ହରିପ୍ରସାଦ ପଟ୍ଟନାୟକ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେବାସହ କୃତୀ ପ୍ରତିଯୋଗୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ଜାତୀୟ ପ୍ରତିଯୋଗିତାରେ ପଦକ ହାସଲକାରୀ ଓଡ଼ିଶା ଶକ୍ତି ଉତ୍ତୋଳକ ଓ ଅନ୍ୟମାନେ।

## ପ୍ରମୋଦଙ୍କୁ ଆର୍ଥିକ ସହାୟତା

ନୂଆଦିଲ୍ଲୀ, ୫।୪ (ପି.ଟି.): ଆଗାମି ବ୍ରାଜିଲ ପାରା ବ୍ୟାଡ୍‌ମିଣ୍ଟନ ଇଣ୍ଟରନ୍ୟାଶନାଲରେ ଅଂଶଗ୍ରହଣ ପାଇଁ କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟର ମିଶନ ଅଲିମ୍ପିକ ସେଲ୍ (ଏମ୍‌ଓସି) ପ୍ରମୋଦ ଭଗତ ଓ ମାନସୀ ଯୋଶିଙ୍କ ସମେତ ୧୨ ପାରା ଆଥଲେଟଙ୍କ ଲାଗି ଆର୍ଥିକ ସହାୟତା ମଞ୍ଜୁର କରିଛି। ଏହି ଟୁର୍ନାମେଣ୍ଟ ହେଉଛି ଏକ ଲେଭଲ-୨ ଇଭେଣ୍ଟ। ପ୍ୟାରିସ ପାରାଲିମ୍ପିକ୍ସ ପାଇଁ ଏକ ଯୋଗ୍ୟତା ପର୍ଯ୍ୟାୟ। ମନ୍ତ୍ରଣାଳୟ ଅଧୀନରେ ରହିଥିବା ଟାର୍ଗେଟ ଅଲିମ୍ପିକ ପୋଡିୟମ ସ୍କିମ୍ (ଟପ୍ସ) ଆର୍ଥିକ ସହାୟତା ପ୍ରଦାନ କରିବ। ଏହି ସୁବିଧା ଖେଳାଳି ଓ ସେମାନଙ୍କ ସପୋର୍ଟ ଷ୍ଟାଫ୍ ପାଇବେ।

# ଟିଟି ଖେଳାଳିଙ୍କୁ ନୂତନ ପଦ୍ଧତିରେ ପ୍ରଶିକ୍ଷଣ ଦିଆଯିବ


ବୈଠକରେ ଉପସ୍ଥିତ ଅନ୍ତର୍ଜାତୀୟ ଟେବୁଲ ଟେନିସ ଫେଡେରେଶନ ଓ ରାଜ୍ୟ ଆସୋସିଏଶନ କର୍ମକର୍ତ୍ତା।

କଟକ ଅଫିସ, ୫।୪

ଓଡ଼ିଶାରେ ଟେବୁଲ ଟେନିସ (ଟିଟି) କ୍ରୀଡ଼ାର ପ୍ରସାର ହେବ। ଖେଳାଳିମାନଙ୍କୁ ଉତ୍ତମ ପ୍ରଶିକ୍ଷଣ ପ୍ରଦାନ ସହ ପ୍ରୋତ୍ସାହିତ କରାଯିବ। ସ୍ଥାନୀୟ ବାଣିଜ୍ୟକର ଭବନଠାରେ ବୁଧବାର ଆୟୋଜିତ ଏକ ବୈଠକରେ ଅନ୍ତର୍ଜାତୀୟ ଟେବୁଲ ଟେନିସ ଫେଡେରେଶନ ସଭାପତି ମାଡାମ ପେଟ୍ରା ସୋର୍ଲିଂ ଯୋଗଦେଇ ଏକଥା କହିଛନ୍ତି। ରାଜ୍ୟର ବିଭିନ୍ନ ଜିଲାରେ ଟେବୁଲ ଟେନିସ ଏକାଡେମୀ ପ୍ରତିଷ୍ଠା, ବିଦେଶୀ ପ୍ରଶିକ୍ଷକଙ୍କ ଦ୍ୱାରା ନୂତନ ପଦ୍ଧତିରେ କିପରି ପ୍ରଶିକ୍ଷଣ ପ୍ରଦାନ କରାଯାଇପାରିବ ଆଦି ବିଭିନ୍ନ ପ୍ରସଙ୍ଗରେ ସୋର୍ଲିଂ ଉପସ୍ଥିତ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ସଚିବ ତଥା ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ସଂଘ ସଭାପତି ସଞ୍ଜୟ କୁମାର ସିଂହ କହିଥିଲେ, ରାଜ୍ୟ ସରକାରଙ୍କ ପକ୍ଷରୁ କ୍ରୀଡ଼ା କ୍ଷେତ୍ରରେ ବ୍ୟାପକ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି। ଜାତୀୟ ଓ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଆୟୋଜନ କରି ବିଶ୍ୱ କ୍ରୀଡ଼ା ମାନଚିତ୍ରରେ ଓଡ଼ିଶା ସ୍ଥାନିତ ହୋଇଛି। ଭାରତୀୟ ଟେବୁଲ ଟେନିସ ଫେଡେରେଶନ ସଚିବ କମଲେଶ ମେହେଟା କହିଥିଲେ, ଓଡ଼ିଶାରେ କ୍ରୀଡ଼ା ଭିତ୍ତିଭୂମି ସରଞ୍ଜନା ବେଶ୍ ସୁଦୃଢ଼। ଆସନ୍ତା ଜୁନରେ ଓଡ଼ିଶାରେ ଜାତୀୟ ର୍‍ୟାଙ୍କିଙ୍ଗ ଟୁର୍ନାମେଣ୍ଟ ଓ ଅଗଷ୍ଟରେ ବିଶ୍ୱ ଯୁବ ଟେବୁଲ ଟେନିସ ଚାମ୍ପିୟନଶିପ ଆୟୋଜନ କରିବା ନିମନ୍ତେ ବିଚାରବିମର୍ଶ ଚାଲିଛି। ଅନ୍ତର୍ଜାତୀୟ ଟେବୁଲ ଟେନିସ ଫେଡେରେଶନର ପ୍ରତିଷ୍ଠାତା ନିର୍ଦ୍ଦେଶକ ଲିଆଣ୍ଡ୍ରୋ ଓଲଭେକ ମଧ୍ୟ ଏହି ବୈଠକରେ ଯୋଗଦେଇଥିଲେ। ଓଡ଼ିଶା ରାଜ୍ୟ ଟେବୁଲ ଟେନିସ ସଂଘର ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ଧନ୍ୟବାଦ ଦେଇଥିଲେ।

## ଅଙ୍ଗଦ ବାୱାଙ୍କ ବଦଳ ଖେଳାଳି ଗୁରନୁର ସିଂ

ମୋହଲି, ୫।୪ (ପି.ଟି.): ପଞ୍ଜାବ କିଙ୍ଗ୍ସ ଆଇପିଏଲ୍ ପାଇଁ ବୁଧବାର ଆଘାତପ୍ରାପ୍ତ ରାଜ ଅଙ୍ଗଦ ବାୱାଙ୍କ ସ୍ଥାନରେ ଯୁବ ଅଲ୍‌ରାଉଣ୍ଡର ଗୁର୍‌ନୁର ସିଂ ବ୍ରାର୍‌ଙ୍କ ସହିତ ଚୁକ୍ତି କରିଛି। ପଞ୍ଜାବ କିଙ୍ଗ୍ସ ବ୍ରାର୍‌ଙ୍କୁ ୨୦ ଲକ୍ଷ ଟଙ୍କାରେ ନେଇଥିବା ଆଇପିଏଲ୍ ପକ୍ଷରୁ ସୂଚନା ଦିଆଯାଇଛି। ବାୱା ଗତ ସିଜନରେ ପଞ୍ଜାବ କିଙ୍ଗ୍ସ ପାଇଁ ଦୁଇଟି ମ୍ୟାଚ ଖେଳିଥିଲେ। ମାତ୍ର ତାଙ୍କ ବାମ କାନ୍ଧରେ ଆଘାତପ୍ରାପ୍ତ ଯୋଗୁ ଚଳିତ ଆଇପିଏଲ୍‌ରୁ ସେ ବାଦ୍ ପଡ଼ିଛନ୍ତି। ଜଣେ ବାମହାତୀ ବ୍ୟାଟିଂ ଅଲରାଉଣ୍ଡର ବ୍ରାର୍ ଗତବର୍ଷ ଡିସେମ୍ବରରେ ପଞ୍ଜାବ ପାଇଁ ତାଙ୍କ ପ୍ରଥମଶ୍ରେଣୀ ପଦାର୍ପଣ ମ୍ୟାଚ ଖେଳିଥିଲେ। ୨୨ବର୍ଷୀୟ ଏହି କ୍ରିକେଟର ୫ ପ୍ରଥମଶ୍ରେଣୀ ମ୍ୟାଚ ଖେଳି ୧୨୦.୨୨ ଷ୍ଟ୍ରାଇକ୍‌ରେଟ୍ ସହ ୧୦୭ ରନ ସଂଗ୍ରହ କରିଥିବାବେଳେ ୩.୮୦ ଇକୋନୋମି ରେଟ୍‌ରେ ୭ ଉଇକେଟ ଅକ୍ତିଆର କରିଛନ୍ତି। ପଞ୍ଜାବ କିଙ୍ଗ୍ସ ଏପ୍ରିଲ ୧ରେ କୋଲକାତା ନାଇଟ ରାଇଡର୍ସ ବିପକ୍ଷ ଏହାର ଆଇପିଏଲ୍ ୨୦୨୩ ଓପନର ଡକ୍‌ୱର୍ଥଲୁଇସ୍ ପଦ୍ଧତିରେ ୭ରନରେ ପରାଜିତ ହୋଇଛି।

# ସ୍ପେଶାଲ ଅଲିମ୍ପିକ୍ସ କୃତୀ ଆଥ୍‌ଲେଟ ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୫।୪ (କ୍ରୀଡ଼ା ପ୍ରତିନିଧି)

ନିକଟରେ ଆମିଟି ୟୁନିଭର୍ସିଟି ଆନୁକୂଲ୍ୟରେ ଆୟୋଜିତ ସାଇକ୍ଲିଂ ଜାତୀୟ ଚାମ୍ପିୟନଶିପ୍ ଏବଂ ରୋଲର ସ୍କେଟିଂରେ ପଦକ ହାସଲ କରିଥିବା ସ୍ପେଶାଲ ଅଲିମ୍ପିକ୍ସ ଭାରତର ଓଡ଼ିଶା ଆଥ୍‌ଲେଟଙ୍କୁ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ସମ୍ବର୍ଦ୍ଧିତ କରିଛନ୍ତି। ପ୍ରତିଯୋଗିତାର ସାଇକ୍ଲିଂ ୨ କିମି ରୋଡ୍ ରେସ୍‌ରେ ଦେବାଶିଷ ସ୍ୱର୍ଣ୍ଣ ଏବଂ ୫କିମି ରୋଡ୍‌ରେସ୍‌ରେ ବ୍ରୋଞ୍ଜ ପଦକ ଜିତିଥିଲେ। ପ୍ରଥମଥର ପାଇଁ ଭାଗ ନେଇଥିବା ସିଦ୍ଧାର୍ଥ ୧୦ କିମି ଓ ୫ କିମି ରୋଡ୍ ରେସ୍‌ରେ ଗୋଟିଏ ଲେଖାଏ ବ୍ରୋଞ୍ଜ ପଦକ ପାଇଥିଲେ। ମାଷ୍ଟର ରୋଲର ସ୍କେଟର ଦଧିଚୀ ୫୦୦ ମିଟର ଓ ୧୦୦୦ ମିଟରରେ ରୌପ୍ୟ ପଦକ, ସିପ୍ରା ପ୍ରିୟଦର୍ଶିନୀ ୧୦୦ ଓ ୩୦୦ ମିଟର ରୋଲରସ୍କେଟିଂରେ ରୌପ୍ୟ ପଦକ ହାସଲ କରିଥିଲେ। ସେହିପରି ରୋଲରସ୍କେଟିଂର ୩୦୦ ଓ ୫୦୦ ମିଟରରେ ୫ମ ସ୍ଥାନ ହାସଲ କରିଥିବା ପ୍ରିୟ ରଞ୍ଜନ ରିବନ୍ସ ପାଇଥିଲେ। ଓପନ ଲର୍ନିଂ ସିଷ୍ଟମ୍ସ (ଓଏଲ୍‌ଏସ୍) ଏବଂ ଓଡ଼ିଶା ଦଳର ପ୍ରାୟୋଜକ ବିଆର୍‌ଏମ୍-ଆଶା ଆନୁକୂଲ୍ୟରେ ଗତ ସନ୍ଧ୍ୟାରେ ଆୟୋଜିତ ଉତ୍ସବରେ ପୋଲିସ କମିଶନର ଅତିଥିଭାବେ ଯୋଗ ଦେଇ ଖେଳାଳି ଓ ସେମାନଙ୍କ କୋଚ୍ ବୀରେନ ଜେନା ଓ ଗୀତା ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଓଡ଼ିଶା ପ୍ରାଇମେରି ଏଜୁକେଶନ ଅଥରିଟି (ଓପିଇପିଏ)ର ପୂର୍ବତନ ନିର୍ଦ୍ଦେଶକ ମହେନ୍ଦ୍ର ମଲିକ, ସ୍ମଲ ଇଣ୍ଡଷ୍ଟ୍ରିଜ୍ ଡେଭଲପମେଣ୍ଟ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ଆଇଡିବିଆଇ) ଡିଜିଏମ୍ ପ୍ରଦ୍ୟୁମ୍ନ ଚୌଧୁରୀ, ଓଏଲ୍‌ଏସ୍ ସମ୍ପାଦକ ପ୍ରତାପ ରଥ, ପୂର୍ବତନ ଏସ୍‌ସିପିଡି (ଷ୍ଟେଟ୍ କମିଶନର ଫର ପର୍ସନ୍ସ ୱିଥ୍ ଡିଜାବିଲିଟିଜ୍) କସ୍ତୁରୀ ମହାପାତ୍ର, ସ୍ପେଶାଲ ଅଲିମ୍ପିକ୍ସ ଭାରତ-ଓଡ଼ିଶାର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରକାଶ ରଥ, ରାଜ୍ୟ ପ୍ରୋଗ୍ରାମ୍ ସଂଯୋଜକ ଅର୍ପିତା ମହାପାତ୍ର, ବିଆର୍‌ଏମ୍-ଆଶାର ଉପସଭାପତି ପ୍ରଦୀପ୍ତ ରଥ, ମିଶନ ଶକ୍ତିର ପରାମର୍ଶଦାତା ଗୀତାଞ୍ଜଳି ବସ୍ତିଆ ଓ ପୂର୍ବତନ ରାଜ୍ୟ ମହିଳା କମିଶନର ସଦସ୍ୟା ସ୍ନେହାଞ୍ଜଳି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।


ସମ୍ବର୍ଦ୍ଧିତ ହେବା ଅବସରରେ ସ୍ପେଶାଲ ଅଲିମ୍ପିକ୍ସ ଭାରତର ଓଡ଼ିଶା ଆଥଲେଟ୍‌ମାନେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ।

# ଜାସନ ରୟଙ୍କୁ ୨.୮ କୋଟିରେ ନେଲା କେକେଆର୍

କୋଲକାତା, ୫।୪ (ପି.ଟି.)

କୋଲକାତା ନାଇଟ ରାଇଡର୍ସ (କେକେଆର) ବୁଧବାର ୨.୮ କୋଟି ଟଙ୍କା ବିନିମୟରେ ଜାସନ ରୟଙ୍କ ସହିତ ଚୁକ୍ତି କରିଛି। ଅଧିନାୟକ ଶ୍ରେୟସ ଆୟର ଆଘାତପ୍ରାପ୍ତ ହେବା ଓ ବାଂଲାଦେଶ ଅଲରାଉଣ୍ଡର ଶକିବ ଅଲ୍ ହସନ ଓହରିଯିବା ପରେ ଦଳକୁ ସୁଦୃଢ଼ କରିବା ଲାଗି କେକେଆର ଫ୍ରାଞ୍ଚାଇଜ୍ ଏହି ନିଷ୍ପତ୍ତି ନେଇଛି। ରୟ ଗୁରୁବାର ଖେଳାଯିବାକୁଥିବା କେକେଆରର ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ବିପକ୍ଷ ମ୍ୟାଚ ଖେଳିବେ ନାହିଁ। ସେ କିନ୍ତୁ ଏପ୍ରିଲ ୯ରେ ଅହମଦାବାଦଠାରେ ଗୁଜରାଟ ଟାଇଟନ୍ସ ବିପକ୍ଷ ଦଳର ପରବର୍ତ୍ତୀ ମ୍ୟାଚ ପାଇଁ ଉପଲବ୍ଧ ହେବେ। ଆୟର ଇଞ୍ଜୁରି ହେବାପରେ ସମସ୍ତ ସିଜନରୁ ବାଦ୍ ପଡ଼ିବା ଏବଂ ଶକିବ ଅଲ୍ ହସନ ବ୍ୟକ୍ତିଗତ କାରଣ ଏବଂ ଜାତୀୟ ଦଳ ପାଇଁ ଖେଳିବା ଲାଗି ଓହରିଯିବା ଫଳରେ ଦୁଇଥର ଆଇପିଏଲ୍ ଚାମ୍ପିୟନ ଦଳକୁ ଶକ୍ତ ଧକ୍କା ଲାଗିଥିଲା। ଟାଟା ଆଇପିଏଲ୍ ୨୦୨୩ ପାଇଁ ଇଂଲଣ୍ଡର ଜସନ ରୟଙ୍କ ବେସ୍ ପ୍ରାଇସ୍ ୧.୫ କୋଟି ରହିଥିଲା। କୋଲକାତା ନାଇଟ ରାଇଡର୍ସ ୨.୮ କୋଟି ଟଙ୍କା ବିନିମୟରେ ତାଙ୍କ ସହିତ ଚୁକ୍ତି କରିଛି। ରୟ ଆଇପିଏଲ୍‌ରେ ପ୍ରଥମେ ୨୦୧୭ ସଂସ୍କରଣରେ ଗୁଜରାଟ ଲାୟନ୍ସ ତରଫରୁ ଖେଳିଥିଲେ। ପରେ ଶେଷ ଥର ସେ ୨୦୨୧ ସିଜନରେ ସନରାଇଜର୍ସ ହାଇଦ୍ରାବାଦ ତରଫରୁ ଖେଳିଥିଲେ। ଇଂଲଣ୍ଡର ଏହି ୩୨ ବର୍ଷୀୟ ଖେଳାଳି ଦଳରେ ଆଫଗାନିସ୍ତାନ ଉଇକେଟକିପର ବ୍ୟାଟର ରହମାନୁଲ୍ଲା ଗୁର୍‌ବାଜଙ୍କ ସ୍ଥାନ ନେବା ସମ୍ଭାବନା ରହିଛି। ଗୁର୍‌ବାଜ ପଞ୍ଜାବ କିଙ୍ଗ୍ସ ବିପକ୍ଷ ଦଳର ଓପନିଂ ମ୍ୟାଚ ଖେଳି ୧୬ ବଲ୍‌ରୁ ୨୨ ରନ ସଂଗ୍ରହ କରିଥିଲେ। ଦଳରେ ଉଇକେଟକିପିଙ୍ଗ ଦାୟିତ୍ୱ ତୁଲାଇବା ଲାଗି ଏନ. ଜଗଦୀଶନ ରହିଛନ୍ତି।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ